

# ବାୟୁଯାନରେ

❋ ଅନନ୍ତ ପ୍ରସାଦ ପଣ୍ଡା ❋

ନଂ ୧୫୮
7 JUL 1959

# ପାଶ୍ଚାତ୍ୟ ଅନୁଭୂତି

ଲେଖକ—
ଶ୍ରୀ ଅନନ୍ତ ପ୍ରସାଦ ପଣ୍ଡା, ବି. ଏ.

ପ୍ରଥମ ସଂସ୍କରଣ

୧୯୫୩

ପ୍ରକାଶକ—
ଶ୍ରୀ ରାଧାନାଥ କୋ-ଅପରେଟିଭ ପ୍ରେସ
ବାଲୁବଜାର, କଟକ—୨

ଦୁଇ ଟଙ୍କା ଆଠ ଅଣା        ମୂଲ୍ୟ—ଟ ୨ ୮ ମାତ୍ର

ଲବ୍ଧପ୍ରତିଷ୍ଠ ପ୍ରତ୍ନତତ୍ତ୍ୱବିଦ୍

**ଶ୍ରୀଯୁକ୍ତ ପରମାନନ୍ଦ ଆଚାର୍ଯ୍ୟ**

ସୁହୃଦ୍‌ବରେଷୁ—

ବନ୍ଧୋ !

ମୁଁ ଆମେରିକା ଯିବା ବେଳେ ଆପଣ କେତେ ଜିଗର କରି କହୁଥିଲେ ମୋର ଅନୁଭୂତିକୁ ଏକ ପୁସ୍ତକାକାରରେ ପ୍ରକାଶ କରିବା ପାଇଁ । ସେଥିପାଇଁ ଆଜି ଏହି କ୍ଷୁଦ୍ର ଉପହାରଟି ଆପଣଙ୍କ ହାତରେ ଦେଇ ଆପଣଙ୍କର ଅଯାଚିତ ସ୍ନେହର ନିଦର୍ଶନ ସ୍ୱରୂପ । ଗ୍ରହଣ କରିବେ ନିଶ୍ଚୟ ।

ଆପଣଙ୍କର ଗୁଣମୁଗ୍ଧ

**ଅନନ୍ତ ପ୍ରସାଦ ପଣ୍ଡା**

# ପାଶ୍ଚାତ୍ୟ ଅନୁଭୂତି

## [ ଏକ ]

### ଉଦ୍‌ଯୋଗ ଓ ଯାତ୍ରା

ବହୁଦିନର ସ୍ୱପ୍ନ ! ଥରେ ଆମେରିକା ଯାଇ ବୁଲି ଆସିବି—
B. ଆସିବି ଆଧୁନିକ ଯୁଗର ଯାନ୍ତ୍ରିକ ସଭ୍ୟତାର ଚରମ
ତା ।

ମନର ମୂଳେ ଏ ଜଗତ ! ଭାଗବତକାର ଠିକ୍ କହିଛନ୍ତି—
ନ ଭାବୁଥାଇ ଯାହା, କାଳେ ପ୍ରାପତ ହୁଏ ତାହା । ମନସ୍ତତ୍ତ୍ୱର
ଚରମ ସତ୍ୟ ଏହି ଦୁଇଟି ଧାଡ଼ିରେ ଅଭିବ୍ୟକ୍ତ ହୋଇ
ଛନ୍ତି । ବାସ୍ତବିକ୍ ମନୁଷ୍ୟ ଯାହା ପାଇବାପାଇଁ ଇଚ୍ଛା କରେ ବା
ା ହେବାପାଇଁ କାମନା କରେ ତାହା ନିଶ୍ଚୟ ପାଇପାରିବ ବା
ଇ ପାରିବ ଯଦି ତାର ବାସନା ସୁଦୃଢ଼ ଓ କେନ୍ଦ୍ରାଭିମୁଖୀ
। ଏହାହିଁ ବିଶ୍ୱ ପ୍ରକୃତିର ନିୟମ, ଅଲଙ୍ଘ୍ୟ । ସୁତରାଂ ମୋର
ର ବାସନା ଯେ ଆଜି କାର୍ଯ୍ୟରେ ପରିଣତ ହୋଇ ପାରିଲା
ରେ ଆଶ୍ଚର୍ଯ୍ୟ ହେବାର କିଛି କାରଣ ନାହିଁ ।

କ ଥର କଥା ଉଠିଛି—ମୋତେ ଆମେରିକା ଯିବାକୁ
ତେଥିର ପ୍ରସ୍ତାବ [illegible]

କରିଛନ୍ତି; ତଥାପି ମୋର ମନର ଆଶା ତୁଟି ନଥା
ଗତବର୍ଷ ମଧ୍ୟ ବିଶ୍ୱଜାତି ସଂଘ ( United Nations ) ପ
ଯେତେବେଳେ ଆହ୍ୱାନ ଆସିଲା, ହଁ କରିଦେଲି ଓ ଦରଖାସ୍ତ
ପଠାଇ ଦେଲି । କେଜାଣି କାହିଁକି ଏଥର ମନ ମଧ୍ୟରେ
ପ୍ରବଳ ଆଶା ଜାଗି ଉଠିଲା ଯେ ଏହିଥର ନିଶ୍ଚୟ ମେ
ଆବେଦନ ଫଳପ୍ରସୂ ହେବ । ତାହାହିଁ ହେଲା । ଖବର ପାଇ
ଯେଉଁ ମୋତେ ଉତ୍ତର ଆମେରିକାର କାନାଡ଼ା ଅଞ୍ଚଳକୁ ଗୃହ
ସକାଶେ ସମବାୟ ସମ୍ବନ୍ଧେ ବିଶେଷ ଶିକ୍ଷାଲାଭ ପାଇଁ ଯି
ହେବ ।

ପ୍ରାପ୍ତ ଜୁଲାଇ ମାସ ଶେଷ ଆଡ଼କୁ ହଠାତ୍ ଦିନେ ଆମେରି
ନ୍ୟୁୟର୍କ ସହରରୁ ଏକ ଚିଠି ପାଇଲି । ବିଶ୍ୱଜାତି
ଲେଖିଛନ୍ତି—ମୋତେ ଅଗଷ୍ଟ ମାସ ତା ୨୮ ରିଖରେ ଅବେଲ
ନ୍ୟୁୟର୍କ ସହରରେ ଥିବା ବିଶ୍ୱଜାତି ସଂଘ ଅଫିସରେ
ହେବାକୁ ପଡ଼ିବ । ହିସାବ କରି ଦେଖିଲି, ଜମା
ସମୟ ହାତରେ ଅଛି ।

ଯିବି ତ ହଁ, ଟଙ୍କା ପଇସା । ଅବଶ୍ୟ ବିଶ୍ୱଜାତି ସଂଘ
ଆମେରିକା ଯାତ୍ରା ଓ ସେଠାରେ ରହିବାର ସମସ୍ତ ଖର୍ଚ୍ଚ
କରିବେ । କିନ୍ତୁ ସେତିକରେ ତ ହେବନାହିଁ । ଏଠାରେ
ପିଲାମାନଙ୍କ ପାଇଁ କିଛି ଜମା ରଖି ଯିବାକୁ ହେବ । ହ
ପଇସାଟିଏ ବି ଜମାନଥାଏ । କିନ୍ତୁ ଯାହା ନିୟତିର ନିର୍ଦ୍ଦେଶ
ନିଶ୍ଚୟ ହେବ । କୌଣସି ବାଧା ବିଘ୍ନତାର ସମ୍ମୁଖେ
ଧରିବ ନାହିଁ । ଏହାହିଁ ଥାଏ ମୋର ମନର ଦୃଢ଼ ବିଶ୍ୱାସ

ଫଳରେ ତାହାହିଁ ହେଲା । କୌଣସି ମତେ ସର
ଅନୁକୂଲ୍ୟରୁ ମୋର ପ୍ରୋଭିଡେଣ୍ଟ ଫଣ୍ଡରୁ ଟଙ୍କା

ସରକାର ମଧ୍ୟ କିଛି ସାହାଯ୍ୟ ଦେଲେ । ସୁତରାଂ ଅର୍ଥନୈତିକ ବାଧା ଅପସରି ଗଲା ।

ତାପରେ ଯାତ୍ରା । ଯାତ୍ରାପାଇଁ ଟିକଏ ଉଦ୍‌ବିଗ୍ନ ହେବାକୁ ପଡ଼ିଲା । ପ୍ରଥମେ ଦିଲ୍ଲୀର ଗୋଟିଏ ଯାତ୍ରୀ ଏଜେଣ୍ଟ ମୋର ଯାତ୍ରାର ଭାର ନେଇଥିଲେ । ଆକାଶ ମାର୍ଗରେ ଯିବାର କଥା । ସେ ପ୍ରଥମେ "ଏୟାର୍ ଇଣ୍ଡିଆ ଇଣ୍ଟର ନାସନାଲ୍" କମ୍ପାନୀର ଉଡ଼ାଜାହାଜରେ ଯିବାର ସ୍ଥିର କରି ମୋତେ ଖବର ଦେଇଥିଲେ । କିନ୍ତୁ ଯିବାର ଆଠଦିନ ପୂର୍ବରୁ ହଠାତ୍ ଖବର ପାଇଲି ଯେ ସେ କମ୍ପାନୀର କର୍ମଚାରୀମାନେ ଧର୍ମଘଟ କରିଥିବାରୁ ତାଙ୍କର ବିମାନ ଚଳାଚଳ ବନ୍ଦ । ତେବେ ଉପାୟ ?

ପୁଣି ତାର ହେଲା ଦିଲ୍ଲୀ ଏଜେଣ୍ଟଙ୍କ ଠାକୁ । ସରକାରଙ୍କ ପକ୍ଷରୁ ମଧ୍ୟ ତାଙ୍କ ନିକଟକୁ ଖବର ଗଲା । ଯିବା ତାରିଖର ଦୁଇଦିନ୍ ପୂର୍ବରୁ ଖବର ଆସିଲା ଯେ ଅନ୍ୟ ଗୋଟିଏ କମ୍ପାନୀ (B. O. A. C.) ରେ ବିମାନ ଠିକଣା ହୋଇଛି । ଅଗଷ୍ଟ ତା ୨୫ ରିଖରେ କଲିକତାରୁ ଯିବାର କଥା ।

ଆମେରିକା ଯିବା ପୂର୍ବରୁ ଆମେରିକା ସରକାରଙ୍କ ଠାରୁ ଅନୁମତିପତ୍ର ବା 'ଭିସା' ଲୋଡ଼ା । କିଛି ଆମେରିକାର ମୁଦ୍ରା ଲୋଡ଼ା ।` ସେଥିପାଇଁ ଦୁଇଦିନ ଆଗରୁ ଅର୍ଥାତ୍ ଅଗଷ୍ଟ ମାସ ତା ୨୨ ରିଖ ସନ୍ଧ୍ୟା ଏକ୍ସପ୍ରେସ୍ ଗାଡ଼ିରେ କଟକ ଛାଡ଼ି କଲିକତା ଅଭିମୁଖେ ପ୍ରସ୍ଥାନ କଲି । ମୋତେ ସାହାଯ୍ୟ କରିବାପାଇଁ ମୋର ପୁତ୍ର ଶ୍ରୀମାନ୍ ଶ୍ରୀକାନ୍ତ ମଧ୍ୟ କଲିକତା ପର୍ଯ୍ୟନ୍ତ ମୋର ସହଯାତ୍ରୀ ହେଲା ।

ଅଗଷ୍ଟ ତା ୨୩ ରିଖ ଶନିବାର ସକାଳେ କଲିକତାରେ ପହଞ୍ଚି ୪୭ ନମ୍ବର ହାରିସନ୍ ରୋଡ଼ ଉପରେ ଥିବା 'ରୟାଲ୍

ହୋଟେଲ୍‌ରେ ଆଶ୍ରୟ ନେଲୁ । ଭଲ ଚଳନସଇ ହୋଟେଲଟିଏ
ଖାଇବା, ପିଇବା ଓ ରହିବାର ସୁବିଧା ଏକ ରକମ ଭଲ । ସେଦି
କଲିକତାରେ ବୁଝିଲୁଁ ଯେ ଶନିବାର ହେତୁ ଆମେରିକାର
କନ୍‌ସୋଲେଟ୍ ଅଫିସ ବନ୍ଦ । ପରଦିନ ରବିବାର । ତହିଁ ପରଦି
ସୋମବାର ତା ୨୫ ତ୍ରୁଣ ଉପରବେଳା ମୋର ଯାତ୍ରା କରିବାର
କଥା । ହେଉ ତା ୨୫ ରିଖ ସକାଳେ ଦେଖିବା ।

ତାପରେ B. O. A. C. ବିମାନ କମ୍ପାନୀ ଅଫିସକୁ ଗଲି
ଟିକଟ ଆଣିବା ପାଇଁ ଓ କେଉଁ ବିମାନରେ କେତେବେଳେ
ଯିବାକୁ ହେବ ବୁଝିବା ପାଇଁ । ସେଠାରେ ଯାଇ ଯାହା ବୁଝିଲି
ସେଥିରେ ମୋର ଚକ୍ଷୁ ସ୍ଥିର । ସେ କହିଲେ ଯେ ତାଙ୍କଠାରେ
କୌଣସି ଖବର ପହଞ୍ଚି ନାହିଁ କିମ୍ବା ତା ୨୫ ରିଖରେ ତାଙ୍କର
କୌଣସି ବିମାନ ଯିବାର କଥା ନୁହେଁ । ମୋର ଦେଶୀ
ଏଜେଣ୍ଟଙ୍କର ତାର ତାଙ୍କୁ ଦେଖାଇଲି । ସେ ଆଶ୍ଚର୍ଯ୍ୟ ହେଲେ
ମୋତେ ଆଶ୍ୱାସନା ଦେଇ କହିଲେ—ବ୍ୟସ୍ତ ହେଉନ୍ତୁ ନାହିଁ ମୁଁ
ଦିଲ୍ଲୀ ଅଫିସକୁ ତାର କରୁଛି । ଜବାବ୍ ପାଇଲେ ଯେପରି ହେଉ
ଆପଣଙ୍କର ଯିବାର ବନ୍ଦୋବସ୍ତ କରିଦେବି ।

ତାପରେ ଗଲି ରିଜର୍ଭବ୍ୟାଙ୍କ ଅଫିସକୁ କିଛି ଭାରତୀୟ
ମୁଦ୍ରା ବିନିମୟରେ ଆମେରିକାର ମୁଦ୍ରା ଆଣିବା ପାଇଁ । ସେ
କହିଲେ ଯେ ଆମେରିକାର ଡଲାର୍ ଦୁଷ୍ପ୍ରାପ୍ୟ । ଭାରତ
ସରକାରଙ୍କ ଅର୍ଥ ବିଭାଗର ବିନା ଅନୁମତିରେ ସେ ଗୋଟିଏ ଡଲାର
ସୁଦ୍ଧା ଦେଇପାରିବେ ନାହିଁ । ଏହି ମୁଦ୍ରା ବିନିମୟର ଭାର ଆ
ସରକାର ମୋର ଦିଲ୍ଲୀ ଯାତ୍ରୀ ଏଜେଣ୍ଟଙ୍କ ଉପରେ ଦେଇଥିଲେ ।
କିନ୍ତୁ ତାଙ୍କ ଠାରୁ କିଛି ଜବାବ ନାହିଁ । ମନରେ ନାନା ପ୍ର
ଉଦ୍‌ବେଗ ଜାତ ହେଲା । ଦିଲ୍ଲୀର ଏଜେଣ୍ଟ ତଥା ସ୍ୱ

ରକାରଙ୍କ ଠାରୁ ଜରୁରି ତାର କଲି । କିନ୍ତୁ କିଛି ଉତ୍ତର ପାଇଲି ାହିଁ ।

ତହିଁ ପରଦିନ ରବିବାର । ପୁଣି ଗଲି B. O. A C. ଅଫିସକୁ । ସେ କହିଲେ କି ତାଙ୍କ ଦିଲ୍ଲୀ ଅଫିସରୁ ସେ ତାର ପାଇଛନ୍ତି ଯେ ମୋର ଦିଲ୍ଲୀ ଯାତ୍ରୀ ଏଜେଣ୍ଟ ଯିବା ଆସିବା ଖର୍ଚ୍ଚ ଙ୍କା ଜମାକରି ଦେଇଛନ୍ତି । ସୁତରାଂ ସେ ମୋର ବିମାନର ବନ୍ଦୋବସ୍ତ କରିବେ । ତେବେ ତା ୨୫ ରିଖ ତାଙ୍କ କମ୍ପାନୀର ବିମାନ ଯାତ୍ରା ତାରିଖ ନୁହେଁ । ତା ୨୫ ରିଖରେ ନ ଗଲେ ମୁଁ ତା ୨୭ ରିଖରେ ଲଣ୍ଡନଠାରୁ ନ୍ୟୁୟର୍କ ଯିବାର ବିମାନ ଧରି ପାରିବି ନାହିଁ । ସେଥିପାଇଁ ସେ ଟିକିଏ ବିବ୍ରତ ହୋଇ ପଡ଼ିଲେ । ତଥାପି ମୋତେ ସାହାଯ୍ୟ କରିବା ପାଇଁ ସେ "ପାନ୍ ଆମେରିକାନ୍" ଉଡ଼ାଜାହାଜ କମ୍ପାନୀ ଅଫିସକୁ ଫୋନ୍ କଲେ ମୋତେ ଗୋଟିଏ ସିଟ୍ ଦେବା ପାଇଁ । ଉତ୍ତର ଆସିଲା—କଲିକତାଠାରୁ ତୁର୍କୀର ଇସ୍ତାନ୍‌ବୁଲ ପର୍ଯ୍ୟନ୍ତ ଗୋଟିଏ ସିଟ୍ ଖାଲି ଅଛି । ତାପରେ ହୁଏତ କ୍ତି ସିଟ୍ ଲଣ୍ଡନ ପର୍ଯ୍ୟନ୍ତ ମିଳିଯାଇ ପାରେ । ତେବେ ଅପାତତଃ କଲିକତାରୁ ଇସ୍ତାନବୁଲ୍ ପର୍ଯ୍ୟନ୍ତ କେବଳ ସେ ଜବାବ୍ ଦେଇ ପାରିବେ । କ'ଣ କରାଯିବ ତାହାହେଲେ ? ଅଗତ୍ୟା ମୁଁ ହିଁ ରିଲି । ଅନ୍ତତଃ ହେଲେ ଇସ୍ତାନବୁଲ୍ ପର୍ଯ୍ୟନ୍ତ ଯାଏଁ ତାପରେ ଭଗବାନଙ୍କ ଇଚ୍ଛାରୁ ନିଶ୍ଚୟ ଲଣ୍ଡନ ପର୍ଯ୍ୟନ୍ତ ସିଟ୍ ମିଳିଯିବ ।

ତହିଁ ପରଦିନ ସୋମବାର ତା ୨୫ ରିଖ । ସକାଳେ ଉଠି ାନାଦି ସାରି ଦେଇ ଠିକ୍ ଆଠଘଣ୍ଟା ବେଳେ ଆମେରିକାନ୍ ନ୍‌ସୋଲେଟ ଅଫିସରେ ଯାଇ ପହଞ୍ଚିଲି । ତାଙ୍କ ଅଫିସ ମେରିକାର ଅଫିସ ପ୍ରଥାନୁସାରେ ସକାଳ ଆଠ ଘଣ୍ଟାରେ ଖୋଲେ । ସୁତରାଂ ପ୍ରଥମେ ମୋର ପାଳି ପଡ଼ିଲା । ଆଗରୁ ତାଙ୍କ

ସହିତ ଶତି ପନ୍ଦ ବ୍ୟବହାର କରଥିଲି । ସୁତରାଂ ବେଶି କଷ୍ଟ ଅସୁବିଧା ହେଲା ନାହିଁ । ପ୍ରାୟ ଘଣ୍ଟାକ ମଧ୍ୟରେ କନ୍‌ସୋଲେଟର ଅଧିଷ୍ଠାତ୍ରୀ ମହିଳାଙ୍କଠାରୁ ମୋର ଭିସା ବା ଅନୁମତିପତ୍ର ମିଳିଗଲା ।

ପୁଣି ଆସିଲି ରିଜର୍ଭ ବ୍ୟାଙ୍କ ଅଫିସକୁ । ବଡ଼ବାବୁଙ୍କର ପୁଣି ସେହି କଥା । ଭାରତ ସରକାରଙ୍କ ଅର୍ଥ ବିଭାଗରୁ ଅନୁମତି ନ ପାଇଲେ ସେ ଗୋଟିଏ ସୁଦ୍ଧା ଡ଼ଲାର୍ ଦେଇ ପାରିବେ ନାହିଁ । ମୁଁ ତାଙ୍କୁ ବୁଝାଇ କହିଲି ଯେ—ଆଜି ସନ୍ଧ୍ୟାରେ ମୋତେ ଯିବାକୁ ପଡ଼ିବ । ଅନୁମତି ପାଇଁ ଟେଲିଗ୍ରାମ କରିଛି । କିନ୍ତୁ ଜବାବ ମିଳି ନାହିଁ । ଅନ୍ତତଃ ଦଶ ଦଶଟି ଡଲାର୍ ସେ କୌଣସି ମତେ ଦେଇ ପାରିବେ ତ ଦିଅନ୍ତୁ ନଚେତ୍ ମୋତେ ବିନା ଡଲାରରେ ହିଁ ଯିବାକୁ ପଡ଼ିବ । ସେ ମୋର ଦୃଢ଼ତା ଦେଖି ମଙ୍ଗିଗଲେ । କହିଲେ ଅଚ୍ଛା, ଆପଣଙ୍କର ଏତେ ଜରୁରି ଦରକାର ଥିବାରୁ ଆପଣଙ୍କୁ ଦଶଟି ଡଲାର୍ ଦେବାର ଅନୁମତି ଦିଆଗଲା । ଧନ୍ୟବାଦ ଦେଇ ଅନୁମତି ପତ୍ରଟି ଧରି ଅମେରିକାନ୍ ଏକ୍ସପ୍ରେସ କମ୍ପାନୀ ଅଫିସକୁ ଗଲି । ସେଠାରୁ ଦଶଟି ଡଲାର ହସ୍ତଗତ କଲି । ଲଏଡ଼ ବ୍ୟାଙ୍କରେ ଭାରତୀୟ ଟଙ୍କା ଜମା ଦେଇ ଦଶଟି ପାଉଣ୍ଡ ମଧ୍ୟ ଯୋଗାଡ଼ କଲି ।

ତାପରେ କଲିକତାରେ କିଛି କଣା କଣି କରି ବିମାନ ଘାଟି ପାଇଁ ପ୍ରସ୍ତୁତ ହେଲି । ପାନ୍ ଅମେରିକାନ୍ କମ୍ପାନୀର ବିମାନ କଲିକତାରୁ ରାତି ୧୧ ଟା ବେଳେ ଛାଡ଼ିବାର କଥା । ଠିକ୍ ରାତି ୯ ଟା ବେଳେ ଆମେ ଯାଇ ତାଙ୍କର କଲିକତା ଅଫିସରେ ହାଜର ହେଲୁଁ । ସାଙ୍ଗରେ ମୋର ପୁଅ ଶ୍ରୀକାନ୍ତ ଓ ମୋର ବନ୍ଧୁ ଶ୍ରୀ ରାଘବାନନ୍ଦ ଥାନ୍ତି । ଯଥା ସମୟରେ ବିମାନ ଘାଟିରେ ଉକ୍ତ କମ୍ପାନୀର ବସ୍‌ରେ ଯାଇ ପହଞ୍ଚିଲୁ ।

ବିମାନ ଘାଟିର ଅନୁଭୂତି ଏକ ବିଚିତ୍ର ଅନୁଭୂତି । ଠିକ୍ ଗୋଟିଏ ଅର୍ଗଳ । କ୍ଲିନିଷ ପତ୍ର ତଦନ୍ତ କରିସାରି କଷ୍ଟମସ୍ ଅଫିସ ଯେମିତି ଆମକୁ ଭିତରକୁ ପଠାଇ ଦେଲେ ଆଉ ବାହାରକୁ ଆସିବାର ଜୁ ନାହିଁ । ମୁଁ ହେଲେ ପିଲାଙ୍କଠାରୁ ବିଦାୟ ନେଇ ଆସିଥାନ୍ତି । ନା, ଆଉ ବାହାରିବା ବାଟ ନାହିଁ । ଅଗତ୍ୟା ବିମାନ ଛାଡ଼ିବା ସମୟକୁ ଅପେକ୍ଷା କରି ବସିଲି । ପ୍ରାୟ ଘଣ୍ଟାକ ମଧ୍ୟରେ ଆମକୁ ବିମାନ ଉପରକୁ ଯିବାକୁ ଅନୁରୋଧ କରାଗଲା । ବିମାନ ଭିତରକୁ ଯାଇ ଦେଖିଲି ଯେ ଠିକ୍ ଗୋଟିଏ ରେଲଗାଡ଼ିର ଫାଷ୍ଟକ୍ଲାସ୍ ଡବା ପରି ହେବ । ଦୁଇ ପାଖରେ ଦୁଇ ଦୁଇଟି କରି, ଦୁଇ ଦୁଇ ଧାଡ଼ି, ଚାରି ଧାଡ଼ି ବସିବାର ସିଟ୍ । ବେଶ୍ ଗଦି ଦେଇ ଆରାମଦାୟକ କରାଯାଇଛି । ବୋତାମ ଟିପିଲେ ପିଠି ଆଉଜା ପ୍ରସାରି ଯାଏ ଓ ଆରାମ ଚୌକିରେ ବସିଲାଭଳି ବେଶ୍ ଆରାମରେ ବସି ଢୁଳାଇ ପଡ଼ି ହେବ ମଧ୍ୟ ।

ମୋର ମନରେ ବରାବର ଗୋଟିଏ ଭାବନା ଥାଏ ମୁଁ କିପରି ଗୋଟିଏ ଖିଡ଼କି ପାଖରେ ସିଟ୍ ପା'ନ୍ତି କି ତଳକୁ ଚାହିଁ ଦେଖିପାରନ୍ତି । ବାସ୍ତବିକ ମନର ମୂଲେ ଏ ଜଗତ । ମୋର ସିଟ୍ଟି ଦେଖିଲି ଠିକ୍ ଗୋଟିଏ ଖିଡ଼କି ପାଖରେ, ବେଶ୍ ଆରାମରେ ବସିଲି । ବିମାନ ଇଞ୍ଜିନ୍ ଘର୍ ଘର୍ ଶବ୍ଦ କରି କମ୍ପି ଉଠିଲା । ତାପରେ ବିମାନ ଚାଳକଙ୍କର ଆଦେଶ ହେଲା ଅଣ୍ଟାରେ ପଟି ଭିଡ଼ି ଦିଅନ୍ତୁ । ସେହିପରି ଆପଣାକୁ ଚଉକୀ ଦେହରେ ବାନ୍ଧି ଦେଲି ।

ବିମାନ ଉଠିଲା । ମନେ ମନେ ମୁଁ କେବଳ ଭଗବାନଙ୍କୁ ସ୍ମରଣ କରୁଥାଏଁ । ମନରେ ଦୁଃଖ ହେଲା । ଶ୍ରୀକାନ୍ତ ଓ ରାଘବଠାରୁ ବିଦାୟ ନେଇ ଆସି ପାରିଲି ନାହିଁ । ହୁଏତ ସେମାନଙ୍କ ମନରେ କେତେ କଷ୍ଟ ହେଉ ନ ଥିବ । ତାପରେ ଉପରକୁ ଉପରକୁ

ବିମାନ ଉଠି ଯିବାକୁ ଲାଗିଲା । ଖିଡ଼କି ବାଟେ ଚାହିଁ ରହିଥାଏଁ ତଳକୁ । କଲିକତା ନଗରୀର ଅସଂଖ୍ୟ ଆଲୋକମାଳା ଉପରୁ ଭାରି ସୁନ୍ଦର ଦିଶୁଥାଏ । ଯେପରି ଅନ୍ଧକାର ରାତିରେ ଅସଂଖ୍ୟ ଜୁଳୁଜୁଳିଆ ପୋକ ଗୁଡ଼ାଏ ମେଞ୍ଚା ବାନ୍ଧି ଉଡ଼ୁଛନ୍ତି । କ୍ରମଶଃ ଉକ୍ତ ଆଲୋକମାଳା ଅସ୍ପଷ୍ଟ ହୋଇ ଆସିଲା । ବିମାନ ଦୂରରୁ ଦୂରକୁ ଚାଲିଗଲା । ତାପରେ ସବୁ ଅନ୍ଧକାର । ଏକ ଅନନ୍ତ ଅନ୍ଧକାରର ଗର୍ଭରେ ଯେପରି ଆମ୍ଭର ବିମାନ ତାର ନିର୍ଦ୍ଦିଷ୍ଟ ମାର୍ଗରେ ଗତି କରୁଥାଏ । ମୋର ଆଖି ତନ୍ଦ୍ରାଜଡ଼ିତ ହୋଇ ବୁଜି ହୋଇ ପଡ଼ିଲା । ଶୋଇ ପଡ଼ିଲି ସେଇ ସିଟ୍ ଉପରେ ।

ତାପରେ ନିଦ ଭାଙ୍ଗିଲା ରାତି ପ୍ରାୟ ଦୁଇଟା କି ତିନିଟା ହେବେ । ବିମାନ ଚାଳକ ଡାକି ଦେଲେ କମର ପଟି ବାନ୍ଧି ଦିଅନ୍ତୁ—ଦିଲ୍ଲୀ ବିମାନ ଘାଟିରେ ବିମାନ ଓହ୍ଲାଇବ । ବିମାନ ଓହ୍ଲାଇଲା । ଆମ୍ଭମାନଙ୍କୁ ବିମାନରୁ ଓହ୍ଲାଇ ଦିଲ୍ଲୀ ବିମାନ ଘାଟିକୁ ଯିବାକୁ ପଡ଼ିଲା । ପ୍ରାୟ ଘଣ୍ଟାଏ ପରେ ପୁଣି ବିମାନକୁ ଆସିଲୁଁ । ଏଥର ମୋର ପାଖ ସିଟ୍‌ରେ ଆସି ବସିଲେ ଗୋଟିଏ ୧୭।୧୮ ବର୍ଷର ବାଳିକା—ପଚାରି ବୁଝିଲି, ତାଙ୍କ ନାମ ଶ୍ରୀମତୀ ଶଶୀପ୍ରଭା ଓ୍ୱାହି । ତାଙ୍କ ବାପ ଯୁକ୍ତପ୍ରଦେଶର ମେଡିକାଲ୍ କଲେଜର ପ୍ରଫେସର । ସେ ଆମେରିକାର ଏକ ବିଶ୍ୱବିଦ୍ୟାଳୟରୁ ବୃତ୍ତି ପାଇ ମନସ୍ତତ୍ତ୍ୱ ବିଷୟରେ ଶିକ୍ଷା କରିବା ପାଇଁ ଯାଉଛନ୍ତି । ତାଙ୍କ ସହିତ ବେଶ୍ ଆତ୍ମୀୟତା ଜମି ଉଠିଲା । ତାଙ୍କଠାରୁ ପ୍ରଥମଥର ପାଇଁ ଶୁଣିଲି ଯେ ଆମେରିକାର ବହୁ ବିଶ୍ୱବିଦ୍ୟାଳୟ ଭାରତୀୟ ଛାତ୍ର ଛାତ୍ରୀଙ୍କୁ ବୃତ୍ତି ଦେଇଥାନ୍ତି । କିନ୍ତୁ ଦୁର୍ଭାଗ୍ୟବଶତଃ ଆମ ଓଡ଼ିଶାର ଛାତ୍ରଛାତ୍ରୀଙ୍କୁ ଏ ବିଷୟ ଜଣା ନ ଥିବାରୁ ଆମ ଦେଶର ଛାତ୍ର ଛାତ୍ରୀମାନେ ଏ ସୁଯୋଗରୁ ବଞ୍ଚିତ ହେଉଛନ୍ତି । ସେଥିପାଇଁ ସ୍ଥିର

ଥିଲି ଯେ ଆମେରିକାରେ ସବୁଠୁ ପ୍ରଥମେ ଏ ବିଷୟରେ ଖବର ନେବ । ପ୍ରକୃତରେ ଏପରି କେତେ ବିଶ୍ୱବିଦ୍ୟାଳୟର ନାମ ଓ ଠିକଣା ସଂଗ୍ରହ କରନ୍ତି । ଯଦି ଓଡ଼ିଶାର ଛାତ୍ର ଛାତ୍ରୀ କେହି ସୁଯୋଗ ନେବାକୁ ଚାହାନ୍ତି ତେବେ ମୋ ସହିତ ଦେଖା କଲେ ସବୁ ବୁଝି ପାରିବେ ।

ତାପରେ ଠିକ୍ ଭୋର ସମୟରେ କରାଚୀ ବିମାନ ଘାଟିରେ ବିମାନ ଓହ୍ଲାଇଲା । ସେଇଠି ମୋର ପ୍ରାତଃକୃତ୍ୟ ସାରି ନେଲି । ବିମାନ ଉପରେ ଖାଇବାର ବନ୍ଦୋବସ୍ତ ହୋଇଥାଏ । ଆମ ସିଟ୍ ଉପରେ ଖାଇବା ଜିନିଷ ଦେଇ ଯାଉଥାନ୍ତି । ପାଟିରେ ପକାଇବା ପାଇଁ ଚକୋଲେଟ୍ ଓ 'ଚୁଇଙ୍ଗମ୍' ପ୍ରଭୃତି ମିଷ୍ଟଦ୍ରବ୍ୟ ବିମାନ ପରିଚାରିକାମାନେ ଆଣି ଯୋଗାଇ ଦେଇ ଯାଉଥାନ୍ତି । ପଢ଼ିବା ପାଇଁ ନାନାପ୍ରକାର ମାସିକ ପତ୍ରିକା ମଧ୍ୟ ଯୋଗାଇ ଦେଇ ଯାଉଥାନ୍ତି ।

ପରବର୍ତ୍ତୀ ବିମାନ ଘାଟି ପଡ଼ିଲା ବସୋରା । ବିମାନ ଓହ୍ଲାଇବା ପୂର୍ବରୁ ଝରକା ବାଟେ ତଳକୁ ଚାହିଁଥିଲି । ପାରସ୍ୟ ଉପସାଗରର ସଙ୍ଗମସ୍ଥଳ ଉପରୁ ବେଶ୍ ସୁନ୍ଦର ଦିଶୁଥିଲା । ମନେ ପଡ଼ୁଥାଏ ରଘୁ-ବଂଶରେ କାଳିଦାସଙ୍କ ପୁଷ୍ପକ ବିମାନ ଉପରୁ ବର୍ଣ୍ଣିତ ଦୃଶ୍ୟାବଳୀର ବର୍ଣ୍ଣନା । ବାସ୍ତବିକ କବିଙ୍କର କଳ୍ପନା କି ସଜୀବ ! ସେ ତ କେବେ ବିମାନ ଉପରୁ ଦେଖି ନ ଥିଲେ କିନ୍ତୁ କଳ୍ପନା ବଳରେ ଯେଉଁ ଛବି ଆଙ୍କି ଦେଇ ଯାଇଛନ୍ତି ତାହା ଯେ ପ୍ରକୃତ ଠାରୁ ଅହୁରି ବେଶୀ ରମଣୀୟ ! ବସୋରା ପହଞ୍ଚିବା ପୂର୍ବରୁ ଆକାଶ ମାର୍ଗରୁ ଧୂ ଧୂ ମରୁଭୂମିର ରୂକ୍ଷ ଦୃଶ୍ୟ ବେଶ୍ ଉପଭୋଗ୍ୟ । ତାପରେ ଦେଖିଲି ସାରି ସାରି ଅସଂଖ୍ୟ ଖଜୁରି ଗଛର ଶ୍ରେଣୀ । ଠିକ୍ ଗୋଟିଏ ଛବି ଅଙ୍କିଲା ଭଳି ଉପରୁ ଦିଶୁଥାଏ । ଏହି

ଖଜୁରୀ ବଗିଚା ମଧ୍ୟରେ ହିଁ ବସୋରା ନଗରୀ । ଆମ ବିମାନ ଓହ୍ଲାଇଲା ପରେ ଆମେ ବସୋରା ବିମାନ ଘାଟିକୁ ଗଲୁଁ । ସେତେବେଳକୁ ସୂର୍ଯ୍ୟ ଠିକ୍ ମୁଣ୍ଡ ଉପରେ ଥାନ୍ତି । ଓଃ କି ଗରମ ସେଠାରେ । ଦେହ ଯେପରି ପୋଡ଼ି ଯାଉଥାଏ । ବିମାନଘାଟିରେ ଥଣ୍ଡା କୋକାକୋଲା (ପାନୀୟ) ପିଇବାକୁ ମିଳିଲା । ବସୋରାର ଗୋଲାପ କିନ୍ତୁ ଆଖିରେ ପଡ଼ିଲା ନାହିଁ । ତେବେ ବିମାନଘାଟି ନିକଟରେ କେତୋଟି ରକ୍ତ କରବୀର ଗଛରେ ଫୁଲ ଝାଙ୍କି ପଡ଼ୁଥାଏ । ପୁଣି ବିମାନ ଉଠିଲା । ରାସ୍ତାରେ ମଧ୍ୟ ଆରବ ଦେଶ-ମାନଙ୍କ ଉପର ଦେଇ ବିମାନ ଗତି କରୁଥାଏ । ଉପରୁ ଗ୍ରୁହିଁ ମୁଁ ଦେଖୁଥାଏ । କେଉଁଠି ଭୀଷଣ ପର୍ବତ ଶ୍ରେଣୀର ଉପର ଦେଇ କେଉଁଠି ବା ନଦନଦୀ ଉପର ଦେଇ ବିମାନ ଗତି କରୁଥାଏ ।

ପରବର୍ତ୍ତୀ ବିମାନଘାଟି 'ବେରୁଟ' ରେ ଯେତେବେଳେ ବିମାନ ଓହ୍ଲାଇଲା ସେତେବେଳକୁ ଖରା ନଇଁ ପଡ଼ିଲାଣି । ବିମାନ ଚ୍ଳକ କହିଲେ ଦୁଇ ଘଣ୍ଟା ସେଠାରେ ବିଶ୍ରାମ ନେବାକୁ ହେବ, କାରଣ 'ବେରୁଟ୍' ହେଉଛି ଏକ ଜଙ୍କସନ୍ ବା ଘାଟିନାଗା । ପରବର୍ତ୍ତୀ ଘାଟି ହେଉଛି ଇସ୍ତାନବୁଲ୍ । ମୁଁ ବେରୁଟ୍ ବିମାନ ଘାଟିର କର୍ମଚ୍ରୁରୀମାନଙ୍କୁ ମୋର ଟିକଟ୍ ଦେଖାଇ କହିଲି ଯେ ମୁଁ ଲଣ୍ଡନ ପର୍ଯ୍ୟନ୍ତ ଯିବାକୁ ଚ୍ରହେଁ । ଉକ୍ତ କର୍ମଚ୍ରୁରୀ କହିଲେ ଯେ ବେରୁଟ୍‌ଠାରୁ ଆମ ବିମାନର ଏକ ଯାତ୍ରୀ ଅନ୍ୟ ମାର୍ଗରେ ଯିବାକୁ ଚ୍ରୁହୁଁଛନ୍ତି । ସୁତରାଂ ଗୋଟିଏ ସିଟ୍ ଖାଲି ହୋଇ ଯାଉଛି । ଅତଏବ ମୋର ଲଣ୍ଡନ ପର୍ଯ୍ୟନ୍ତ ଯିବାର କୌଣସି ଅସୁବିଧା ହେବ ନାହିଁ । ସେ ମୋର ଟିକଟ୍‌ର ବନ୍ଦୋବସ୍ତ କରି ଦେଲେ ଓ ଇସ୍ତାନବୁଲକୁ ତାର କରି ଜଣାଇ ଦେଲେ ଯେପରି ସେଠାରୁ ଉକ୍ତ ସିଟ୍ ପାଇଁ ଅନ୍ୟ ଯାତ୍ରୀ ନିଆ ନ ଯାନ୍ତି । ମନରେ ଗଭୀର

ଅସ୍ୱସ୍ତି ଆସିଲା । ଭଗବାନଙ୍କର ଏଇ ଅସୀମ ଅନୁଗ୍ରହ ଦେଖି ମୁଣ୍ଡ ମୋର ସ୍ୱତଃ ନଇଁ ପଡ଼ିଲା ସେଇ ବିଶ୍ୱନିୟନ୍ତାଙ୍କର ଚରଣ ତଳେ ।

ସନ୍ଧ୍ୟା ପ୍ରାୟ ୯ଟା ସମୟରେ ତୁର୍କୀର ଇସ୍ତାନ୍‌ବୁଲ୍ ବିମାନ ଘାଟିରେ ବିମାନ ଓହ୍ଲାଇଲା । ସେତେବେଳକୁ ବେଶ୍ ଥଣ୍ଡା ପଡ଼ୁଥାଏ । ବିମାନ ଘାଟି କର୍ମଚାରୀଙ୍କୁ ଦେଖାକରି ମୋର ଟିକେଟ କଥା କହିଲି । ସେ କହିଲେ ଯେ ସେ ତାର ପାଇଛନ୍ତି ସୁତରାଂ ମୋର ଲଣ୍ଡନ ପର୍ଯ୍ୟନ୍ତ ଯିବାରେ କିଛି ଅସୁବିଧା ହେବ-ନାହିଁ । ତାଙ୍କୁ ଧନ୍ୟବାଦ ଦେଇ ପୁଣି ବିମାନ ଆରୋହଣ କଲି ।

ପୁଣି ରାତରେ ଶୋଇ ପଡ଼ିଥିଲି । ରାତ ୨ଟାରେ ଜର୍ମାନୀର ଫ୍ରାଙ୍କଫୋର୍ଟ ଘାଟିରେ ଓ ଠିକ୍ ଭୋର ୪ଟା ବେଳେ ବେଲ୍‌ଜିୟମ୍‌ର ବ୍ରସେଲସ୍ ଘାଟିରେ ବିମାନ ଓହ୍ଲାଇଲା । ସେଇଠି ଆମକୁ ଯଥେଷ୍ଟ ପ୍ରାତଃ ଭୋଜନ ଦେଇ ଦିଆଗଲା । ପ୍ରଥମ ଥରପାଇଁ ଟିକିଏ ଶୀତ ଅନୁଭବ କଲି ସେଠାରେ । ତା ପରେ ଯେତେବେଳେ ବିମାନ ଉଠିଲା ସେତେବେଳକୁ ପୂର୍ବଆଡ଼େ ଫର୍ଚ୍ଛା ଦିଶିଲାଣି, ସିନ୍ଦୁର ଫାଟି ଗଲାଣି । ବିମାନ ଚାଲିଥାଏ ଲଣ୍ଡନ ଅଭିମୁଖେ । ଇଂଲିଶ୍ ଚ୍ୟାନେଲ ପାର ହୋଇଗଲା । ଉପରୁ ଇଂଲଣ୍ଡର ଭୂଭାଗ ଭାରି ସୁନ୍ଦର ଦିଶୁଥାଏ । ଛୋଟ ଛୋଟ ସହର ଗୁଡ଼ିକ ଛବି ଅଙ୍କିଲା ଭଳି ଦିଶୁଥାଏ । ଠିକ୍ ଆଠଟା ବେଳକୁ ଲଣ୍ଡନ ବିମାନଘାଟିରେ ବିମାନ ଓହ୍ଲାଇଲା । ତାପରେ କମ୍ପାନୀ ବସ୍‌ରେ ଲଣ୍ଡନ ସହରସ୍ଥ ଭିକ୍ଟୋରିଆ ଟର୍ମିନାସ୍ ଷ୍ଟେସନ ନିକଟରେ ଥିବା ବିମାନ ଅଫିସକୁ ଗଲୁଁ । ସେଠରେ B. O. A. C. ଅଫିସରୁ ବୁଝିନେଲି ଯେ ସେହିଦିନ ସନ୍ଧ୍ୟାବେଳେ ମୋର ସିଟ୍ ରିଜର୍ଭ କରାଯାଇଛି ନ୍ୟୁୟର୍କ ଯିବାପାଇଁ । ସନ୍ଧ୍ୟା ୫ଟା ବେଳେ ଉକ୍ତ ଅଫିସରେ ପହଞ୍ଚିବାକୁ ମୋତେ ଅନୁରୋଧ କଲେ ।

ତାପରେ ଉକ୍ତ ଅଫିସରେ ପ୍ରାତଃକୃତ୍ୟ ସାରିଦେଲି। ସେଠାରେ ଜିନିଷ ପତ୍ର ଜମା ଦେଇ ବୁଲିଯିବାର ବ୍ୟବସ୍ଥା ଅଛି। ସୁତରାଂ ଜିନିଷପତ୍ରସବୁ ରଖିଦେଇ ଲଣ୍ଡନ ସହର ବୁଲି ବାହାରିଲି।

ପ୍ରଥମେ ଗୋଟିଏ ବସ୍ ଧରି ମୋର ଜଣେ ଆତ୍ମୀୟା ଡାକ୍ତର ଶ୍ରୀମତୀ କମଳ କୁମାରୀ ଖାଡ଼ଙ୍ଗାଙ୍କ ନିକଟକୁ ଗଲି। ସେ ମୋତେ ଅପ୍ରତ୍ୟାଶିତ ଭାବରେ ଦେଖି ଆଶ୍ଚର୍ଯ୍ୟାନ୍ୱିତ ହୋଇଗଲେ। ତାପରେ ତାଙ୍କୁ ସଙ୍ଗରେ ନେଇ ଲଣ୍ଡନ ସହରର ମଧ୍ୟସ୍ଥଳରେ ଥିବା 'ପିକାଡ଼ିଲି' ନାମକ ଅଂଶକୁ ଅସିଲି। ସେଠାରୁ ଆମେ 'ଟିଉବ୍ ରେଲୱଏ' ବା ଭୂଇଁତଳେ ଟ୍ରେନରେ କିଛି କ୍ଷଣ ବୁଲାବୁଲି କଲୁଁ। ମୋତେ ସେଠାରେ ଛାଡ଼ି କମଳକୁମାରୀ ତାଙ୍କ କଲେଜକୁ ଗଲେ। ମୁଁ ଅନ୍ୟ ମାର୍ଗରେ ଯାଇ 'ଇଣ୍ଡିଆ ହାଉସ' ବା ଭାରତୀୟ ଦୂତାବାସରେ ପହଞ୍ଚିଲି। ସେତେବେଳକୁ ୨ଟା ବାଜିବାକୁ ଆଉ ଦଶ ମିନିଟ୍ ବାକିଥାଏ। ଶୁଣିଥିଲି ଉକ୍ତ ଦୂତା-ବାସରେ ଏକ ଭୋଜନାଳୟ ଅଛି।

ଦୂତାବାସରେ ପହଞ୍ଚି ଲିଫ୍ଟ୍ ସାହାଯ୍ୟରେ ସାତ ତାଲା ଉପରକୁ ଯାଇ ଭୋଜନାଳୟରେ ଦେଖିଲି ଯେ ବହୁ ଭାରତୀୟ କର୍ମଚାରୀ ସ୍ତ୍ରୀ ପୁରୁଷ ଭୋଜନରେ ଲାଗିଛନ୍ତି। ଭାତ, ଡାଲି, ତରକାରୀ ଠିକ୍ ଭାରତୀୟ ଖାଦ୍ୟ। କିନ୍ତୁ ରାନ୍ଧୁଛନ୍ତି ଓ ପରଷୁଛନ୍ତି ଇଂରେଜ ମହିଳା। ପ୍ରତ୍ୟେକ ଲୋକ ଗୋଟିଏ ଟ୍ରେ ଧରି ଗଲେ ସେ ମନଇଚ୍ଛା ଭାତ, ଡାଲି, ତରକାରୀ ଆଣି କୌଣସିଠାରେ ବସି ଖାଇ ଦେବେ। ମୁଁ ମଧ୍ୟ ସେହିପରି ଆଣି ଭୋଜନ ସାରି ନେଲି। ତାପରେ ଅନ୍ୟ ଜଣେ ବନ୍ଧୁ ଡାକ୍ତର ଶ୍ରୀ ଗୋକୁଳାନନ୍ଦ ଦାଶଙ୍କ ଘରେ ଯାଇ ଉପସ୍ଥିତ ହେଲି। ସେ ମଧ୍ୟ ମୋତେ ଦେଖି

ବିସ୍ମିତ ହେଲେ । ତାପରେ ତାଙ୍କୁ ସଙ୍ଗେ ନେଇ ଟିକିଏ ବୁଲିଚାଲି କଲି । ତାପରେ ବସ୍ ଧରି ପୁଣି ଫେରି ଆସିଲି ବିମାନ ଅଫିସକୁ ।

ସନ୍ଧ୍ୟା ୭ଟାରେ ପୁଣି ବିମାନ ଛାଡ଼ିଲା । ପ୍ରଥମେ ଯାଇ ସ୍କଟଲାଣ୍ଡର 'ପ୍ରେଷ୍ଟୱିଇକ୍' ନାମକ ବିମାନଘାଟିରେ ବିମାନ ଓହ୍ଲାଇଲା । ସେଇଠି ଖାଇବା ପିଇବାର ବନ୍ଦୋବସ୍ତ ହୋଇଥାଏ । ତାପରେ ଆଇସ୍‌ଲାଣ୍ଡର 'କେଫଲ୍‌ଭିକ୍' ନାମକ ଏକ ଘାଟିରେ କିଛିକ୍ଷଣ ବିମାନ ଓହ୍ଲାଇଥିଲା । କିନ୍ତୁ ଆମେ କେହି ଅବତରଣ କରି ନ ଥିଲୁଁ ।

ବିମାନ ଉପରେ ସକାଳ ହୋଇଗଲା । ସୂର୍ଯ୍ୟଙ୍କର ସୁନେଲି କିରଣରେ ଚାରି ଦିଗ ହସି ଉଠିଲା । ଆମେ ସେତେବେଳେ ପ୍ରାୟ ପନ୍ଦର କୋଡ଼ିଏ ହଜାର ଫୁଟ ଉଚ୍ଚରେ ମେଘ ଉପରେ ଦେଇ ଗତି କରୁଥାଉଁ । ତୂଳାକୁଢ଼ ପରି ସଫା ମେଘରାଶି ଉପରେ ସୂର୍ଯ୍ୟଙ୍କର ସୁନେଲି କିରଣ ପଡ଼ି ଭାରି ସୁନ୍ଦର ଦିଶୁଥାଏ । ବିମାନର ଗତି ବେଶ୍ ଧୀର ଓ ଆରାମଦାୟକ ହୋଇଥାଏ । କିଛିକ୍ଷଣ ପରେ ମେଘର ସ୍ତର ଅପସରି ଗଲା । ଆମେ ଦେଖିଲୁଁ ଯେ ଆଟଲାଣ୍ଟିକ ମହାସାଗର ଉପରେ ଦେଇ ଆମେ ଉଡ଼ି ଯାଉଛୁ । ବାସ୍ତବିକ୍ ସେ ଅନୁଭୂତି ଉପଭୋଗ୍ୟ । କିଛିକ୍ଷଣ ପରେ ଆମେରିକା ଉତ୍ତରାଞ୍ଚଳର ଭୂଭାଗ ଦୃଷ୍ଟିପଥାରୂଢ଼ ହେଲା । ଏ ବିମାନରେ ମଧ୍ୟ ମୋର ସିଟ୍ ପଡ଼ିଥାଏ ଠିକ୍ ଝିଡ଼କି ପାଖରେ । ମୁଁ ଚାହିଁ ତଳକୁ ଦେଖୁଁଥାଏ । ଆମେରିକାର୍ ଅସଂଖ୍ୟ ନଦୀ, ପର୍ବତ, ହ୍ରଦ, ଅରଣ୍ୟ ବିଶାଳ ଶସ୍ୟକ୍ଷେତ୍ର ଓ ବଡ଼ ସାନ ଅସଂଖ୍ୟ ସହର ଓ ବଡ଼ ବଡ଼ ରାସ୍ତା ସବୁ ଉପରୁ ଠିକ୍ ଗୋଟିଏ ଛବି ଅଙ୍କିଲା ଭଳି ସୁନ୍ଦର ଦିଶୁଥାଏ । ବଡ଼ ବଡ଼ ରାସ୍ତା ଉପରେ ଯେଉଁ ମୋଟରକାର୍ ବା ବସ୍ ସବୁ ଗତି କରୁଥାନ୍ତି ତାହା ଉପରୁ ଚେଲୁଣିଆ ପୋକ ଗତି

କଲା ପରି ଦିଶୁଥାଏ । କେଉଁଠି ବା ସୁନ୍ଦର ସୁନୀଳ ହ୍ରଦର ଚତୁର୍ଦ୍ଦିଗରେ ରେଲଗାଡ଼ି ଓ ମୋଟର ରାସ୍ତା ଘୂରି ଘୂରି ଗଲାପରି ଦିଶୁଥାଏ । କିଛିକ୍ଷଣ ପରେ ବୋଷ୍ଟନ ବିମାନଘାଟିରେ ବିମାନ ଓହ୍ଲାଇଲା । ପୁଣି କଷ୍ଟମସ୍ ଚେକ୍ ହେଲା । ଘଣ୍ଟାଏ ପରେ ପୁଣି ବିମାନ ଉଠିଲା । ଏ ପର୍ଯ୍ୟନ୍ତ ପାଗ ବେଶ୍ ଭଲ ଥିଲା । ନ୍ୟୁୟର୍କ ପାଖେଇ ଆସିଲା ବେଳକୁ ପାଗ ବଡ଼ ଖରାପ ହୋଇ ଉଠିଲା । ବର୍ଷା, କୁହୁଡ଼ି, ମେଘୁଆ ପାଗ । ଉପରୁ ଚାହିଁ ଦେଖିଲେ ସବୁ ଧୂଆଁ ଧୂସର ଦିଶୁଥାଏ । ବିମାନ ଚାଳକ ନୋଟିସ୍ ଦେଲେ ଯେ ନ୍ୟୁୟର୍କରେ ପାଣିପାଗ ଖରାପ ହୋଇଥିବାରୁ ବିମାନ ଓହ୍ଲାଇବାରେ ଟିକିଏ ବିଳମ୍ବ ହେବ । ମୋ ପାଖରେ ବସିଥିବା ଜଣେ ଭାରତୀୟ ଯାତ୍ରୀ ମିଷ୍ଟର ପଟେଲ୍ ଭୟାତୁର ହୋଇ ଉଠିଲେ ।

ପ୍ରାୟ ପନ୍ଦର କୋଡ଼ିଏ ମିନିଟ୍ କାଳ ବିମାନ ଉପରେ ଚକ୍କର ମାରି ଘୂରୁଥାଏ । ତାପରେ ଆସ୍ତେ ଆସ୍ତେ ସେଇ ଧୂଆଁ କୁହୁଡ଼ି ଭିତର ଦେଇ ବିମାନ ଅବତରଣ କଲା ନ୍ୟୁୟର୍କ ବିମାନ ଘାଟିରେ ।

ବିମାନରୁ ଓହ୍ଲାଇଲା ପରେ ପ୍ରାୟ ଘଣ୍ଟାଏ ଖଣ୍ଡେ ଲାଗିଲା କଷ୍ଟମ୍ସ୍ ତନଖି ଅର୍ଗଳୀରୁ ବାହାରିବା ପାଇଁ । ସେଇ ବିମାନ ଘାଟିରେ ମଧ୍ୟ ଖାଇ ନେଲି । B. O. A. C. ଅଫିସର କର୍ମଚାରୀ ମୋତେ ସେଠାରେ ଖବର ଦେଲେ ଯେ ମୋର ବାସସ୍ଥାନ ଟ୍ୟୁଡର ହୋଟେଲରେ ସ୍ଥିର ହୋଇଛି ବୋଲି ଇଉନାଇଟେଡ ନେଶନ୍ ଖବର ଦେଇଛନ୍ତି । ସେଠାରୁ ଗୋଟାଏ ବସ୍ ଯୋଗେ ନ୍ୟୁୟର୍କ ସହରକୁ ଆସିଲି । ବସ୍ ଷ୍ଟାଣ୍ଡରୁ ଗୋଟିଏ ଟାକ୍ସି ଧରି ମୁଁ ଟ୍ୟୁଡର ହୋଟେଲକୁ ଚାଲିଗଲି । ମେନେଜର କହିଲେ ୧୭ ତାଲାର ନ ୨୦ ମ୍ବର ଘରେ ମୋର ରହିବାର କଥା ।

ଲିଫ୍‌ଟ ଯୋଗେ ଉପରକୁ ଉଠିଗଲି । ହୋଟେଲ୍ ପୋର୍ଟରେ ମୋତେ ଘର ଦେଖାଇ ଦେଲା । ଭିତରକୁ ଯାଇ ଦେଖିଲି ସୁନ୍ଦର ବନ୍ଦୋବସ୍ତ । ଗୋଟିଏ ସ୍ପ୍ରିଂ ପଲଙ୍କରେ ସୁକୋମଳ ଦୁଗ୍ଧଫେନନିଭ ଶଯ୍ୟା, ଘୋଡ଼ିବା ପାଇଁ କମ୍ବଳ । ପାଖରେ ଗୋଟିଏ ଟେଲିଫୋନ୍, ଟେବୁଲ ଉପରେ ଲେଖିବାର ସରଞ୍ଜାମ । ଗୋଟିଏ ବାଥ୍ ରୁମ ଇତ୍ୟାଦି ଇତ୍ୟାଦି । ଉପର ଝରକାରେ ଚାହିଁ ଦେଖିଲି ନ୍ୟୁୟର୍କ ସହରର ଗଗନଚୁମ୍ବୀ ଗୃହଶ୍ରେଣୀ ଓ ରାସ୍ତାର ଅସଂଖ୍ୟ ଆଲୋକମାଳା । ଫୋନ ଦ୍ୱାରା ଇଉନାଇଟେଡ୍ ନେଶନ ଅଫିସକୁ ମୋର ପହଞ୍ଚିବା ଖବର ଦେଲି । ସେ କହିଲେ—କାଲି ସକାଳ ୯ଟାରେ ଅଫିସକୁ ଆସନ୍ତୁ । ତାପରେ ଚେୟାରରେ ବସି ପଡ଼ି ଭାବିବାକୁ ଲାଗିଲି ମୁଁ କେଉଁଠି ? ମାତ୍ର ଦୁଇଟି ଦିନ ପୂର୍ବେ ଭାରତରେ ଥିଲି । ଆଜି ସାତ ସମୁଦ୍ର ତେର ନଈ ସେପାରି ପୃଥିବୀର ଅପରପଟେ ଆମେରିକାର ବୃହତ୍ତମ ସହର ନା, ନା, ପୃଥିବୀର ବୃହତ୍ତମ ସହର ନ୍ୟୁୟର୍କରେ ମୁଁ । ମୋ ଦେଶଠାରୁ ପ୍ରାୟ ଦଶ ହଜାର ମାଇଲ ଦୂର । ମନେ ହେଲା ସତେ ଯେପରି ପରୀ ଗପରେ ପଢ଼ିଥିବା ମନପବନ ଘୋଡ଼ାରେ ଚଢ଼ି ଏକା ଘଣ୍ଟାକେ ସାତ ସମୁଦ୍ର ତେର ନଈ ପାରି ହୋଇ କେଉଁ ପରୀ ରାଇଜରେ ମୁଁ ଆସି ପହଞ୍ଚି ଯାଇଛି । ବାସ୍ତବିକ୍ ଯନ୍ତ୍ରଯୁଗର ଏ ଅଦ୍ଭୁତ ଅନୁଭୂତି ବିଷୟ ଭାବିଲେ ହୃଦୟ ସ୍ତବ୍ଧ ହୋଇଯାଏ । ମନୁଷ୍ୟର ବୁଦ୍ଧି କ'ଣ କରି ନ ପାରେ ?

---

## [ ଦୁଇ ]

## ପ୍ରଥମ ଅନୁଭୂତି, ନ୍ୟୁୟର୍କ ଓ ଅଟାଓ୍ୱା

ଅଗଷ୍ଟ ମାସ ତା ୨୯ ରିଖ ସକାଳ ଆଠଟାରେ ସ୍ନାନାଦି ନିତ୍ୟକର୍ମ ସାରି ହୋଟେଲ୍‌ରୁ ବାହାରି ନ୍ୟୁୟର୍କ ସହର ରାସ୍ତା ଉପରକୁ ଆସିଲି । ଟିପି ଟିପି ବର୍ଷା ପକାଉଥାଏ, ଗରମ ବି ଥାଏ ଯଥେଷ୍ଟ ବେଶୀ । ଠିକ୍ କଟକ ସହରର ଅଗଷ୍ଟ ମାସ ପରି ଲାଗୁଥାଏ । ରାସ୍ତା ଉପରକୁ ଯାଇ ଦେଖେଁ ତ ଅର୍ଦ୍ଧାସୁର ପରି ମସ୍ତ ମସ୍ତ ଆକାଶ ଚୁମ୍ବୀ କୋଠା ସବୁ ଦ ପାଖରେ ଛିଡ଼ା ହୋଇଛି । ରାସ୍ତା ଉପରେ ଅସଂଖ୍ୟ ଗାଡ଼ି, ମୋଟର ଛୁଟିଛି । କିନ୍ତୁ ଆମ ଦେଶଠାରୁ ସବୁ ଓଲଟା । ଆମ ଦେଶର ଟ୍ରାଫିକ୍ ନିୟମ ହେଉଛି ରାସ୍ତାର ବାମ ପାଖରେ ଚାଲିବା କିନ୍ତୁ ଏ ଅଞ୍ଚଳର ଟ୍ରାଫିକ୍ ନିୟମ ହେଉଛି ରାସ୍ତାର ଡାହାଣ ପାଖରେ ଚାଲିବା । ଆମ ଦେଶର ମୋଟର ଡ୍ରାଇଭର ଗାଡିର ଡାହାଣ ପାଖରେ ବସେ କିନ୍ତୁ ଆମେରିକାର ମୋଟର ଗାଡିର ଡ୍ରାଇଭରମାନେ ଗାଡ଼ି ବାଁ ପାଖରେ ବସନ୍ତି । ଗାଡ଼ିର ଷ୍ଟିୟରିଂ ମଧ୍ୟ ସେହିପରି ଭାବରେ ବାମ ପାଖରେ ଖଞ୍ଜା ଯାଇଛି ।


ଇଉନାଇଟେଡ୍ ନେଶନ ଅଫିସଟି ହୋଟେଲର ଅତି ନିକଟରେ ନ୍ୟୁୟର୍କ ସହରର ଉପକଣ୍ଠରେ ଥିବା ନଦୀର ଠିକ୍ ଧାରରେ । ସୁତରାଂ ଚାଲି ଚାଲି ଗଲି ଇଉନାଇଟେଡ ନେଶନ ଅଫିସକୁ । ପ୍ରକାଣ୍ଡ କୋଠା । ବୟାଳିଶ ତାଲା ଉଚ୍ଚ ଏକ ଧଳା ପ୍ରାସାଦ । ଭିତରକୁ ଯାଇ ଲିଫ୍‌ଟ ସାହାଯ୍ୟରେ ୨୩ ତାଲା



କାନାଡ଼ାର ଏକ କୃଷିକ୍ଷେତ୍ରର ଦୃଶ୍ୟ



ଲଣ୍ଡନର 'ହାଇଡ଼ ପାର୍କ' ରେ
ଲେଖକ



ଆମେରିକା ତଥା ପୃଥିବୀର ସର୍ବଶ୍ରେଷ୍ଠ ସହର 'ନ୍ୟୁୟର୍କ'ର ନଭଷ୍ଟୁମ୍ବି
ପ୍ରାସାଦ ଶ୍ରେଣୀର ଦୃଶ୍ୟ । ସମ୍ମୁଖରେ ଥିବା ଚତୁଷ୍କୋଣାକାର ପ୍ରାସାଦ
ମିଳିତ ଜାତିସଂଘ (U. N. O.)ର ପ୍ରଧାନ କାର୍ଯ୍ୟାଳୟ (• ପୃ ୧୨

ପରେ ଥିବା ଆମ ସଂପୃକ୍ତ ବିଭାଗରେ ଯାଇ ପହଞ୍ଚିବା ପାଇଁ
ଯେ ଅସଂଖ୍ୟ କର୍ମଚାରୀ କାମ କରୁଛନ୍ତି । ମୁଁ ଘର ଭିତରୀରୁ କାଗଜ
ଧାନେ ମୋତେ ସାଦର ସମ୍ଭାଷଣ କଲେ ଜଣେ ଭ ଭଦ୍ରମହିଳା
ହେଲା । ପରେ ବୁଝିଲି ତାଙ୍କ ନାମ ହେଉଛି ମିସ୍ ମାକ ... ସେ ଭଲେ
ସେ ମୋର ନାମ ଧରି ସମ୍ଭାଷଣ କଲେ, ମୁଁ ଆଶ୍ଚର୍ଯ୍ୟରେ
ହେଲି । ସେ ହସି କହିଲେ ଯେ ଅନୁମାନ ଦ୍ୱାରା ସେ ମୋ...
ଚିହ୍ନି ନେଇଥିଲେ କାରଣ କାଲି ସନ୍ଧ୍ୟାରେ ସେ ...ଖବ...
ପାଇଥିଲେ ମୁଁ ଆସିଛି ବୋଲି ।

ତା ପରେ ସେ ମୋତେ ଅନ୍ୟ ଗୋଟିଏ ଘରକୁ ପଠାଇ ଦେଲେ । ସେଠାରେ ଜଣେ ଭାରତୀୟ କର୍ମଚାରୀଙ୍କୁ ଭେଟିଲି । ତାଙ୍କ ନାମ ମିଷ୍ଟର ସୁରେନ୍ଦ୍ର ପଟେଲ । ସେ ଗୁଜରାଟର ଲୋକ, ବିଶ୍ୱଜାତି ସଂଘ ଅଫିସରେ କାମ କରନ୍ତି । ତାଙ୍କ ସହିତ ଆଳାପ ପରିଚୟ ହେଲା ପରେ ସେ ପୁଣି ମୋତେ ମିସ୍ ମାକଆର୍ଥିକ୍ଙ୍କ ପାଖକୁ ପଠାଇ ଦେଲେ । ମିସ୍ କହିଲେ—ଦେଖନ୍ତୁ, ପ୍ରଥମେ ଆପଣ ଯାଇ ବ୍ୟାଙ୍କରୁ ଟଙ୍କା ଆଣିବେ କାରଣ କାଲିଠାରୁ ତିନି ଦିନ ଅଫିସ ଓ ବ୍ୟାଙ୍କ ଇତ୍ୟାଦି ବନ୍ଦ ରହିବ । ତା ପରେ ସେ ବ୍ୟାଙ୍କକୁ ମୋ ହାତରେ ଖଣ୍ଡିଏ ଚିଠି ଦେଲେ ଓ କପରି ଯିବାକୁ ହେବ ଖଣ୍ଡିଏ କାଗଜରେ ନକ୍ସା କାଟି ବୁଝାଇ ଦେଲେ ।

ମୁଁ ପୁଣି ଆସି ରାସ୍ତା ଉପରେ ହାଜର । ସେ ଯେଉଁ ନକ୍ସା କାଟି ଦେଖାଇ ଦେଇଥିଲେ ସେ ନକ୍ସା ଅନୁସାରେ ମୁଁ ରାସ୍ତା ସ୍ଥିର କରି ନେଲି । ଏଠାରେ କହି ରଖିବା ଦରକାର ଯେ ନ୍ୟୁୟର୍କ ସହର ଏଡ଼େ ବିଶାଳ ସହର ହେଲେ ମଧ୍ୟ ତାର ରାସ୍ତା ଚିହ୍ନିବା ଏଡ଼େ ସୁବିଧାଜନକ ଯେ ଆଖି ବୁଜି ଜଣେ ଠିକ୍ ସ୍ଥାନରେ ପହଞ୍ଚି ଯାଇପାରିବ । କାରଣ ସହରର ରାସ୍ତାଗୁଡ଼ିକ

ା ପରି ସିଧା ସଳଖ ଓ ପ୍ରତ୍ୟେକ ରାସ୍ତାର ନାମ
ପରି ନ ହୋଇ କ୍ରମିକ ଭାବରେ ନମ୍ବର
ମେ ଯାଇ ଗୋଟିଏ 'ସବ୍‌ୱେ' ଭିତରେ
'ସବ୍‌ୱେ' ହେଉଛି ଭୂଇଁତଳ ରେଲ ରାସ୍ତା
ୱେ ରାସ୍ତା ପରି । ଉପରେ କୋଠା କିନ୍ତୁ ତଳେ
ରେଲ ଯାଇଛି । ତଳକୁ ଓହ୍ଲାଇ ଯାଇ ଗୋଟିଏ
ପ୍ରେସ୍ ରେଲ ଧରି ମୋର ଗନ୍ତବ୍ୟସ୍ଥଳ "ୱାଲ୍ ଷ୍ଟ୍ରିଟ୍" ରେ
 ପହଞ୍ଚିଗଲି । ଏହି ରେଲଗୁଡ଼ିକ ଇଲେକ୍‌ଟ୍ରିକ୍ ଦ୍ୱାରା
ଚାଲେ । ପ୍ରତି ଦଶ ମିନିଟରେ ଗୋଟିଏ ଗୋଟିଏ ଟ୍ରେନ୍
ଚାଲୁଥାଏ । ସୁତରାଂ ଯିବା ଆସିବା ପାଇଁ ସବ୍‌ୱେ ଟ୍ରେନ୍ ସବୁଠାରୁ
ଭଲ । ପୁଣି ଉପରକୁ ଉଠି ମିସ୍ କହି ଦେଇଥିବା ରାସ୍ତାରେ ଯାଇ
"ରୟାଲ୍ ବ୍ୟାଙ୍କ ଅଫ୍ କାନାଡ଼ା"ରେ ପହଞ୍ଚିଗଲି । ତାହା ଏକ
ବିରାଟ କୋଠା । ସେଠାରେ କହି ରଖିବା ଦରକାର ଯେ ୱାଲ୍
ଷ୍ଟ୍ରିଟ୍ (Wall Street) ହେଉଛି ନ୍ୟୁୟର୍କର ଧନଭଣ୍ଡାର କହିଲେ
ଚଳେ । କାରଣ ସବୁ ଯାକ ବ୍ୟାଙ୍କ ସେଇ ଗୋଟିଏ ସ୍ଥାନରେ
ଯେପରି ରୁଣ୍ଡ ହୋଇଛନ୍ତି । ନ୍ୟୁୟର୍କର ଅନ୍ୟାନ୍ୟ ଅଞ୍ଚଳ
ତୁଳନାରେ 'ୱାଲ୍ ଷ୍ଟ୍ରିଟ୍'ର ରାସ୍ତାଗୁଡ଼ିକ ସଂକୀର୍ଣ୍ଣ । ଦୁଇ ପାଖରେ
ଅର୍ଦ୍ଧାସୁର ପରି ଛିଡ଼ା ହୋଇଛନ୍ତି ଅସଂଖ୍ୟ ଆକାଶଚୁମ୍ବୀ କୋଠା ।
ତା'ରି ଭିତରେ ଆମେରିକାର ଲକ୍ଷ୍ମୀଙ୍କ ଗନ୍ତାଘର ।

କାନାଡ଼ା ରୟାଲ୍ ବ୍ୟାଙ୍କ ଭିତରକୁ ପଶିଗଲି । ପ୍ରଥମେ
ମୋର ଦୃଷ୍ଟି ପଡ଼ିଗଲା ଗୋଟିଏ ସ୍ଥାନରେ ଲେଖାଅଛି । Infor-
mation Place) ଅର୍ଥାତ୍ 'ସେଇ ସ୍ଥାନରେ ପଚାରିଲେ ଯଥାଯଥ
ଉତ୍ତର ମିଳିବ । ସେଠାରେ ଯାଇ ପଚାରିଲି । ସେ ମୋତେ
ତୃତୀୟ ତାଲାକୁ ଯିବାକୁ କହିଲେ, ମୁଁ ଗଲି । ସେଠାରେ ମୋର

ଦେଖାଇବାରୁ ସଂପୃକ୍ତ କର୍ମଚାରୀ ମୋତେ ବସିବା ପାଇଁ ସ୍ଥାନ ଦେଲେ ଓ ତତ୍‌କ୍ଷଣାତ୍ ମୋର ଆବଶ୍ୟକୀୟ କାଗଜ ପ୍ରସ୍ତୁତ କରି ମୋର ଇଚ୍ଛା ମୁତାବକ ଦୁଇଶହ ଡଲାର ମେରିକା ମୁଦ୍ରା ମୋତେ ଦେଇଦେଲେ । ସେତେବେଳେ ଲି ପୂର୍ବଦିନ ତଳେ ଦଶଟି ଡଲାର ପାଇଁ କଲିକତାରେ ତେ ନେହୁରା ହୋଇଥିଲି ସେ ଭଦ୍ର ଲୋକଙ୍କ ନିକଟରେ ।ଚ ଏଠାରେ ଏତେ ତତ୍ପରତାର ସହିତ ମୋତେ ଦୁଇଶହ ାର ମିଳିଗଲା, ନ୍ୟୁୟର୍କରେ ପାଦ ଦେଉଁ ଦେଉଁ ।

ସେଠାରୁ ଫେରି ପୁଣି ଉପର ବେଳା ଇଉନାଇଟେଡ୍ ନେଶନ୍ସ ଫିସକୁ ଗଲି । ଉପର ବେଳା ଭାରତର ବିହାର ପ୍ରଦେଶରୁ ସିଥିବା ମିଷ୍ଟର ଆବାସଙ୍କ ସହିତ ଦେଖା ହେଲା । ସେ ମଧ୍ୟ ମା ସଙ୍ଗରେ ସମବାୟ ସମ୍ବନ୍ଧେ ଶିକ୍ଷା ପାଇବା ପାଇଁ କାନାଡ଼ା ସିଥାନ୍ତି । ଅବଶ୍ୟ କରାଚୀ ଠାରେ ସେ ସେଇ ବିମାନରେ ଥିଲେ ଓ ବେରୁଟରେ ତାଙ୍କ ସହିତ ପ୍ରଥମେ ଭେଟ ଓ ପରିଚୟ ହୋଇଥିଲା କିନ୍ତୁ ଲଣ୍ଡନ ଠାରେ ସେ ବିମାନରେ ସିଟ୍ ପାଇବାରୁ ଦିନେ ଅଟକି ଯାଇଥିଲେ । ସେ ଆସି ପହଞ୍ଚିବାରୁ ଇଜଣ ଏକତ୍ର ଗସ୍ତ କରିବୁଁ ଭାବି ଖୁସି ହେଲି । ସେ ମଧ୍ୟ ସେଇ ଣ୍ଡର ହୋଟେଲରେ ରହିଲେ ।

ତହିଁ ପରଦିନ ଠାରୁ ଅଫିସ ଇତ୍ୟାଦି ତିନି ଦିନ ପାଇଁ ନ୍ଦ ରହିଲା । ସେତେବେଳେ ପାଗଟା ସେତେ ଭଲ ନ ଥିଲା । ତସ୍ତଂ ବୁଲା ବୁଲି କରିବା ସୁବିଧା ଜନକ ନ ଥିଲା । ବର୍ଷା ଟିପି ପି ହେଉଥାଏ । ତଥାପି ଆମେ ନ୍ୟୁୟର୍କର କେତୋଟି ଦର୍ଶନୀୟ ାନ ଦେଖି ନେଲୁଁ ।

ସେଥି ମଧ୍ୟରୁ ପ୍ରଥମଟି ହେଉଛି—ଏମ୍ପାୟାର ଷ୍ଟେଟ ବିଲଡ଼ିଂ । ତା ହେଉଛି ପୃଥିବୀର ସବୁଠାରୁ ଉଚ୍ଚ ପ୍ରାସାଦ—୧୦୨ ତାଲା ଉଚ୍ଚ । ପ୍ରାସାଦର ଶିଖର ଦେଶକୁ ଉଠିବା ପାଇଁ ଲିଫ୍‌ଟର ବନ୍ଦୋବସ୍ତ ଅଛି । ଆମେ ମଧ୍ୟ ଶିଖର ଦେଶକୁ ଉଠିଲୁ । ସେଠାରେ ଦେଖିଲୁ ଖାଇବା ପିଇବାର ବନ୍ଦୋବସ୍ତ ଅଛି ଓ ବସିବାର ବନ୍ଦୋବସ୍ତ ମଧ୍ୟ ଅଛି । ଶିଖର ଦେଶରୁ ନ୍ୟୁୟର୍କ ସହରର ଚାରି ଆଡ଼କୁ ବହୁଦୂର ପର୍ଯ୍ୟନ୍ତ ଦେଖାଯାଇ ଥାଏ । କିନ୍ତୁ ଦୁର୍ଭାଗ୍ୟ ବଶତଃ ସେଦିନ ମେଘୁଆ ପାଗ ହୋଇଥିବାରୁ ଓ ଆମେ ଅପରାହ୍ନବେଳା ସନ୍ଧ୍ୟା ସମୟରେ ଯାଇଥିବାରୁ ମାତ୍ର ଏକ ମାଇଲ ଅନ୍ତରରେ ନ୍ୟୁୟର୍କ ସିଟି ଦେଖିପାରିଥିଲୁ । କି ଚମତ୍କାର ଦୃଶ୍ୟ ସେ ! ଲୋକେ କହୁଥିଲେ ଖରାପାଗ ହୋଇଥିଲେ ଆହୁରି ଚମତ୍କାର ଦିଶୁଥାନ୍ତା । ରାତିରେ ମଧ୍ୟ ଯେତେବେଳେ ଆଲୋକମାଳା ଜଳି ଉଠେ ସେତେବେଳେ ମଧ୍ୟ ଭାରି ସୁନ୍ଦର ଦିଶେ । କିନ୍ତୁ ଉଭୟ ଦୃଶ୍ୟ ଦେଖିବାର ସୌଭାଗ୍ୟ କିମ୍ବା ସମୟ ଆମର ନ ଥିଲା । ସୁତରାଂ ଯେତିକି ହେଲା ସେତିକିରେ ତୃପ୍ତ ହୋଇ ଓହ୍ଲାଇ ଆସିଲୁ ।

ଅନ୍ୟ ଏକଦିନ ଆମେ ଗଲୁ 'ରେଡ଼ିଓ ସିଟି' ନାମକ ଏକ ଦର୍ଶନୀୟ ସ୍ଥାନ ଦେଖିବାକୁ । ନ୍ୟୁୟର୍କ ସହରରେ ତାହା ହେଉଛି ଏକ ପ୍ରଧାନ ଆମୋଦ ପ୍ରମୋଦର ସ୍ଥାନ । ଆମେ ସନ୍ଧ୍ୟା ୪ଟା ବେଳେ ଯାଇଥିଲୁ; କିନ୍ତୁ ଟିକଟ ପାଇ ଭିତରକୁ ଯିବାକୁ ଆମକୁ ପ୍ରାୟ ଦେଢ଼ ଘଣ୍ଟା ଲାଗିଗଲା । କାରଣ ପିମ୍ପୁଡ଼ି ଧାର ପରି ଅସଂଖ୍ୟ ଦର୍ଶନେଚ୍ଛୁ ଯାତ୍ରୀ ଧାଡ଼ି ବାନ୍ଧି ଠିଆହୋଇ ଅପେକ୍ଷା କରୁଥିଲେ । ଟିକଟ କାଟିବା ଦୁଆର ଠାରୁ ପ୍ରାୟ ଏକ ଫର୍ଲଂ ଯାଏ ରାସ୍ତାର ଫୁଟ୍‌ପାଥ୍ ଉପରେ ଦର୍ଶକମାନେ ଛିଡ଼ା ହୋଇ ଟିକଟ୍ ପାଇଁ ଅପେକ୍ଷା କରିଥାନ୍ତି ।

ଟିକେଟ୍ କାଟି ଭିତରକୁ ଗଲୁଁ । ତାପରେ ମଧ୍ୟ ଅପେକ୍ଷା କରିବାକୁ ପଡ଼ିଲା ପ୍ରକୃତ ପ୍ରେକ୍ଷାଳୟ ଭିତରକୁ ଯିବାପାଇଁ । ଶେଷରେ ଆମେ ଯାଇ ଗ୍ୟାଲେରୀରେ ବସିଲୁଁ । ପ୍ରଥମ ଦୃଶ୍ୟର ପରଦା ଉଠିଲା । ଆମେ ଚମତ୍କୃତ ହୋଇଗଲୁଁ । ଭୁଲିଗଲୁଁ ଆମେ ପୃଥିବୀ ରାଜ୍ୟରେ ନା କେଉଁ ସ୍ୱର୍ଗଲୋକର ନନ୍ଦନ କାନନରେ ଗନ୍ଧର୍ବ ଗନ୍ଧର୍ବୀମାନଙ୍କ ବିହାର ସ୍ଥଳରେ । ବିଭିନ୍ନ ରଙ୍ଗର ଆଲୋକର ଅପୂର୍ବ ସମାବେଶ ଓ ଘନ ଘନ ରଙ୍ଗର ପରିବର୍ତ୍ତନ ମଧ୍ୟରେ ପ୍ରାୟ ପଚିଶ ତିରିଶ ଜଣ ସୁନ୍ଦରୀ ତରୁଣୀର ନୃତ୍ୟ । ବାସ୍ତବିକ କଳ୍ପନା ରାଜ୍ୟର ଅପ୍‌ସରା ନୃତ୍ୟ ପରି ମନେ ହେଉଥିଲା । ପୁଣି ପର୍ଦ୍ଦା ପଡ଼ିଲା । ତାପରେ ଆରମ୍ଭ ହେଲା ଗୋଟିଏ ଐତିହାସିକ ରଙ୍ଗିନ୍ ସିନେମା ଛବି—“ଆଇ ଭିନ୍ ହେ” । ଭାରି ଚମତ୍କାର ଦୃଶ୍ୟାବଳୀ ମଧ୍ୟରେ ସିନେମା ‘ସୋ’ଟି ଚାଲିଥିଲା । ଆମେ ପ୍ରାୟ ଦୁଇ ଘଣ୍ଟା ଥିଲୁଁ ତାପରେ ଫେରିଆସିଲୁଁ; କାରଣ ରାତି ବେଶୀ ହୋଇଗଲେ କାଲେ ଖାଇବାକୁ ନ ମିଳିବ ।

ଦୁଇ ତିନି ଦିନ ପରେ ଆକାଶ ନିର୍ମଳ ହୋଇଗଲା । ଦିନେ ସନ୍ଧ୍ୟାବେଳେ ନ୍ୟୁୟର୍କ ସହରର ରାସ୍ତାରେ ବୁଲି ବୁଲି ଦେଖିଲୁଁ ଯେ ଗୋଟିଏ ସ୍ଥାନରେ ଏକ ବିଶାଳକାୟ ଦୂରବୀକ୍ଷଣ ଯନ୍ତ୍ର ଥୁଆ ଯାଇଛି । ଜଣେ ଲୋକ ପଇସା ନେଇ ଚନ୍ଦ୍ରଲୋକର ଛବି ଦେଖାଉଛି । ଅର୍ଥାତ୍ ଉକ୍ତ ଯନ୍ତ୍ର ସାହାଯ୍ୟରେ ଚନ୍ଦ୍ରଲୋକର ପ୍ରକୃତ ଅବସ୍ଥା ଦେଖାଯାଉଛି ।

ନ୍ୟୁୟର୍କ ସହରରେ ଦେଖିଲୁଁ—ସବୁ ସ୍ଥାନରେ ଖାଦ୍ୟ ଦ୍ରବ୍ୟ ପ୍ରଚୁର ଭରି ହୋଇଛି । ଆମେ ସାଧାରଣତଃ ଗୋଟିଏ କାଫିଟେରିଆ’ରେ ଖାଉଥିଲୁ । ତାହାକୁ ଅଟୋମେଟମ୍ (automaton) କହନ୍ତି । ସେଠାରେ ପରଷିବା ପାଇ ଲୋକ

ନାହିଁ । ଖାଦ୍ୟ ଦ୍ରବ୍ୟ ସବୁ ସଜା ହୋଇ ରହିଛି । ଯେ ଯା
ଚାହେଁ ସେ ତାହା ବାଛି ନେବ । ତା ପରେ ପଇସା ଦେଇ ସା
ଟେବୁଲ ଉପରକୁ ଆଣି ଖାଇବ । କେତେକ ସ୍ଥଳରେ ଗୋଟି
ଗୋଟିଏ ଖୋପରେ ଖାଦ୍ୟ ଦ୍ରବ୍ୟ ସଜା ହୋଇ ରହିଛି । ପଇ
ଗଳାଇ ଦେଇ 'ହାଣ୍ଡେଲ' ଘୁରାଇ ଦେଲେ ଖାଦ୍ୟ ଆପେ ଆ
ବାହାରି ଆସିବ । ଏ ପ୍ରକାର ସ୍ଥାନରେ ଇଚ୍ଛାନୁସାରେ ଖା
ବାଛି ଖିଆଯାଇପାରେ ।

ନ୍ୟୁୟର୍କରେ ବହୁ ଦର୍ଶନୀୟ ସ୍ଥାନ ଥିଲେ ସୁଦ୍ଧା ବେଶୀ ଦି
ରହିବାର ସୁବିଧା ମିଳିଲା ନାହିଁ ମଧ୍ୟ ବେଶୀ ଦିନ ରହିବା
ଇଚ୍ଛା ହେଲା ନାହିଁ । କାରଣ ଅଜସ୍ର ପଇସା ତ ଖର୍ଚ୍ଚ । ତାପରେ
ଖାଲି ଅସଂଖ୍ୟ ଅଗ୍ନାସୁର ପରି କୋଠା ବାଡ଼ି, ଗାଡ଼ି ମୋଟର
ଅବିରାମ ଘର୍ଘର ଶବ୍ଦ ଯେପରି ବଡ଼ କଷ୍ଟ ବୋଧହେଲା । ମନେ
ହେଲା ନ୍ୟୁୟର୍କ ସହରର ଜୀବନ ଯେପରି ଗୋଟାଏ ଯନ୍ତ୍ରଗ୍ରସ୍ତ
ଜୀବନ; ମାନବୀୟ ଜୀବନର ସତ୍ତା ନାହିଁ ।

ସେପ୍ଟେମ୍ବର ମାସ ତା ୪ ରିଖ ସକାଳେ ଆମେ ନ୍ୟୁୟର୍କ ଛା
ଆମେରିକାର ଉତ୍ତରାଞ୍ଚଳ କାନାଡ଼ାର ରାଜଧାନୀ 'ଅଟୱା'ସହରରେ
ଆସି ପହଞ୍ଚିଲୁ । ଉଡ଼ାଜାହାଜରେ ଯିବାପାଇଁ ସେଦିନ ପାଗ
ବେଶ୍ ଭଲ ହୋଇଥାଏ । ସକାଳର କଅଁଳ କିରଣରେ
ଚାରିଦିଗ ଉଜ୍ଜ୍ୱଳ ଦିଶୁଥାଏ । ଆମର ଉଡ଼ାଜାହାଜ ଆସି ଅଟୱା
ସହରର ବିମାନଘାଟିରେ ଓହ୍ଲାଇଲା । ଦେଖିଲୁଁ ଜଣେ ଭଦ୍ରଲୋ
ଗୋଟିଏ ଟାକ୍ସି ଧରି ଆମ ଅପେକ୍ଷାରେ ଥିଲେ । ସେ ଆମ
ସମ୍ଭାଷଣ କଲେ ଓ କହିଲେ ଯେ ତାଙ୍କ ନାମ ମିଷ୍ଟର ହାର୍‌ମାନ
ସେ ଆମକୁ ପାଛୋଟି ନେବାକୁ ଆସିଛନ୍ତି । ତାଙ୍କ ସହିତ ଆମପା
ନିର୍ଦ୍ଦିଷ୍ଟ ହୋଇଥିବା ବାସଭବନ— ଲର୍ଡ ଏଲ୍‌ଗିନ୍ ହୋଟେଲ

ଆସିଲୁଁ । ଆସିଲାବେଳେ ରାସ୍ତାର ଦୁଇପାଖରେ ସୁନ୍ଦର ସୁନ୍ଦର ଅଳ୍ପ ଉଚ୍ଚ ରହିବା ଘର ସାରି ସୁନ୍ଦର ଦିଶୁଥାଏ । ଅଟାଓ୍ୱାର ଉପକଣ୍ଠରେ ଏକ କେନାଲ ଅଛି ଯାହାକୁ ରିଡ୍ୟୁକେନାଲ୍ କହନ୍ତି । ସେଥିରେ ନଗରବାସୀମାନେ ଜଳବିହାର କରିଥାନ୍ତି । ଅଟାଓ୍ୱା ସହରର ଦୃଶ୍ୟ ଦେଖି ମନପ୍ରାଣ ପୁଲକି ଉଠିଲା । କି ସୁନ୍ଦର ସହର, ପ୍ରଶସ୍ତ ରାସ୍ତାର ଦୁଇ ଧାରରେ ଓ ମଝିରେ ମଝିରେ ଲୋକ ଚାଲିବା ପାଇଁ ଫୁଟ୍ ପାଥର ବ୍ୟବସ୍ଥା ଅଛି । ଫୁଟ୍ ପାଥର ଦୁଇ ଧାରରେ ସବୁଜ ଘାସର ଗାଲିଚା ଯେପରି ପଡ଼ି ହୋଇଛି ଓ ମଝିରେ ମଝିରେ ନାନାବର୍ଣ୍ଣର ପୁଷ୍ପରାଜିର ସମାବେଶ ସହରଟିକୁ ଭାରି ସୁନ୍ଦର କରିପାରିଛି । ତାପରେ ସହରର ଚାରିପାଖରେ ଘେରି ରହିଛି ୨୨ ମାଇଲ ଲମ୍ବର ଏକ କେନାଲ ।

ନ୍ୟୁୟର୍କର ଅର୍ଘାସୁର ଉଚ୍ଚ କୋଠା ବାଡ଼ି ବଦଳରେ ଅଟାଓ୍ୱାରେ ଦେଖିବାକୁ ପାଇଲୁ ସୁନ୍ଦର ସୁନ୍ଦର ନାନା ରଙ୍ଗ ବେରଙ୍ଗର ରହିବା ଘର । ବେଶୀ ବଡ଼ ନୁହେଁ ଅଥଚ ମନୋରମ । ପ୍ରତି ଘର ସାମନାରେ ସୁନ୍ଦର ଫୁଲର ବଗିଚା କମ୍ବା ଗୋଟିଏ ଯୋଡ଼ିଏ ସୁନ୍ଦର ବୃକ୍ଷ । ରାସ୍ତାରେ ସବୁଜ ଘାସ ଓ ଫୁଲର ସମ୍ଭାର । ଅଟାଓ୍ୱାର ପାର୍ଲିଆମେଣ୍ଟ ଘର ଓ ସରକାରୀ ଅଫିସ ମଧ୍ୟ ସୁନ୍ଦର ସୁନ୍ଦର ନାନା କାରୁକାର୍ଯ୍ୟ ମଣ୍ଡିତ କୋଠା ମଧ୍ୟରେ ଅବସ୍ଥାପିତ । ସବୁ ଯେପରି ସେହି ମଧ୍ୟଯୁଗର ସ୍ମୃତି ମଧ୍ୟରେ ସଂରକ୍ଷିତ । ଏପରି କି ଘର ଭିତରେ ଇଲେକ୍‌ଟ୍ରିକ୍ ଆଲୋକ ଟଙ୍ଗା ହୋଇଥିଲେ ସୁଦ୍ଧା ଅନେକ ସ୍ଥଳରେ ବଲ୍‌ବଗୁଡ଼ିକ ଠିକ୍ ମହମବତୀ ଜାଳିଲା ପରି ଦିଶେ । ବିଶେଷତଃ ଅଟାଓ୍ୱା ସହରର ପାର୍ଲିଆମେଣ୍ଟ ଗୃହର ଚତୁର୍ଦ୍ଦିଗରେ ଏକ ସୁନ୍ଦର ପାର୍କ ଅଛି । ଆମେ ଅଟାଓ୍ୱା ପହଞ୍ଚିବା ଦିନ ଉପରବେଳା ବହୁ ସମୟ ଯାଏ ସେହି ପାର୍କର ଗୋଟିଏ

ବେଞ୍ଚ ଉପରେ ବସି ସହରର ଦୃଶ୍ୟାବଳୀ ନିରୋଳରେ ଉପଭୋଗ କଲୁଁ । ସେତେବେଳେ ଆକାଶ ନିର୍ମଳ ଥାଏ । ପାଗ ବେଶ୍ ଗରମ ଥାଏ । ନ୍ୟୁୟର୍କ ସହରର ଅପ୍ରାକୃତ ପରିସ୍ଥିତିରୁ ଆସି ଅଟାଓ୍ୱା ସହରର ପ୍ରାକୃତିକ ପରିସ୍ଥିତିରେ ପହଞ୍ଚି ଯିବାରୁ ପ୍ରାଣଟା ଯେପରି ଆନନ୍ଦରେ ଉତ୍ଫୁଲ୍ଲ ହୋଇ ଉଠିଲା ।

ଅଟାଓ୍ୱା ଯେପରି କାନାଡ଼ାର ନଗରରାଣୀ । ଏତେ ଶୋଭା ଯେପରି ଗୋଟିଏ ସ୍ଥାନରେ ଠୁଳ ହୋଇଛି । ରାସ୍ତାର ଗୋଟିଏ ଗୋଟିଏ ଛକ ଜାଗାରେ ଯେପରି ନାନାବର୍ଣ୍ଣର ଫୁଲ ଓ କଅଁଳ ସବୁଜ ଘାସର ଗାଲିଚା କିଏ ପାରିଦେଇ ଯାଇଛି । ଅଟାଓ୍ୱାରେ ପହଞ୍ଚି ଆମେ ପ୍ରାୟ ୪୫ ଦିନ ଥିଲୁଁ । ଆମର କାମ ପଡୁଥିଲା ସରକାରୀ ଫାର୍ମ ନିକଟରେ । ବସ୍‌ରେ ଯିବାକୁ ପଡୁଥିଲା । ଅଟାଓ୍ୱାର ସରକାରୀ ଫାର୍ମ ଗୋଟିଏ ଦର୍ଶନୀୟ ସ୍ଥାନ । ଏକ ବିରାଟ ପାର୍କ କହିଲେ ଚଳେ । ମାଇଲ ମାଇଲ ଧରି ଲମ୍ବି ରହିଛି । ଗୋଟିଏ ସ୍ଥାନରେ ଦୁଧିଆଳୀ ଗାଈଙ୍କର ରହିବା ସ୍ଥାନ । ଚମତ୍କାର ଗାଈ ସବୁ ସେ । ଦେଖିଲେ ଆଖି ଠିକଣା ପଡ଼ିବ, ପ୍ରକାଣ୍ଡ ପ୍ରକାଣ୍ଡ ପହ୍ନା ଦୁଧରେ ଠେସି ଯାଇଛି । ଜଣେ ଅଫିସର ଆମକୁ ଗାଈ ଦୁହିଁ ଦେଖାଇଲେ । ଆମ ଦେଶରେ ଗାଈ ଦୁହିଁବାବେଳେ ବାଛୁରୀ ଯେଉଁପରି ଦୁଧ ପିଏ ସେ ଦେଶରେ ସେପରି ନୁହେଁ । ବାଛୁରୀ ସହିତ ଗାଈର ଦେଖା ନଥାଏ । ପ୍ରଥମେ ଗାଈର ଥନଗୁଡ଼ିକୁ ଗରମ ପାଣିରେ ଧୋଇ ପରିଷ୍କାର କରି ଦିଆଯାଏ । ତାପରେ ଇଲେକ୍‌ଟ୍ରିକ୍ ଯନ୍ତ୍ର ଗୁଡ଼ାଏ ଖୋଳ ପରି ଅଛି । ଗାଈର ଚାରି ଥନ ଦେହରେ ତାହା ଲଗାଇ ଦିଆଯାଏ ଓ ଉକ୍ତ ଯନ୍ତ୍ର ଦେହରୁ ଗୋଟିଏ ନଳ ଯାଇ ଗୋଟିଏ ବାଲ୍‌ଟିରେ ଲାଗିଛି । ଇଲେକ୍‌ଟ୍ରିକ୍ ସୁଇଚ୍ ଟିପିଦେଲେ ମନକୁ ମନ ଦୁଧ ଦୁହିଁ ହୋଇଯାଇ ବାଲ୍‌ଟି ଭର୍ତ୍ତି ହୋଇଯାଏ ।

ଅନ୍ୟ ଗୋଟିଏ ସ୍ଥାନରେ ଦେଖିଲୁ କୁକୁଡ଼ା ଟର୍କୀ, ପ୍ରଭୃତି ରଖାଯାଇଛନ୍ତି । ଗୋଟିଏ ସ୍ଥାନରେ ବହୁଳ ବିସ୍ତୃତ ଭାବରେ ଖାଲି ଫୁଲର ବଗିଚ୍ଛ । ଅନ୍ୟ ଗୋଟିଏ ସ୍ଥାନରେ ଫଳ ବଗିଚ୍ଛ । ବାସ୍ତବିକ୍ ଏହି ସରକାରୀ ଫାର୍ମଟି ଏକ ଅତି ମନୋରମ ଦର୍ଶନୀୟ ସ୍ଥାନ

ଅଟ୍ଟାଓ୍ୱାରେ ପହଞ୍ଚିବାର ଦୁଇଦିନ ପରେ ଦିନେ ସକାଳେ ମୁଁ ଓ ମୋର ଭାରତୀୟ ବନ୍ଧୁ ମିଷ୍ଟର ଅବାସ୍ ଅଟ୍ଟାଓ୍ୱା ରାସ୍ତାରେ ଯାଉଥିଲୁଁ । ହଠାତ୍ ଜଣେ ଭାରତୀୟ ବାଳିକା ଆମ୍ଭମାନଙ୍କୁ ଡାକି ପଚାରିଲେ—ଆପଣମାନେ କ'ଣ ଭାରତରୁ ଆସିଛନ୍ତି ? କାନାଡ଼ାର ରାଜଧାନୀ ଅଟ୍ଟାଓ୍ୱା ସହରରେ ଜଣେ ଭାରତୀୟ ବାଳିକାଙ୍କୁ ଦେଖି ଆମେ ଆଶ୍ଚର୍ଯ୍ୟ ହୋଇଗଲୁଁ । ଆମେ ଭାରତରୁ ଆସିଛୁଁ ଶୁଣି ସେ ଭାରି ଖୁସି ହେଲେ । ସେ କହିଲେ ଯେ ତାଙ୍କ ନାମ ହେଉଛି—ଶ୍ରୀମତୀ ଅନାମୀ ଦେବୀ । ସୁନ୍ଦର ଚେହେରା । ଭାରତୀୟ ଧରଣରେ ଶାଢ଼ୀ ପିନ୍ଧିଛନ୍ତି । ବୟସ ପ୍ରାୟ ୨୦।୨୨ ମଧ୍ୟରେ । ସେ କହିଲେ ଯେ କଲିକତାରେ ତାଙ୍କ ଘର । ତାଙ୍କ ଭାଇ ମିଷ୍ଟର ବାନାର୍ଜୀ ଅଟ୍ଟାଓ୍ୱା ଭାରତୀୟ ଦୂତାବାସକୁ ଚାକିରି କରିବା ପାଇଁ ଆସିଥିଲେ । ସେ ତାଙ୍କର ସଙ୍ଗରେ ଏଠାକୁ ଆସିଥିଲେ । ବର୍ତ୍ତମାନ ତାଙ୍କର ଭାଇ ନ୍ୟୁୟର୍କ ଚାଲି ଗଲେଣି । ସେ କିନ୍ତୁ ଅଟ୍ଟାଓ୍ୱାରେ ରହି ଯାଇଛନ୍ତି; କାରଣ ସେ ଅଟ୍ଟାଓ୍ୱା ୟୁନିଭର୍ସିଟିରେ ସମାଜ ବିଜ୍ଞାନ ସମ୍ବନ୍ଧେ ଶିକ୍ଷା କରୁଛନ୍ତି । ତାପରେ ସେ ତାଙ୍କର ରହିବା ଠିକଣା ଓ ଟେଲିଫୋନ୍ ନମ୍ବର ମୋର ଖାତାରେ ଲେଖି ଦେଇ ତାଙ୍କ ଘରକୁ ଯିବା ପାଇଁ ନିମନ୍ତ୍ରଣ କଲେ । ଦୁଇଦିନ ପରେ ଦିନେ ରବିବାର ଉପର ଓଳି ମୁଁ ଓ ମୋର ବନ୍ଧୁ ଅବାସ୍ ତାଙ୍କ ଘରକୁ ଯିବା ପାଇଁ ବାହାରିଲୁଁ । ସେ କିନ୍ତୁ

ଯେଉଁ ଠିକଣା ଲେଖି ଦେଇଥିଲେ ସେଥିରେ ପ୍ରଧାନ ରାସ୍ତାର
ନମ୍ବର ଦେଇ ନ ଥିଲେ । ସୁତରାଂ ଆମେ ସେ ସ୍ଥାନ ଖୋଜି
ପାଇବାରେ ଟିକିଏ ଅସୁବିଧା ହେଲା । ପ୍ରଧାନ ରାସ୍ତାରେ ଆମେ
ଗୋଟିଏ ଜୋତା ଦୋକାନୀକୁ ଉକ୍ତ ସ୍ଥାନର ଠିକଣା
ପଚାରିଲୁଁ । ସେ ଆମକୁ ବିଦେଶୀ ଦେଖି କହିଲେ—ଆପଣମାନେ
କଣ ସେ ସ୍ଥାନକୁ ଯିବାକୁ ଚାହାନ୍ତି ? ଆମେ କହିଲୁଁ, ହଁ
ସେ କହିଲେ—ତେବେ ମୋ ସଙ୍ଗରେ ଆସନ୍ତୁ, ମୁଁ ତ ସେ
ଆଡ଼େ ଯାଉଛି, ଆପଣମାନଙ୍କୁ ପହଞ୍ଚାଇ ଦେଇ ଯିବି । ତାପରେ
ତାଙ୍କ କାର୍‌ରେ ଆମକୁ ବସାଇ ସେ ନେଇ ନିର୍ଦ୍ଦିଷ୍ଟ ସ୍ଥାନରେ
ପହଞ୍ଚାଇ ଦେଇଗଲେ । ଶ୍ରୀମତୀ ଅନିମା ଦେବୀଙ୍କ ସହିତ ଦେଖା
ହେଲା । ସେ ଦିନ ତାଙ୍କ ଦେହ ଭଲ ନ ଥାଏ ତଥାପି ପ୍ରାୟ ଦୁଇ
ତିନ ଘଣ୍ଟା କାଳ ବସି ଆମ ସଙ୍ଗରେ ନାନାପ୍ରକାର କଥାବାର୍ତ୍ତା
କଲେ । ସେ କହିଲେ ଯେ ସେ ତିନିବର୍ଷ ହେଲା
ଭାରତ ଛାଡ଼ି ଆସିଲେଣି । ବର୍ତ୍ତମାନ ଫେରି ଯିବାକୁ
ଚାହାନ୍ତି । ତେବେ ତାଙ୍କର ପଢ଼ା ସରି ନ ଥିବାରୁ ଆଉ ବର୍ଷଟିଏ
କୌଣସି ମତେ କଟାଇ ସେ ଭାରତ ଫେରିଯିବେ । ତାପରେ
ଦେଶ ସେବାରେ ଆତ୍ମନିୟୋଗ କରିବେ । ବାସ୍ତବିକ ଜଣେ
ଭାରତୀୟ ବାଳିକାର ଏତାଦୃଶ କୃତୀତ୍ୱ ଦେଖି ଆମେ ଭାରି
ଖୁସି ହେଲୁଁ ।

ଅଣ୍ଟାରିଓରେ ଥିବା ବେଳେ ଆମେ ଭାରତୀୟ ଦୂତାବାସକୁ
ମଧ୍ୟ ବୁଲି ଯାଇଥିଲୁଁ । ସେଠାରେ ବହୁ ଭାରତୀୟ କର୍ମଚାରୀ
ତଥା ଭାରତର ଦୂତ ମିଷ୍ଟର ସାକ୍‌ସେନାଙ୍କ ସହିତ ସାକ୍ଷାତ ହେଲା ।
ଆମେ ଭାରତରୁ ଆସିଛୁଁ ଶୁଣି ସେ ଭାରି ଖୁସି ହେଲେ ।

ଧରନ୍ତୁ ରବିବାର ଦିନ ସକାଳେ ଆମେ ଗୋଟିଏ ଦର୍ଶନୀୟ ସ୍ଥାନ ଦେଖାଇବା ବସରେ ବସି ଅଣ୍ଟାରିଓ ସହରର ଚତୁର୍ଦ୍ଦିଗରେ ବୁଲି ଆସିଥିଲୁଁ । ବସ୍ ପ୍ରାୟ ୩ ଘଣ୍ଟା ପର୍ଯ୍ୟନ୍ତ ଆମକୁ ବାଇଶ ମାଇଲ ଅବାନ୍ତରରେ ବୁଲାଇ ବହୁ ଦର୍ଶନୀୟ ସ୍ଥାନ ଦେଖାଇ ଦେଇଥିଲା । ଏପ୍ରକାର ଦର୍ଶନୀୟ ସ୍ଥାନ ଦେଖାଇବା ବସ୍ ପ୍ରାୟ ସବୁ ସହରରେ ବଡ଼ ବଡ଼ ହୋଟେଲ ସାମନାରେ ମିଳେ । ଅଣ୍ଟାରିଓ ସହରର ପ୍ରାକୃତିକ ଗଠନ ବାସ୍ତବିକ ବଡ଼ ସୁନ୍ଦର । ରିଡ୍ଡ୍ୟୁ କେନାଲ ନାମକ ଏକ କୃତ୍ରିମ ଜଳପଥ ଅଣ୍ଟାରିଓ ସହରର ଚାରି ପାଖରେ ବୁଲି ଆସିଛି । ସେଥିରେ ଜଳବିହାର କରିବାର ମଧ୍ୟ ସୁନ୍ଦର ବନ୍ଦୋବସ୍ତ ଅଛି । ତା ଗୋଡ଼ା ପାଖରେ ନଦୀଟିଏ ମଧ୍ୟ ଅଛି । ଅଦୂରରେ ସୁନୀଳ ପର୍ବତ ଶ୍ରେଣୀ ଓ ବିସ୍ତୃତ ପ୍ରାନ୍ତର । ରାସ୍ତାର ଛକରେ ଯେଉଁ ଆଲୋକ ଖମ୍ବ ଦିଆ ଯାଇଛି ସେଥିରେ ମଧ୍ୟ ସୁନ୍ଦର ସୁନ୍ଦର ପୁଞ୍ଜିକିଆ ଆଲୋକ ଜଳାଇବାର ବନ୍ଦୋବସ୍ତ ଅଛି । ପ୍ରତି ରାସ୍ତାଗୁଡ଼ିକରେ, ଫୁଟ୍ ପାଥ୍ (ପାଦ ଚଲା ବାଟ) ର ପାଖେ ପାଖେ ସବୁଜ ଘାସ ଓ ନାନାବର୍ଣ୍ଣର ସୁନ୍ଦର ଫୁଲଗଛ ଲଗା ଯାଇଛି, ଅବଶ୍ୟ ଏ ସବୁ ସୌନ୍ଦର୍ଯ୍ୟ କେବଳ ଖରାଦିନେ ଅର୍ଥାତ୍ ମେ ମାସ ଠାରୁ ଅକ୍ଟୋବର ମାସ ପର୍ଯ୍ୟନ୍ତ ଦେଖିବାକୁ ମିଳେ । ଶୀତ ଦିନେ ଅବଶ୍ୟ ବରଫ ପଡ଼ିବା ଯୋଗୁଁ ଫୁଲ ଗଛ ସବୁ ମରିଯାଏ । ଚାରିଆଡ଼େ ଧଳା ବରଫ ଜମା ହୋଇ ଯାଏ । ଅଣ୍ଟାରିଓ ରାସ୍ତାର ଦୁଇ ଧାରରେ ଅସଂଖ୍ୟ ମେପଲ୍ ଗଛର ଶ୍ରେଣୀ । ଖରାଦିନେ ସବୁଜ ପତ୍ର ପଲ୍ଲବରେ ତାହା ଭାରି ସୁନ୍ଦର ଦିଶେ । ତାପରେ ଶୀତର ଆଗମ ପୂର୍ବରୁ ଅର୍ଥାତ୍ ଶରତ୍ ଋତୁର ଶେଷ ଭାଗରେ ଉକ୍ତ ବୃକ୍ଷର ପତ୍ର ସବୁ ହଳଦିଆ ଓ ନାରଙ୍ଗୀ ରଙ୍ଗ ଧାରଣ କରି ପାରି ଆସେ । ସେ ସମୟର

ସୌନ୍ଦର୍ଯ୍ୟ ବାସ୍ତବିକ ଅବର୍ଣ୍ଣନୀୟ । ଯେଉଁ ଆଡ଼କୁ ଚାହିଁବ ନାନା ବିଚିତ୍ର ବର୍ଣ୍ଣର ସମାବେଶ । ଆମେ ସେପ୍‌ଟେମ୍ବର ଆଦ୍ୟରେ ଅଟାୱାରେ ପହଞ୍ଚିଥିଲୁଁ । ସେତେବେଳେ ଖରା ସମୟ । ସୁତରାଂ ସବୁଜପତ୍ର ସମ୍ଭାରରେ ରାସ୍ତାଗୁଡ଼ିକ ମଣ୍ଡିତ ହୋଇଥିଲା । ପୁଣି ଦେଢ଼ ମାସ ପରେ ଅର୍ଥାତ୍ ଅକ୍ଟୋବର ମାସରେ ଆମେ ଅଟାୱା ଆସି ଦେଖିଲୁଁ ଯେ ପତ୍ରସବୁ ପାଚି ନାଲ୍, ହଳଦିଆ ଓ ନାରଙ୍ଗୀ ବର୍ଣ୍ଣ ଧାରଣ କରି ରାସ୍ତାର ସୌନ୍ଦର୍ଯ୍ୟକୁ ଆହୁରି ବଢ଼ାଇ ଦେଇଛି । ତା ପରେ ଡ଼ିସେମ୍ବର ମାସ ଦ୍ୱିତୀୟ ସପ୍ତାହରେ ଅଟାୱାକୁ ଫେରି ଦେଖିଲୁ ଯେ ମେପଲ ଗଛର ସେ ସୌନ୍ଦର୍ଯ୍ୟ କୁଆଡ଼େ ଲୁଚି ଯାଇଛି । ସବୁ ଗଛ ଗୁଡ଼ିକ ଲଣ୍ଡା ଠୁଙ୍ଗୁରା । ଗୋଟିଏ ବି ପତ୍ର ନାହିଁ । ଖାଲି ଖାଡ଼ା ଗୁଡ଼ାକ ଠିଆ ହୋଇଛି ଭୂତ ଭଳି । ଚାରିଆଡ଼େ ବରଫର ଧଳା ଆସ୍ତରଣ । ବାସ୍ତବିକ ଶୀତର ଆଗମରେ ଯେପରି ପ୍ରକୃତିର ଶିରୀ ତୁଟି ଯାଇଛି । ଏହାହିଁ ହେଉଛି ଏ ଦେଶର ଏକ ବୈଶିଷ୍ଟ୍ୟ । ବସନ୍ତ ଆଗମରେ ଅର୍ଥାତ୍ ଏପ୍ରିଲ ଶେଷ ଓ ମେ ମାସର ଆରମ୍ଭରେ ଗଛ ଗୁଡ଼ିକ ଫୁଲ ପତ୍ରରେ ମଣ୍ଡିହୋଇ ଉଠନ୍ତି । ପ୍ରକୃତି ହସି ଉଠେ । ଅକ୍ଟୋବର ମାସ ଯାଏ ଏପ୍ରକାର ସୌନ୍ଦର୍ଯ୍ୟ ଅତୁଟ ରହେ । ତା ପରେ ଗଛର ପତ୍ର ଗୁଡ଼ିକ ପାଚିବାକୁ ଆରମ୍ଭ କରେ । ସେତେବେଳେ ରଙ୍ଗ ହୋଇଯାଏ ହଳଦିଆ, ନାଲ୍ ଓ ନାରଙ୍ଗୀ । ତାପରେ ପତ୍ରସବୁ ଖସିପଡ଼ି ଗଛ ସବୁ ଠୁଙ୍ଗୁରା ହୋଇଯାଏ । ଏହି ସମୟକୁ ଏ ଅଞ୍ଚଳରେ "ଫଲ୍" (fall) ସମୟ ବୋଲି କହନ୍ତି । ପ୍ରାୟ ଅଧିକାଂଶ ଗଛର ଅବସ୍ଥା ଏହିପରି ହୋଇଥାଏ । ତେବେ କେତେକ ଚିର ସବୁଜ ଗଛ ଅଛି ଯାହାର ପତ୍ର ଝଡ଼େ ନାହିଁ । ସାଧାରଣତଃ 'ସ୍ପ୍ରୁସ୍' (Spruce) ବୋଲି ଏକ ଗଛ ଅଛି ଯାହାର ପତ୍ର ଆଦୌ ଝଡ଼େ ନାହିଁ । ଆମ ଦେଶ ତୁଳନାରେ ଆମେରିକାରେ ଗଛ ପତ୍ରର ପ୍ରକାର ପ୍ରଭେଦ କମ୍ ବୋଲି

ମୋର ମନେ ହୁଏ । ସାଧାରଣତଃ ଦୁଇପ୍ରକାର ବୃକ୍ଷ ଅତ୍ୟଧିକ ପରିମାଣରେ ଦେଖାଯାଏ । ସେଥିମଧ୍ୟରୁ ଗୋଟିଏ ହେଉଛି "ମେପଲ୍" ଓ ଅନ୍ୟଟି ହେଉଛି 'ସ୍ପ୍ରୁସ୍' । 'ମେପଲ୍' ଗଛକୁ ଏ ଅଞ୍ଚଳ ଭାରି ଆଦର କରନ୍ତି । ଅଧିକାଂଶ ସ୍ଥାନର ନାମ ସାଙ୍ଗରେ ମେପଲ୍ ପତ୍ରର ନାମ ଯୋଡ଼ା ଯାଇଥାଏ ଓ ମେପଲ ପତ୍ରର ଛବି ମଧ୍ୟ ଅଙ୍କା ଯାଇଥାଏ । ଏହି ମେପଲ ଗଛରୁ ଏକ ପ୍ରକାର ମିଠା ରସ ନିର୍ଗତ ହୁଏ ଯାହାକୁ 'ମେପଲ ସିରପ୍' ବୋଲି କହନ୍ତି । ଏ ପ୍ରକାର ମେପଲ ସିରପ୍ ଠିକ୍ ପାଣିଆ ଗୁଡ଼ ବା ମହୁ ପରି ଲାଗେ । ସାଧାରଣ ପିଠା ସଙ୍ଗରେ ଏହି ମେପଲ ସିରପ୍ ବ୍ୟବହାର କରାଯାଏ । ମେପଲ୍ ଗଛର ପତ୍ର ପ୍ରଥମେ ସବୁଜ ଥାଏ, ପରେ ହଳଦିଆ, ନାଲି ଓ ନାରଙ୍ଗୀ ବର୍ଣ୍ଣ ଧାରଣ କରେ ତାପରେ ଝଡ଼ିପଡ଼େ । କିନ୍ତୁ ସ୍ପ୍ରୁସ୍ ଗଛର ପତ୍ର ଚିର ସବୁଜ । ଶୀତଦିନେ ବି ଝଡ଼େ ନାହିଁ । ସାଧାରଣତଃ ଜଙ୍ଗଲରେ ଏ ପ୍ରକାର ଗଛ ବହୁତ ଦେଖାଯାଏ । ଏହାର କାଠରୁ କାଗଜ ପଲ୍ପ ତିଆରି କରାଯାଏ । ସେଥିପାଇଁ କାନାଡ଼ାରେ କାଗଜ ବହୁ ପରିମାଣରେ ତିଆରି କରାଯାଏ । କାଗଜର ବ୍ୟବହାର ମଧ୍ୟ ବହୁତ । ଯେଉଁ ଦୋକାନକୁ ଯାଅ, ଯାହା କିଛି ଖରିଦ କର, ସେ ଗୋଟିଏ ସୁନ୍ଦର କାଗଜ ଠୁଙ୍ଗାରେ ଆପଣଙ୍କୁ ଜିନିଷ ଦେବ । ସେ କାଗଜ ଠୁଙ୍ଗା ଅବଶ୍ୟ ଆମ ଦେଶର ଖବର କାଗଜ ଠୁଙ୍ଗା ପରି ନୁହେଁ । ଭାରି ଚିକଣିଆ କାଗଜରେ ସୁନ୍ଦର ଭାବରେ ତିଆରି କରା କାଗଜର ଖୋଳ ।

ସେପ୍ଟେମ୍ବର ତା ୪ ରିଖରେ ଆମେ ଅଟାଓ୍ୱାରେ ପହଞ୍ଚିଥିଲୁ । ପ୍ରାୟ ୪।୫ ଦିନ ଅଟାଓ୍ୱାରେ ରହିଲା ପରେ ଆମକୁ ଅଟାଓ୍ୱା

ଛାଡ଼ି ଅନ୍ୟତ୍ର ଯିବାକୁ ପଡ଼ିଲା । ଅଟାଓ୍ୱାରେ କାନାଡ଼ା ସରକାରଙ୍କର କୃଷି ବିଭାଗ, ଯାହା ସହିତ ସମବାୟ ବିଭାଗ ମଧ୍ୟ ଜଡ଼ିତ ଅଛି, ଆମର ଗସ୍ତର ପ୍ରୋଗ୍ରାମ ଠିକ୍ କରିଦେଲେ ।

କାନାଡ଼ା ସରକାରଙ୍କ କୃଷି ବିଭାଗର ଡାଇରେକ୍ଟର ମିଷ୍ଟର ଟ୍ରୁମାନ ବାସ୍ତବିକ ଜଣେ ବିଜ୍ଞ ଓ ଉଦାର ହୃଦୟର ଲୋକ । ତାଙ୍କର ସେକ୍ରେଟାରୀ ମିସ୍ ଏଡ୍‌ଗେଲେର ମଧ୍ୟ ଜଣେ ତୀକ୍ଷ୍ଣ ବୁଦ୍ଧି ସମ୍ପନ୍ନା ମହିଳା । ପ୍ରଥମେ ଆମେ ଯେତେବେଳେ ମିଷ୍ଟାର ଟ୍ରୁମାନଙ୍କ ସହିତ ଭେଟିଲୁଁ ସେ ଆମ୍ଭମାନଙ୍କୁ ନାନା ପ୍ରକାର ମିଷ୍ଟାଳାପ ଦ୍ୱାରା ଆପ୍ୟାୟିତ କରିଥିଲେ । ମିଷ୍ଟାର ଟ୍ରୁମାନଙ୍କ ନିର୍ଦ୍ଦେଶରେ ତାଙ୍କର ସିନିଅର ଇକନମିଷ୍ଟ ମିଷ୍ଟର ଓମେରା ଯେ କି ସମବାୟ ବିଭାଗର ଚାର୍ଜରେ ଅଛନ୍ତି, ଆମର ଶିକ୍ଷା ଗସ୍ତର ପ୍ରୋଗ୍ରାମ ଠିକ୍ କରି ଦେଇଥିଲେ ।

---

[ ତିନି ]

## ଅଟାଓ୍ୱାରୁ ଟରୋଣ୍ଟୋ

ଆମର ପ୍ରୋଗ୍ରାମ ଅନୁସାରେ ସେପ୍ଟେମ୍ବର ମାସ ତା ୯ ରିଖରେ ଆମକୁ ଅଟାଓ୍ୱା ଛାଡ଼ିବାକୁ ହେଲା । କାନାଡ଼ା ସରକାରଙ୍କ କୃଷି ବିଭାଗର ସିନିଅର ଇକନମିଷ୍ଟ ମିଷ୍ଟର ଓମେରା ଆମ୍ଭମାନଙ୍କୁ ସଙ୍ଗରେ ନେଇ ପ୍ରଥମ ଗସ୍ତରେ ବାହାରିଲେ ।

ଏକ ସରକାରୀ କାର୍‌ରେ ଆମେ ଯାଇଥିଲୁଁ । ମିଷ୍ଟର ଓମେରା ନିଜେ ଡ୍ରାଇଭ୍ କରୁଥିଲେ । ଏଠାରେ କହି ରଖିବା ଦରକାର ଯେ ଆମ ଦେଶ ପରି ଏଠାରେ କେହି ଡ୍ରାଇଭର ନିଯୁକ୍ତ କରନ୍ତି

ନାହିଁ । ନିଜେ ନିଜେ ମୋଟରକାର୍ ଚଳାନ୍ତି । କାରଣ ଏ ଦେଶର ବେତନ ହାର ଏତେ ଅଧିକ ଯେ ସେଥିରେ କୌଣସି ନୌକର ନିଯୁକ୍ତ କରିବା ଅସମ୍ଭବ କହିଲେ ଚଳେ । ଆମେ ଯେଉଁ ରାସ୍ତାରେ ଯାଉଥିଲୁଁ ତାହା କାନାଡ଼ାର ଏକ "ହାଇୱେ" ଅର୍ଥାତ୍ ପ୍ରଧାନ ରାସ୍ତା । ସୁନ୍ଦର ପିଚୁଦିଆ ରାସ୍ତା, ଖୁବ୍ ପ୍ରଶସ୍ତ । ରାସ୍ତା ମଝିରେ ଦୁ'ଭାଗ କରିବାପାଇ ଏକ ଧଳା ଗାର ଟଣାଯାଇଛି । ଆମେରିକାର ନିୟମ ଅନୁସାରେ ରାସ୍ତାର ଡାହାଣ ପାଖ ମାଡ଼ି ଗାଡ଼ି ଚଳାଇବାର କଥା । ସେଥିପାଇଁ ଧଳା ଗାରର ଗୋଟିଏ ପାଖରେ ଗାଡ଼ି ଯାଏ ଓ ଅନ୍ୟପାଖ ଦେଇ ଗାଡ଼ି ସବୁ ବିପରୀତ ଦିଗରୁ ଆସେ । ପ୍ରତ୍ୟେକେ ରାସ୍ତାର ଡାହାଣ ଦିଗ ମଡ଼ାଇ ଗାଡ଼ି ଚଳାନ୍ତି । ସାଧାରଣତଃ ଆମେରିକାର ଗାଡ଼ିଗୁଡ଼ିକୁ ଖୁବ୍ ଜୋରରେ ଚଳାଇଥାନ୍ତି । ଘଣ୍ଟାରେ ଖୁବ୍ କମ୍‌ରେ ୫୦।୬୦ ମାଇଲରୁ କମ୍ ନୁହେଁ । ରାସ୍ତାରେ ଏତେ କଟକଣା ଥିବା ସତ୍ତ୍ୱେ ଆମେରିକାରେ ଏତେ ଅଧିକ ସଂଖ୍ୟାରେ ମୋଟର ଏକ୍ସିଡେଣ୍ଟ ହୁଏ ଯେ କହିଲେ ନ ସରେ । ପ୍ରତିଦିନ ଖବର କାଗଜରେ ଚାରି ଛଅଟା ମୋଟର ଏକ୍ସିଡେଣ୍ଟର ବିବରଣ ଥାଏ । ଏହାର କାରଣ ହେଉଛି ଯେ ମୋଟର ଚଳାଇଲା ବେଳେ ଏମାନେ ବେପରୁଆ ହୋଇ ଗାଡ଼ି ଚଳାନ୍ତି ଓ ଖୁବ୍ ତୀବ୍ରବେଗରେ ଗାଡ଼ି ଚଳଉଥାନ୍ତି । ମୋଟର ରାସ୍ତାରେ ପ୍ରତି କୋଡ଼ିଏ ପଚିଶ ମାଇଲ ଅନ୍ତରରେ ପେଟ୍ରୋଲ ଭଣ୍ଡାର ଥାଏ । ଏଠାରେ ସାଧାରଣତଃ ପେଟ୍ରୋଲକୁ "ଗ୍ୟାସୋଲିନ୍" ବୋଲି କହନ୍ତି । ଗାଡ଼ି ପେଟ୍ରୋଲ ଭଣ୍ଡାର ନିକଟରେ ପହଞ୍ଚିଲାକ୍ଷଣି ପେଟ୍ରୋଲ ଭଣ୍ଡାରର କର୍ମଚାରୀ ତେଲ ଭରିଦିଏ । ତାପରେ ଗାଡ଼ିରେ ପାଣି ଅଛି କି ନାହିଁ, ମୋବିଲ ଅଛି କି ନାହିଁ ଇତ୍ୟାଦି ଚେକ୍ କରିଦିଏ ଓ ମୋଟର କାଚଗୁଡ଼ିକୁ

ଯୋଗୁଁ ଦିଏ; ଫଳରେ ମୋଟର ମାଲିକ ତାଙ୍କୁ କିଛି ବକ୍‌ସିସ୍ ଦେଇ ବିଦାୟ ଦିଏ ।

ଏହି ବକ୍‌ସିସ୍ ପ୍ରଥା ଏ ଦେଶରେ ଏତେ ଅଧିକ ଯେ ପ୍ରତ୍ୟେକ ସ୍ଥଳରେ କିଛି ନା କିଛି ବକ୍‌ସିସ୍ ଦେବାକୁ ପଡେ । ଏହାକୁ ସାଧାରଣତଃ 'ଟିପ୍' ବୋଲି କହିଥାନ୍ତି । ଏହି ବକ୍‌ସିସ୍ ପ୍ରାୟ ପ୍ରତି ଜାଗାରେ ଦେବାକୁ ପଡ଼େ, ଏପରି କି ଟାକ୍ସିରେ ଗଲେ ମଧ୍ୟ ଟାକ୍ସିର ମିଟର୍‌ରେ ଉଠିଥିବା ଭଡ଼ା ତ ଦେବାକୁ ହୁଏ ତା ଛଡା କିଛି ଅଧିକା ମଧ୍ୟ ବକ୍‌ସିସ୍ ଦେବାକୁ ହୁଏ ।

ପ୍ରଥମେ ଆମେ ଯାଇ "କେମ୍ପଟଭିଲେ" ନାମକ ଏକ ସ୍ଥାନରେ ପହଞ୍ଚିଲୁଁ । ତାହା ଏକ ଗ୍ରାମ ବା ଗୋଟିଏ ଛୋଟ ସହର କହିଲେ ଚଳେ । "ଭିଲେ" ଅର୍ଥ ଗ୍ରାମ । 'କେମ୍ପଟଭିଲେ' ରେ ଗୋଟିଏ କୃଷି ବିଦ୍ୟାଳୟ ଅଛି । ମିଷ୍ଟର ଓମେଗ୍ ଆମକୁ ନେଇ ଉକ୍ତ ବିଦ୍ୟାଳୟ ବୁଲାଇ ଦେଖାଇ ଆଣିଲେ । ସେଠାରେ ପୁଅ ଓ ଝିଅ-ମାନଙ୍କ ପାଇଁ ଦୁଇଟା ସ୍ୱତନ୍ତ୍ର ବୋର୍ଡିଂ ଅଛି । ସ୍କୁଲର ଅବସ୍ଥିତି ଭାରି ସୁନ୍ଦର । ଉକ୍ତ ସ୍ଥାନରେ ଏକ ଗୋ ପ୍ରଜନନ କେନ୍ଦ୍ର ମଧ୍ୟ ଅଛି । ଆମ୍ଭେମାନେ ଉକ୍ତ ଗୋ ପ୍ରଜନନ କେନ୍ଦ୍ର ପରିଦର୍ଶନ କରିଥିଲୁଁ । ସେଠାରେ ପ୍ରାୟ ୨୫।୩୦ଟି ବଡ଼ ବଡ଼ ଷଣ୍ଢ ରଖା-ଯାଇଛନ୍ତି । ସେ ଷଣ୍ଢ ଗୁଡ଼ିକର ଆକୃତି ଦେଖିଲେ ସ୍ତମ୍ଭୀତ ହୋଇ ଯିବାକୁ ହୁଏ । ଏପରି ସୁନ୍ଦର ଷଣ୍ଢ ମୁଁ ପ୍ରାୟ ଦେଖି ନ ଥିଲି ।

ଉକ୍ତ ସ୍ଥାନରେ ଅମ୍ଭମାନଙ୍କ ପ୍ରଧାନ ଦର୍ଶନୀୟ ବସ୍ତୁ ହୋଇ-ଥିଲା ଏକ ସମବାୟ ଗୋ ଖାଦ୍ୟ ପ୍ରସ୍ତୁତକାରୀ କଳ । ପ୍ରାଦେଶିକ ସମବାୟ ସମିତିଦ୍ୱାରା ଉକ୍ତ ମିଲ୍‌ଟି ଚାଲେ । ସାଧାରଣତଃ ସେଠାରେ ପଶୁମାନଙ୍କ ଖାଦ୍ୟ ବୈଜ୍ଞାନିକ ଉପାୟରେ ପ୍ରସ୍ତୁତ

କରାଯାଏ । ପଶୁ ଡାକ୍ତରମାନଙ୍କ ପରାମର୍ଶ ଅନୁସାରେ ବିଭିନ୍ନ ପ୍ରକାର ଭିଟାମିନ୍‌ଯୁକ୍ତ ଖାଦ୍ୟକୁ ମିଶାଇ ଏକପ୍ରକାର ଉତ୍କୃଷ୍ଟ ପଶୁଖାଦ୍ୟ ପ୍ରସ୍ତୁତ କରାଯାଏ ଓ ତାହା ବସ୍ତାବନ୍ଦ କରି ବିକ୍ରି କରାଯାଏ । ସାଧାରଣତଃ କୃଷକମାନେ ଏପ୍ରକାର ପଶୁଖାଦ୍ୟ ବହୁ ପରିମାଣରେ ଖରିଦ୍ କରିଥାନ୍ତି ।

ପଶୁ ଖାଦ୍ୟ ପ୍ରସ୍ତୁତ କରି ଯୋଗାଇବା ଏ ଅଞ୍ଚଳରେ ଏକ ପ୍ରଧାନ କାର୍ଯ୍ୟ କହିଲେ ଚଳେ । କାରଣ ଏ ଦେଶର କୃଷକ-ମାନେ ଯେଉଁ ପଶୁପାଳନ କରନ୍ତି ସେମାନଙ୍କୁ ବେଶ୍ ଭଲ ଭାବରେ ଖୁଆଇ ପିଆଇ ସୁପୁଷ୍ଟ କରି ରଖନ୍ତି । ଅବଶ୍ୟ ଦୁଧିଆଳୀ ଗାଈକୁ ଛାଡ଼ିଦେଲେ ଅନ୍ୟ ପଶୁଗୁଡ଼ିକ ମାଂସ ଯୋଗାଇବା ପାଇଁ ରଖା ହୋଇଥାନ୍ତି; କିନ୍ତୁ ସେଗୁଡ଼ିକ ଏତେ ସୁନ୍ଦର ଭାବରେ ରଖା ହୋଇଥାନ୍ତି ଯେ ଦେଖିଲେ ଆଶ୍ଚର୍ଯ୍ୟ ହେବାକୁ ହୁଏ । ପଶୁଗୁଡ଼ିକ ବେଶ୍ ମୋଟା ସୋଟା କରି ରଖା ଯାଇଥାନ୍ତି । କାରଣ ତାହାହେଲେ ଉତ୍କୃଷ୍ଟ ମାଂସ ରୂପେ ବ୍ୟବହୃତ ହୋଇ ପାରିବେ । ମାଂସ ପାଇଁ ରଖା ଯାଉଥିବା ପଶୁମାନଙ୍କ ମଧ୍ୟରେ ଗୋରୁ ଓ ଘୁଷୁରି ପ୍ରଧାନ । ଆମ ଦେଶରେ ଘୁଷୁରିମାନେ ଯେପରି ବଣ ପଦାରେ ବୁଲି ଅଖାଦ୍ୟ ଖାଆନ୍ତି ଏ ଦେଶର ଘୁଷୁରି ସେପରି କରିବାର ସୁଯୋଗ ପାଆନ୍ତି ନାହିଁ । ସେମାନଙ୍କୁ ଉପଯୁକ୍ତ ଭିଟାମିନ୍ ଯୁକ୍ତ ଖାଦ୍ୟ ଯୋଗାଇ ଦେଇ ବେଶ୍ ସୁପୁଷ୍ଟ କରି ରଖା ଯାଇଥାଏ ।

ଡିକମ୍ଟଭିଲେ ଗ୍ରାମରେ ଗୋଟିଏ ସମବାୟ ଭଣ୍ଡାର ମଧ୍ୟ ଅଛି । ସ୍ଥାନୀୟ ଅଧିବାସୀ ଓ ଆଖ ପାଖ ଗ୍ରାମର ଅଧିବାସୀମାନେ ଏଥିରେ ସଭ୍ୟ ହୋଇଛନ୍ତି । ଉକ୍ତ ସମବାୟ ଭଣ୍ଡାର ଚାଷୀମାନଙ୍କୁ ଯଥେଷ୍ଟ ସାହାଯ୍ୟ କରିଥାଏ, ଚାଷୀମାନେ ସେମାନଙ୍କର

ଆବଶ୍ୟକୀୟ ଜିନିଷ ପତ୍ର ଏହି ସମବାୟ ଭଣ୍ଡାରରୁ କ୍ରୟ କରିଥାନ୍ତି ଓ ସେମାନଙ୍କର ଉତ୍ପନ୍ନ ଫସଲ ଏହି ସମିତି ଜରିଆରେ ବିକ୍ରୟ କରିଥାନ୍ତି । କୁକୁଡ଼ାପାଳନକାରୀ ଚାଷୀମାନେ ସେମାନଙ୍କର ଅଣ୍ଡା ଏହି ସମିତି ଜରିଆରେ ବିକ୍ରୟ କରିଥାନ୍ତି । ଅଣ୍ଡାକୁ ପରୀକ୍ଷା କରି ଗ୍ରେଡ଼ିଂ କରାଯାଏ । ସେଥିପାଇଁ ଏକ ପ୍ରକାର ଯନ୍ତ୍ର ଅଛି । ତାହା ଉପରେ ଅଣ୍ଡାଗୁଡ଼ିକୁ ଗଡ଼ାଇ ଦେଲେ ତାହା ଓଜନ ଅନୁସାରେ ବିଭିନ୍ନ ପାତ୍ର ମଧ୍ୟକୁ ଚାଲିଯାଏ । ଅଣ୍ଡାକୁ ପରୀକ୍ଷା କରିବା ପାଇଁ ଏକ ପ୍ରକାର ଇଲେକ୍‌ଟ୍ରିକ୍ ଆଲୋକ ଦ୍ୱାରା ଦେଖି ନିଆଯାଏ । ଏହି ସମବାୟ ସମିତିରେ ଚାଷୀମାନଙ୍କର ଉତ୍ପନ୍ନ ଫସଲକୁ ପରିଷ୍କାର କରିବା ପାଇଁ ଏକ ଯନ୍ତ୍ର ବି ଅଛି । ମୋଟ ଉପରେ କହିବାକୁ ଗଲେ ଏହି ସମବାୟ ସମିତି ଚାଷୀମାନଙ୍କୁ ବହୁ ପ୍ରକାରେ ସାହାଯ୍ୟ କରିଥାଏ । ବର୍ଷ ଶେଷରେ ସମିତିରେ ଯାହା ନିଟ୍ ଲାଭ ହୁଏ ତାହାକୁ ଯେଉଁ ଚାଷୀ ଯେଉଁ ପରିମାଣରେ ସମିତି ସହିତ କାରବାର କରିଥାନ୍ତି ସେହି ଅନୁପାତରେ ବାଣ୍ଟି ଦିଆଯାଏ । ତେବେ ସାଧାରଣତଃ ଏହି ଲଭାଂଶକୁ ନଗଦ ଦିଆ ନ ଯାଇ ସଭ୍ୟଙ୍କ ନାମରେ ଜମା କରି ଦିଆଯାଏ । ଉକ୍ତ ଟଙ୍କାରେ ସମିତିର କାରବାର ଚାଲେ । ପ୍ରତି ପାଞ୍ଚ ସାତ ବର୍ଷ ପରେ ସଭ୍ୟଙ୍କ ନାମରେ ଜମା ଥିବା ଟଙ୍କା ତାଙ୍କୁ କଳନ୍ତର ସହିତ ଫେରାଇ ଦିଆଯାଏ ।

କେମ୍ପଟେଭିଲେର ସମବାୟ ସମିତି ଓ ସ୍ଥାନୀୟ ଦର୍ଶନୀୟ ବସ୍ତୁ ଦେଖି ସାରି ଆମେ ପୁଣି ପ୍ରସ୍ଥାନ କଲୁ । ପ୍ରାୟ ସନ୍ଧ୍ୟା ବେଳକୁ ଆମେ "ବ୍ରୋକ୍‌ଭିଲେ" ନାମକ ଅନ୍ୟ ଏକ ସ୍ଥାନରେ ପହଞ୍ଚିଲୁଁ । ତାହା ଗୋଟିଏ ସାନ ସହର କହିଲେ ଚଳେ । ରହିବା ପାଇଁ ହୋଟେଲ୍ ଅଛି ଓ ଦୋକାନ ପତ୍ର ବେଶ୍ ଅଛି । ଆମ୍ଭେମାନେ ଗୋଟିଏ ହୋଟେଲରେ ଆଶ୍ରୟ ନେଲୁଁ ।

ତହିଁ ପରଦିନ ସକାଳେ ଉଠି ଅମ୍ଭେମାନେ ସ୍ନାନାଦି
ତ୍ୟକର୍ମ ସାରିଦେଇ ବ୍ରୋକ୍‌ଭିଲେ ସହରର ସମବାୟ ଭଣ୍ଡାର
ରିଦର୍ଶନ କରି ଗଲୁଁ । ଏହା ଏକ ବଡ଼ ସୁପରିଚାଳିତ ସମବାୟ
ମିତି । ଏହା ସବୁ ପ୍ରକାର ଜିନିଷ କାରବାର କରେ । ଏହାର
ଜେନେରାଲ ମେନେଜାର ଆମକୁ ସବୁ ବୁଲାଇ ଦେଖାଇ ଦେଲେ
କିପରି ସୁବିଧାରେ ହିସାବ ପତ୍ର ରଖାଯାଉଛି ବୁଝାଇ ଦେଲେ;
ାପରେ ଅମ୍ଭମାନଙ୍କୁ ଗୋଟିଏ ଗୋଟିଏ ସୁନ୍ଦର ପେନ୍‌ସିଲ
ଭଟି ଦେଲେ । ଉକ୍ତ ସୋସାଇଟିର ଗୋଦାମ ଘରେ ସବୁ
କାର ଜିନିଷ ମହଜୁଦ୍ ଅଛି, ମାଂସ ପ୍ରଭୃତି ରଖିବା ପାଇଁ ବରଫ
ର ବା କୋଲ୍‌ଡ୍ ଷ୍ଟୋରେଜ୍ ମଧ୍ୟ ଅଛି । କୁକୁଡ଼ା ମାରି
ାଂସରେ ପରିଣତ କରିବା ପାଇଁ ସୁନ୍ଦର ବ୍ୟବସ୍ଥା ମଧ୍ୟ ଅଛି ।
ମେନେଜାର ଅମ୍ଭମାନଙ୍କୁ ଉକ୍ତ କୁକୁଡ଼ା ମାରିବା ଘରକୁ ନେଇ
ପରି ସୁବିଧାରେ ଶହ ଶହ କୁକୁଡ଼ାକୁ ଅଳ୍ପ ସମୟରେ
ଇଲେକ୍‌ଟ୍ରିକ୍ ଛୁରି ଦ୍ୱାରା ମାରିଦିଆଯାଏ ଓ କିପରି ସେମାନଙ୍କୁ
ରିଷ୍କାର କରି ଷ୍ଟାମ୍ପ ଦେଇ ପ୍ୟାକ୍ କରିଦିଆଯାଏ ଦେଖାଇ
ଦେଲେ ।

ବ୍ରୋକ୍‌ଭିଲେରୁ ଅମ୍ଭେ ଗାନାନୋକେ ନାମକ ଅନ୍ୟ ଏକ
ାନକୁ ଗଲୁଁ । ଉକ୍ତ ସ୍ଥାନଟି ସେଣ୍ଟଲରେନ୍ସ ନାମକ ଏକ ସୁନ୍ଦର
ଶାଳକାୟ ନଦୀର ଧାରରେ ଅବସ୍ଥିତ । ଉକ୍ତ ନଦୀର ଗର୍ଭରେ
ହ ଶହ କ୍ଷୁଦ୍ର କ୍ଷୁଦ୍ର ଟାପୁ ବା ଦ୍ୱୀପ ସବୁ ଅଛି । ସାଧାରଣତଃ ସ୍ଥାନୀୟ
ଲୋକେ ଏ ନଦୀକୁ **A river of thousand islands** ବା
ହସ୍ର ଦ୍ୱୀପର ନଦୀ ବୋଲି କହନ୍ତି । ନଦୀ କୂଳରୁ ଚାହିଁଲେ
ହ ଶତ ସହସ୍ର ଦ୍ୱୀପଗୁଡ଼ିକର ଦୃଶ୍ୟ ବଡ଼ ଚମତ୍କାର ଦିଶେ ।
ଆମେରିକାର ଯୁକ୍ତ ପ୍ରଦେଶରୁ ଶହ ଶହ ସଂଖ୍ୟାରେ ଭ୍ରମଣକାରୀମାନେ

ଛୁଟି ଉପଭୋଗ କରିବା ପାଇଁ ବା ଦୃଶ୍ୟ ଦେଖିବା ପାଇଁ ଏ ସ୍ଥାନକୁ ଆସନ୍ତି । ସେମାନଙ୍କର ପରିତୃପ୍ତି ପାଇଁ ଜଳବିହାର କରିବାର କି ସୁନ୍ଦର ବ୍ୟବସ୍ଥା ଅଛି ! ବହୁ ସଂଖ୍ୟକ ମୋଟର ଲଞ୍ଚ ଯାତ୍ରୀମାନଙ୍କୁ ନେଇ ନଦୀ ଗର୍ଭରେ ବୁଲାଇବା ପାଇଁ ସର୍ବଦା ପ୍ରସ୍ତୁତ ଥାଏ ।

ଆମ୍ଭେମାନେ ନଦୀ ଗର୍ଭରେ ବୁଲିବା ପାଇଁ ଇଚ୍ଛା ପ୍ରକାଶ କରିବାରେ ଏପରି ଗୋଟିଏ ଲଞ୍ଚର ବନ୍ଦୋବସ୍ତ ହେଲା । ଗୋଟିଏ ଘଣ୍ଟା ବୁଲିବା ପାଇଁ ଗୋଟିଏ ଡଲାର ବା ପାଞ୍ଚଟଙ୍କା ଦେବାକୁ ପଡ଼େ । ଆମର ଲଞ୍ଚ ତୀର ଛାଡ଼ି ନଦୀ ଗର୍ଭକୁ ଗତି କଲା । ନଦୀ ଗର୍ଭର ଏହି ଅସଂଖ୍ୟ ଦ୍ୱୀପଗୁଡ଼ିକ ନାନା ତରୁଲତାରେ ପୂର୍ଣ୍ଣ । ଏହି ଦ୍ୱୀପମାନଙ୍କରେ ଅନେକ ଧନୀ ଲୋକେ ସ୍ୱାସ୍ଥ୍ୟ ସୁଖ ଓ ଆମୋଦ ଉପଭୋଗ କରିବା ପାଇଁ ଅନେକଗୁଡ଼ିଏ ସୁନ୍ଦର ସୁନ୍ଦର ନାନା ରଙ୍ଗ ବେରଙ୍ଗର କୁଟୀର ବା କ୍ୟାବିନ୍ ନିର୍ମାଣ କରିଛନ୍ତି । ଏହି ଶତ ସହସ୍ର ଦ୍ୱୀପ ସମନ୍ୱିତ ସେଣ୍ଟ ଲରେନ୍ସ ନଦୀର ଜଳବିହାର ବାସ୍ତବିକ୍ ଏକ ଅତି ଆନନ୍ଦଦାୟକ ବିଷୟ ହୋଇଥିଲା ଆମ ପକ୍ଷରେ । ଦେଖିଲୁଁ ନଦୀ କୂଳରେ ଭ୍ରମଣକାରୀମାନଙ୍କର ବାସ ପାଇଁ ଅନେକଗୁଡ଼ିଏ ଛୋଟ ଛୋଟ କୁଟୀର ବା କ୍ୟାବିନ୍ ନିର୍ମିତ ହୋଇଛି । ଏହାକୁ ସାଧାରଣତଃ 'ମୋଟେଲ୍' ବୋଲି କହନ୍ତି । ଯାତ୍ରୀମାନେ ସାଧାରଣତଃ ଏପରି ଗୋଟିଏ ଗୋଟିଏ କ୍ଷୁଦ୍ର କୁଟୀର ଭଡ଼ା କରି ରାତ୍ରି ଯାପନ କରନ୍ତି ଓ ନଦୀ କୂଳର ଦୃଶ୍ୟ ଓ ଜଳବିହାର ଇତ୍ୟାଦିରେ ଆନନ୍ଦ ଉପଭୋଗ କରନ୍ତି । କେହି କେହି ବା ନଦୀରେ ବନ୍ସି ପକାଇ ମାଛ ଧରନ୍ତି । ଯାତ୍ରୀ ବ୍ୟବସାୟରୁ କାନାଡ଼ାର ନଦୀ କୂଳ ନିବାସୀ ଲୋକେ ବହୁ ଅର୍ଥ ରୋଜଗାର କରିଥାନ୍ତି । ଯେଉଁମାନେ

ଆମୋଦ ପ୍ରମୋଦ କରିବାକୁ ଆସିଥାନ୍ତି ସେମାନେ ସାଧାରଣତଃ ଧନୀ ହୋଇଥାନ୍ତି । ତାପରେ ଅଳ୍ପ ସମୟ ପାଇଁ ଆସିଥିବାରୁ ପଇସା ଖର୍ଚ୍ଚ କରିବାରେ କୁଣ୍ଠା ପ୍ରକାଶ କରନ୍ତି ନାହିଁ । ଫଳରେ ଏହି ଯାତ୍ରୀ ବ୍ୟବସାୟ ବିଶେଷ ଲାଭପ୍ରଦ ହୋଇଥାଏ । କାନାଡାର ବହୁ ଅଞ୍ଚଳରେ ନଦୀ, ହ୍ରଦ, ପର୍ବତ ଉପତ୍ୟକା ଇତ୍ୟାଦି ବହୁ ପ୍ରାକୃତିକ ଦୃଶ୍ୟ ସମ୍ବଳିତ ସ୍ଥାନ ଥିବାରୁ ଆମେରିକାର ଯୁକ୍ତରାଜ୍ୟରୁ ବହୁ ସଂଖ୍ୟକ ଯାତ୍ରୀ ଛୁଟି ଉପଭୋଗ କରିବାପାଇଁ ଓ ଆମୋଦ ପ୍ରମୋଦ କରିବାପାଇଁ କାନାଡା ଅଞ୍ଚଳକୁ ଯାଇଥାନ୍ତି । ବିଶେଷତଃ ଖରାଦିନେ ଅର୍ଥାତ୍ ମେ ମାସରୁ ଆରମ୍ଭ କରି ସେପ୍ଟେମ୍ବର ଶେଷଯାଏ ଏ ପ୍ରକାର ଯାତ୍ରୀ ସମାଗମ ହୋଇଥାଏ । ଫଳରେ କାନାଡା ଯାତ୍ରୀ ବ୍ୟବସାୟରୁ ଯଥେଷ୍ଟ ଲାଭ ପାଇଥାଏ । ଆମ ଦେଶରେ ଏପରି କେତେ ମନୋରମ ପ୍ରାକୃତିକ ଦୃଶ୍ୟ ସମ୍ବଳିତ ସ୍ଥାନ କ'ଣ ନାହିଁ ? କିନ୍ତୁ ଯାତ୍ରୀମାନଙ୍କର ସୁବିଧା ସୁଯୋଗପାଇଁ କୌଣସି ବ୍ୟବସ୍ଥା ନ ଥିବାରୁ ଆମେ ଆମର ଦର୍ଶନୀୟ ସ୍ଥାନ ଗୁଡ଼ିକୁ ଦେଖାଇ ପାରୁନାହୁଁ କିମ୍ବା ଯାତ୍ରୀ ବ୍ୟବସାୟରୁ କାଣି କଉଡ଼ିଟିଏ ବି ଲାଭ କରି ପାରୁନାହୁଁ । ଆମ ଓଡ଼ିଶାର ଚିଲିକା କୂଳରେ ଯଦି ଏପରି ଯାତ୍ରୀନିବାସ କୁଟୀର ଗଢ଼ି ଦିଆଯାନ୍ତା ଓ ଚିଲିକା ବକ୍ଷରେ ଜଳବିହାର କରିବାର ସୁବିଧା କରି ଦିଆଯାନ୍ତା ତେବେ ମୋର ମନେହୁଏ ଓଡ଼ିଶା ବାହାରୁ ବହୁ ଯାତ୍ରୀ ଓ ଦର୍ଶକ ଆସି ଛୁଟି ଉପଭୋଗ କରୁଆନ୍ତେ ଓ ଫଳରେ ଯାତ୍ରୀ ବ୍ୟବସାୟରୁ ଓଡ଼ିଶା ବେଶ୍ ଲାଭ ପାଇପାରନ୍ତା । ସେହିପରି ଓଡ଼ିଶାର ବହୁ ଦର୍ଶନୀୟ ସ୍ଥାନରେ ଯାତ୍ରୀ ସମାଗମର ସୁବିଧା କରାଇଦେଇ ପାରିଲେ ଓଡ଼ିଶା ଯେ ଯଥେଷ୍ଟ ଲାଭବାନ୍ ହୁଅନ୍ତା ଏଥିରେ ସନ୍ଦେହ ନାହିଁ । ଦେଶର ସୁଧୀସମାଜଙ୍କର ସୁଦୃଷ୍ଟି ଏ ଦିଗରେ ପଡ଼ିବ କି ?

ସେଣ୍ଟ ଲରେନ୍ସ ନଦୀର ଜଳବିହାର ପରେ ସ୍ଥାନୀୟ ସମବାୟ ସମିତି ପରିଦର୍ଶନ କରି ଅମ୍ଭେମାନେ ପୁଣି ବ୍ରୋକଭିଲେକୁ ଫେରି ଆସିଲୁଁ । ସେଠାରେ ମିଷ୍ଟର ଓମେ ଆମକୁ ଟରୋଣ୍ଟୋ ଯିବାପାଇଁ ଟ୍ରେନ୍‌ରେ ବସାଇଦେଇ ବିଦାୟ ଦେଲେ । ସେତେବେଳକୁ ପ୍ରାୟ ସନ୍ଧ୍ୟା ହୋଇ ଆସିଥିଲା ମୁଁ ଓ ମୋର ଭାରତୀୟ ସହଯାତ୍ରୀ ମିଷ୍ଟର ଅବାସ୍ ଟରୋଣ୍ଟୋ ସହର ଅଭିମୁଖେ ପ୍ରସ୍ଥାନ କଲୁଁ ।

ପ୍ରଥମ ଥରପାଇଁ କାନାଡ଼ାର ଟ୍ରେନରେ ବସିବାର ସୁଯୋଗ ପାଇଲୁଁ । ଟ୍ରେନ୍‌ରେ ବସିବାର ବନ୍ଦୋବସ୍ତ ଦେଖି ଆଶ୍ଚର୍ଯ୍ୟାନ୍ୱିତ ହେଲୁଁ । ଭିଡ଼ ନାହିଁ କି କିଛି ଗୋଳମାଳ ନାହିଁ । ଧାଡ଼ି ଧାଡ଼ି ହୋଇ ଦି ଧାଡ଼ି ଗଦିଦିଆ ଚଉକୀ ପଡ଼ିଛି । ବେଶ୍ ଆରାମରେ ବସି ଟରୋଣ୍ଟୋ ଅଭିମୁଖେ ପ୍ରସ୍ଥାନ କଲୁଁ ।

—ଚାରି—

## ଟରୋଣ୍ଟୋ ଓ ନାଏଗ୍ରା ଜଳପ୍ରପାତ

ରାତି ପ୍ରାୟ ସାଢ଼େ ଦଶଟା ସମୟରେ ଅମ୍ଭେମାନେ ଟରୋଣ୍ଟୋ ସହରରେ ପହଞ୍ଚିଲୁଁ । କିଂ ଏଡ଼ୱାର୍ଡ୍ ହୋଟେଲ ନାମକ ଏକ ବଡ଼ ହୋଟେଲରେ ଆମ ପାଇଁ ଆଗରୁ ସ୍ଥାନ ନିର୍ଦ୍ଦିଷ୍ଟ କରାଯାଇଥିଲା । ସୁତରାଂ ଷ୍ଟେସନରୁ ଟାକ୍ସି ଧରି ସିଧାସିଧି ହୋଟେଲକୁ ଯାଇ ଶୋଇ ପଡ଼ିଲୁ । ଏ ହୋଟେଲ ଗୋଟିଏ ଖୁବ୍ ବଡ଼ ହୋଟେଲ । ଏଥିରେ ବୈଠକଖାନା ହଲ ଟି ଏତେ ବଡ଼ ଯେ ସାଧାରଣତଃ

ସମ୍ମିଳନୀ ପ୍ରଭୃତି ଉକ୍ତ ହଲ୍‌ରେ ଅନୁଷ୍ଠିତ ହୋଇଥାଏ । ହୋଟେଲ ଗୁର୍ଯ ମଧ୍ଯ ବହୁତ ବେଶୀ । ମୁଁ ଓ ମୋର ଭାରତୀୟ ବନ୍ଧୁ ମିଶ୍ରଙ୍କ ଆବାସ୍ ଗୋଟିଏ କୋଠରୀରେ ଥିଲୁଁ । ଯୋଡ଼ିଏ ବିଛଣା ଯୁକ୍ତ ଏହି କୋଠରୀର ଦୈନିକ ଭଡ଼ା ଏଗାର ଡଲାର ବା ପଞ୍ଚାବନ ଟଙ୍କା । ହୋଟେଲର ବୈଠକଖାନାରେ ମହମବତୀ ଜଳିଲା ପରି କାଗଜର ଝାଡ଼ ସବୁ ଟଙ୍ଗା ଯାଇଛି; କିନ୍ତୁ ସେଥିରେ ପ୍ରକୃତ ମହମବତୀ ନ ଜଳି ଇଲେକ୍‌ଟ୍ରିକ୍ ଲାଇଟ୍ ଜଳେ । କିନ୍ତୁ ଠିକ୍ ମହମବତୀ ଆକାରରେ ବଲ୍‌ବ ଖଞ୍ଜା ଯାଇଥିବାରୁ ମହମବତୀ ଜଳିଲା ପରି ଦିଶେ । କାନାଡ଼ାର ଅଧିବାସୀମାନେ ସାଧାରଣତଃ ରକ୍ଷଣଶୀଳ ପ୍ରକୃତିର ଲୋକ । ସେଥିପାଇଁ ପୁରୁଣା କଥାକୁ ସାଇତି ରଖିବା ପାଇଁ ସର୍ବଦା ତତ୍ପର ଥାନ୍ତି । ଆଧୁନିକ ବୈଜ୍ଞାନିକ ଅବିଷ୍କାରକୁ ଗ୍ରହଣ କରି ସୁଦ୍ଧା ସେମାନେ ପୁରୁଣା କଥାକୁ ସାଇତି ରଖିଥାନ୍ତି । ଅନେକ ସ୍ଥାନରେ କାନ୍ଥରେ ପ୍ରଥମେ ଅମେରିକା ଆବିଷ୍କାର ହେବା ସମୟର ଐତିହାସିକ ବିବରଣୀ ସବୁ ଚିତ୍ର ଆକାରରେ ଅଙ୍କା ହୋଇଥାଏ ।

'ଟ୍ରୁରେଣ୍ଟୋ' ଗୋଟିଏ ବଡ଼ ସହର । "ଲେକ୍ ଓଣ୍ଟାରିଓ" ନାମକ ଏକ ବଡ଼ ହ୍ରଦର ସମୀପରେ ଅବସ୍ଥିତ । 'ଟ୍ରୁରେଣ୍ଟୋ' ହେଉଛି ଓଣ୍ଟାରିଓ ପ୍ରଦେଶର ରାଜଧାନୀ । ଇଉନାଇଟେଡ୍ ଷ୍ଟେଟସ୍‌ର ପାଖରେ ଥିବାରୁ ସହରଟି ଠିକ୍ ଇଉନାଇଟେଡ୍ ଷ୍ଟେଟସ୍ ଧାଞ୍ଚରେ ତିଆରି । 'ଲେକ୍ ଓଣ୍ଟାରିଓ'ର ଠିକ୍ ଅପର ପାର୍ଶ୍ୱରେ ଇଉନାଇଟେଡ୍ ଷ୍ଟେଟସ୍ ।

ପରଦିନ ସକାଳେ ଉଠି ସ୍ନାନାଦି ନିତ୍ୟକର୍ମ ସାରିଦେଇ ଆମେ ସ୍ଥାନୀୟ ସମବାୟ ଅନୁଷ୍ଠାନ ଦେଖି ଗଲୁଁ । ତାହା ହେଉଛି ସମଗ୍ର ଓଣ୍ଟାରିଓ ପ୍ରଦେଶର ସମବାୟ ବାଣିଜ୍ୟ ସମିତି । ପ୍ରକାଣ୍ଡ

କୋଠା, ସେଇଥିରେ ପ୍ରାୟ ତିନିଶହ କର୍ମଚାରୀ କାମ କରନ୍ତି । କୋଠା ତଳେ 'ବେସ୍‌ମେଣ୍ଟରେ' ମସ୍ତ ଗୋଦାମ ଘରେ ନାନା ପ୍ରକାର ଜିନିଷ ଭରି ରହିଛି । ଉକ୍ତ ସମିତିର ଜେନେରେଲ୍ ସେକ୍ରେଟାରୀ ମିଷ୍ଟର ଲିଓନାର୍ଡ଼ ହାର୍‌ମାନ୍ ଆମ୍ଭମାନଙ୍କୁ ସାଦର ସମ୍ଭାଷଣ କରି ତାଙ୍କ ବସିବା ଘରକୁ ନେଇଗଲେ । ତାପରେ ସମିତିର ପରିଚାଳନା ସମ୍ବନ୍ଧେ ସେ ସବୁ ବୁଝାଇ ଦେଲେ । ସେ ହେଉଛନ୍ତି ବୈତନିକ ସେକ୍ରେଟାରୀ । ସମିତିର କାଗଜ ପତ୍ର ଠିକ୍‌ଠାକ୍ କରି ରଖିବା ତାଙ୍କର କାମ । ସମିତିର ବାଣିଜ୍ୟ ବ୍ୟବସାୟ ଦେଖିବା ପାଇଁ ଆଉ ଜଣେ ଜେନେରାଲ ମେନେଜର ମଧ୍ୟ ଅଛନ୍ତି । ମିଷ୍ଟର ଲିଓନାର୍ଡ଼ ଆମ୍ଭମାନଙ୍କୁ ତାଙ୍କ ପ୍ରେସିଡେଣ୍ଟଙ୍କ ସହିତ ପରିଚୟ କରାଇ ଦେଲେ । ପ୍ରେସିଡେଣ୍ଟ ହେଉଛନ୍ତି ଅବୈତନିକ ନିର୍ବାଚିତ ପ୍ରତିନିଧି । ସେ ଅବଶ୍ୟ ମିଟିଂ ପ୍ରଭୃତି ପାଇଁ ଦୈନିକ ଭତ୍ତା ପାନ୍ତି । ଉକ୍ତ କୋଠାରେ ପ୍ରାଦେଶିକ କୋ-ଅପରେଟିଭ୍ ଇଉନିୟନ ଅଫିସ ମଧ୍ୟ ଥାଏ । ସେ ଦିନ ଉକ୍ତ ଇଉନିୟନର ବୈଠକରେ ଯୋଗ ଦେବା ପାଇଁ ମଫସଲରୁ ପ୍ରତିନିଧିମାନେ ମଧ୍ୟ ଆସିଥିଲେ । ମିଷ୍ଟର ଲିଓନାର୍ଡ଼ ହାରମାନ୍ ଆମ୍ଭମାନଙ୍କୁ ସେମାନଙ୍କ ସହିତ ପରିଚୟ କରାଇ ଦେଲେ । ତା ପରେ ଉକ୍ତ ସଭ୍ୟମାନେ ଆମ୍ଭମାନଙ୍କୁ ଗୋଟିଏ ହୋଟେଲକୁ ନେଇ ମଧ୍ୟାହ୍ନ ଭୋଜନରେ ଆପ୍ୟାୟିତ କରିଥିଲେ ।

ଉପରବେଳା ଆମ୍ଭେମାନେ 'ସ୍ଥାନୀୟ ସରକାରୀ ସେକ୍ରେଟେରିଏଟ୍‌ର ସମବାୟ ବିଭାଗକୁ ଗଲୁଁ । ଦେଖିଲୁଁ ଯେ ସମଗ୍ର ସମବାୟ ବିଭାଗର ତତ୍ତ୍ୱାବଧାନ ପାଇଁ ଜଣେ ମାତ୍ର ଇନ୍‌ସପେକ୍ଟର ଅଛନ୍ତି । ସେ କୃଷି ବିଭାଗ ଅଧୀନରେ କାମ କରନ୍ତି । ଏ ପ୍ରଦେଶରେ ସମବାୟ ସମିତି ମାନଙ୍କର ପରିଦର୍ଶନ ଓ

ତ୍ତ୍ୱାବଧାନ ଦାୟିତ୍ୱ ପ୍ରାଦେଶିକ ବାଣିଜ୍ୟ ସମବାୟ ସମିତି ବହନ କରେ । ଅଡ଼ିଟ୍ ମଧ୍ୟ କରାଏ । ସୁତରାଂ ସରକାରୀ ଦାୟିତ୍ୱ କିଛି ନାହିଁ କହିଲେ ଚଳେ । କେବଳ ସମିତିମାନେ ଯେଉଁ ବାର୍ଷିକ ରିପୋର୍ଟ ପଠାନ୍ତି ତାହାହିଁ ସରକାରୀ ଇନ୍‌ସପେକ୍ଟର ସଂଗଠିତ କରି ବାର୍ଷିକ ରିପୋର୍ଟ ଲେଖନ୍ତି । ତେବେ କେଉଁଠି ଇଉନିୟନ ବା ଋଣ ସମବାୟ ସମିତି ପରିଦର୍ଶନ ପାଇଁ ସେ ଦାୟୀ ହୋଇଥାନ୍ତି । ଏ ପ୍ରଦେଶରେ ସମବାୟ ସମିତିର ପରିଚାଳନା ଦାୟିତ୍ୱ ସମ୍ପୂର୍ଣ୍ଣ ଭାବରେ ସମିତି ଓ ସେମାନଙ୍କ ଇଉନିୟନ ବା ହୋଲସେଲ ପ୍ରାଦେଶିକ ସମିତି ଉପରେ ନିର୍ଭର କରେ ।

ସେ ଦିନ ସନ୍ଧ୍ୟା ସମୟରେ ମିଷ୍ଟର ଲିଓନାର୍ଡ ହାର୍‌ମାନ୍ ଆମ୍ଭମାନଙ୍କୁ ନେଇ ଗୋଟିଏ ଚୀନା ଭୋଜନାଳୟରେ ଭୂରି ଭୋଜନ ଦେଇ ଆପ୍ୟାୟିତ କରିଥିଲେ । ଏହି ଚୀନା ଭୋଜନାଳୟ ବାସ୍ତବିକ୍ ଗୋଟିଏ ଉଲ୍ଲେଖଯୋଗ୍ୟ ବିଷୟ । ଆମେ ଚାରି ମାସ ଧରି ଯେତେ ଯେତେ ସ୍ଥାନରେ ବୁଲିଛୁଁ ସେଠାରେ ସର୍ବୋତ୍କୃଷ୍ଟ ଭୋଜନାଳୟ ବୋଇଲେ କେବଳ ଚୀନା ଭୋଜନାଳୟ ବୁଝିବାକୁ ହେବ । ବଡ଼ ସହର ଠାରୁ ଆରମ୍ଭ କରି ଅତି ସାନ ସହର ପର୍ଯ୍ୟନ୍ତ ଅଧିକାଂଶ ସ୍ଥାନରେ ଭୋଜନାଳୟର ମାଲିକ ଓ ପରିଚାଳକ ହେଉଛନ୍ତି ଚୀନା ଲୋକେ । ଆମେରିକାରେ ଏତେ ବହୁ ସଂଖ୍ୟକ ଚୀନା ଲୋକେ ଥାଆନ୍ତି ବୋଲି ମୁଁ କେବେ ଜାଣି ନ ଥିଲି । ନ୍ୟୁୟର୍କ ଓ ଟରୋଣ୍ଟୋ ପ୍ରଭୃତି ବଡ଼ ବଡ଼ ସହରରେ ଗୋଟାଏ ଗୋଟାଏ ଚୀନା ବସ୍ତି ଅଛି । ପ୍ରାୟ ଅର୍ଦ୍ଧ ଶତାବ୍ଦୀ ଧରି ଚୀନା ଲୋକେ ଆମେରିକାରେ ଆସି ବହୁ ପରିମାଣରେ ବ୍ୟବସାୟ କରୁଛନ୍ତି । ସେଥିମଧ୍ୟରୁ

ହୋଟେଲ ବା ଭୋଜନାଳୟ ଚଳାଇବା ଚୀନା ଲୋକଙ୍କର ବିଶେଷତ୍ୱ । ଯେପରି ଭାରତବର୍ଷରେ ଦକ୍ଷିଣ ଭାରତର ତାମିଲ୍‌ଆନ ମାନେ ହୋଟେଲ ଚଳାଇବାରେ ଓ ଶସ୍ତା ସୁନ୍ଦର ଖାଦ୍ୟ ଯୋଗାଇବାରେ ଧୁରନ୍ଧର, ଆମେରିକାରେ ସେହିପରି ଚୀନା ଲୋକେ ଭୋଜନାଳୟ ଚଳାଇବା ଓ ଶସ୍ତାରେ ଭଲ ଖାଦ୍ୟ ଯୋଗାଇବାରେ ଧୁରନ୍ଧର । ଚୀନା ଲୋକଙ୍କର ରନ୍ଧାରେ ଗୋଟାଏ ବିଶେଷତ୍ୱ ଅଛି । ଆମେରିକାର ଲୋକେ ଚୀନା ରନ୍ଧାକୁ ଖୁବ୍ ପସନ୍ଦ କରନ୍ତି । ଚୀନା ଲୋକଙ୍କ ପ୍ରସାଦରୁ ଆମେରିକାର ଲୋକେ ଭାତ ପ୍ରଭୃତି ପ୍ରାଚ୍ୟ ଦେଶୀୟ ଖାଦ୍ୟ ଚାଖିବାକୁ ପାନ୍ତି । ପ୍ରତ୍ୟେକ ଚୀନା ଭୋଜନାଳୟରେ ସାଧାରଣତଃ ଭାତ ଖାଇବାକୁ ମିଳେ । ସେଥିପାଇଁ ଆମେରିକାକୁ ଯେଉଁ ପ୍ରାଚ୍ୟ ଦେଶୀୟ ଲୋକେ ଆସନ୍ତି ସେମାନେ ପ୍ରାୟ ଖୋଜି ଖୋଜି ଚୀନା ଭୋଜନାଳୟରେ ଭାତ ତରକାରୀ ଇତ୍ୟାଦି ପ୍ରାଚ୍ୟ ଦେଶୀୟ ଖାଦ୍ୟ ଖାଇବାକୁ ପାଇଥାନ୍ତି । ଆମେ ଯେଉଁଠିକି ଯାଇଛୁ ସେଠାରେ ପ୍ରାୟ ସେଇ ଚୀନା ଭୋଜନାଳୟରେ ବରାବର ଖାଇଛୁ ଓ ସେଠାରେ ଭାତ, ମାଛ, ତରକାରୀ ଇତ୍ୟାଦି ଅପେକ୍ଷାକୃତ ଶସ୍ତା ଦରରେ ଖାଇବାକୁ ପାଇଛୁ । ଏହାହିଁ ଚୀନା ଭୋଜନାଳୟର ଏକ ବିଶେଷତ୍ୱ । ପ୍ରଥମେ ଚୀନା ଲୋକେ ଯେତେବେଳେ ଆମେରିକାକୁ ବ୍ୟବସାୟ କରିବାକୁ ଆସିଲେ ସେତେବେଳେ ସେମାନଙ୍କୁ ସ୍ଥାୟୀ ବାସିନ୍ଦା ଭାବରେ ରହିବାର ସନନ୍ଦ ମିଳୁ ନ ଥିଲା । ସେଥିପାଇଁ ସେମାନେ ସେମାନଙ୍କର ପିଲା କୁଟୁମ୍ବଙ୍କୁ ଚୀନାରୁ ଆଣିପାରୁ ନ ଥିଲେ । ଆମ ଦେଶର ଲୋକେ ବର୍ମା ଗଲା ଭଳି ଚୀନା ଲୋକେ ଦୁଇ ତିନି ବର୍ଷରେ ଥରେ ଲେଖାଏଁ ଚୀନା ଯାଇ ପିଲା କୁଟୁମ୍ବଙ୍କୁ ଦେଖି ଆସୁଥିଲେ । କିନ୍ତୁ

ବର୍ତ୍ତମାନ ଆଉ ସେ ଅସୁବିଧା ନାହିଁ । ଚୀନା ଲୋକଙ୍କୁ ଆମେରିକା ବା କାନାଡ଼ାରେ ବସବାସ କରି ରହିବା ପାଇଁ ଓ ପିଲା କୁଟୁମ୍ବ ଧରି ସ୍ଥାୟୀ ବାସିନ୍ଦା ଭାବରେ ରହିବା ପାଇଁ ସନନ୍ଦ ମିଳୁଛି । ଚୀନାମାନେ ଏତେ ଅଧିକ ସଂଖ୍ୟାରେ ଆମେରିକାରେ ଅଛନ୍ତି ଯେ ପ୍ରତ୍ୟେକ ସ୍ଥାନରେ ଚୀନା ଲୋକଙ୍କୁ ଦେଖିବାକୁ ପାଇବ ଓ ସେମାନଙ୍କ ହୋଟେଲରେ ଖାଇବାକୁ ପାଇବ । ସେମାନେ ନିଜ ଭାଷାରେ ଖବର କାଗଜ ବାହାର କରୁଛନ୍ତି ମଧ୍ୟ । ଆମେ ନିଉୟର୍କ ଆସିଲା ବେଳେ ଜଣେ ଚୀନା ସ୍ତ୍ରୀ ଲୋକ ସେଇ ଉଡ଼ାଜାହାଜରେ ଆମ ସଙ୍ଗେ ଆସୁଥିଲେ । ସେ ଆଦୌ ଇଂରାଜୀ କହି ପାରୁ ନ ଥିଲେ । ଆଉ ଜଣେ ଚୀନା ଲୋକ ଲଣ୍ଡନ ପର୍ଯ୍ୟନ୍ତ ମଧ୍ୟ ଆସିଥିଲେ । ତାଙ୍କଠାରୁ ପଚାରି ବୁଝିଲୁ ଯେ ଉକ୍ତ ସ୍ତ୍ରୀ ଲୋକଙ୍କର ସ୍ୱାମୀ ନିଉୟର୍କରେ ଥିବାରୁ ସେ ତାଙ୍କ ପାଖକୁ ଯାଉଛନ୍ତି । ବାସ୍ତବିକ ଆମେରିକା ବାସୀଙ୍କର ଧୋବଘରର କଞ୍ଚିକାଠି ଚୀନା ଲୋକଙ୍କ ହାତରେ ଅଛି କହିଲେ ଚଳେ !

ଟରୋଣ୍ଟୋ ସହରରେ ଦୁଇଦିନ ଅବସ୍ଥାନ କରି ସେଠାରେ ଜଳବାୟୁ ସମ୍ବନ୍ଧେ ଯାହା ଜାଣିବାର କଥା ତାହା ଅବଗତ ହୋଇଥିଲୁଁ । ଟରୋଣ୍ଟୋରେ ଏକ ବଡ଼ ବିଶ୍ୱବିଦ୍ୟାଳୟ ମଧ୍ୟ ଅଛି । ଦିନେ ଉକ୍ତ ବିଶ୍ୱବିଦ୍ୟାଳୟକୁ ଯାଇ ବୁଲି ଆସିଲୁଁ ।


ଟରୋଣ୍ଟୋ ସହରରୁ ପ୍ରାୟ ଶହେ ମାଇଲ ଦୂରରେ ପୃଥିବୀ ବିଖ୍ୟାତ ନାଏଗ୍ରା ଜଳପ୍ରପାତ ଅଛି । ମିଷ୍ଟର୍ ଲିଓନାର୍ଡ଼ ହାର୍‌ମାନ୍‌ଙ୍କୁ ଆମେ କହିଥିଲୁଁ ଯେ ଆମେ ନାଏଗ୍ରା ଦେଖି ଯିବା ପାଇଁ ଇଚ୍ଛା କରୁଛୁଁ । ସେ କହିଲେ ଯେ ଶନିବାର ଦିନ ସକାଳେ ସେ

ତାଙ୍କ ଗାଡ଼ିରେ ନେଇ ଯିବେ ଓ ସେଠାରୁ ଫେରି ଆମେ ଷ୍ଟେସନ୍‌ରୁ ଲଜାଇନା ଯିବା ପାଇଁ ଟ୍ରେନ୍ ଧରିବୁଁ । ନିର୍ଦ୍ଦିଷ୍ଟ ଶନିବାର ଦିନ ସକାଳେ ପ୍ରାୟ ନଅଟା ବେଳକୁ ଆମେ ସ୍ନାନାଦି ନିତ୍ୟକର୍ମ ସାରି ପ୍ରସ୍ତୁତ ହୋଇ ବସିଛୁଁ । ମିଷ୍ଟର ହାର୍‌ମାନ ତାଙ୍କ ଗାଡ଼ି ଘେନି ହୋଟେଲରେ ପହୁଞ୍ଚିଲେ । ଆମେ ବାହାରି ଆସି ଦେଖୁଁ ଯେ ଗାଡ଼ିରେ ତାଙ୍କର ସ୍ତ୍ରୀ ମିସେସ୍ ଭାଇଓଲେଟ୍ ହାର୍‌ମାନ୍ ଓ ତାଙ୍କର ବାର ବର୍ଷର ଝିଅ ମିସ୍ ଯୋନ୍ ମଧ୍ୟ ଅଛନ୍ତି । ମିଷ୍ଟର ହାରମାନ୍ ଆମ୍ଭମାନଙ୍କୁ ତାଙ୍କ ସହିତ ପରିଚୟ କରାଇ ଦେଲେ । ମିସେସ୍ ହାର୍‌ମାନ୍‌ଙ୍କୁ ଟିକିଏ ସର୍ଦ୍ଦି ଭଳି ହୋଇଥିଲା । ମୁଁ କହିଲି ଯେ ମୋ ପାଖରେ ହୋମିଓପ୍ୟାଥିକ୍ ଔଷଧ ଅଛି । ଯଦି ଖାଇବେ ତ ମୁଁ ଦିପାନ ଔଷଧ ଦେବି ଯେଉଁଥିରେ କି ଆପଣଙ୍କ ସର୍ଦ୍ଦି ଏକବାରେ ଭଲ ହୋଇ ଯିବ । ସେ ଅତି ଆଗ୍ରହ ପ୍ରକାଶ କଲେ ଔଷଧ ଖାଇବା ପାଇଁ । ମୁଁ ତାଙ୍କୁ ଦୁଇ ତିନି ପାନ ଔଷଧ ଦେଲି । ଦୈବଯୋଗକୁ ଔଷଧଟି ଖୁବ୍ ଭଲ ଭାବରେ ଲାଗିଗଲା । ଫେରିଲା ପରେ ସେ ବହୁ ଧନ୍ୟବାଦ ଦେଇ କହିଲେ—ମିଷ୍ଟର ପଣ୍ଡା, ଆପଣଙ୍କୁ ମୁଁ ଏବେ ଡାକ୍ତର ପଣ୍ଡା ବୋଲି ଡାକିବି । ମିଷ୍ଟର ହାରମାନ୍ ହସିକରି କହିଲେ—ତାଙ୍କ ଔଷଧ କ'ଣ ତୁମକୁ ଭଲ କଲା ? ଭାରତୀୟ ଲୋକେ ବହୁତ ଗୁଣି ବିଦ୍ୟା ଜାଣନ୍ତି ଯେ ସେଇ ଗୁଣ ବଳରେ ତୁମକୁ ଭଲ କରିଦେଲେ ।

ଆମର ଗାଡ଼ି ଚାଲିଲା ନା ଏଗ୍ରା ଅଭିମୁଖେ । ପ୍ରଶସ୍ତ ପିଚ୍‌ଦିଆ ରାସ୍ତାରେ ତୀର ବେଗରେ ଗାଡ଼ି ଛୁଟି ଥାଏ । ମିସେସ୍ ହାର୍‌ମାନ କହିଲେ ସେ ଗାଡ଼ି ଚଳାଇବେ । ଶେଷରେ ମିସେସ୍ଙ୍କ



କାନାଡ଼ାର ଗୋଟିଏ ବଡ଼ ପ୍ରାଦେଶିକ ସମବାୟ ସମିତର ସେକ୍ରେଟାରୀଙ୍କ ବାର ବର୍ଷର କନ୍ୟା ମିସ୍ ଯୋନ୍ । (ପୃ ୪୪)



କାନାଡ଼ାର ରାଜଧାନୀ ଅଟାଓ୍ୱା ସହରର ଏକ ବ୍ୟବସାୟ କେନ୍ଦ୍ର (ପୃ ୨୪)



ବିଶ୍ୱ ବିଖ୍ୟାତ ନାଏଗ୍ରା ଜଳପ୍ରପାତର ଏକ ଦୃଶ୍ୟ ।
(ପୃ ୧୨)



କାନାଡ଼ାର ସସ୍‌କେଚୁଆନ୍ ପ୍ରଦେଶସ୍ଥ
ମେଟାଡ଼ୋର ସମବାୟ କୃଷିକ୍ଷେତ୍ରର
ଜଣେ ଗୃହୀ ସଭ୍ୟ । (ପୃ ୫୬)

ଗଲାଇଲେ । ବାଟରେ ଆମେ ଦୁଇ ଗୁଟେଟି ସମବାୟ ସମିତି ପରିଦର୍ଶନ କଲୁଁ । ସେଥିମଧ୍ୟରୁ ଗୋଟିଏ ହେଉଛି ଫଳଚାଷୀ ସମବାୟ ସମିତି । ଗୋଟିଏ ସମବାୟ ସମିତିର ଟମାଟୋ ବା ବିଲାତି ବାଇଗଣ "କ୍ୟାନିଂ" କରାଯାଉଥିଲା ଅର୍ଥାତ୍ ଟିଣରେ ବନ୍ଦ କରାଯାଉଥିଲା । ତାହା ଯନ୍ତ୍ର ସାହାଯ୍ୟରେ କରା ଯାଉଥିଲା । ପର୍ବତ ପରିମାଣରେ ଲାଲ ବିଲାତି ବାଇଗଣ ଭରିହୋଇ ରହୁଥାଏ ଓ କଳ ସାହାଯ୍ୟରେ ତାହା ଟିଣ ଡବାରେ ବନ୍ଦ କରି ଦିଆଯାଉଥାଏ ।

ବାଟରେ ଗୋଟିଏ ଫଳ ଦୋକାନରୁ ମିଷ୍ଟର ଲୁଓନାର୍ଡ ଥଳିଏ ପିଚ୍ ଫଳ କିଣି ଆଣିଲେ । 'ଟୁରେଣ୍ଟୋ'ଠାରୁ ନାଏଗ୍ରା ଯାଏ ଅଞ୍ଚଳରେ ବହୁତ ଫଳ ଗଛ ଅଛି । ବାଟରେ ବହୁ ସ୍ଥାନରେ ବହୁତ ଫଳ ବିକି ହେଉଥାଏ । ଗାଡ଼ିରେ ବସି ଆମେ ସମସ୍ତେ ଗୋଟାଏ ଗୋଟାଏ ଫଳ ଖାଇଲୁଁ ।

ବାଟରେ ପ୍ରାଦେଶିକ ସରକାରଙ୍କର 'ଏକ୍ସପେରିମେଣ୍ଟାଲ୍' ଫାର୍ମ ପଡ଼ିଲା । ଆମେ ସେଠାରେ ଯାଇ ଦେଖିଲୁଁ ଯେ ସୁନ୍ଦର ଫୁଲ ବଗିଚା ଓ ଫଳ ବଗିଚା କରାଯାଇଛି । ଫୁଲ୍ ଫଳ ଭରି ରହିଛି । ଲୁଁ ଗୋଟିଏ ଆତ ଗଛ ତଳେ ମିଷ୍ଟର ଓ ମିସେସ୍ ଡାରମାନଙ୍କର ଗୋଟିଏ ଫଟୋ ଉଠାଇ ନେଲୁ । ଫୁଲ ବଗିଚା ପାଖରେ ମିସ୍ ଯୋନ୍‌ର ଛବିଟିଏ ମଧ୍ୟ ଉଠାଇ ନେଲୁ । ମିସ୍ ଯୋନ୍ ମଧ୍ୟ ତାଙ୍କ କେମେରାରେ ଆମର ଫଟୋ ଉଠାଇ ନେଲେ ।

ଦିନ ପ୍ରାୟ ବାରଟା ବେଳେ ଆମେ ନାଏଗ୍ରା ଜଳପ୍ରପାତ ନିକଟରେ ପହଞ୍ଚିଲୁଁ । ସେ ଦିନ ଖରାପାଗ ଥାଏ । ସୂର୍ଯ୍ୟ କିରଣରେ ନାଏଗ୍ରା ଜଳପ୍ରପାତରେ ଅସଂଖ୍ୟ ଇନ୍ଦ୍ରଧନୁ ଝଲସି

ଉଠୁଥାଏ । ନାଏଗ୍ରା ଜଳପ୍ରପାତ ହେଉଛି 'ଦୁଇଟି ହ୍ରଦର ସଙ୍ଗମ ସ୍ଥଳ । 'ଏରି' ହ୍ରଦର ଜଳ 'ଓଣ୍ଟାରିଓ' ହ୍ରଦରେ ପଡୁଛି । ନାଏଗ୍ରା ହେଉଛି ଆମେରିକାର ଯୁକ୍ତରାଷ୍ଟ୍ର ଓ କାନାଡ଼ାର ସୀମାରେଖା ଉପରେ ଅବସ୍ଥିତ । ଏପରିକି ପ୍ରପାତର ଅର୍ଦ୍ଧେକ କାନାଡ଼ାରେ ଓ ଅପର ଅର୍ଦ୍ଧେକ ଇଉନାଇଟେଡ୍ ଷ୍ଟେଟରେ ଅବସ୍ଥିତ । କାନାଡ଼ା ପାଖରୁ କିନ୍ତୁ ପ୍ରପାତର ଦୃଶ୍ୟ ସୁନ୍ଦର ଦେଖାଯାଏ । ସେଥିପାଇଁ କାନାଡ଼ା ପାଖରେ ବହୁ ଯାତ୍ରୀର ସମାଗମ ହୁଏ । ବହୁତ ନବପରିଣୀତ ଦମ୍ପତି ସେଠାରେ ମଧୁଚନ୍ଦ୍ରିକା ଯାପନ ପାଇଁ ଆସନ୍ତି । ସେମାନଙ୍କୁ ଚିହ୍ନିବାର ଉପାୟ ହେଉଛି ଯେ ସେମାନଙ୍କର ଗାଡ଼ି ଦେହରେ ନାଲି-ହଳଦୀ-ସବୁଜ-ନୀଳ ଇତ୍ୟାଦି ବିଭିନ୍ନ ରଙ୍ଗର ଫିତା ସବୁ ଗୁଡ଼ିଆ ହୋଇଥାଏ । କାନାଡ଼ା ପାଖରେ ମଧ୍ୟ ସୁନ୍ଦର ଫୁଲ ବଗିଚା ଓ ବୁଲିବା, ବସିବା ପାଇଁ ସୁନ୍ଦର ବନ୍ଦୋବସ୍ତ କରାଯାଇଛି । ଆମ୍ଭେମାନେ ସେଇ ଫୁଲ ବଗିଚାରେ ବସି ନାଏଗ୍ରା ପ୍ରପାତର ଭୀମକାନ୍ତ ଛବିର ମାଧୁରୀ ବେଶ୍ ଉପଭୋଗ କଲୁଁ । ମୁଁ ମଧ୍ୟ କେତୋଟି ଫଟୋ ଉଠାଇଲି । କାନାଡ଼ା ପାଖରେ ଗୋଟିଏ ବଡ଼ ହୋଟେଲ ମଧ୍ୟ ଅଛି । ଯେଉଁମାନେ ନାଏଗ୍ରା ଦର୍ଶନରେ ଯାନ୍ତି ସେମାନେ ସେଇ ହୋଟେଲରେ ଚର୍ବ୍ୟ ଚୋଷ୍ୟର ସଦ୍‌ବ୍ୟବହାର କରି ରସନା ତୃପ୍ତି କରିଥାନ୍ତି । ତାହା ଏକ ପ୍ରକାଣ୍ଡ ପ୍ରାସାଦ କହିଲେ ଚଳେ । ତାକୁ ସାଧାରଣତଃ **Rainbow Hotel** ବା ଇନ୍ଦ୍ରଧନୁ ଭୋଜନାଳୟ କହନ୍ତି । କାରଣ ସେଇ ହୋଟେଲର ସର୍ବୋଚ୍ଚ ଶିଖର ଉପରିସ୍ଥ ଭୋଜନାଳୟରୁ ଶତ ଇନ୍ଦ୍ରଧନୁ ଉଦ୍ଭାସିତ ନାଏଗ୍ରା ପ୍ରପାତର ଦୃଶ୍ୟ ଭାରି ଚମତ୍କାର ଦିଶେ । ମିଷ୍ଟର ଓ ମିସେସ୍ ହାରମାନ୍ ଆମ୍ଭମାନଙ୍କୁ ସେଇ ସର୍ବୋଚ୍ଚ ଶିଖରସ୍ଥ ଭୋଜନାଳୟକୁ ନେଇଯାଇ ମଧ୍ୟାହ୍ନ ଭୋଜନରେ ଆପ୍ୟାୟିତ କରିଥିଲେ ।

କାନାଡ଼ା ପାଖରୁ ଇଉନାଇଟେଡ଼୍ ଷ୍ଟେଟସ ପାଖକୁ ଯିବା ାଇଁ ପ୍ରପାତର ଅନତିଦୂରରେ ଏକ ସୁନ୍ଦର ସେତୁ ଅଛି । ସେତୁ ାର ହେବା ପାଇଁ କିନ୍ତୁ ବହୁତ କଟକଣା । ଉଭୟ ଦେଶ ପକ୍ଷରୁ ଗୁଆଳୀ ରହିଛନ୍ତି ଯାତ୍ରୀମାନଙ୍କର ଜିନିଷପତ୍ର ତନଖି କରିବା ାଇଁ ଅମ୍ଭେମାନେ ସେଇ ସେତୁ ଉପରେ ଯିବା ସକାଶେ ଇଚ୍ଛା କାଶ କଲୁଁ । ତାପରେ ଅନୁମତି ନେଇ ଅମ୍ଭେମାନେ ସେଠୁ ାରିହୋଇ, ଇଉନାଇଟେଡ଼୍ ଷ୍ଟେଟସ୍ ପାଖକୁ ଗଲୁଁ । ସେ ପାଖ ହ୍ରଦର ଜଳ ଉପରେ ଥିବାରୁ ପ୍ରପାତର ସୌନ୍ଦର୍ଯ୍ୟ ସେ ପାଖରେ ସେତେ ଅନୁଭୂତ ହୁଏ ନାହିଁ । ତେବେ ପ୍ରପାତର ଅତି ନିକଟକୁ ସେଠାଟେ ଯାଇ ହୁଏ । ଅମ୍ଭେମାନେ କିନ୍ତୁ ପ୍ରପାତ ନିକଟକୁ ଯିବାକୁ ଇଚ୍ଛା ପ୍ରକାଶ କରି ନ ଥିଲୁଁ ।

ପ୍ରାୟ ସମସ୍ତ ଦିନଟି ନାଏଗ୍ରାରେ କଟାଇ ସନ୍ଧ୍ୟାବେଳକୁ ଅମେ ଫେରିଲୁଁ । ବାଟରେ ଗୋଟିଏ ହୋଟେଲରେ ସାନ୍ଧ୍ୟ ଭୋଜନର ଆୟୋଜନ ହେଲା । ଏଥର ଆମେ ମିଷ୍ଟର ଓ ମିସେସ୍ ହାରମାନଙ୍କୁ ସାନ୍ଧ୍ୟ ଭୋଜନରେ ଆପ୍ୟାୟିତ କରିଥିଲୁଁ । ଏହିପରି ଭାବରେ ଏହି ଆମେରିକାବାସୀ ପରିବାରଙ୍କ ସହିତ ହସଖୁସିରେ ଦିନଟି କଟିଗଲା । ମିଷ୍ଟର ହାରମାନ୍ ଅମକୁ ଟ୍ରେଣ୍ଟୋ ଷ୍ଟେସନରେ ଛାଡ଼ିଦେଇ ଗଲେ କାରଣ ସେ ଦିନ ଅମର ଟ୍ରେଣ୍ଟୋ ଛାଡ଼ି ଚିକାଗୋ ଯିବାର କଥା । ଅମ୍ଭେ ଗାଡ଼ି ଉପରକୁ ଉଠି ଶୋଇବାର ବ୍ୟବସ୍ଥା କଲୁଁ ।

ହଁ, ଏଠାରେ ରେଲଗାଡ଼ିରେ ଶୋଇବା ବ୍ୟବସ୍ଥା ସମ୍ବନ୍ଧେ କିଛି କହିବା ନିତାନ୍ତ ଦରକାର । ଆମେରିକା ରେଲଗାଡ଼ିର ଡବା ଏପରି ଭାବରେ ତିଆରି ଯେ ଦିନରେ ଗାଡ଼ୀ ଚଳୁଥିବା

ପରିଣତ କରାଯାଇପାରେ ଓ ରାତିରେ ଦୁଇଟି ଚେୟାରକୁ ଏକାଠି କରିଦେଇ ତାହା ଉପରେ ଗଦି ପକାଇ ଦେଇ ଶୋଇବା ସ୍ଥାନ ପ୍ରସ୍ତୁତ କରାଯାଇପାରେ । ଯେଉଁ ଟ୍ରେନ୍ ରାତିରେ ଯାଏ ସେଥିରେ ଏ ପ୍ରକାର ବନ୍ଦୋବସ୍ତ ବରାବର ଥାଏ । ପ୍ରତ୍ୟେକ ଶୋଇବା ସ୍ଥାନ ମୋଟା ପରଦା ଦ୍ୱାରା ଘେରାଇ ଦେଇ ଗୋଟିଏ ଗୋଟିଏ ଛୋଟ କୋଠରୀରେ ପରିଣତ କରି ଦିଆଯାଏ । ତଳେ ଗୋଟିଏ ଶୋଇବା କୋଠରୀ ଉପରେ ଗୋଟିଏ କୋଠରୀ । ଏହିପରି ଭାବରେ ଡବାଟା ସାରା ପରଦା ଦେଇ ଶୋଇବା କୋଠରୀରେ ପରିଣତ କରି ଦିଅନ୍ତି । ପୁଣି ସକାଳେ ଗଦି ଉଠାଇ ନେଇ ଚୌକିରେ ପରିଣତ କରି ଦିଅନ୍ତି । ଏହା ଏକ ସୁନ୍ଦର ବ୍ୟବସ୍ଥା । ପ୍ରତି ଡବାରେ ଜଣେ ଜଣେ 'ପୋର୍ଟର' ଥାନ୍ତି ଯାହାଙ୍କର କାର୍ଯ୍ୟ ହେଉଛି ସନ୍ଧ୍ୟା ହେଲେ ଏପ୍ରକାର ଶୋଇବା କୋଠରୀ ତିଆରି କରିବା ଓ ସକାଳ ହେଲେ ପୁଣି ତାକୁ ଭାଙ୍ଗି ବସିବା ଚୌକିରେ ପରିଣତ କରିବା । ଶୋଇବା ସ୍ଥାନରେ ପ୍ରତିଦିନ ବିଛଣାଚାଦର ଓ ତକିଆ ଖୋଲ କରୁଯାଇ ସଫା କରି ଲଗାଯାଏ । ପ୍ରତି ଟ୍ରେନରେ ଭୋଜନାଳୟ ଥାଏ । ସୁତରାଂ ଯାତ୍ରୀଙ୍କ ସୁବିଧା ପାଇଁ ସମସ୍ତ ବନ୍ଦୋବସ୍ତ ପୂରାପୂରି କରାଯାଇଥାଏ । ଆମ୍ଭେମାନେ ଟ୍ରେନ୍‌ରେ ଉଠି ଆମ୍ଭମାନଙ୍କ ପାଇଁ ରିଜର୍ଭ୍ କରାଯାଇଥିବା ନିର୍ଦ୍ଦିଷ୍ଟ ଶୋଇବା କୋଠରୀରେ ଶୋଇ ପଡ଼ିଲୁଁ ।

## ପାଞ୍ଚ

## ଚହିମ ପ୍ରଦେଶ—ଯସ୍‌କେଟ୍‌ରୁଆନ

ଟ୍ରେନ୍‌ରେ ପୂରାପୂରି ଦୁଇ ଦିନ ଦୁଇ ରାତି କଟାଇବାକୁ ପଡ଼ିଲା କାରଣ ଆମର ଗନ୍ତବ୍ୟ ସ୍ଥଳ ରିଜାଇନା ସହର ଟୁରୋଣ୍ଟୋ

ସହରଠାରୁ ପ୍ରାୟ ଦୁଇ ହଜାର ମାଇଲ ଦୂର । ଚମତ୍କାର ପ୍ରାକୃତିକ ସୌନ୍ଦର୍ଯ୍ୟ ବିଶିଷ୍ଟ ନଦୀ, ହ୍ରଦ, ପର୍ବତ, ଉପତ୍ୟକା ଓ ଜଙ୍ଗଲ ମଧ୍ୟ ଦେଇ ଗାଡ଼ି ଚାଲିଥାଏ । ବାସ୍ତବିକ କାନାଡ଼ା ପ୍ରକୃତିର ସୌନ୍ଦର୍ଯ୍ୟ ଭଣ୍ଡାର କହିଲେ ଚଳେ । ଜଙ୍ଗଲରେ ଅଧିକାଂଶ ଫ୍ରୁଶ୍ ଜାତୀୟ ବୃକ୍ଷ । ହ୍ରଦଗୁଡ଼ିକ ସୁନିର୍ମଳ ଜଳପୂର୍ଣ୍ଣ । ତେବେ ପାହାଡ଼ିଆ ରାସ୍ତାରେ ଟ୍ରେନ ଯାଉଥିବାରୁ ତାହା ବହୁ ପରିମାଣରେ ଟଳ ଟଳ ହୁଏ । ସେଥିପାଇଁ ଯେଉଁମାନେ ଅଭ୍ୟସ୍ତ ନୁହନ୍ତି ସେମାନଙ୍କୁ ବାନ୍ତି ମାଡ଼େ ଓ ମୁଣ୍ଡ ବୁଲାଏ ମଧ୍ୟ । ମୋର ବନ୍ଧୁ ମଧ୍ୟ ସେହିପରି ଭାବରେ ପୀଡ଼ିତ ହୋଇ ପଡ଼ିଲେ । ସେଥିପାଇଁ ତାଙ୍କୁ ବରାବର ଶୋଇ ରହିବାକୁ ପଡ଼ିଲା ।

ପୂରାପୂରି ଦୁଇଟିଦିନ ରେଲରେ କଟାଇ ରିଜାଇନା ସହରରେ ପହଞ୍ଚିବା ବେଳକୁ ସନ୍ଧ୍ୟା ପ୍ରାୟ ୭ଟା । ଷ୍ଟେସନ ଫାଟକ ପାଖରେ ଦେଖିଲି ଜଣେ ସ୍ଥୂଳକାୟ ଭଦ୍ରଲୋକ ଆମର କରମର୍ଦ୍ଦନ କଲେ । ତାଙ୍କ ନାମ ହେଉଛି ମିଷ୍ଟର କେମ୍ପବେଲ୍ । ସେ ରିଜାଇନାରେ ସରକାରୀ କାର୍ଯ୍ୟ କରନ୍ତି । ଆମେ ଅଟାଓ୍ୱାରେ ପହଞ୍ଚିଲା ପରେ ଦିନେ ସେହି ହୋଟେଲର ଭୋଜନଶାଳାରେ ଦୈବାତ୍ ତାଙ୍କ ସହିତ ଦେଖା ଓ ଆଳାପ ପରିଚୟ ହୋଇଥିଲା । ତାଙ୍କର ନାମ ଓ ଠିକଣା ମୁଁ ମୋର ନୋଟ ବହିରେ ଟିପି ରଖିଥିଲି । ଆମେ ଟୋରୋଣ୍ଟୋ ଛାଡ଼ିବା ପୂର୍ବରୁ ମୁଁ ତାଙ୍କ ନିକଟକୁ ଗୋଟିଏ ଚିଠି ଲେଖିଦେଇଥିଲି ଯେ ଆମେ ଅମୁକ ଟ୍ରେନରେ ରିଜାଇନା ଯାଉଛୁଁ । ସେ ଚିଠିପାଇ ଆମକୁ ଅଭ୍ୟର୍ଥନା କରିବା ପାଇଁ ଷ୍ଟେସନରେ ଉପସ୍ଥିତ ଥିଲେ । ତାଙ୍କୁ ଦେଖି ଆମେ ଭାରି ଖୁସି ହୋଇଗଲୁ କାରଣ ସମ୍ପୂର୍ଣ୍ଣ ଅପରିଚିତ ସ୍ଥାନରେ ସନ୍ଧ୍ୟା ୭ଟାରେ ପହଞ୍ଚି କେଉଁଠିକି ଯିବୁଁ ବୋଲି ଆମେ ଚିନ୍ତିତ ଥିଲୁ । ସେ ଆମଙ୍କୁ ନେଇ ଗୋଟିଏ ବଡ଼ ହୋଟେଲରେ

ଦେଖାଇ ଦେଲେ । ତାପରେ ଆମକୁ ଗୋଟିଏ ହୋଟେଲକୁ ନେଇ କାଫି ଖୁଆଇଲେ । ଯେଉଁ ହୋଟେଲରେ ଆମେ ଯାଇ ଉଠିଲୁଁ ସେଥିରେ ଦୈନିକ ଭଡ଼ା ପ୍ରାୟ ୭ ଡଲାର ଅର୍ଥାତ୍ ତିରଶ ଟଙ୍କା । ସେଥିପାଇଁ ସେ ଆମକୁ ଆଉ ଗୋଟିଏ ସାନ ହୋଟେଲକୁ ନେଇ ଆମର ରହିବାର ବନ୍ଦୋବସ୍ତ କରଦେଲେ । ଆମେ ସେଦି ରାତିକ ପ୍ରଥମ ହୋଟେଲରେ ରହି ତହିଁ ପରଦିନ ଅନ୍ୟ ହୋଟେଲଟିକୁ ଆସିଲୁଁ ।

'ରିଜାଇନା' ମାନେ ହେଉଛି ରାଣୀ । ସସ୍କେଚୁଆନ ପ୍ରଦେଶର ରାଜଧାନୀ ହେଉଛି ରିଜାଇନା । ବେଶ୍ ସୁନ୍ଦର ସହରଟିଏ । ଘର ଦ୍ୱାର, ରାସ୍ତାଘାଟ ବେଶ୍ ସୁନ୍ଦରଭାବେ ନିର୍ମିତ

ଆମେ ପହଞ୍ଚିଥିବାର ପରଦିନ ସକାଳେ ରିଜାଇନାର ସରକାର ଅଫିସକୁ ଯାଇ ସମବାୟ ବିଭାଗର ଜଣେ ଡାଇରେକ୍ଟର ମିଷ୍ଟର ଷ୍ଟିପ୍‌ମାନ୍‌ଙ୍କ ସହିତ ଭେଟିଲୁଁ । ସେ ଆମର ଗସ୍ତର ପ୍ରୋଗ୍ରାମ କରିଦେଲେ ।

ଓଣ୍ଟାରିଓ ପ୍ରଦେଶର ରାଜଧାନୀ ଟରୋଣ୍ଟୋରେ ଆମେ ଦେଖି ଥିଲୁଁ ଯେ ସରକାରଙ୍କର ସମବାୟ ବିଭାଗ ବୋଇଲେ କେବଳ ଜଣେ ମାତ୍ର ଇନ୍‌ସପେକ୍ଟର । କିନ୍ତୁ ସସ୍କେଚୁଆନ ପ୍ରଦେଶରେ ଯାଇ ଦେଖିଲୁଁ ଯେ ସରକାରଙ୍କର ସମବାୟ ବିଭାଗରେ ବହୁତ କର୍ମଚାରୀ । ଉକ୍ତ ପ୍ରଦେଶର ଖୋଦ୍ ପ୍ରଧାନ ମନ୍ତ୍ରୀ ମିଷ୍ଟର ଡଗଲାସ୍ ହେଉଛନ୍ତି ସମବାୟ ବିଭାଗର ମନ୍ତ୍ରୀ । ସମବାୟ ବିଭାଗ ପାଇଁ ଜଣେ ସ୍ୱତନ୍ତ୍ର ଡେପୁଟୀ ମନ୍ତ୍ରୀ ଅଛନ୍ତି ତାଙ୍କ ନାମ ହେଉଛି ମିଷ୍ଟର ଅର୍ଣ୍ଟାସନ୍ । ତାଙ୍କ ତଳକୁ ଚାରିଜଣ ସମବାୟ ବିଭାଗର ଡାଇରେକ୍ଟର ଅଛନ୍ତି । ସମବାୟ ବିଭାଗଟି ସାଧାରଣତଃ ଚାରୋଟି ବିଭାଗରେ ବିଭକ୍ତ କରାଯାଇଛି, ଯଥା—ଋଣ ସମବାୟ ବିଭାଗ,

କ୍ରୟ ବିକ୍ରୟ ସମବାୟ ବିଭାଗ, ସମବାୟ ରିସର୍ଚ୍ଚ ବା ଗବେଷଣା ବିଭାଗ ଓ ସମବାୟ ବିକାଶ ବିଭାଗ । ପ୍ରତ୍ୟେକ ବିଭାଗ ପାଇଁ ଜଣେ ଜଣେ ଡାଇରେକ୍ଟର ଅଛନ୍ତି ଓ ପ୍ରତ୍ୟେକ ଡାଇରେକ୍ଟରଙ୍କ ଅଧୀନରେ ୪ । ୫ ଜଣ କରି ଡିଷ୍ଟ୍ରିକ୍ଟ ରିପ୍ରେଜେଣ୍ଟେଟିଭ୍ ବା ସମବାୟ ବିଭାଗୀୟ ଜିଲ୍ଲା କର୍ମଚାରୀ ଅଛନ୍ତି । ଅର୍ଥାତ୍ ସସ୍‌କେଚ୍-ୱାନ ପ୍ରଦେଶର ସରକାର ସମବାୟ ନୀତିକୁ ଆର୍ଥିକ ସଂଗଠନର ନୀତି ରୂପେ ଗ୍ରହଣ କରିଅଛନ୍ତି । ସେଥିପାଇଁ ଖୋଦ୍ ପ୍ରଧାନ ମନ୍ତ୍ରୀ ନିଜେ ସମବାୟ ବିଭାଗର କର୍ତ୍ତୃତ୍ୱ ନେଇଛନ୍ତି । ଏ ପ୍ରଦେଶରେ ଆମର ଶିକ୍ଷା ଗସ୍ତର ଶେଷ ଦିନ ସମବାୟ ଡେପୁଟି ମନ୍ତ୍ରୀ ମିଷ୍ଟର ଅର୍ଣ୍ଣାସନ ଆମକୁ ନେଇ ପ୍ରଧାନ ମନ୍ତ୍ରୀ ମିଷ୍ଟର ଡଗ୍‌ଲାସଙ୍କ ସହିତ ଭେଟ କରାଇଦେଲେ । ପ୍ରଧାନ ମନ୍ତ୍ରୀ ବରାବର କର୍ମବ୍ୟସ୍ତ ଥିବାରୁ ଆଗରୁ ବନ୍ଦୋବସ୍ତ କରି ମୋଟେ ପାଞ୍ଚ ମିନିଟ ପାଇଁ ଆମର ସାକ୍ଷାତର ବନ୍ଦୋବସ୍ତ ହୋଇଥିଲା । ଆମେ ପ୍ରଧାନ ମନ୍ତ୍ରୀଙ୍କୁ ଅପେକ୍ଷା କରି ବସିଛୁଁ । ଆମ ସାଥିରେ ଡେପୁଟି ମନ୍ତ୍ରୀ ଓ ସମବାୟ ବିକାଶ ବିଭାଗ ( Co-operative Extension Department )ର ଡାଇରେକ୍ଟର ମଧ୍ୟ ଅଛନ୍ତି । ହଠାତ୍ ଜଣେ କ୍ଷୁଦ୍ରକାୟ ସାଧାରଣ ପୋଷାକ ପିନ୍ଧିଥିବା ଭଦ୍ରଲୋକ ହସି ହସି ସେ ଗୃହ ମଧ୍ୟକୁ ପ୍ରବେଶ କଲେ । ତାଙ୍କୁ ଦେଖି ଡେପୁଟି ମନ୍ତ୍ରୀ ଛିଡ଼ାହୋଇ ପଡ଼ି ଆମକୁ ପରିଚୟ କରାଇଦେଲେ ଯେ ସେ ହେଉଛନ୍ତି ସସ୍‌କେଚ୍‌ୱାନ ପ୍ରଦେଶର ପ୍ରଧାନ ମନ୍ତ୍ରୀ ମିଷ୍ଟର ଡଗଲସ୍ । ଏତେ ସାଧାସିଧା ଲୋକ ଯେ ତାଙ୍କୁ ହଠାତ୍ ଅଜାଣୁଆ ଲୋକ ପ୍ରଧାନମନ୍ତ୍ରୀ ବୋଲି ଜାଣି ପାରିବ ନାହିଁ । କିନ୍ତୁ କଥାବାର୍ତ୍ତା କଲାବେଳେ ତାଙ୍କର ତୀକ୍ଷ୍ଣବୁଦ୍ଧି ଓ ଦକ୍ଷତା ଲକ୍ଷଣ ବେଶ୍ ପରିସ୍ଫୁଟ ହୋଇ ଉଠିଥିଲା । ପାଞ୍ଚ ମିନିଟ୍ ପାଇଁ ଆମର ସମୟ ନିର୍ଦ୍ଦିଷ୍ଟ ଥିଲା ସତ କିନ୍ତୁ ପ୍ରଧାନ

ମନ୍ତ୍ରୀ ସ୍ୱୟଂ ସମବାୟ ବିଭାଗର ମନ୍ତ୍ରୀ ହୋଇଥିବାରୁ ଓ ସମବାୟ ନୀତିରେ ତାଙ୍କର ଗଭୀର ଆସ୍ଥା ଓ ପ୍ରଗାଢ଼ ବିଶ୍ୱାସ ଥିବାରୁ, ଆମେ ଭାରତରୁ ସମବାୟ ବିଷୟରେ ଶିକ୍ଷା କରିବାପାଇଁ ଆସିଛୁଁ ଶୁଣି ସେ ଏତେ ତନ୍ମୟ ହୋଇ ପଡ଼ିଲେ ଯେ ଗପ କରୁଁ କରୁଁ ପ୍ରାୟ ପନ୍ଦର କୋଡ଼ିଏ ମିନିଟ ବିତିଗଲା । ଶେଷରେ ସମବାୟ ବିକାଶ ବିଭାଗର ଡାଇରେକ୍ଟର ପ୍ରଧାନ ମନ୍ତ୍ରୀଙ୍କ ଦୃଷ୍ଟି ସମୟ ପ୍ରତି ଆକର୍ଷଣ କରିବାରୁ ଆମେ ତାଙ୍କଠାରୁ ବିଦାୟ ନେଇ ଆସିଲୁଁ ।

ବାସ୍ତବିକ ସସ୍‌କେଚ୍‌ଚୁଆନ ପ୍ରଦେଶରେ ଆମେ ଯାହା ଦେଖିଲୁ ସେଥିରେ ସରକାରଙ୍କ ସମବାୟ ନୀତିରେ ଦୃଢ଼ ଆସ୍ଥା ଥିବା ଫଳରେ ସମବାୟ ଆନ୍ଦୋଳନ ଯଥେଷ୍ଟ ସଫଳତା ଲାଭ କରିଛି ଓ ନାନା ପ୍ରକାର ନୂଆ ନୂଆ ସମବାୟ ସମିତିମାନ ସ୍ଥାପିତ ହେଉଛି ।

ସସ୍‌କେଚ୍‌ଚୁଆନ ପ୍ରଦେଶକୁ କାନାଡ଼ାର ଲକ୍ଷ୍ମୀ ଭଣ୍ଡାର କହିଲେ ଚଳେ । ଏ ପ୍ରଦେଶକୁ ସାଧାରଣତଃ Wheat Province ବା ଗହମ ପ୍ରଦେଶ କହନ୍ତି । ଏ ପ୍ରଦେଶରେ ଶହ ଶହ ହଜାର ହଜାର ମାଇଲ୍ ଧରି କେବଳ ଗହମ କ୍ଷେତ । ଗୋଟିଏ ବି ଗଛମାଛ ଦେଖିବାକୁ ମିଳେ ନାହିଁ । ଆମର ପନ୍ଦରଦିନ ରହଣି ମଧ୍ୟରେ ଆମେ ସସ୍‌କେଚ୍‌ଚୁଆନ ପ୍ରଦେଶର ଅଭ୍ୟନ୍ତରକୁ ପ୍ରାୟ ପାଞ୍ଚଶହ ମାଇଲ ଦୂରକୁ ଯାଇଥିଲୁଁ ଜଣେ ସମବାୟ ବିଭାଗୀୟ ଜିଲ୍ଲା ଅଫିସର ଆମକୁ ତାଙ୍କ କାର୍‌ରେ ନେଇ ଯାଇଥିଲେ । ସେତେବେଳେ ସେପ୍ଟେମ୍ବର ମାସର ଅଧା ଅଧି । ଗହମ ପାଚି ଯାଇଥାଏ । କଟାମଳା ସମୟ । ଆମ କାର ସେହି ଦିଗନ୍ତ ବିସ୍ତାରୀ ସ୍ୱର୍ଣ୍ଣାଭ ଗହମ ଶସ୍ୟ କ୍ଷେତ୍ର ମଧ୍ୟ ଦେଇ ଛୁଟିଥାଏ । ଆମେ ଦେଖୁଁଥାଉଁ ଶହ ଶହ ମାଇଲ ଧରି ଖାଲି ଗହମ କ୍ଷେତ । ଗୋଟିଏ ବି ଗଛ ପତ୍ର ନାହିଁ । ଗାଁ ଗଣ୍ଡା ବି

ନାହିଁ । ମଝିରେ ମଝିରେ କ୍ଷେତ ପାଖରେ ଗୋଟିଏ ଗୋଟିଏ ଚାଷୀ ବା Farmer ଙ୍କର ଘର । ଗୋଟିଏ ଚାଷୀର ଘର ଠାରୁ ଅନ୍ୟ ଚାଷୀର ଘର ହୁଏତ ମାଇଲ୍‌ଏ କି ଦୁ'ମାଇଲ୍ ଛଡ଼ା । ଆମ ଦେଶରେ ଯେପରି ଗାଁ ଗଣ୍ଡାରେ ଲୋକେ ଘରକୁ ଘର ଲଗାଇ ଏକତ୍ର ରହନ୍ତି ଏ ପ୍ରଦେଶରେ ସେପରି ଗାଁ ଆଦୌ ଆମେ ଦେଖିଲୁ ନାହିଁ । ହୁଏତ ଦଶ କୋଡ଼ିଏ କି ତିରିଶ ମାଇଲ ବ୍ୟବଧାନରେ ଗୋଟିଏ ଗୋଟିଏ କ୍ଷୁଦ୍ର ସହର ଅଛି ଯେଉଁଠି ସାଧାରଣତଃ ଗୋଟିଏ ସମବାୟ ଭଣ୍ଡାର, ଗୋଟିଏ ଋଣ ସମବାୟ ସମିତି ବା କ୍ରେଡ଼ିଟ୍ ଇଉନିୟନ, ଗୋଟିଏ ହାଇସ୍କୁଲ୍, ଡାକ୍ତରଖାନା ଓ ପୋଷ୍ଟ ଅଫିସ ଇତ୍ୟାଦି ଥାଏ, ସେହି କ୍ଷୁଦ୍ର ସହରକୁ କେନ୍ଦ୍ରକରି ୨୦।୨୫ କି ତିରିଶ ମାଇଲ ଅବାନ୍ତରରେ ଚାଷୀମାନେ ଗୋଟିକିଆ ଘର କରି ଆପଣା ଆପଣା କ୍ଷେତ ମୁଣ୍ଡରେ ରହିଥାନ୍ତି । ପ୍ରତ୍ୟେକ ଚାଷୀର ଅନ୍ତତଃ ଖୁବ୍ କମ୍‌ରେ ଚାରି ପାଞ୍ଚ ଶହ ଏକର ଗହମ ଜମି ଥାଏ । ସେଥିରେ ସେ ଉଠିଆ ପଡ଼ିଆ ନୀତିରେ ଗହମ ଚାଷ କରେ । ଅର୍ଥାତ୍ ଏବର୍ଷ ଖଣ୍ଡେ ଜମିରେ ଚାଷ କଲେ ଅପର ଖଣ୍ଡିଏ ଜମି ପଡ଼ିଆ ରଖିଦିଏ; ପୁଣି ଆସନ୍ତା ବର୍ଷକୁ ସେ ପଡ଼ିଆ ଜମିଖଣ୍ଡି ଚାଷ କରେ ଓ ଉଠିଆ ଖଣ୍ଡିକୁ ପଡ଼ିଆ ରଖିଦିଏ । ଏପରି କରିବାଦ୍ୱାରା ଜମିର ଉର୍ବରାଶକ୍ତି ଅକ୍ଷୁଣ୍ଣ ରହେ । ଜମିର ତ ଅଭାବ ନାହିଁ, ପାଞ୍ଚଶହ ଏକର ମଧ୍ୟରୁ ଦୁଇ ତିନି ଶହ ଚାଷକଲେ ବର୍ଷକୁ ବର୍ଷ ଯଥେଷ୍ଟ ଗହମ ଆମଦାନି ହୁଏ ।

ହୁଏ ତ ବର୍ତ୍ତମାନ ପ୍ରଶ୍ନ ହୋଇପାରେ ଜଣେ ଲୋକ ଏତେ ଏତେ ଜମି ଚାଷ କରେ କିପରି ? ମୂଲିଆ ମଜୁରି ଆସନ୍ତି କେଉଁଠୁ ? ଏହାର ଉତ୍ତର ଏହି ଯେ ସେ ଦେଶରେ ଚାଷର ସବୁ କାମ ଯନ୍ତ୍ର ସାହାଯ୍ୟରେ ହୋଇଥାଏ, ସୁତରାଂ ମୂଲିଆ ମଜୁରିର

ଆବଶ୍ୟକତା ନ ଥାଏ । କେବଳ ଜଣେ ଲୋକ ଯନ୍ତ୍ର ଚଳାଇବା ପାଇଁ ହେଲେ ହେଲା । ଆମେ ଯେତେବେଳେ ଯାଇଥିଲୁଁ ସେତେବେଳେ କଟାମଳା ସମୟ । ଆମେ ଦେଖିଲୁଁ ଯେ ଜଣେ ଜଣେ ଚାଷୀ ଏକପ୍ରକାର ଯନ୍ତ୍ର ଚଳାଇ ଗହମ କାଟୁଥିଲେ ଓ ସଙ୍ଗେ ସଙ୍ଗେ ମଳି ଦେଉଥିଲେ ମଧ୍ୟ । ଏ ପ୍ରକାର ଯନ୍ତ୍ରକୁ ସାଧାରଣତଃ Combiner (କମ୍ବାଇନର୍) କହନ୍ତି । ଉକ୍ତ ଯନ୍ତ୍ର ସାହାଯ୍ୟରେ ଗହମ କଟାହୋଇ ଯାଉଥାଏ ଓ ସାଙ୍ଗେ ୨ ମଳାହୋଇ ଯାଉଥାଏ । ମଳାହୋଇ ଯାଉଥିବା ଗହମକୁ ମୋଟର ଲରି ସାହାଯ୍ୟରେ ବୋହି ନିଅନ୍ତି ଓ ନଡ଼ାତକ ବିଲରେ ପୋପାଡ଼ି ଦେଇଥାନ୍ତି । କାରଣ ନଡ଼ାର ଆବଶ୍ୟକତା ବେଶୀ ନ ଥାଏ । ତାହା ସେହିପରି ବିଲରେ ପଡ଼ି ଖତ ହୋଇଯାଏ ।

ବର୍ତ୍ତମାନ ସରକାରଙ୍କ ତରଫରୁ ଗହମର ମୂଲ୍ୟ କଣ୍ଟ୍ରୋଲ କରାଯାଇଛି ଏବଂ ଖୋଦ ସରକାରଙ୍କଦ୍ୱାରା ଗହମର ମୂଲ୍ୟ ସ୍ଥିର କରାଯାଏ ଓ ସରକାରଙ୍କ ଦ୍ୱାରା ବଳକା ଶସ୍ୟ ସଂଗ୍ରହ କରାଯାଏ । ସରକାରଙ୍କ ତରଫରୁ ନିଯୁକ୍ତ ଏକ ଗହମବୋର୍ଡ ଦ୍ୱାରା ଏ କାର୍ଯ୍ୟ ହୁଏ । ସରକାର ଓ ଚାଷୀଙ୍କ ମଧ୍ୟରେ ମଧ୍ୟସ୍ଥରୂପେ କାର୍ଯ୍ୟ କରେ, ଅଧିକାଂଶ ସ୍ଥଳରେ, Wheatpool (ହୁଇଟ୍‌ପୁଲ୍) ନାମକ ଏକ ସମବାୟ ଅନୁଷ୍ଠାନ । ଗହମ ଚାଷୀମାନେହିଁ ସେଥିରେ ସଭ୍ୟ ଥାନ୍ତି । ଉକ୍ତ ଅନୁଷ୍ଠାନ ପକ୍ଷରୁ ଲୋକ ନିଯୁକ୍ତ ରହି ଚାଷୀମାନଙ୍କର ସ୍ୱାର୍ଥକୁ ସର୍ବଦା ଜଗି ରହିଥାଏ ।

ରିଜାଇନା ସହରର ପ୍ରଧାନ ରାସ୍ତା ଉପରେ ଏକ ପ୍ରକାଣ୍ଡ ସୌଧରେ 'ହୁଇଟିପୁଲ' ର ପ୍ରଧାନ ଅଫିସ ଅଛି । ଆମ୍ଭେମାନେ ଉକ୍ତ ଅଫିସକୁ ଯାଇ "ହୁଇଟ୍‌ପୁଲ୍"ର ସଂଗଠନ ସମ୍ବନ୍ଧେ ସମସ୍ତ ସମ୍ବାଦ ସଂଗ୍ରହ କରିଥିଲୁଁ । ଉକ୍ତ "ହୁଇଟ୍‌ପୁଲ୍" ଦ୍ୱାରା ଗୋଟିଏ

ଆଇଦା ତିଆରି କଳ ଓ ଗୋଟିଏ ତେଲପେଢ଼ା କଳ ମଧ୍ୟ ଚାଳିତ ହୁଏ । 'ହୁଇଟ୍‌ପୁଲ୍‌' ର କାରବାରରୁ ଯାହା ମୁନାଫା ମିଳେ ସେ ସବୁ ସଭ୍ୟମାନଙ୍କଠାକୁ ପୁରସ୍କାର ଭାବରେ ବ୍ୟବସାୟ ଅନୁପାତରେ ଫେରିଯାଏ ।

ରିଜାଇନା ସହରରେ ଅଜ ଗୋଟିଏ ପ୍ରକାଣ୍ଡ ସମବାୟସୌଧ ମଧ୍ୟ ଅଛି—ତାହାକୁ Co-operative Block ( କୋପରେଟିଭ୍ ବ୍ଲକ) କହନ୍ତି । ଉକ୍ତ ସୌଧରେ ପ୍ରାଦେଶିକ ସମବାୟ ଇଉ-ନିୟନ, ପ୍ରାଦେଶିକ ସମବାୟ ବ୍ୟାଙ୍କ, ସମବାୟ ଇନ୍‌ସୁରନ୍ସ ସୋସାଇଟି ପ୍ରଭୃତି ଅନେକଗୁଡ଼ିଏ ସମବାୟ ମୂଳକ ଅନୁଷ୍ଠାନ ଅବସ୍ଥାପିତ । ଆମ୍ଭେମାନେ ରିଜାଇନାରେ ରହି ଉକ୍ତ ସମବାୟ ଅନୁଷ୍ଠାନଗୁଡ଼ିକ ପରିଦର୍ଶନ କରିଥିଲୁଁ ଓ ପ୍ରୌଢ଼ ଶିକ୍ଷା କେନ୍ଦ୍ରକୁ ଯାଇ ମଧ୍ୟ ଉକ୍ତ ବିଷୟରେ ନାନାପ୍ରକାର ଜ୍ଞାତବ୍ୟ ତଥ୍ୟ ସଂଗ୍ରହ କରିଥିଲୁଁ ।

କିଛିଦିନ ରିଜାଇନାରେ ରହି ଆମ୍ଭେମାନେ ମଫସଲ ଗସ୍ତ ପାଇଁ ଜଣେ ସମବାୟ ବିଭାଗୀୟ କର୍ମଚାରୀଙ୍କ କାର୍‌ରେ ଚାହାରିଲୁଁ । ବାଟରେ କେତେଗୁଡ଼ିଏ ସମବାୟ ଷ୍ଟୋର ଇତ୍ୟାଦି ପରିଦର୍ଶନ କରି ସନ୍ଧ୍ୟା ସମୟରେ ଆମ୍ଭେମାନେ "କାଇଲ୍‌" ନାମକ ଏକ କ୍ଷୁଦ୍ର ସହରରେ ରାତି ଯାପନ୍ତୁ କଲୁଁ । ସେଦିନ ସନ୍ଧ୍ୟା ତଥା ପରଦିନ ସକାଳେ ଆମ୍ଭେମାନେ ସେଠାରୁ ପ୍ରାୟ ଦଶମାଇଲ୍ ଦୂରରେ ଅବସ୍ଥିତ 'ମେଟାକୋର କୋ-ଅପରେଟିଭ୍ ଫାର୍ମ' ନାମକ ଏକ ସମବାୟ କୋଠଗୃଷ ସମିତି ପରିଦର୍ଶନ କରିବାକୁ ଯାଇଥିଲୁଁ । ଉକ୍ତ ସମିତି ଦେଖି ଆମ୍ଭେମାନେ ବିଶେଷ ପ୍ରୀତ ହୋଇ ଯାଇଥିଲୁଁ କାରଣ ସେଠାରେ ପ୍ରାୟ ୧୮ ଗୋଟି ଯୁଦ୍ଧ ଫେରନ୍ତା ପରିବାର ଏକ ସମବାୟ ପଲ୍ଲୀ ଗଢ଼ି ବାସ କରୁଛନ୍ତି । ସେମାନେ

ସମସ୍ତେ ପ୍ରାୟ ୯ ହଜାର ଏକର ଜମି ଏକାଠି ଚାଷ କରନ୍ତି ଓ
ପରିଶ୍ରମ ଅନୁପାତରେ ଫସଲ ବାଣ୍ଟି ନିଅନ୍ତି । ସେମାନେ ଏକାଠି
ମିଳି ଉକ୍ତ ବସ୍ତିର ଘରଗୁଡ଼ିକ ମଧ୍ୟ ନିର୍ମାଣ କରିଛନ୍ତି ।
ଯେଉଁମାନେ ବିବାହିତ ସେମାନଙ୍କୁ ସ୍ୱତନ୍ତ୍ର ଘର ମିଳିଛି ଓ
ଅବିବାହିତମାନେ ଏକାଠି ମେସ୍ କରି ରହୁଛନ୍ତି । ଆମ୍ଭମାନଙ୍କୁ
ଦେଖି ସେମାନେ ଭାରି ଖୁସି ହୋଇଥିଲେ ଓ ଜଣେ ଜଣେ ଚାଷୀ
ଆମ୍ଭମାନଙ୍କୁ ମଧ୍ୟାହ୍ନ ଭୋଜନ ପାଇଁ ସେମାନଙ୍କ ଘରକୁ ନିମନ୍ତ୍ରଣ
କରିଥିଲେ । ମୁଁ ଯେଉଁ ପରିବାରର ଅତିଥି ହୋଇଥିଲି ସେ
ହେଉଛନ୍ତି ସ୍କଟଲାଣ୍ଡର ଲୋକ ଓ ତାଙ୍କ ସ୍ତ୍ରୀ ହେଉଛନ୍ତି
ଡେନମାର୍କର ଲୋକ । ଡେନମାର୍କର ସମବାୟ ବିଷୟରେ ତାଙ୍କ
ସ୍ତ୍ରୀ ବଡ଼ ଉଚ୍ଚଧାରଣା ପୋଷଣ କରନ୍ତି ଓ ସେଥିପାଇଁ ଗର୍ବ
ଅନୁଭବ କରନ୍ତି । ଉକ୍ତ ଚାଷୀମାନେ ସାଧାରଣତଃ ମଇଳା
ପୋଷାକ ପିନ୍ଧି ବିଲରେ କାମଦାମ କରନ୍ତି । ଭାରି ପରିଶ୍ରମୀ
ସେମାନେ । କାଳେ ମେଘ ବରଷିଯିବ ଓ ଗହମ କଟା
ହୋଇ ପାରିବ ନାହିଁ ଏହି ଭୟରେ ସେମାନେ ସେତେବେଳେ
ଦିନରାତି ନମାନି ଗହମ କାଟିବାରେ ବ୍ୟସ୍ତ ଥିଲେ । ଉକ୍ତ ବସ୍ତିରେ
ଯେଉଁମାନେ କୋଠଚାଷ ସମିତି ଗଢ଼ି ରହିଛନ୍ତି ସେମାନେ ବା
ସେମାନଙ୍କ ପୂର୍ବପୁରୁଷମାନେ ୟୁରୋପୀର ବିଭିନ୍ନ ଅଞ୍ଚଳରୁ
ଆସିଥିଲେ । କିନ୍ତୁ ବର୍ତ୍ତମାନ ସେମାନଙ୍କର ମେଳ ଦେଖିଲେ ଓ
ଏକାଠି କାମ କରିବାର କୌଶଳ ଦେଖିଲେ ସେମାନଙ୍କର
ଉଦ୍ୟମକୁ ପ୍ରଶଂସା ନ କରି ରହି ହେବ ନାହିଁ । ସେମାନଙ୍କ
ମଧ୍ୟରେ 'ଉଏଟି୍ରକ୍' ବୋଲି ଜଣେ ଜର୍ମାନ ଦେଶୀୟ ଲୋକ
ଅଛନ୍ତି । ସେ ମଧ୍ୟ ଜଣେ ଚାଷୀ । ସେ ମଧ୍ୟ ମଇଳା ପୋଷାକ ପିନ୍ଧି
ବିଲରେ କାମ କରୁଥିଲେ । କିନ୍ତୁ ଆମ ସଙ୍ଗେ କଥାବାର୍ତ୍ତା

ାଲବେଳେ କେତେ ଦେଶ ବିଦେଶର କଥା କହିଲେ ଓ ାରତରେ କିପରି କୋଠଗୃଷର ଉଦ୍ୟମ ହେଉଛି ସେ ସମ୍ବନ୍ଧରେ ଗୋଟିଏ ପତ୍ରିକାରେ ଜଣେ ଭାରତୀୟଙ୍କ ଲିଖିତ ଏକ ପ୍ରବନ୍ଧ ାଣି ଦେଖାଇଲେ ।

ଉକ୍ତ ସମିତି ଦେଖି ସାରି ଆମ୍ଭେମାନେ ସସ୍କେଟୁନ୍ Saskatoon) ନାମକ ଏକ ସହରରେ ପହଞ୍ଚିଲୁଁ । ଉକ୍ତ ାହର ଏକ ମନୋରମ ସହର । ଗୋଟିଏ ନଦୀ କୂଳରେ ାବସ୍ଥିତ । ନଦୀର ଠିକ୍ ଉପରକୁ ଗୋଟିଏ କ୍ଷୁଦ୍ର ପାହାଡ଼ ବା ଉଚ୍ଚ ଅଧିତ୍ୟକା । ତାହାର ଉପରେ ଏକ ସୁନ୍ଦର ଇଉନିଭର୍ସିଟି ା ବିଶ୍ୱବିଦ୍ୟାଳୟର ପ୍ରକାଣ୍ଡ ପ୍ରକାଣ୍ଡ ସୌଧ ଶ୍ରେଣୀ । ନଦୀ ାରରେ ଉଚ୍ଚ ଅଧିତ୍ୟକା ଉପରେ ସୁନ୍ଦର ସୁନ୍ଦର ବାସଗୃହ-ଡ଼ିଏ ଅଛି । ଆମ୍ଭେମାନେ ପ୍ରାୟ ୩ ଶହ ମାଇଲ ବୃକ୍ଷବିହୀନ ାହମ କ୍ଷେତ ଭିତରେ ଗତିକରି ଯେତେବେଳେ ଏହି ମନୋରମ ାହରରେ ପହଞ୍ଚିଲୁଁ ସେତେବେଳେ ମନରେ ଭାରି ଆନନ୍ଦ ହାଇଥିଲା । ଉକ୍ତ ସହରରେ 'ହୋଟେଲ ପେଟ୍ରିସିଆ' ନାମକ ଏକ ସୁନ୍ଦର ହୋଟେଲରେ ଆମ୍ଭେମାନେ ରହିଲୁଁ । ସସ୍-କେଟୁନ୍‌ରେ ଏକ ପ୍ରକାଣ୍ଡ ହୋଲସେଲ୍ ସମବାୟ ସମିତି ାଛି । ସସ୍କେଟୁନ୍ ଇଉନିଭରସିଟି ମଧ୍ୟ ଗୋଟିଏ ଭଲ ଇଉନିଭରସିଟି । ଦୁଇ ଦିନ ପରେ ଆମେ ଅନ୍ୟ ଏକ ଧରଣର ୃଷୀ ସମବାୟ ସମିତି ମଧ୍ୟ ପରିଦର୍ଶନ କରିଥିଲୁଁ । ଉକ୍ତ ସମିତିରେ ୃଷୀମାନେ ଯେ ଯାହାର ଜମି ଚଷନ୍ତି ସତ କିନ୍ତୁ ଗୃଷରେ ବ୍ୟବହୃତ ହେଉଥିବା ଯନ୍ତ୍ରପାତି ସବୁ ଏକାଠି କିଣିଛନ୍ତି । କାରଣ ଯନ୍ତ୍ରଗୁଡ଼ିକର ମୂଲ୍ୟ ବହୁତ ହୋଇଥିବାରୁ ଜଣକ ପକ୍ଷେ ତାହା ାଣିବା ସମ୍ଭବପର ନୁହେଁ ।

ଉତ୍କଳ ସଂଗୀ

ପ୍ରାୟ ସାତ ଦିନ ମଫସଲ ଗସ୍ତରେ କଟାଇ ଅମ୍ଭେମାନେ ପୁ ଇଜାଇନା ଅଭିମୁଖେ ଫେରିଲୁଁ । ଫେରିଲା ବେଳେ 'ସାଉ ଆଲେନ୍' ନାମକ ଅନ୍ୟ ଏକ କୋଠଚାଷ ସମବାୟ ସମିତି ମ ପରିଦର୍ଶନ କରିଥିଲୁଁ । ସେଠାରେ ମଧ୍ୟ ୧୫୧୭ ଜଣ ଗୃ ପରିବାର ଏକାଠି ମିଳି ଏକ କୋଠଚାଷ ସମିତି ଗଢ଼ିଛନ୍ତି । ସେମା ଙ୍କର ସ୍ୱତନ୍ତ୍ର ଜମିଗୁଡ଼ିକୁ ମିଶାଇ ଦେଇ ଏକାଠି ଚାଷ କରନ୍ତି ପୁରୁଷ ସ୍ତ୍ରୀ ଉଭୟେ ସମିତିର ସଭ୍ୟ ଶ୍ରେଣୀଭୁକ୍ତ ହୋଇଛନ୍ତି ।

ଅମ୍ଭେମାନେ ସେମାନଙ୍କ ବସ୍ତିରେ ପହଞ୍ଚିଲା ବେଳକୁ ଦି ପ୍ରାୟ ବାରଟା । ସେମାନେ ଆମ୍ଭମାନଙ୍କୁ ବହୁତ ଆଦର କ ପ୍ରେସିଡେଣ୍ଟଙ୍କ ଘରକୁ ଡାକି ନେଇ ମଧ୍ୟାହ୍ନ ଭୋଜନରେ ଆପ୍ୟାୟି କରିଥିଲେ । ଅପ୍ରତ୍ୟାଶିତ ଭାବରେ ବିଦେଶୀ ଲୋକଙ୍କୁ ଏପରି ଅଭ୍ୟର୍ଥନା କରିବା ଦେଖି ଅମ୍ଭେମାନେ ମୁଗ୍ଧ ହୋଇ ଯାଇଥିଲୁଁ

ଇଜାଇନା ଫେରିଲା ପରେ ଦିନେ ସନ୍ଧ୍ୟାରେ ଅମ୍ଭେମାନେ ଇଜାଇନାର ବିଶ୍ୱ ଜାତି ସଙ୍ଘ କ୍ଲବରେ ସ୍ଥାନୀୟ ସଭ୍ୟମାନଙ୍କ ସହି ମିଳିତ ହୋଇ ଏକ ଗୋଲ୍‌ଟେବୁଲ ବୈଠକ କରିଥିଲୁଁ ଓ ପରସ୍ପର ସହିତ ଭାବ ବିନିମୟ କରିଥିଲୁଁ । ଦେଖିଲୁଁ, ଉକ୍ତ କ୍ଲବରେ ପୁରୁଷ ଓ ମହିଳା ବହୁ ସଂଖ୍ୟାରେ ସଭ୍ୟ ଅଛନ୍ତି ଓ ସେମାନେ ନାନା ପ୍ରକାର ସଂସ୍କୃତିମୂଳକ ଆଲୋଚନାରେ ଯୋଗ ଦିଅନ୍ତି ଓ ଯଦି କେହି ବିଦେଶୀ ଲୋକ ଆସନ୍ତି ତେବେ ତାଙ୍କୁ ଡାକି ତାଙ୍କ ସହିତ ଭାବର ବିନିମୟ କରନ୍ତି । ସେଦି ରାତିରେ ଆମ୍ଭମାନଙ୍କର ଗୋଲଟେବୁଲ ବୈଠକ ପରେ ମି ନୋରା ମାକ୍‌ଲିଭ୍ ନାମକ ଏକ ମହିଳା ଆମ୍ଭମାନଙ୍କୁ ତା ଘରକୁ ଡାକି କାଫି ଓ ଜଳଖିଆ ଇତ୍ୟାଦି ଖାଇବାକୁ ଦେଇ ଥିଲେ । ସେ ହେଉଛନ୍ତି ସ୍ଥାନୀୟ ଅର୍ଥ ବୋର୍ଡର ସେକ୍ରେଟାରି ପ୍ରୌଢ଼ ଶିକ୍ଷା ବିଭାଗରେ କାର୍ଯ୍ୟ କରନ୍ତି । ପ୍ରୌଢ଼ ଶିକ୍ଷା ବିଭାଗ

ଇରେକ୍ଟର ମିଷ୍ଟର ଡେଭିଡ୍ ସ୍ମିଥ୍ ମଧ୍ୟ ଅମ୍ଭମାନଙ୍କୁ ଯଥେଷ୍ଟ ହାଯ୍ୟ କରିଥିଲେ ଓ ଆସିବା ଦିନ ଅମ୍ଭମାନଙ୍କୁ ତାଙ୍କ ଘରକୁ ାଇ ତାଙ୍କ ପିଲାମାନଙ୍କ ସହିତ ପରିଚିତ କରାଇ ଦେଇଥିଲେ ।

ରାତି ପ୍ରାୟ ଏଗାରଟା ବେଳେ ଅମ୍ଭେମାନେ ରିଜାଇନା ଡ଼ିଲୁଁ । ଏତେ ରାତିରେ ସୁଦ୍ଧା ମିଷ୍ଟର ସ୍ମିଥ ନିଜ ଗାଡ଼ିରେ ମ୍ଭମାନଙ୍କୁ ଷ୍ଟେସନକୁ ଛାଡ଼ିବାକୁ ଆସିଥିଲେ । ଷ୍ଟେସନରେ ସି ଦେଖୁଁ ଯେ ଆମର ପୂର୍ବ ପରିଚିତ ବନ୍ଧୁ ମିଷ୍ଟର କ୍ୟାମ୍ପବେଲ୍ ସେଠାରେ ହାଜର । ବାସ୍ତବିକ୍ ଏମାନଙ୍କର ବନ୍ଧୁତା ଅତିଥି ସତ୍କାର ଦେଖିଲେ ମୁଗ୍ଧ ହୋଇଯିବାକୁ ହୁଏ ।

ମୋଟ ଉପରେ ଅମ୍ଭେମାନେ ସସ୍‌କେଚ୍‌ୱାନ ପ୍ରଦେଶରେ ଉଁ ପନ୍ଦର ଦିନ କଟାଇଥିଲୁଁ ତାହା ଯେପରି ଶିକ୍ଷଣୀୟ ସେହିପରି ବନ୍ଧୁତ୍ୱ ପୂର୍ଣ୍ଣ ଓ ଆରାମଦାୟକ ହୋଇଥିଲା ।

ବନ୍ଧୁମାନଙ୍କଠାରୁ ବିଦାୟ ନେଇ ରାତି ଏଗାରଟାରେ ଟ୍ରେନ୍ ଭିତରକୁ ଆସି ଶୋଇ ପଡ଼ିଲୁଁ ।

ହଁ, କହିବାକୁ ଭୁଲି ଯାଇଛି ଯେ ରିଜାଇନାରେ ଆମେ ପହଞ୍ଚିଲା ପରେ ଆଉ ଦୁଇ ଜଣ ଶିକ୍ଷାର୍ଥୀ ମଧ୍ୟ ଆମ ସଙ୍ଗେ ଯୋଗ ଦେଇଥିଲେ । ସେମାନଙ୍କ ମଧ୍ୟରୁ ଜଣେ ହେଉଛନ୍ତି ଦକ୍ଷିଣ କୋରିଆର କୃଷି ବିଭାଗର ଜଣେ କର୍ମଚାରୀ ମିଷ୍ଟର ସୁଙ୍ଗ୍, କ୍ୟୁ, ମ୍ ଓ ଅନ୍ୟ ଜଣକ ହେଉଛନ୍ତି ପଶ୍ଚିମ ଆଫ୍ରିକାର ନାଇଜେରିଆ ନାମକ ଏକ ଦେଶର ଅଧିବାସୀ, ନାମ—ମିଷ୍ଟର ଅକୋଶା, ଇକେମାଟେକୁ, ଏଜେନୋବ । ଆମେ ଦୁଇ ଜଣ ଭାରତୀୟ ଓ ହି ଦୁଇ ଜଣ ଏହିପରି ଚାରିଜଣଯାକ ଆମେ ଏକ ସଙ୍ଗରେ ସ୍ତ କଲୁଁ । ସୁତରାଂ କହିବାକୁ ଗଲେ ଆମେ ଏକ କ୍ଷୁଦ୍ର ଜାତିସଂଘ ଭାବରେ ଭ୍ରମଣ କରୁଥିଲୁଁ ।

[ ଛଅ ]


## ଉଇନପେଗ୍ ( ମାନଟୋବା )

ଅକ୍ଟୋବର ମାସ ତା ୧ ରିଖ ଦିନ ସକାଳ ୭ଟାରେ ଅ
ଟ୍ରେନ ମାନିଟୋବା ପ୍ରଦେଶର ରାଜଧାନୀ ଉଇନିପେଗ୍ ସହରରେ
ପହଞ୍ଚିଲା । ଟ୍ରେନରୁ ଓହ୍ଲାଇ ଅମେ ଷ୍ଟେସନ ଘର ଭିତର
ପଶିଗଲା ମାତ୍ରେ ଜଣେ ଭଦ୍ରଲୋକ ଆମକୁ ଅଭ୍ୟର୍ଥନା କଲେ
ସେ ହେଉଛନ୍ତି କାନାଡ଼ା ସରକାରଙ୍କର ଜଣେ କର୍ମଚାରୀ । ସେଦି
ପାଗଟା ବଡ଼ ଥଣ୍ଡା ଥିଲା । ଭାରି ଶୀତ ହେଉଥିଲା । ଉ
ଭଦ୍ରଲୋକ ଆମକୁ ନେଇ ମ୍ୟାକ୍ଲାରେନ ନାମକ ଏ
ହୋଟେଲରେ ପହଞ୍ଚାଇ ଦେଲେ । ଆମେମାନେ ସେଠାରେ
ସ୍ନାନାଦି ନିତ୍ୟକର୍ମ ସାରିନେଲା ପରେ ଉକ୍ତ ଭଦ୍ରଲୋକ ଅମ୍ଭ
ମାନଙ୍କୁ ନେଇ ମାନିଟୋବା ପ୍ରଦେଶର ସେକ୍ରେଟାରୀଏ
କୋଠାରେ ପହଞ୍ଚାଇ ଦେଲେ । ସେଠାରେ ଅମ୍ଭେମାନେ
ମାନିଟୋବା ପ୍ରଦେଶର ସମବାୟ ବିଭାଗର ଡାଇରେକ୍ଟର ମିଷ୍ଟ
ଆର. ଡ଼ି. ଚେଜ୍ (R. D. Chase) ଙ୍କୁ ଭେଟିଲୁ । ଅମେ
ପହଞ୍ଚିଲା ମାତ୍ରେ ଦୁଇଟି ସ୍ଥାନୀୟ ପତ୍ରିକାର ପ୍ରତିନିଧି ଆ
ଅମ୍ଭମାନଙ୍କର ପରିଚୟ, ଗସ୍ତର ଉଦ୍ଦେଶ୍ୟ ଇତ୍ୟାଦି ଟି
ନେଲେ । ତାପରେ ଅମ୍ଭମାନଙ୍କର ଫଟୋ ମଧ୍ୟ ଉଠାଇ ନେଲେ
ପରଦିନ ସକାଳେ ଦେଖିଲୁଁ ଯେ ସ୍ଥାନୀୟ ଦୁଇଟି ପତ୍ରିକାରେ
ଅମ୍ଭମାନଙ୍କର ଫଟୋ ସହିତ ଏକ ଦୀର୍ଘ ସମ୍ବାଦ ପ୍ରକାଶ ପାଇଛି


ଅମ୍ଭମାନଙ୍କର ଫଟୋ ଇତ୍ୟାଦି ନିଆ ସରିବା ପରେ ମିଷ୍ଟ
ଚେଜ୍ ଅମ୍ଭମାନଙ୍କୁ ସଙ୍ଗରେ ନେଇ ଏକ ସମବାୟ ଭୋ



କାନାଡ଼ାର ଏକ ଖାଉଟି ସମବାୟ ଭଣ୍ଡାର



କାନାଡ଼ାର ଏକ ଗୃହନିର୍ମାଣ ସମବାୟ ସମିତିର
ଗୋଟିଏ ସୁନ୍ଦର ଦୃଶ୍ୟ



'ନ୍ୟୁୟର୍କ' ସହରର ଏକ ନଭଶ୍ଚୁମ୍ବୀ
ପ୍ରାସାଦର ଦୃଶ୍ୟ



କାନାଡାରେ ତୁଷାରପାତ ପରେ ସ୍ପ୍ରୁସ୍ ବୃକ୍ଷର ଦୃଶ୍ୟ

ଭାରେ ଯୋଗ ଦେଲେ ଓ ଆମ୍ଭମାନଙ୍କର ପରିଚୟ ଉପସ୍ଥିତ ଦ୍ରବ୍ୟକ୍ତିମାନଙ୍କୁ ଜଣାଇଦେଲେ । ଉକ୍ତ ଭୋଜି ସଭାରେ ାନିଟୋବା ପ୍ରଦେଶର ବହୁ ସମବାୟ ସମିତିର ପ୍ରତିନିଧିମାନେ ଯାଗ ଦେଇଥିଲେ । ଶୁଣିଲି ଏପରି ସମବାୟ ଭୋଜି ସଭା ତି ମାସରେ ଥରେ ଲେଖାଏଁ ହୁଏ ।

ଉକ୍ତ ଭୋଜି ସଭାରେ ଖାଦ୍ୟ ଦ୍ରବ୍ୟ ପରଷି ଦିଆଗଲା ପରେ ପ୍ରତ୍ୟେକ ସଭ୍ୟ ତାଙ୍କର ଭୋଜି ବାବଦ ଦେୟ ଉକ୍ତ ଟେବୁଲ ଉପରେ ଥୋଇଦେଲେ । ବାସ୍ତବିକ ଗୋଟିଏ ଉତ୍କୃଷ୍ଟ ପନ୍ଥା । ଭୋଜି ପାଇଁ ଯେଉଁ ମେନ୍ୟୁ ବା ଖାଦ୍ୟ ତାଲିକା ଛପା ହୋଇ ଦେଖା ଯାଇଥିଲା ସେଥିରେ ଭୋଜି ବାବଦ ଦେୟ କେତେ ତାହା ପରିଷ୍କାର ଲେଖି ଦିଆଯାଇଥିଲା ଓ ତାହା ଟେବୁଲ ଉପରେ ରଖି ଦେବା ପାଇଁ ଅନୁରୋଧ କରାଯାଇଥିଲା । ତେବେ ଆମ୍ଭମାନଙ୍କୁ କିଛି ଦେବାକୁ ପଡ଼ି ନ ଥିଲା କାରଣ ମିଷ୍ଟର ରେଜ୍ ଓ ଭୋଜି ସଭାର ଉଦ୍‌ଯୋକ୍ତାମାନେ ଆମ୍ଭମାନଙ୍କୁ ଅତିଥି ଭାବରେ ଗ୍ରହଣ କରିଥିଲେ ।

ଭୋଜନ ସରିଲା ପରେ ସଭାର କାର୍ଯ୍ୟ ଆରମ୍ଭ ହେଲା । ବିଭିନ୍ନ ପ୍ରକାର ସମବାୟ ସମିତି ପକ୍ଷରୁ ଜଣେ ଜଣେ ବକ୍ତା ଉକ୍ତ ପ୍ରକାର ସମବାୟ ସମିତିର କାରବାର, ସୁବିଧା ଅସୁବିଧା ଓ ଭବିଷ୍ୟତର ପରିକଳ୍ପନା ସମ୍ବନ୍ଧେ କହିଲେ । ତାପରେ ତାହା ନିର୍ଦ୍ଧାରଣ ଭାବରେ ସ୍ଥିର କରାଗଲା । ବାସ୍ତବିକ ଏ ପ୍ରକାର ମାସିକ ଭୋଜି ସଭା ଯେ ସମବାୟ ଆନ୍ଦୋଳନର ବିକାଶ ପାଇଁ ଏକାନ୍ତ ଆବଶ୍ୟକ ଏଥିରେ କୌଣସି ସନ୍ଦେହ ଥାଇ ନପାରେ, ବରଂ ଏ ପ୍ରକାର ସମବାୟ ଭୋଜି ସଭା ଯେତେ ବେଶୀ ହୁଏ ସେତେ ଭଲ ।

ଭୋଜି ସଭାରେ ସ୍ଥାନୀୟ ସମବାୟ ମହିଳା ସଭାର ସଭାନେତ୍ରୀ ମଧ୍ୟ ଉପସ୍ଥିତ ଥିଲେ । ତାଙ୍କ ସହିତ କିଛିକ୍ଷଣପାଇଁ ମୋର

କଥାବାର୍ତ୍ତା ହେଲା । ସେ କହିଲେ ସମବାୟ ମତରେ ଗୃହକର୍ତ୍ତ୍ରୀ
ମହିଳାମାନଙ୍କୁ ଦୀକ୍ଷିତ କରିବା ହେଉଛି ତାଙ୍କ ସମିତିର ଉଦ୍ଦେଶ୍ୟ
କାରଣ, ଗୃହସ୍ଥଳୀର ଆବଶ୍ୟକୀୟ ଜିନିଷପତ୍ର ଖରିଦ କରିବା
ବ୍ୟୟର ହିସାବ କରିବା ଦାୟିତ୍ୱ ସାଧାରଣତଃ ଗୃହକର୍ତ୍ତ୍ରୀମାନଙ୍କ
ଉପରେ ନ୍ୟସ୍ତ ଥାଏ । ସୁତରାଂ ସେ ଯଦି ସମବାୟ ମତ ଭଲ
କରି ବୁଝିଥାନ୍ତି ତେବେ ସେ ସାଧାରଣତଃ ସମବାୟ ଭଣ୍ଡାରରୁ
ସଉଦା କରିବାପାଇଁ ନିଶ୍ଚୟ ଅଗ୍ରହାନ୍ୱିତ ହେବେ ଓ ତାହା
କରିବାଦ୍ୱାରା ସମବାୟ ଭଣ୍ଡାରର ଉନ୍ନତି କରିବା ସଙ୍ଗେ ସଙ୍ଗେ
ଆପଣାର ଉନ୍ନତି ମଧ୍ୟ କରିବାକୁ ସମର୍ଥ ହେବେ । କାରଣ
ସମବାୟ ନୀତି ଅନୁସାରେ ସମବାୟ ଭଣ୍ଡାରରେ ଯାହା ଲାଭ
ହେବ ତାହା ସେଇ ସଭ୍ୟମାନଙ୍କ ପାଖକୁ ଖରିଦ ଜିନିଷ
ଅନୁପାତରେ ମୁନାଫା ସ୍ୱରୂପ ଫେରିଯିବ । ସୁତରାଂ ଜଣେ ଯଦି
ସମବାୟ ଭଣ୍ଡାରରୁ ହଜାରେ ଟଙ୍କାରେ ଜିନିଷ ବର୍ଷକୁ କିଣିଥାଏ
ତେବେ ଖୁବ୍ କମରେ ପଚିଶ ଟଙ୍କା ସେ ମୁନାଫା ସହିତ ପାଇ
ପାରିବେ । ତାହା ଛଡ଼ା ଏ ଦେଶରେ ଆହୁରି ମଧ୍ୟ କେତେକ ସୁବିଧା
ଦିଆଯାଏ । ଅର୍ଥାତ୍ ଯଦି କୌଣସି ସଭ୍ୟ ହଠାତ୍ ମୃତ ହୁଅନ୍ତି
ତେବେ ଗତ ତିନି ବର୍ଷରେ ସେ ଯେତେ ଟଙ୍କାର କାରବାର
କରିଥିବେ ସେ ଅନୁପାତରେ ତାଙ୍କୁ ଇନସୁରାନ୍ସ ଟଙ୍କା ମିଳିଥାଏ ।
ଏହାଛଡ଼ା ସମବାୟ ଭଣ୍ଡାରରେ ନଗଦ କାରବାର କରୁଥିବାରୁ
ସଭ୍ୟଙ୍କର ଖର୍ଚ୍ଚ ପରିମିତ ହୋଇଥାଏ ଓ ଅଯଥା ଅପବ୍ୟୟରୁ
ଅବ୍ୟାହତି ମିଳେ । ଯଦି ଗୃହକର୍ତ୍ତ୍ରୀମାନେ ଏ ସବୁ ନୀତି ଭଲକରି
ବୁଝିଥାନ୍ତି ତେବେ ସମବାୟ ଆନ୍ଦୋଳନରେ ଯୋଗ ଦେବା
ଫଳରେ ପରିବାର ଯଥେଷ୍ଟ ଆର୍ଥିକ ସୁବିଧା ପାଇଥାଏ । ସ୍ଥାନୀୟ
ମହିଳା ସଭାରେ ଏ ବିଷୟ ଆଲୋଚିତ ହୁଏ ଓ ମହିଳାମାନଙ୍କ
ମଧ୍ୟରେ ଏ ବିଷୟ କଥାବାର୍ତ୍ତା ଛଳରେ ପ୍ରଚାରିତ ହୁଏ ।

ସମବାୟ ଭୋଜି ସଭାରେ ବହୁ ସ୍ଥାନୀୟ ସମବାୟ ସମିତିର
ର୍ମକର୍ତ୍ତାମାନଙ୍କ ସହିତ ମଧ ପରିଚୟ ହେବାର ସୁବିଧା ମିଳିଲା ।
ଜି ପରେ ମିଷ୍ଟର ରେଜ୍ ଆମ୍ଭମାନଙ୍କୁ ନେଇ ତାଙ୍କ ପ୍ରଦେଶର
ବାୟ ଆନ୍ଦୋଳନର ଇତିହାସ ଓ ବର୍ତ୍ତିମାନ ଅବସ୍ଥା ସମ୍ବନ୍ଧେ
ଟ ପୂର୍ଣ୍ଣପୂର୍ଣ୍ଣ ତଥ୍ୟ ଦେଇଦେଲେ ।

ତହିଁ ପରଦିନ ଅମେ ସ୍ଥାନୀୟ ପ୍ରାଦେଶିକ ସମବାୟ ବାଣିଜ୍ୟ
ମିତି । ସମବାୟ ମଧୁ ଉତ୍ପାଦନ ସମିତି, ସମବାୟ ଦୁଗ୍ଧ
ଯୋଗାଣ ସମିତି, ସମବାୟ କୃଷି ଯନ୍ତ୍ର ନିର୍ମାଣ ସମିତି, ସମବାୟ
ାଗୁର ସମିତି ପ୍ରଭୃତି ନାନା ପ୍ରକାର ସ୍ଥାନୀୟ ସମବାୟ
ନୁଷ୍ଠାନମାନ ପରିଦର୍ଶନ କରିଥିଲୁଁ ଓ ସ୍ଥାନୀୟ ୟୁନିଭର୍‌ସିଟିର
କାଶ ବିଭାଗ ( Extension Department) କୁ ଯାଇ ଉକ୍ତ
ଭାଗର ପ୍ରଫେସରମାନଙ୍କ ସଙ୍ଗେ ସମବାୟ ଆନ୍ଦୋଳନର ମତ
ଦର୍ଶନ ସମ୍ବନ୍ଧେ ଆଲୋଚନା କରିଥିଲୁଁ ।

ଏଠାରେ କହି ରଖିବା ଦରକାର ଯେ ଆମେରିକାର ପ୍ରାୟ
ଧିକାଂଶ ଇଉନିଭର୍‌ସିଟିମାନଙ୍କରେ ଏକ ଏକ୍‌ଷ୍ଟେନ୍‌ସନ
ପାର୍ଟମେଣ୍ଟ ବା ବିକାଶ ବିଭାଗ ଥାଏ । ଉକ୍ତ ବିଭାଗ ଜରିଆରେ
ଉନିଭରସିଟି ଜନସାଧାରଣଙ୍କ ସହିତ ସମ୍ପର୍କ ରଖି ପ୍ରୌଢ଼
କ୍ଷାରେ ସାହାଯ୍ୟ କରେ । ଆମ ଦେଶରେ ଇଉନିଭର୍‌ସିଟି ଯେପରି
କେବଳ ଶିକ୍ଷାର୍ଥୀ ଛାତ୍ର ଛାତ୍ରୀମାନଙ୍କ ମଧରେ ସୀମାବଦ୍ଧ ଥାଏ ଓ
ନ ସାଧାରଣଙ୍କ ସହିତ ତାର କିଛି ସମ୍ପର୍କ ନ ଥାଏ
ମେରିକାରେ ସେପରି ହୁଏ ନାହିଁ । ଫଳରେ ଜନସାଧାରଣ
ଶ୍ୱବିଦ୍ୟାଳୟର ଶିକ୍ଷା ପାଇବାପାଇଁ ସୁବିଧା ସୁଯୋଗ ନ
ଇଲେ ମଧ ବିଶ୍ୱବିଦ୍ୟାଳୟର ବିକାଶ ବିଭାଗ ଜରିଆରେ
ସହିତ ସମ୍ପର୍କ ରଖି ପାରନ୍ତି । ବାସ୍ତବିକ୍ ଏ ପ୍ରକାର

ମାତି ଯେ ବିଶ୍ୱବିଦ୍ୟାଳୟ ତଥା ଜନସାଧାରଣ ଉଭୟଙ୍କ ପକ୍ଷରେ ଶ୍ରେୟସ୍କର ଏଥିରେ କୌଣସି ସନ୍ଦେହ ଥାଇ ନପାରେ । ଆମ ଦେଶର ବିଶ୍ୱବିଦ୍ୟାଳୟମାନେ ଏ ଦିଗରେ ଯତ୍ନ କରିବାକୁ ଅଗ୍ରସର ହେବେ କି ?

ଆମେ ଇଭନପେଗ୍ ପହୁଞ୍ଚିବାର ତୃତୀୟ ଦିନ ସକାଳେ ଉଠି ଦେଖୁଁ ଯେ ଆକାଶରୁ ଧଳା ତୁଳାପରି କଣ ଗୁଡାଏ ବର୍ଷା ହେଉଛି । ବନ୍ଧୁ କହିଲେ—ଏହା ତୁଷାର ପାତ । ବାସ୍ତବିକ ମୁଁ ଜୀବନରେ କେବେ ତୁଷାରପାତ ଦେଖି ନ ଥିଲି । ଏହାହିଁ ହେଲା ମୋର ଜୀବନର ପ୍ରଥମଥର ପାଇଁ ତୁଷାରପାତ ଦର୍ଶନ । ରହି ରହି ଖୁବ୍ ଜୋରରେ ତୁଷାରପାତ ହେବାକୁ ଲାଗିଲା । ରାସ୍ତା ଘାଟ, ରାସ୍ତାରେ ଥିବା ମୋଟରକାର୍ ଛାତ ସବୁ ଉପରେ ଗୋଟାଏ ଧଳା ଆସ୍ତରଣ ପଡ଼ିଗଲା । ମୋର ଭାରତୀୟ ବନ୍ଧୁ ସେ ଦିନ ମୋଟେ ଘରୁ ବାହାରିଲେ ନାହିଁ । ମିଷ୍ଟର ରେଜ୍ ନିର୍ଦ୍ଦିଷ୍ଟ ସମୟରେ ଆସି ମୋତେ ସଙ୍ଗରେ ନେଇ ସ୍ଥାନୀୟ 'ହୁଇଟ୍‌ପୁଲ୍'ର ବିଶାଳ ସୌଧକୁ ମୋତେ ଓ ଆମ ସଙ୍ଗରେ ଥିବା ଅନ୍ୟ ଦୁଇଜଣ ଭଦ୍ର ବ୍ୟକ୍ତିଙ୍କୁ ନେଇ ଗଲେ । ଅମ୍ଭେମାନେ ସେଠାରେ ପହଞ୍ଚି ତାଙ୍କର ପରିଚାଳକ ବର୍ଗଙ୍କ ସହିତ ପ୍ରାୟ ଦୁଇଘଣ୍ଟା କାଳ ନାନାବିଷୟରେ କଥାବାର୍ତ୍ତା ହେଲୁଁ । ଅମ୍ଭେମାନେ ଆମ ଦେଶର ସମବାୟ ଆନ୍ଦୋଳନ ସମ୍ବନ୍ଧେ କିଛି କିଛି କହିଲୁଁ ଓ ସେମାନେ ତାଙ୍କ ଦେଶର ସମବାୟ ଆନ୍ଦୋଳନର ଇତିହାସ ଓ ଅଗ୍ରଗତି ସମ୍ବନ୍ଧେ ମଧ୍ୟ କହିଲେ ।

ଉକ୍ତ ସମିତି ପକ୍ଷରୁ ଏକ ସମ୍ବାଦପତ୍ର ପ୍ରକାଶ ପାଏ । ସେମାନେ ଆମ୍ଭମାନଙ୍କର ଫଟୋ ଉଠାଇ ନେଲେ ଓ ଉକ୍ତ ସମ୍ବାଦ ପତ୍ରରେ ପ୍ରକାଶ କରିବାପାଇଁ କହିଲେ ।

ତାପରେ ଉକ୍ତ ସମିତିର ଦୁଇଜଣ କର୍ମକର୍ତ୍ତା ଆମ୍ଭମାନଙ୍କୁ ସଙ୍ଗରେ ନେଇ ଗୋଟିଏ ସୁନ୍ଦର କ୍ଲବରେ ଭୂରି ଭୋଜନରେ ଆପ୍ୟାୟିତ କରିଥିଲେ ।

ହଁ, କହିବାକୁ ଭୁଲିଯାଇଛୁ ଯେ ପ୍ରଥମ ଦିନ ସନ୍ଧ୍ୟାରେ ମିଷ୍ଟର ଟେଜ୍ ଆମ୍ଭମାନଙ୍କୁ ତାଙ୍କ ଘରକୁ ନେଇ ଯାଇଥିଲେ । ସେଠାରେ ତାଙ୍କର ଆଠବର୍ଷର ଝିଅ କାଥାରିନ୍ ସହିତ ଆମକୁ ପରିଚୟ କରାଇ ଦେଲେ । ଆମେ ଇଣ୍ଡିଆରୁ ଆସିଛୁ ବୋଲି ତାଙ୍କ ବାପା କହିଲେ । ସେ ଝିଅ ସଙ୍ଗେ ସଙ୍ଗେ ଦୌଡ଼ିଯାଇ କାନ୍ଥରେ ଟଙ୍ଗା ହୋଇଥିବା ଏକ ମାନଚିତ୍ର ଘେନିଆସି ଆମକୁ 'ଇଣ୍ଡିଆ' ଦେଖାଇ ଦେଲା । ଉକ୍ତ ସମୟରେ ମିସେସ୍ ଟେଜ୍ ଘରେ ଉପସ୍ଥିତ ନ ଥିଲେ । ସେ ଡାକ୍ତରଖାନାରେ ପୀଡ଼ିତ ଥିଲେ କିନ୍ତୁ ମିଷ୍ଟର ଟେଜ୍‌ଙ୍କର ଯୋଡ଼ିଏ ସାନ ଝିଅ କାଥାରିନ୍ ଓ ଲିଣ୍ଡା ତାଙ୍କ ବାପାଙ୍କ ପାଖରେ ରହିଥାନ୍ତି । କାଥାରିନ୍ ଏତେ ଅଳ୍ପ ବୟସରୁ ଭିନ୍ନ ଭିନ୍ନ ଦେଶର ପୋଷ୍ଟ ଷ୍ଟାମ୍ପ ସଂଗ୍ରହ କରିବାରେ ଲାଗିଯାଇଛି । ଆମକୁ କିଛି ଷ୍ଟାମ୍ପ ଦେବାପାଇଁ ସେ ଅନୁରୋଧ କଲା, ତାପରେ ରାତି ୯ଟା ହୋଇ-ଯିବାପରେ ତାର ବାପା ତାକୁ ଚୁମ୍ବନ ଦେଇ କହିଲେ— ଯା ମା ରାତି ୯ଟା ହେଲାଣି ଶୋଇପଡ଼ିବୁ ଯା । ଏତିକରେ ସେ ସୁନାଝିଅଟି ଘର ଉଠି ଶୋଇବାପାଇଁ ଚାଲିଗଲା । ତାପରେ ମିଷ୍ଟର ଟେଜ୍ ଆମ୍ଭମାନଙ୍କୁ ତାଙ୍କ ଘରର ବେସ୍‌ମେଣ୍ଟ ଗୃହ ( ଭୂମି ଅଭ୍ୟନ୍ତରସ୍ଥ ଗୃହ ) କୁ ଘେନିଯାଇ ସେ ନିଜେ ଉଠାଇଥିବା ଯୋଡ଼ିଏ ଫିଲ୍ମ୍ ଆମକୁ ତାଙ୍କ ଘରେ ଥିବା ସିନେମା ଯନ୍ତ୍ର ସାହାଯ୍ୟରେ ଦେଖାଇ ଥିଲେ । ଉକ୍ତ ଛବିଗୁଡ଼ିକ ରଙ୍ଗୀନ ଛବି ଥିବାରୁ ବେଶ୍ ସୁନ୍ଦର ଦିଶୁଥିଲା । ଗୋଟିଏ ଛବିରେ ସମବାୟ ଆନ୍ଦୋଳନର ଇତିହାସ ଓ ପ୍ରଗତି ବର୍ଣ୍ଣିତ ଥିଲା ଓ ଅନ୍ୟଟିରେ ଏକ ବନ୍ୟା ଦୃଶ୍ୟ ଥିଲା ।

ମିଷ୍ଟର ତେଜ୍ କହିଲେ ଯେ ଦୁଇବର୍ଷ ତଳେ ତାଙ୍କ ଘରପାଖ ନଦୀରେ ଗୋଟିଏ ବଡ଼ବନ୍ୟା ଆସିଲା । ଫଳରେ ତାଙ୍କ ଘରଦ୍ୱାର ସବୁ ପାଣିରେ ବୁଡ଼ି ଯାଇଥିଲା । ତାଙ୍କର ପରିବାର ସେ ଘର ଛାଡ଼ି ଅନ୍ୟତ୍ର ଯାଇ ବାସ କରୁଥିଲେ । ଅବଶ୍ୟ ତାପରେ ସରକାର ନଦୀକୂଳରେ ଉଚ୍ଚ ବନ୍ଧ ଦେଇ ବନ୍ୟା ବିପଦରୁ ବସ୍ତିକୁ ରକ୍ଷା କରିଦେଇଛନ୍ତି । ସେହି ବନ୍ୟା ସମୟରେ ମିଷ୍ଟର ତେଜ୍ ଗୋଟିଏ ଗଛ ଉପରେ ଚଢ଼ି ତାଙ୍କ କେମେରା ସାହାଯ୍ୟରେ ବନ୍ୟା ଦୃଶ୍ୟର ଛବି ଉଠାଇଥିଲେ । ସେହି ଛବି ଆମ୍ଭମାନଙ୍କୁ ସେ ଦେଖାଇଲେ । ସିନେମା ଦେଖିସାରି ତାଙ୍କ ଘରୁ ସେଦିନ ହୋଟେଲକୁ ଫେରିବା ବେଳକୁ ରାତି ପ୍ରାୟ ବାରଟା ହୋଇ ଯାଇଥିଲା ।

ଯେଉଁଦିନ ଆମେ ଇଉନିପେଗ୍ ଛାଡ଼ିବୁଁ ସେଦିନ ସକାଳେ ମଧ୍ୟ ଭୀଷଣ ଭାବରେ ତୁଷାରପାତ ଚାଲିଥାଏ । ଉପରବେଳାକୁ ତୁଷାରପାତ ବନ୍ଦ ହୋଇଗଲା । ଟିକିଏ ଖରାପାଗ କଲା ମଧ୍ୟ । ସୂର୍ଯ୍ୟ ଘନ ମେଘ ଆସ୍ତରଣ ଉହାଡ଼ରୁ ଟିକିଏ ଉଙ୍କିମାରି ଚାହିଁଲେ ।

ଏତିକି ବେଳେ ମିଷ୍ଟର ତେଜ୍ ଆସି ମୋତେ ଓ ମୋର ଭାରତୀୟ ବନ୍ଧୁଙ୍କୁ ତାଙ୍କ କାର୍‌ରେ ନେଇଗଲେ । ଆମ ସାଥିରେ ଥିବା ଅନ୍ୟ ଦୁଇଜଣ ଭଦ୍ରଲୋକ ପୂର୍ବଦିନ ଇଉନିପେଗ୍‌ରୁ ବିଦାୟ ନେଇ ଟୋରୋଣ୍ଟୋ ଚାଲିଯାଇଥିଲେ ।

ମିଷ୍ଟର ତେଜ୍ ଆମ୍ଭମାନଙ୍କୁ ନେଇ ପ୍ରଥମେ ତାଙ୍କ ଘରକୁ ଗଲେ । ସେତେବେଳକୁ ରାସ୍ତା ଘାଟ, ପଦା ପ୍ରାନ୍ତର ସବୁ ଧଳା ବରଫରେ ପୋତି ହୋଇଥାଏ । ତାଙ୍କ ବସ୍ତିରେ ପହୁଞ୍ଚି ଦେଖିଲୁ ଯେ ପିଲାମାନେ ଅତି ଆନନ୍ଦରେ ବରଫ ଉପରେ ଖେଳୁଛନ୍ତି । ବରଫକୁ ପିଣ୍ଡୁଳା କରି ଫୋପଡ଼ା ଫୋପଡ଼ି ହେଉଛନ୍ତି, ବରଫରେ ଖେଳଘର ତିଆରି କରୁଛନ୍ତି ଓ ବରଫରେ ଏକପ୍ରକାର ପିତୁଳା ତିଆରି

କରୁଛନ୍ତି ଯାହାକୁ ସ୍ନୋମ୍ୟାନ୍ ବା ବରଫ ମନୁଷ୍ୟ କହନ୍ତି । ବାସ୍ତବିକ ବରଫ ଦେଖି ପିଲାଙ୍କର ଆନନ୍ଦ କହିଲେ ନ ସରେ । ଯେଉଁ ଦେଶରେ ଯେଉଁ କଥା ?

ମିଷ୍ଟର ଡେଜ୍ ଆମ୍ଭମାନଙ୍କୁ ନେଇ ଷ୍ଟାମାସ୍ତୁ ପାର୍କ, ଓ ସେଠାରେ ଥିବା ଏକ ଚିଡ଼ିଆଖାନା ଦେଖାଇଥିଲେ । ଚିଡ଼ିଆଖାନାରେ ନାନାବର୍ଣ୍ଣର ପଶୁ ପକ୍ଷୀ ଦେଖି ଭାରି ଖୁସି ହୋଇଥିଲୁଁ ।

ତାପରେ ତାଙ୍କ ଘରକୁ ଆମକୁ ନେଇ ଯାଇଥିଲେ । ସେତେବେଳକୁ ମିସେସ୍ ଡେଜ୍ ଡାକ୍ତରଖାନାରୁ ଫେରିଆସିଥିଲେ । ସେ ଚାହା ଓ ଜଳଖିଆ ଆମକୁ ଖାଇବାକୁ ଦେଲେ, ଜଳଖିଆ ସଙ୍ଗରେ ଯେଉଁ କଣ୍ଟିଅଳ କାକୁଡ଼ି ଆଚାର ଦେଇଥିଲେ ତାହା ଖାଇବାକୁ ଭାରି ସୁନ୍ଦର ଲାଗିଲା । ମୁଁ ତାର ପ୍ରଶଂସା କରିବାରୁ ମିସେସ୍ ଡେଜ୍ ମୋତେ ବଳାଇ ବଳାଇ ଦୁଇ ଚୁରିଖଣ୍ଡ ଖୁଆଇଲେ ଓ କହିଲେ ଯେ କାକୁଡ଼ି ଆଚାର କରିବା ପ୍ରଣାଳୀ ସମ୍ବନ୍ଧେ ସେ ଗୋଟିଏ ଲେଖା ମୋତେ ଦେଇଦେବେ । ବାସ୍ତବିକ ସେଦିନ ସନ୍ଧ୍ୟାଟି ତାଙ୍କ ଘରେ ବେଶ୍ ଆନନ୍ଦରେ କଟିଲା । ତାପରେ ରାତି ୭ଟାରେ ଆସି ଆମ୍ଭେମାନେ ଗାଡ଼ି ଧରିଲୁ । ମିଷ୍ଟର ଡେଜ୍ ଆମ୍ଭମାନଙ୍କୁ କାରରେ ଆଣି ଷ୍ଟେସନରେ ଛାଡ଼ିଦେଇଗଲେ । ଗାଡ଼ି ଉଇନିପେଗ୍ ଛାଡ଼ି ଅଟାଓ୍ୱା ଅଭିମୁଖରେ ପ୍ରସ୍ଥାନ କଲା କିନ୍ତୁ ଉଇନିପେଗର ସ୍ମୃତି ମାନସ ପଟରେ ଚିର ଦିନପାଇଁ ଅଙ୍କିତ ହୋଇ ରହିଗଲା । ବାସ୍ତବିକ ଉଇନିପେଗ୍ ଗୋଟିଏ ଅତି ସୁନ୍ଦର ସହର ଓ ସେଠାକାର ଖାଦ୍ୟପେୟର ମୂଲ୍ୟ ମଧ୍ୟ ଅନ୍ୟାନ୍ୟ ସ୍ଥାନ ତୁଳନାରେ ଯଥେଷ୍ଟ କମ୍ ।

## [ ସାତ ]

## ଅଟାଓ୍ୱା ପ୍ରତ୍ୟାବର୍ତ୍ତନ ଓ ପୂର୍ବାଞ୍ଚଳକୁ ଗମନ

ପୂର୍ବ ଗୋଟିଏ ଦିନ ଓ ଦୁଇଟି ରାତି ଟ୍ରେନରେ କଟାଇବାକୁ ହେଲା । ଏଥର ଆମେ ସି. ଏନ୍. ଆର୍. ଟ୍ରେନ୍‌ରେ ଯାତ୍ରା କରୁଥିଲୁଁ । ସି. ଏନ୍. ଆରର ପୂରା ନାମ ହେଉଛି କାନାଡ଼ିଆନ୍ ନେଶନାଲ୍ ରେଲୱେ । ଏହା ହେଉଛି ପୁରାପୁରି ସରକାରୀ ଟ୍ରେନ୍ । ଆମ୍ଭେମାନେ ଟରୋଣ୍ଟୋରୁ ଚିକାଗୋ ଯାଇଥିଲୁଁ ଯେଉଁ ଟ୍ରେନ୍‌ରେ ତାହା ହେଉଛି ସି. ପି. ଆର ବା କାନାଡ଼ିଆନ୍ ପେସିଫିକ୍ ରେଲୱେ । ଏଥର ମଧ୍ୟ ଟ୍ରେନ୍ ସେହିପରି ବଣ, ପର୍ବତ, ହ୍ରଦ ପାଖ ଦେଇ ଗତି କରୁଥିଲା । ସୁତରାଂ ଟ୍ରେନ୍‌ର ଦୁଇ ପାଖରେ ପ୍ରାକୃତିକ ଦୃଶ୍ୟ ବଡ଼ ମନୋରମ ଦିଶୁଥିଲା । ତୃତୀୟ ଦିନ ବଡ଼ ଭୋର୍ ଟ୍ରେନ୍ ଅଟାଓ୍ୱା ଷ୍ଟେସନରେ ପହଞ୍ଚିଲା । ଆଗରୁ ଆମର ରହିବାର ସ୍ଥାନ ରିଜର୍ଭ କରାଯାଇଥିଲା କିନ୍ତୁ ଏଥର ଆମର ସ୍ଥାନ ରିଜର୍ଭ କରାଯାଇ ନ ଥିଲା । ସେଥିପାଇଁ ମୋର ବନ୍ଧୁ ମିଷ୍ଟର ଆବାସ୍ ବଡ଼ ଉଦ୍‌ବିଗ୍ନ ଥିଲେ । ଟ୍ରେନ୍ ଷ୍ଟେସନରେ ପହଞ୍ଚିଲା ପରେ ତାଙ୍କୁ ଜିନିଷପତ୍ର ଛଡ଼ାଇବାକୁ କହି ମୁଁ ହୋଟେଲ ସନ୍ଧାନରେ ବାହାରିଲି । ଏଠାରେ ଦୀର୍ଘ ଟ୍ରେନ୍ ଯାତ୍ରା ସମୟରେ ଜିନିଷ ପତ୍ର ସବୁ ଆଗରୁ ରେଲ କର୍ମଚାରୀଙ୍କ ଜିମା କରି ଦିଆଯାଇ ଥାଏ । ତାହାକୁ ସ୍ଥାନୀୟ ଭାଷାରେ "ଚେକ୍‌ଇନ୍" ବୋଲି କହନ୍ତି । ଆମର ଜିନିଷପତ୍ର ସବୁ ସେହିପରି 'ଚେକ୍‌ଇନ୍' କରି ଯାଇଥିଲା । 'ଚେକ୍‌ଇନ୍' କରିବା ପାଇଁ କିଛି ପଇସା ପତ୍ର ଲାଗେ ନାହିଁ । ଖାଲି ବକ୍ସ ସୁଟ୍‌କେଶ ଇତ୍ୟାଦି ସଂପୃକ୍ତ ରେଲ କର୍ମଚାରୀଙ୍କ ଜିମା

କରିଦେଲେ ସେ ପ୍ରତ୍ୟେକ ଜିନିଷରେ ଗୋଟିଏ ଗୋଟିଏ ଟିକଟ୍ ଝୁଲାଇ ଦିଅନ୍ତି । ସେ ଟିକଟ୍‌ରେ ନମ୍ବର ଦିଆଯାଇଥାଏ । ସେଇ ଟିକଟର ତଳ ଅଂଶକୁ ଛିଣ୍ଡାଇ 'ଚେକ୍‌ଇନ୍' କଲା ଲୋକକୁ ରସିଦ ଭାବରେ ଦେଇଥାନ୍ତି । ସେଥିରେ ମଧ୍ୟ ସେଇ ନମ୍ବର ଛପା ହୋଇଥାଏ । ପୁଣି ନିର୍ଦ୍ଦିଷ୍ଟ ଷ୍ଟେସନରେ ସେଇ ଟିକଟର ଅର୍ଦ୍ଧାଂଶ ଦେଖାଇଲେ ସଂପୃକ୍ତ ରେଳ କର୍ମଚାରୀ ଜିନିଷ ପତ୍ର ବାହାର କରି ଦିଅନ୍ତି । ଏ ପ୍ରଥା ଦ୍ୱାରା ଯାତ୍ରୀମାନଙ୍କୁ ବହୁତ ସୁବିଧା ହୋଇଥାଏ । ଏଣୁତ ଜିନିଷ ପତ୍ର ବସିବା ଗାଡ଼ିରେ ଲଦି ସ୍ଥାନ ନଷ୍ଟ କରିବାର ଦରକାର ହୁଏ ନାହିଁ କିମ୍ବା ଜିନିଷ ପତ୍ର ପ୍ରତି ଏତେ ନଜର ଦେବାର ଆବଶ୍ୟକ ହୁଏ ନାହିଁ । ଜିନିଷ ପତ୍ରକୁ ବାହାର କରି ନେବାକୁ "ଚେକ୍ ଆଉଟ୍" କହନ୍ତି । 'ଚେକ୍ ଆଉଟ୍' କଲାବେଳେ ଟିକଟର ଅର୍ଦ୍ଧାଂଶ ତକ ରେଳ ଷ୍ଟେସନ ପୋର୍ଟରକୁ ଦେଇ ଦେଲେ ସେ ମଧ୍ୟ ମାଲ ଯୁଗାଡ଼ କରାଇ ନିଏ । ଏହି ପୋର୍ଟର ବା ରେଳ ଷ୍ଟେସନ କୁଲିମାନଙ୍କୁ ସାଧାରଣତଃ 'ରେଡ୍ କ୍ୟାପ୍' ବା 'ନାଲିଟୋପି' ବୋଲି କହୁଥାନ୍ତି କାରଣ ସେମାନେ ସାଧାରଣତଃ ନାଲି ଟୋପି ବ୍ୟବହାର କରନ୍ତି । ଆମ ଦେଶରେ ଯେପରି ଷ୍ଟେସନରେ କୁଲିମାନେ ହାଉପାଉ ହେଉଥାନ୍ତି ଓ ଜିନିଷ ପତ୍ର ପାଇଁ ଟଣାଓଟରା କରନ୍ତି, ଏ ଦେଶରେ ସେପରି ନୁହେଁ । ପୋର୍ଟରମାନେ ପେଣ୍ଟ କୋଟ ପିନ୍ଧି ବେଶ୍ ଭଦ୍ର ଲୋକ ଭଳି ବ୍ୟବହାର କରନ୍ତି । ସାଧାରଣତଃ ପୋର୍ଟରମାନଙ୍କୁ ପଚିଶ ସେଣ୍ଟ ଯାଏ ଦେବାକୁ ପଡ଼ିଥାଏ । ପଚିଶ ସେଣ୍ଟମାନେ ପ୍ରାୟ ଅଢ଼ାଇ ଟଙ୍କା । ଆମ ଦେଶର କୁଲିମାନଙ୍କୁ ଯାହା ଦିଆଯାଏ ତାର କେତେଗୁଣ ହିସାବ କରି ଦେଖନ୍ତୁ । ଆମେ ମଜୁଷା ଜଡ଼ ପଇସା । ଏ ଦେଶର ପୋର୍ଟରମାନେ ଯେପରି ପଇସା ପାଆନ୍ତି ସେପରି

ପୋଷାକ ପନ୍ତ ପଛ ବେଶ୍ ଭଦ୍ରଲୋକ ସାଜ ରହନ୍ତି । ଆମ ଦେଶର କୁଲି ତ ଦଅଣାର ମୁଣ୍ଡ, ସେ ବସ୍ତ୍ରର ମଇଳା କୋଡର ପିନ୍ଧି ବୁଲିବ ନାହିଁ ତ କ'ଣ କରିବ ?

ଆମ ପୋର୍ଟରଙ୍କୁ ଜିନିଷ ପତ୍ର ଚେକ୍ ଆଉଟ୍ କରିବା ପାଇଁ ଟିକଟ ଦେଇ ଦେଲୁ । ମୁଁ ଷ୍ଟେସନ ବାହାରକୁ ଯାଇ ଦେଖେଁ ତ ସାମନାରେ ଏକ ପ୍ରକାଣ୍ଡ ହୋଟେଲ, ନାମ "ସେଟୁଲାଇଏର" ଏହାହିଁ ହେଉଛି କାନାଡ଼ିଆନ ନେଶନାଲ ରେଲୱେ ଦ୍ୱାରା ପରିଚାଳିତ ହୋଟେଲ । ଉକ୍ତ ହୋଟେଲରେ ପ୍ରାୟ ପାଞ୍ଚ ଶହ ଯାଏ ଘର ଅଛି । ମୁଁ ହୋଟେଲ ଭିତରକୁ ଯାଇ ମେନେଜରଙ୍କୁ ପଚାରିଲି । ସେ କହିଲେ, ମାତ୍ର ଦଶଟି ରୁମ୍ ଖାଲି ଅଛି । ଯଦି କହିବେ ତ ସେହି ଦୁଇଟି ସ୍ଥିର କରିଦେବି । ମୁଁ ସେଇ ଦୁଇଟି ପାଇଁ ହିଁ ଭରି ଦେଲି ମୋ ପାଇଁ ଓ ମୋ ବନ୍ଧୁ ଅବାସ୍‌ଙ୍କ ପାଇଁ । ତାପରେ ଷ୍ଟେସନକୁ ଫେରିଆସି ଦେଖେଁ ଯେ ପୋର୍ଟର ଜିନିଷ ପତ୍ର ସବୁ ବାହାର କରି ଆଣିଛି । ଆମେ 'ସେଟୁଲାଇଏର୍' ହୋଟେଲରେ ରହୁଛୁ ଶୁଣି ପୋର୍ଟର କହିଲା—ଆପଣମାନେ ହୋଟେଲକୁ ଯାଆନ୍ତୁ, ମୁଁ ଜିନିଷ ପତ୍ର ନେଇ ଯାଉଛି । ଆମେ ହୋଟେଲକୁ ଗଲୁଁ । ସେଠାରେ ପହଞ୍ଚି ଦେଖିଲୁଁ ଯେ ଆମର ଜିନିଷ ପତ୍ର ସବୁ ସେଠାରେ ଯାଇ ହାଜର । ଆମେ ଆଶ୍ଚର୍ଯ୍ୟାନ୍ୱିତ ହୋଇଗଲୁଁ ଯେ ଜିନିଷ ପତ୍ର ସେଠାକୁ ଆସିଲା କେଉଁବାଟେ ? ପରେ ଜାଣିଲୁଁ ଯେ ଷ୍ଟେସନରୁ ହୋଟେଲକୁ ସଡ଼କ ତଳେ ତଳେ ଏକ ସୁଡ଼ଙ୍ଗ ରାସ୍ତା ଅଛି । ସେଇବାଟେ ଷ୍ଟେସନରୁ ହୋଟେଲକୁ ଏବଂ ହୋଟେଲରୁ ଷ୍ଟେସନକୁ ଜିନିଷ ପତ୍ର ନିଆ ଅଣା ହୁଏ । ଉକ୍ତ ହୋଟେଲ ସିଃ ଏନ୍. ଆର. ରେଲୱେ ଦ୍ୱାରା ପରିଚାଳିତ ହେଉଥିବାରୁ ଏପ୍ରକାର ବ୍ୟବସ୍ଥା କରାଯାଇଛି ।

ଷ୍ଟେସନ ପୋର୍ଟରମାନଙ୍କୁ ପଚ୍ଚିଶ ସେଣ୍ଟ କରି ଆମେ ଦୁଇଜଣଙ୍କୁ ଏକ ଡଲାର ଦେବାକୁ ପଡ଼ିଲା । ତାପରେ ହୋଟେଲ ପୋର୍ଟର ଆମର ଜିନିଷପତ୍ର ସବୁ ନେଇ ଆମ ରହିବା ଘରେ ପହଞ୍ଚାଇ ଦେଲେ । ସେଥିପାଇଁ ସେମାନଙ୍କୁ ମଧ୍ୟ ପଚ୍ଚିଶ ସେଣ୍ଟ୍ କରି ବକ୍ସିସ୍ ବା ଟିପ୍ ଦେବାକୁ ପଡ଼ିଲା ।

ହୋଟେଲରେ ସ୍ନାନାଦି ନିତ୍ୟକର୍ମ ସାରି ଦେଇ ଏକ ନିକଟସ୍ଥ ହୋଟେଲରେ ଜଳଖିଆ କରିନେଲୁଁ । ତାପରେ ଆମେ କାନାଡ଼ା ସରକାରଙ୍କ କୃଷିବିଭାଗୀୟ ଅଫିସର ମିଷ୍ଟର ଟ୍ରୁମାନ୍‌ଙ୍କୁ ଭେଟିଲୁଁ । ସେ କହିଲେ ଯେ ଆମର ପ୍ରୋଗ୍ରାମ୍ ବଦଳି ଯାଇଛି, ଆମକୁ ପୁଣି ଦୁଇଦିନ ପରେ କ୍ୱିବେକ୍ ନାମକ ସ୍ଥାନକୁ ଯିବାକୁ ହେବ । ତାପରେ ସେ କହିଲେ ଯେ ପରଦିନ ଅଣ୍ଟାଓ୍ୱାଠାରୁ ୨୦।୨୫ ମାଇଲ ଦୂରରେ 'କାରପ୍' ନାମକ ଏକ ସ୍ଥାନରେ ଏକ କୃଷୀ ମେଳା ହେବ । ସେଥିରେ କୃଷୀମାନଙ୍କର ଟ୍ରାକ୍ଟର ଦ୍ୱାରା ହଳ କରିବା ପ୍ରତିଯୋଗିତା ହେବ ଓ ନାନା ପ୍ରକାର କୃଷି ଯନ୍ତ୍ରର ପ୍ରଦର୍ଶନୀ ମଧ୍ୟ ହେବ । ସେ ସେଠାକୁ ଯିବେ । ସେ ଆମ୍ଭମାନଙ୍କୁ ମଧ୍ୟ ତାଙ୍କ ସାଥିରେ ନେଇ ଯିବାକୁ ଚାହାନ୍ତି । ଆମେ ଆନନ୍ଦର ସହିତ ରାଜି ହୋଇଥିଲୁଁ । ସ୍ଥିର ହେଲା ଯେ ପରଦିନ ସକାଳ ନଅଟା ବେଳେ ଆମେ ଯାଇ ତାଙ୍କ ଅଫିସରେ ଉପସ୍ଥିତ ହେବୁଁ । ସେ କହିଲେ ଯେ ପଞ୍ଜାବରୁ ସତ୍ତବନ୍ତ ସିଂ ନାମକ ଏକ ଶିଖ କୃଷୀ ମଧ୍ୟ ଆସିଛନ୍ତି । ସେ ବି ଯିବେ ।

ତହିଁ ପରଦିନ ସକାଳେ ସ୍ନାନାଦି ନିତ୍ୟକର୍ମ ସାରି ଆମ୍ଭେମାନେ ଠିକ୍ ନଅଟା ବେଳେ ଯାଇ ମିଷ୍ଟର ଟ୍ରୁମାନଙ୍କ ଅଫିସରେ ହାଜର । କିନ୍ତୁ ସତ୍ତବନ୍ତ ସିଂ କାହାନ୍ତି ? ପ୍ରାୟ ଅଧଘଣ୍ଟାଏ କ ତିନି କ୍ୱାର୍ଟର ପରେ ଶ୍ରୀଯୁକ୍ତ ସିଂ ମହାଶୟ ଆସି

ପହଞ୍ଚିଲେ । ଡେରି ହେଲା ବୋଲି କ୍ଷମା ପ୍ରାର୍ଥନା କଲେ । ଯାହା ହେଉ ଆମେ ମିଷ୍ଟର ଟ୍ରୁମାନଙ୍କ ସହିତ ତାଙ୍କ କାର୍‌ରେ ଠିକ୍ ଦଶଟା ବେଳେ ବାହାରିଲୁଁ ।

କାନାଡ଼ାର ଏକ 'ହାଇଓ୍ୱେ' ( ପ୍ରଧାନ ସଡ଼କ) ଉପରେ ଗାଡ଼ି ଗ୍ଭଲିଥାଏ । ଦୁଇ ପାଖରେ ପ୍ରାକୃତିକ ଦୃଶ୍ୟ ବଡ଼ ମନୋରମ ଦିଶୁଥାଏ; କାରଣ ସେତେବେଳେ 'ଫଲ୍' ବା ପତ୍ର ଝଡ଼ିବାର ପୂର୍ବାବସ୍ଥା ଉପସ୍ଥିତ ହୋଇଥିବାରୁ ଗଛର ପତ୍ର ସବୁ ପାଚଯାଇ ନାଲ୍, ହଳଦିଆ, ନାରଙ୍ଗୀ ପ୍ରଭୃତି ମନୋରମ ବର୍ଣ୍ଣ ଧାରଣ କରିଥାଏ । ଦୂରରୁ ଏ ପ୍ରକାର ଗଛଗୁଡ଼ିକର ଶୋଭା ବଡ଼ ସୁନ୍ଦର ଦିଶୁଥାଏ । ତାପରେ ଅଣ୍ଟାରିଓ୍ୱା ସହରର ଠିକ୍ ବାହାରେ ହିଉ୍ୟୁ ନଦୀ କୂଳରେ ଅନେକଗୁଡ଼ିଏ ଯାତ୍ରୀ ନିବାସ ମଧ୍ୟ ନିର୍ମିତ ହୋଇ ଥିବାର ଆମେ ଦେଖିଲୁଁ । ଅନେକ ଛୁଟି ଉପଭୋଗ ପ୍ରୟାସୀ ବ୍ୟକ୍ତି ଆସି ନଦୀ କୂଳର ସେଇ ମନୋରମ ଯାତ୍ରୀ ନିବାସ-ମାନଙ୍କରେ ରହନ୍ତି । ବିଶେଷତଃ ଖରାଦିନେ ଏହି ଯାତ୍ରୀ ସମାଗମ ଖୁବ୍ ବେଶୀ ହୋଇଥାଏ । ଅଧିକାଂଶ ଯାତ୍ରୀ ଇଉନାଇଟେଡ୍ ଷ୍ଟେଟସ୍‌ରୁ ଆସିଥାନ୍ତି । ଏହି ଯାତ୍ରୀ ବ୍ୟବସାୟରୁ କାନାଡ଼ାବାସୀ ତଥା ସରକାର ବହୁ ଲାଭ ପାଇଥାନ୍ତି ।

ଆମ ଗାଡ଼ି ପ୍ରଦର୍ଶନୀରେ ପହଞ୍ଚିବାର ପ୍ରାୟ ଦୁଇ ତିନି ମାଇଲ ଆଗରୁ ଆମେ ଦେଖିଲୁଁ ଯେ ଗାଡ଼ି ଚଳାଚଳ ଏକଦମ୍ ଅସମ୍ଭବ ହୋଇ ପଡ଼ୁଛି । କାରଣ ରାସ୍ତା ଉପରେ ଦୁଇ ଧାଡ଼ିରେ ପ୍ରାୟ ତିନି ମାଇଲ ଧରି ଗାଡ଼ି ଶ୍ରେଣୀ ଗୋଟିକ ପଛକୁ ଗୋଟିଏ ଲାଗି ରହିଥାନ୍ତି । ପୋଲିସ ତଥା ସ୍ୱେଚ୍ଛାସେବକମାନେ ଗାଡ଼ିମାନଙ୍କୁ ପ୍ରବେଶ ଟିକେଟ୍ ଦେଇ ଗୋଟି ଗୋଟି କରି ପ୍ରଦର୍ଶନୀ ପ୍ରାଙ୍ଗଣକୁ ଛାଡ଼ୁଥାନ୍ତି । ପ୍ରାୟ ଅଧଘଣ୍ଟା କି ଘଣ୍ଟାଏ ଯାଏ ଅପେକ୍ଷା କଲା ପରେ

ଆମ ଗାଡ଼ି ଏହି ଅବାଂଛନୀୟ ପରିସ୍ଥିତିରୁ ପରିତ୍ରାଣ ପାଇଲା । ଆମେ ଯାଇ ପ୍ରଦର୍ଶନୀ ପ୍ରାଙ୍ଗଣରେ ଉପସ୍ଥିତ ହେଲୁଁ ।

ବାସ୍ତବିକ୍ ଗୋଟିଏ ବିରାଟ କାରଖାନା ଲାଗିଥିଲା ସେଠି । ଗୋଟିଏ ବଡ଼ ପଡ଼ିଆରେ ବହୁତଗୁଡ଼ିଏ ତମ୍ବୁ ପଡ଼ିଥାଏ । ଅନେକ ନିର୍ମାତା ତଥା ବିକ୍ରେତା ସେମାନଙ୍କର କୃଷିଯନ୍ତ୍ର ତଥା ଅନ୍ୟାନ୍ୟ କୃଷି ସମ୍ବନ୍ଧୀୟ ବସ୍ତୁ ପ୍ରଦର୍ଶନୀକୁ ଆଣିଥିଲେ । ଅନେକେ ମଧ୍ଯ ପ୍ରଦର୍ଶନୀ ସ୍ଥଳରେ ସେମାନଙ୍କର ଯନ୍ତ୍ରପାତିକୁ ଚଳାଇ ପରୀକ୍ଷା ସ୍ୱରୂପ ଦେଖାଇ ଦେଉଥାନ୍ତି । ପ୍ରଦର୍ଶନୀ ସ୍ଥାନରେ ବହୁତ ଗୁଡ଼ିଏ ହୋଟେଲ ମଧ୍ଯ ଖୋଲା ଯାଇଥିଲା । ଅନେକ କମ୍ପାନୀ ଆମ୍ଭମାନଙ୍କୁ ବିଶେଷତଃ ଆମ୍ଭମାନଙ୍କ ସାଙ୍ଗରେ ଥିବା ପଗଡ଼ି ପିନ୍ଧା ଦାଢ଼ିଆ ଶିଖ ଭଦ୍ରଲୋକଙ୍କୁ ଦେଖି ତାଙ୍କ ଯନ୍ତ୍ର ସହିତ ଆମର ଫଟୋ ଉଠାଇବାକୁ ଅନୁରୋଧ କଲେ । ଆମେ ମଧ୍ଯ ସେହିପରି ଯନ୍ତ୍ର ଚଳାଇବା ପରି ଅଭିନୟ କରି ଛିଡ଼ା ହେଲୁଁ । ସେମାନେ ଫଟୋ ଉଠାଇ ନେଲେ । ହୁଏତ ପରେ ତାହାକୁ ପ୍ରଚାର ପାଇଁ ବ୍ୟବହାର କରିବେ । ଅନେକ ପତ୍ର ପତ୍ରିକାର ଏଜେଣ୍ଟମାନେ ମଧ୍ୟ ଆମ୍ଭମାନଙ୍କର ଫଟୋ ଉଠାଇ ନେଲେ । ପ୍ରଦର୍ଶନୀରେ ବହୁ ଲୋକର ସମାଗମ ହୋଇଥିଲା । ବହୁ କୃଷି ପ୍ରତିଯୋଗୀମାନେ ଟ୍ରାକ୍ଟର ଚଳାଇ ହଳ କରିବା କୌଶଳ ଦେଖାଇଲେ । ଅନେକ ଟ୍ରାକ୍ଟର ତାଙ୍କ ପଛରେ ଲାଗିଥିବା ଟ୍ରକ୍ ଉପରେ ଦର୍ଶକମାନଙ୍କୁ ବସାଇ ଏ ପଟ ସେ ପଟ ନିଆଅଣା କରିବାକୁ ଲାଗିଲେ । ବାସ୍ତବିକ୍ ତାହା ଏକ ଅତି ଆମୋଦଜନକ ବିଷୟ ହୋଇଥିଲା । ଆମ୍ଭେମାନେ ମଧ୍ଯ ସେହିପରି ଗୋଟିଏ ଟ୍ରକ୍‌ରେ ବସି ଘେରାଏ ବୁଲି ଆସିଲୁଁ ।

ପ୍ରଦର୍ଶନୀରୁ ଫେରିଲା ବେଳକୁ ପ୍ରାୟ ସନ୍ଧ୍ୟା । ଆଜି ଦିନଟି ବାସ୍ତବିକ୍ ବଡ଼ ଶିକ୍ଷଣୀୟ ତଥା ଆମୋଦ ଦାୟକ ହୋଇଥିଲା ।

ତହିଁ ପରଦିନ ଉପରବେଳା ୪ଟା ବେଳେ ଆମ୍ଭେମାନେ ଅଟାଓ୍ୱା ଗ୍ରାଣ୍ଡ୍ ଟ୍ରେନ୍ ଯୋଗେ କ୍ୱିବେକ୍‌ସିଟି ନାମକ ଏକ ସ୍ଥାନକୁ ପ୍ରସ୍ଥାନ କଲୁଁ । କାନାଡ଼ା ସରକାରଙ୍କ ସମବାୟ ବିଭାଗୀୟ ଅଫିସର ମିଷ୍ଟର ଓମେରା ଆମକୁ ବିଦାୟ ଦେବାକୁ ଷ୍ଟେସନକୁ ଆସିଥିଲେ ।

ପ୍ରଥମେ ଆମ୍ଭେମାନେ ଗୋଟିଏ ବସିଲା ଟ୍ରେନ୍‌ରେ ମଣ୍ଟ୍ରିଅଲ୍ ନାମକ ସ୍ଥାନକୁ ଯିବାକୁ ହେଲା ଓ ତା ପରେ ସେଠାରେ ଗାଡ଼ି ବଦଳାଇ ପୁଣି ଏକ ଶୋଇବା ଗାଡ଼ିରେ ଚଢ଼ି ଆମକୁ ଆମର ଗନ୍ତବ୍ୟ ସ୍ଥଳ କ୍ୱିବେକ୍ ସିଟି ଅଭିମୁଖେ ପ୍ରସ୍ଥାନ କରିବାକୁ ପଡ଼ିଲା ।

ରାତି ପ୍ରାୟ ଆଠଟା ବେଳେ ଆମ ଗାଡ଼ି ମଣ୍ଟ୍ରିଅଲ୍ ନାମକ ସ୍ଥାନରେ ପହଞ୍ଚିଲା । ସେଠାରେ ଗୋଟିଏ ଷ୍ଟେସନରୁ ଯାଇ ଅନ୍ୟ ଗୋଟିଏ ଷ୍ଟେସନରେ ଆମର ଶୋଇବା ଗାଡ଼ି ଧରିବାର କଥା । ଆମେ ଜିନିଷପତ୍ର ନେଇ ଗୋଟିଏ ଷ୍ଟେସନରୁ ବାହାରି ମଣ୍ଟ୍ରିଅଲର ପ୍ରଧାନ କେନ୍ଦ୍ର ଷ୍ଟେସନରେ ଯାଇ ପହଞ୍ଚିଲୁଁ । ଷ୍ଟେସନ ଭିତରକୁ ପଶିଯିବା ପାଇଁ ଆମେ ଅଗ୍ରସର ହେଉଛୁଁ ଦେଖିଲୁଁ ଯେ ଷ୍ଟେସନର କବାଟ ମନକୁ ମନ ମେଲା ହୋଇଗଲା ଓ ଆମେ ଭିତରକୁ ପଶିଗଲା ପରେ ପୁଣି ମନକୁ ମନ ବନ୍ଦ ହୋଇଗଲା । ମୋର ମନରେ ଏକ ପ୍ରଶ୍ନ ଜାଗି ଉଠିଲା, କବାଟ ଖୋଲିଲା କିଏ ଓ ବନ୍ଦ କଲା କିଏ ? ଟିକିଏ ଦୂରରେ ଠିଆହୋଇ ଲକ୍ଷ୍ୟ କଲି, ଦେଖିଲି ଯେ କବାଟର ଦୁଇ ପାଖରେ ଯୋଡ଼ିଏ ଖମ୍ବ ଅଛି । ଗୋଟିଏ ଖମ୍ବରୁ ଏକ ଆଲୋକ ରେଖା ଯାଇ ଅନ୍ୟ ଖମ୍ବରେ ଥିବା ଏକ କାଚ ଉପରେ ପଡ଼ୁଛି । ମଣିଷ କବାଟ ଖୋଲିବା ପାଇଁ

ଗଲାବେଳେ ଯେମିତି ସେ ସେହି ଆଲୋକ ରେଖାର ମଝିରେ ପହଞ୍ଚୁଛି ସେମିତି କବାଟ ମନକୁ ମନ ଖୋଲି ଯାଉଛି ଓ ଅପର ପାଖରେ ସେହିପରି ରେଖାର ପାଖରେ ପହଞ୍ଚିଲାକ୍ଷଣି ପୁଣି ମନକୁ ମନ ବନ୍ଦ ହୋଇ ଯାଉଛି । ବୈଦ୍ୟୁତିକ ଆଲୋକ ରେଖା ଦ୍ୱାରା ଏହି ଦୁଆର ଖୋଲିବା ଓ ବନ୍ଦ ହେବା କାର୍ଯ୍ୟ ମନୁଷ୍ୟ ଆସିଲା ମାତ୍ରେ ମନକୁ ମନ ହୋଇ ଯାଉଛି । ବାସ୍ତବିକ୍ ଯନ୍ତ୍ର ଯୁଗର ଏହା ଏକ ଉତ୍କୃଷ୍ଟ ନମୁନା ।

ମଣ୍ଟ୍ରିଅଲ୍ ଷ୍ଟେସନରେ ଜିନିଷ ପତ୍ର ସବୁ ଜମା କରାଇ ଦେଇ ଆମେ ଷ୍ଟେସନ ନିକଟସ୍ଥ ଏକ ଚୀଇନା ହୋଟେଲକୁ ଖାଇବାକୁ ଗଲୁଁ । ସେଠାରେ ଏକ କୃଷ୍ଣାଙ୍ଗୀ ନିଗ୍ରୋ ଯୁବତୀ ଖାଦ୍ୟ ପରଷିବା କାର୍ଯ୍ୟ କରୁଥାଏ । ଆମର 'ବରାଦ ମୁତାବକ ଭାତ ମାଛ ଇତ୍ୟାଦି ଚିନା ରନ୍ଧା ଖାଦ୍ୟ ସେ ପରଷି ଦେଇଗଲା । ଖାଇସାରି ଟେବୁଲ ଉପରେ ପରଷୁଣୀ ପାଇଁ ପ୍ରତ୍ୟେକ ଦଶ ସେଣ୍ଟ କରି ଖାଇବା ଥାଳିଆ ତଳେ ଥୋଇଦେଇ ଗଲୁଁ । ବାସ୍ତବିକ୍ ଏହି ବକ୍‌ସିସ୍ ଦେବା ପ୍ରଥା ପାଶ୍ଚାତ୍ୟ ଜଗତରେ ଏକ ମାମୁଲି ଧରାବନ୍ଧା ଗତରେ ପରିଣତ ହୋଇଛି । ଏହାକୁ 'ଟିପ୍' ବୋଲି କହୁଥାନ୍ତି । ସାଧାରଣତଃ ଯେ ଯେତିକି ମୂଲ୍ୟର ଖାଦ୍ୟ ଖାଇଥାଏ ତାର ଏକଦଶମାଂଶ 'ଟିପ୍'ରେ ଦେଇଯିବା ବିଧି । ଶୁଣିଲି ଯେ ଏହି 'ଟିପ୍'କୁ ହିସାବରେ ଧରି ପରଷୁଣିମାନଙ୍କର ଦରମା ହାର ସ୍ଥିର କରାଯାଇଥାଏ । ଜଣେ ଜଣେ ପରଷୁଣୀ ଦରମା ଛଡା 'ଟିପ୍' ଦ୍ୱାରା ଦିନକୁ ଯଥେଷ୍ଟ ଅର୍ଥ କରି ଥାଆନ୍ତି । ଅବଶ୍ୟ ପରଷୁଣୀ-ମାନଙ୍କୁ ଯଥେଷ୍ଟ ଖାଟିବାକୁ ପଡ଼ିଥାଏ କିନ୍ତୁ ତା ତୁଳନାରେ ଲାଭ ମଧ୍ୟ ପାଆନ୍ତି ଯଥେଷ୍ଟ । ହସିକରି ବ୍ୟବହାର କରିବା ପରଷୁଣୀର ଏକ ବିଶିଷ୍ଟ ଗୁଣ । ଯେଉଁ ପରଷୁଣୀମାନେ ଯେତିକି ପରିମାଣରେ

ମୂଲ୍ୟକ ହସା ଦେଇ ଗ୍ରାହକର ମନକୁ ଭୁଲାଇ ପାରନ୍ତି ସେ ସେତିକି ଅଧିକ 'ଟିପ୍' ଆୟ କରିବାକୁ ସକ୍ଷମ ହୋଇଥାନ୍ତି । ଅନେକ ସମୟରେ ମଧ୍ୟ କଲେଜର ଛାତ୍ରୀମାନେ ଛୁଟି ସମୟରେ ଠିକା ପରିଷ୍କାରୀ କାର୍ଯ୍ୟ କରି କିଛି କିଛି ଆୟ କରିଥାନ୍ତି ।

ଖିଆପିଆ କରିସାରି ପୁଣି ଷ୍ଟେସନକୁ ଫେରିଯାଇ ଆମପାଇଁ ନିର୍ଦ୍ଦିଷ୍ଟ ଥିବା ଶୋଇବା ଗାଡ଼ି ଭିତରକୁ ଯାଇ ନିର୍ଦ୍ଦିଷ୍ଟ ବିଛଣାରେ ଶୋଇ ପଡ଼ିଲୁଁ । ଗାଡ଼ି ଭିତରେ ବେଶ୍ ସୁନ୍ଦର ଗଦି ବିଛଣା, ଧଳା ଚାଦର, ଘୋଡ଼ିହେବା କମ୍ବଳ ଓ ତକିଆ ଇତ୍ୟାଦି ସଜାଇ ଦିଆଯାଇ ଥାଏ । ବିଛଣା ଚାଦର ଓ ତକିଆଖୋଳ ପ୍ରତିଦିନ ସକାଳେ କାଢ଼ି ନିଆଯାଇ ସଫା କରାଯାଏ । ପ୍ରତିଦିନ ସନ୍ଧ୍ୟାପରେ ଗାଡ଼ିର 'ପୋର୍ଟର' ବସିବା 'ସିଟ୍'କୁ ଭାଙ୍ଗିଦେଇ ବିଛଣାରେ ପରିଣତ କରିଦିଏ ଓ ପ୍ରତ୍ୟେକ ଲୋକପାଇଁ କାନ୍‌ଭାସ୍ ପରଦା ଟାଣିଦେଇ ଗୋଟିଏ ଗୋଟିଏ କୋଠରି କରିଦିଏ । ସେଇଥିରେ ଯାତ୍ରୀମାନେ ବେଶ୍ ଆରାମରେ ଶୋଇ ପଡ଼ନ୍ତି । ପୁଣି ସକାଳେ ଉଠିଲେ ଗାଡ଼ିର 'ପୋର୍ଟର' ଉକ୍ତ ବିଛଣାକୁ ଉଠାଇ ନେଇ ପୁଣି ଉକ୍ତ ସ୍ଥାନକୁ ବସିବା ସିଟ୍‌ରେ ପରିଣତ କରିଦିଏ । ବିଛଣାପତ୍ର ରଖିବା ପାଇଁ ଗାଡ଼ିର ଭିତର ଛାତ ଦେହରେ ସୁବିଧା କରାଯାଇଥାଏ । ଏହାହିଁ ଏ ଦେଶର ରେଲଗାଡ଼ିର ଏକ ବୈଶିଷ୍ଟ୍ୟ କହିଲେ ଚଳେ । ଅମ୍ଭେମାନେ ବେଶ୍ ଆରାମରେ ଶୋଇବା ସ୍ଥାନରେ ଶୋଇ ପଡ଼ିଲୁଁ ।

## [ ୩୦ ]

## କ୍ୱିବେକ୍ ସିଟି

ପରଦିନ ସକାଳେ ଠିକ୍ ୭ଟା ବେଳେ ଗାଡ଼ି ଆମକୁ "କ୍ୱିବେକ୍ ସିଟି" ନାମକ ଏକ ସହରରେ ପହଞ୍ଚାଇଲା । ତେବେ ଆମେ ଯେଉଁ ଡବାରେ ଥିଲୁ ସେ ଡବାଟି କ୍ୱିବେକ୍ ଷ୍ଟେସନରେ କାଟି ଦେଇ ଯାଇ ଥିବାରୁ ଆମେ ସେଇ ଗାଡ଼ିରେ ଦିନ ୮ଟା ଯାଏ ଶୋଇ ରହିଥିଲୁଁ । ୮ଟା ବେଳେ ଉଠି ଗାଡ଼ିରୁ ବାହାରି ଭିକ୍ଟୋରିଆ ହୋଟେଲ ନାମକ ଏକ ହୋଟେଲକୁ ଗଲୁଁ । ଆଗରୁ ଖବର ମିଳିଥିଲା ଯେ ଉକ୍ତ ହୋଟେଲରେ ଆମ ପାଇଁ ସ୍ଥାନ ରିଜର୍ଭ କରାଯାଇଛି । କିନ୍ତୁ ପ୍ରକୃତରେ ଆମେ ଯାଇ ପହଞ୍ଚି ଦେଖିଲୁଁ ଯେ ସେପରି କିଛି କରାଯାଇ ନାହିଁ । ତେବେ ଆମକୁ କିଛି ଅସୁବିଧା ହେଲା ନାହିଁ କାରଣ ହୋଟେଲ ମେନେଜର କୌଣସି ପ୍ରକାରେ ଆମ ପାଇଁ ସ୍ଥାନ କରିଇ ଦେଲେ ।

ସ୍ନାନାଦି ନିତ୍ୟକର୍ମ ସାରି ନେଇ ଆମେ ବାହାରିଲୁଁ କ୍ୱିବେକ୍ ସହରରେ ଅନୁଷ୍ଠିତ ହେଉଥିବା ଏକ ସମବାୟ ସଭାରେ ଯୋଗ ଦେବାପାଇଁ । ଗୋଟିଏ ଟାକ୍ସି କରି ଆମେ ଗଲୁଁ । ସଭାସ୍ଥଳରେ ପହଞ୍ଚି ଦେଖିଲୁଁ ଯେ ବହୁ ଲୋକଙ୍କର ସମାଗମ । ତାହା ହେଉଛି କ୍ୱିବେକ୍ ପ୍ରଦେଶର ପ୍ରାଦେଶିକ ସମବାୟ ସମ୍ମିଳନୀ । ତେବେ କ୍ୱିବେକ୍ ପ୍ରଦେଶର ଅଧିକାଂଶ ଅଧିବାସୀ ଫରାସି ଭାଷାଭାଷୀ ହୋଇଥିବାରୁ ସଭାର କାର୍ଯ୍ୟ ପ୍ରଣାଳୀ ସବୁ ଫରାସି ଭାଷାରେ ଅନୁଷ୍ଠିତ ହେଉଥିଲା । ସେଥିପାଇଁ ଆମେ ସଭାରେ ଯୋଗ ଦେଲୁଁ ନାହିଁ । ସଭାର ଉଦ୍ୟକ୍ତାମାନଙ୍କ ମଧ୍ୟରୁ କେତେକ ଆସି ଆମ

ସହିତ ପରିଚୟ ଓ ଆଲାପ କରିବାକୁ ଲାଗିଲେ । ଦ୍ୱିପ୍ରହର ସମୟରେ ସଭା କାର୍ଯ୍ୟ ବନ୍ଦ ରହିଲା ଓ ସେମାନଙ୍କ ମଧ୍ୟରୁ କେତେକ ଆମ୍ଭମାନଙ୍କୁ ଏକ ହୋଟେଲକୁ ନେଇଯାଇ ମଧ୍ୟାହ୍ନ ଭୋଜନରେ ଆପ୍ୟାୟିତ କରିଥିଲେ ।

ସଭାକାର୍ଯ୍ୟ ଚାଲିଥିବା ବେଳେ ଏକ ପାର୍ଶ୍ୱ କୋଠରୀରେ ବସି ଆମେ କ୍ୱିବେକ୍ ପ୍ରଦେଶର ସମବାୟ ଆନ୍ଦୋଳନ ସମ୍ବନ୍ଧେ କେତେକ ଜ୍ଞାତବ୍ୟ ବିଷୟ କେତେକ ବିଶେଷଜ୍ଞଙ୍କ ଠାରୁ ବୁଝିନେଲୁ ।

କ୍ୱିବେକ୍ ସହରରେ ଆମେ ପ୍ରାୟ ତିନି ଚାରିଦିନ ରହିଥିଲୁ । କ୍ୱିବେକ୍ ହେଉଛି କାନାଡ଼ାର ଏକ ସର୍ବ ପୁରାତନ ସହର । ଅଧିକାଂଶ ଅଧିବାସୀ ଫରାସୀ ଭାଷା ଭାଷୀ । କାନାଡ଼ାର କ୍ୱିବେକ୍ ପ୍ରଦେଶରେ ହିଁ ଫରାସୀ ଭାଷା ଭାଷୀ ଲୋକ ବହୁ ସଂଖ୍ୟାରେ ଅଛନ୍ତି । ସେଥିପାଇଁ କାନାଡ଼ାର ସରକାରୀ କାଗଜପତ୍ର ସବୁ ଇଂରାଜୀ ଓ ଫରାସୀ ଦୁଇଟି ଭାଷାରେ ପରିଚାଳିତ ହୁଏ । କାନାଡ଼ାର ବର୍ତ୍ତମାନ ପ୍ରଧାନ ମନ୍ତ୍ରୀ ଶ୍ରୀଯୁକ୍ତ ସେଣ୍ଟଲରାଁ ମଧ୍ୟ ଏହି କ୍ୱିବେକ୍ ସହରବାସୀ ଏକ ଫରାସୀ ଭାଷାଭାଷୀ ବ୍ୟକ୍ତି । ଅବଶ୍ୟ ସେ ଇଂରାଜୀ ଓ ଫରାସୀ ଉଭୟ ଭାଷାରେ ପ୍ରବୀଣ ।

ଯଦିଓ ଫରାସୀ ଭାଷାଭାଷୀ ଲୋକଙ୍କ ମଧ୍ୟରୁ ଅଧିକାଂଶ ଇଂରାଜୀରେ କହିବୋଲି ପାରନ୍ତି କିନ୍ତୁ କୌଣସି ଇଂରାଜୀ ଭାଷା ଭାଷୀ ବ୍ୟକ୍ତି ଫରାସୀ ଭାଷାରେ ସାଧାରଣତଃ ସେତେ ପାରଦର୍ଶୀ ହୋଇ ନ ଥାନ୍ତି ।

ଫରାସୀ ଲୋକମାନଙ୍କର ସାଧାରଣତଃ ବହୁସଂଖ୍ୟାରେ ପିଲାପିଲି ଥାନ୍ତି ଓ ସେମାନଙ୍କ ମଧ୍ୟରେ ପରିବାର ଗତ ସ୍ନେହ ସୌହାର୍ଦ୍ଦ୍ୟ ଅଧିକ ଟାଣ ଥାଏ । କିନ୍ତୁ ଇଂରାଜ ପରିବାରରେ

ସାଧାରଣତଃ ପିଲାପିଲି ସଂଖ୍ୟା ବହୁତ କମ୍ ଥାଏ । କ୍ୱିବେକ୍ ସହରରେ ଆମର ରହଣି ସମୟରେ କ୍ୱିବେକ୍ ପ୍ରାଦେଶିକ ହୋଲସେଲ୍ ସମବାୟ ସମିତିର ସେକ୍ରେଟାରୀ ଶ୍ରୀଯୁକ୍ତ କୁଈ ଆମର ତତ୍ତ୍ୱାବଧାନ କରୁଥିଲେ, ସେ ଜଣେ ଖୁବ୍ ମେଳାପି ଓ ମିଠା ସ୍ୱଭାବର ବ୍ୟକ୍ତି, ସେ ନିଜେ ଫରାସୀ ଭାଷାଭାଷୀ ହେଲେ ସୁଦ୍ଧା ଖୁବ୍ ଭଲ ଭାବରେ ଇଂରାଜୀ କହିବୋଲି ପାରନ୍ତି । ସେ ପରିହାସ ଛଳରେ କହୁଥିଲେ ଯେ ଫରାସୀ ଲୋକେ ନିଜର ପିଲାମାନଙ୍କୁ ଯେଉଁ ଆନନ୍ଦ ପାଇଥାନ୍ତି କିନ୍ତୁ ଇଂରାଜ ଲୋକେ କୁକୁର ବିଲେଇ ଯେଉଁ ଆନନ୍ଦ ପାନ୍ତି । ପ୍ରକୃତରେ ସତ କଥା ଟିଏ ଏକା, ପ୍ରତ୍ୟେକ ଇଂରାଜ ପରିବାରରେ ପିଲା ସଂଖ୍ୟା ଖୁବ୍ କମ୍ ଗୋଟିଏ ଯୋଡ଼ିଏ କିମ୍ବା ଅତି ବେଶୀହେଲେ ତିନୋଟି; କିନ୍ତୁ ପ୍ରତ୍ୟେକ ପରିବାରରେ ଅନ୍ତତଃ ଗୋଟିଏ ଯୋଡ଼ିଏ କୁକୁର ବିଲେଇ ନିଶ୍ଚୟ ଥିବେ । କିନ୍ତୁ ପ୍ରତ୍ୟେକ ଫରାସୀ ପରିବାରରେ ପିଲାପିଲି ସଂଖ୍ୟା ଯଥେଷ୍ଟ ବେଶୀ । ଖୁବ୍ କମ୍‌ରେ ଦଶ ବାରରୁ କମ୍ ନୁହେ ।

କ୍ୱିବେକ୍ ସିଟି ହେଉଛି ଏକ ବହୁ ପୁରାତନ ସହର । ସହରର ଚାରିପାଖରେ ଗୋଟିଏ ସୁଦୃଢ଼ ପ୍ରାଚୀର ନିର୍ମିତ ହୋଇଥିଲା ବହୁ ଶତାବ୍ଦୀ ତଳେ, ଯେତେବେଳେ ଫରାସୀମାନେ ଆସି ପ୍ରଥମେ ସେଠାରେ ବସତି ସ୍ଥାପନ କରିଥିଲେ । ସେ ପ୍ରାଚୀରର କେତେ-କାଂଶ ଅଦ୍ୟାପି ସୁଦ୍ଧା ରହିଛି ବିଶେଷତଃ ତାର ଫାଟକ ଅଂଶ ଏ ପର୍ଯ୍ୟନ୍ତ ଅକ୍ଷୁନ୍ନ ରହିଛି । କ୍ୱିବେକ୍ ସହରଟି ଏକ ପର୍ବତ ଉପରେ ଗଢ଼ା ପାଇଛି କହିଲେ ଚଳେ । ପର୍ବତର ଗାବ କଟାଯାଇ ରାସ୍ତା ଗୁଡ଼ିକ ବଡ଼ ଉଠାପଡ଼ା ଭାବରେ ତିଆରି ଓ ଛକ ଜାଗା ମାନରେ ଏମିତି ଭାବରେ ରାସ୍ତା ତିଆରି ହୋଇଛି ଯେ ଗୋଟିଏ ପାଖରୁ ଚାହିଁଲେ ଅପର ପାଖ ଆଦୌ ଦେଖାଯାଏ ନାହିଁ । ଏପରି ରାସ୍ତାରେ

ମୋଟର ଚଲାଇବା ଯେ କେଡ଼େ କଷ୍ଟକର ତାହା ସହଜରେ ଅନୁମେୟ ।

କ୍ୱିବେକ୍‌ସିଟିରେ କେତେକ ବହୁ ପୁରୁଣା ଗୀର୍ଜା ଅଛି । ସେଥି ମଧ୍ୟରୁ ଅଧିକାଂଶ ରୋମାନ୍‌କାଥଲିକ୍ । ବାସ୍ତବିକ କାନାଡ଼ାର ଫରାସୀ ଲୋକମାନେ ସାଧାରଣତଃ ରୋମାନ୍‌କାଥଲିକ ଧର୍ମାବଲମ୍ବୀ । ଗୀର୍ଜାମାନଙ୍କରେ ବେଶ୍ ଜାକଜମକରେ ବତୀ ପ୍ରଭୃତି ଜଳାଯାଏ । ଗୀର୍ଜାର ଅଧ୍ୟକ୍ଷ ଧର୍ମଯାଜକମାନେ ସାଧାରଣତଃ ବହୁ ଆଡ଼ମ୍ବର ପୂର୍ଣ୍ଣ ପୋଷାକ ପିନ୍ଧି ଗୀର୍ଜାର କାର୍ଯ୍ୟ ତୁଲାଇ ଥାଆନ୍ତି ।

କ୍ୱିବେକ୍ ସିଟି ଏକ ବନ୍ଦର । ତାହା ସେଣ୍ଟ୍ ଲରେନ୍‌ସ ନଦୀ କୂଳରେ ଅବସ୍ଥିତ । ଉକ୍ତ ନଦୀର ମୁହାଣ ସମୁଦ୍ରକୁ ଲାଗି ଥିବାରୁ କାନାଡ଼ାକୁ ଆସୁଥିବା ଅଧିକାଂଶ ଜାହାଜ ଏହି କ୍ୱିବେକ୍ ସହରର ପୋତାଶ୍ରୟରେ ଆଶ୍ରୟ ନେଇଥାନ୍ତି । ସେଣ୍ଟ୍ ଲରେନ୍‌ସ ନଦୀର ଅପର ପାର୍ଶ୍ୱରେ "ଲେଭି" (Levi) ନାମକ ଏକ ସହର ଅଛି । କ୍ୱିବେକ୍ ପାଖର ନଦୀ କୂଳରୁ ଉକ୍ତ ସହରର ଦୃଶ୍ୟ ଭାରି ସୁନ୍ଦର ଦିଶେ ।

କ୍ୱିବେକ୍‌ରୁ ଉକ୍ତ ସହରକୁ ଯିବାପାଇଁ ଏ ପର୍ଯ୍ୟନ୍ତ ସହର ନିକଟରେ କୌଣସି ପୋଲ ତିଆରି ହୋଇ ନାହିଁ । ଅବଶ୍ୟ ସହରଠାରୁ ଆଠ ଦଶ ମାଇଲ ଦୂରରେ ଏକ ସୁନ୍ଦର ପୋଲ କରାଯାଇଛି; କିନ୍ତୁ ତାହା ଏତେ ଘୁରୁଣିଆ ଯେ ଲୋକେ ସାଧାରଣତଃ ଲେଭିକୁ ଯିବାପାଇଁ ପୋଲ ବାଟେ ନ ଯାଇ କ୍ୱିବେକ୍‌ସିଟିରୁ ଲେଭି (Levi) କୁ ଯିବା ପାଇଁ ନିର୍ଦ୍ଦିଷ୍ଟ ଥିବା ଫେରିବୋଟ୍ (Ferryboat) ରେ ନଦୀ ପାର ହୋଇଥାନ୍ତି । ଉକ୍ତ 'ଫେରିବୋଟ୍' ଏକ ପ୍ରକାଣ୍ଡ ଘର ଭଳିଆ ବୋଟ୍ । ସେଥିରେ ମୋଟରକାର୍ ଇତ୍ୟାଦି ମଧ୍ୟ ପାର କରାଯାଏ ।

ସେଣ୍ଟଲରେନ୍ସ ନଦୀ ଧାରରେ କାଠ ପଟା ପକାଇ ଏକ ସୁନ୍ଦର ଡେକ୍ ନିର୍ମାଣ କରାଯାଇଛି ଓ ତାହା ଉପରେ ବସିବା ପାଇଁ ବେଞ୍ଚ ସଜାଇ ପକା ଯାଇଛି । ଉକ୍ତ ସ୍ଥାନରୁ ସେଣ୍ଟଲରେନ୍ସ ନଦୀର ଦୃଶ୍ୟ ବଡ଼ ସୁନ୍ଦର ଦେଖାଯାଏ । ସେଥିପାଇଁ ଖରାଦାଗ ହେଲେ କ୍ୱିବେକ୍ ବାସୀ ବହୁ ନରନାରୀ ଉକ୍ତ ଡେକ୍ ଉପରକୁ ଯାଇ ସୂର୍ଯ୍ୟ କିରଣ ଉପଭୋଗ କରିବା ସଙ୍ଗେ ସଙ୍ଗେ ସ୍ୱାସ୍ଥ୍ୟ ଓ ସୌନ୍ଦର୍ଯ୍ୟ ମଧ୍ୟ ଉପଭୋଗ କରିଥାନ୍ତି । ସେହିପରି ଏକ ମନୋରମ ସନ୍ଧ୍ୟାରେ ଆମେ ପ୍ରାୟ ଦୁଇ ତିନି ଘଣ୍ଟା ଉକ୍ତ ଡେକ୍ ଉପରେ କଟାଇଥିଲୁଁ ।

ଉକ୍ତ ଡେକ୍‌ର ନିକଟରେ "ସେଟୁଫଣ୍ଟିନ୍ୟାକ୍" ବୋଲି ଏକ ବଡ଼ ହୋଟେଲ ଅଛି । ଉକ୍ତ ହୋଟେଲର ବୈଠକଖାନା ଘରେ ପୃଥିବୀର ବିଭିନ୍ନ ଦେଶର ଦୃଶ୍ୟାବଳୀ ବେଶ୍ ସୁନ୍ଦର ଭାବରେ ସଜାଇ ରଖାଯାଇଛି ।

ଆଗରୁ କହିଛି ଯେ କ୍ୱିବେକ୍ ସହରର ଅଧିବାସୀମାନେ ସାଧାରଣତଃ ଫରାସୀ ଲୋକ । ଫରାସୀ ଲୋକେ ସାଧାରଣତଃ ମଉଜୀ ଓ ଉପଭୋଗପିପାସୁ ଜାତି । ସେଥିପାଇଁ କ୍ୱିବେକର ପ୍ରତ୍ୟେକ ଭୋଜନାଳୟରେ ନାନା ପ୍ରକାର ଚର୍ବ୍ୟ-ଚୋଷ୍ୟ-ଲେହ୍ୟ-ପେୟର ବନ୍ଦୋବସ୍ତ ହୋଇଥାଏ । ବିଶେଷତଃ ମଦ୍ୟ ପାନର ଆଡ଼ମ୍ବର ଯଥେଷ୍ଟ ଦେଖିବାକୁ ମିଳେ ।

ଯେଉଁ ଫରାସୀ ଭଦ୍ରଲୋକ ଆମର ତତ୍ତ୍ୱାବଧାନରେ ଥିଲେ ସେ ତାଙ୍କ କାର୍‌ରେ ଆମକୁ ନେଇ ବହୁ ଦ୍ରଷ୍ଟବ୍ୟ ସ୍ଥାନ ଦେଖାଇ ଦେଇଥିଲେ । କ୍ୱିବେକ୍ ସିଟି ଠାରୁ ଅଳ୍ପ ଦୂରରେ ଏକ ଜଳ-ପ୍ରପାତ ଅଛି । ସନ୍ଧ୍ୟା ସମୟରେ ତାହା ଭାରି ସୁନ୍ଦର ଦିଶେ ।

କ୍ୱିବେକ୍ ସହରରେ ଲାଭାଲ୍ ଇଉନିଭର୍ସିଟି ନାମକ ଏକ ବିଶ୍ୱବିଦ୍ୟାଳୟ ଅଛି । ବର୍ତ୍ତମାନ ସହରଠାରୁ କେତେକ ମାଇଲ ଦୂରରେ ଏକ ବିସ୍ତୀର୍ଣ୍ଣ ସ୍ଥାନରେ ଉକ୍ତ ବିଶ୍ୱବିଦ୍ୟାଳୟ ପାଇଁ ନୂତନ ଗୃହ ନିର୍ମାଣ କରାଯାଉଛି । ସେ ଆମ୍ଭମାନଙ୍କୁ ନେଇ ଉକ୍ତ ସ୍ଥାନଟି ଦେଖାଇଥିଲେ । ସେଥିପାଇଁ କ୍ୱିବେକ୍-ପ୍ରଦେଶର ବହୁ ଧନୀ ଲୋକେ ବହୁତ ଦାନ କରିଛନ୍ତି ।

ସେ ଆମ୍ଭମାନଙ୍କୁ ନେଇ କ୍ୱିବେକ୍ ପ୍ରାଦେଶିକ ସମବାୟ ସମିତିର କାର୍ଯ୍ୟ ବିବରଣୀ ବୁଝାଇ ଦେଇଥିଲେ । ଉକ୍ତ ପ୍ରାଦେଶିକ ସମବାୟ ସମିତି ଜରିଆରେ ସାନ ସାନ ସ୍ଥାନୀୟ ସମବାୟ ସମିତିମାନେ କିଣା ବିକା କରିଥାନ୍ତି । ଉକ୍ତ ପ୍ରାଦେଶିକ ସମବାୟ ସମିତି ପକ୍ଷରୁ ଗୋଟିଏ କଂସେଇଖାନା ଓ ଗୋଟିଏ ଲବଣୀ ତିଆରି କାରଖାନା ଚଳେ । ସେ ଆମ୍ଭମାନଙ୍କୁ ନେଇ ଉକ୍ତ ଦୁଇଟି ଅନୁଷ୍ଠାନ ଦେଖାଇଥିଲେ । ଲବଣୀ କାରଖାନାରେ ଯନ୍ତ୍ର ସାହାଯ୍ୟରେ ଲବଣୀକୁ ଘନ କରାଯାଇ ପ୍ୟାକ୍ କରି ଦିଆଯାଏ । କଂସେଇଖାନାର ଦୃଶ୍ୟ ବୀଭତ୍ସ ହେଲେ ମଧ୍ୟ ମନୁଷ୍ୟର ସ୍ୱାସ୍ଥ୍ୟରକ୍ଷା ପାଇଁ ପଶୁ ମାଂସର ଆବଶ୍ୟକତା ଦୃଷ୍ଟିରୁ ତାହା ବାଦ ଦିଆଯାଇ ପାରେ ନାହିଁ । କଂସେଇଖାନାରେ ବଡ଼ ବଡ଼ ଗାଈ, ବହୁସଂଖ୍ୟକ ଘୁଷୁରି, ବହୁସଂଖ୍ୟକ ମେଣ୍ଢା ଓ କୁକୁଡ଼ା ପ୍ରତ୍ୟହ କଟାଯାଇ ବରଫ ଘରେ ବନ୍ଦ କରି ରଖାଯାଏ ଓ ପରେ ତାହା ପ୍ୟାକ୍ କରି ଅନ୍ୟତ୍ର ପଠାଇବାର ବ୍ୟବସ୍ଥା କରାଯାଏ । ଆମେ ଯେଉଁ ଦିନ ତାହା ଦେଖିବାକୁ ଯାଇଥିଲୁଁ ସେଦିନ କୌଣସି ପଶୁ କଟା ହେବାର ନ ଥିବାରୁ ଉକ୍ତ ଅନୁଷ୍ଠାନର ମେନେଜର ଆମ୍ଭମାନଙ୍କୁ ପଶୁକଟା ପ୍ରଣାଳୀ ଦେଖାଇ ନ ପାରି ଦୁଃଖିତ ହୋଇଥିଲେ କିନ୍ତୁ ମୁଁ ସେଥିପାଇଁ ଭାରି ସୁଖୀ ହୋଇଥିଲି କାରଣ

ରାଶି ରାଶି କଟା ମାଂସର ବୀଭତ୍ସତା ମୋତେ ବିବ୍ରତକରି ପକାଇ-ଥିଲା । ଅନ୍ୟ ଏକ ଅନୁଷ୍ଠାନରେ ମଧ୍ୟ କୁକୁଡ଼ା ମାରିବା ପ୍ରଣାଳୀ ଆମେ ଦେଖିଥିଲୁଁ । ଇଲେକ୍‌ଟ୍ରିକ୍ ଛୁରୀଦ୍ୱାରା ଶହ ଶହ କୁକୁଡ଼ା ଅଳ୍ପ ସମୟ ମଧ୍ୟରେ ମାରି ଦିଆଯାଉଥାଏ ଓ ତାହାକୁ ଗରମ ପାଣିରେ ପକାଇ ତାର ପର ଛଡ଼ାଇ ଦେଇ ପ୍ୟାକ୍‌କରି ଦିଆଯାଉଥାଏ । ସେ ଦୃଶ୍ୟ ମଧ୍ୟ ମୋତେ କ୍ଷଣକପାଇଁ ବିବ୍ରତ କରି ପକାଇଥିଲା । ତା ଉପରେ ବଡ଼ ବଡ଼ ଗାଈ ଓ ଘୁଷୁରିମାନଙ୍କୁ ମାରିବା ପ୍ରଣାଳୀ ପ୍ରତ୍ୟକ୍ଷ କରିଥିଲେ ହୁଏତ ମୋ ପ୍ରତି ତାର ପ୍ରତିକ୍ରିୟା ବଡ଼ ଯନ୍ତ୍ରଣାପ୍ରଦ ହୋଇଥାନ୍ତା ।

ସେଦିନ ଉପରବେଳା ମିଷ୍ଟର କୁଟି ଆମ୍ଭମାନଙ୍କୁ କ୍ୱିବେକ୍-ସିଟିଠାରୁ ପନ୍ଦର ମାଇଲ ଦୂରରେ ଥିବା "ସେଣ୍ଟ ଆନସାଲେମ୍" ନାମକ ଏକ ଗ୍ରାମକୁ ନେଇ ଗୋଟିଏ ଗ୍ରାମ୍ୟ ସମବାୟ ଭଣ୍ଡାର ଦେଖାଇଥିଲେ ଓ ଉକ୍ତ ବସ୍ତିରେ ଥିବା ଏକ "ସମବାୟ ହାଚେରି" ବା କୁକୁଡ଼ା ଡିମ୍ବରୁ ଛୁଆ ଉତ୍ପାଦନ କରିବା କାରଖାନା ଦେଖାଇଥିଲେ । ଉକ୍ତ ଗ୍ରାମଟିର ଅବସ୍ଥିତି ବଡ଼ ସୁନ୍ଦର । ଆମ୍ଭେମାନେ ଗଲାବେଳେ ରାସ୍ତାର ଦୁଇପାଖରେ ଥିବା ଗଛଗୁଡ଼ିକର ପତ୍ର ପାଚି ହଳଦିଆ ଓ ନାଲିଆ ରଙ୍ଗ ଧାରଣ କରିଥାଏ; ସୁତରାଂ ପ୍ରକୃତିର ଦୃଶ୍ୟ ବଡ଼ ଉପଭୋଗ୍ୟ ହୋଇଥିଲା ।

ଉକ୍ତ ଗ୍ରାମରୁ ଫେରି ମିଷ୍ଟର କୁଟି ଆମ୍ଭମାନଙ୍କୁ ଏକ ସାନ୍ଧ୍ୟ ଭୋଜନରେ ଆପ୍ୟାୟିତ କରିଥିଲେ । ସେ ଆମ୍ଭମାନଙ୍କୁ ଏକ ବିଶିଷ୍ଟ ଭୋଜନାଳୟକୁ ନେଇ ଯାଇ ବଡ଼ ଚିଙ୍ଗୁଡ଼ିମାଛର ଭଜା ଖାଇବାକୁ ଦେଲେ । ଉକ୍ତ ଭୋଜନାଳୟକୁ ସମୁଦ୍ର ମତ୍ସ୍ୟ ଭୋଜନାଳୟ କହନ୍ତି । ସେଠାକାର ବିଶେଷତ୍ୱ ହେଉଛି ଚିଙ୍ଗୁଡ଼ି ମାଛର ତରକାରୀ । ସେଥିପାଇଁ ସେ ହୋଟେଲ୍‌ର କାନ୍ଥ ବାଡ଼ରେ ମାଞ୍ଚିକ ପରଦାରେ ମଧ୍ୟ ଖାଲି ଚିଙ୍ଗୁଡ଼ିମାଛର ଛବି ଅଙ୍କା

ହୋଇଛି । ସେ ଚିଙ୍ଗୁଡ଼ି ମାଛ ଏଡ଼େ ବଡ ବଡ଼ ଯେ ଓଜନରେ ଗୋଟିକୁ ପ୍ରାୟ ଅଧସେର କି ତିନିପାଉରୁ କମ୍ ହେବ ନାହିଁ । ଚିଙ୍ଗୁଡ଼ିମାଛର ଖୋଳା ଭିତରୁ ମାଂସ କୋରି ବାହାର କରି ଖାଇବା ପାଇଁ କେତେ ପ୍ରକାର ଛୁରୀ ଓ କଣ୍ଟା ବ୍ୟବହାର କରାଯାଏ । ପ୍ରତି ଚିଙ୍ଗୁଡ଼ିମାଛର ମୂଲ୍ୟ ପ୍ରାୟ ତିନି ଡଲାର ଅର୍ଥାତ୍ ପନ୍ଦର ଟଙ୍କା କରି ତାଙ୍କୁ ଦେବାକୁ ପଡ଼ିଥିଲା । ଆମେ ଗୁରୁଜଣ ଓ ସେ ଜଣେ ଏପରି ପାଞ୍ଚ ଜଣଙ୍କ ପାଇଁ ଖାଇବା ଖର୍ଚ୍ଚ ତାଙ୍କୁ ସେଦିନ ପ୍ରାୟ କୋଡ଼ିଏ ଡଲାର ଅର୍ଥାତ୍ ଏକଶହ ଟଙ୍କା ତାଙ୍କୁ ଦେବାକୁ ହୋଇଥିଲା । ବାସ୍ତବିକ କାନାଡ଼ା ଓ ଆମେରିକାରେ ଜିନିଷ ପତ୍ରର ମୂଲ୍ୟ ଏତେ ଅଧିକ ଯେ ଅନେକ ସ୍ଥଳରେ ଆଖି ବୁଜି ହୋଇ ପଡ଼େ । ବିଶେଷତଃ ଏହି କ୍ୱିବେଇ୍ ସିଟିରେ ଜିନିଷ ପତ୍ରର ଦାମ୍ ଖୁବ୍ ଚଢ଼ା ବୋଧହେଲା । ଦିନେ ଏହି କ୍ୱିବେକ୍ ସହରରେ ମୁଁ ଓ ମୋର ବନ୍ଧୁ ବାଳ କାଟିବା ପାଇଁ ସେଲୁନ୍‌କୁ ଗଲୁଁ । ସାଧାରଣତଃ ଅନ୍ୟ ସ୍ଥାନରେ ୭୦ରୁ ୭୫ ସେଣ୍ଟ୍ ମଧ୍ୟରେ ବାଳକଟା ମଜୁରି ଦେବାକୁ ପଡ଼ିଥାଏ । କିନ୍ତୁ ଏହି କ୍ୱିବେକ୍ ସିଟିରେ ଆମକୁ ବାଳକଟା ମଜୁରି ୨୳ ଡଲାର ଅର୍ଥାତ୍ ସାଢ଼େ ବାର ଟଙ୍କା କରି ମୁଣ୍ଡ ପିଛା ଦେବାକୁ ପଡ଼ିଥିଲା । ଅବଶ୍ୟ ସାଧାରଣ ବାଳକଟାଠାରୁ ଏଠାରେ ଟିକିଏ ବିଶେଷତ୍ୱ ଥିଲା ଯେ ବାଳ କାଟିସାରି ଭଣ୍ଡାରି ସାବୁନ ଓ ଗରମ ପାଣି ଦେଇ ମୁଣ୍ଡକୁ ଧୋଇ ଦେଇଥିଲା, ତାପରେ ଇଲେକ୍‌ଟ୍ରିକ ଅଲିଅ ପକାଇ ଟିକେ ଡ୍ରମ୍ କରି ଦେଇଥିଲା ଓ "ବିଲକ୍ରିମ୍" ମାରିଦେଇ ମୁଣ୍ଡକୁ କୁଣ୍ଡାଇ ଦେଇଥିଲା । ଏତିକ କାମ ପାଇଁ ଆମକୁ ଦେବାକୁ ପଡ଼ିଥିଲା ଜଣେ ପିଛା ଅଢ଼ାଇ ଡଲର ଅର୍ଥାତ୍ ସାଢ଼େ ବାରଟଙ୍କା କରି । ବାଳ କାଟିସାରି ଭଣ୍ଡାରି ମହାଶୟ ତାଙ୍କ ହୋଟ ସେଣ୍ଟ ଟା

ଠିକ୍‌ଠାକ୍ କରି ନେଇ ସିଗାରେଟ୍ ଲଗାଇ ସେଲୁନ ବନ୍ଦ କରି ଖାନା ଖାଇବା ପାଇଁ ବାହାରିଗଲେ । ସେଦିନଠାରୁ ପ୍ରାୟ ମାସେପଏ ମୁଁ ଆଉ ବାଳ କାଟିବାକୁ ଯାଇ ନ ଥିଲି । ଏଣ୍ଟିଗୋନସ ନାମକ ଏକ ସ୍ଥାନକୁ ଗଲା ପରେ ଷାଠିଏ ସେଣ୍ଟ୍ ବା ୩ ଟଙ୍କା ଦେଇ ପୁଣି ଥରେ ବାଳ କାଟିଥିଲି ।

ମିଷ୍ଟର କୁଣ୍ଡି ଆମ୍ଭମାନଙ୍କୁ ସାନ୍ଧ୍ୟ ଭୋଜନରେ ଆପ୍ୟାୟିତ କରି ଲେଭିସ୍ ଷ୍ଟେସନରେ ଆଣି ଛାଡିଦେଇ ଗଲେ ତାଙ୍କ କାର୍‌ରେ । ଆଗରୁ ଆମର ଜିନିଷପତ୍ର ଷ୍ଟେସନରେ ଜମା ଦେଇ ଦେଇଥିଲୁଁ । ବାସ୍ତବିକ ଏହି ଜିନିଷପତ୍ର ଜମା ଦେଇଦେବା ପ୍ରଥା ଏ ଅଞ୍ଚଳରେ ଗୋଟିଏ ଭଲ ପ୍ରଥା । ରେଲରେ ହେଉ ବା ଉଡ଼ାଜାହାଜରେ ହେଉ ବା ବସ୍‌ରେ ହେଉ ଯାତ୍ରା ପୂର୍ବରୁ ଜିନିଷପତ୍ର ସବୁ ଜମା କରିଦେଲେ ସେ ଗୋଟିଏ ରସିଦ ଦେଇଦିଅନ୍ତି । ପୁଣି ଗନ୍ତବ୍ୟ ସ୍ଥଳରେ ପହଞ୍ଚି ସେ ରସିଦ ଦେଖାଇ ଜିନିଷପତ୍ର ମୁକୁଳାଇ ନେବାକୁ ହୁଏ ।

ରାତି ପ୍ରାୟ ଏଗାରଟା ବେଳେ ମିଷ୍ଟର କୁଣ୍ଡି ଆମ୍ଭମାନଙ୍କଠାରୁ ବିଦାୟ ଦେଇ ନିଜ ଘରକୁ ଫେରିଗଲେ କାରଣ ଆଜି ଦିନଟା ସାରା ସେ ଆମ ସାଙ୍ଗରେ ବୁଲୁଥିଲେ । ତାପରେ ଗାଡ଼ି ଆସିଲା । ଆମେ ଗାଡ଼ି ଉପରେ ଚଢ଼ି ଆମ ପାଇଁ ଆଗରୁ ରିଜର୍ଭ ହୋଇଥିବା ଶୋଇବା କୋଠରୀ ମଧ୍ୟରେ ଶୋଇ ପଡ଼ିଲୁଁ ।

ଗାଡ଼ି ଗଡ଼ିଲା ଆମ୍ଭମାନଙ୍କର କାନାଡ଼ାର ଶେଷ ବାସ ସ୍ଥାନ ଏଣ୍ଟିଗୋନସ୍ ଅଭିମୁଖରେ ।

---

## [ ନଅ ]

### ଆଣ୍ଟିଗୋନସ୍‌ରେ ଅବସ୍ଥାନ

ପୁରାପୂରି ଗୋଟିଏ ରାତ୍ର ଓ ଗୋଟିଏ ଦିନ ଟ୍ରେନ୍‌ରେ କଟାଇ ଦେଲୁଁ । ପୁଣି ରାତ୍ର ବାରଟା ବେଳକୁ ଆମ ଗାଡ଼ି ଯାଇ ଅଣ୍ଟି ଗୋନସ୍ ଷ୍ଟେସନରେ ଛିଡ଼ା ହେଲା । ଅମ୍ଭେମାନେ ଶୋଇବା କୋଠରୀରେ ଶୋଇ ପଡ଼ିଥିଲୁଁ । ଗାଡ଼ି ପୋର୍ଟର ଅମ୍ଭମାନଙ୍କୁ ଉଠାଇ ଦେଇ କହିଲା—ଅଣ୍ଟିଗୋନସ୍ ।

ଆମ୍ଭ ମନରେ ବଡ଼ ଆଶଙ୍କା ଥିଲା ଏତେ ରାତ୍ରରେ ଏକ ଅଜଣା ନୂଆ ସ୍ଥାନରେ କେଉଁଠି ଯାଇ ରାତ୍ରି ଯାପନ କରିବୁଁ । ଷ୍ଟେସନରେ ଓହ୍ଲାଇ ଦେଖୁଁ ଯେ ଜଣେ ଭଦ୍ରବ୍ୟକ୍ତି ଅମ୍ଭମାନଙ୍କ ଅପେକ୍ଷାରେ ଛିଡ଼ା ହୋଇଛନ୍ତି । ସେ ଅମମାନଙ୍କୁ ଦେଖି କହିଲେ ଆପଣମାନେ ଇଉନାଇଟେଡ୍ ନେଶନ୍ ଲୋକ ? ଆମେ କହିଲୁଁ—ହଁ । ସେ କହିଲେ ଆସନ୍ତୁ ମୋ ଗାଡ଼ିରେ ମୁଁ ଆପଣମାନଙ୍କ ପାଇଁ ନିର୍ଦ୍ଦିଷ୍ଟ ଥିବା ବସାକୁ ନେଇ ଯିବି । କାଲି ସକାଳେ ଆସି ଆପଣମାନଙ୍କର ଜିନିଷପତ୍ର ଷ୍ଟେସନରୁ ଛଡ଼ାଇ ନେବେ । ଆମେ ତାଙ୍କ ଗାଡ଼ିରେ ଯାଇ ବସିଲୁଁ ।

ସେ ନିଜେ ଡ୍ରାଇଭ୍ କରି ଆମକୁ ନେଇ ଗୋଟିଏ ଘର ନିକଟରେ ପହଞ୍ଚି କହିଲେ—ଏଇ ଘର ଆପଣମାନଙ୍କ ପାଇଁ ନିର୍ଦ୍ଦିଷ୍ଟ ଅଛି । ସେ ଘରର ଦରଜାରେ ଥିବା ଇଲେକ୍ଟ୍ରିକ ସୁଇଚ୍ ଟିପିଲେ । ଟିଂ ଟିଂ କରି ଘଣ୍ଟି ବାଜି ଉଠିଲା ଘର ଭିତରେ । ତାପରେ ଘରର କବାଟ ଖୋଲି ଜଣେ ଶ୍ୱେତାଙ୍ଗ ମଧ୍ୟବୟସ୍କା ରମଣୀ ଅମ୍ଭମାନଙ୍କୁ ସାଦର ସମ୍ଭାଷଣ ଜଣାଇ ଘର




କାନାଡ଼ାର ମାନିଟୋବା ପ୍ରଦେଶର ରାଜଧାନୀ ଉଇନିପେଗ୍ ସହର ଉପକଣ୍ଠରେ ପ୍ରଥମ ତୁଷାରପାତ ପରେ ପିଲାମାନେ ଆନନ୍ଦରେ ବରଫ୍‌ର ପିତୁଳା ତିଆରି କରି ଖେଳୁଛନ୍ତି
(ପୃ ୭୬)



କାନାଡ଼ାର ନଭସ୍କୋସିଆ ପ୍ରଦେଶସ୍ଥ ଅଣ୍ଟିଗୋନିସ୍ ସହରରେ ଅବସ୍ଥାନ କରୁଥିବା ସମୟରେ ଲେଖକ ଏହି ଦମ୍ପତିଙ୍କର ଅତିଥି ଭାବରେ ଦୁଇ ମାସ ତାଙ୍କ ଘରେ ରହିଥିଲେ । (ପୃ ୮୭)



କାନାଡ଼ାର ଏକ ସମବାୟ କୃଷିକ୍ଷେତ୍ରର ସଭ୍ୟ ଥିବା
ଚଷା ଓ ଗୃହିଣୀମାନେ । (ପୃ ୫୮)



କାନାଡ଼ାର ଏକ ସମବାୟ କୃଷି
କ୍ଷେତ୍ରର ଶସ୍ୟ ଭଣ୍ଡାର । (ପୃ ୫୫)

ଭିତରକୁ ପାଛୋଟି ନେଲେ । ଉକ୍ତ ଭଦ୍ରଲୋକ ଯାହାଙ୍କୁ ଆମେ ପରେ ଜାଣିଲୁଁ ପ୍ରଫେସର ୱାଲ୍‌ଟାର କର୍ଣ୍ଣାକ୍ ବୋଲି, ଅମ୍ଭମାନଙ୍କୁ 'ଗୁଡ଼ନାଇଟ୍' କହି ବିଦାୟ ନେଲେ ଓ ପରଦିନ ଲଞ୍ଚ୍‌ଭରପିଟିରେ ତାଙ୍କ ସହିତ ଦେଖା ହେବ ବୋଲି କହିଗଲେ ।

ଅମ୍ଭେମାନେ ଘର ଭିତରକୁ ଯାଇ ଦେଖୁଁ ଯେ ଆମେ ଏକା ସାଙ୍ଗରେ ଗସ୍ତ କରୁଥିବା ଚାରିଜଣଙ୍କ ପାଇଁ ଚାରୋଟି ବିଛଣା ପ୍ରସ୍ତୁତ ହୋଇ ରହିଛି । ଉପର ତାଲାର ଗୋଟିଏ ଘରେ ତିନୋଟି ବିଛଣା ଓ ତଳ ତାଲାରେ ଗୋଟିଏ ଘରେ ଗୋଟିଏ । ତଳ ତାଲା ଘରଟିରେ ଆମ ସାଙ୍ଗରେ ଥିବା ପଶ୍ଚିମ ଅଫ୍ରିକାର ନାଇଜେରିଆର ଭଦ୍ରଲୋକଟି ରହିଲେ । ଆମେ ତିନି ଜଣ ଅର୍ଥାତ୍, ମୁଁ, ମୋର ଭାରତୀୟ ବନ୍ଧୁ ମିଷ୍ଟର ଅବାସ୍ ଓ ଦକ୍ଷିଣ କୋରିଆର ଜଣେ ଭଦ୍ରବ୍ୟକ୍ତି ମିଷ୍ଟର କିମ୍ ଉପର ତାଲା ଘରେ ଥିବା ତିନୋଟି ବିଛଣାରେ ଶୋଇ ପଡ଼ିଲୁଁ । ବାସ୍ତବିକ୍ ଭଗବାନଙ୍କର ଏହି ଅଯାଚିତ ଅନୁଗ୍ରହ ପାଇଁ ସେ ଦିନ ମୋର ମୁଣ୍ଡ ନଇଁ ପଡ଼ିଲା । କେଉଁଠି ଆମ ଘର । ପୁଣି କେଉଁ ଅଜଣା ସ୍ଥାନରେ କାହାର ଘରେ କିଏ ପୁଣି ଆମ ପାଇଁ ଏଇ ଅଧ ରାତିରେ ବିଛଣା ସଜାଇ ରଖି ଦେଇଥିଲା ଆମେ ଆସି ଆରାମରେ ଶୋଇ ପଡ଼ିଲୁଁ ।

ତହିଁ ପରଦିନ ସକାଳ । ଆମେ ଉଠି ସ୍ନାନାଦି ନିତ୍ୟକର୍ମ ସାରି ନେଲୁଁ । ଉକ୍ତ ଭଦ୍ର ମହିଳା ଅମ୍ଭମାନଙ୍କୁ ସୁପ୍ରଭାତ ଜଣାଇ ହସ ହସ ମୁହଁରେ ଜଳଖିଆ କରିବାକୁ ଡାକିଲେ । ଗଲୁଁ । ଦେଖିଲୁଁ ଟେବୁଲ ଉପରେ ଜଳଖିଆ ଥୁଆ । ଦୁଧ, ଚିନି, କର୍ଣ୍ଣଫ୍ଲେକ୍, ଯୋଡ଼ିଏ ଅଣ୍ଡା ଭଜା, ଦୁଇଖଣ୍ଡ ପାଉଁରୁଟି ଭଜା ଓ ଗୋଟିଏ କମଳା ଲେମ୍ବୁ କଟାଯାଇ ରଖା ଯାଇଛି, ଆନନ୍ଦର ସହିତ ପ୍ରଥମ ଟେଲିଜନଠା ହେଇଗଲା ।

ଉକ୍ତ ମହିଳା ବଡ଼ ବୁଦ୍ଧିମତୀ । ପ୍ରଥମେ ଆମ୍ଭମାନଙ୍କୁ ପଚାରି ନେଲେ—କିଏ କଣ ଖାଏ ଓ କିଏ କଣ ନ ଖାଏ । ମୁଁ କହିଲି ମୁଁ ଗୋମାଂସ ଖାଏ ନାହିଁ । ମୋର ବନ୍ଧୁ ମିଷ୍ଟର ଅବାସ୍ କହିଲେ ଯେ ସେ ଘୁଷୁରି ମାଂସ ଖାନ୍ତି ନାହିଁ । ସେହିଦିନୁଁ ତାଙ୍କ ଘରକୁ ଗୋମାଂସ ଓ ଘୁଷୁରି ମାଂସ କ୍ୱଚିତ୍ ଆସେ । ସେ ଅଧିକାଂଶ ସମୟରେ ପରିବା, ମାଛ, ମେଣ୍ଢା ମାଂସ ଓ କୁକୁଡ଼ା ମାଂସର ତରକାରି କରି ଆମକୁ ପରଷି ଥାନ୍ତି ।

ତା ପରେ ସେ ଆମକୁ ପଚାରି ନେଲେ ଆମେ ସାଧାରଣତଃ ଆମ ଦେଶରେ କି ପ୍ରକାର ଖାଦ୍ୟ ଖାଇଥାଉଁ । ଆମେ କହିଲୁଁ ଆମେ ରନ୍ଧା ଭାତ ଖାଉଁ ଓ ମାଉଁସକୁ ଝୋଳ କରି ଖାଉଁ । ମୋର ବନ୍ଧୁ ମିଷ୍ଟର ଅବାସ୍ କହିଲେ ଲଙ୍କାମରିଚ ଦିଆ ଝୋଳ ତାଙ୍କୁ ଭଲ ଲାଗେ । ତାପରେ ଆମେ ଦେଖୁଁ ଯେ ସେ ଅଧିକାଂଶ ଦିନ ଆମକୁ ଭାତ ରାନ୍ଧି ଓ ମେଣ୍ଢା ମାଂସର ଝୋଳ କରି ଖାଇବାକୁ ଦିଅନ୍ତି ଓ ନିଜେ ଖାଆନ୍ତି ମଧ୍ୟ ।

ମୋତେ ଦିନେ ସେ ପଚାରିଲେ ଆପଣଙ୍କ ଘରେ ସକାଳେ କ'ଣ ଜଳଖିଆ କରନ୍ତି । ମୁଁ କହିଥିଲି ଯେ ଆମେ ଚାଉଳକୁ ଭାଜି ମୁଢ଼ି ପ୍ରସ୍ତୁତ କରୁଁ ଓ ସେଥିରେ ଦୁଧ ଓ ଗୁଡ଼ ଦେଇ ଏକପ୍ରକାର ଉପାଦେୟ ଖାଦ୍ୟ ପ୍ରସ୍ତୁତ କରି ଖାଇ ଥାଉଁ । ଦିନେ ସକାଳେ ଦେଖୁଁ ଯେ ଗୋଟିଏ ଥାଳିଆରେ କେତେକ ମୁଢ଼ି ଓ ଅନ୍ୟ ଗୋଟିଏ ପାତ୍ରରେ କେତେକ ନାଲି ଚିନି (ରିଫାଇନ୍ ଗୁଡ଼ ଭଳି ଦିଶୁଛି) ଓ ଦୁଧ ଥୁଆ ଯାଇଛି । ମୁଁ ବିଶ୍ୱାସ କରି ପାରିଲି ନାହିଁ ଯେ ତାହା ମୁଢ଼ି । ମୁଢ଼ି ବା ଏଠାକୁ ଆସିବ କିପରି ? ପଚାରିଲି ଏ କ'ଣ ? ସେ ହସି ହସି କହିଲେ **Puffed rice** ଅର୍ଥାତ୍ ଚାଉଳ ଭଜା । ମୁଁ ପଚାରିଲି ଏଠାକୁ ଏହା କିପରି

ଆସିଲା । ସେ ମୋତେ ଗୋଟିଏ କାଗଜ ଡବା ଦେଖାଇଲେ, "କ୍ୱେକାର ଓଟ୍‌ସ୍" କମ୍ପାନୀର କାଗଜ ଡବା । ସେଥିରେ ମୁଢ଼ି ପ୍ୟାକ୍ କରି ରଖାଯାଇଛି । ଖୁବ୍ ସମ୍ଭବତଃ ଭାରତରୁ ଆସିଛି । ମୋର ମନେ ପଡ଼ିଲା ବହୁଦିନ ତଳେ ଥରେ ସମ୍ବଲପୁର ଗସ୍ତରେ ଯାଇଥିବା ବେଳେ ସେଠାକାର ଜଣେ ସ୍ଥାନୀୟ ବ୍ୟକ୍ତି ମୋତେ କହୁଥିଲେ ଯେ ଜଣେ ବମ୍ବେଇ ବଣିକ ଆସି ତାଙ୍କ ଜିଲ୍ଲାରୁ ବହୁତ ଚୁଡ଼ା ଓ ମୁଢ଼ି ନେଇ ଯାଉଛନ୍ତି । ହୁଏତ ସେଇ ବେପାରୀ ତାହା ନେଇ 'କ୍ୱେକରଓଟ୍‌ସ୍' କମ୍ପାନୀଙ୍କୁ ଦେଉଥିବ ଓ ସେ ତାକୁ କାଗଜ ଡବାରେ ପ୍ୟାକ୍ କରି ଆମେରିକା ଚାଲାଣ କରୁଥିବେ । ଆମେରିକାର ଲୋକେ ଏହି Puffed rice ବା ମୁଢ଼ି ଖାଇବାକୁ ଭାରି ଭଲ ପାନ୍ତି ଓ ଆଦର କରି ଖାଇଥାନ୍ତି; କିନ୍ତୁ ଆମ ଦେଶରେ ବାବୁମାନେ ଏବେ ମୁଢ଼ିକୁ ନାପସନ୍ଦ କରି ପାଉଁରୁଟି ବିସ୍କୁଟ ଖାଇବାକୁ ମନ ବଳାଉଛନ୍ତି । ବାସ୍ତବିକ ମୁଢ଼ି, ଦୁଧ, ଶର୍କରା, ସମ୍ମିଶ୍ରଣରେ ଯେଉଁ ଉପାଦେୟ ଖାଦ୍ୟ ପ୍ରସ୍ତୁତ ହୁଏ ତାହା ଯେପରି ସ୍ୱାସ୍ଥ୍ୟ ପକ୍ଷରେ ଉପକାରୀ ସେହିପରି ସୁସ୍ୱାଦୁ ମଧ୍ୟ । ଆମ ଦେଶର ବଡ଼ବଡ଼ିଆ ସହରିଆ ବାବୁମାନେ ଆମ ଦେଶର ଏହି ଉପାଦେୟ ଖାଦ୍ୟ ମୁଢ଼ି, ଚୁଡ଼ା, ଜଖୁଡ଼ା ଭୃତି ପ୍ରତି ଦୃଷ୍ଟି ଦେବେ କି ? ଆଉ ଗୋଟିଏ ଜିନିଷ ହେଉଛି ମକାଖଇ ଜଖୁଡ଼ା । ମୁଁ ପିଲାଦିନେ ତାହା ଖାଇବାକୁ ଭାରି ଭଲ ପାଉଥିଲି । ଏବେ ତାହା ଆମ ଦେଶ ବଜାରରେ ଦୁଷ୍ପ୍ରାପ୍ୟ ହୋଇ ଗଲାଣି । ଘରେ ମଧ୍ୟ କ୍ୱଚିତ୍ କେହି ତାହା ତିଆରି କରିଥାନ୍ତି । କିନ୍ତୁ ଆମେରିକାର ନ୍ୟୁୟର୍କ ସହରର ବଜାରରେ ଦେଖିଲି କାଚ ଅଲମାରି ମଧ୍ୟରେ ମକାଖଇର ଗୁଡ଼ଦିଆ ଜଖୁଡ଼ା ବେଶ୍ ଚାକଚକ୍ୟରେ ରଖା ଯାଇଛି ଓ ଆମେରିକାର ପିଲାମାନେ

ମା'ମାନଙ୍କ ସଙ୍ଗେ ଅଳି କରି ଉକ୍ତ ଉଷୁଡ଼ାର ପ୍ୟାକେଟ୍ କିଣି ନେଇ ଖାଉଥାନ୍ତି । ଅଜିକାଲି ଆମ ଦେଶର ବଡ଼ ବଡ଼ଆ ପାଠୁଆ ସହରିଆ ଲୋକଙ୍କୁ ସ୍ୱଦେଶୀ ଖାଦ୍ୟ ସବୁ ଗନ୍ଧାଇଲାଣି । ଆମେ କିନ୍ତୁ ଯେଉଁମାନଙ୍କୁ ଅନୁକରଣ କରିବାକୁ ଲାଳାୟିତ ସେମାନେ ଆମରି ଦେଶ ପ୍ରସ୍ତୁତ ଖାଦ୍ୟ ଖାଇବା ପାଇଁ ଅତି ବ୍ୟଗ୍ର । ପ୍ରକୃତରେ ମନୁଷ୍ୟର ପ୍ରକୃତି ବୁଝିବା କାଠିକର ପାଠ । ନ୍ୟୁୟର୍କ ସହରରେ ଦିନେ ଜଣେ ବନ୍ଧୁ ମୋତେ ଗୋଟିଏ ଭାରତୀୟ ହୋଟେଲକୁ ନେଇ ଯାଇଥିଲେ । ପ୍ରକୃତରେ ତାର ନାମ ଭାରତ-ପାକିସ୍ଥାନ-କଶ୍ମିର ହୋଟେଲ । ୪୭ ନମ୍ବର ଷ୍ଟ୍ରିଟ୍‌ରେ ଆମେରିକା ଏଭିନ୍ୟୁର ଅଳ୍ପ ଦୂର ପଶ୍ଚିମକୁ ତାହା ଅବସ୍ଥିତ । ବଙ୍ଗଳାର ନୁଆଖାଲିର ଜଣେ ମୁସଲମାନ ଯୁବକ ଉକ୍ତ ହୋଟେଲର ମାଲିକ । ସେ ସେଠାରେ ପୂରା ଭାରତୀୟ ଢଙ୍ଗରେ ଭାତ, ଡାଲି, ତରକାରି ମାଂସ, ପରଟା ଇତ୍ୟାଦି ପ୍ରସ୍ତୁତ କରିଥାନ୍ତି । ସେ କହୁଥିଲେ ଯେ ପ୍ରତି ଶନିବାର ରବିବାର ଦିନ ଶହ ଶହ ଆମେରିକାବାସୀ ସାହେବମାନେ ଆସି ଭାରତୀୟ ଖାଦ୍ୟ ଖାଇଥାନ୍ତି । ମୁଁ ମଧ୍ୟ ଦିନେ ଉକ୍ତ ହୋଟେଲକୁ ଯାଇ ଦେଖିଛି ଯେ ସେଠାରେ ଜଣେ ଶ୍ୱେତାଙ୍ଗ ଯୁବକ ଜଣେ ଶ୍ୱେତାଙ୍ଗୀ ଯୁବତୀ ବନ୍ଧୁଙ୍କୁ ସଙ୍ଗରେ ନେଇ ଉକ୍ତ ଭାରତୀୟ ଭୋଜନାଳୟରେ ଭାରତୀୟ ଧରଣରେ ମସଲାଦିଆ ଚର୍ବ୍ୟ ଚୋଷ୍ୟ ଭୋଜନ କରୁଥିଲେ । ମନୁଷ୍ୟ ପ୍ରକୃତି ବରାବର ନୂତନତ୍ୱର ଆସ୍ୱାଦ ପାଇଁ ସର୍ବଦା ଲାଳାୟିତ ସିନା !

ଆଣ୍ଟିଗୋନିସ୍‌ରେ ଯେଉଁ ଭଦ୍ରମହିଳାଙ୍କ ଘରେ ଆମେ ଅତିଥି ହୋଇଥିଲୁଁ, ତାଙ୍କ ନାମ ହେଉଛି ମିସେସ୍ ଏମ୍ମା ହାଉସ୍ । ତାଙ୍କର ସ୍ୱାମୀ ମିଷ୍ଟର ଡେଭିଡ୍ ହାଉସ୍ ଗୋଟିଏ ମଫସଲ ସ୍କୁଲରେ ଶିକ୍ଷକ କାର୍ଯ୍ୟ କରନ୍ତି । ସେ ସେଇ ସ୍କୁଲ ବୋର୍ଡ଼ିଂରେ ଆଣ୍ଟିଗୋନିସ୍‌ଠାରୁ

ପ୍ରାୟ କୋଡ଼ିଏ ମାଇଲ ଦୂରରେ ରହନ୍ତି । ପ୍ରତି ଶୁକ୍ରବାର ସନ୍ଧ୍ୟାରେ ସେ ଘରକୁ ଆସନ୍ତି ଓ ପୁଣି ରବିବାର ସନ୍ଧ୍ୟାରେ ଆପଣା କର୍ମସ୍ଥଳକୁ ଫେରିଯାନ୍ତି । ସାଧାରଣତଃ ଏ ଦେଶରେ ଶନିବାର ଓ ରବିବାର ଦୁଇ ଦିନ ସ୍କୁଲ ବନ୍ଦ ରହେ ।

ମିଷ୍ଟର ହାଜସ୍ ଯେତେବେଳେ ଘରକୁ ଆସିଲେ ମିସେସ୍ ହାଜସ୍ ଆମକୁ ତାଙ୍କ ସଙ୍ଗେ ପରିଚୟ କରାଇ ଦେଲେ । ସାଧାରଣତଃ ମିସେସ୍ ହାଜସ୍ ଖାଇବା ଟେବୁଲର ଗୋଟିଏ ପାଖରେ ବସୁଥିଲେ ଓ ତାଙ୍କର ଠିକ୍ ସାମନାରେ ମୁଁ ଖାଇବାକୁ ବସୁଥିଲି । ମୋର ବନ୍ଧୁମାନେ ଟେବୁଲର ଗୋଟିଏ କଡ଼ରେ ବସୁଥିଲେ । ମିଷ୍ଟର ହାଜସ୍ ଘରକୁ ଫେରିଲା ପରେ ମିସେସ୍ ହାଜସ୍ କହିଲେ—ମିଷ୍ଟର ପଣ୍ଡା ଆପଣଙ୍କ ସ୍ଥାନରେ ଆଜି ଡେଭିଡ୍ ବସିବେ ଆପଣ ମୋ ପାଖରେ ମୋର ଡାହାଣ ଦିଗକୁ ବସିବେ । ମୁଁ ବୁଝି ପାରିଲି ନାହିଁ ଏହାର କାରଣ କଣ ? ତା ପରେ ମିସେସ୍ ହାଜସ୍ ହସି କହିଲେ—ଆମ ଦେଶର ପ୍ରଥା ଅଛି ଯେ ଖାଇବା ଟେବୁଲର ଯେଉଁ ପାଖରେ ସ୍ତ୍ରୀ ଖାଇବାକୁ ବସିବ ତାଙ୍କର ସ୍ୱାମୀ ତାଙ୍କର ଠିକ୍ ସାମନାରେ ଟେବୁଲର ଅପର ପାର୍ଶ୍ୱରେ ବସିବ । ଡେଭିଡ୍ ଆଜି ଘରେ ଅଛନ୍ତି, ସୁତରାଂ ମୋର ସମ୍ମୁଖ ଆସନରେ ବସିବାର ଅଧିକାରରୁ ତାଙ୍କୁ ବଞ୍ଚିତ କଲେ ସେ ମନରେ କଷ୍ଟ କରିବେ । ଆମ୍ଭେମାନେ ସମସ୍ତେ ହସି ଉଠିଲୁଁ । ସେଇ ଦିନଠାରୁ ମିଷ୍ଟର ହାଜସ୍ ଘରକୁ ଆସିଲେ ମିସେସ୍ ହାଜସ୍‌ଙ୍କର ସମ୍ମୁଖସ୍ଥ ଆସନଟା ମୁଁ ତାଙ୍କୁ ଛାଡ଼ିଦେଇ ମିସେସ୍ ହାଜସ୍‌ଙ୍କର ଡାହାଣ କଡ଼କୁ ବସେଁ । ସେ ପୁଣି ବାହାର ଗଲେ ମୁଁ ମୋର ନିର୍ଦ୍ଦିଷ୍ଟ ଆସନରେ ବସୁଥାଏଁ ।

ଦିନେ ଦେଖିଲି ଯେ ମିଷ୍ଟର ହାଜସ୍ ବାରସି, କରତ ଧରି କାଠକାମ କରୁଛନ୍ତି । ଗୋଟିଏ କବାଟ ତିଆରି କରୁଥିଲେ ସେ ।

ମୁଁ ତାଙ୍କୁ ପଚାରିଲି—ଆପଣ କ'ଣ କରୁଛନ୍ତି ? ସେ ହସି କହିଲେ ଯେ ବଢ଼େଇ କାମ କରୁଛନ୍ତି । ତା ପରେ ସେ କହିଲେ ଯେ ତାଙ୍କ ଘରର ଅଧିକାଂଶ କାଠକାମ ସେ ନିଜେ ନିଜ ହାତରେ କରିଛନ୍ତି । ପ୍ରାୟ ସବୁ କବାଟ, ସବୁ ଟେବୁଲ, ସବୁ ସେଲ୍ ପ୍ରଭୃତି ତାଙ୍କ ନିଜ ହାତରେ ଗଢ଼ା । ସେ ମୋତେ ତାଙ୍କ ଘରର ତଳ ମହଲାକୁ ଡାକି ନେଇ ତାଙ୍କର ବଢ଼େଇଶାଳ ଦେଖାଇ ଦେଲେ । ଦେଖିଲି ଯେ ସେଠାରେ କରତ, ବାଇସି, ନିହାଣ, ରନ୍ଦା ପ୍ରଭୃତି ଯାବତୀୟ ବଢ଼େଇ କାରିଗରୀ ଯନ୍ତ୍ରପାତି ବେଶ୍ ସୁସଜ୍ଜିତ ଭାବରେ କାନ୍ଥରେ ଟଙ୍ଗା ହୋଇଛି । ଗୋଟିଏ କାମ କରିବା ଟେବୁଲ ଓ ତା ନିକଟରେ ଗୋଟିଏ ଟୁଲ୍ ପଡ଼ିଛି । ଛୁଟିରେ ଘରକୁ ଆସିଲେ ମିଷ୍ଟର ହାଜସ୍ ଉକ୍ତ ବଢ଼େଇଶାଳରେ ବସି କାଠ କାମ କରନ୍ତି । ସେ କହିଲେ ଯେ ପିଲାଟି ଦିନେ ସ୍କୁଲର ମାନୁଏଲ୍ ଟ୍ରେନିଂ କ୍ଲାସରେ ସେ ଯେଉଁ କାଠ କାମ ଶିଖିଥିଲେ ତାହାକୁ କାର୍ଯ୍ୟରେ ଲଗାଇ ସେ ତାଙ୍କ ଘରର ଯାବତୀୟ ଉପକରଣମାନ ନିଜ ହାତରେ ଗଢ଼ି ପକାଇଛନ୍ତି । ଆମ ଦେଶର ପିଲାମାନେ ସ୍କୁଲରେ ମାନୁଏଲ୍ ଟ୍ରେନିଂ କ୍ଲାସ୍‌ରେ କାଠ କାମ ଶିଖନ୍ତି ସତ କିନ୍ତୁ ଉକ୍ତ ଶିକ୍ଷାକୁ କାର୍ଯ୍ୟରେ ଲଗାଇ ଆପଣାର ଆର୍ଥିକ ଉନ୍ନତି ସାଧନ କରିବାର ଦୃଷ୍ଟାନ୍ତ ମୁଁ ଆମ ଦେଶରେ ଦେଖି ନାହିଁ କିନ୍ତୁ ଆମେରିକାରେ ଏହାର ଦୃଷ୍ଟାନ୍ତ ଏହି ଗୋଟିଏ ସ୍ଥାନରେ ନୁହେଁ ଅନେକ ସ୍ଥଳରେ ଦେଖିଛି ।

ମିସେସ୍ ହାଜସ୍ ଘରର ସମସ୍ତ କାମ ଆପଣା ହାତରେ କରନ୍ତି । ସକାଳେ ଉଠି ଅଣ୍ଟାରେ ଖଣ୍ଡେ କନା ବାନ୍ଧିଦେଇ ରୋଷେଇରେ ଲାଗିଯାନ୍ତି । ଅବଶ୍ୟ ଆମେରିକାର ରୋଷେଇ ଶାଳରେ କଳା ଅଳନ୍ଧୁ ବା ଧୂଆଁର ଲେଶମାତ୍ର ନ ଥାଏ ।

ରୋଷେଇ ଘରଟି ଠିକ୍ ଗୋଟିଏ ବୈଠକଖାନା ପରି ସଜା ହୋଇଥାଏ । ଘର ଗୋଟିଏ ପାଖରେ ଇଲେକ୍ଟ୍ରିକ୍ ଷ୍ଟୋଭ୍ ଥାଏ । ସୁଇସ୍ ଟିପିଲେ ନିଆଁ ଜଳି ଉଠେ । ସେଇଥିରେ ରନ୍ଧା ରନ୍ଧି ହୁଏ । ଅପର ପାର୍ଶ୍ୱରେ କାନ୍ଥକୁ ଲାଗି ଗୋଟିଏ ରେଫ୍ରି-ଜେରେଟର । ଅନେକ ସମୟରେ ଖାଦ୍ୟ ଦ୍ରବ୍ୟ ସେଥି ମଧ୍ୟରେ ସାଇତି ରଖି ଦିଅନ୍ତି । ଅନ୍ୟ ଗୋଟିଏ ପାଖରେ ଗୋଟିଏ “ସିଙ୍କ୍‌ବେସିନ୍” ଓ ଟେବୁଲଟିଏ ଥାଏ । “ସିଙ୍କ୍‌ବେସିନ୍”ରେ ବାସନ କୁସନ ଧୁଆଧୋଇ ହୁଏ । ସେ ମଧ୍ୟକୁ ଗୋଟିଏ ପାଇପ୍ ଲାଗିଥାଏ । ସାବୁନ ପାଣିରେ ବୁଡ଼ାଇ ବାସନ ଗୁଡ଼ିକ ଧୁଆ ଧୋଇ କରିଦେଇ ସଫା କନାରେ ପୋଛି ଦିଅନ୍ତି । ରୋଷେଇଘର କାନ୍ଥ ମୁଣ୍ଡିଆଳରେ କାଠର ବହୁତଗୁଡ଼ିଏ ଖୋପ ବା ର୍ୟାକ୍ ତିଆରି ହୋଇଥାଏ । ସେଥି ମଧ୍ୟରେ ରାନ୍ଧିବା ସରଞ୍ଜାମ ସବୁ ସଜାଡ଼ି ରଖି ଦିଆ ଯାଇଥାଏ ।

ସକାଳେ ଉଠି ମିସେସ୍ ହାଉସ୍ ପ୍ରଥମେ ଜଳଖିଆ ତିଆରି କରନ୍ତି । ତାଙ୍କ ଘରେ ଆମେ ତିନିଜଣ ଅତିଥି ଛଡ଼ା ମିସ୍ ଆର୍ସନଲ୍ଟ ବୋଲି ଜଣେ ମହିଳା ଥାନ୍ତି । ସେ ଆଣ୍ଟିଗୋନିସ କଲେଜରେ ଟାଇପିଷ୍ଟ ଭାବରେ କାର୍ଯ୍ୟ କରନ୍ତି । ମିସେସ୍ ହାଉସ୍‌ଙ୍କର ସାନ ଭଉଣୀ ଭାବରେ ପରିଚିତା ଅନ୍ୟ ଏକ ୨୦।୨୨ ବର୍ଷର ତରୁଣୀ ମଧ୍ୟ ସେଠାରେ ଥାନ୍ତି । ତାଙ୍କ ନାମ ମିସ୍ ଯୋନ୍ । ମିସେସ୍ ହାଉସ୍ ଆମକୁ କହୁଥିଲେ ଯେ ତାଙ୍କ ମା ଅତି ସାନ ଅବସ୍ଥାରୁ ମିସ୍ ଯୋନକୁ କନ୍ୟାରୂପେ ପାଳନ କରିଥିଲେ । ତାଙ୍କର ମୃତ୍ୟୁ ପୂର୍ବରୁ ସେ ତାଙ୍କ ଉପରେ ତା'ର ଭାର ଦେଇ ଯାଇଛନ୍ତି । ମିସେସ୍ ହାଉସ୍ ମିସ୍ ଯୋନକୁ ଠିକ୍ ନିଜର ସାନ ଭଉଣୀ ତୁଲ୍ୟ ଜ୍ଞାନ କରନ୍ତି । ମିସ୍ ଯୋନ୍ ସ୍ଥାନୀୟ ଟେଲିଫୋନ୍ ଏକ୍ସଚେଞ୍ଜ,

ଅଫିସରେ କାର୍ଯ୍ୟ କରେ । ମିସେସ୍ ହାଉସ୍ ଆମ୍ଭମାନଙ୍କୁ ଜଳଖିଆ ଦେଇସାରି ନିଜେ ମଧ୍ୟ ସେଇ ଟେବୁଲରେ ଖାଇ ବସନ୍ତି । ତା ପରେ ଖିଆ ସରିଗଲେ ସବୁଯାକ ବାସନକୁ 'ସିଙ୍କ୍ ବେସିନ'କୁ ନେଇ ଧୂଆଧୋଇ ପୋଛା ପୋଛି କରି ଯଥା ସ୍ଥାନରେ ରଖନ୍ତି । ତାପରେ ପୁଣି ରନ୍ଧା ଘରେ ମଧ୍ୟାହ୍ନ ଭୋଜନ ପାଇଁ ରନ୍ଧାବନ୍ଧ କରନ୍ତି । ଠିକ ବାରଟାଠାରୁ ସାଢେ ବାରଟା ମଧ୍ୟରେ ସମସ୍ତେ ଏକା ଟେବୁଲରେ ବସି ମଧ୍ୟାହ୍ନ ଭୋଜନ ସାରିଦେଉଁ, ପୁଣି ସେ ବାସନ ତକ ସେ ନିଜେ ଧୋଇ ଦିଅନ୍ତି । ତାପରେ ଦିପ୍ରହରେ ବସି ଘରର ମେଜିଆ ପ୍ରଭୃତିକୁ ଖରକା ଖରକ କରି ସଫା କରି ଦିଅନ୍ତି । ଅବଶ୍ୟ ଇଲେକଟ୍ରିକ୍ ଝାଡୁଣି ଦ୍ୱାରା ଖରକା ଯାଏ । ତାପରେ ବସି ଉଲରେ ବୁଣାବୁଣି କରନ୍ତି । ପୁଣି ଦିନ ୩ଟା ବେଳୁଁ ସନ୍ଧ୍ୟା ଭୋଜନପାଇଁ ରନ୍ଧା ବନ୍ଧ କରନ୍ତି । ଠିକ ୫ଟା ରୁ ୬ଟା ମଧ୍ୟରେ ସାନ୍ଧ୍ୟ ଭୋଜନ ସରିଯାଏ । ତାପରେ ବାସନ କୁସନ ଧୂଆଧୋଇ କରି ଯଥାସ୍ଥାନରେ ରଖିଦେଲେ ସେଦିନ ପାଇଁ କାମ ସରିଯାଏ । ତା ପରେ ଗାଧୁଆ ଘରକୁ ଯାଇ ଧୂଆଧୋଇ ହୋଇ ପଡନ୍ତି । ତାପରେ ବେଶ୍ ସୁନ୍ଦର ପୋଷାକ ପତ୍ର ପିନ୍ଧି ବୈଠକଖାନାରେ ବସି ରେଡ଼ିଓ ଶୁଣନ୍ତି, ବହି ପଢନ୍ତି କିମ୍ବା ତାସ୍ ଖେଳନ୍ତି । ଆମେ ଯେତେ ଦିନ ଥିଲୁଁ ପ୍ରାୟ ଅଧିକାଂଶ ଦିନ ସନ୍ଧ୍ୟା ସମୟରେ ଆମ୍ଭମାନଙ୍କୁ ତାଙ୍କ ସଙ୍ଗରେ ଖେଳିବାପାଇଁ ଡାକନ୍ତି । ବେଳେ ବେଳେ ନାଚିବାପାଇଁ ଡାକନ୍ତି ମଧ୍ୟ । ଆମ ଭିତରୁ ଆଫ୍ରିକାରୁ ଆସିଥିବା ଭଦ୍ରଲୋକଟି ନାଚ ଜାଣନ୍ତି । ସୁତରାଂ ତାଙ୍କ ସଙ୍ଗରେ ବେଳେ ବେଳେ ନାଚନ୍ତି । ମଜା କରିବା ପାଇଁ ଆମକୁ ମଧ୍ୟ ନାଚିବାପାଇଁ ଟଣା ଟଣି କରନ୍ତି । ଏଇପରି ଭାବରେ ରାତି ବାରଟାଯାଏ ନାନାପ୍ରକାର ଆମୋଦ ପ୍ରମୋଦରେ

ସମସ୍ତ କଟାଇ ଦିଅନ୍ତି । ତା ପରେ ଯେ ଯାହା ସ୍ଥାନକୁ ଶୋଇବାକୁ ଚାଲିଯାନ୍ତି । ରାତିରେ ଅନେକ ସମୟରେ ଶୋଇବାକୁ ଗଲା ପୂର୍ବରୁ ସେ ଆମ୍ଭମାନଙ୍କୁ କପେ କପେ ଦୁହା ଓ କିଛି ମିଠା ଜିନିଷ ଖାଇବାକୁ ଦେଇଥାନ୍ତି ।

ସେ ଏତେ କାମକରି ମଧ୍ୟ ବରାବର ପ୍ରଫୁଲ୍ଲ ଥାନ୍ତି । ସବୁବେଳେ ପାଟିରୁ ଗୁଣୁ ଗୁଣୁ ହୋଇ ଗୀତ ବାହାରୁ ଥାଏ । ମୁହଁରେ ହସ ବରାବର ଲାଗି ରହିଥାଏ । ରୋଷାଇଘରର ଗୋଟିଏ କୋଣରେ ଗୋଟିଏ ଟେଲିଫୋନ୍ ଥାଏ । ଅନେକ ସମୟରେ ପଡ଼ୋଶୀମାନଙ୍କ ସହିତ ଟେଲିଫୋନ୍‌ରେ କଥାବାର୍ତ୍ତା କରନ୍ତି । ରବିବାର ଦିନ କେବେ ସକାଳେ କେବେ ବା ସନ୍ଧ୍ୟାରେ ଗୀର୍ଜାକୁ ଯାନ୍ତି । ବଡ଼ ଈଶ୍ୱର ବିଶ୍ୱାସ ତାଙ୍କର । ଗୀର୍ଜାର ପୁରୋହିତଙ୍କ ଉପରେ ପ୍ରଗାଢ଼ ଶ୍ରଦ୍ଧା ଥାଏ । ପ୍ରତି ସପ୍ତାହରେ ଥରେ କି ଦୁଇଥର ଯାଇ ସପ୍ତାହକ ପାଇଁ ସଉଦା କିଣି ଆଣନ୍ତି । ସାଧାରଣତଃ ଶନିବାର ଦିନ ସଉଦା ବଜାର ବେଶ୍ ଜେଜା ଉଠେ । କାରଣ ସେଇଦିନ ପ୍ରାୟ ସପ୍ତାହକ ପାଇଁ ଆବଶ୍ୟକ ହେଉଥିବା ସଉଦା ସମସ୍ତେ କିଣି ଆଣନ୍ତି । ମିସେସ୍ ହାଉସ ସଉଦା କରିସାରି ସେଇ ଦୋକାନୀକୁ ତାହା ତାଙ୍କ ଘରକୁ ପଠାଇ ଦେବାକୁ ବରାଦ କରିଦେଇ ଚାଲି ଆସନ୍ତି । ତାପରେ ଦୋକାନୀ ସେ ଜିନିଷପତ୍ର ସବୁ ମୋଟ କରି ତାଙ୍କ ଘରକୁ ପଠାଇ ଦିଏ ।

ମିଷ୍ଟର ହାଉସ୍ ଘରକୁ ଆସିଲେ ଅନେକ ସମୟରେ ସେ ଯାଇ ମିସେସ୍‌ହାଉସ୍‌ଙ୍କୁ ବାସନ କୁସନ ଧୁଆ ଧୋଇରେ ସାହାଯ୍ୟ କରିଥାନ୍ତି । ମିସେସ୍ ହାଉସ୍ ପାଣିରେ ବାସନ ଧୋଇ ଦେଲେ ମିଷ୍ଟର ହାଉସ୍ ତାଙ୍କୁ ଶୁଖିଲା କନାରେ ପୋଛି ଯଥା ସ୍ଥାନରେ ରଖି ଦିଅନ୍ତି । ସେ ବାହାରି ଗଲା ପରେ ମିସେସ୍ ହାଉସ୍‌ଙ୍କୁ ଏକଲା

ସବୁ କାମ କରିବାକୁ ପଡ଼େ । ସେ ଏତେ କାମ କରୁଛନ୍ତି ଦେଖି ମୋର ବନ୍ଧୁ ମିଷ୍ଟର ଆବାସ୍ ମଧ୍ୟ ବାସନ କୁସନ ଧୁଆଧୋଇରେ ତାଙ୍କୁ ସାହାଯ୍ୟ କରିବାକୁ ଲାଗିଲେ, ଅର୍ଥାତ୍ ମିସେସ୍ ହାଉସ୍ ବାସନ ଧୋଇ ଦେଲେ ସେ ତାକୁ ପୋଛି ପୋଛି କରି ଦେଉନ୍ତି ।

ଅତିଥିମାନଙ୍କୁ ସୁଖରେ ରଖିବାପାଇଁ ମିସେସ୍ ହାଉସ୍ ସର୍ବଦା ତତ୍ପର ଥାନ୍ତି । ପ୍ରତିଦିନ ସକାଳେ ଆମେ ଜଳଖିଆ ଖାଇସାରି ସହରକୁ ବୁଲିଗଲେ କିମ୍ବା କାର୍ଯ୍ୟରେ ବାହାରି ଗଲେ ମିସେସ୍ ହାଉସ୍ ଆମର ବିଛଣାପତ୍ର ସଜଡ଼ା ସଜଡ଼ି କରିଦିଅନ୍ତି ।

ସେ ଦେଶରେ ବିଛଣା କରିବାର ଗୋଟିଏ ଧରାବନ୍ଧା ନିୟମ ଅଛି । ସାଧାରଣତଃ ବିଛଣା ଉପରେ ଗୋଟିଏ ଧୋଲେଇ ଚାଦର ପଡ଼ିଥାଏ । ତାପରେ ଆଉ ଗୋଟିଏ ଧୋଲେଇ ଚାଦର ଉପରେ ଘୋଡ଼ିହେବା କମ୍ବଳ ଇତ୍ୟାଦି ରଖା ହୋଇଥାଏ । ଶୋଇବା ଲୋକ ଉକ୍ତ ଦୁଇ ଚାଦର ମଝିରେ ଶୁଏ । ଏପରି କରିବାର କାରଣ ହେଉଛି ଯେ ବିଭିନ୍ନ ସମୟରେ ବିଭିନ୍ନ ଲୋକ ସେ ବିଛଣା ବ୍ୟବହାର କରୁଥିବାରୁ ଅନ୍ତତଃ ବିଛଣା ଚାଦର ଓ ଘୋଡ଼ିହେଲା ଚାଦର ଏବଂ ତକିଆ ଖୋଳ ବରାବର ପ୍ରତ୍ୟେକ ଲୋକ ଆସିଲାବେଳେ ବା ଗଲାବେଳେ ବଦଳି କରି ଦିଆଯାଏ । ସୁତରାଂ ଜଣଙ୍କ ଦ୍ୱାରା ବ୍ୟବହୃତ ବିଛଣାରେ ଅନ୍ୟ ଜଣେ ଶୁଏ ନାହିଁ । ବଡ଼ ବଡ଼ ହୋଟେଲମାନଙ୍କରେ ଉକ୍ତ ଚାଦର ସବୁ ପ୍ରତିଦିନ ବଦଳାଇ ଦିଆଯାଇ ଧୋଲେଇ ଚାଦର ବିଛାଇ ଦିଆଯାଏ ।

ସପ୍ତାହରେ ଦିନେ ଦିନେ ମିସେସ୍ ହାଉସ୍ ଘରର ପାରିବାରି ଲୁଗାପଟା ଧୁଆ ଧୋଇ କରିଦିଅନ୍ତି । ସାଧାରଣତଃ ଖରା ପାଗ କରିଥିଲେ ତାହାକୁ ବାଡ଼ି ପଛଆଡ଼େ ଖଞ୍ଜା ହୋଇଥିବା ଗୋଟିଏ

ତାରରେ ଶୁଖାଇ ଦିଅନ୍ତି । ମୁଁ ଥରେ ଆଶ୍ଚର୍ଯ୍ୟ ହୋଇ ତାଙ୍କୁ ପଚାରିଲି ଆପଣ ଏତେ ଲୁଗାପଟା ଧୋଇ ସଫା କରୁଛନ୍ତି କିପରି ? ସେ ମୋତେ ତାଙ୍କ ଭୂଇଁତଳ ଘରକୁ ନେଇଯାଇ ଗୋଟିଏ ଇଲେକ୍‌ଟ୍ରିକ୍ ଲୁଗାଧୁଆ କଳ ଦେଖାଇଲେ । ସେଥିରେ ସାବୁନ ପାଣି ଭରିଦେଇ ଲୁଗାତକ ପକାଇଦେଇ ପ୍ଲଗ୍‌ପଏଣ୍ଟରେ ସୁଇସ୍ ଲଗାଇ ଦେଲେ । ତହିଁରେ ମନ୍ଥିଲି ଭଳି ମଝିରେ ଥିବା ଗୋଟିଏ ଡାଙ୍ଗ ଘୂରି ବୁଲେ । ଫଳରେ ଲୁଗାତକ ସଫା ହୋଇଯାଏ । ତାପରେ ଉକ୍ତ ଯନ୍ତ୍ର ସାହାଯ୍ୟରେ ସେଥିରୁ ପାଣିତକ ନିଗାଡ଼ି ବାହାର କରି ଦିଆଯାଏ । ତାପରେ ଶୁଖାଇ ଦିଆଯାଏ ।

ଏହିପରି ଭାବରେ କହିବାକୁ ଗଲେ ଆମେରିକା ଘର କରଣା କାମର ଅଧିକାଂଶ ଇଲେକ୍‌ଟ୍ରିକ୍ ଯନ୍ତ୍ର ସାହାଯ୍ୟରେ ଅଳ୍ପ ପରିଶ୍ରମରେ ହୋଇଯାଏ । ସେଥିପାଇଁ କେହି ଚାକର ବାକର ରଖନ୍ତି ନାହିଁ । ଚାକର ବାକର ରଖିବା ମଧ୍ୟ ସେ ଦେଶରେ ସହଜ ବ୍ୟାପାର ନୁହେଁ, କାରଣ ସାଧାରଣତଃ ମୂଲିଆ ମଜୁରି ହେଉଛି ସପ୍ତାହକୁ ଅତି କମ୍‌ରେ ୨୦।୨୫ ଡଲାର ଅର୍ଥାତ୍ ସପ୍ତାହକୁ ଏକଶହ ଟଙ୍କା ଏତେ ଖର୍ଚ୍ଚ ଦେଇ ଚାକର ରଖିବା ଆଦୌ ସମ୍ଭବପର ନୁହେ ।

ଆମେରିକାର ଘର କରିବା ପ୍ରଣାଳୀ ମଧ୍ୟ ବିଭିନ୍ନ ପ୍ରକାର । ସହର କଥା ଛାଡ଼ିଦେଲେ ମଫସଲର ଗାଉଁଲି ଘର ଗୁଡ଼ିକ ସାଧାରଣତଃ କାଠରେ ତିଆରି । କାନାଡାରେ ବହୁ ଜଙ୍ଗଲ ଥିବାରୁ ଓ କାଠ ବହୁତ ମିଳୁ ଥିବାରୁ ସାଧାରଣତଃ କାଠରେ ଘରର କାନ୍ଥଠାରୁ ଛାତ ପର୍ଯ୍ୟନ୍ତ ସବୁ ଗଢ଼ିଥାନ୍ତି । ପ୍ରତ୍ୟେକ ଘର ତଳେ ତଳେ ଗୋଟିଏ ଭୂଇଁତଳ କୋଠରି ଥାଏ । ସବା ତଳ ମେଜିଆ ସିମେଣ୍ଟରେ ତିଆରି ହୋଇଥାଏ । ଘରର ଛାତରେ

ନାନା ବର୍ଣ୍ଣର ରଙ୍ଗିନ୍ ଟାଇଲ ଦେଇ ଛପର କରିଥାନ୍ତି । ସେଥିପାଇଁ ଘରଗୁଡ଼ିକ ଖୁବ ସୁନ୍ଦର ଦିଶେ । ସହରର ବାସ-ଘରଗୁଡ଼ିକରେ ପ୍ରାୟ "ଇଲେକଟ୍ରିକ ହିଟର" ଥାଏ ଯାହାର ଫଳରେ ବାହାରେ ଅତି ଥଣ୍ଡା ଓ ବରଫ ପଡ଼ୁଥିଲେ ମଧ୍ୟ ଘର ଭିତରର ଉତ୍ତାପ ସାଧାରଣତଃ ୭୪ ଡିଗ୍ରିରୁ କମ୍ ହୁଏ ନାହିଁ । ଫଳରେ ଘର ଭିତରଟି ବେଶ୍ ଗରମ ଓ ଆରାମପ୍ରଦ ହୋଇ-ଥାଏ । ଲଣ୍ଡନରେ ଆସି ଦେଖିଲି ଯେ ସେପରି ବ୍ୟବସ୍ଥା ନାହିଁ । ସୁତରାଂ ଲଣ୍ଡନର ଘରଗୁଡ଼ିକ ସାଧାରଣତଃ ଖୁବ୍ ଥଣ୍ଡା ଓ ଶୀତ ଲାଗେ । ଅବଶ୍ୟ ଗ୍ୟାସ୍ ହିଟର ଅଛି । ଦିଆସିଲରେ ଲଗାଇ ଜଳାଇ ଦେଲେ ତାହା ଜଳି ଉଠି ଘରକୁ ଗରମ କରେ; କିନ୍ତୁ ଘର ଭିତରେ ନିଆଁ ଜଳାଇ ରଖିବା ସେତେ ସୁବିଧାଜନକ ନୁହେଁ । ଆମେରିକାର ପୁରୁଣାକାଳିଆ ଘରେ ଅବଶ୍ୟ ଗ୍ୟାସ୍ ହିଟର ଅଦ୍ୟାପି ରହିଛି । କେଉଁଠି କେଉଁଠି ମଧ୍ୟ କାଠ ଜାଳି ଗରମ କରନ୍ତି । କିନ୍ତୁ ଅଧିକାଂଶ ନୂଆ ତିଆରି ଘରେ ଇଲେକ୍ଟ୍ରିକ୍ ହିଟର ଥାଏ ଘରକୁ ଗରମ ରଖିବାପାଇଁ ।

ମିସେସ୍ ହାଉସ୍‌ଙ୍କର ଘର ଆଧୁନିକ ଧରଣର ଘର ହୋଇ ଥିବାରୁ ଆମ୍ଭେମାନେ ସେଠାରେ ବେଶ୍ ଆରାମରେ ଥିଲୁଁ । ମିସେସ୍ ହାଉସ୍ ମଧ୍ୟ ଆମ୍ଭମାନଙ୍କୁ ଆନନ୍ଦରେ ରଖିବା ପାଇଁ ଯଥାସାଧ୍ୟ ଚେଷ୍ଟା କରୁଥିଲେ ।

ଆମ୍ଭେମାନେ ଅର୍ଲିଂଟୋନସରେ ଥିବାବେଳେ ଗୋଟିଏ ସାମାଜିକ ଉତ୍ସବ ପଡ଼ିଲା । ସେଟା ହେଉଛି ହେଲୋଇନ୍ ଡେ ବା ଭୂତ ଦିବସ । ନଭେମ୍ବର ମାସ ପହିଲା ତାରିଖ ଦିନ ହେଉଛି ଅଲ୍ ସେଣ୍ଟସ୍ ଡେ (All Saints Day) । ତା ପୂର୍ବ ଦିନ ହେଉଛି Hallowin Day । ଉକ୍ତ ଦିନ ସନ୍ଧ୍ୟା ବେଳେ ସେ ଦେଶର

ପିଲ୍ଲ ପିଲ୍ ଠାରୁ ଠୋକା ଠୋକୀ ପର୍ଯ୍ୟନ୍ତ ଅନେକେ ମୁହଁରେ ଚୂନ କଳା ବୋଳି, ବଡ଼ ବଡ଼ ନାକ କାନ ଖଞ୍ଜି ବା ମୁଖା ପିନ୍ଧି ଅସୁର ଅସୁରୁଣୀ ବା ଭୂତ ଭୂତୁଣୀ ସାଜି ସାହି ବୁଲି ବାହାରନ୍ତି । ପ୍ରତ୍ୟେକ ଘରକୁ ଗଲେ ଗୃହସ୍ଥମାନେ ସେମାନଙ୍କୁ ମିଠେଇ ପ୍ରଭୃତି ଦେଇ ବିଦାୟ ଦିଅନ୍ତି । ଏହି ଭୂତ ଭୂତୁଣୀମାନେ ବିକୃତ ସ୍ୱରରେ କଥା କହି ଅନେକ ସମୟରେ ବାଠୋଇମାନଙ୍କୁ ଡରାନ୍ତି । ଠିକ୍ ହୋଲି ପର୍ବ ବା ଠାକୁରାଣୀ ଯାତ ବେଳେ ଆମ ଦେଶରେ ଯେପରି ଲୋକେ ନାନା ବେଶ ପକାଇ ସାହି ବୁଲି ବାହାରନ୍ତି ସେ ଦେଶରେ ମଧ୍ୟ ସେହିପରି ହେଲୋଇନ ପର୍ବରେ ଲୋକେ ବେଶ ପକାଇ ବାହାରୁ ଥିବାର ଦେଖି ଭାବିଲି ମନୁଷ୍ୟ ପ୍ରକୃତି ସବୁ ଦେଶରେ ସବୁ କାଳରେ ସମାନ ସିନା ! All Saints Day ଦିନ ଗୋଟିଏ ସ୍ଥାନୀୟ ସମ୍ବାଦପତ୍ରରେ ମହାତ୍ମା ଗାନ୍ଧିଙ୍କ ବିଷୟରେ ଗୋଟିଏ ଲେଖା ବାହାରିଥିଲା । ସେଥିରେ ଲେଖାଥିଲା ଯେ ଭାରତର ମହାତ୍ମା ଗାନ୍ଧି ହେଉଛନ୍ତି ଜଣେ ପ୍ରକୃତ saint ବା ସନ୍ଥ

---

## [ ଦଶ ]

### ସେଣ୍ଟ୍ ଫ୍ରାନ୍‌ସିସ୍ ଜାଭିଏର ଇଉନିଭରସିଟି

ଆମର ପ୍ରୋଗ୍ରାମ ଅନୁସାରେ ଆଣ୍ଟିଗୋନିସ୍‌ରେ ସେଣ୍ଟ୍ ଫ୍ରାନ୍‌ସିସ୍ ଜାଭିଏର୍ ଇଉନିଭରସିଟିରେ ଦୁଇ ମାସ କଟାଇବା କଥା । ଉକ୍ତ ଇଉନିଭର୍‌ସିଟି ହେଉଛି କାଥଲିକ୍ ମିସନ ଇଉନିଭର୍‌ସିଟି, ପ୍ରାୟ ଏକଶହ ବର୍ଷ ହେଲା ତାହା ଚାଲି ଆସୁଛି । ଆମ୍ଭମାନଙ୍କର ଅବସ୍ଥାନ ସମୟରେ ଡିସେମ୍ବର ମାସ ତା ୩ ରିଖ ରେ ତାର ଶତବାର୍ଷିକୀ ଉତ୍ସବ ଅନୁଷ୍ଠିତ ହୋଇଥିଲା ।

ଉକ୍ତ ଇଉନିଭରସିଟିରେ ଗୋଟିଏ ଏକ୍ସଟେନ୍‌ସନ୍ ଡିପାର୍ଟମେଣ୍ଟ ବା ସଂପ୍ରସାରଣ ବିଭାଗ ଅଛି । ଉକ୍ତ ବିଭାଗର କାର୍ଯ୍ୟ ହେଉଛି ଜନଶିକ୍ଷାର ପ୍ରଚାର ଓ ତାହା ସଙ୍ଗେ ସଙ୍ଗେ ସମବାୟ ନୀତିର ପ୍ରଚାର ଓ ପ୍ରୟୋଗ ପାଇଁ ବ୍ୟବସ୍ଥା । କାନାଡ଼ାର ପୂର୍ବ ଉପକୂଳବର୍ତ୍ତୀ ପ୍ରଦେଶ ନଭସ୍କୋସିଆରେ ବହୁତ ମତ୍ସ୍ୟଜୀବୀ ବାସ କରନ୍ତି । ସେମାନଙ୍କର ପ୍ରଧାନ ବ୍ୟବସାୟ ହେଉଛି ସମୁଦ୍ରରୁ ମାଛ ମାରିବା । ପ୍ରାୟ କୋଡ଼ିଏ ପଚିଶି ବର୍ଷ ପୂର୍ବେ ଏହି ମତ୍ସ୍ୟଜୀବୀମାନଙ୍କର ଆର୍ଥିକ ଅବସ୍ଥା ବଡ଼ ଶୋଚନୀୟ ହୋଇ ପଡ଼ିଥିଲା । କାରଣ ସହରର ବଡ଼ ବଡ଼ ବେପାରିମାନେ ସାଧାରଣତଃ ମତ୍ସ୍ୟଜୀବୀମାନଙ୍କୁ ଆବଶ୍ୟକ ବେଳେ ଟଙ୍କା ପଇସା କରଜ ଦେଇ ବରାବର ସେମାନଙ୍କୁ କଣ୍ଢାଯୁକ୍ତ କରି ରଖୁଥିଲେ । ମତ୍ସ୍ୟଜୀବୀମାନଙ୍କର ଜାଲ ଓ ମତ୍ସ୍ୟ ମାରିବା ଯନ୍ତ୍ର ପାଇଁ ଆବଶ୍ୟକୀୟ ଟଙ୍କା କରଜ ଦେଉଥିଲେ କିମ୍ବା ଉକ୍ତ ଜିନିଷ ସବୁ ଜାଲବାସିରେ ବିକ୍ରୟ କରୁଥିଲେ । ମାଛ ମାରିବା ବୋଟ୍ ସବୁ ମଧ୍ୟ କେବଳ ସେହି ମହାଜନମାନଙ୍କର ଥିଲା ଓ ମତ୍ସ୍ୟଜୀବୀମାନେ ତାକୁ ଭଡ଼ାରେ ନେଇ ମାଛ ମାରୁଥିଲେ । ଫଳରେ ମହାଜନମାନେ ଯେଉଁ ଦର ହାଙ୍କୁଥିଲେ ମତ୍ସ୍ୟଜୀବୀମାନେ ସେଇ ଦରରେ ମାଛତକ ସେମାନଙ୍କୁ ଦେଇ ଦେଉଥିଲେ । ସେମାନଙ୍କର ବିଶେଷ କିଛି ଲାଭ ରହୁ ନ ଥିଲା ।

ମତ୍ସ୍ୟଜୀବୀମାନଙ୍କର ଏପରି ଅବସ୍ଥା ଦେଖି ସେଣ୍ଟ୍ ଫ୍ରାନ୍‌ସିସ୍ ବିଶ୍ୱବିଦ୍ୟାଳୟର କର୍ତ୍ତୃପକ୍ଷ ଏକ ସଂପ୍ରସାରଣ ବିଭାଗ ଖୋଲି ଫାଦାର ଟମ୍‌କିନ୍ ଓ ଡକ୍ଟର କୋଡ଼ି ପ୍ରଭୃତି କେତେ ଜଣ ସେବା ମନୋଭାବ ସମ୍ପନ୍ନ ମିସନାରୀମାନଙ୍କୁ ଜନଶିକ୍ଷା ଓ ସମବାୟ ନୀତିର ପ୍ରୟୋଗ ପାଇଁ ନିଯୁକ୍ତ କଲେ । କାନାଡ଼ା ସରକାର ମଧ୍ୟ

ବିଶ୍ୱବିଦ୍ୟାଳୟର ଏତାଦୃଶ ଜନସେବାମୂଳକ କାର୍ଯ୍ୟରେ ସନ୍ତୁଷ୍ଟ ହୋଇ ଉକ୍ତ ବିଭାଗର ପରିଚାଳନା ପାଇଁ ବର୍ଷକୁ ୪୦ ହଜାର ଡ଼ଲାର ଅର୍ଥାତ୍ ଦୁଇ ଲକ୍ଷ ଟଙ୍କା ବାର୍ଷିକ ଭତ୍ତା ଦେବାକୁ ଲାଗିଲେ । ଉକ୍ତ ଅର୍ଥରେ ଓ ବିଶ୍ୱବିଦ୍ୟାଳୟର ଉଦ୍‌ବୃତ୍ତ ଧନରେ ବର୍ତ୍ତମାନ ଉକ୍ତ ସଂପ୍ରସାରଣ ବିଭାଗ ଗତ କୋଡ଼ିଏ ପଚିଶି ବର୍ଷ ହେଲା ଚାଲି ଆସୁଛି । ଉକ୍ତ ବିଭାଗରେ କେତେଗୁଡ଼ିଏ ଜନସେବୀ ବ୍ୟକ୍ତି ନିଯୁକ୍ତ ଅଛନ୍ତି । କହିବା ବାହୁଲ୍ୟ ଯେ ଉକ୍ତ ବିଭାଗର ଅଧ୍ୟକ୍ଷ ଭାବରେ ଥିବା ଡକ୍ଟର କୋଡ଼ିଙ୍କ ପ୍ରଗାଢ଼ ଅଧ୍ୟବସାୟ ଓ ସେବା ଫଳରେ ନଭସ୍କୋସିଆ ପ୍ରଦେଶରେ ମତ୍ସ୍ୟଜୀବୀମାନଙ୍କର ଅର୍ଥିକ ଅବସ୍ଥା ସଂପୂର୍ଣ୍ଣ ବଦଳି ଯାଇଛି । ବର୍ତ୍ତମାନ ଅନେକଗୁଡ଼ିଏ ମତ୍ସ୍ୟଜୀବୀ ସମବାୟ ସମିତି ସେଠାରେ ଚାଲୁଛି ଓ ଉକ୍ତ ସମବାୟ ସମିତିମାନଙ୍କର ଏକ ପ୍ରାଦେଶିକ ସଂଗଠନ ମଧ୍ୟ ଅଛି । ଉକ୍ତ ସମିତି ଜରିଆରେ ମତ୍ସ୍ୟଜୀବୀମାନେ ସେମାନଙ୍କର ମାଛ ସବୁ ବିକ୍ରୟ କରିଥାନ୍ତି । ଖାଲି ସେତିକି ନୁହେଁ ଉକ୍ତ ସମିତିମାନଙ୍କରେ ମାଛକୁ ଶୁଖୁଆ କରିବା ପାଇଁ, ସିଝାଇ ଟିଣରେ ପ୍ୟାକ୍ କରିବାପାଇଁ ଓ ବରଫ ସାହାଯ୍ୟରେ ବହୁଦିନ ସାଇତି ରଖିବା ପାଇଁ ନାନାପ୍ରକାର ଯନ୍ତ୍ରପାତିର ବ୍ୟବସ୍ଥା କରାଯାଇଛି । କେବଳ ମତ୍ସ୍ୟଜୀବୀମାନଙ୍କ ମଧ୍ୟରେ ଯେ ସମବାୟ ନୀତିର ପ୍ରୟୋଗ କରାଯାଇଛି ତାହା ନୁହେଁ, ଜନସାଧାରଣଙ୍କ ମଧ୍ୟରେ ମଧ୍ୟ ଋଣ ସମବାୟଠାରୁ ଆରମ୍ଭ କରି କ୍ରୟ ବିକ୍ରୟ ସମବାୟ ଓ ଗୃହ ନିର୍ମାଣ ସମବାୟ ପ୍ରଭୃତି ନାନାପ୍ରକାର ସମବାୟ ସମିତି ସ୍ଥାପନ କରାଯାଇଛି । ଖାଲି ସେତିକି ନୁହେଁ । ଲୋକମାନଙ୍କ ମଧ୍ୟରେ ସମବାୟ ମୂଳକ ଶିକ୍ଷାର ପ୍ରଚାର ପାଇଁ ଉକ୍ତ ବିଶ୍ୱବିଦ୍ୟାଳୟର ସଂପ୍ରସାରଣ ବିଭାଗ ପକ୍ଷରୁ ନାନାପ୍ରକାର

ଯତ୍ନ କରାଯାଉଛି । ମୋଟ ଉପରେ କହିବାକୁ ଗଲେ—ସମବାୟ ଶିକ୍ଷାର ପ୍ରଚାର ଓ ସମବାୟ ନୀତିର ପ୍ରୟୋଗ ବିଷୟରେ କ୍ଷୁଦ୍ର ଆଣ୍ଟିଗୋନସ୍ ସହରରେ ଅବସ୍ଥାପିତ ଏହି ସେଣ୍ଟ ଫ୍ରାନ୍‌ସିସ୍ ଜାଭିୟର୍ ଇଉନିଭର୍‌ସିଟିର ସଂପ୍ରସାରଣ ବିଭାଗ ଉତ୍ତର ଆମେରିକାର ଏକ ଜନସେବା ମୂଳକ ତୀର୍ଥସ୍ଥାନରେ ପରିଣତ ହୋଇ ପାରିଛି । ସମବାୟ ନୀତିର ଶିକ୍ଷା ଓ ପ୍ରୟୋଗ ସମ୍ବନ୍ଧେ ଏହି ବିଶ୍ୱବିଦ୍ୟାଳୟର ପ୍ରସିଦ୍ଧି ଏତେ ବିଖ୍ୟାତ ହୋଇ ପଡ଼ିଛି ଯେ ବର୍ତ୍ତମାନ ପୃଥିବୀର ବିଭିନ୍ନ ପ୍ରାନ୍ତରୁ ବହୁ ସଂଖ୍ୟକ ଶିକ୍ଷାର୍ଥୀ ଉକ୍ତ ବିଶ୍ୱବିଦ୍ୟାଳୟକୁ ସମବାୟ ସମ୍ବନ୍ଧେ ଶିକ୍ଷା କରିବା ପାଇଁ ଆସୁଛନ୍ତି । ଆମେରିକାର ଇଉନାଇଟେଡ୍ ଷ୍ଟେଟ୍‌ସରୁ ମଧ୍ୟ ବହୁ ଛାତ୍ର ଛାତ୍ରୀ ଓ ଜନସେବୀ ସମବାୟ ନୀତି ଓ ଆଦର୍ଶର ଶିକ୍ଷା ପାଇଁ ଉକ୍ତ ବିଦ୍ୟାଳୟକୁ ଯାଇଥାନ୍ତି । ଏପରି ଅବସ୍ଥାରେ କାନାଡ଼ା ସରକାର ଆମର ଶିକ୍ଷା ପାଇଁ ଉକ୍ତ ବିଶ୍ୱବିଦ୍ୟାଳୟରେ ଦୁଇମାସ ପାଇଁ ବ୍ୟବସ୍ଥା କରିଥିଲେ ।

ଉକ୍ତ ବିଶ୍ୱବିଦ୍ୟାଳୟର ସଂପ୍ରସାରଣ ବିଭାଗ ପାଇଁ ଏକ ନୂତନ ପାଠାଗାର ମଧ୍ୟ ଅଛି ଓ ସେଥିରେ ବହୁ ସଂଖ୍ୟକ ସମବାୟ ବିଷୟକ ପୁସ୍ତକ ସଂଗୃହୀତ ହୋଇ ରଖାଯାଇଛି । ପୃଥିବୀର ବିଭିନ୍ନ ଅଞ୍ଚଳର ସମବାୟ ସଂବାଦପତ୍ର ଓ ସାମୟିକ ପତ୍ର ପତ୍ରିକାମାନ ମଧ୍ୟ ଉକ୍ତ ପାଠାଗାରକୁ ଆସିଥାଏ । ପ୍ରଥମତଃ ଆମ୍ଭମାନଙ୍କର ଶିକ୍ଷା ଆରମ୍ଭ ହେଲା ସେଇ ପାଠାଗାରରେ ।

ଉକ୍ତ ପାଠାଗାରର ଏକ ବିଶେଷତ୍ୱ ହେଉଛି ତାର ଲାଇବ୍ରେରିୟାନ୍ ବା ପାଠାଗାର ପରିଚାଳକ । ସେ ହେଉଛନ୍ତି ଜଣେ ରୋମାନ୍ କାଥଲିକ ଧର୍ମାବଲମ୍ବୀ ମହିଳା ନାମ ସିଷ୍ଟର ମେରୀ ମାଇକେଲ୍ । ରୋମାନ କାଥଲିକ । ସିଷ୍ଟରମାନଙ୍କ ପରି ସେ

ପୋଷାକ ପରି ପିନ୍ଧନ୍ତି ଓ କେବଳ ମୁହଁ ଛଡ଼ା ଅବଶିଷ୍ଟ ଅଂଶ ଘୋଡ଼ାଇ ରଖନ୍ତି । ସିଷ୍ଟର ମେରି ମାଇକେଲଙ୍କୁ ଦେଖିଲେ ମୋର ସ୍ୱତଃ ମନେ ହୁଏ ସେ ଯେପରି ପ୍ରକୃତରେ ମୂର୍ତ୍ତିମତୀ ସରସ୍ୱତୀ । ଲାଇବ୍ରେରୀରେ ଯେତେ ବହି ଅଛି ଓ କେଉଁ ବହିମାନଙ୍କରେ କି କି ବିଷୟ ଅଛି ତାହା ଯେପରି ତାଙ୍କର ଜିଭ ଅଗରେ ରହିଛି । ଯେ କୌଣସି ବହି ବିଷୟ ପଚାରିଲେ ସେ ତତ୍‌କ୍ଷଣାତ୍ ଉକ୍ତ ବିଷୟରେ କିଛି ନା କିଛି କହି ପାରିବେ ଓ ସଙ୍ଗେ ସଙ୍ଗେ ସେ ବହି ବାହାର କରିଦେବେ । ବାସ୍ତବିକ ଏପରି କାର୍ଯ୍ୟଦକ୍ଷ ଲାଇବ୍ରେରିୟାନ୍ ମୁଁ ଖୁବ୍ କମ୍ ଦେଖିଛି ।

ପ୍ରଥମ ଦିନ ଆମେ ଯାହିଁ ଯେତେବେଳେ ଉକ୍ତ ଲାଇବ୍ରେରୀରେ ପହଞ୍ଚିଲୁଁ ସେତେବେଳେ ସିଷ୍ଟର ମେରି ମାଇକେଲ ଆମ୍ଭମାନଙ୍କୁ ସମବାୟ ସମ୍ବନ୍ଧେ ପୂରା ଦୁଇ ଘଣ୍ଟା କାଳ ଏକ ଶିକ୍ଷଣୀୟ ବକ୍ତୃତା ଦେଇଥିଲେ । ସମବାୟ ନୀତି ଓ ଦର୍ଶନ ସମ୍ବନ୍ଧେ ତାଙ୍କର ଏପରି ପରିଷ୍କାର ଜ୍ଞାନ ଥିବାର ଦେଖି ଆମ୍ଭେମାନେ ଚମତ୍କୃତ ହୋଇଥିଲୁଁ । ତାପରେ ସେ ଆମ୍ଭମାନଙ୍କୁ ସମବାୟ ସମ୍ବନ୍ଧେ କେତେକ ଉପାଦେୟ ପୁସ୍ତକ ପଢ଼ିବାକୁ ଦେଇଥିଲେ ଓ ଆମ୍ଭମାନଙ୍କ ପାଇଁ କେତେକ ସୁନ୍ଦର ସମବାୟ ପୁସ୍ତକ ଅଳ୍ପ ଦାମରେ ମଗାଇ ଦେଇଥିଲେ ମଧ୍ୟ ।

ପ୍ରତିଦିନ ସକାଳେ ଓ ଅପର ବେଳା ଉକ୍ତ ପାଠାଗାରକୁ ଯାଇ ସମବାୟ ସମ୍ବନ୍ଧେ ପଢ଼ାପଢ଼ି କରିବା ଥିଲା ଆମ୍ଭମାନଙ୍କର ଦୈନନ୍ଦିନ କର୍ତ୍ତବ୍ୟ । ଏହା ଛଡ଼ା ନଭସ୍କୋସିଆ ପ୍ରଦେଶର ବିଭିନ୍ନ ଅଞ୍ଚଳରେ ଗସ୍ତକରି ବିଭିନ୍ନ ପ୍ରକାର ସମବାୟ ସମିତିର ପରିଚାଳନା କୌଶଳ ମଧ୍ୟ ଶିକ୍ଷା କରୁଥିଲୁଁ ।

ସେଣ୍ଟ୍ ଫ୍ରାନ୍ସିସ୍ ବିଶ୍ୱବିଦ୍ୟାଳୟର ସମବାୟ ବିଷୟରେ ବିଶେଷଜ୍ଞ ବ୍ୟକ୍ତିମାନଙ୍କ ସହିତ ବହୁ ସମୟରେ ସମବାୟ ନୀତି ଓ ଦର୍ଶନ ସମ୍ବନ୍ଧେ ଆଲୋଚନା କରିବାର ସୁଯୋଗ ପାଇଥିଲୁଁ ମଧ୍ୟ ।

ଆଗରୁ କହିଛୁ ଯେ ନିଉସ୍କୋସିଆ ପ୍ରଦେଶର ଅଧିକାଂଶ ଅଧିବାସୀ ହେଉଛନ୍ତି ମତ୍ସ୍ୟଜୀବୀ । ଆମ୍ଭେମାନେ ଥରେ ଜଣେ ଅଫିସରଙ୍କ ସହିତ ମତ୍ସ୍ୟଜୀବୀ ସମବାୟ ସମିତିଗୁଡ଼ିଏ ପରିଦର୍ଶନ କରିବାକୁ ଯାଇଥିଲୁଁ । ଉକ୍ତ ଅଫିସରଙ୍କର କାର୍‌ରେ ଆମ୍ଭେମାନେ ସକାଳେ ଆଣ୍ଟିଗୋନିସ୍‌ରୁ ବାହାରି ଗଲୁଁ । ପର୍ବତ ଓ ଅରଣ୍ୟ ଭିତର ଦେଇ ଅଙ୍କା ବଙ୍କା ରାସ୍ତାରେ ଆମର ଗାଡ଼ି ଚାଲିଥାଏ । ଅନେକ ସ୍ଥଳରେ ପର୍ବତର ଠିକ୍ ପାଦ ଦେଶରେ ସମୁଦ୍ର ଅବସ୍ଥିତ । ଉକ୍ତ ରାସ୍ତାର ନୈସର୍ଗିକ ସୌନ୍ଦର୍ଯ୍ୟ ବାସ୍ତବିକ୍ ବଡ଼ ମନୋରମ ଥିଲା । କେଉଁଠି ସ୍ୱଚ୍ଛ ସଲିଳ ହ୍ରଦ, କେଉଁଠି ଶ୍ୟାମଳ ବର୍ଣ୍ଣ ନିଭୃଜାକାର ସ୍ପ୍ରୁସ୍ ବୃକ୍ଷରାଜି ସମାକୀର୍ଣ୍ଣ ଅରଣ୍ୟ ଓ ତା ମଝିରେ ମଝିରେ ହରିଦ୍ରାଭ ଜୁନିପର୍ ବୃକ୍ଷର ଅପୂର୍ବ ସମାବେଶ । କେଉଁଠି ବା ସମୁଦ୍ରର ଉତ୍ତାଳ ତରଙ୍ଗ ପର୍ବତ ଗାତ୍ରରେ ମୁଣ୍ଡ ପିଟି ହେଉଛି । ଆମର ଗାଡ଼ି ଠିକ୍ ତାରି ପାଖେ ପାଖେ ତୀବ୍ର ବେଗରେ ଧାଇଁ ଚାଲିଥାଏ । ବାସ୍ତବିକ୍ କାନାଡ଼ାର ଏହି ପୂର୍ବାଞ୍ଚଳର ପ୍ରାକୃତିକ ଦୃଶ୍ୟ ଅତି ମନୋରମ ।

ଆମ୍ଭେମାନେ ପ୍ରଥମେ ଯାଇ କାନ୍‌ସୋ ନାମକ ଏକ ସ୍ଥାନରେ ଏକ ମତ୍ସ୍ୟଜୀବୀ ସମବାୟ ସମିତି ପରିଦର୍ଶନ କଲୁଁ । ଉକ୍ତ ସମିତିର ଜେନେରାଲ୍ ମେନେଜର ଜଣେ ମିଷ୍ଟାଭାଷୀ ବ୍ୟକ୍ତି ସେ ଆମ୍ଭମାନଙ୍କୁ ଉକ୍ତ ସମିତିର ଯାବତୀୟ ପରିଚାଳନା କୌଶଳ ବୁଝାଇ ଦେଇଥିଲେ । ତା ସଙ୍ଗେ ସଙ୍ଗେ କିପରି ଯନ୍ତ୍ର ସାହାଯ୍ୟରେ ପବନ ପ୍ରୟୋଗରେ ମାଛକୁ ଶୁଖୁଆ କରାଯାଏ, କିପରି ବରଫ

ସାହାଯ୍ୟରେ ମାଛକୁ ଜମାଟ କରି ବହୁଦିନ ଅବିକୃତ ଅବସ୍ଥାରେ ରଖାଯାଏ, କପରି ଭାବରେ ମାଛକୁ ପ୍ୟାକ୍ କରି ବିଦେଶକୁ ପଠାଯାଏ ଇତ୍ୟାଦି ନାନା ପ୍ରକାର କାର୍ଯ୍ୟ ସେ ଆମ୍ଭମାନଙ୍କୁ ବୁଝାଇ ଦେଖାଇ ଦେଇଥିଲେ ।

ସେଠାରୁ ଆମ୍ଭେମାନେ ଯାଇ ଅନ୍ୟ ଗୋଟିଏ ସମବାୟ ସମିତି ମଧ୍ୟ ପରିଦର୍ଶନ କରିଥିଲୁଁ । ସେଠାକାର ମତ୍ସ୍ୟଜୀବୀମାନେ ସାଧାରଣତଃ ମଇଳା ପୋଷାକ ପିନ୍ଧି ମାଛ ଧରିବାକୁ ଯାନ୍ତି । ଠିକ୍ ଆମ ଦେଶର ଗାଉଁଲି ଲୋକଙ୍କ ପରି ସେମାନେ ମଧ୍ୟ ମଳି-ମୁଣ୍ଡିଆ ଭାବରେ ଚଳନ୍ତି । ମୁହଁରେ ଦାଢ଼ି ବଢ଼ିଥାଏ । ମଇଳା ଲୁଗା ପିନ୍ଧିଥାନ୍ତି । କିନ୍ତୁ ସେମାନଙ୍କ ଘରକୁ ଗଲେ ସେମାନଙ୍କର ଆର୍ଥିକ ସ୍ୱଚ୍ଛଳତାର ବେଶ୍ ନିଦର୍ଶନ ମିଳେ । ପ୍ରତ୍ୟେକ ଘରେ ଇଲେକ୍‌ଟ୍ରିକ୍ ଆଲୋକ ଓ ରେଡ଼ିଓ, ଟେଲିଫୋନ୍ ଇତ୍ୟାଦି ଥାଏ । କାହାର କାହାର ମୋଟର ଗାଡ଼ି ମଧ୍ୟ ଥାଏ । କାରଣ ସେମାନେ ସମବାୟ ନୀତିରେ ବ୍ୟବସାୟ ପରିଚାଳନା କଲାଦିନୁ ସେମାନଙ୍କର ଆର୍ଥିକ ଅବସ୍ଥାର ବହୁ ଉନ୍ନତି ସାଧିତ ହୋଇଛି ।

ସେ ଦିନ ସନ୍ଧ୍ୟାବେଳେ ଆମେ ଯାଇ 'ଲାଗ୍ରିଜ୍‌ରିଭର୍' ନାମକ ଏକ ବସ୍ତିରେ ପହଞ୍ଚିଥିଲୁଁ । ଆମକୁ ଯେଉଁ ଅଫିସର ସାଙ୍ଗରେ ନେଇ ଯାଉଥିଲେ ତାଙ୍କର ଘର ସେଇ ଗାଁରେ । ତାଙ୍କର ପୂର୍ବପୁରୁଷ ଫ୍ରାନ୍‌ସରୁ ଆସିଥିଲେ । ତାଙ୍କର ପୁଅ ସ୍ଥାନୀୟ ଗ୍ରାମ୍ୟ ସ୍କୁଲରେ ଶିକ୍ଷକତା କରନ୍ତି । ସ୍କୁଲଟି ଗ୍ରାମଠାରୁ ୩ ମାଇଲ ଦୂରରେ ଅବସ୍ଥିତ । ପ୍ରତିଦିନ ସେ ତାଙ୍କ ଘରୁ ସ୍କୁଲକୁ ଚାଲିକରି ଯିବା ଆସିବା କରନ୍ତି । ସେଦିନ ଅବଶ୍ୟ ଆମ ସଙ୍ଗେ କାର୍‌ରେ ଘରକୁ ଗଲେ ।

'ଲାଗ୍ରିଜ୍ ରିଭର' ବସ୍ତିଟିରେ ପ୍ରାୟ ପାଞ୍ଚଶ କି ହଜାରେ ଲୋକର ବାସ । ସେଇ ଗାଁରେ ଗୋଟିଏ ସମବାୟ ଭଣ୍ଡାର,

ଗୋଟିଏ କ୍ରେଡ଼ିଟ୍ ଇଉନିୟନ ( ଋଣ ସମବାୟ ସମିତି ) ଓ ଗୋଟିଏ ମତ୍ସ୍ୟଜୀବୀ ସମବାୟ ସମିତି ଅଛି । ଆମ୍ଭେମାନେ ସେଦିନ ରାତ୍ରି ଯାପନ କଲୁଁ ଜଣେ ଗ୍ରାମବାସୀଙ୍କ ଘରେ । ଆମେ ଚାରିଜଣ ଏକା ସଙ୍ଗରେ ଥାଉଁ । ସୁତରାଂ ଆମ ଚାରିଜଣଙ୍କୁ ବିଛଣାପତ୍ର ଯୋଗାଇବା ପାଇଁ ଉକ୍ତ ଘରର ଗୃହିଣୀଙ୍କୁ ଟିକିଏ ବେଗ ପାଇବାକୁ ପଡ଼ିଥିଲା । କିନ୍ତୁ ଯେପରି ହେଉ ସେ ଆମ୍ଭମାନଙ୍କ ପାଇଁ ସ୍ଥାନ କରିଦେଲେ । ମୁଁ ତାଙ୍କ ବୈଠକଖାନାରେ ପଡ଼ିଥିବା ଗୋଟିଏ ସୋଫାରେ ଶୋଇଲି । ସେ ବିଛଣା ଚାଦର, ତକିଆ ଓ ଘୋଡ଼ିବା କମ୍ବଳ ଇତ୍ୟାଦି ଯୋଗାଇ ଦେଲେ । ସେ ଘରେ ଗରମ କରିବା ପାଇଁ ଏକ ଇଲେକ୍ଟ୍ରିକ୍ ହିଟର୍ ଯନ୍ତ୍ର ମଧ୍ୟ ଥିଲା । ସେ ଦିନ ରାତିରେ କିନ୍ତୁ ଖୁବ ଝଡ଼ ବୃଷ୍ଟି ହେଲା । କୌଣସିମତେ ଆମେ ସେଠାରେ ରାତିଟି କଟାଇ ଦେଲୁଁ, ଯଦିଚ ମୋତେ ସେ ରାତିରେ ଜମା ଭଲ ନିଦ ହେଲା ନାହିଁ ।

ପରଦିନ ସକାଳେ ଉଠି ପାଇଖାନାକୁ ଗଲୁଁ । ପାଇଖାନାଟି ଘରଠାରୁ ପ୍ରାୟ ଦୁଇ ତିନି ଶହ ଗଜ ଦୂରରେ ବାଡ଼ି ପଛଆଡ଼େ ଗୋଟିଏ ଛୋଟ ଘର । ସେ ପାଇଖାନାରେ ଦେଖିଲୁଁ ଯେ ଗୋଟିଏ ବେଞ୍ଚ ଭଳିଆ କାଠରେ ହୋଇଛି ଓ ସେଥିରେ କେତେ ଗୁଡ଼ିଏ କଣା ହୋଇଛି । ସେଇଥିରେ ବସି ଝାଡ଼ା ଫେରିବାକୁ ହୁଏ ଓ କାଗଜରେ ପୋଛି ଶୌଚ କାମ ସାରିବାକୁ ପଡ଼େ । ଏପରି କରିବା ଆମ ପକ୍ଷେ ଅଭ୍ୟାସବିରୁଦ୍ଧ ଥିଲା । ସେଥିପାଇଁ ମୁଁ ଗୋଟିଏ ମଗ୍‌ରେ ପାଣି ନେଇ ଯାଇଥିଲି । ସେ ପାଇଖାନା-ଗୁଡ଼ିକୁ ସେମାନେ ନିଜେ ହାତରେ ସଫା କରିଇ ଦିଅନ୍ତି । କାରଣ ସେଠାରେ ତାହା କରିବା ପାଇଁ କୌଣସି ମେହେନ୍ତର ନାହାନ୍ତି । ମଫସଲ ଗାଁମାନଙ୍କରେ ଏଇ ପ୍ରକାର ପାଇଖାନା ବ୍ୟବସ୍ଥା ଥାଏ ।

ମୋର ମନେ ହେଲା ଯେ ଏ ପ୍ରକାର ପାଇଖାନା ଅପେକ୍ଷା ଆମର ଭାରତୀୟ ଧରଣର ଖାତ ପାଇଖାନା ଅଧିକ ସ୍ୱାସ୍ଥ୍ୟକର ଓ ସୁବିଧାଜନକ ।

ଉକ୍ତ ଭଦ୍ରମହିଳା ବହୁତ ଯତ୍ନ ପୂର୍ବକ ଆମର ଖିଆପିଆର ବନ୍ଦୋବସ୍ତ କରିଥିଲେ । ସେଥିପାଇଁ ଅବଶ୍ୟ ଆମକୁ ଗୋଟିଏ ରାତି ପାଇଁ ଜଣକା ଚାରି ଡଲାର ଅର୍ଥାତ କୋଡ଼ିଏ ଟଙ୍କା କରି ଦେବାକୁ ପଡ଼ିଥିଲା ।

ପ୍ରାତଃ ଭୋଜନ ସାରି ଅମ୍ଭେମାନେ ପୁଣି କାର୍‌ରେ ବାହାରିଲୁଁ । ସେଦିନ ପାଗଟା ଥିଲା ମେଘୁଆ । ଟପର ଟପର ବର୍ଷା ମଧ୍ୟ ହେଉଥିଲା । ଆମେ ଗୋଟାଏ ଜଙ୍ଗଲିଆ ରାସ୍ତା ଦେଇ ଯାଉଥିଲୁଁ । ବାଟର ଦୃଶ୍ୟ ବଡ଼ ମନୋରମ ଥିଲା ।

ଶେଷରେ ଆମେ 'ପୋର୍ଟବିକରଟନ' ନାମକ ଏକ ସ୍ଥାନରେ ପହଞ୍ଚି ଗୋଟିଏ ମତ୍ସ୍ୟଜୀବୀ ସମବାୟ ସମିତି ପରିଦର୍ଶନ କଲୁଁ । ତାହା ଗୋଟିଏ କ୍ଷୁଦ୍ର ବନ୍ଦର । ସେ ସ୍ଥାନର ଦୃଶ୍ୟ ବଡ଼ ଚିତ୍ତାକର୍ଷକ । ଉକ୍ତ ସମିତି ଦେଖିସାରି ଜଣେ ସ୍ଥାନୀୟ ଭଦ୍ରବ୍ୟକ୍ତିଙ୍କ ଘରେ ମଧ୍ୟାହ୍ନ ଭୋଜନ କଲୁଁ । ସେ ଓ ତାଙ୍କ ସ୍ତ୍ରୀ ଆମ୍ଭମାନଙ୍କୁ ହରିଣ ମାଂସର ତରକାରି ଖୁଆଇଲେ । ଉକ୍ତ ସ୍ଥାନଟି ଜଙ୍ଗଲ ନିକଟରେ ଥିବାରୁ ଓ ଉକ୍ତ ଭଦ୍ରଲୋକଙ୍କର ବନ୍ଧୁକ ଥିବାରୁ ସେ ବରାବର ଶିକାର କରନ୍ତି ବୋଲି କହିଲେ । ତାଙ୍କ ପୁଅ ମଧ୍ୟ ଆମ ସାମନାରେ ବନ୍ଧୁକ ଧରି ତାଙ୍କ ମୋଟର ଗାଡ଼ିରେ ଶିକାର କରିବାକୁ ବାହାରିଗଲେ । ସେଦିନ ସନ୍ଧ୍ୟାକୁ ଆମେ ପୁଣି ଫେରିଆସି ଆଣ୍ଟିଗୋନିସରେ ଆମ ବସାରେ ପହଞ୍ଚିଲୁଁ । ବାସ୍ତବିକ ସେ ଦୁଇ ଦିନର ଅଭିଜ୍ଞତା ଓ ମନୋରମ ଦୃଶ୍ୟ ବଡ଼ ଶିକ୍ଷାପ୍ରଦ ଓ ଚିତ୍ତାକର୍ଷକ ହୋଇଥିଲା ।

[ ଏଗାର ]

## ପ୍ରିନ୍ସ ଏଡ୍‌ଉଆର୍ଡ଼ ଆଇଲଣ୍ଡ ।

କିଛି ଦିନ ପରେ ପୁଣି ଆମ୍ଭମାନଙ୍କର ଗସ୍ତ ପଡ଼ିଲା । ସେଣ୍ଟ ଫ୍ରାନ୍ସିସ ଜାଭିଏର ବିଶ୍ୱବିଦ୍ୟାଳୟର ସଂପ୍ରସାରଣ ବିଭାଗର ଡାଇରେକ୍ଟର ଫାଦର ମାକ୍‌ନିନ୍ ଆମ୍ଭମାନଙ୍କୁ ତାଙ୍କର ସଦ୍ୟ କିଣିଥିବା ନୂତନ ସେଭ୍ରଲେଟ ଗାଡ଼ିରେ ନେଇ "ପ୍ରିନ୍ସ ଏଡ୍‌ଉଆର୍ଡ଼ ଆଇଲଣ୍ଡ" ନାମକ ଏକ ସ୍ଥାନକୁ ଯାତ୍ରା କରିଥିଲେ । ସକାଳ ଠିକ୍ ଦଶଟା ବେଳେ ପ୍ରାତଃ ଭୋଜନ ସାରିଦେଇ ଆମେ ବାହାରି ପଡ଼ିଲୁଁ । ଫାଦର ମାକ୍‌ନିନ୍ ଜଣେ ମୋଟା ସୋଟା ଲୋକ । ସେ ନିଜେ ତାଙ୍କ ଗାଡ଼ି ଚଳାଉଥିଲେ । ଗାଡ଼ି ପର୍ବତ ଅରଣ୍ୟ ସମାକୀର୍ଣ୍ଣ ଏକ ଅଙ୍କା ବଙ୍କା ରାସ୍ତା ଦେଇ ଗତି କରୁଥିଲା । ପ୍ରଥମେ ଆମ୍ଭମାନଙ୍କର ଦୃଷ୍ଟିପଥରେ ପଡ଼ିଲା ଏକ ପ୍ରକାଣ୍ଡ କୋଠା । ପଚାରି ବୁଝିଲୁଁ ଯେ ତାହା ହେଉଛି ଏକ ପଲ୍ଲୀ ହାଇସ୍କୁଲ । ଆଖ ପାଖ ୧୫ । ୨୦ ମାଇଲ୍ ଅନ୍ତରରେ ଥିବା ପଲ୍ଲୀମାନଙ୍କରୁ ଛାତ୍ରମାନେ ଉକ୍ତ ହାଇସ୍କୁଲରେ ପଢ଼ିବାକୁ ଆସନ୍ତି । ସରକାରଙ୍କ ଖର୍ଚ୍ଚରେ ଉକ୍ତ ହାଇସ୍କୁଲର ଗୃହ ନିର୍ମିତ ହୋଇଛି ଓ ସରକାର ପରିଚାଳନାର ସମସ୍ତ ଖର୍ଚ୍ଚ ବହନ କରନ୍ତି । କାନାଡ଼ାରେ ଅବୈତନିକ ଶିକ୍ଷା ପ୍ରଚଳିତ । ଅର୍ଥାତ୍ ପ୍ରତ୍ୟେକ ପିଲାକୁ ହାଇସ୍କୁଲର ଶିକ୍ଷା ସମାପନ ପର୍ଯ୍ୟନ୍ତ ବିନା ଦରମାରେ ଶିକ୍ଷା ଦିଆଯାଏ । ତାଛଡ଼ା "ବେବୀବୋନସ" ନାମକ ଏକ ପ୍ରକାର ଆର୍ଥିକ ସାହାଯ୍ୟ ମଧ୍ୟ ପିଲାମାନଙ୍କର ପିତାମାତାଙ୍କୁ ପିଲାଙ୍କର ୧୬ ବର୍ଷ ବୟସ ହେବାଯାଏ ମିଳୁଥାଏ । ଯେ କୌଣସି

## ପ୍ରିନ୍ସ ଏଡ୍‌ୱାର୍ଡ଼ ଆଇଲାଣ୍ଡ

ପରିବାରରେ ପିଲାଟିଏ ଜନ୍ମ ହେଲେ ତାର ପିତାମାତାଙ୍କୁ ପ୍ରତ୍ୟେକ ପିଲା ପାଇଁ ପାଞ୍ଚ ଡଲାର ଠାରୁ ଆଠ ଡଲାର ପର୍ଯ୍ୟନ୍ତ ମାସିକ ଭତ୍ତା ମିଳେ । ଏହି ଭତ୍ତା ପିଲାର ଶିକ୍ଷା ଓ ସ୍ୱାସ୍ଥ୍ୟରକ୍ଷା ପାଇଁ ଖର୍ଚ୍ଚ କରିବା ଉଦ୍ଦେଶ୍ୟରେ ମିଳିଥାଏ । ଯଦି କୌଣସି ପରିବାର ଉକ୍ତ ଭତ୍ତାକୁ ପିଲାର ଶିକ୍ଷା ଓ ସ୍ୱାସ୍ଥ୍ୟ ପାଇଁ ବ୍ୟୟ ନ କରି ଅନ୍ୟଥା ବ୍ୟୟ କରନ୍ତି ତେବେ ସେମାନଙ୍କୁ ଉକ୍ତ ଭତ୍ତା ଦିଆ ନ ଯାଇ ଏକ ଟ୍ରଷ୍ଟି ବୋର୍ଡ଼ ଜିମାରେ ଉକ୍ତ ପିଲାପାଇଁ ଉକ୍ତ ଭତ୍ତା ଦିଆଯାଏ ଓ ତାହା ଉକ୍ତ ପିଲାର ଶିକ୍ଷା ଓ ସ୍ୱାସ୍ଥ୍ୟ ଉଦ୍ଦେଶ୍ୟରେ ଉକ୍ତ ଟ୍ରଷ୍ଟି ବୋର୍ଡ଼ ବ୍ୟୟ କରିଥାନ୍ତି । ତାହା ପରିଦର୍ଶନ କରିବାପାଇଁ ସରକାରୀ ଇନ୍‌ସପେକ୍ଟର ନିଯୁକ୍ତ ଥାନ୍ତି । ଏହି 'ବେବୀବୋନସ' ପ୍ରଥା ଓ ଅବୈତନିକ ଶିକ୍ଷା ପ୍ରଚଳନ ହେତୁ ଏ ଦେଶରେ ପ୍ରତ୍ୟେକ ପିଲାଙ୍କୁ, କି ପୁଅ କି ଝିଅ ସମସ୍ତଙ୍କୁ ଅନ୍ତତଃ ହାଇସ୍କୁଲର ଶେଷ ଶ୍ରେଣୀ ଯାଏ ଶିକ୍ଷା ଦିଆଯାଇଥାଏ । ଏହାର ଫଳରେ ଏ ଦେଶରେ ଶିକ୍ଷିତ ସଂଖ୍ୟା ଏତେ ବେଶୀ ହୋଇ ପାରିଛି । 'ବେବୀବୋନସ' ଛଡ଼ା ବୁଢ଼ାମାନଙ୍କ ପାଇଁ ମଧ୍ୟ ଏକପ୍ରକାର ଭତ୍ତାର ବ୍ୟବସ୍ଥା ଅଛି । ପ୍ରତ୍ୟେକ ବ୍ୟକ୍ତି ୬୫ ବର୍ଷ ଉତ୍ତୀର୍ଣ୍ଣ ହୋଇଗଲେ ସରକାରଙ୍କଠାରୁ ମାସିକ ୪୦ ଡଲାର ବା ଦୁଇଶହ ଟଙ୍କା କରି ବାର୍ଦ୍ଧକ୍ୟ ଭତ୍ତା ପାଇଥାନ୍ତି । ଫଳରେ ବୃଦ୍ଧ ଲୋକମାନଙ୍କର ଭରଣପୋଷଣ ପାଇଁ ବିଶେଷ ଚିନ୍ତା ରହେ ନାହିଁ । ଶୈଶବ ଭତ୍ତା ଓ ବାର୍ଦ୍ଧକ୍ୟ ଭତ୍ତା ସରକାରଙ୍କର ଏକ ବିଶିଷ୍ଟ ବ୍ୟୟ ମଧ୍ୟରେ ପରିଗଣିତ ହୋଇଥାଏ ।

ଆମ୍ଭମାନଙ୍କର ଗାଡ଼ି ତୀବ୍ର ବେଗରେ ଛୁଟିଥାଏ ବଣ ପର୍ବତର ଭିତର ଦେଇ । କାନାଡ଼ାର ଏହି ଅଂଶଟିର ପ୍ରାକୃତିକ ଦୃଶ୍ୟ ଭାରି ଚମତ୍କାର । ନଦୀ, ହ୍ରଦ, ପର୍ବତ, ବଣ ଜଙ୍ଗଲର ପାଖଦେଇ

ଉଠାଣିଆ ଗଡ଼ାଣିଆ ଅଙ୍କା ବଙ୍କା ରାସ୍ତାଟି ଚାଲିଯାଇଛି । ଅବଶ୍ୟ ରାସ୍ତାଟି ବେଶ୍ ପ୍ରଶସ୍ତ ଓ ପିଚ୍‌ଦିଆ । ରାସ୍ତାର ମଝିରେ ଗୋଟିଏ ଧଳା ଗାର ଦିଆଯାଇଛି ଯିବା ଓ ଆସିବା ରାସ୍ତାକୁ ନିର୍ଦ୍ଦିଷ୍ଟ କରି ଦେବା ପାଇଁ । ସାଧାରଣତଃ ଆମେରିକାରେ ଗାଡ଼ି ସବୁ ରାସ୍ତାର ଡାହାଣ ପାଖ ମଡ଼ାଇ ଚଳାନ୍ତି । ସୁତରାଂ ରାସ୍ତାର ଡ଼ାହାଣ ପାଖଟି ଗାଡ଼ି ଯିବା ପାଇଁ ଓ ବାମ ପାଖଟି ଗାଡ଼ି ଆସିବା ପାଇଁ ନିର୍ଦ୍ଦିଷ୍ଟ ଥାଏ । ଏପରି ଅବସ୍ଥାରେ ସାଧାରଣତଃ ଆକସ୍ମିକ ଦୁର୍ଘଟଣା କମ୍ ହେବାର କଥା । କିନ୍ତୁ ଏ ସବୁ ସତ୍ତ୍ୱେ ଆମେ-ରିକାରେ ମୋଟର ଦୁର୍ଘଟଣା ବହୁତ ଘଟିଥାଏ ଓ ବହୁଲୋକ ସେଥିରେ ପ୍ରାଣ ହରାଇଥାନ୍ତି । ତାର କାରଣ ହେଉଛି ଯେ ଆମେରିକାର ମୋଟର ଚାଳକମାନେ ଖୁବ୍ ଦ୍ରୁତ ବେଗରେ ମୋଟର ଚଳାଇ ଥାନ୍ତି । ସାଧାରଣତଃ ମୋଟରର ବେଗ ଘଣ୍ଟାରେ ଷାଠିଏ ସତୁରି ମାଇଲରୁ କମ୍ ନୁହେ । ତାପରେ ସାଧାରଣତଃ କେହି ଡ୍ରାଇଭର୍ ରଖନ୍ତି ନାହିଁ । ପ୍ରତ୍ୟେକ ମୋଟର ମାଲିକ ନିଜେ ନିଜର ମୋଟର ଚଳାନ୍ତି । ହୁଏତ ଅନେକ ସ୍ଥଳରେ ସମସ୍ତେ ମୋଟର ଚଳାଇବାରେ ସୁଦକ୍ଷ ହୋଇ ନ ଥାନ୍ତି ତଥାପି ମୋଟର ଗାଡ଼ି ରଖିଥିବାରୁ ନିଜେ ଚଳାଇବାକୁ ବାଧ୍ୟ ହୁଅନ୍ତି । ସୁତରାଂ ଅଦକ୍ଷ ମୋଟର ଚାଳନା ଫଳରେ ଆକସ୍ମିକ ଦୁର୍ଘଟଣା ଅଧିକ ଘଟିବା ସ୍ୱାଭାବିକ । ଏ ସବୁ ଦେଖି କାନାଡ଼ାର ଗୋଟିଏ ପ୍ରାଦେଶିକ ସରକାର ମୋଟର ଚଳାଇବା ଲାଇସେନ୍‌ସ ଦେବାରେ କଠୋର କଟକଣା ପ୍ରୟୋଗ କରିବାକୁ ବିଚାର କରୁଥିଲେ ଓ ସେ ବିଷୟରେ ଖବରକାଗଜରେ ଅନେକ ବାଦାନୁବାଦ ପ୍ରକାଶ ପାଇଥିଲା ।

ଆମ୍ଭମାନଙ୍କର ମୋଟର ଶେଷରେ ଯାଇ ସମୁଦ୍ର କୂଳରେ ପହଞ୍ଚିଲା । "ପ୍ରିନ୍‌ସ ଏଡ୍‌ୱାର୍ଡ ଆଇଲଣ୍ଡ" ହେଉଛି କାନାଡ଼ାର

ପୂର୍ବ ପ୍ରାନ୍ତରେ ଅବସ୍ଥିତ ଏକ ଦ୍ୱୀପ । ଗୁରିକଡେ ସମୁଦ୍ର ଘେରି ରହିଛି । ସେଥିପାଇଁ ଆମକୁ ମୋଟର ସମେତ ଗୋଟିଏ "ଫେରି ଷ୍ଟିମର୍" ଭିତରେ ପଶିବାକୁ ପଡ଼ିଲା । ଉକ୍ତ ଷ୍ଟିମରର ତଳ ଡେକ୍‌ରେ ମୋଟର ରଖିଦେଇ ଅମ୍ଭେମାନେ ଯାଇ ବସିବା ଘରେ ବସିଲୁଁ । ସେଠାରେ ମଧ୍ୟ ଖାଇବା ପିଇବାର ବନ୍ଦୋବସ୍ତ ଥିଲା । ଅମ୍ଭେମାନେ କିଛି ଖାଦ୍ୟ ଖାଇନେଲୁଁ ମଧ୍ୟ । ତା ପରେ ଷ୍ଟିମର ଛାଡ଼ିଲା । ସେ ଦିନ ପାଗ ବଡ଼ ଖରାପ ଥିଲା, ଭାରି ଜୋର୍‌ରେ ଖୁବ୍ କନକନିଆ ଶୀତ ପବନ ବହୁଥିଲା । ଷ୍ଟିମରଟି ଏତେ ଜୋର୍‌ରେ ହଲଚଲ ହେଲା ଯେ ଭିତରେ ବସି ରହିବା ଅମ୍ଭମାନଙ୍କ ପକ୍ଷେ କଷ୍ଟକର ହେଲା । ସମସ୍ତେ ବାହାରେ ଯାଇ ଡେକ୍ ଉପରେ ଠିଆ ହେଲୁଁ । କିନ୍ତୁ ବାହାରେ ବି ଭାରି ପବନ । ବଡ଼ ବଡ଼ ଢେଉ ସବୁ ଆସି ଷ୍ଟିମରକୁ ଦୋହଲାଇ ଦେଇ ଯାଉଥାଏ । ଆମକୁ ଚଉଦ ମାଇଲ ସମୁଦ୍ର ଭିତରେ ଗତି କରିବାକୁ ପଡ଼ିଲା । ତା ପରେ "ପ୍ରିନ୍‌ସ ଏଡ୍‌ଓ୍ୱାର୍ଡ ଆଇଲାଣ୍ଡ"ର ଉପକୂଳରେ ଆମ ଷ୍ଟିମର ଲାଗିଲା । ସେଥିରୁ ଓହ୍ଲାଇ ପୁଣି ଆମେ ମୋଟର ଯାତ୍ରା ଆରମ୍ଭ କରିଦେଲୁଁ ।

"ପ୍ରିନ୍‌ସ ଏଡ୍‌ଓ୍ୱାର୍ଡ ଆଇଲାଣ୍ଡ" ଏକ ସୁନ୍ଦର ସ୍ଥାନ । ମାଟି ଖୁବ ଉର୍ବରା । ମାଟିର ରଙ୍ଗ ଆମ ଭୁବନେଶ୍ୱରର ମାଟି ପରି ନାଲିଆ କିନ୍ତୁ ପାହାଡ଼ିଆ ନୁହେଁ । ସେଠାରେ ବହୁତ ଆଳୁ ଫସଲ ହୁଏ । ଅଧିବାସୀମାନେ ସାଧାରଣତଃ କୃଷୀ କିମ୍ବା ମତ୍ସ୍ୟଜୀବୀ । ବଡ଼ ବଡ଼ କ୍ଷେତ ଭିତର ଦେଇ ପ୍ରଧାନ ରାସ୍ତାଟି ଗୁଲି ଯାଇଥାଏ । ଆମର ମୋଟର ଗାଡ଼ି ସେଇଥିରେ ଧାଇଁଥାଏ । ମୁଁ ଦେଖୁଥାଏଁ ଦୁଇ ପାଖରେ କୃଷୀମାନଙ୍କର ପ୍ରଶସ୍ତ ଶସ୍ୟକ୍ଷେତମାନ ଓ ତା'ର ପାଖରେ ସେମାନଙ୍କ ନଡ଼ାଗଦାମାନ ଥୁଆ ଯାଇଥାଏ । ଠିକ୍ ଆମ ଦେଶର

କୁଣ୍ଡାପୁଞ୍ଜି ବା ନଡ଼ାଗଦା ପରି ତାହା ସବୁ ଦିଶୁଥାଏ । ବହୁତ ଗାଈଗୋରୁ ପଡ଼ିଆରେ ଚରୁଥାନ୍ତି । ଶୁଣିଲି ଏଠାର ଚାଷୀମାନେ ଆଳୁ ଚାଷ ବେଶୀ ପରିମାଣରେ କରନ୍ତି । ବହୁତ ଗାଈ ଗୋରୁ ରଖି ଦୁଧ ଲହୁଣୀ ମଧ୍ୟ ପ୍ରସ୍ତୁତ କରନ୍ତି ।

ଦିନ ପ୍ରାୟ ୪ଟା ବେଳେ ଆମ ମୋଟର ଯାଇ 'ପ୍ରିନ୍‌ସ ଏଡ଼ୱାର୍ଡ଼ ଆଇଲ୍ୟାଣ୍ଡ' ର ପ୍ରଧାନ ସହର "ଚାର୍ଲଟାଉନ" ରେ ପହଞ୍ଚିଲା । ସୁନ୍ଦର ସହରଟିଏ । ରାସ୍ତାଗୁଡ଼ିକ ଭାରି ପ୍ରଶସ୍ତ ଓ ସୁନ୍ଦର, ଦି ପାଖରେ ବଡ ବଡ଼ କୋଠା । ରାସ୍ତାର ଦି ପାଖରେ ଧାଡ଼ି ଧାଡ଼ି ହୋଇ ଗଛ ମଧ୍ୟ ଲାଗିଛି । ଶୁଣିଲି ଯେ ସ୍ଥାନୀୟ ଅଧିବାସୀମାନେ ସାଧାରଣତଃ ଇଂଲଣ୍ଡ ଓ ସ୍କଟଲଣ୍ଡର ଅଧିବାସୀ । ସେଥିପାଇଁ ଏ ସହରଟି ଲଣ୍ଡନ ସହର ଫେଶନରେ ତିଆରି ।

ଆମ୍ଭେମାନେ ଗୋଟିଏ ବଡ଼ ହୋଟେଲରେ ଆଶ୍ରୟ ନେଲୁଁ । ସେ ଦିନ ସନ୍ଧ୍ୟାରେ ବୁଲିଯାଇ କେତେକ ଫଟୋ ଉଠାଇଲୁଁ ମଧ୍ୟ ।

ତହିଁ ପରଦିନ ମେଘୁଆ ପାଗ ହୋଇଥାଏ । ସକାଳେ ପ୍ରାତଃଭୋଜନ ସାରି ଆମେ କେତୋଟି ସମବାୟ ସମିତି ପରିଦର୍ଶନ କରି ଗଲୁଁ । ପ୍ରାୟ କୋଡ଼ିଏ ମାଇଲ ଦୂରରେ ମରେଲ୍ ନାମକ ଗ୍ରାମରେ ଆମେ ବହୁତ ଗୁଡ଼ିଏ ସମବାୟ ଅନୁଷ୍ଠାନ ଦେଖିଲୁଁ— ଯଥା ଗୋଟିଏ ଆଳୁଚାଷୀ ସମବାୟ ସମିତି, ଗୋଟିଏ ସମବାୟ ଭଣ୍ଡାର, ଗୋଟିଏ କ୍ରେଡିଟ୍ ଇଉନିୟନ (ଋଣ ସମବାୟ ସମିତି), ଗୋଟିଏ ମତ୍ସ୍ୟଜୀବୀ ସମବାୟ ସମିତି ଓ ଗୋଟିଏ ସମବାୟ କ୍ରିମେରି ବା ଲହୁଣୀ ଉତ୍ପାଦକ ସମିତି । ଆଳୁଚାଷୀ ସମିତିରେ ଆଳୁଚାଷୀମାନେ ଆଳୁସବୁ ପହଞ୍ଚାଇ ଦିଅନ୍ତି । ସମିତିରେ ଆଳୁକୁ ଗ୍ରେଡିଂ ବା ବଛାଇ କରିବା ପାଇଁ ଏକ ଯନ୍ତ୍ର ଅଛି । ସେଥିରେ ଆଳୁବସ୍ତାକୁ ଫିଟାଇ ଆଳୁ ସବୁକୁ ଢାଳି

ହେଲେ ବଡ଼ ସାନ ମହାଳ ପ୍ରଭୃତି ବିଭିନ୍ନ କିସମର ଆଳୁ ବଛା ହୋଇ ଯାଏ । ଯେଉଁ ଚାଷୀମାନେ ସମିତି ଉପରେ ବିକ୍ରୟ ଭାର ଛାଡ଼ି ଦିଅନ୍ତି ସମିତି ସେମାନଙ୍କର ଆଳୁ ବିକାଇ ଦିଏ । ଯେଉଁମାନେ ନିଜେ ଆଳୁ ବିକ୍ରି କରିବାକୁ ଚାହାନ୍ତି ସେମାନେ ସମିତିର ଗୋଦାମରେ ଭଡ଼ା ଦେଇ ଆଳୁକୁ ରଖାଇ ଦିଅନ୍ତି ମଧ୍ୟ । ସମବାୟ କିମେରୀରେ ଦୁଧରୁ ଲହୁଣୀ ପ୍ରସ୍ତୁତ କରିବା ପାଇଁ ନାନା ପ୍ରକାର ଯନ୍ତ୍ରପାତି ମଧ୍ୟ ରଖାଯାଇଛି । ସାଧାରଣତଃ ଦଶ ବାର ମାଇଲ ଦୂରରୁ ଦୁଧ ସବୁ ସଂଗ୍ରହ କରାଯାଇ ସେଥିରୁ ଲହୁଣୀ ବାହାର କରାଯାଏ ଓ ତାହାକୁ ପ୍ୟାକ୍ କରି ବିକ୍ରୟ କରିବାର ବ୍ୟବସ୍ଥା କରାଯାଏ । ମତ୍ସ୍ୟଜୀବୀ ସମିତିରେ ମାଛକୁ ଶୁଖୁଆ କରିବା, ବରଫ ଦେଇ ପ୍ୟାକ୍ କରିବା ଓ ମାଛକୁ ସିଝାଇ ଟିଣରେ ବନ୍ଦ କରିବା ଇତ୍ୟାଦି କାର୍ଯ୍ୟ ହୁଏ ଓ ମାଛକୁ ବିକ୍ରୟ କରାଇ ଦେବାର ବ୍ୟବସ୍ଥା ମଧ୍ୟ ହୋଇଥାଏ ।

ଏହି ଗୋଟିଏ ବସ୍ତିରେ ଏତେଗୁଡ଼ିଏ ସମବାୟ ଅନୁଷ୍ଠାନ ଭଲ ଭାବରେ ଚାଲିଥିବାର ଦେଖି ଆମ୍ଭେମାନେ ଭାରି ଖୁସି ହେଲୁଁ । ଏହି ସମବାୟ ସମିତିମାନଙ୍କର ଦାତବ୍ୟ ପାଣ୍ଠିରୁ ଏହି ଗ୍ରାମରେ ଗୋଟିଏ ସାଧାରଣ କ୍ଲବ ଘର ଓ ସ୍କୁଲ ପ୍ରଭୃତି ଅନୁଷ୍ଠାନ ମଧ୍ୟ ଚାଲିଛି । ଉକ୍ତ ଗ୍ରାମରେ ଗୋଟିଏ ପଲ୍ଲୀ ଭୋଜନାଳୟରେ ଆମ୍ଭେମାନେ ଭୋଜନ ସାରିଦେଲୁଁ ।

ତାପରେ ସେଠାରୁ ଫେରି 'ନର୍ଥରଷ୍ଟିକୋ' ନାମକ ଆଉ ଗୋଟିଏ ପଲ୍ଲୀକୁ ମଧ୍ୟ ଯାଇଥିଲୁଁ । ସେଠାରେ ମଧ୍ୟ ଗୋଟିଏ ସମବାୟ ଭଣ୍ଡାର, ଗୋଟିଏ କ୍ରେଡ଼ିଟ୍ ଇଯୁନିୟନ (ଋଣ ସମବାୟ ସମିତି ) ଓ ଗୋଟିଏ ମତ୍ସ୍ୟଜୀବୀ ସମବାୟ ସମିତି ଚାଲିଥିବାର ଦେଖିଲୁଁ । ଉକ୍ତ ବସ୍ତିରେ କିଛିଦିନ ପୂର୍ବେ ଲୋକମାନଙ୍କର

ଆର୍ଥିକ ଅବସ୍ଥା ବଡ଼ ଖରାପ ହୋଇ ଯାଇଥିଲା । କିନ୍ତୁ ଏହିସବୁ ସମବାୟ ସମିତିଗୁଡ଼ିକ ଅବସ୍ଥାପିତ ହେଲା ପରେ ଉକ୍ତ ବସ୍ତିର ଲୋକମାନଙ୍କର ଆର୍ଥିକ ଅବସ୍ଥାର ବହୁ ପରିବର୍ତ୍ତନ ଘଟିଛି । ବର୍ତ୍ତମାନ ସମବାୟ ସମିତିଗୁଡ଼ିକର ଦାତବ୍ୟ ପାଣ୍ଠିରୁ ସେମାନେ ଗ୍ରାମରେ ଗୋଟିଏ ଗୀର୍ଜାଘର ଓ ଗୋଟିଏ ସାଧାରଣ ପାଠାଗାର ସ୍ଥାପନ କରି ପାରିଛନ୍ତି ।

ସେ ଦିନ ସର୍ଲିଂଟାଉନରେ ଥିବା ବସ୍ ସମବାୟ ସମିତି ମଧ୍ୟ ଆମ୍ଭେମାନେ ପରିଦର୍ଶନ କରିଥିଲୁଁ ।

ତହିଁ ପରଦିନ ସକାଳ । ପାଗ ଭାରି ଭଲ ହୋଇଥିଲା । ସୁନେଲି ସୂର୍ଯ୍ୟ କିରଣରେ ସର୍ଲିଂଟାଉନର ରାସ୍ତାଗୁଡ଼ିକ ଝଲସି ଉଠୁଥିଲା । ମୁଁ ଓ ମୋର ସହଯାତ୍ରୀ ମିଷ୍ଟର କମ୍ବୁଲ୍ ବାହାରିଲୁଁ ସଙ୍ଗରେ କେମେରା ଘେନି । କେତେକ ସୁନ୍ଦର ଫଟୋ ମଧ୍ୟ ଉଠାଇ ନେଲୁଁ । ବାସ୍ତବିକ ସେଦିନର ସକାଳଟା ବଡ଼ ମନୋରମ ହୋଇଥିଲା ।

ଦିନ ପ୍ରାୟ ଦଶଟା ବେଳେ ହୋଟେଲକୁ ଫେରିଗଲୁଁ । ତାପରେ ମୋଟର ଯୋଗେ ସର୍ଲିଂଟାଉନ ଛାଡ଼ି ପୁଣି ଆଣ୍ଟିଗୋନିସ୍ ଅଭିମୁଖେ ପ୍ରତ୍ୟାବର୍ତ୍ତନ କଲୁଁ ।

କିଛି ଦୂର ଗଲା ପରେ ପୁଣି ଆମ୍ଭମାନଙ୍କୁ ସମୁଦ୍ର ପାର ହେବାକୁ ପଡ଼ିଲା । ଏଥର ମଧ୍ୟ ଆମ୍ଭେମାନେ ଗୋଟିଏ ଫେରି ବୋଟରେ କାର୍ ସହ ପ୍ରବେଶ କଲୁଁ । ଏ ଫେରିବୋଟଟି ଖୁବ୍ ବଡ଼ । ଏଥିରେ ଟ୍ରେନ୍ ମଧ୍ୟ ପାର କରାଯାଏ । ଏହି ବୋଟର ନାମ ହେଉଛି "ଆବେଗ ଉଏଟ୍" । ଏହା ପ୍ରକୃତରେ ଗୋଟିଏ ସମୁଦ୍ରଗାମୀ ଜାହାଜ । ସେଥିରେ ବସିବାର ବନ୍ଦୋବସ୍ତ ଭାରି ସୁନ୍ଦର । ଉକ୍ତ ଜାହାଜର ଭିତର ପାଖ ଦ୍ୱାର ଦେଶରେ ଲେଖା

ଅଛି ଯେ—ପ୍ରିନ୍ସ ଏଡ଼ୱାର୍ଡ଼ ଆଇଲାଣ୍ଡ ୧୫୩୪ ମସିହା ଜୁନ ତା ୩୦ ରିଖ ଓ ଜୁଲାଇ ଏକ ତାରିଖରେ ସର୍ବ ପ୍ରଥମ ମିଷ୍ଟର କାର୍ଟିର ନାମକ ବ୍ୟକ୍ତିଙ୍କ ଦ୍ୱାରା ଆବିଷ୍କୃତ ହୁଏ । ସେତେବେଳେ ଏହି ଦ୍ୱୀପରେ ବାସ କରୁଥିବା ଆଦିମ ଅଧିବାସୀ ମିକ୍‌ମାକ୍ ଇଣ୍ଡିଆନ୍‌ମାନେ କହୁଥିଲେ ଯେ ସେମାନଙ୍କର ଗୋଟିଏ ଦେବତା ସର୍ବଶକ୍ତିମାନ ଗୁସ୍‌କ୍ୟାପ୍ ଏହି ଦ୍ୱୀପର ଶାନ୍ତିମୟ କୋଡ଼ରେ ବାସ କରୁଥିଲେ । ସେହି ଦେବତା ଏହି ଦ୍ୱୀପଟିକୁ ସୁନ୍ଦର କରିବା ପାଇଁ ଅସ୍ତଗାମୀ ସୂର୍ଯ୍ୟଙ୍କର ସୁନେଲି କିରଣ ରଙ୍ଗରେ ତାଙ୍କର ତୂଳିକୁ ବୁଡ଼ାଇ ଏହି ଦ୍ୱୀପର ମାଟିରେ ବୋଳି ଦେଇଥିଲେ । ସେଥିପାଇଁ ଏହି ଦ୍ୱୀପର ମାଟିର ରଙ୍ଗ ନାଲିଆ ହୋଇ ଯାଇଛି । ସେହିଦିନୁଁ ଏହି ଦ୍ୱୀପର ନାମ ହେଲା ଅବେଗୱେଇଟ୍ ବା ସଲିଳଶଯ୍ୟା । ସେହି ମିକମାକ୍ ଇଣ୍ଡିଆନ୍ ଆଦିମ ଅଧିବାସୀଙ୍କ କଥା ଅନୁସାରେ ଏହି ଷ୍ଟିମରଟିର ନାମ ରଖାଯାଇଛି "ଅବେଗୱେଇଟ" ବା ସଲିଳ ଶଯ୍ୟା । ବାସ୍ତବିକ ଏହି ଆଦିମ ଅଧିବାସୀମାନଙ୍କ ମଧ୍ୟରେ ସୁଦ୍ଧା କି ସୁନ୍ଦର କବିତ୍ୱମୟ ଆଖ୍ୟାନ ପ୍ରଚଳିତ ଥିଲା । ମନୁଷ୍ୟ ପ୍ରକୃତି ସୃଷ୍ଟିର ପ୍ରାରମ୍ଭରୁ ହିଁ ସୌନ୍ଦର୍ଯ୍ୟର ଉପାସକ । ଶାନ୍ତି ଓ ସୌନ୍ଦର୍ଯ୍ୟ ହିଁ ହେଉଛି ମନୁଷ୍ୟର ଶ୍ରେଷ୍ଠ କାମନାର ବିଷୟ । "ପ୍ରିନ୍ସ ଏଡ଼ୱାର୍ଡ଼ ଆଇଲାଣ୍ଡ" ଦ୍ୱୀପଟି ମୋତେ ଭାରି ଭଲ ଲାଗିଥିଲା । ବାସ୍ତବିକ ତାହା ଯେପରି ଶାନ୍ତି ଓ ସୌନ୍ଦର୍ଯ୍ୟର ଗନ୍ତାଘର ହେବା ସଙ୍ଗେ ସଙ୍ଗେ ଲକ୍ଷ୍ମୀଙ୍କର ଭଣ୍ଡାର ମଧ୍ୟ ହୋଇ ପାରିଛି । ସେଦିନର ପାଗଟି ବେଶ ଭଲ ଥିଲା । ସୁନ୍ଦର ଖରା ହୋଇଥିଲା । ବହୁ ସମୁଦ୍ର ବିହଙ୍ଗ ସୁନୀଳ ଜଳରାଶି ଉପରେ ଶୁଭ୍ର ପକ୍ଷ ବିସ୍ତାର କରି ଉଡ଼ି ବୁଲୁଥିଲେ । ମନରେ ଏକ ଗଭୀର ଶାନ୍ତିଭାବର ଉଦ୍ରେକ ହୋଇଥିଲା । ଅମ୍ଭେମାନେ ନଅ ମାଇଲ ସମୁଦ୍ର ପାରିହୋଇ ପୁଣି ମାଟି ଉପରେ ପାଦ ଦେଲୁଁ । ତାପରେ

ଆମର ମୋଟର ପୁଣି ଛୁଟି ଚାଲିଲା । ସନ୍ଧ୍ୟା ପ୍ରାୟ ୭ଟା ସମୟରେ ଆମେ ଯାଇଁ ଅଣ୍ଟିଗୋନସରେ ଆମର ବାସ ସ୍ଥଳରେ ପହଞ୍ଚିଲୁଁ । ଆମର 'ଲ୍ୟାଣ୍ଡଲେଡ଼ୀ' ଆମ୍ଭମାନଙ୍କୁ ରାତ୍ରି ଭୋଜନରେ ଆପ୍ୟାୟିତ କରିଥିଲେ । ତାଙ୍କ ଘରେ ସେ ବରାବର ସବୁ ପ୍ରକାର ଖାଦ୍ୟ ଦ୍ରବ୍ୟ ସଦାବେଳେ ପ୍ରସ୍ତୁତ ରଖିଥାନ୍ତି । ସୁତରାଂ ଆମ୍ଭେମାନେ ଆନନ୍ଦରେ ଖାଇପିଇ ନିଦ୍ରାଦେବୀଙ୍କର ଶାନ୍ତିମୟ କୋଡ଼ରେ ଆଶ୍ରୟ ନେଲୁଁ ।

---

## [ ବାର ]

## ଆମହର୍ଷ୍ଟ ଓ ହାଲିଫାକ୍ସ

ନଭେମ୍ବର ମାସ ତା ୧୧ ରିଖ । ଦିନଟି ଖୁବ୍ ଥଣ୍ଡା ଥିଲା । ମେଘୁଆ ପାଗ ମଧ୍ୟ ହୋଇଥିଲା । ସକାଳେ ଉଠି ଶୁଣିଲୁଁ ଯେ ଆଜି ପ୍ରଥମ ଯୁଦ୍ଧର ଅବସାନ ଦିବସ ପାଳନ ଉପଲକ୍ଷେ ଏକ ପଟୁଆର ବାହାରିବ । ଆମ୍ଭେମାନେ ପ୍ରାତଃ ଭୋଜନ ସାରିଦେଇ ପଟୁଆର ଦେଖି ବାହାରିଲୁଁ । ଇଜନିଭର୍‌ସିଟ୍ କୋଠାର ସାମନାରେ ଗୋଟିଏ ଛୋଟକ ରାସ୍ତା ଉପରେ ଗୋଟିଏ ଯୁଦ୍ଧ-ସ୍ମାରକ ସ୍ତମ୍ଭ ନିର୍ମିତ ହୋଇଛି । ସେଇ ସ୍ଥାନରେ ଯୁଦ୍ଧ ଫେରନ୍ତା-ମାନଙ୍କର ପଟୁଆର ଆସି ସମବେତ ହେଲା । ବିଗତ ଦୁଇଟି ଯୁଦ୍ଧରେ ଯେଉଁମାନେ ଯୋଗ ଦେଇଥିଲେ ସେମାନେ ଆଜି ତାଙ୍କର ଯୁଦ୍ଧକାଳୀନ ପୋଷାକପତ୍ର ପେଡ଼ିରୁ ବାହାର କରି ପଟୁଆରରେ ଯୋଗ ଦେଇଛନ୍ତି । କେତେକ ମଧ୍ୟ ଯୁଦ୍ଧ ସମୟରେ ପାଇଥିବା ମେଡ଼ାଲ ସବୁ ଛାତିରେ ଝୁଲାଇଛନ୍ତି । ସେମାନଙ୍କ ମଧ୍ୟରୁ ହୁଏତ କିଏ ଏବେ ଚାଷ କରୁଛି ତ କିଏ ମାଷ୍ଟର ହୋଇଛି, କିଏ କେତେ

ବ୍ୟବସାୟ କରୁଛନ୍ତି । ଅଜି କିନ୍ତୁ ସେମାନଙ୍କର ସ୍ଫୁର୍ତ୍ତି କହିଲେ ନ ସରେ । ପୂର୍ବ ଯୁଦ୍ଧକାଳୀନ ପୋଷାକ ପିନ୍ଧି ଯୁଦ୍ଧ ବଗୁଲ ଓ ବ୍ୟାଣ୍ଡବାଜା ସହିତ ତାଳ ପକାଇ ସେମାନେ ପଟୁଆର କରି ଗଲାବେଳେ ହୁଏତ ସେମାନଙ୍କର ସ୍ମୃତି ପଥରେ ଫୁଟି ଉଠୁଥିବ ବହୁଉନ୍ମାଦନାଭରା ଅତୀତ ଦିନର ଯୁଦ୍ଧଯାତ୍ରା ।

ପଟୁଆର ଯୁଦ୍ଧ ସ୍ମାରକ ସ୍ତମ୍ଭ ନିକଟରେ ପହଞ୍ଚିଲା ପରେ ଅଣ୍ଟିଗୋନିସ୍ ସହରର ମେୟର ଗୋଟିଏ ବକ୍ତୃତାରେ କହିଲେ ଯେ ଯେଉଁ ସାହାଦ ଭାଇମାନେ ଯୁଦ୍ଧରେ ସେମାନଙ୍କର ତାଜା ରକ୍ତ ଢାଳିଦେଇ ଦେଶରୁ ଅଶାନ୍ତି ଉପଦ୍ରବ ଦୂର କରି ଦେଇଛନ୍ତି ସେମାନଙ୍କର ସ୍ୱର୍ଗତ ଆତ୍ମା ନିକଟରେ କୃତଜ୍ଞତା ନିଦର୍ଶନ ସ୍ୱରୂପ ଏହି ଯୁଦ୍ଧ ସ୍ମାରକସ୍ତମ୍ଭର ପାଦଦେଶରେ ଆଜି ପୁଷ୍ପମାଲ୍ୟ ଅର୍ପଣ କରାଯାଉ । ତାଙ୍କର ପ୍ରସ୍ତାବ ଅନୁସାରେ ବହୁ ଲୋକେ ବହୁ ପୁଷ୍ପମାଲ୍ୟ ନେଇ ଯୁଦ୍ଧସ୍ମାରକ ସ୍ତମ୍ଭର ପାଦ ଦେଶରେ ଥୋଇ ଦେଇ ଆସିଲେ । ତାପରେ ପ୍ରଧାନ ବିଶପ ମଧ୍ୟ ଏବେ ବକ୍ତୃତା ଦେଇ ଜନତାଙ୍କୁ ଉଦ୍‌ବୋଧନ କଲେ । ବକ୍ତୃତା ସରିଲା । ପୁଣି ପଟୁଆର ରାସ୍ତାରେ ମାର୍ଚ୍ଚିଂ କରି ଚାଲିଗଲେ ।

ଆମ୍ଭେମାନେ ରେଲ ଷ୍ଟେସନକୁ ଯାଇ ଆମ୍ଭମାନଙ୍କର ସିଟ୍ ରିଜର୍ଭ କରିବା ପାଇଁ ଟଙ୍କା ଦେଇ ଆସିଲୁ । ଅବଶ୍ୟ ଆମର ଫେରିବାର ସମୟ ଅଛିରି ପ୍ରାୟ ମାସେ ଅଛି । ତଥାପି ଆଗରୁ ସିଟ୍ ରିଜର୍ଭ ନ କଲେ ସ୍ଲିପିଂକୋଚ୍ ବା ଶୋଇବା ସ୍ଥାନ ମିଳି ନ ପାରେ । କାରଣ ଆମର ଫେରିବା ସମୟକୁ ବଡ଼ଦିନ ଉତ୍ସବ ନିକଟ ହୋଇ ଆସିଥିବ । ରେଲ ଷ୍ଟେସନରୁ ବସାକୁ ଫେରି ଆସିଲୁ । ମଧ୍ୟାହ୍ନ ଭୋଜନ ପରେ ଆମ୍ଭେମାନେ ଆମହର୍ଷ୍ଟ ନାମକ ଏକ ସ୍ଥାନକୁ ଯିବା ପାଇଁ ପ୍ରସ୍ତୁତ ହୋଇ ପଡ଼ିଲୁ କାରଣ ସେହିପରି ଭାବରେ ଆଗରୁ ପ୍ରୋଗ୍ରାମ ହୋଇ ସାରିଥିଲା ।

ଦିନ ପ୍ରାୟ ତିନିଟା ବେଳେ ଇଉନିଭରସିଟିର ଏକ୍‌ସଟେନ୍‌ସନ୍ ବିଭାଗର ଡାଇରେକ୍ଟର ଫାଦର ମାକନିନ୍ ତାଙ୍କର ନୂଆ ସେଭରଲେଟ୍ କାର୍ ଘେନି ଉପସ୍ଥିତ ହେଲେ । ଆମ୍ଭେମାନେ ତାଙ୍କ ସହିତ ପ୍ରସ୍ଥାନ କଲୁଁ । ଏକ ପାର୍ବତ୍ୟ ଅଞ୍ଚଳ ଭିତର ଦେଇ ଅଙ୍କା ବଙ୍କା ରାସ୍ତାରେ ଆମର ଗାଡ଼ି ଛୁଟି ଚାଲିଲା । ଦୁଇ ପାଖର ଦୃଶ୍ୟ ଭାରି ମନୋରମ ଦିଶୁଥାଏ । ଫାଦର ମାକନିନ୍ ଘଣ୍ଟାରେ ପ୍ରାୟ ଷାଠିଏ ମାଇଲ ବେଗରେ ଗାଡ଼ି ଚଳାଉଥାନ୍ତି । ସନ୍ଧ୍ୟା ପ୍ରାୟ ସାତଘଣ୍ଟା ସମୟରେ ଆମ୍ଭେମାନେ ଯାଇ ଆମହର୍ଷ୍ଟ ନାମକ ଏକ କ୍ଷୁଦ୍ର ସହରରେ ପହଞ୍ଚିଲୁଁ । ସେଠାରେ ଫୋର୍ଟ କ୍ୟୁମ୍ବରଲାଣ୍ଡ ବୋଲି ଏକ ବଡ଼ ହୋଟେଲରେ ନଭସ୍କୋସିଆ ପ୍ରଦେଶର ମତ୍ସ୍ୟଜୀବୀ ସମିତି ସମୂହର ଏକ ସାଧାରଣ ସଭା ବସୁଥାଏ । ଆମ୍ଭେମାନେ ଉକ୍ତ ସଭାରେ ଯୋଗ ଦେବା ଉଦ୍ଦେଶ୍ୟରେ ଯାଇ ଥାଉଁ ।

ପୂର୍ବରୁ ଉକ୍ତ ହୋଟେଲରେ ସ୍ଥାନ ନିର୍ଦ୍ଦିଷ୍ଟ କରାଯାଇଥିଲା ଆମ୍ଭମାନଙ୍କ ପାଇଁ । ସୁତରାଂ ବେଶ୍ ଆନନ୍ଦରେ ରାତିଟି କଟିଗଲା ।

ତହିଁ ପରଦିନ ସକାଳେ ଉଠି ମୁଁ ଝରକା ବାଟେ ଚାହିଁ ଦେଖେଁ ଯେ ଖୁବ୍ ଜୋରରେ ବରଫ ବୃଷ୍ଟି ହେଉଛି । ଗଛପତ୍ର, ରାସ୍ତାଘାଟ ଓ ଘରର ଛାତ ସବୁ ବରଫ ଆସ୍ତରଣରେ ଆବୃତ ହୋଇ ଥିଲା ଦେଖା ଯାଉଥାନ୍ତି ।

ପ୍ରାତଃକୃତ୍ୟ ସମାପନ କରି ଆମ୍ଭେମାନେ ମତ୍ସ୍ୟଜୀବୀ ସମବାୟ ସଂଘର ବୈଠକରେ ଯୋଗ ଦେଲୁଁ । ହୋଟେଲର ସର୍ବନିମ୍ନ ସ୍ତରରେ ଏକ ପ୍ରକାଣ୍ଡ ହଲ୍ ବା ଦାଲାଣରେ ଉକ୍ତ ସଭା ଅନୁଷ୍ଠିତ ହୋଇଥିଲା । ସାଧାରଣତଃ ବଡ଼ ବଡ଼ ହୋଟେଲମାନଙ୍କରେ

ଏ ପ୍ରକାର ହଲ୍ ଥାଏ ଓ ସେଥିରେ ସଭା—ସମିତି ଇତ୍ୟାଦି ଅନୁଷ୍ଠିତ ହୁଏ ।

ଉକ୍ତ ସଭାରେ ପ୍ରଦେଶର ବିଭିନ୍ନ ଅଞ୍ଚଳରୁ ବହୁ ସଂଖ୍ୟକ ମତ୍ସ୍ୟଜୀବୀ ସମିତିର ସଭ୍ୟ ଉପସ୍ଥିତ ଥିଲେ । ପ୍ରାୟ ଦୁଇ ଦିନ ଯାଏ ସଭା ହେଲା । ଦିନରେ ସାଧାରଣ ସଭା ବସୁଥିଲା । ରାତିରେ ଏକ ଭୋଜିସଭା ହେଲା । ସେଥିରେ ଆମ୍ଭମାନଙ୍କୁ ଉପସ୍ଥିତ ଜନତାଙ୍କ ସହିତ ପରିଚୟ କରାଇ ଦିଆଗଲା । ଉକ୍ତ ଭୋଜି ସଭାରେ ଫାଦର ମାକିନନ୍ ଏକ ବକ୍ତୃତା ଦେଲେ । ସଭା ଶେଷରେ ପ୍ରାଦେଶିକ ମତ୍ସ୍ୟଜୀବୀ ସମବାୟ ସଂଘର ସଭାପତି ଆମ୍ଭମାନଙ୍କ ସହିତ ପରିଚିତ ହୋଇ ଆମ୍ଭମାନଙ୍କୁ କଫି ଦେଇ ଆପ୍ୟାୟିତ କଲେ ।


ତହିଁ ପରଦିନ ସକାଳ ସଭାରେ ସଭାପତି ମୋତେ ଆମ ପ୍ରଦେଶର ମତ୍ସ୍ୟଜୀବୀ ସମବାୟ ସମିତି ସମ୍ବନ୍ଧେ କିଛି ଶୁଣାଇବା ପାଇଁ ଅନୁରୋଧ କଲେ । ତାଙ୍କର ଅନୁରୋଧ ଏଡ଼ି ନ ପାରି ମୁଁ ଉଠି ଛିଡ଼ା ହେଲି । ଇଂରାଜୀ ଓ ଫ୍ରେଞ୍ଚ ଉଭୟ ଭାଷା ଭାଷୀ ବହୁ ବ୍ୟକ୍ତିଙ୍କ ସମକ୍ଷରେ ଛିଡ଼ାହୋଇ ଅଧଘଣ୍ଟାଏ ଯାଏ ମୋତେ ଭାଷଣ ଦେବାକୁ ପଡ଼ିଥିଲା । ମୁଁ ଯେତେବେଳେ କହିଲି ଯେ ମୋର ଭାଇ ଗୋଟିଏ ମତ୍ସ୍ୟଜୀବୀ ସମିତିର ସଭାପତି ସେତେବେଳେ ଉପସ୍ଥିତ ଜନତା କରତାଳି ଦ୍ୱାରା ଆନନ୍ଦ ପ୍ରକାଶ କରିଥିଲେ ।

ସଭା ସରିଲା । ସଭାରେ ଉପସ୍ଥିତ ଥିବା କେତେକ ସାମ୍ବାଦିକ ଆସି ମୋର ପରିଚୟ ଜିଜ୍ଞାସା କରିଗଲେ । ତାପରେ ଆମ୍ଭେମାନେ ଗୋଟିଏ ଚୀନା ଭୋଜନାଳୟରେ ଖାଇବା ପାଇଁ ଗଲୁ । ମୁଁ ଆଗରୁ କହିଛି ଯେ ଆମେରିକାର ହୋଟେଲର ମାଲିକ ହେଉଛନ୍ତି ଚୀନା ଲୋକମାନେ । ଚୀନ ଦେଶରୁ ବହୁ ଲୋକେ ଯାଇ

ଆମେରିକାର ଗଳି କନ୍ଦରେ ଛୋଟ ବଡ଼ ବହୁ ସହରରେ ଭୋଜନାଳୟ ଖୋଲିଛନ୍ତି । ଚୁଇନା ଭୋଜନାଳୟରେ ସାଧାରଣତଃ ରନ୍ଧା ଭଲ ହୋଇଥାଏ ଓ ଭାତ ଇତ୍ୟାଦି ପ୍ରାଚ୍ୟ ଦେଶୀୟ ଖାଦ୍ୟ ମିଳେ । ସେଥିପାଇଁ ବହୁ ଲୋକେ ସାଧାରଣତଃ ଚୁଇନା ଭୋଜନାଳୟରେ ଖାଇବାକୁ ପସନ୍ଦ କରନ୍ତି । ଦାମ୍ ମଧ୍ୟ ସେଠାରେ ଅପେକ୍ଷାକୃତ କମ୍ ଥାଏ ।

ଦିନ ପ୍ରାୟ ଦୁଇଟା ବେଳେ ଅମ୍ଭେମାନେ ଆମହର୍ଷ୍ଟ ଗାଡ଼ି ପ୍ରତ୍ୟାଗମନ କଲୁଁ । ବାଟରେ ଦେଖିଲୁଁ ଯେ ରାସ୍ତାଘାଟରେ ବହୁତ ବରଫ ପଡ଼ିଛି । ଘର ଛାତଗୁଡ଼ିକରେ ଧଳା ବରଫ ପଡ଼ିଥିବାରୁ ଘରଗୁଡ଼ିକ ଦୂରରୁ ଶୁଭ୍ରବର୍ଣ୍ଣ ଶ୍ରେଣୀ ପରି ଦେଖାଯାଉଥାଏ । କେତେକ ସ୍ଥାନରେ ଛୋଟ ଛୋଟ ପିଲାମାନେ ବରଫ ଉପରେ ନାନା ପ୍ରକାର ଖେଳ ଖେଳୁଥାନ୍ତି । ମୁଁ ଏପରି ଖେଳର ଏକ ଫଟୋ ଉଠାଇଥିଲି । ମୋର ଜଣେ ବନ୍ଧୁ ବରଫ ରାସ୍ତା ଉପରେ ମୋର ଏକ ଫଟୋ ମଧ୍ୟ ଉଠାଇ ନେଇଥିଲେ । ଆମେରିକାରେ ଫଟୋକୁ ସାଧାରଣତଃ ପିକ୍‌ଚର୍ ବା ଛବି ଉଠାଇବା ବୋଲି କହୁଥାନ୍ତି । ବାଟରେ ସ୍ପ୍ରିଙ୍ଗ୍‌ହିଲ୍ ବୋଲି ଏକ ସହର ପଡ଼ିଲା । ସେଠାରେ ବହୁତ କୋଇଲା ଖଣି ଅଛି ବୋଲି ଶୁଣିଲି । ସନ୍ଧ୍ୟା ପ୍ରାୟ ସାଢ଼େ ସାତ ଘଣ୍ଟା ବେଳେ ଅମ୍ଭେମାନେ ଆଣ୍ଟିଗୋନିସ୍ ଫେରି ଆସିଲୁଁ । ଆମର ଗୃହକର୍ତ୍ତ୍ରୀ ଅମ୍ଭମାନଙ୍କୁ ଭୂରି ଭୋଜନରେ ତୃପ୍ତ କରିଥିଲେ ।


ପୁଣି ଦିନକ ପରେ ତା ୧୫ ରିଖ ଦିନ ଫାଦର ମାକନନ୍‌ଙ୍କ ସହିତ ଅମ୍ଭେମାନେ ହାଲିଫାକ୍ସ ନାମକ ସହର ଦେଖି ଯାଇଥିଲୁଁ । ହାଲିଫାକ୍‌ସ ହେଉଛି ନଭସ୍କୋସିଆ ପ୍ରଦେଶର ରାଜଧାନୀ । ଉକ୍ତ ସହରଟି ଭାରି ସୁନ୍ଦର ମନେ ହେଲା । ଅମ୍ଭେମାନେ ମୋଟେ



କାନାଡ଼ାର ପ୍ରିନ୍ସଏଡ଼ୱାଡ଼ ଅଇଲଣ୍ଡର ଏକ ମତ୍ସ୍ୟଜୀବୀ ସମବାୟ ସମିତି ସମ୍ମୁଖରେ ଲେଖକ । ଚିଙ୍ଗୁଡ଼ି ଧରିବାର ଯନ୍ତ୍ରସବୁ ସାମନାରେ ରଖାଯାଇଛି । (ପୃ ୧୧୩)



କାନାଡ଼ାର ଏକ ତୁଷାରାବୃତ ରାଜପଥ ଉପରେ ଲେଖକ ଦଣ୍ଡାୟମାନ । (ପୃ ୧୨୦)



କନାଡ଼ାର ପ୍ରିନ୍ସ ଏଡବାର୍ଡ଼ ଆଇଲଣ୍ଡକୁ ଯାଉଥିବା ବେଳେ ବୋଟ ଉପରେ ଲେଖକ । (ପୃ ୧୧୧)



କାନାଡ଼ାର ଦୁଇ ଜଣ ମତ୍ସ୍ୟଜୀବୀ ସମବାୟ ସମିତିର ସଭ୍ୟ । (ପୃ ୧୦୪)

କେତେ ଘଣ୍ଟା ପାଇଁ ଉକ୍ତ ସହରରେ ଥିଲୁଁ । ଉକ୍ତ ସହରର ପ୍ରଧାନ ଡାକ୍ତରଖାନା କୋଠା ନ୍ୟୁୟର୍କର ଆକାଶଚୁମ୍ବୀ ପ୍ରାସାଦ ନମୂନାରେ ଗଢ଼ାଯାଇଛି । ସେଠାରେ ବିଶେଷ କିଛି ଦେଖିବା ପାଇଁ ସମୟ ଓ ସୁବିଧା ନ ଥିଲା । ସେଥିପାଇଁ ସନ୍ଧ୍ୟା ପ୍ରାୟ ୭ଟା ସମୟକୁ ଆମ୍ଭେମାନେ ପୁଣି ଫେରି ଆସିଲୁଁ ଆଣ୍ଟିଗୋନିସ୍‌ର ଆମ ଗୃହକର୍ତ୍ତ୍ରୀଙ୍କ ଘରକୁ । ହାଲିଫାକ୍ସ ଗଲା ବେଳେ ମୋର ସଙ୍ଗୀ ମିଷ୍ଟର ଅବାସ୍ ଯାଇ ନ ଥିଲେ । କାରଣ ପାଗ ସେତେ ଭଲ ନ ଥିବାରୁ ସେ ସାଧାରଣତଃ ବାହାରକୁ ବାହାରିବାକୁ ଭଲ ପାଉ ନ ଥିଲେ ।

ହାଲିଫାକ୍ସ ସହର ଏକ ନୌବହର କେନ୍ଦ୍ର ଓ ବନ୍ଦର । ସେଠାକାର ଦୃଶ୍ୟ ବଡ଼ ମନୋରମ ଥିଲା । ସହର ବାହାରେ ପର୍ବତର ପାଦଦେଶରେ ବା କଟି ଦେଶରେ ବହୁ ସଂଖ୍ୟକ ବାସଗୃହ ନିର୍ମିତ ହୋଇଥିବାର ଦେଖିଲୁ । ଉକ୍ତ ହାଲିଫାକ୍ସ ସହରରୁ ଆମ୍ଭର ବନ୍ଧୁ ସିରିଆ ଦେଶରୁ ଆଗତ ମିଷ୍ଟର ଜମାଲ ଆମ୍ଭମାନଙ୍କଠାରୁ ବିଦାୟ ନେଇଥିଲେ ।

ହାଲିଫାକ୍ସ ସହର କାନାଡ଼ାର ଦ୍ୱାର କହିଲେ ଚଳେ । କାରଣ ଇଉରୋପରୁ ଯେତେ ଜାହାଜ ଯାଏ ସେ ସବୁ ସାଧାରଣତଃ ହାଲିଫାକ୍ସ ସହର ଦେଇ ଯାଏ । ତାହା ଏକ ଉଡ଼ାଜାହାଜ ଘାଟି ମଧ୍ୟ ।

## [ ତେର ]

## କେପ୍ ବ୍ରିଟନ ଦ୍ୱୀପ ଓ ସିଡ଼ନୀ ସହର

ନଭେମ୍ବର ମାସ ତା ୧୮ ରିଖ । ବର୍ଷା ପାଗ । କାଲୁଆ ପବନ ବହୁଥାଏ । ଦିପହରେ ଖାଇସାରି ଆମେ ଆଣ୍ଟିଗୋନସରେ ଥିବା ବସାଘରେ ଆରାମରେ ବସିଛୁଁ । ହଠାତ୍ ଟେଲିଫୋନ୍ ବାଜି ଉଠିଲା ଟିଂ ଟିଂ ଟିଂ । କଣ ଖବର ? ଇଉନିଭରସିଟିରୁ ମିଷ୍ଟର କଣ୍ଟାକ୍ ଖବର ଦେଲେ ଯେ କାଲି ଆମକୁ ବସ୍ ଯୋଗେ ଯିବାକୁ ହେବ କେପ୍ ବ୍ରିଟନ ଦ୍ୱୀପରେ ଥିବା ସିଡ଼ନୀ ସହରକୁ । କେପ୍ ବ୍ରିଟନ ଦ୍ୱୀପ ହେଉଛି କାନାଡ଼ାର ପୂର୍ବ ସୀମା ନଭସ୍କୋସିଆ ପ୍ରଦେଶର ଶେଷ ଭାଗରେ ଅବସ୍ଥିତ ଏକ ଦ୍ୱୀପ ବା ଉପଦ୍ୱୀପ କହିଲେ ଚଳେ; କାରଣ ପ୍ରଧାନ ଭୂଭାଗଠାରୁ କେବଳ ଗୋଟିଏ ପ୍ରଣାଳୀ ଦ୍ୱାରା ତାହା ବିଚ୍ଛିନ୍ନ । ଉକ୍ତ ପ୍ରଣାଳୀ ଉପରେ ବସ୍ ଓ ରେଲଗାଡ଼ିକୁ ବୋହି ନେବା ପାଇଁ ଫେରି ବନ୍ଦୋବସ୍ତ ଅଛି । ସଂବାଦଟା ସେତେ ତୃପ୍ତିକର ହେଲା ନାହିଁ । କାରଣ ପାଗଟା ଏତେ ଖରାପ ଥାଏ ଯେ ସେଥିରେ ଘର ଛାଡ଼ି କୁଆଡ଼େ ଯିବାକୁ ମନ ଜମା ଟେକୁ ନ ଥାଏ । ଅବଶ୍ୟ ସେଇଟା ଆମର ଅସ୍ଥାୟୀ ଘର । ତଥାପି ଆମର ଗୃହକର୍ତ୍ତ୍ରୀ (Land lady) ଙ୍କର ବ୍ୟବହାର ଏତେ ତୃପ୍ତିକର ହୋଇଥିଲା ଯେ ଅମ୍ଭମାନଙ୍କୁ ତାହା ବାସ୍ତବିକ ନିଜ ଘର ଭଳି ଲାଗୁଥିଲା । ତଥାପି ଯିବାକୁ ହେବ ।

ସଙ୍ଗେ ସଙ୍ଗେ ସେଇ ସ୍ଥାନରୁ ଟେଲିଫୋନ୍ ଦ୍ୱାରା ବସ୍ ଷ୍ଟାଣ୍ଡକୁ ଖବର ଦେଇ ସିଟ୍ ରିଜର୍ଭ କରାଇ ନେଲି ଓ ଆମର ଘରଠାରୁ ବସ୍ ଷ୍ଟାଣ୍ଡକୁ ନେଇ ଯିବାପାଇଁ ଟାକ୍ସି ମଧ୍ୟ ବନ୍ଦୋବସ୍ତ କରି ଦେଲି । ଟେଲିଫୋନ୍‌ର ବହୁଳ ବ୍ୟବହାର ଯୋଗୁଁ ଘରେ ବସି

ବହୁତ କାମ ଅକ୍ଳେଶରେ କରି ନିଆଯାଇପାରେ । ଯାନ୍ତ୍ରିକ ସଭ୍ୟତାର ଏହା ଏକ ଅଭିନବ ବସ୍ତୁ ।

ତହିଁ ପରଦିନ, ସାଗରଟା ମଧ୍ୟ ପୂର୍ବଦିନ ପରି ମେଘୁଆ । ଟିପି ଟିପି ବର୍ଷା, କାହ୍ଲୁଆ ପବନ । ଦିନ ଦ'ପ୍ରହରେ ଖାଇପିଇ ସାରି ବସ୍ ଷ୍ଟାଣ୍ଡ ଅଭିମୁଖେ ପ୍ରସ୍ଥାନ କରିବାର ଯୋଗାଡ଼ କଲୁଁ । ଟାକ୍‌ସି ଆସିଲା । ଆମର ସଦାଶୟା ଗୃହକର୍ତ୍ରୀ ମୋତେ ଗୋଟିଏ କାଗଜ ପୁଡ଼ିଆ ଧରାଇ ଦେଇ କହିଲେ—ମିଷ୍ଟର ପଣ୍ଡା, ଏଥିରେ ମୁଁ ଘରେ ତିଆରି କରିଥିବା କେତେକ କାଣ୍ଡି (ମିଷ୍ଟାନ୍ନ) ଅଛି । ବାଟରେ ଭୋକ ଲାଗିଲେ ଖାଇବେ । ବାସ୍ତବିକ ତାଙ୍କର ବ୍ୟବହାର ଦେଖି ମୁଁ ମୁଗ୍ଧ ହୋଇଗଲି । ପୁଡ଼ିଆଟି ନାଇଟ୍ ବ୍ୟାଗ୍ ଭିତରେ ପୂରାଇ ଦେଇ ବାହାରି ପଡ଼ିଲୁଁ ।

ବସ୍ ଷ୍ଟେସନରେ ପହଞ୍ଚି ଟିକଟ୍ କାଟି ନେଲୁଁ । ବସ୍‌ବାଲା ଆମର ଜିନଷ ପତ୍ରର ଚାର୍ଜ ନେଇ ଆମକୁ ଗୋଟିଏ ଗୋଟିଏ ରସିଦ ଧରାଇ ଦେଲା । ବସ୍ ଆସିଲା, ବସ୍ ଭିତରକୁ ଯାଇ ଦେଖିଲି ଯେ ସୁନ୍ଦର ଗଦିଦିଆ ଦୁଇସାରି ସିଟ୍ । ପ୍ରତ୍ୟେକ ସାରିରେ ଦୁଇ ଦୁଇଟି ବସିବା ଚଉକୀ । ବେଶ୍ ଆରାମରେ ବସି ହେବ । ବସ୍ ଭିତରେ ବେଶ୍ ଗରମ । ବାହାରେ ଯେତେ ଥଣ୍ଡା ହେଲେ ସୁଦ୍ଧା ବସ୍ ଭିତରେ ବେଶ ଆରାମରେ ବେଶ୍ ଗରମରେ ଆମେ ବସିଲୁଁ । ବସ୍ ଛାଡ଼ିଲା ।

ବସ୍ ଚାଲିଥାଏ । କାଚ ଝରକା ପାଖ ଦେଇ ମୁଁ ଦେଖୁଥାଏଁ ପ୍ରକୃତିର ବିଚିତ୍ର ଦୃଶ୍ୟ । ଯେଉଁ ରାସ୍ତାରେ ଆମ ବସ୍ ଯାଉଥାଏ ସେଇ ରାସ୍ତାରେ ଦୁଇ ପାଖରେ ସୁନ୍ଦର ପର୍ବତ, ଅରଣ୍ୟ ଓ ହ୍ରଦ ଶ୍ରେଣୀ ଭରି ସୁନ୍ଦର ଦିଶୁଥାଏ । ମନେ ହେଉଥାଏ ସତେ ଯେପରି ଆମେ ପ୍ରକୃତିର ଏକ ସୁନ୍ଦର ରଙ୍ଗାଳୟ ମଧ୍ୟ ଦେଇ ଗମନ କରୁଛୁଁ ।

ଯେଉଁଠି ପ୍ରଧାନ ଭୂଭାଗ ଛୁଣ୍ଡିଛି ଓ କେପ୍ ବ୍ରେଟନ୍ ଦ୍ୱୀପ ଆରମ୍ଭ ହୋଇଛି ସେଠାରେ ଅଛି ଏକ ପ୍ରଣାଳୀ । ଅବଶ୍ୟ ଅତି ବେଶୀ ଚଉଡ଼ା ନୁହେଁ । ତଥାପି ଏକ ପାଖରୁ ଅନ୍ୟ ପାଖକୁ ଯିବା ଲାଗି ଏକ ସୁନ୍ଦର ଫେରି ବୋଟ୍ ସର୍ଭିସ୍ ଅଛି । ଆମର ବସ୍ ଯାଇ ସେଇ ଫେରି ବୋଟରେ ଲଦା ହେଲା ।

ପ୍ରଣାଳୀ ପାରହୋଇ ଆମେ ପୁଣି ଅପର ପାର୍ଶ୍ୱରେ ଗତି କରିବାକୁ ଲାଗିଲୁ । ବାଟରେ ଆମର ଗୃହକର୍ତ୍ତ୍ରୀ ଦେଇଥିବା କାଣ୍ଡ୍ରିତକ ଉଦରସାତ୍ କଲୁଁ । ସନ୍ଧ୍ୟା ପ୍ରାୟ ସାତଟାରେ ଆମ ବସ୍ ଯାଇଁ ସିଡ୍‌ନୀ ସହରରେ ପହଞ୍ଚିଲା । ବସ୍ ଷ୍ଟେସନରେ ଜଣେ ଭଦ୍ରବ୍ୟକ୍ତି ତାଙ୍କ କାର୍ ଧରି ଆମ ଅପେକ୍ଷାରେ ଥିଲେ । ସେ ହେଉଛନ୍ତି ବିଶ୍ୱବିଦ୍ୟାଳୟ ବିକାଶ ବିଭାଗର ଜଣେ କର୍ମଚାରୀ । ସେ ଆମ୍ଭମାନଙ୍କୁ ନେଇ ଟଲ୍ ହୋଟେଲ ନାମକ ଏକ ହୋଟେଲରେ ପହଞ୍ଚାଇ ଦେଲେ ।

ଉକ୍ତ ହୋଟେଲଟି ଅତି ବଡ଼ ନୁହେଁ । ହୋଟେଲର ମାଲିକ ହେଉଛନ୍ତି ଜଣେ ବୃଦ୍ଧା । ସୁନ୍ଦର ପ୍ରକୃତିର ଲୋକ । ତାଙ୍କ ହୋଟେଲକୁ ଯେଉଁମାନେ ଆସନ୍ତି; ତାଙ୍କର ସୁମିଷ୍ଟ ବ୍ୟବହାର ଦ୍ୱାରା ସେ ଅକ୍ଳେଶରେ ଆପଣାର କରି ନିଅନ୍ତି । ସୁତରାଂ ହୋଟେଲରେ ବେଶ୍ ଆରାମରେ ରହିଲୁଁ ।

ତହିଁ ପରଦିନ ସକାଳେ ଆମେମାନେ ଯାଇ ବିଶ୍ୱବିଦ୍ୟାଳୟର ବିକାଶ ବିଭାଗରେ ଉପସ୍ଥିତ ହେଲୁ । ଏହି କଲେଜଟି ଆଣ୍ଟି-ଗୋନିସ୍‌ର ସେଣ୍ଟ୍ ଫ୍ରାନ୍‌ସିସ୍ ଜାଭିଏର ବିଶ୍ୱବିଦ୍ୟାଳୟ ସହିତ ସଂପୃକ୍ତ । ଏହି କଲେଜର ବିକାଶ ବିଭାଗର କର୍ତ୍ତା ହେଉଛନ୍ତି ୪ ଜଣ ପାଦ୍ରୀ, ନାମ ଫାଦର ତପ୍‌ସି । ବେଶ୍ ସୁନ୍ଦର ଲୋକଟିଏ । ମୁଁ ତାଙ୍କୁ କହିଲି ଯେ ଆମ ସଂସ୍କୃତ ଭାଷାରେ 'ତପସ୍ୱୀ' ମାନେ

ହେଉଛନ୍ତି ମୁନି ବା ଋଷି । ସୁତରାଂ ତାଙ୍କର ନାମ 'ତପସୀ' 'ତପସ୍ୱୀ'ର ସହିତ ସମାନ । ସେ ଭାରି ଖୁସିହେଲେ ।

ସିଡ଼ନୀ ସହରରେ ଆମେ ଏକ ସପ୍ତାହ ଯାଏ ଥିଲୁଁ । ସିଡ଼ନୀ ହେଉଛି ଏକ କାରଖାନା ସହର କହିଲେ ଚଳେ । କାରଣ ସିଡ଼ନୀ ସହର ଓ ତାର ଆଖ ପାଖରେ ବହୁତ କୋଇଲା ଖଣି ଅଛି ଓ ସେଠାରେ ଗୋଟିଏ ଲୁହା ବା ଇସ୍‌ପାତର କାରଖାନା ମଧ୍ୟ ଅଛି । ଉକ୍ତ ଲୁହା କାରଖାନାକୁ କଞ୍ଚା ଲୁହା ଆସେ ନିଉଫାଉଣ୍ଡଲାଣ୍ଡ ନାମକ ଦ୍ୱୀପରୁ । ସିଡ଼ନୀରେ ଯେଉଁ କୋଇଲାଖଣି ସବୁ ଅଛି ତାହା ସମୁଦ୍ର ଗର୍ଭର ତଳ ଦେଶରେ ଅବସ୍ଥିତ । ଭୂଭାଗଠାରୁ ପାଞ୍ଚ ସାତ ମାଇଲ ପର୍ଯ୍ୟନ୍ତ ସମୁଦ୍ର ଗର୍ଭକୁ ଉକ୍ତ ଖଣିମାନ ଲମ୍ବି ଯାଇଛି । ଉପରେ ସମୁଦ୍ର ଅଥଚ ତା ତଳେ ସୁଡ଼ଙ୍ଗ କରାଯାଇ କୋଇଲା ଖୋଳା ଯାଉଛି । ବାସ୍ତବିକ ଏହା ଏକ ବିସ୍ମୟକର ବ୍ୟାପାର ଏକା ।

କେପ୍ ବ୍ରେଟନ ଦ୍ୱୀପର ଅଧିବାସୀମାନେ ସାଧାରଣତଃ ମତ୍ସ୍ୟଜୀବୀ । ସେଥିପାଇଁ ସେଠାରେ ଅନେକ ଗୁଡ଼ିଏ ମତ୍ସ୍ୟଜୀବୀ ସମିତି କାର୍ଯ୍ୟ କରୁଥାଏ । ଯେଉଁ ମତ୍ସ୍ୟଜୀବୀମାନେ ବ୍ୟବସାୟୀ ମହାଜନମାନଙ୍କ କବଳରୁ ମୁକୁଳି ଆସି ସମବାୟ ସମିତିରେ ଯୋଗ ଦେଇଥାନ୍ତି ସେମାନଙ୍କୁ ପୁଣି ଖସାଇ ନେଇ ସମିତି ଗୁଡ଼ିକୁ ଭାଙ୍ଗି ଦେବାପାଇଁ ନ୍ୟସ୍ତ ସ୍ୱାର୍ଥ ମହାଜନମାନେ ବହୁତ ଉପାୟ ଲଗାଇଥାନ୍ତି । ସେଥିପାଇଁ ତହିଁର ପ୍ରତିକାର ସ୍ୱରୂପ ଇଉନିଭରସିଟିର ବିକାଶ ବିଭାଗର କର୍ମଚାରୀମାନେ ଦଳ ଦଳ ହୋଇ ମଫସଲର ମତ୍ସ୍ୟଜୀବୀ ବସ୍ତିମାନଙ୍କୁ ଯାଇ ଲୋକମାନଙ୍କୁ ସମବାୟ ସମିତି ସମ୍ବନ୍ଧେ ବୁଝାଉଥାନ୍ତି । ଏ ପ୍ରକାର ମିଟିଂକୁ ସାଧାରଣତଃ "କିଚେନ୍ ମିଟିଂ" ବା 'ହାଣ୍ଡିଶାଳ ସଭା' କହନ୍ତି । ହାଣ୍ଡିଶାଳ ସଭା ମାନେ ହେଉଛି ଜଣେ ବ୍ୟକ୍ତିଙ୍କର ହାଣ୍ଡିଶାଳ

ଘରେ ଉକ୍ତ ବସ୍ତିର ପଡ଼ୋଶୀମାନେ ସନ୍ଧ୍ୟାବେଳେ ଏକତ୍ର ହୋଇ ସମବାୟ ତଥା ଅନ୍ୟାନ୍ୟ ନାନା ବିଷୟରେ କଥାବାର୍ତ୍ତା ହୁଅନ୍ତି । ସମବାୟ ବିଭାଗ ବା ବିଶ୍ୱ ବିଦ୍ୟାଳୟ ବିକାଶ ବିଭାଗର କର୍ମଚାରୀମାନଙ୍କୁ ଅନେକ ସମୟରେ ଉକ୍ତ ସଭାରେ ଯୋଗ ଦେବାକୁ ନିମନ୍ତ୍ରଣ କରିଥାନ୍ତି ।

ସିଡ଼ନୀ ସହରଠାରୁ ପ୍ରାୟ ସତୁରି ମାଇଲ ଦୂରରେ ଏ ପ୍ରକାର ସଭାମାନ ହେବାର ଆୟୋଜନ କରାଯାଇଥାଏ । ବିଶ୍ୱବିଦ୍ୟାଳୟର ବିକାଶ ବିଭାଗର ପ୍ରଫେସର ତଥା କର୍ମଚାରୀମାନେ ସହର ଠାରୁ ପ୍ରତିଦିନ ସନ୍ଧ୍ୟାରେ ବାହାରି ପ୍ରାୟ ସତୁରି ମାଇଲ ଦୂରସ୍ଥ ଉକ୍ତ ମଫସଲ ଅଞ୍ଚଳରେ ମିଟିଂ କରି ଲୋକମାନଙ୍କୁ ସମବାୟ ସମ୍ବନ୍ଧେ ବୁଝାଉଥାନ୍ତି ।

ଆମ୍ଭେମାନେ ସିଡ଼ନୀ ପହଞ୍ଚିବାର ପରଦିନ ସନ୍ଧ୍ୟାବେଳେ ଏପରି ଏକ ମିଟିଂରେ ଯୋଗ ଦେବାପାଇଁ ବାହାରି ପଡ଼ିଲୁଁ ଜଣେ ବିଶ୍ୱ ବିଦ୍ୟାଳୟ କର୍ମଚାରୀଙ୍କ ଗାଡ଼ିରେ । ଉକ୍ତ କର୍ମଚାରୀଙ୍କ ନାମ ହେଉଛି ମିଷ୍ଟର ଲେବାନ୍ । ସେ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମବାୟ ନୀତି ପ୍ରଚାର ପାଇଁ ନିଯୁକ୍ତ ହୋଇଥାନ୍ତି ।

ଆମ୍ଭେମାନେ ଯାଇ ନିର୍ଦ୍ଦିଷ୍ଟ ସ୍ଥାନରେ ଗୋଟିଏ ସମବାୟ ସମିତି ଗୃହରେ ଉପସ୍ଥିତ ହେଲୁଁ । ବିଶ୍ୱବିଦ୍ୟାଳୟ ପକ୍ଷରୁ ଅନ୍ୟାନ୍ୟ କର୍ମଚାରୀମାନେ ମଧ୍ୟ ଅନ୍ୟ ଦୁଇ ତିନୋଟି ଗାଡ଼ିରେ ଯାଇ ସେଠାରେ ଉପସ୍ଥିତ ହେଲେ । ସ୍ଥାନୀୟ ସମବାୟ ସମିତିର ଡାଇରେକ୍ଟରମାନେ ସେଠାରେ ଉପସ୍ଥିତ ଥିଲେ । ସେଇଠି ବିଚାର କରାଯାଇ ସ୍ଥିର କରାଗଲା ଯେ ପ୍ରତ୍ୟେକ ଡାଇରେକ୍ଟରଙ୍କ ଘରେ ଗୋଟିଏ ଲେଖାଏଁ 'କଟେନ୍ ମିଟିଂ' ବା ହାଣ୍ଡିଶାଳ ସଭା ବସିବ । ସେଥିରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆସିଥିବା କର୍ମଚାରୀମାନେ

ଯୋଗ ଦେବେ ଓ ଉପସ୍ଥିତ ଲୋକମାନଙ୍କୁ ସମବାୟ ସମ୍ବନ୍ଧେ ଶିକ୍ଷା ଦେବେ । ଏହିପରି ଭାବରେ ପାଞ୍ଚଜଣ ଡାଇରେକ୍ଟରଙ୍କ ସହିତ ଆମ୍ଭେମାନେ ପାଞ୍ଚ ଭାଗରେ ବିଭକ୍ତ ହୋଇଗଲୁଁ । ଆଗରୁ ସଭାର ଆୟୋଜନ ହୋଇଥିଲା ।

ମୁଁ ଓ ଅନ୍ୟ ଜଣେ ବିଶ୍ୱବିଦ୍ୟାଳୟ କର୍ମଚାରୀ ଯାଇ ଗୋଟିଏ 'କିଚେନ୍ ମିଟିଂ'ରେ ଯୋଗ ଦେଲୁଁ । ଯାହାଙ୍କ ରାନ୍ଧିଶାଳ ଘରେ ସଭା ବସିଥିଲା ସେ ହେଉଛନ୍ତି ଜଣେ ମତ୍ସ୍ୟଜୀବୀ । ରାନ୍ଧିଶାଳ ଘରେ ସଭା ବସିବା କଥା ଶୁଣି ହୁଏତ ଅନେକେ ଆଶ୍ଚର୍ଯ୍ୟ ହେଉଥିବେ । କିନ୍ତୁ ଆମେରିକାର ରାନ୍ଧିଶାଳ ସମ୍ପୂର୍ଣ୍ଣ ଭିନ୍ନ ଧରଣର । ସେଠାକାର ରାନ୍ଧିଶାଳରେ ରାନ୍ଧି ନାହିଁ କି ଚୁଲି ନାହିଁ କିମ୍ବା ନିଆଁ ଧୂଆଁ କଳା ଅଳଙ୍ଗୁର ଲେଶ ନାହିଁ । ଇଲେକ୍ଟ୍ରିକ୍ ଷ୍ଟୋଭ୍‌ରେ ସେଷେଇ ହୁଏ, ବୋତାମ ଟିପିଦେଲେ ହେଲା । ରାନ୍ଧିଶାଳ ଘରଟି ବେଶ୍ ପରିଷ୍କାର ପରିଚ୍ଛନ୍ନ ଥାଏ ଓ ବେଶ୍ ଗରମ ଥାଏ । ସେଇଥିପାଇଁ ସାଧାରଣତଃ ରାନ୍ଧିଶାଳ ଘରେ ସଭା ବସେ ।

ସେ ଦିନ ସଭାକୁ ଆଖ ପାଖ ପଡ଼ଶା ଘର କେତେକ ପୁରୁଷ, ସ୍ତ୍ରୀ, ବାଳକ, ବାଳିକା ଆସି ସେଠାରେ ଜମା ହୋଇଥିଲେ । ସଭାରେ ନାନା ପ୍ରକାର ସ୍ଥାନୀୟ ସମସ୍ୟା ନେଇ କଥାବାର୍ତ୍ତା ଚାଲିଲା । ବିଶ୍ୱବିଦ୍ୟାଳୟ ପକ୍ଷରୁ ଆସିଥିବା ଭଦ୍ରବ୍ୟକ୍ତି ସମବାୟ ସମ୍ବନ୍ଧେ କେତେକ କଥା କହିଲେ । ତା ପରେ ଉପସ୍ଥିତ ବ୍ୟକ୍ତିମାନେ ମୋତେ କିଛି କହିବା ପାଇଁ ଅନୁରୋଧ କଲେ । ମୁଁ ମଧ ଆମ ଦେଶର ମତ୍ସ୍ୟଜୀବୀମାନଙ୍କର ସମସ୍ୟା ସମ୍ବନ୍ଧେ କେତେକ କଥା କହିଲି । ତା ପରେ ସମବାୟ ସମିତି ଗଠନ କରି କୃଷୀ ଓ ମତ୍ସ୍ୟଜୀବୀମାନେ କିପରି ସାହୁ ମହାଜନଙ୍କର

ଶୋଷଣରୁ ଆପଣାକୁ ରକ୍ଷା କରି ପାରୁଛନ୍ତି ଓ ସାହୁ ମହାଜନ-ମାନେ ଉକ୍ତ ସଂଗଠନ ସବୁକୁ ପଣ୍ଡ କରିବା ପାଇଁ କପଟ ଗୋଇନ୍ଦା ନିଯୁକ୍ତ କରି ଲୋକମାନଙ୍କୁ ଭୁଲାଇ ଦେଉଛନ୍ତି ଏ ସମ୍ବନ୍ଧେ ମୁଁ ଗୋଟିଏ ବାଘ ମଇଁଷି ଗପ କହିଲି । ଗାଁ ଲୋକେ ଶୁଣି ଭାରି ଖୁସି ହେଲେ । ତା ପରେ ଗୃହକର୍ତ୍ତ୍ରୀ ମିସେସ୍ ମର୍ଟେଲ୍ ଆମ୍ଭମାନଙ୍କୁ ଓ ଉପସ୍ଥିତ ଲୋକମାନଙ୍କୁ ଚାହା ଓ କେକ୍ ପ୍ରଭୃତି ଖାଦ୍ୟ ଦ୍ରବ୍ୟ ଦ୍ୱାରା ଆପ୍ୟାୟିତ କରିଥିଲେ । ହାଣ୍ଡିଶାଳ ଘରେ ସଭା ଚାଲିଥିବା ବେଳେ ମୁଁ ଲକ୍ଷ୍ୟ କରି ଦେଖୁଥିଲି ଯେ ମିସେସ୍ ମର୍ଟେଲ୍‌ଙ୍କର ଦଶ ବାର ବର୍ଷର ଗୋଟିଏ ପୁଅ ତଳେ ଗୋଡ଼ ଲମ୍ବାଇ ଦେଇ ବସି ଗୋଟିଏ ବିରାଡ଼ିକୁ ଧରି ତା ମୁହଁରେ ଚୁମା ଦେଇ ଗେଲ କରୁଥାଏ ।

ସଭା ସରିଲା ପରେ ଅମ୍ଭେମାନେ ସେଠାରୁ ବିଦାୟ ନେଇ ଆସି ଅନ୍ୟ ଗୋଟିଏ ଘରେ ହେଉଥିବା ଅନ୍ୟ ଏକ ହାଣ୍ଡିଶାଳ ସଭାରେ ଯୋଗ ଦେଲୁଁ । ସେଠାରେ ବିଶ୍ୱବିଦ୍ୟାଳୟ ଅଫିସରେ କାମ କରୁଥିବା ଜଣେ ତରୁଣୀ ଉକ୍ତ ସଭା ପରିଚାଳନା କରୁଥିଲେ ଓ ସମବାୟ ସମ୍ବନ୍ଧେ ଲୋକମାନଙ୍କୁ ବୁଝାଉଥିଲେ । ସେଠାରେ ମଧ୍ୟ ସେମାନଙ୍କ ଦ୍ୱାରା ଅନୁରୁଦ୍ଧ ହୋଇ ମୁଁ ସେଇ ବାଘ ମଇଁଷି ଗପଟି କହିଲି । ସେମାନେ ଶୁଣି ଭାରି ଖୁସି ହେଲେ ।

ତା ପରେ ଅମ୍ଭେମାନେ ଯାଇ ପୁଣି ସେଇ ସମବାୟ ସମିତି ଗୃହରେ ସମବେତ ହେଲୁଁ । ଅନ୍ୟ ସ୍ଥାନମାନଙ୍କୁ ହାଣ୍ଡିଶାଳ ସଭା ଚଳାଇବାକୁ ଯାଇଥିବା ଭଦ୍ରବ୍ୟକ୍ତିମାନେ ମଧ୍ୟ ଫେରି ଆସିଲେ । ସେଠାରେ ଆଲୋଚନା ହୋଇ ସ୍ଥିର ହେଲା ଯେ ପୁଣି ଚାରି ଦିନ ପରେ ସେ ଅଞ୍ଚଳରେ ଗୋଟିଏ ବଡ଼ ସମବାୟ ସଭା ବସିବ ଓ ସେଥିରେ ବକ୍ତୃତା ଦେବାପାଇଁ ବିଶ୍ୱବିଦ୍ୟାଳୟର ସଂପ୍ରସାରଣ-

ବିଭାଗର ଡାଇରେକ୍ଟରଙ୍କୁ ଅନୁରୋଧ କରାଯିବ । ଆଲୋଚନା ଶେଷ ହେବା ବେଳକୁ ରାତି ପ୍ରାୟ ବାରଟା ବାଜି ଯାଇଥିଲା । ଆମ୍ଭମାନଙ୍କର କାର୍ ପୁଣି ଛୁଟି ଚାଲିଲା ସହର ଅଭିମୁଖରେ । ରାତି ପ୍ରାୟ ଦୁଇଟା ବେଳେ ସହରରେ ପହଞ୍ଚି ଆମ୍ଭେମାନେ ନିଦ୍ରାଦେବୀଙ୍କ କୋଳରେ ଆଶ୍ରୟ ନେଲୁଁ ।

ଆମ୍ଭେମାନେ ଉକ୍ତ ସହରରେ ଏକ ସପ୍ତାହ ଯାଏ ଥିଲୁ । ଦିନ ବେଳେ ଆମ୍ଭେମାନେ ନାନା ପ୍ରକାର ସମବାୟ ସମିତି ପରିଦର୍ଶନ କରୁଁ ଓ ସନ୍ଧ୍ୟା ହେଲେ ବିଭିନ୍ନ ମଫସଲ ଅଞ୍ଚଳକୁ ସଭା କରିବା ପାଇଁ ବିଶ୍ୱବିଦ୍ୟାଳୟ କର୍ମଚାରୀମାନଙ୍କ ସଙ୍ଗେ ଯାଉଁ। ଦିନେ ସନ୍ଧ୍ୟାରେ ସହରଠାରୁ ଦଶ ବାର ମାଇଲ ଦୂରରେ ଏକ ଲୋକଶିକ୍ଷା ସଭାରେ ଯୋଗ ଦେଇଥିଲୁଁ । ତାହା ଏକ ଋଣ ସମବାୟ ସମିତି ଗୃହରେ ବସିଥିଲା । ବିଶ୍ୱବିଦ୍ୟାଳୟ ପକ୍ଷରୁ ଯାଇଥିବା ଭଦ୍ରବ୍ୟକ୍ତି ସେଠାରେ ଉପସ୍ଥିତ ଥିବା ଲୋକମାନଙ୍କୁ ନଗର ଶାସନ ଓ ନାଗରିକର ଭୋଟ ଅଧିକାର ସମ୍ବନ୍ଧେ ବୁଝାଇଥିଲେ । ଉକ୍ତ ସଭାସ୍ଥ ଲୋକମାନଙ୍କ ଦ୍ୱାରା ଅନୁରୁଦ୍ଧ ହୋଇ ମୁଁ ମଧ୍ୟ ସେଠାରେ ପ୍ରାଚୀନ ଭାରତୀୟ ପଲ୍ଲୀସମାଜ ସମ୍ବନ୍ଧରେ କେତେକ କଥା କହିଥିଲି । ଅନ୍ୟ ଦିନେ ସନ୍ଧ୍ୟାରେ ଗୋଟିଏ ଋଣ ସମବାୟ ସମିତି ବା କ୍ରେଡ଼ିଟ୍ ଇଉନିୟନର ସାଧାରଣ ସଭାରେ ମଧ୍ୟ ଯୋଗ ଦେଇଥିଲୁଁ । ତାପରେ ଯେଉଁ ସ୍ଥାନରେ କ୍ରାନ୍ତିଶାଳ ସଭାମାନ ବସୁଥିଲା ସେଇ ଅଞ୍ଚଳରେ ଏକ ବଡ଼ ଧରଣର ସମବାୟ ସମ୍ମିଳନୀ ବସିଲା । ସ୍ଥାନୀୟ ଲୋକେ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ । ସେ ସଭାରେ ମଧ୍ୟ ମୋତେ ଭାରତୀୟ ସମାଜ ଓ ସମବାୟ ସମ୍ବନ୍ଧେ କେତେକ କଥା କହିବାକୁ ହୋଇଥିଲା । ସଭାର ପୂର୍ବବର୍ତ୍ତୀ ବକ୍ତାମାନେ "ଲେଡ଼ିଜ୍ ଏଣ୍ଡ୍

ଜେଣ୍ଟଲମ୍ୟାନ" ବୋଲି କହି ବକ୍ତୃତା ଆରମ୍ଭ କରୁଥିଲେ । ମୁଁ କିନ୍ତୁ ସ୍ୱାମୀ ବିବେକାନନ୍ଦଙ୍କ ପନ୍ଥା ଅନୁସରଣ କରି—ଆମେରିକା, ବାସୀ ସହଯୋଗୀ ଭାଇ ଓ ଭଉଣୀମାନେ ( ବ୍ରଦର୍ ଏଣ୍ଡ ସିଷ୍ଟର କୋ-ଅପରେଟିଭସ୍ ଅଫ୍ ଆମେରିକା ) ବୋଲି ସମ୍ବୋଧନ କଲି । ସେମାନେ ଭାରି ଖୁସି ହୋଇ କରତାଳି ଦ୍ୱାରା ମୋର ବକ୍ତୃତାକୁ ସ୍ୱାଗତ ଜଣାଇଥିଲେ । ମୁଁ ମୋର ବକ୍ତୃତାରେ ବେଦର "ସଂଗଚ୍ଛଧ୍ୱଂ, ସଂବଦଧ୍ୱଂ ସଂବୋ ମନାଂସି ଜାନତାଂ" ଶ୍ଳୋକଟି ଉଦ୍ଧାର କରି ବୁଝାଇ ଦେଇଥିଲି ଯେ ଭାରତବର୍ଷରେ ହିଁ ସମବାୟର ମୂଳମନ୍ତ୍ର ପ୍ରତିଧ୍ୱନିତ ହୋଇ ଉଠିଥିଲା ପୃଥିବୀର ଆଦି ସାହିତ୍ୟ ବେଦ ମଧ୍ୟରେ । ତାପରେ ପ୍ରାଚୀନ ଭାରତୀୟ ପଲ୍ଲୀସମାଜ ଓ ପରିବାର ପ୍ରଥା କିପରି ସମବାୟ ନୀତିରେ ପରିଚାଳିତ ହେଉଥିଲା ବୁଝାଇ ଦେଇଥିଲି । ଉପସ୍ଥିତ ଜନତା ମୋର ବକ୍ତୃତାକୁ ଘନ ଘନ କରତାଳି ଦ୍ୱାରା ଅନୁମୋଦନ କରିଥିଲେ । ସଭା ଶେଷରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ଯାଇଥିବା ଜଣେ ତରୁଣୀ ଗୋଟିଏ 'କୋରସ' ବା ସମ୍ମିଳିତ ସଙ୍ଗୀତ ଗାଇଥିଲେ ଓ ତାଙ୍କ ପଛେ ପଛେ ଉପସ୍ଥିତ ଜନତା ସମ୍ମିଳିତ କଣ୍ଠରେ ତାଙ୍କ ଅନୁଉକ୍ତ ପୁନରାବୃତ୍ତି କରିଥିଲେ । ଉକ୍ତ ସଙ୍ଗୀତ ଫରାସୀ ଭାଷାରେ ବୋଲାଯାଇଥିଲା କାରଣ ସଭାସ୍ଥ ଲୋକମାନଙ୍କ ମଧ୍ୟରୁ ଅଧିକାଂଶ ଥିଲେ ଫରାସୀ ଦେଶରୁ ଆଗତ ଆମେରିକା ଅଧିବାସୀ । ଅବଶ୍ୟ ସେମାନେ ସମସ୍ତେ ଇଂରାଜୀ କହି ବୋଲି ପାରୁଥିଲେ । ସଭା ସାରି ଘରକୁ ଫେରୁ ଫେରୁ ରାତି ପ୍ରାୟ ଦୁଇଟା ବାଜି ଯାଇଥିଲା । ସେ ଦେଶରେ ସମବାୟ ନୀତିର ପ୍ରଚାର ପାଇଁ ଓ ଲୋକ ଶିକ୍ଷାପାଇଁ କେତେ ପ୍ରକାର ଯେ ଯତ୍ନ ହେଉଥାଏ ତାର


ସୀମା ନାହିଁ । ବାସ୍ତବିକ ଏହି ଜନଶିକ୍ଷା ହିଁ ଆଜ ସେ ଦେଶର ଲୋକଙ୍କୁ ବଡ଼ କରିପାରିଛି ।

ସିଡ଼ନୀ ସହରରେ ଥିବାବେଳେ ଦିନେ ରବିବାର ଦିନ ସକାଳେ ମୁଁ ଓ ମୋ ସାଙ୍ଗରେ ଥିବା ଦକ୍ଷିଣ କୋରିଆର କୃଷି ବିଭାଗର ଜଣେ ଅଫିସର ବୁଲିବାକୁ ବାହାରି ଗଲୁଁ । ହାତରେ ଥାଏ ଆମର ଦୁଇଟି କେମେରା ବା ଫଟୋ ଉଠାଇବା ଯନ୍ତ୍ର । ରବିବାର ଦିନ ସାଧାରଣତଃ ସହର ବଜାର ସବୁ ବନ୍ଦ ଥାଏ । ଲୋକେ ଭଲ ଭଲ ପୋଷାକପତ୍ର ପିନ୍ଧି ଗୀର୍ଜାକୁ ଉପାସନା କରିବାପାଇଁ ବାହାରି ଯାଆନ୍ତି । ସକାଳେ ଗୀର୍ଜା ଘଣ୍ଟା ବାରମ୍ବାର ବାଜି ଉଠି ଜନସାଧାରଣଙ୍କୁ ଉପାସନାପାଇଁ ଆହ୍ୱାନ କରେ । ଆମ୍ଭେମାନେ ଜନ ବିରଳ ରାସ୍ତାରେ ଯାଉଁ ଯାଉଁ ଦେଖିଲୁଁ ଯେ ଗୋଟିଏ ସ୍ଥାନରେ ଗୋଟିଏ ଦଶ ବା'ର ବର୍ଷର ପିଲା ଛିଡ଼ା ହୋଇଛି । ଆମକୁ ଦେଖି ସେ ପଚାରିଲା— ଆପଣମାନେ କେଉଁ ଦେଶରୁ ଆସିଛନ୍ତି ? ଆମେ କହିଲୁଁ ସୁଦୂର ପ୍ରାଚ୍ୟରୁ । ସେ ପଚାରିଲା ଛବି ଉଠାଇବେ ? ଆମେ କହିଲୁ ହଁ । ସେ କହିଲା— ମୋ ସଙ୍ଗେ ଆସ ମୁଁ ତମକୁ ଛବି ଉଠାଇବାପାଇଁ ଭଲ ଜାଗା ଦେଖାଇ ଦେବି । ଆମ୍ଭେମାନେ ତା ସଙ୍ଗେ ଗଲୁଁ । ସେ ଆମ୍ଭମାନଙ୍କୁ ଗୋଟିଏ ପାର୍କକୁ ନେଇଗଲା । କହିଲା— ଭଲ ଜାଗା ନୁହେଁ ? ଏଠାରେ ଭଲ ଛବି ଉଠିବ । ମୁଁ କହିଲି— ସହିଲେ ତୋର ଛବି ଉଠାଇବି । ତୁ ଛିଡ଼ା ହୁଅ । ସେ ମୋର କେମେରା ସାମନାରେ ଖୁସିରେ ହାତଛନ୍ଦି ଛିଡ଼ା ହେଲା । ମୁଁ ତାର ଫଟୋ ଉଠାଇ ନେଲି । ତାପରେ କହିଲା—ମୋତେ ଭୋକ କଲାଣି ମୋ ପାଖରେ ପଇସା ଥିଲେ ଏଇନା ହୋଟେଲକୁ ଯାଇ କିଛି ଖାଇ ଦିଅନ୍ତି । ମୁଁ କହିଲି ମୋ ନିକଟରେ ପଇସା ଅଛି ନେ । ମୁଁ ତାକୁ


ପଞ୍ଚାଶ ସେଣ୍ଟ୍ ଦେଲି । ମୋ ସାଙ୍ଗ ମଧ୍ୟ ତାକୁ ସେତିକି ଦେଲେ । ସେ ଟୁସିହୋଇ ଦୁଗ୍ଧ ପିଇବ ବୋଲି କହି ଗୋଟିଏ ହୋଟେଲକୁ ଚାଲିଗଲା । ତହିଁ ପରଦିନ ସକାଳେ ଆମେ ବୁଲି ଯାଉଛୁଁ, ଦେଖୁଁ ଯେ ସେଇ ପିଲା କାନ୍ଧରେ ଗୋଟିଏ ଝୁଲି ଝୁଲାଇ ଖବରକାଗଜ ବିକୁଛି । ମୋତେ ଦେଖି କହିଲା— ଗୁଡ୍‌ମର୍ଣ୍ଣିଙ୍ଗ୍ ସାର୍, ଖବର କାଗଜ ନେବେ ? ପାଞ୍ଚ ସେଣ୍ଟ୍ ମାତ୍ର । ମୁଁ ଗୋଟିଏ କିଣିଲି ଓ ତାକୁ ପଚାରିଲି— ତୁ ପରା ସ୍କୁଲରେ ପଢୁ, ଏ କାମ କରୁଛୁ ଯେ ? ସେ କହିଲା— ଦଶଟା ପରେ ସିନା ସ୍କୁଲକୁ ଯିବି ? ତା ପୂର୍ବରୁ ଅଧଘଣ୍ଟାଏ ପରିଶ୍ରମ କରି ୨୫ ଖଣ୍ଡ ଖବରକାଗଜ ବିକି ଦିଏଁ, ସେଥିରୁ ୨୫ ସେଣ୍ଟ୍ ମୋତେ ଲାଭ ମିଳିଯାଏ । ସେତିକରେ ମୋର ପକେଟ୍ ଖର୍ଚ୍ଚ ଚଳିଯାଏ । ଏତେ ବକଟେ ପିଲା ଏତେ ଅଳ୍ପ ବୟସରୁ ରୋଜଗାର କରିବାର ଫନ୍ଦି ଶିଖିବାକୁ ଲାଗିଲାଣି ଦେଖି ମୁଁ ତାଜୁବ୍ ହେଲି ।

ସିଡ୍‌ନୀ ସହର ଛାଡ଼ିବା ପୂର୍ବଦିନ ହୋଟେଲର ମାଲିକାଣୀ ବୃଦ୍ଧୀ ଆମକୁ ତା ହୋଟେଲ ସମ୍ବନ୍ଧେ ବହୁକଥା କହିଲା । ଶେଷରେ ମୋତେ ଖଣ୍ଡିଏ 'ରିଡରସ୍ ଡାଇଜେଷ୍ଟ' ବହି ସ୍ମାରକ ଚିହ୍ନରୂପେ ଉପହାର ଦେଇ କହିଲା— ମୋ ହୋଟେଲ କଥା ମନେ ପକାଇବ ।

ଆମେ ସିଡନୀରୁ ଆଣ୍ଟିଗୋନସ୍ ଅଭିମୁଖେ ପ୍ରତ୍ୟାବର୍ତ୍ତନ କଲୁଁ । ଆମର ଗୃହକର୍ତ୍ତ୍ରୀ ମିସେସ୍ ହାଉସ୍‌ଙ୍କର ହସ ହସ ମୁହଁ ମନେ ପଡ଼ିଲା । ମନେ ହେଲା ସତେ ଯେପରି ଆମେ ଘରକୁ ଫେରୁଛୁଁ । ବାଟରେ ଆମ ବସ୍ ନାନାପ୍ରକାର ରମଣୀୟ ପ୍ରାକୃତିକ ଦୃଶ୍ୟାବଳୀ ଭିତର ଦେଇ ଗତି କରୁଥାଏ । ରାତି ପ୍ରାୟ ସାତଟା ବେଳେ ଆମେ ଫେରିଆସି ମିସେସ୍ ହାଉସ୍‌ଙ୍କ ଘରେ ପାଦ ଦେଲୁଁ ।



ମିଳିତ ଜାତିସଂଘ ( U. N. O. ) ର ନ୍ୟୁୟର୍କ ସହରରେ ଥିବା ସାଧାରଣ ସଭାଗୃହ ଭିତରର ଦୃଶ୍ୟ ।
ଏକ ସାଧାରଣ ସଭାରେ ଲେଖକ ଦର୍ଶକ ଭାବେ ଯୋଗଦେବାର ସୁବିଧା ପାଇଥିଲେ ।



ମିଳିତ ଜାତି ସଂଘ ( U. N. O. ) ର
ନ୍ୟୁୟର୍କସ୍ଥ ପ୍ରଧାନ କାର୍ଯ୍ୟାଳୟ

ନଂ............ ତା............ ରାଉରକେଲା



ଆମେରିକାର ବିଶ୍ୱବିଖ୍ୟାତ ସହର 'ନ୍ୟୁୟର୍କ'ର
ଏକ ରାସ୍ତା ଉପରେ ଲେଖକ ।

ସତକୁ ସତ ସେ ହସ ହସ ମୁହଁରେ ଆମକୁ ପାଛୋଟି ନେଇ କହିଲେ— ସବୁ ସୁଖରେ ଫେରି ଆସିଛନ୍ତି ତ ? ବାସ୍ତବିକ ଏହି ଆତ୍ମୀୟତାପୂର୍ଣ୍ଣ ବ୍ୟବହାର ଆମକୁ ମୁଗ୍ଧକରି ଦେଇଥିଲା । ସେତେବେଳକୁ ତାଙ୍କ ଘରେ ଖିଆପିଆ ସରି ଯାଇଥିଲେ ସୁଦ୍ଧା ଓ ଆମେ ଆଗରୁ ଖବର ଦେଇ ନ ଥିଲେ ସୁଦ୍ଧା ସେ ସାଙ୍ଗେ ସାଙ୍ଗେ ରୋଷାଇ ଘରକୁ ଯାଇ ଇଲେକଟ୍ରିକ୍ ଷ୍ଟୋଭ୍ ଲଗାଇ ଦେଇ ଆମପାଇଁ ରାନ୍ଧି ବସିଲେ ଓ ପ୍ରାୟ ଅଧଘଣ୍ଟାକ ମଧ୍ୟରେ ଗରମ୍ ଗରମ୍ ମଟରଦାନା ସିଝା ଓ ରୁଟି ମଖନ ପ୍ରଭୃତି ଆମକୁ ଖାଇବା ପାଇଁ ବାଢ଼ି ଦେଲେ । ଆମେ ଖାଇପିଇ ସାରିଲା ପରେ ଆମ ପାଖରେ ବସି ଆମର ଅଭିଜ୍ଞତା ସମ୍ବନ୍ଧେ କେତେ କଥା ପଚାରି ପକାଇଲେ ।

---

## [ ଚଉଦ ]

## ଆଣ୍ଟିଗୋନିସ୍

ତାପରେ ଆଣ୍ଟିଗୋନିସ୍‌ରେ ପ୍ରାୟ ପନ୍ଦରଦିନ ଆମେ ଥିଲୁଁ । କ୍ରମଶଃ ଶୀତଦିନ ଲାଗିଲା ଆସିଲା ଓ ଦିନକୁ ଦିନ ପାଗ ଖରାପ ହେବାକୁ ଲାଗିଲା । ବରଫ ମଧ୍ୟ ବହୁ ପରିମାଣରେ ପଡ଼ିବାକୁ ଲାଗିଲା । ସକାଳେ ଉଠି ଦେଖୁଁ ଯେ ରାସ୍ତାରେ ଅଣ୍ଟିଏ ଉଚ୍ଚରେ ବରଫ ଜମି ଯାଇଛି । ଟିକିଏ ରୌଦ୍ର ଲାଗିଲେ ବରଫ ଜମାଟ ବାନ୍ଧିଯାଏ । ସେତେବେଳେ ରାସ୍ତା ଉପରେ ଚାଲିବା କଷ୍ଟକର ହୋଇ ଉଠେ । କାରଣ ଜମାଟ ବନ୍ଧା ବରଫ ଠିକ୍ କାଚ ଭଳି ଖସଡ଼ା ହୋଇ ଉଠେ । ବିଶ୍ୱବିଦ୍ୟାଳୟର

ଲାଇବ୍ରେରିୟାନ୍ ସିଷ୍ଟର ମେରି ମାଇକେଲ୍ ଆମ୍ଭମାନଙ୍କୁ ସତର୍କ କରି ଦେଇଥିଲେ ରାସ୍ତାରେ ଖୁବ୍ ସାବଧାନତାର ସହିତ ଚାଲିବା ପାଇଁ । କିନ୍ତୁ ତାଙ୍କର ସବୁ ତାଗିଦ୍ ସତ୍ତ୍ୱେ ଦିନେ ମୁଁ ରାସ୍ତାରେ ଖସିରି ପଡ଼ିଲି । ଫଳରେ ମୋର ବାଁ ହାତ କବ୍‌ଜାରେ ଆଘାତ ଲାଗିଲା । ଫୁଲିଗଲା ଓ ଖୁବ୍ ଦରଜ କରିଗଲା । ସେଥିପାଇଁ ମୁଁ ପ୍ରାୟ ଦୁଇ ତିନି ଦିନ ଘର ଭିତରୁ ବାହାରି ପାରି ନ ଥିଲି । ସେ ସମୟରେ ମୋର ଗୃହକର୍ତ୍ତ୍ରୀ ମିସେସ୍ ହାଉସ୍ ମୋର ଯେଉଁ ସେବା ଶୁଶ୍ରୂଷା କରିଛନ୍ତି ତାହା ଭୁଲିବାର ନୁହେଁ । ହୁଏତ ନିଜର ଆତ୍ମୀୟ ମଧ୍ୟ ଏପରି ସେବା କରିବେ ନାହିଁ । ପ୍ରତିଦିନ ସେ ମୋର ବସିବା ସ୍ଥାନରେ ବିଛଣା ନିକଟରେ ନେଇ ଖାଇବା ଜିନିଷ ଦେଇ ଆସନ୍ତି । ମାଂସ ସବୁକୁ ଟୁକୁରା ଟୁକୁରା କରି କାଟି ମୋର ହାତ ପାଖରେ ରଖି ଦିଅନ୍ତି । ଅଙ୍ଗୁର ଫଳ ଓ ମିଶ୍ରୀ ଇତ୍ୟାଦି ପାଟିରେ ପକାଇବା ପାଇଁ ପାଖରେ ରଖି ଦିଅନ୍ତି । ଶେଷରେ କାହାକଠାରୁ ଗୋଟିଏ ରେଡ଼ିଓ ଯନ୍ତ୍ର ଧାରି ଆଣି ମୋ ପାଖରେ ଟେବୁଲ ଉପରେ ଥୋଇ ଦେଲେ କାରଣ ମୁଁ ତଳକୁ ଆସି ତାଙ୍କ ବୈଠକଖାନାରେ ଥିବା ରେଡ଼ିଓ ଶୁଣିବାକୁ ପାରୁ ନ ଥିଲି । ବାସ୍ତବିକ୍ ଆମର ଗୃହକର୍ତ୍ତ୍ରୀ ମିସେସ୍ ହାଉସ୍ ଆମକୁ ସୁଖ ଶାନ୍ତିରେ ରଖିବା ପାଇଁ ବହୁତ ଯତ୍ନ କରୁଥିଲେ । କେଉଁ ସୁଦୂର ଦେଶର କିଏ ଜଣେ ଅଚିହ୍ନା ଅଜଣା ରମଣୀଠାରୁ ଏପରି ଆତ୍ମୀୟତା ଆଶା କରିବା ବାସ୍ତବିକ୍ ଏକ ବିଚିତ୍ର କଥା ସିନା ।

ଆଣ୍ଟିଗୋନିସ୍ ଗୋଟିଏ କ୍ଷୁଦ୍ର ସହର । ହେଲେ, ସେଠାରେ ସହରରେ ଯାହା ଯାହା ରହିବାର କଥା ସବୁ ଅଛି । ଉକ୍ତ ସ୍ଥାନଟି ଶାନ୍ତି ନିକେତନ ପରି ନିରୋଳା ଓ ପ୍ରାକୃତିକ ସୌନ୍ଦର୍ଯ୍ୟ ପୂର୍ଣ୍ଣ । ବିଶେଷତଃ ସେଣ୍ଟଜେଭିଏର୍ସ ଇଉନିଭର୍‌ସିଟି ପାଇଁ


ସ୍ଥାନଟି ସାରା ଆମେରିକା କାହିଁକି ସାରା ପୃଥିବୀରେ ଖ୍ୟାତି ଲାଭ କରିଛି । ଆମେରିକାର ଯୁକ୍ତରାଷ୍ଟ୍ରରୁ ତଥା ପୃଥିବୀର ବହୁ ଅଞ୍ଚଳରୁ ବହୁ ଶିକ୍ଷାର୍ଥୀ ନାନା ବିଷୟରେ ଶିକ୍ଷା ପାଇବା ପାଇଁ ସେଠାକୁ ଆସିଥାନ୍ତି ।

ସେଣ୍ଟ ଫ୍ରାନ୍‌ସିସ୍ ଜାଭିଏର୍ସ ଇଉନିଭର୍‌ସିଟି ହେଉଛି ରୋମାନ୍ କାଥଲିକ ପାଦ୍ରୀମାନଙ୍କ ଦ୍ୱାରା ପରିଚାଳିତ ଏକ ବିଶ୍ୱ-ବିଦ୍ୟାଳୟ । ଉକ୍ତ ବିଶ୍ୱବିଦ୍ୟାଳୟର ଏକ୍ସଟେନ୍‌ସନ୍ ଡିପାର୍ଟମେଣ୍ଟ ବା ସମ୍ପ୍ରସାରଣ ବିଭାଗ ସମବାୟ ଶିକ୍ଷା ପାଇଁ ପ୍ରସିଦ୍ଧି ଲାଭ କରିଛି । ପ୍ରାୟ ପଚିଶି ବର୍ଷ ତଳେ ନଭସ୍କୋସିଆର କୃଷୀ ଓ ମତ୍ସ୍ୟଜୀବୀ-ମାନେ ମହାଜନ ସାହୁକାରମାନଙ୍କ ଦ୍ୱାରା ବହୁପ୍ରକାରେ ପ୍ରପୀଡ଼ିତ ହେଉଥିଲେ । ସେମାନଙ୍କୁ ଏହି ଆର୍ଥିକ ଶୋଷଣରୁ ରକ୍ଷା କରିବା ପାଇଁ ସେଣ୍ଟ ଫ୍ରାନ୍‌ସିସ୍ ଜାଭିଏର୍ସ ବିଶ୍ୱବିଦ୍ୟାଳୟର କେତେକ ମିସନାରୀ ଅଧ୍ୟାପକ ଅଣ୍ଟାଭିଡ଼ି ବାହାରି ପଡ଼ିଲେ । ସେମାନଙ୍କର ନେତୃତ୍ୱ ନେଲେ ଜଣେ ଉଦାର ହୃଦୟ ମିସନାରୀ ପ୍ରଫେସର— ଫାଦାର୍ କୋଡ଼ି ବା ଡକ୍ଟର କୋଡି । ସେ ହେଲେ ବିଶ୍ୱ-ବିଦ୍ୟାଳୟର ସମ୍ପ୍ରସାରଣ ବିଭାଗର ଡ଼ାଇରେକ୍ଟର । ତାଙ୍କର ପରିଚାଳନାରେ ସମବାୟ ମନ୍ତ୍ରର ପ୍ରଚାର ଆରମ୍ଭ ହେଲା । କହିବା ବାହୁଲ୍ୟ ଯେ ଡକ୍ଟର କୋଡ଼ିହିଁ ହେଉଛନ୍ତି କାନାଡ଼ାର ସମବାୟ ଆନ୍ଦୋଳନର ଏକ ମୁଖ୍ୟ କର୍ତ୍ତା ଓ ନଭସ୍କୋସିଆର ଏହି କ୍ଷୁଦ୍ର ସହର ହେଉଛି ସମବାୟ ଆନ୍ଦୋଳନର ଜନ୍ମସ୍ଥଳ । ସେଥିପାଇଁ ଏ ଅଞ୍ଚଳରେ ସମବାୟ ଆନ୍ଦୋଳନକୁ 'ଆଣ୍ଟିଗୋନସ୍ ଆନ୍ଦୋଳନ' ବୋଲି କେହି କେହି କହନ୍ତି ।


ଏହି ଡକ୍ଟର କୋଡ଼ି ପ୍ରାୟ ୨୫ ବର୍ଷ ଦକ୍ଷତାର ସହିତ ବିଶ୍ୱବିଦ୍ୟାଳୟର ସମ୍ପ୍ରସାରଣ ବିଭାଗର ନେତୃତ୍ୱ ପରିଚାଳନା

କଲ୍ପିଂପରେ ଏବେ ଅବସର ନେଇଛନ୍ତି । ତାଙ୍କ ସହିତ ଆମ୍ଭମାନଙ୍କର ପରିଚୟ ଓ ଆଳାପ ହୋଇଥିଲା । ବାସ୍ତବିକ୍ ସେ ଜଣେ ଉଦାର-ଚେତା ସେବା ପରାୟଣ ସଦାଶୟ ବ୍ୟକ୍ତି । ତାଙ୍କର ଆକୃତି ଯେପରି ସୁଦୀର୍ଘ ତାଙ୍କର ହୃଦୟ ସେହିପରି ବିଶାଳ । ବର୍ତ୍ତମାନ ତାଙ୍କ ସ୍ଥାନରେ ଫାଦର୍ ମାକନନ୍ ବୋଲି ଜଣେ ପାଦ୍ରୀ ସଂପ୍ରସାରଣ ବିଭାଗର ଡାଇରେକ୍ଟର ହୋଇଛନ୍ତି । ତାଙ୍କର କର୍ତ୍ତୃତ୍ୱାଧୀନରେ ଆମ୍ଭମାନଙ୍କର ସମବାୟ ଶିକ୍ଷା ପ୍ରଚଳିତ ହୋଇଥିଲା । ତାଙ୍କର ଅଧୀନରେ ମିଷ୍ଟର କର୍ଣ୍ଣାକ୍ ବୋଲି ଜଣେ ଯୁବକ ପ୍ରଫେସର ଅଛନ୍ତି । ସେ ସଂପ୍ରସାରଣ ବିଭାଗର ଜନଶିକ୍ଷା ବିଷୟର କର୍ମକର୍ତ୍ତା । ପ୍ରତ୍ୟକ୍ଷ ଭାବରେ ସେ ଆମ୍ଭମାନଙ୍କର ଶିକ୍ଷାର ପ୍ରୋଗ୍ରାମ ସ୍ଥିର କରୁଥିଲେ । ଉକ୍ତ ବିଶ୍ୱବିଦ୍ୟାଳୟକୁ ଜନଶିକ୍ଷା ସମ୍ବନ୍ଧେ ଶିକ୍ଷା ଲାଭ କରିବା ପାଇଁ ବହୁତ ଟ୍ରେନିଂ ପ୍ରାପ୍ତ ଶିକ୍ଷକମାନେ ମଧ୍ୟ ଆସନ୍ତି । ଏଣେ ଆମ୍ଭେମାନେ ମିଷ୍ଟର କର୍ଣ୍ଣାକ୍‌ଙ୍କ ଦ୍ୱାରା ଅନୁରୁଦ୍ଧ ହୋଇ ଭାରତୀୟ ସମାଜ ସମ୍ବନ୍ଧେ ତାଙ୍କର ଶିକ୍ଷକ ଛାତ୍ରମାନଙ୍କୁ କେତେ କଥା କହିଥିଲୁଁ ।


ଉକ୍ତ ଇଉନିଭର୍ସିଟିରେ ଜର୍ଜବିଏଲ୍ ନାମକ ଏକ ଉଚ୍ଚଧରଣର ଲେଖକ ମଧ୍ୟ ଅଛନ୍ତି । ସେ ଅନେକଗୁଡ଼ିଏ ଭଲ ଭଲ ପୁସ୍ତକ ପ୍ରଣୟନ କରିଛନ୍ତି । ମୁଁ ତାଙ୍କ ଦ୍ୱାରା ଲିଖିତ "ଡିମୋ କ୍ରେସିସ୍ ସେକେଣ୍ଡ ଚାନ୍ସ୍" ନାମକ ଏକ ପୁସ୍ତକ ପାଠ କରି ଏତେ ମୁଗ୍ଧ ହୋଇଥିଲି ଯେ ଏଣେ ଯାଇ ତାଙ୍କ ଘରଠାରେ ତାଙ୍କୁ ଭେଟିଥିଲି । ତାଙ୍କ ଘରକୁ ଯାଇ ଦେଖିଲି ଯେ ସେ ଅତି ସାଧାସିଧା ଧରଣର ଲୋକ । ଆମେରିକାର ସାଧାରଣ ଗୃହସ୍ଥଙ୍କ ଗୃହ ଇଲେକ୍ଟ୍ରିକ୍ ଦ୍ୱାରା ଗରମ ରଖାଯାଇ ଥାଏ; କିନ୍ତୁ ତାଙ୍କ ଘରକୁ ଯାଇ ଦେଖିଲି ଯେ ଘରକୁ ଗରମ କରିବା ପାଇଁ ସେ



କାନାଡ଼ାର ଆଣ୍ଟିଗୋନିସ୍ ବିଶ୍ୱବିଦ୍ୟାଳୟରେ ସମବାୟ ଶିକ୍ଷା ସହକର୍ମୀ ଓ ଅଧ୍ୟାପକଙ୍କ ସହିତ ଲେଖକ (ପୃ: ୯୯)



କାନାଡ଼ାର ନଭସ୍କୋସିଆ ପ୍ରଦେଶସ୍ଥ ବିଶ୍ୱବିଖ୍ୟାତ ଅଣ୍ଟିଗୋନିସ୍ ବିଶ୍ୱବିଦ୍ୟାଳୟ । ଏହିଠାରେ ଲେଖକ ଦୁଇ ମାସ ରହି ସମବାୟ ସମ୍ବନ୍ଧେ ବିଶେଷ ଶିକ୍ଷା ଓ ଗବେଷଣା କରିଥିଲେ ।
(ପୃ ୯୯)



କାନାଡ଼ାର ନଭସ୍କୋସିଆ ପ୍ରଦେଶସ୍ଥ ଏକ ମତ୍ସ୍ୟଜୀବୀ ସମବାୟ ସମିତିର ମ୍ୟାନେଜର ଓ ଭ୍ରମଣ କର୍ମୀମାନଙ୍କ ସହିତ ଲେଖକ ।
(ପୃ ୧୦୦)

କେତେକ କାଠ ଜମାକରି ରଖିଛନ୍ତି । ସେ କହିଲେ ଯେ ଆମେରିକାର ଯାନ୍ତ୍ରିକ ସଭ୍ୟତାକୁ ସେ ଆଦୌ ପସନ୍ଦ କରି ପାରୁ ନାହାନ୍ତି । ତାଙ୍କ ମତ ହେଉଛି ଯେ ସହରର ଯାନ୍ତ୍ରିକ ସଭ୍ୟତା ଠାରୁ ଅପସରି ଯାଇ ଲୋକେ ପୁଣି ଗୁମ୍ଫବାସ କରି ଭୂଇଁରୁ ଫଳାଇ ସରଳ ନିରାଡ଼ମ୍ବର ଭାବରେ ଜୀବନ ଯାପନ କରନ୍ତୁ—ତାହାହିଁ ଦ୍ୱାରାହିଁ କେବଳ ଶାନ୍ତି ପାଇ ପାରିବେ । ଧନତାନ୍ତ୍ରିକ ଓ ଯାନ୍ତ୍ରିକ ସଭ୍ୟତାର ପୀଠ ସ୍ଥଳୀ ଆମେରିକାରେ ଏପରି ଜଣେ ମୌଳିକ ଚିନ୍ତାଶୀଳ ବ୍ୟକ୍ତିଙ୍କୁ ଦେଖି ମୁଁ ବିସ୍ମିତ ହୋଇଥିଲି । ସେ ଆଗରୁ ଶୁଣିଥିଲେ ଯେ ମୁଁ ଲେଖା ଲେଖି କରେଁ । ମୁଁ କିବିଷୟରେ ଲେଖେଁ ସେ ମୋତେ ପଚାରିଲେ । ମୁଁ କହିଲି ଯେ ମୁଁ କ୍ଷୁଦ୍ର ଗଳ୍ପ ଉପନ୍ୟାସ, ନାଟକ, କବିତା ପ୍ରଭୃତି ସବୁଥିରେ ହାତ ଦେଇଛି କିନ୍ତୁ ଛୋଟ ଓ ବଡ଼ ଗଳ୍ପ ଲେଖିବାରେ ହିଁ ମୁଁ ବେଶୀ ଆନନ୍ଦ ପାଏଁ । ସେ ପଚାରିଲେ—ଆପଣଙ୍କର ଗଳ୍ପର ବିଷୟ ବସ୍ତୁ କି ଉପାଦାନରେ ଗଠିତ । ମୁଁ କହିଲି ଯେ ଦୁଃସ୍ଥ ପ୍ରପୀଡ଼ିତ ମାନବ ସଂପ୍ରଦାୟକୁ ଶୋଷଣରୁ ରକ୍ଷା କରିବା ପାଇଁ ସମବାୟ ନୀତିର ପ୍ରଚୁରହିଁ ହେଉଛି ମୋର ଅଧିକାଂଶ ଗଳ୍ପ ଉପନ୍ୟାସର ବିଷୟ ବସ୍ତୁ । ତାପରେ ମୁଁ ମୋର ଗୋଟିଏ କ୍ଷୁଦ୍ର ଗଳ୍ପର ସାରାଂଶ ଇଂରାଜୀରେ ବର୍ଣ୍ଣନା କଲି । ସେ ଶୁଣି ଭାରି ଖୁସି ହେଲେ । ସେ ବିଶ୍ୱ ବିଦ୍ୟାଳୟରେ ଲିଖନକଳା ଓ ସାଂବାଦିକତା ସମ୍ବନ୍ଧେ ଶିକ୍ଷା ଦିଅନ୍ତି । ସେ ମଧ୍ୟ ତାଙ୍କ କ୍ଲାସରେ ଛାତ୍ରମାନଙ୍କୁ ଲିଖନକଳା ସମ୍ବନ୍ଧେ କିଛି କହିବା ପାଇଁ ମୋତେ ଅନୁରୋଧ କଲେ । ମୁଁ ନିର୍ଦ୍ଦିଷ୍ଟ ସମୟରେ ତାଙ୍କ ଉପସ୍ଥିତିରେ ତାଙ୍କର ଛାତ୍ରମାନଙ୍କୁ ଲିଖନ କଳା ସମ୍ବନ୍ଧେ ପ୍ରାୟ ପଇଁତିରିଶ ମିନିଟ୍ କହିଥିଲି । ମୋର ବକ୍ତୃତା ଶୁଣି ସେ ଭାରି ଖୁସି ହୋଇଥିଲେ । ପରେ ମୁଁ ଶୁଣିଲି

ଯେ ତାଙ୍କ ଛାତ୍ରମାନେ ମଧ୍ୟ ମୋର ବକ୍ତୃତାକୁ ଖୁବ୍ ପ୍ରଶଂସା କରୁଥିଲେ ।

ଆଣ୍ଟିଗୋନିସ୍ ବିଶ୍ୱବିଦ୍ୟାଳୟରେ ଅବସ୍ଥାନ କରୁଥିବା ସମୟରେ ଉକ୍ତ ବିଶ୍ୱବିଦ୍ୟାଳୟର ସଂପ୍ରସାରଣ ବିଭାଗର ଲାଇବ୍ରେରିୟାନ ମିଷ୍ଟର ମେଗ୍ ମାଇକେଲ୍ ଆମ୍ଭମାନଙ୍କୁ ବହୁତ ସାହାଯ୍ୟ କରୁଥିଲେ । ତାଙ୍କର ବ୍ୟବହାର ବଡ଼ ସରଳ ଓ ଆତ୍ମୀୟତା ପୂର୍ଣ୍ଣ ଥିଲା । ଲାଇବ୍ରେରିୟାନ୍ ହିସାବରେ ମଧ୍ୟ ତାଙ୍କର ଦକ୍ଷତା ଯଥେଷ୍ଟ ଥିଲା ।

ଆମ୍ଭେମାନେ ଉକ୍ତ ବିଶ୍ୱବିଦ୍ୟାଳୟରେ ଥିବା ସମୟରେ ଭାରତରୁ ଜଣେ ଯୁବକ ମିଷ୍ଟର ପଲ୍ ସମବାୟ ସମ୍ବନ୍ଧେ ବିଶେଷ ଶିକ୍ଷା ଲାଭ କରିବା ପାଇଁ ସେଠାରେ ଯାଇ ପଢୁଥିଲେ । ସେ ହେଉଛନ୍ତି ଦକ୍ଷିଣ ଭାରତର ତ୍ରାଭାଙ୍କୋର ପ୍ରଦେଶର ଲୋକ । ଉକ୍ତ ବିଶ୍ୱବିଦ୍ୟାଳୟ ପକ୍ଷରୁ ବୃତ୍ତି ପାଇ ସେ ସେଠାକୁ ଯାଇଛନ୍ତି । ତାଙ୍କ ସହିତ ଅନେକ ସମୟରେ ଦେଖା ହୁଏ ।

ପ୍ରାୟ ଦୁଇ ମାସ ଧରି ଏହି କ୍ଷୁଦ୍ର ସହରଟିରେ ରହିବା ଫଳରେ ଅନେକ ସ୍ଥାନୀୟ ଲୋକଙ୍କ ସହିତ ପରିଚୟ ହୋଇଗଲା । ଦିନେ ମୁଁ ରାସ୍ତାରେ ଯାଉଛି ହଠାତ୍ ଜଣେ ଭଦ୍ରମହିଳା ମୋତେ ପଚାରିଲେ—ଆପଣ କ'ଣ ଭାରତରୁ ଆସିଛନ୍ତି ? ମୁଁ କହିଲି ହଁ । ତାପରେ ସେ ମୋତେ ତାଙ୍କ ଘରଟି ଦେଖାଇ ଦେଇ କହିଲେ—ଆପଣ ଥରେ ଅନୁଗ୍ରହ କରି ଆମ ଘରକୁ ଆସିବେ କି ? ମୁଁ ହଁ ଭରିଦେଲି ସତ କିନ୍ତୁ ଅନେକ ଦିନ ପର୍ଯ୍ୟନ୍ତ ତାଙ୍କ ଘରକୁ ଯାଇ ନ ଥିଲି । ତା ପରେ ଦିନେ ରବିବାର ସକାଳେ ଗୋଟିଏ ଗୀର୍ଜା ସମ୍ମୁଖରେ ହଠାତ୍ ତାଙ୍କ ସହିତ ଭେଟ ହେଲା । ସେ କହିଲେ—ଆପଣ ମୋ ଘରକୁ ଆସିଲେ ନାହିଁ ଯେ । ମୁଁ ଟିକିଏ ଲଜ୍ଜିତ

ହେଲି । ତା ପରେ ସେ ଜିଗର କରି କହିଲେ—ଆଜି ତ ରବିବାର, ଆଜି ଉପରବେଳା ଆସନ୍ତୁ । ସେଦିନ ଉପରବେଳା ମୁଁ ତାଙ୍କ ଘରକୁ ଯାଇଥିଲି । ଦକ୍ଷିଣ କୋରିଆରୁ ଆସିଥିବା ମୋର ସହକର୍ମୀ ମିଷ୍ଟର କିମ୍ ମଧ୍ୟ ଯାଇଥିଲେ । ସେଦିନ ତାଙ୍କର ସ୍ୱାମୀ ପୀଡ଼ିତ ଥିଲେ । ତଥାପି ସେ ବହୁତ ଆଦର କରି ଆମ୍ଭମାନଙ୍କୁ ଚାହା ଜଳଖିଆ ଖୁଆଇଲେ ଓ ଭାରତ ସମ୍ବନ୍ଧେ, କୋରିଆ ସମ୍ବନ୍ଧେ ନାନା ପ୍ରଶ୍ନ ପଚାରିଲେ । ଆସିବା ବେଳେ କହିଲେ ମୋ କଥା ମନେ ରହିବ ଟିକି ? ଆପଣ ଭାରତ ଫେରିଲେ ମୋ ଠାକୁ ଚିଠି ଦେବେ ତ ? ଆପଣଙ୍କ କଥା କିନ୍ତୁ ମୋର ମନେ ରହିବ । ଆପଣଙ୍କୁ ମୁଁ ବଡ଼ଦିନ ସମ୍ଭାଷଣ ପଠାଇବି । ସତକୁ ସତ ମୁଁ ଲଣ୍ଡନରେ ଆସି ତାଙ୍କଠାରୁ ଗୋଟିଏ ବଡ଼ଦିନର ଶୁଭେଚ୍ଛା ସମ୍ବଳିତ କାର୍ଡ଼ ପାଇଥିଲି ।

ସେଦିନ ରାତିରେ ଗୋଟିଏ ସ୍ଥାନୀୟ ଗୀର୍ଜାର ଅଧ୍ୟକ୍ଷ ଆମକୁ ତାଙ୍କ ଘରକୁ ନିମନ୍ତ୍ରଣ କରିଥିଲେ । ସେଠାକୁ ଆସିଥିଲେ ସମବାୟ ଇଉନିୟନର ସେକ୍ରେଟାରୀ ମିଷ୍ଟର ବ୍ରେଡ୍ ଓ ତାଙ୍କର ସ୍ତ୍ରୀ । ମିଷ୍ଟର ବ୍ରେଡ୍ ଆମେରିକାବାସୀ ସତ କିନ୍ତୁ ତାଙ୍କ ସ୍ତ୍ରୀ ହେଉଛନ୍ତି ଚାଇନା ରମଣୀ । ମିଷ୍ଟର ବ୍ରେଡ଼୍ ଚାଇନା ଭ୍ରମଣରେ ଯାଇଥିବା ସମୟରେ ସେଠାରେ ବିବାହ କରିଥିଲେ । ବର୍ତ୍ତମାନ ଯୋଡ଼ିଏ ସନ୍ତାନର ପିତା ମାତା ସେମାନେ । ବେଶ୍ ସୁଖରେ ଥାନ୍ତି । ସେମାନଙ୍କ ସହିତ ବହୁତ ଆଳାପ ହେଲା । ଦେଖିଲି ଯେ ଉକ୍ତ ପାଦ୍ରୀ ଭଦ୍ରଲୋକ ପୃଥିବୀର ବହୁ ସ୍ଥାନରୁ ସଂଗୃହୀତ ବହୁତ ସ୍ମାରକ ଜିନିଷ ଘରେ ରଖିଛନ୍ତି ।

ବାସ୍ତବିକ ଆଣ୍ଟିଗୋନିସ୍‌ର ନିରୋଳା ପରିବେଷ୍ଟନୀ ମଧ୍ୟରେ ଆମର ଦିନଗୁଡ଼ିକ ବେଶ୍ ସୁରୁଖୁରୁରେ କଟି ଯାଉଥିଲା ।

ବିଶେଷତଃ ଆମର ଗୃହକର୍ତ୍ତୀ ମିସେସ୍ ହାଉସ୍‌ଙ୍କର ସ୍ନେ
ସୌହାର୍ଦ୍ଦ୍ୟ ପୂର୍ଣ୍ଣ ବ୍ୟବହାର ଆମକୁ ବେଶ୍ ଆନନ୍ଦ ଦେଉଥିଲା
କେଉଁଦିନ ବିନେ ଦି ଦିନ ପାଇଁ ବାହାର ଗଲେ ମ
ଗୋଳେଇ ହେଉଥିବ ପୁଣି ଆଣ୍ଟିଗୋନିସ୍‌କୁ ଫେରି ଆସିବ
ପାଇଁ । ଅନେକ ସମୟରେ କେତେକ ପ୍ରଫେସର ଆମକୁ ଥଟ୍ଟା
କରି କହୁଥିଲେ—ଆପଣମାନେ ଯେ ଘର ଛାଡ଼ିବାକୁ ଏକବାରେ
ନାରାଜ ? ବାସ୍ତବିକ୍ ଆମ୍ଭେମାନେ ମିସେସ୍ ହାଉସ୍‌ଙ୍କର ଆତିଥ୍ୟରେ
ଏତେଦୂର ମୁଗ୍ଧ ହୋଇ ପଡ଼ିଥିଲୁଁ ଯେ ତାଙ୍କର ଘର ଛାଡ଼ି ଅନ
କେଉଁଆଡ଼େ ବୁଲିଯିବା ପାଇଁ ଆଦୌ ମନ ହେଉ ନ ଥିଲା ।

କ୍ରମେ ଆମର ରହଣି ସମୟ ସରି ଆସିଲା । ଡିସେମ୍ବର ମାସ
ଆଠ ତାରିଖରେ ଆଣ୍ଟିଗୋନିସ୍ ଛାଡ଼ିବାର କଥା । ଦିନେ ମୋ
ଭାରତୀୟ ବନ୍ଧୁ ମିଷ୍ଟର ଅବାସ୍ କହିଲେ—ମିସେସ୍ ହାଉସ୍
ଆପଣଙ୍କୁ ଉପହାର ଦେବା ପାଇଁ ଗୋଟିଏ ସୁନ୍ଦର "ମଫଲର୍"
କିଣି ରଖିଛନ୍ତି । ମୁଁ ଭାବିଲି ଏ କି କଥା ପୁଣି । ମୋର କିଛି ତା
ଦେବାର କଥା । ସେଥିପାଇଁ ସେଦିନ ବଜାରକୁ ଯାଇ ଗୋଟିଏ
କନା ତିଆରି ସୁନ୍ଦର ଫୁଲତୋଡ଼ା କିଣି ଆଣି ତାଙ୍କ ଟେବୁଲ
ଉପରେ ରଖିଦେଲି । ସେ ଦେଖି ଭାରି ଖୁସି ହୋଇ କହିଲେ—
ଏ କଣ ମିଷ୍ଟର ପଣ୍ଡା ? ମୁଁ କହିଲି—ସାମାନ୍ୟ ସ୍ମୃତି ଚିହ୍ନଟିଏ

ତହିଁ ପରଦିନ ଆମର ଶେଷ ଦିନ । ରାତି ଯାହାନ୍ତି ସାଢ଼େ
ଘଣ୍ଟାରେ ଆମେ ତାଙ୍କ ଘର ଛାଡ଼ିବାର କଥା, କାରଣ ଭୋର
ପାଞ୍ଚ ଘଣ୍ଟା ବେଳେ ଗାଡ଼ି । ଷ୍ଟେସନ ପ୍ରାୟ ଦୁଇ ମାଇଲ ଦୂର ।
ରାତି ବାରଟା ଯାଏ ମିସେସ୍ ହାଉସ୍ ଆମ ସଙ୍ଗରେ ବସି ନାନା
ପ୍ରକାର କଥାବାର୍ତ୍ତା ହେଲେ । ତା ପରେ ଜରିସୂତାରେ ବନ୍ଧା
ଗୋଟିଏ ପୁଡ଼ିଆ ମୋତେ ଧରାଇ ଦେଇ କହିଲେ—ମିଷ୍ଟର ପଣ୍ଡା,

ଗୋଟିଏ ସାମାନ୍ୟ ଉପହାର ଗ୍ରହଣ କରିବେ କି ? ଉପରକୁ ଯାଇ ଫିଟାଇ ଦେଖିଲି ଯେ ଗୋଟିଏ ସୁନ୍ଦର ମଫଲର । ଠିକ୍ ମୋର ପୋଷାକ ରଙ୍ଗ ସହିତ ଖାପ ଖାଇଲା ଭଳି ରଙ୍ଗ ।

ଶୋଇବାକୁ ଯିବା ପୂର୍ବରୁ ମିସେସ୍ ହାଉସ୍ କହିଲେ— ଆପଣମାନେ ମୋ ଘରୁ ନ ଖାଇ ଯାଇ ପାରିବେ ନାହିଁ । ମୁଁ ଭୋର୍ ଉଠି ଜଳଖିଆ ତିଆରି କରି ଦେବି । ଆମେ ନାହିଁ ନାହିଁ କରୁଥିଲୁଁ କିନ୍ତୁ ସେ ମାନିଲେ ନାହିଁ । ମୋତେ କହିଲେ—ମୁଁ ଠିକ୍ ସାଢ଼େ ଛଅଟାରେ ଡାକି ଦେବି ।

ସତକୁ ସତ ଠିକ୍ ସାଢ଼େ ଛଅଟାବେଳେ ସେ ମୋତେ ଡାକି ଦେଲେ । ମୁଁ ଉଠି ତଳକୁ ଆସି ଦେଖେଁତ ସେ ରୋଷାଇ ଘରେ କ'ଣ ରନ୍ଧାରନ୍ଧି କରୁଛନ୍ତି । ମୁଁ ପଚାରିଲି—କ'ଣ କରୁଛନ୍ତି ? ସେ ଜବାବ ଦେଲେ—ଏଇ ସାମାନ୍ୟ ଜଳଖିଆ ଟିକିଏ ତିଆରି କରୁଛି । ମୁଁ ପଚାରିଲି—ଆପଣ ତେବେ ଶୋଇଲେ କେତେବେଳେ ? ସେ କହିଲେ—ଶୋଇବି ଆଉ କେତେବେଳେ ? ଆପଣମାନେ ଅଳ୍ପ ମୋର ଘର ଛାଡ଼ି ଚାଲିଯିବେ । ମୁଁ ଶୋଇ ରହନ୍ତି କିପରି ? ମୁଁ ଆଦୌ ଶୋଇ ନାହିଁ । ଶୁଣି ଆମେ ଅବାକ୍ ହେଲୁଁ । ଆମେ କେଉଁ ଦେଶର ଲୋକ ଆଉ ସେ କେଉଁ ଦେଶର । କେତେ ଦିନର ସମ୍ପର୍କରେ ସେ କିପରି ଆମକୁ ଏତେ ଆପଣାର କରି ନେଇ ପାରିଲେ—ବାସ୍ତବିକ ଭାବିବାର କଥା । ଅଣ୍ଡା ଭଜା, କ୍ଷୀରି କରି ଆମକୁ ସେ ଖୁଆଇଲେ । ତା ପରେ ଟାକ୍ସି ଆସିଲା । ଭାବପୂର୍ଣ୍ଣ ବଦନରେ ସେ ଆମକୁ ବିଦାୟ ଦେଇ କରମର୍ଦ୍ଦନ କରି କହିଲେ—ଭୁଲିବେ ନାହିଁଟି ? ନିଶ୍ଚୟ ଫେରି ଆସିବେ ଦିନେ ନା ଦିନେ ଘରକୁ । ତା ପରେ ଆମେ ଚାଲି ଆସିଲୁଁ । କିଛି-ଦୂର ଯାଇଛୁଁ, ମୋର ବନ୍ଧୁ ମିଷ୍ଟର ଅବାସ୍ କହିଲେ ଯେ ସେ

ତାଙ୍କର ପଇସାରଖା ମୁଣି ତକଅ ତଳେ ଛାଡ଼ି ଆସିଛନ୍ତି । ଆମ୍ଭେ ପୁଣି ଟ୍ୟାକ୍‌ସି ଫେରାଇ ନେଲୁଁ । ମିଷ୍ଟର ଆବାସ୍ ତାଙ୍କର ଟଙ୍କାରଖା ମୁଣି ଆଣିବା ପାଇଁ ଘର ଭିତରକୁ ପଶିଗଲା ମାତ୍ରେ ଦେଖନ୍ତି ଯେ ମିସେସ୍ ହାଉସ୍ ଗୋଟିଏ ଚଉକୀରେ ବସି ମୁହଁରେ ଦୁଇ ହାତ ଦେଇ ପିଲାଙ୍କ ପରି କାନ୍ଦୁଛନ୍ତି । ତାଙ୍କଠାରୁ ଏକଥା ଶୁଣି ମୁଁ ବିସ୍ମୟ ପୁଲକରେ ଅଭିଭୂତ ହୋଇ ପଡ଼ିଲି । ବାସ୍ତବିକ ନାରୀର ହୃଦୟ ସବୁ ଦେଶରେ ସବୁ କାଳରେ ସମାନ ସିନା ! ସ୍ନେହ ନିକଟରେ ଆପଣା ପର, ଦେଶ ବିଦେଶ ବା ଦୂର ନିକଟର ସମ୍ପର୍କ କ'ଣ କିଛି ଥାଏ ?

ଠିକ୍ ପାଞ୍ଚଟାରେ ଟ୍ରେନ୍ ଛାଡ଼ିଲା । ଦୁଇ ମାସର ମାୟା ମମତା, ମିସେସ୍ ହାଉସ୍‌ଙ୍କର ସ୍ନେହ ସୌହାର୍ଦ୍ଦ୍ୟ, ବିଶ୍ୱବିଦ୍ୟାଳୟର ସମ୍ପ୍ରସାରଣ ବିଭାଗ ସବୁ ଛାଡ଼ି ଆମ୍ଭେମାନେ ଫେରି ଚାଲିଲୁଁ ।

ଗୋଟିଏ ଦିନ ଓ ଗୋଟିଏ ରାତି ଟ୍ରେନ୍‌ରେ କଟାଇ ଆମ୍ଭେ-ମାନେ ତହିଁ ପରଦିନ ସକାଳ ଆଠଘଣ୍ଟା' ସମୟରେ ଯାଇ ପହଞ୍ଚିଲୁ—'ମଣ୍ଟ୍ରିୟଲ୍' ନାମକ ସହରରେ । 'ମଣ୍ଟ୍ରିୟଲ୍' ହେଉଛି କାନାଡ଼ାର ବୃହତ୍ତମ ସହର । ମଣ୍ଟ୍ରିୟଲରୁ ଅଟାଓ୍ୱା ଫେରିବାର ଟ୍ରେନ ସମୟ ଥିଲା ଉକ୍ତ ଦିନ ଉପର ବେଳା ୫ଟା ବେଳେ । ସୁତରାଂ ଦିନଟି ଯାକ ବୁଲି ମଣ୍ଟ୍ରିୟଲ୍ ସହର ଦେଖି ନେବା ପାଇଁ ସ୍ଥିର କଲୁଁ ।

ମଣ୍ଟ୍ରିୟଲ ଷ୍ଟେସନରେ ଓହ୍ଲାଇ ଆମ୍ଭମାନଙ୍କର ସହଯାତ୍ରୀ ଦକ୍ଷିଣ କୋରିଆ ଅଧିବାସୀ ମିଷ୍ଟର କିମ୍‌ଙ୍କ ଅନୁରୋଧ କ୍ରମେ ଆମ୍ଭେମାନେ ସମସ୍ତେ ଗଲୁଁ ତାଙ୍କର ବନ୍ଧୁ ମିଷ୍ଟର ହାନ୍ ରହୁଥିବା ଗୋଟିଏ ସ୍ଥାନକୁ । ତାଙ୍କର ଲଣ୍ଡ୍‌ଲେଡ଼ୀ ଆମ୍ଭମାନଙ୍କୁ ଯଥେଷ୍ଟ ଆଦର ଯତ୍ନ ଦେଖାଇ ପ୍ରାତଃ ଭୋଜନର ବ୍ୟବସ୍ଥା କରିଦେଲେ ।

ସେଠାରେ ନିତ୍ୟକର୍ମ ସାରିଦେଇ ଅମ୍ଭେମାନେ ବୁଲି ବାହାରିଲୁଁ ।

ଏତେ ଅଳ୍ପ ସମୟ ମଧ୍ୟରେ ସହରର ସବୁ ଅଂଶ ବୁଲି ଦେଖି ପାରିବା ଅସମ୍ଭବ । ହଠାତ୍ ଗୋଟିଏ ସୁବିଧା ମିଳିଗଲା । ଆମ୍ଭେ-ମାନେ ଗୋଟିଏ ବଡ ହୋଟେଲକୁ ଯାଇ ତାର ଦ୍ୱାରରକ୍ଷକକୁ ପଚାରିଲୁଁ—ଏଠାରେ ଦର୍ଶନୀୟ ସ୍ଥାନ ଦେଖିବା ପାଇଁ କୌଣସି ବସ୍‌ର ବ୍ୟବସ୍ଥା ଅଛି କି ? ଏପରି ପଚାରିବାର କାରଣ ହେଉଛି ଯେ ପ୍ରାୟ ବଡ଼ ବଡ଼ ସହରମାନଙ୍କରେ ଏପ୍ରକାର ଦର୍ଶନୀୟ ସ୍ଥାନ ଦେଖାଇ ଦେବା ପାଇଁ ବସ୍‌ର ବ୍ୟବସ୍ଥା ଥାଏ । ଆମର ପ୍ରଶ୍ନ ଶୁଣି ଉକ୍ତ ଦ୍ୱାରରକ୍ଷକ କହିଲେ—ଏପରି କୌଣସି ବସ୍‌ର ବ୍ୟବସ୍ଥା ସାଧାରଣତଃ ଶୀତ ଦିନେ ନଥାଏ । ତେବେ ଆପଣମାନେ ଚାରିଜଣ ଅଛନ୍ତି । ଜଣକା ଦୁଇ ଦୁଇ ଡଲାର ଦେଲେ ଗୋଟିଏ ଟାକ୍ସି କରି ସହର ବୁଲି ଆସି ପାରିବେ । ଯଦି କହିବେତ ମୁଁ ଫୋନ୍ ଦ୍ୱାରା ଟାକ୍ସି ଡାକଦେବି । ଆମେ ତାର ପ୍ରସ୍ତାବରେ ରାଜି ହୋଇଗଲୁଁ । ସେ ଗୋଟିଏ ଟାକ୍ସି ଡକାଇ ଦେଲା । ଆମେ ସେଥିରେ ସହର ପରିଭ୍ରମଣ କରିବାକୁ ବାହାରିଲୁଁ ।

ଟାକ୍ସିବାଲାଟି ବେଶ ଆଳାପପ୍ରିୟ ଲୋକ । ସେ ଆମ୍ଭମାନଙ୍କୁ ବୁଲାଇ ନେବାବେଳେ ନାନା ପ୍ରକାର କୌତୁକିଆ କଥା କହି ଆମର ମନୋରଞ୍ଜନ କରୁଥାଏ ।

ସେ ପ୍ରଥମେ ଆମକୁ 'ନତ୍ରିଡେମ' ନାମକ ଏକ ବିଶାଳକାୟ ସୁଗଠିତ ଗୀର୍ଜା ଘରକୁ ନେଇଗଲା । ତାହା ହେଉଛି ଏକ ରୋମାନକାଥଲିକ ଗୀର୍ଜା । ସେଥିମଧ୍ୟରେ ଦଶ ହଜାର ଉପାସକ ଏକାଠି ବସିପାରିବାର ବ୍ୟବସ୍ଥା ଅଛି । ଗୀର୍ଜା ଭିତରର ସାଜସଜ୍ଜା ଓ କାରୁକାର୍ଯ୍ୟ ମଧ୍ୟ ଅତି ରମଣୀୟ । ସେଠାରୁ ଆମେ ଗଲୁଁ

"ସେଣ୍ଟଜୋସେଫ୍ ସ୍ରାଇନ୍" ନାମକ ଅନ୍ୟ ଏକ ଗୀର୍ଜା ନିକଟକୁ । ତାହା ଗୋଟିଏ ପର୍ବତ ଉପରେ ଅବସ୍ଥିତ ଓ ଅତି ଆଧୁନିକ ଫେସନରେ ତିଆରି ଏକ ମାର୍ବଲ ପ୍ରସ୍ତର ନିର୍ମିତ ସୁନ୍ଦର ଗୀର୍ଜା । ତାହାର ସ୍ଥାପୟିତା ହେଉଛନ୍ତି 'ବ୍ରଦର ଆଣ୍ଡ୍ରି' ନାମକ ଏକ ଧର୍ମଯାଜକ । ତାହା ଅମେରିକାର "ରିନ୍ତଲେଇ" କହୁଥିଲେ । ବ୍ରଦର୍ ଆଣ୍ଡ୍ରି ଉକ୍ତ ପାହାଡ଼ର ପାଦ ଦେଶରେ ଅବସ୍ଥିତ ଏକ କଲେଜରେ ଦ୍ୱାରରକ୍ଷକ କାର୍ଯ୍ୟ କରୁଥିଲେ । ତାପରେ ସେ ରୋଗ ଉପଶମ ପାଇଁ ହୁକୁମ ଦେବାକୁ ଆରମ୍ଭ କଲେ । କ୍ରମେ କ୍ରମେ ତାଙ୍କର ସୁଯଶ ଏତେ ବିସ୍ତାର ଲାଭ କଲା ଯେ ହଜାର ହଜାର ଯାତ୍ରୀ ତାଙ୍କ ନିକଟରୁ ହୁକୁମ୍ ନେବାକୁ ସମବେତ ହେବାକୁ ଲାଗିଲେ । ଯାତ୍ରୀ ସମାଗମ ଅଧିକ ହେବାରୁ ସରକାରଙ୍କୁ ବହୁତ ସୁବ୍ୟବସ୍ଥା କରିବାକୁ ପଡ଼ିଲା । ତା ପରେ ଜନସାଧାରଣଙ୍କର ସଦିଚ୍ଛା କ୍ରମେ ବ୍ରଦର୍ ଆଣ୍ଡ୍ରି କଲେଜର ଦ୍ୱାର ରକ୍ଷକ କାମ ଛାଡ଼ି ପାହାଡ଼ ଉପରେ ଗୋଟିଏ କ୍ଷୁଦ୍ର ଗୃହ ନିର୍ମାଣ କରି ରହିଲେ ଓ ସେହିପରି ହୁକୁମ୍ ଔଷଧ ଦେବାକୁ ଲାଗିଲେ । ବହୁ ଜଟିଳ ରୋଗରେ ଆକ୍ରାନ୍ତ ବହୁ ରୋଗୀ ତାଙ୍କଠାରୁ ହୁକୁମ୍ ପାଇ ରୋଗ ମୁକ୍ତ ହେବାକୁ ଲାଗିଲେ । ଯେଉଁମାନେ ରୋଗମୁକ୍ତ ହୋଇଥାନ୍ତି ସେମାନେ ତାଙ୍କ ରୋଗମୁକ୍ତିର ନିଦର୍ଶନ ସ୍ୱରୂପ ଖଣ୍ଡିଏ ଖଣ୍ଡିଏ ବାଡ଼ି ସେଠାରେ ରଖିଯାନ୍ତି । ଏହିପରି ଭାବରେ ସଂଗୃହୀତ ପ୍ରାୟ ହଜାର ହଜାର ବାଡ଼ି ବର୍ତ୍ତମାନ ନିର୍ମିତ ବିଶାଳ ପ୍ରାସାଦ ମଧ୍ୟରେ ସ୍ମୃତି ଚିହ୍ନ ସ୍ୱରୂପ ରଖାଯାଇଛି । ଦାନଶୀଳ ରୋଗମୁକ୍ତ ବ୍ୟକ୍ତିମାନଙ୍କର ଅଜସ୍ର ଦାନ ଫଳରେ ସେହି ପାହାଡ଼ ଉପରେ ଏକ ବିଶାଳ ମାର୍ବଲ ପ୍ରସ୍ତର ନିର୍ମିତ ଗୀର୍ଜା ବର୍ତ୍ତମାନ ଛିଡ଼ା ହୋଇଛି । ସେହି ଗୀର୍ଜା ମଧ୍ୟରେ ବ୍ରଦେର୍ ଆଣ୍ଡ୍ରିଙ୍କର ହୃଦୟ (ହୃତପିଣ୍ଡ) ତାଙ୍କର

ମୃତ୍ୟୁ ପରେ ଅବିକୃତ ଭାବରେ ଏକ କାଚ ପାତ୍ର ମଧ୍ୟରେ ସଂରକ୍ଷିତ ହୋଇଅଛି । ଏବେ ମଧ୍ୟ ଲୋକଙ୍କର ବିଶ୍ୱାସ ଅଛି ଯେ ଉକ୍ତ କାଚ ବୋତଲ ଉପରେ ହାତ ମାତ୍ର ଦେଇ ଯେ କୌଣସି ରୋଗମୁକ୍ତିର କାମନା କରିଗଲେ ସେ ରୋଗ ଭଲ ହୋଇଯାଏ । ବ୍ରଦର୍ ଅଣ୍ଡ୍ରେ ୯୦ ବର୍ଷ ବୟସରେ ୧୯୩୭ ସାଲରେ ଇହଲୀଳା ସାଙ୍ଗ କରିଥିଲେ । ଏହି ଗୀର୍ଜା ଓ ତନ୍ମଧ୍ୟରେ ରଖା ଯାଇଥିବା ସହସ୍ର ସହସ୍ର ରୋଗମୁକ୍ତ ବ୍ୟକ୍ତିଙ୍କ ବାଡ଼ି ଦେଖି ଭାବିଲି—ମନୁଷ୍ୟର ପ୍ରକୃତି ସବୁ ଦେଶରେ ସବୁ କାଳରେ ସମାନ । ଆମ ଦେଶର ରତ୍ନଲେଇ ଘଟଣା ନେଇ କେତେ ଲୋକ କେତେ ସମାଲୋଚନା କରୁଥିଲେ କିନ୍ତୁ ଏହି ସୁଶିକ୍ଷିତ ଆମେରିକା ଅଧିବାସୀମାନଙ୍କ ମଧ୍ୟରେ ମଧ୍ୟ ଏ ପ୍ରକାର ବିଶ୍ୱାସ ଦେଖି ମୁଁ ବିସ୍ମିତ ହୋଇ ଯାଇଥିଲି । ବ୍ରଦେର୍ ଅଣ୍ଡ୍ରେଙ୍କର ଏହି ଗୀର୍ଜାର ଅବସ୍ଥାନ ଭାରି ସୁନ୍ଦର, ଗୋଟିଏ ପର୍ବତ ଉପରେ ଅବସ୍ଥିତ । ଗୀର୍ଜା ଉପରୁ ଚାହିଁଲେ ମଣ୍ଟ୍ରିୟଲ ସହରର ଚତୁର୍ଦ୍ଦିଗ ବେଶ୍ ସୁନ୍ଦର ଦେଖାଯାଏ ।

ଆମ୍ଭେମାନେ ମଣ୍ଟ୍ରିୟଲରେ "ମହମ ଯାଦୁଘର" ବା **Wax Musium** ନାମକ ଏକ ସ୍ଥାନକୁ ଯାଇଥିଲୁଁ । ଉକ୍ତ ଯାଦୁଘର ମଧ୍ୟରେ ବହୁ ଐତିହାସିକ ଓ ପୌରାଣିକ ଘଟଣାବଳୀ ମହମ ପିତୁଳା ସାହାଯ୍ୟରେ ଦେଖାଇ ଦିଆ ଯାଇଛି । ଗୋଟିଏ କଥାରେ କହିଲେ—ଆମ ଦେଶରେ ଯେପରି ମାଟି ପିତୁଳା ଦ୍ୱାରା କଳାକୁଞ୍ଜ ଗଢ଼ା ଯାଇ ଥାଏ ସେହିପରି ଭାବରେ ତାହା ଏକ ମହମ ପିତୁଳା ନିର୍ମିତ କଳାକୁଞ୍ଜ କହିଲେ ଚଳେ । ସେଥିରେ ଯିଶୁଙ୍କ ଜନ୍ମ ବୃତ୍ତାନ୍ତଠାରୁ ଆରମ୍ଭ କରି ବହୁ ପୌରାଣିକ ଓ ଐତିହାସିକ ଘଟଣା ବଳୀ ମହମ ପିତୁଳା ସାହାଯ୍ୟରେ ଦେଖାଇ ଦିଆଯାଇଛି ।

ଏ ସବୁ ଦର୍ଶନୀୟ ସ୍ଥାନ ଦେଖି ସାରି ଫେରିଲା ବେଳକୁ ପ୍ରାୟ ଦିନ ଦୁଇଟା ବାଜି ଯାଇଥାଏ । ଟାକ୍ସି ବାଲାକୁ ବିଦାୟ କରି-ଦେଇ ଆମ୍ଭେମାନେ ଯାଇ ଗୋଟିଏ ଚୀନା ଭୋଜନାଳୟରେ ଖାଇ ନେଲୁଁ । ତାପରେ ବସାକୁ ଫେରି ଜିନିଷପତ୍ର ଧରି ଷ୍ଟେସନ ଅଭିମୁଖେ ଯାତ୍ରା କଲୁଁ ।

ଠିକ୍ ସାଢ଼େ ଚାରିଟାରେ ଟ୍ରେନ୍ ଛାଡ଼ିଲା ଓ ପ୍ରାୟ ସାଢ଼େ ତିନିଘଣ୍ଟା ପରେ ରାତି ଆଠଟା ସମୟରେ ଆମ ଗାଡ଼ି ଯାଇ ଅଟାଓ୍ୱାରେ ପହଞ୍ଚିଲା । ସେଠାରୁ ଯାଇ ଆମ୍ଭମାନଙ୍କଦ୍ୱାରା ପୂର୍ବ ନିରୂପିତ 'ସାଟୁ୍ୟଲରିଏର୍' ନାମକ ଏକ ବିଶାଳକାୟ ହୋଟେଲ୍ ମଧ୍ୟରେ ଆଶ୍ରୟ ଗ୍ରହଣ କଲୁଁ ।

---

## [ ପନ୍ଦର ]

## ଫେରନ୍ତା ପଥେ ଅଟାଓ୍ୱା ଓ ନ୍ୟୁୟର୍କ

ଏଥର ଫେରିବା କଥା । ଆମେ ପ୍ରଥମେ ଅଟାଓ୍ୱା ସହରରେ ପହଞ୍ଚିଲା ବେଳେ ଦେଖିଥିଲୁଁ ଯେ ତାହା ଥିଲା ଏକ ବିଚିତ୍ର ବର୍ଣ୍ଣ ପୁଷ୍ପସମ୍ଭାରଯୁକ୍ତା ସୌନ୍ଦର୍ଯ୍ୟମୟୀ ନଗରୀ । ଏବେ କିନ୍ତୁ ଦେଖିଲୁଁ ଯେ ତାହାର ସେ ସୌନ୍ଦର୍ଯ୍ୟ ଆଦୌ ନାହିଁ । ଅଧିକାଂଶ ସମୟରେ ବରଫ ପଡ଼ୁଥାଏ । ଆକାଶ ମେଘାଚ୍ଛନ୍ନ । ଝିପି ଝିପି ବର୍ଷା ମଧ୍ୟ ହେଉଥାଏ । ଗଛ ବୃକ୍ଷରେ ଗୋଟିଏ ହେଲେ ପତ୍ର ନ ଥାଏ । ସବୁ ଲଣ୍ଡା ଠୁଙ୍ଗର । ଶୁଣିଲୁଁ ଜାନୁଆରୀ ଓ ଫେବୃୟାରି ମାସରେ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇ ଉଠିବ । ବର୍ଷର ଚାରିମାସ

ମଧ୍ୟରୁ ଗ୍ରୀଷ୍ମକାଳୀନ ଛମାସ ଅର୍ଥାତ୍ ମେ ମାସ ଆରମ୍ଭରୁ ଅକ୍ଟୋବର ଶେଷ ସୁଦ୍ଧା ଏ ଅଞ୍ଚଳରେ ପ୍ରକୃତି ହସୁଥାଏ । ନାନା ପ୍ରକାର ଫୁଲ ଫୁଟେ । ଶସ୍ୟ ସମ୍ଭାରରେ କ୍ଷେତ୍ର ପୂରିଉଠେ । କିନ୍ତୁ ଅକ୍ଟୋବର ମାସ ବେଳକୁ ଗଛ ପତ୍ରର ରଙ୍ଗ ସବୁ ହଳଦିଆ ଓ ନାରଙ୍ଗୀ ରଙ୍ଗ ଧାରଣ କରେ । ସେତେବେଳେ ପ୍ରକୃତିର ଶୋଭା ବାସ୍ତବିକ ଅବର୍ଣ୍ଣନୀୟ ହୋଇପଡ଼େ । ତାପରେ ପତ୍ର ଝଡ଼ିବାକୁ ଆରମ୍ଭ କରେ । ସେ ସମୟକୁ ସାଧାରଣତଃ 'ଫଲ୍' ବା ପତ୍ରଝଡ଼ା ସମୟ କହନ୍ତି । ଲିଭିଲା ପୂର୍ବରୁ ଦୀପ ଅଧିକ ବେଗରେ ଜଳି ଉଠିଲା ପରି ପୃଥିବୀରେ ଶିଶିର ତୁଷାର ଶୀତ ଆସିବା ପୂର୍ବରୁ ପ୍ରକୃତି ଅପରୂପ ବର୍ଣ୍ଣ ଧାରଣ କରି ହସି ଉଠେ ଏଇ ପତ୍ର ଝଡ଼ା ସମୟରେ । ତାପରେ ଶୀତ ମାଡ଼ିଆସେ । ଗଛର ପତ୍ର ସବୁ ଝଡ଼ିଯାଏ । ବରଫ ପଡ଼ିବାକୁ ଆରମ୍ଭ କରେ । ଝଡ଼ବର୍ଷା ଲାଗିରହେ । ଶୀତ ଛମାସ ଅର୍ଥାତ୍ ନଭେମ୍ବର ପହିଲାଠାରୁ ଏପ୍ରିଲ ଶେଷଯାଏ ଶୀତର ପ୍ରାଦୁର୍ଭାବରେ ଲୋକେ ଅସ୍ଥିର ହୋଇ ଉଠନ୍ତି । ଏହାହିଁ ସେ ଦେଶର ଋତୁ ପର୍ଯ୍ୟାୟ ।

ଅଣ୍ଟାଓ୍ୱାରେ ପ୍ରାୟ ଚାରି ପାଞ୍ଚ ଦିନ ରହିଲୁଁ । ଇତି ମଧ୍ୟରେ ପାଗ ଖରାପ ଥିବାରୁ ବିଶେଷ ବୁଲାବୁଲି କରିବାର ସୁବିଧା ନ ଥିଲା । ଅଣ୍ଟାଓ୍ୱା ଛାଡ଼ିବାର ଆଗଦିନ କୃଷି ବିଭାଗ କର୍ମଗୋଷ୍ଠୀର ଡାଇରେକ୍ଟର ମିଷ୍ଟର ଟ୍ରୁମାନ ଆମକୁ ତାଙ୍କ ଘରକୁ ଖିଆ ଖାଇବା ପାଇଁ ନିମନ୍ତ୍ରଣ କରିଥିଲେ । ଆମେ ତାଙ୍କ ଘରକୁ ଗଲା ପରେ ତାଙ୍କ ସ୍ତ୍ରୀ ଓ ଶାଶୁଙ୍କ ସହିତ ଆମକୁ ପରିଚୟ କରାଇ ଦେଲେ । ତାପରେ ବସି କଥାବାର୍ତ୍ତା ହେଲୁଁ । ମିଷ୍ଟର ଟ୍ରୁମାନ ତାଙ୍କର ବିଭିନ୍ନ "ହବି" ବା ଅବସର ସମୟ ବିନୋଦନର ପରିଚୟ ଆମକୁ ଦେବାକୁ ଲାଗିଲେ । ସେ ସରକାରୀ କାର୍ଯ୍ୟ

କରନ୍ତି ସତ କିନ୍ତୁ ଅବସର ସମୟରେ ସେ ଅନ୍ୟାନ୍ୟ ବହୁ କାର୍ଯ୍ୟ କରନ୍ତି, ଯଥା—ଚିତ୍ରବିଦ୍ୟା, କାଠକାମ, ସଙ୍ଗୀତ ଚର୍ଚ୍ଚା ଇତ୍ୟାଦି । ସେ ଅଙ୍କିଥିବା ବହୁ ଚିତ୍ର ଆମକୁ ଦେଖାଇଲେ । ବାସ୍ତବିକ ତାଙ୍କର ଚିତ୍ରଗୁଡ଼ିକ ଖୁବ୍ ଉଚ୍ଚ ଧରଣର । ଆମକୁ ତାଙ୍କ ଭୂଇଁତଳ ପ୍ରକୋଷ୍ଠକୁ ନେଇ ଯାଇ ତାଙ୍କର କାଠ କାମର ଯନ୍ତ୍ରପାତି ସବୁ ଦେଖାଇଥିଲେ ଓ ତାଙ୍କ ଦ୍ୱାରା ତିଆରି କେତେ-ଗୁଡ଼ିଏ 'ଟେବୁଲ୍' 'ଷ୍ଟୁଲ୍' ପ୍ରଭୃତି ଆମକୁ ଦେଖାଇଥିଲେ । ତାପରେ ନିଜେ ପିଆନୋ ବଜାଇ ଆମକୁ କେତେଗୁଡ଼ିଏ ସଙ୍ଗୀତ ଶୁଣାଇଲେ । ବର୍ତ୍ତମାନ ତାଙ୍କର ବୟସ ପ୍ରାୟ ଷାଠିଏ ପାଖାପାଖି ହେଲାଣି । ଅଳ୍ପଦିନ ପରେ ସେ ସରକାରୀ କର୍ମରୁ ଅବସର ନେବେ । ତାପରେ ତାଙ୍କର ସମୟ କଟାଇବା ପାଇଁ ସେ ଏହି 'ହବି' ଗୁଡ଼ିକ ଉପରେ ବିଶେଷ ନଜର ଦେଉଛନ୍ତି । ବାସ୍ତବିକ ସେ ଦେଶରେ ଦେଖିଲି ଯେ ପ୍ରତ୍ୟେକ ବ୍ୟକ୍ତିର ପେଟ ପୋଷିବା ପାଇଁ ଆବଶ୍ୟକ ହେଉଥିବା ପ୍ରଧାନ କାମ ଛଡ଼ା ଅନେକଗୁଡ଼ିଏ ଗୌଣ କର୍ମ ବା 'ହବି' ଥାଏ । ଏହି 'ହବି'ହିଁ ମନୁଷ୍ୟକୁ ବହୁତ ଆନନ୍ଦ ଦେଇଥାଏ ଓ ମନୁଷ୍ୟ ଜୀବନକୁ ସରସ କରିଥାଏ । କାରଣ ଅନେକ କ୍ଷେତ୍ରରେ ଦେଖାଯାଏ ଯେ ପେଟ ପୋଷିବା ପାଇଁ ମନୁଷ୍ୟକୁ ବାଧ୍ୟହୋଇ ତାର ରୁଚି ପ୍ରତିକୂଳ କର୍ମ ମଧ୍ୟ କରିବାକୁ ପଡ଼ିଥାଏ । କିନ୍ତୁ 'ହବି' ବା ଗୌଣ କର୍ମ ହେଉଛି ମନୁଷ୍ୟର ସମ୍ପୂର୍ଣ୍ଣ ଇଚ୍ଛାଧୀନ । ସୁତରାଂ ଏହି କ୍ଷେତ୍ରରେହିଁ ମନୁଷ୍ୟ ବାସ୍ତବିକ ତାର ସହଜାତ ପ୍ରବୃତ୍ତି ପରିଚାଳିତ କର୍ମ କରିବାକୁ ସୁଯୋଗ ପାଇଥାଏ । ସେଥିପାଇଁ ଏହି 'ହବି' ବା ଗୌଣକର୍ମହିଁ ଅନେକ କ୍ଷେତ୍ରରେ ବେଶୀ ଆନନ୍ଦଦାୟକ ହୋଇଥାଏ ଓ ଜୀବନକୁ ସରସ କରିଥାଏ ।

ଜୀବନ ସରସ ହେଲେ ମନ ତଥା ଦେହ ଓ ସ୍ୱାସ୍ଥ୍ୟ ଭଲ ରହେ ଏବଂ ମନୁଷ୍ୟ ବହୁଦିନ ବଞ୍ଚି ରହିବାକୁ ସମର୍ଥ ହୋଇଥାଏ । କିନ୍ତୁ ଆମ ଦେଶରେ ଏହି 'ହବି' ବା ଗୌଣକର୍ମ ଉପରେ ବିଶେଷ ଦୃଷ୍ଟି ଦିଆଯାଉ ନ ଥିବାରୁ ଆମ ଦେଶର ଲୋକମାନଙ୍କର ଜୀବନ ଅନେକ ସମୟରେ ଦୁର୍ବିସହ ହୋଇ ପଡ଼େ । ବିଶେଷତଃ ସରକାରୀ ଚାକିରିଆମାନେ ଚାକିରିରୁ ଅବସର ନେଲା ପରେ ପାଣି ମଧ୍ୟରୁ ବାହାରି ଯାଇଥିବା ମାଛ ପରି ଛଟପଟ ହୋଇ ଅଳ୍ପଦିନ ମଧ୍ୟରେ ସଂସାରରୁ ବିଦାୟ ନେଇଥାନ୍ତି । ଏପରି ଅବସ୍ଥାରେ ପ୍ରତ୍ୟେକ ମନୁଷ୍ୟର କିଛି ନା କିଛି 'ହବି' ବା ଗୌଣକର୍ମ ରହିବା ଦରକାର । ଏହି ଅଭ୍ୟାସ ପିଲାଦିନରୁ ଆରମ୍ଭ କରିବାକୁ ହେବ । ନଚେତ୍ ଅନେକ କ୍ଷେତ୍ରରେ ତାହା ପୂର୍ଣ୍ଣ ବିକାଶ ଲାଭ କରି ପାରିବ ନାହିଁ । ସେ ଦେଶର ପିଲାମାନେ ପାଠ ପଢ଼ିବା ଛଡ଼ା ନାନାପ୍ରକାର 'ହବି' ବା ଗୌଣକର୍ମର ବିକାଶ କରିବାର ଅଭ୍ୟାସ କରନ୍ତି । କିଏ ବିଭିନ୍ନ ଦେଶର ଡାକ ଟିକଟ ସଂଗ୍ରହ କରେ, କିଏ ବିଭିନ୍ନ ଦେଶର ଛବି ସଂଗ୍ରହ କରି ରଖେ, କିଏ ଫଟୋ ଉଠାଇବାରେ ଲାଗେ, କିଏ ବା ଗୀତ କରିବାରେ, ବଗିଚା ବା କାଠକାମ କରିବାରେ ବା ସେମିତି କିଛି ନା କିଛି ଗୋଟାଏ କୌଣକର୍ମ କରିବାର ଅଭ୍ୟାସ କରେ । ଏହି 'ହବି' ବା ଗୌଣକର୍ମ ହିଁ ସେ ଦେଶର ନରନାରୀଙ୍କ ଜୀବନକୁ ସରସ ଓ ଉପଭୋଗ୍ୟ କରିଥାଏ ।

ଡିସେମ୍ବର ମାସ ତା ୧୫ ରିଖ ଦିନ ସକାଳେ ଆମେ ଅଣ୍ଟାରିଓ ଛାଡ଼ିଲୁଁ । 'ଟ୍ରାନ୍ସକାନାଡ଼ିଆନ୍ ଏୟାର ଲାଇନ'ର ବାସ୍ ଆମକୁ ଏୟାରପୋର୍ଟକୁ ନେଇଗଲା । ଆମ୍ଭେମାନେ ଉଡ଼ାଜାହାଜ ଯୋଗେ ନ୍ୟୁୟର୍କ ଅଭିମୁଖେ ଯାତ୍ରା କଲୁଁ । ବାଟରେ 'ମଣ୍ଟ୍ରିୟଲ୍' ବିମାନ

ଘାଟିରେ ପ୍ରାୟ ଦୁଇଘଣ୍ଟା ଅପେକ୍ଷା କରିବାକୁ ପଡ଼ିଲା । ସେଠାରେ ମଧ୍ୟାହ୍ନ ଭୋଜନଟା ସାରିନେଲୁଁ । ସେଠାରେ ଭାତ ଓ ଚିଙ୍ଗୁଡ଼ିମାଛର ଝୋଳ ଖାଇବାକୁ ପାଇଲୁଁ । ତାହା ବାସ୍ତବିକ ଆମ ପକ୍ଷରେ ଏକଅତି ଉପାଦେୟ ଖାଦ୍ୟ ହୋଇଥିଲା ।

ନ୍ୟୁୟର୍କରେ ପହଞ୍ଚିଲା ବେଳକୁ ଦିନ ପ୍ରାୟ ୩ଟା । ପୂର୍ବ ନିର୍ଦ୍ଦିଷ୍ଟ ଟ୍ୟୁଡର ହୋଟେଲ୍‌ରେ ଆଶ୍ରୟ ନେଲୁଁ । ପୁଣି ସେଇ ନ୍ୟୁୟର୍କ ସହରର ଗଗନଚୁମ୍ବୀ ପ୍ରାସାଦଶ୍ରେଣୀ ମଧ୍ୟରେ ବିଚରଣ କରିବାକୁ ହେଲା । ସନ୍ଧ୍ୟାବେଳେ ନ୍ୟୁୟର୍କ ସହରର ଅସଂଖ୍ୟ ଆଲୋକମାଳା ବାସ୍ତବିକ ଦେଖିବାର କଥା । ତା ପରେ ବଡ଼ଦିନ ନିକଟ ଆସୁଥିବାରୁ ଆଲୋକର ବ୍ୟବହାର ବହୁତ ବଢ଼ି ଯାଇଥାଏ । ଅନେକ ସ୍ଥାନରେ ବଡ଼ଦିନ ଗଛ ବା 'କ୍ରିଷ୍ଟମାସ୍ ଟ୍ରି' ପୋତାଯାଇ ସେଥିରେ ବିଭିନ୍ନ ରଙ୍ଗର ଇଲେକ୍‌ଟ୍ରିକ୍ ଆଲୋକ ଖଞ୍ଜା ଯାଇଥାଏ । ଏହି 'କ୍ରିଷ୍ଟମାସ୍ ଟ୍ରି' ହେଉଛି ଆମେରିକାର ଏକ ବିଶେଷତ୍ୱ । ଜଙ୍ଗଲମାନଙ୍କରେ ଏକ ପ୍ରକାର ସୁନ୍ଦର ଚିର ସବୁଜ ଗଛ ଜନ୍ମେ । ସେ ଗଛର ପତ୍ର ଡାଳ କାଟି ଆଣିବା ପରେ ମଧ୍ୟ ପ୍ରାୟ ଚାରି ମାସ ଯାଏ ଅବିକୃତ ରହେ । ବଡ଼ଦିନ ସମୟରେ ପ୍ରତ୍ୟେକ ଗୃହସ୍ଥ ଏହି କ୍ରିଷ୍ଟମାସ୍ ଟ୍ରିରୁ ଅନ୍ତତଃ ଗୋଟିଏ କିଣି ନିଜ ଦୁଆର ଆଗରେ ବା ନିଜ ଝିଡ଼କି ସାମନାରେ ସଜାଇ ରଖନ୍ତି ଓ ସେଥିରେ ନାନା ପ୍ରକାର ଇଲେକ୍‌ଟ୍ରିକ୍ ଆଲୋକ ଖଞ୍ଜି ଦିଅନ୍ତି । ଅନେକ ବ୍ୟବସାୟୀ ଏହି ସମୟରେ କ୍ରିଷ୍ଟମାସ୍ ଟ୍ରି ଅତି ଅଳ୍ପ ଅର୍ଥ ବ୍ୟୟରେ ଜଙ୍ଗଲମାନଙ୍କରୁ ସଂଗ୍ରହ କରି ଆଣି ବଡ଼ ବଡ଼ ସହରରେ ବହୁ ମୂଲ୍ୟରେ ବିକ୍ରୟ କରି ବହୁ ଲାଭବାନ୍ ହୋଇଥାନ୍ତି । ଆମ୍ଭେମାନେ ୱାଶିଂଟନ୍‌ରେ ଥିବାବେଳେ ଏହିପରି ଅସଂଖ୍ୟ 'କ୍ରିଷ୍ଟମାସ୍ ଟ୍ରି' ସଂଗୃହୀତ ହେଉଥିବାର

ଦେଖିଥିଲୁଁ । ଜଣେ ବ୍ୟବସାୟୀ ସହିତ ମଧ୍ୟ ଆମର ପରିଚୟ ହୋଇଥିଲା । ସେ ଓ ତାଙ୍କ ସ୍ତ୍ରୀ ଏବେ ଅର୍ଥଲାଭ କରିଥିଲେ ଯେ ଭାରତ ବୁଲିଯିବା ପାଇଁ ଏକ ପରିକଳ୍ପନା କରି ଭାରତ ବିଷୟରେ କିଛି ସମ୍ବାଦ ଜାଣିବା ପାଇଁ ଆମକୁ ଡାକି ଏକ ମଧ୍ୟାହ୍ନ ଭୋଜନରେ ଆମନ୍ତ୍ରିତ କରିଥିଲେ ।

ହଁ, ନ୍ୟୁୟର୍କରେ ପହଞ୍ଚିବାର ପର ଦିନ ଆମେ ପୁଣି ଗଲୁଁ ଇଉନାଇଟେଡ୍ ନେଶନ୍ ଅଫିସକୁ । ସେଠାରେ ଆମର ଫାଇନେଲ୍ ରିପୋର୍ଟ ଦାଖଲ କରିଦେଲୁଁ । ନ୍ୟୁୟର୍କରୁ ଫେରିବା ପ୍ଲେନ୍ ମଧ୍ୟ ବନ୍ଦୋବସ୍ତ ହୋଇଗଲା । ଇଉନାଇଟେଡ୍ ନେଶନର ଜଣେ କର୍ମଚାରୀ କହିଲେ ଯେ ଇଉନାଇଟେଡ୍ ଷ୍ଟେଟସ୍ ଛାଡ଼ିବା ପୂର୍ବରୁ ଇନ୍‌କମ୍‌ଟାକ୍ସ ବିଭାଗରୁ ଏକ ସାର୍ଟିଫିକେଟ ନେବାକୁ ପଡ଼ିବ, ନଚେତ୍ ଜାହାଜାଘାଟରେ ଅସୁବିଧା ଭୋଗିବାକୁ ହେବ କାରଣ କଷ୍ଟମସ୍ ବିଭାଗ ଏପରି ସାର୍ଟିଫିକେଟ ନ ଦେଖିଲେ ଛାଡ଼ିବେ ନାହିଁ । ସେଥିପାଇଁ ଆମକୁ ଇନ୍‌କମ୍‌ଟ୍ୟାକ୍ସ ଅଫିସକୁ ଯିବାକୁ ପଡ଼ିଲା । ସେଠାରୁ ଏକ ସାର୍ଟିଫିକେଟ ସଂଗ୍ରହ କରିବାକୁ ହେଲା । ମୁଁ ଯେଉଁ ଦିନ ଉକ୍ତ ସାର୍ଟିଫିକେଟ୍ ଆଣିବାକୁ ଯାଉଥିଲି ସେଦିନ ଦେଖିଲି ଯେ ସେଠାରେ ବହୁଲୋକର ସମାଗମ । ସମସ୍ତେ ସାର୍ଟିଫିକେଟ ପାଇଁ ବ୍ୟସ୍ତ । କିନ୍ତୁ ନିୟମ ଅନୁସାରେ ଜଣକ ପରେ ଜଣେ ଯିବାର କଥା । ସେଥିପାଇଁ ଅପେକ୍ଷା କରିବାକୁ ପଡ଼ିଲା । ସେଠାରେ ଜଣେ ସଂକ୍ଷ୍ଲାମୀ ଅଫିସରଙ୍କ ସହିତ ସାକ୍ଷାତ ହେଲା । ସାର୍ଟିଫିକେଟ ନେଇ ସାରିଲା ପରେ ଉକ୍ତ ଭଦ୍ରଲୋକଟି କହିଲେ ଖାଇବାକୁ ଯିବେ ? ମୁଁ କହିଲି 'ହଁ' । କାରଣ ସେତେବେଳକୁ ପ୍ରାୟ ଦିନ ଗୋଟାଏ ବାଜି ଯାଇଥିଲା । ସେ କହିଲେ ତେବେ ଆସନ୍ତୁ ଗୋଟିଏ ଭାରତୀୟ ହୋଟେଲକୁ

ଯିବା । ନ୍ୟୁୟର୍କରେ ଭାରତୀୟ ହୋଟେଲ ଥିବା କଥା ମୁଁ ପ୍ରଥମ ଥର ପାଇଁ ଶୁଣିଲି । ତା ପରେ ଆମେ ଗଲୁଁ ନ ୪୬ ନମ୍ବର ରାସ୍ତା ପଶ୍ଚିମ ଦିଗରେ ଥିବା ଏକ ଭୋଜନାଳୟକୁ । ଦେଖିଲି ଆଗରେ ସାଇନ୍‌ବୋର୍ଡ ମରାଯାଇଛି— ଭାରତ-ପାକିସ୍ଥାନ ହୋଟେଲ । ବାସ୍ତବିକ୍ ଅନ୍ତତଃ ଗୋଟିଏ ସ୍ଥାନରେ ଏହି ନ୍ୟୁୟର୍କ ସହରର ଏହି ଭୋଜନାଳୟଟିରେ ଭାରତ ଓ ପାକିସ୍ଥାନର ଏକତ୍ର ମିଳନ ଦେଖି ଆନନ୍ଦିତ ହେଲି । ତା ପରେ ଆମେ ଖାଇ ବସିଲୁଁ । ହୋଟେଲ ପରିଚାଳକ ସୁନା ମିଆଁଙ୍କ ସହିତ ପରିଚୟ ହେଲା । ସେ କହିଲେ ଯେ ସେ ପ୍ରାୟ ଦଶ ବର୍ଷ ତଳେ ଜାହାଜ ଖଲାସି ଭାବରେ ବଙ୍ଗଦେଶର ନୂଆଖାଲି ସହରରୁ ଆସିଥିଲେ । ନ୍ୟୁୟର୍କରେ ସେ ବସବାସ କରି ରହି ଯାଇଛନ୍ତି ଓ ଜଣେ ଆମେରିକାବାସୀ ସ୍ତ୍ରୀଙ୍କୁ ବିବାହ କରିଛନ୍ତି । ସେ ଓ ତାଙ୍କର ଜଣେ ସଙ୍ଗୀ ଏ ହୋଟେଲଟି ଚଳାନ୍ତି । ହୋଟେଲ୍‌ଟିରେ ଭାତ, ଡାଲି, ତରକାରି, ମାଛ ବା ମାଂସର ଝୋଲ ଓ ଜେଲ୍ଲବୀ ଖଜା ପ୍ରଭୃତି ଭାରତୀୟ ଖାଦ୍ୟ ମିଳେ । ସୁତରାଂ ଦୀର୍ଘ ଚାରିମାସ ପରେ ତୃପ୍ତି ସହିତ ଭାରତୀୟ ଖାଦ୍ୟ ଖାଇନେଲୁଁ । କଥା ପ୍ରସଙ୍ଗରେ ସୁନା ମିଆଁ କହିଲେ ଯେ ଆମେରିକାନ୍‌ମାନେ ଭାରତୀୟ ଖାଦ୍ୟ ଖାଇବା ପାଇଁ ବଡ଼ ଆଗ୍ରହ ପ୍ରକାଶ କରନ୍ତି । ତାର ନିଦର୍ଶନ ସ୍ୱରୂପ ଶନିବାର ରବିବାର ଏହି ଦୁଇ ଦିନ ତାଙ୍କ ହୋଟେଲରେ ବହୁତ ଭିଡ଼ ଜମିଥାଏ । ଅନେକ ଆମେରିକାନ୍ ସସ୍ତ୍ରୀକ ବା ବନ୍ଧୁ ସହିତ ଆସି ତାଙ୍କ ହୋଟେଲରେ ଆହାର କରନ୍ତି ।

ନ୍ୟୁୟର୍କରେ ପହଞ୍ଚିଲା ପରେ ପ୍ରଥମଥର ପାଇଁ ଶୁଣିବାକୁ ପାଇଲି ଯେ ଆମେରିକାର ବହୁ ବିଶ୍ୱବିଦ୍ୟାଳୟ ଓ ବହୁ ଅନୁଷ୍ଠାନ ପୃଥିବୀର ବିଭିନ୍ନ ଅଞ୍ଚଳର ଛାତ୍ରଛାତ୍ରୀମାନଙ୍କୁ ବହୁତ ବୃତ୍ତି ଦିଅନ୍ତି ।

ଇଉନାଇଟେଡ଼୍ ନେଶନ ବା ବିଶ୍ୱଜାତି ସଂଘ ଅଫିସକୁ ଯାଇ ଜଣକୁ ପଚାରିଲି ଏପରି କୌଣସି ବହି ଅଛି କି ଯେଉଁଥିରୁ ଏସବୁ ତତ୍ତ୍ୱ ବିଷୟ ଜାଣିହେବ । ସେତେବେଳେ ମନରେ ମୋର ଗୋଟିଏ କଳ୍ପନା ଜାଗି ଉଠିଥିଲା ଯେ ମୁଁ ଯଦି ଏହିସବୁ ତତ୍ତ୍ୱ ବିଷୟ ମୋ ଦେଶର ଶିକ୍ଷିତ ତରୁଣ ତରୁଣୀମାନଙ୍କୁ ଜଣାଇ ଦେଇ ପାରନ୍ତି ତେବେ ହୁଏତ ଅନେକେ ଅକ୍ଳେଶରେ ଆମେରିକା ଆସି ଉଚ୍ଚ ଶିକ୍ଷା ଲାଭ କରି ପାରନ୍ତେ । ଯାହାଙ୍କୁ ପଚାରିଥିଲି ତାଙ୍କର ନାମ ହେଉଛି ମିଷ୍ଟର ପଟେଲ୍ । ସେ ଜଣେ ଭାରତୀୟ କିନ୍ତୁ ଜଣେ ଆମେରିକା ବାସିନୀଙ୍କୁ ବିବାହ କରିଅଛନ୍ତି । ସେ ଇଉନାଇଟେଡ଼୍ ନେଶନ ବା ବିଶ୍ୱଜାତି ସଂଘ ଅଫିସରେ କାମ କରନ୍ତି । ସେ ମୋତେ କହିଲେ ଯେ **"Studies Abroad"** ବୋଲି ଖଣ୍ଡିଏ ବହି ନ୍ୟୁୟର୍କର କଲମ୍ବିଆ ଇଉନିଭରସିଟି ପକ୍ଷରୁ ପ୍ରକାଶିତ ହୁଏ । ସେଥିରୁ ଏସବୁ ଜାଣିହେବ । ମୁଁ ଦ୍ୱିତୀୟ ଥର ପାଇଁ ନ୍ୟୁୟର୍କ ଆସିବା ପରେ ଉକ୍ତ ବହିଖଣ୍ଡି ପାଇବା ପାଇଁ ବହୁ ସ୍ଥାନରେ ଅନୁସନ୍ଧାନ କଲି । ଶେଷରେ ଖବର ପାଇଲି ଯେ କେବଳ କଲମ୍ବିଆ ଇଉନିଭରସିଟି ପ୍ରେସ୍‌ରେ ତାହା ମିଳେ । ତାପରେ କଲମ୍ବିଆ ଇଉନିଭରସିଟିକୁ ଗଲି । ନ୍ୟୁୟର୍କ ସହରର ଗୋଟିଏ ପ୍ରାନ୍ତରେ ତାହା ଅବସ୍ଥିତ । ବାସ୍ତବିକ ଏକ ପ୍ରକାଣ୍ଡ ଇଉନିଭରସିଟି । ଉକ୍ତ ଇଉନିଭରସିଟି ପକ୍ଷରୁ ଏକ ପ୍ରେସ୍ ଓ ପୁସ୍ତକାଳୟ ଅଛି । ଉକ୍ତ ପୁସ୍ତକାଳୟକୁ ଯାଇ ଅନୁସନ୍ଧାନ କରିବାରେ ସେମାନେ କହିଲେ ଯେ ତାହା ଜାନୁଆରୀ ମାସରେ ପ୍ରକାଶିତ ହେବ—ଆପଣ ମୂଲ୍ୟ ଜମା ଦେଇ ଯାନ୍ତୁ ପୁସ୍ତକଟି ପଠାଇ ଦିଆଯିବ । ସେମାନଙ୍କ କହିବା ଅନୁସାରେ ବହିର ମୂଲ୍ୟ ଜମା ଦେଇ ଆସିଥିଲି । ସୁଖର କଥା ଯେ ମୁଁ ଭାରତ ଫେରିଲା

ପରେ ଉକ୍ତ ପୁସ୍ତକଟି ମୋଠାରେ ଆସି ପହଞ୍ଚିଛି । ମୋର ଇଚ୍ଛା ଯେ ଯଦି କୌଣସି ଛାତ୍ର ଛାତ୍ରୀ ଭାରତ ବାହାରକୁ ଶିକ୍ଷା ପାଇଁ ଯିବାକୁ ଇଚ୍ଛୁକ ଥାନ୍ତି ତେବେ ସେ ଅନୁସନ୍ଧାନ କଲେ ମୋ ନିକଟରୁ ସେ ସମ୍ବନ୍ଧରେ କୌଣସି ସଂବାଦ ପାଇ ପାରନ୍ତି ।

ନ୍ୟୁୟର୍କରେ ଫେରନ୍ତି ବାଟରେ ପ୍ରାୟ ପାଞ୍ଚ ସାତ ଦିନ ଥିଲି । ଉକ୍ତ ସମୟ ମଧ୍ୟରେ ନ୍ୟୁୟର୍କର କେତୋଟି ବିଶିଷ୍ଟ ଦର୍ଶନୀୟ ସ୍ଥାନ ଦେଖିବାକୁ ଚେଷ୍ଟା କରିଥିଲି । ଦିନେ ସନ୍ଧ୍ୟାବେଳେ ନ୍ୟୁୟର୍କ ରାସ୍ତାରେ ବୁଲି ବୁଲି ଦେଖିଲି ଯେ ଗୋଟିଏ ସ୍ଥାନରେ ଟେଲିଭିଜନ ଯନ୍ତ୍ର ଥୁଆ ହୋଇଛି । ପ୍ରଥମ ଥର ପାଇଁ ଟେଲିଭିଜନ ଯନ୍ତ୍ର ଦେଖିଲି ସେଠାରେ; ଠିକ୍ ଗୋଟିଏ ରେଡ଼ିଓ ଯନ୍ତ୍ର ଭଳି କିନ୍ତୁ ସାମନାରେ ଗୋଟିଏ କାଚ ପ୍ଲେଟ ଅଛି । ସେଥିରେ ଛବିଗୁଡ଼ିକ ଚଳଚ୍ଚିତ୍ରର ଛବି ଭଳି ଫୁଟି ଉଠେ । ସେତେବେଳେ ଜଣେ ଭଦ୍ରଲୋକ ବକ୍ତୃତା ଦେଉଥିଲେ । ତାଙ୍କର କଥା ଗୁଡ଼ିକ ଶୁଭିବା ସଙ୍ଗେ ସଙ୍ଗେ ତାଙ୍କର ମୂର୍ତ୍ତି, ମୁଖଭଙ୍ଗୀ ଓ ଅଙ୍ଗଚାଳନା ଇତ୍ୟାଦି ସମସ୍ତ ଦେଖା ଯାଉଥିଲା । ଏହାହିଁ ହେଉଛି ଆଧୁନିକ ବିଜ୍ଞାନର ଏକ ଅଦ୍ଭୁତ ଆବିଷ୍କାର ।

ଆଉ ଦିନେ ସନ୍ଧ୍ୟାରେ ନ୍ୟୁୟର୍କର ରାସ୍ତାରେ ବୁଲି ବୁଲି ଗୋଟିଏ ସ୍ଥାନରେ ଦେଖିଲି ଯେ (Amusement house) ବା ପ୍ରମୋଦ ଭବନ ବୋଲି ଲେଖା ଅଛି । କୌତୂହଳ ବଶତଃ ଉକ୍ତ ଘର ଭିତରକୁ ପଶିଗଲି । ସେଥିପାଇଁ ପ୍ରଥମେ ୨୫ସେଣ୍ଟ୍ ବା ଏକ ଟଙ୍କା ତିନିଅଣା ଦେବାକୁ ପଡ଼ିଲା । ଭିତରକୁ ଯାଇ ଦେଖିଲି ଯେ ଏକ ବିରାଟ ମେଳା ବସିଛି । ଶହ ଶହ ଲୋକ ସେଥିମଧ୍ୟରେ ବୁଲି ନାନା ପ୍ରକାର ଆମୋଦ ପ୍ରମୋଦରେ ଲିପ୍ତ ଅଛନ୍ତି । ଗୋଟିଏ ସ୍ଥାନରେ ଦେଖିଲି ଲେଖାଅଛି ଦୁଇ ମିନିଟ ମଧ୍ୟରେ ଆପଣାର

ଫଟୋ ଆପେ ଆପେ ଉଠାଇ ନିଅନ୍ତୁ । କୌତୂହଳ ହେଲା । ଦେଖିଲି କେତେକ ଲୋକ ସେ ଘର ଭିତରକୁ ଯାଉଛନ୍ତି ଓ ଦୁଇ ମିନିଟ ମଧ୍ୟରେ ଆପଣାର ଫଟୋ ଧରି ବାହାରି ଆସୁଛନ୍ତି । ମୁଁ ମଧ୍ୟ ତା ଭିତରେ ପଶିଲି । ଦେଖିଲି ଯେ ଗୋଟିଏ କେମେରା ସାମନାରେ ଥୁଆ ହୋଇଛି । ଆଗରେ ବସିବା ପାଇଁ ଚୌକୀ । ଲେଖାଅଛି ୨୫ ସେଣ୍ଟ୍ ଚଳାଇ ଦେଲେ ଆପଣଙ୍କର ଫଟୋ ଆପେ ଆପେ ଉଠିଯିବ । ଦୁଇ ମିନିଟ ଅପେକ୍ଷା କଲେ ଆପଣଙ୍କର ବାହାରି ଆସିବ ଚାରିଗୋଟି ଫଟୋ । ସୁତରାଂ ଇଚ୍ଛା କଲେ ୪ଟା ବିଭିନ୍ନ 'ପୋଜ୍'ରେ ଫଟୋ ନେଇ ପାରନ୍ତି । ମୁଁ ୨୫ ସେଣ୍ଟ୍ ଚଳାଇ ଦେଲି । ବାସ୍ ମୁହୂର୍ତ୍ତିକ ମଧ୍ୟରେ "ଫ୍ଲାସ୍‌ଲାଇଟ୍" ଜଳି ଉଠିଲା । ତାପରେ ଲଗ୍ ଲଗ୍ ଚାରିଥର ଆଲୋକ ଜଳି ଉଠିଲା । ମୁଁ ଅବଶ୍ୟ ପ୍ରତ୍ୟେକ ଥର ପାଇଁ ବିଭିନ୍ନ 'ପୋଜ'ରେ ମୁହଁ ବୁଲାଇ ଦେଇଥିଲି । ଦୁଇ ମିନିଟ ଅପେକ୍ଷା କଲା ପରେ ଚାରି ଗୋଟି ଫଟୋ ବାହାରି ଆସିଲା । ପାଖରେ ଗୋଟିଏ କଞ୍ଚୁରି ରଖା ଯାଇଥିଲା । ସେଥିରେ ଫଟୋ-ଗୁଡ଼ିକୁ ପରସ୍ପର ଠାରୁ ଛିନ୍ନ କରି ନେବାକୁ ହେଲା । ଫଟୋ-ଗ୍ରାଫର ନାହିଁ କମ୍ବା କେହି କେମେରା ଚଳାଇବାକୁ ନାହିଁ । ଅଥଚ ଆପେ ଆପେ ଫଟୋ ଉଠି ଯାଇଛି । ଦେଖି ବିସ୍ମିତ ହେଲି । ଅନ୍ୟ ଗୋଟିଏ ସ୍ଥାନରେ ଦେଖିଲି ଲେଖାଅଛି ୨୫ ସେଣ୍ଟ୍ ଦେଲେ ଆପଣଙ୍କର ଫ୍ରେମ୍ ବନ୍ଧା ଫଟୋଟିଏ ମଧ୍ୟ ଉଠିଯିବ । ଏ ଅଦ୍ଭୁତ ବିସ୍ମୟକର କଥା । ଧନ୍ୟ ଯନ୍ତ୍ର ଯୁଗ ।

ସେହି ପ୍ରମୋଦ ଭବନ ମଧ୍ୟରେ ଦେଖିଲି ଗୋଟିଏ ସ୍ଥାନରେ ଲେଖା ଅଛି—ମୋଟରକାର୍ ଚଳାଇ ଶିଖିବାର କୌଶଳ ଓ ପ୍ରତିଯୋଗିତା । କୌତୂହଳ ହେଲା । ସେଠାକୁ ଯାଇ ଦେଖିଲି

ଯେ ଗୋଟିଏ ବଡ ଡ୍ରମ୍ ଉପରେ ଗାରସବୁ କଟା ଯାଇଛି । ସେଥିରେ ଚଳାଇବା ପାଇଁ ଖେଳନା ମୋଟର କାର୍ କେତେଗୁଡ଼ିଏ ରଖା ଯାଇଛି । ବାହାରକୁ ମୋଟର ଷ୍ଟିୟରିଂ ଭଳି ଚକ ରଖା ଯାଇଛି । ସେ ଷ୍ଟିୟରିଂ ସହିତ ଖେଳନା ମୋଟର କାର୍‌ର ସମ୍ପର୍କ ରହିଛି । ଷ୍ଟିୟରିଂ ବୁଲାଇଲେ ଖେଳନା କାର୍‌ଗୁଡ଼ିକ ଚାଲନ୍ତି । ଖୁବ୍ ଜୋରରେ ମଧ୍ୟ ଚାଲନ୍ତି । ତିନୋଟି କି ଚାରୋଟି ଷ୍ଟିୟରିଂ ହୁଇଲ୍ ଧାଡ଼ି କରି ରଖାଯାଇଛି । ଏକା ସଙ୍ଗରେ ୩।୪ ଜଣ ଚାଳକ ପ୍ରତିଯୋଗିତାରେ ଯୋଗ ଦେଇ ପାରନ୍ତି । ଷ୍ଟିୟରିଂ ସାମନାରେ ଷ୍ଟୁଲ୍ ଉପରେ ବସି ଷ୍ଟିୟରିଂ ଧରି ଘୁରାଇବାକୁ ହୁଏ । ଦେଖିବାକୁ ହେବ ଯେପରି କାର୍ ଠିକ୍ ଲାଇନ୍ ଉପରେ ଚାଲିବ । ଏ ପାଖ ସେ ପାଖ ହେଲେ କିମ୍ବା ଅନ୍ୟ କାର୍ ସହିତ ସଂଘର୍ଷରେ ଆସିଲେ ପଏଣ୍ଟ କଟିଯିବ । ଏହିପରି ଭାବରେ ଷ୍ଟିୟରିଂ ଘୁରାଇବା ଫଳରେ ମୋଟରକାର୍ ଚଳାଇବା କୌଶଳର ପ୍ରାରମ୍ଭିକ ଶିକ୍ଷା ମନକୁ ମନ ହୋଇଯାଏ । ଆମୋଦ ପ୍ରମୋଦ ସଙ୍ଗେ ସଙ୍ଗେ ଶିକ୍ଷାର ଏହା ଏକ ଅଭିନବ କୌଶଳ । ଏହିପରି କୌଶଳ ଫଳରେ ଆଜି ଆମେରିକାର ପ୍ରତ୍ୟେକ ନର ନାରୀ ପ୍ରାୟ ମୋଟର ଚଳାଇ ଜାଣନ୍ତି । କାରଣ ଆମେରିକାରେ ପ୍ରତି ତିନି ଚାରିଜଣରେ ଖଣ୍ଡିଏ କରି ମୋଟର କାର୍ ନିଶ୍ଚୟ ଥାଏ । ଯେ ମୋଟର ରଖେ ତାକୁ ନିଶ୍ଚୟ ଚଳାଇ ଶିଖିବାକୁ ହୁଏ କାରଣ ଡ୍ରାଇଭର ନିଯୁକ୍ତ କରିବା ବଡ଼ ଖର୍ଚ୍ଚାନ୍ତ ବିଷୟ । ଏତେ ଖର୍ଚ୍ଚକରି ଡ୍ରାଇଭର ରଖି ମୋଟର ଚଢ଼ିବା ସେ ଦେଶ ଲୋକ ପକ୍ଷରେ ସମ୍ଭବ ପରନୁହେ ।

ସେଇ ପ୍ରମୋଦ ଭବନର ଅନ୍ୟ ଏକ ସ୍ଥାନରେ ଦେଖିଲି ରାଇଫଲ୍ ଚଳାଇବା ପ୍ରତିଯୋଗିତା ହେଉଛି । ଏକା ସଙ୍ଗରେ

ପାଞ୍ଚ ସାତ ପ୍ରତିଯୋଗୀ ଖେଳରେ ଯୋଗ ଦେଉଛନ୍ତି । ପ୍ରତ୍ୟେକଙ୍କୁ ଗୋଟିଏ ଲେଖାଏଁ "ଟଏ ରାଇଫଲ୍" ବା ନକଲି ବନ୍ଧୁକ ଯୋଗାଇ ଦିଆଯାଏ । ସାମନାରେ କିଛି ଦୂରରେ ନାନା ପ୍ରକାର ଲକ୍ଷ୍ୟ ରଖା ଯାଇଥାଏ । ଲକ୍ଷ୍ୟ ମଧ୍ୟ ବିଭିନ୍ନ ପ୍ରକାରର । କେଉଁଠି ସ୍ପ୍ରିଂ ଲଗା ବ୍ୟୋମଯାନ ଉଡ଼ାଇ ଦିଆ ଯାଇଥାଏ । ଖେଳାଳୀମାନେ ସେଇ ଉଡ଼ନ୍ତା ବ୍ୟୋମଯାନକୁ ଲକ୍ଷ୍ୟ କରି ରାଇଫଲ୍ ଗୁଳି ଛାଡ଼ନ୍ତି । ଯେ ଲକ୍ଷ ଭେଦ କରିପାରେ ସେ ଜିତିଯାଏ । ସେହିପରି ଦୌଡ଼ୁଥିବା ସ୍ପ୍ରିଂ ଲଗା ମୋଟର କାର୍ ମଧ୍ୟ ଲକ୍ଷ୍ୟ ସ୍ୱରୂପ ରଖା ଯାଇଥାଏ । ଏହି ପ୍ରକାର ଲକ୍ଷ୍ୟ ଭେଦ କୌଶଳ ଶିଖିବାଦ୍ୱାରା ଅଜ୍ଞାତଁ ଭାବରେ ଯୋଦ୍ଧୃ ମନୋଭାବ ଜାଗ୍ରତ ହୋଇଥାଏ । ଦେଖିଲି ସାଧାରଣତଃ ଅଳ୍ପ ବୟସ ତରୁଣ ତରୁଣୀମାନେ ଏ ପ୍ରକାର ପ୍ରତିଯୋଗିତାରେ ଯୋଗ ଦେଇଥାନ୍ତି ।

ଅନ୍ୟ ଗୋଟିଏ ସ୍ଥାନରେ ଦେଖିଲି ଯେ ନାନା ପ୍ରକାର "ଭ୍ୟୁମାଷ୍ଟର" ଯନ୍ତ୍ର ସବୁ ରଖାଯାଇଛି । ତା ତଳେ ନାନା ପ୍ରକାର ପ୍ରାକୃତିକ ଦୃଶ୍ୟର ଛବି ବିଭିନ୍ନ ଦେଶର ନଗର ସହର ବିଭିନ୍ନ ଦେଶର ଲୋକ, ପଶୁପକ୍ଷୀ ଇତ୍ୟାଦିର ଛବିସବୁ ରଖା ଯାଇଛି ଓ କେତେ ସୁନ୍ଦର ନର୍ତ୍ତକୀର ଛବି ମଧ୍ୟ ରଖାଯାଇଛି । ଗୋଟିଏ ସେଣ୍ଟ୍ କିମ୍ବା ଦୁଇଟି ସେଣ୍ଟ୍ ଗଳାଇ ଦେଲେ ସେ ସ୍ଥାନକୁ ଯିବାପାଇଁ ବାଟ ଖୋଲିଯିବ । ସେଇ ଯନ୍ତ୍ର ଉପରେ ଆଖି ରଖି ଚାହିଁଲେ ସେଇ ଛବି ସବୁ ଖୁବ୍ ବଡ଼ ବଡ଼ ଆକାରରେ ଦିଶିବ । ଯେ ଯେଉଁ ପ୍ରକୃତିର ଲୋକ ସେ ସେଇ ପ୍ରକାର ଛବି ଦେଖିବା ପାଇଁ ଯାଇଥାନ୍ତି ।

ସେଇ ପ୍ରମୋଦ ଭବନର ଅନ୍ୟ ଗୋଟିଏ ସ୍ଥାନରେ ଦେଖିଲି ଲେଖା ଅଛି—୨୫ ସେଣ୍ଟ୍ ଦେଲେ ପାତାଳ ପୁରୀର

ସୌନ୍ଦର୍ଯ୍ୟ ଓ ଆଶ୍ଚର୍ଯ୍ୟ ଜନକ ଖେଳ ଦେଖି ପାରିବେ । କୌତୂହଳ ହେଲା । ୨୫ ସେଣ୍ଟ୍ ଦେଇ ପାତାଳପୁରକୁ ପ୍ରବେଶ କଲି । ସେ ହେଉଛି ଭୂଇଁତଳ କୋଠରୀ । କେତେକ ପାହାଚ ଅତିକ୍ରମ କରି ତଳକୁ ତଳକୁ ଓହ୍ଲାଇ ଯାଇ ଗୋଟିଏ ଘରେ ପହୁଞ୍ଚିଲି । ସେଠାରେ ନାନା ପ୍ରକାର ଖେଳର ବ୍ୟବସ୍ଥା ଥାଏ । ଗୋଟିଏ ଖେଳରେ ଦେଖିଲି ଜଣେ ଯୁବତୀ ତାର ସର୍ବାଙ୍ଗରେ ନାନା ପ୍ରକାର ଚିତା କୁଟାଇ ଅର୍ଦ୍ଧନଗ୍ନ ଶରୀରରେ ନୃତ୍ୟ କରୁଥିଲା । ସେ କେବଳ ତାର ବେକଠାରୁ ମୁହଁଟି ବାଦ୍ ରଖି ଦେହର ଅବଶିଷ୍ଟାଂଶରେ ନାନା ରଙ୍ଗର ନାନା ପ୍ରକାର ଛବିର ଚିତା କୁଟାଇଛି । କେତେ ସାପ ବେଙ୍ଗ, ଅସୁର ଅସୁରୁଣୀ, ପକ୍ଷୀ ଶିକାରର କେତେ ଦୃଶ୍ୟ, କେତେ ବୃକ୍ଷଲତା, ପାହାଡ଼ ପର୍ବତ ନଦୀ ଝରଣାର ଛବି ସବୁ ତାର ଦେହରେ ସର୍ବାଙ୍ଗରେ ଚିତା କୁଟା ଯାଇଛି । ଏପରିକି ଜଙ୍ଘ ମୂଳରୁ ଆରମ୍ଭ କରି ପାଦ ପର୍ଯ୍ୟନ୍ତ ଓ ସ୍ତନ, ପେଟ, ପିଠି, ବାହୁ ମୂଳଠାରୁ ମଣିବନ୍ଧ ପର୍ଯ୍ୟନ୍ତ ସବୁ ସ୍ଥାନରେ ଚିତାକୁଟା ଯାଇଛି । ଏପରି ସର୍ବାଙ୍ଗରେ ଚିତା କୁଟାଇବା ଯେ କେଡ଼େ କଷ୍ଟକର ଓ ଯନ୍ତ୍ରଣାଦାୟକ ହୋଇଥିବ ତାହା ସହଜେ ଅନୁମେୟ । ତଥାପି ଏହା ଗୋଟାଏ ସଉକ୍ । ଆମ ଦେଶର ଗାଉଁଲି ସ୍ତ୍ରୀ ଲୋକେ ଆଗ କାଳରେ ବାହୁରେ ହାତରେ, ମୁହଁରେ ଚିତ କୁଟାଉଥିଲେ । ଏବେ ସୁଦ୍ଧା ଦକ୍ଷିଣାଞ୍ଚଳର କନ୍ଧଜାତିର ସ୍ତ୍ରୀଲୋକେ ମୁହଁ ମଧ୍ୟରେ ଗାର ଗାର କରି ଚିତା କୁଟାନ୍ତି । ସୁସଭ୍ୟ ଆମେରିକାରେ ମଧ୍ୟ ଚିତା କୁଟାଇବା କମ୍ ଆଦର ନୁହେ । ବିଶେଷତଃ ପୁରୁଷ ଲୋକେ ହାତରେ ବାହୁରେ ନାନାପ୍ରକାର ଚିତା କୁଟାଇଥାନ୍ତି । କିନ୍ତୁ ସର୍ବାଙ୍ଗରେ ଚିତା କୁଟାଇବା ଗୋଟାଏ ଅଦ୍ଭୁତ ଖିଆଲ୍ ଛଡ଼ା ଆଉ କିଛି

ହୋଇ ନ ପାରେ । ଶୁଣିଲି ତାଙ୍କର ଅନାବୃତ ଅଙ୍ଗପ୍ରତ୍ୟଙ୍ଗକୁ ଦେଖାଇ ଏହି ତରୁଣୀ ଏହି ପ୍ରମୋଦ ଭବନର ମାଲିକଙ୍କଠାରୁ ବହୁ ମୁଦ୍ରା ଆୟ ସ୍ୱରୂପ ପାଇଥାନ୍ତି ।

ସେଇ ପାତାଳପୁରୀର ଅନ୍ୟ ଏକ ସ୍ଥାନରେ ଦେଖିଲି— ଜଣେ ଏକ ଅଦ୍ଭୁତ ଅଭିନୟ ଆରମ୍ଭ କରି ଦେଇଛନ୍ତି । ତାଙ୍କର ଗୋଟିଏ ଫାଳ ପୁରୁଷ ଓ ଗୋଟିଏ ଫାଳ ନାରୀ । ଆମେ ପୁରାଣରେ ପଢ଼ିଥିଲୁ ଯେ ଈଶ୍ୱର ପାର୍ବତୀ ଅର୍ଦ୍ଧନାରୀଶ୍ୱର ରୂପ ଧାରଣ କରିଥିଲେ । ବର୍ତ୍ତମାନ ଆମେରିକାର ପ୍ରମୋଦ ଭବନର ଏହି ପାତାଳପୁରୀରେ ମୁଁ ଆଖିରେ ଦେଖିଲି ଏହି ଅର୍ଦ୍ଧନାରୀଶ୍ୱର ମୂର୍ତ୍ତି । ବାସ୍ତବିକ ଦେଖି ଆଶ୍ଚର୍ଯ୍ୟ ହେଲି ଯେ ଉକ୍ତ ଲୋକଟିର ଡାହାଣ ପାଖର ମୁହଁରେ ଦାଢି ଉଠିଛି, ସେଇ ପାଖର ବାହୁ ପୁରୁଷର ବାହୁପରି ସୁପୁଷ୍ଟ ଓ ମାଂସପେଶୀ ଯୁକ୍ତ । ସେଇ ପାଖର ଛାତି ମସୃଣ ଓ ପାଦର ପେଣ୍ଡା ବେଶ୍ ଦୃଢ଼ ମାଂସ ପେଶୀଯୁକ୍ତ । କିନ୍ତୁ ଶରୀରର ବାମ ପାଖରେ ନାରୀ ସୁଲଭ ମୁଖକାନ୍ତି ଓ ଅବୟବ ସୁସ୍ପଷ୍ଟ । ସେଇ ପାଖର ମୁହଁଟି ମସୃଣ, ବକ୍ଷ ବନ୍ଧୁର, ବାହୁ ଓ ପାଦ ସୁଗୋଲ ଓ ଅପେକ୍ଷାକୃତ କୃଶ । ସେ ନିଜେ ଆତ୍ମକାହାଣୀ ବର୍ଣ୍ଣନା କରୁଥାନ୍ତି । ତାଙ୍କର ଜନ୍ମ ହୋଇଥିଲା ଫ୍ରାନ୍ସରେ । ବର୍ତ୍ତମାନ ତାଙ୍କର ବୟସ ପ୍ରାୟ ୩୦ ବର୍ଷ ହେବ । ସେ ଇଂରାଜୀ ଓ ଫରାସୀଭାଷା ଲେଖି ପଢ଼ି ପାରନ୍ତି । ଏହାପରି ଆପଣାକୁ ଦେଖାଇ ସେ ବହୁ ଅର୍ଥ ରୋଜଗାର କରନ୍ତି । ମୁଁ ଦେଖିଲି ଦର୍ଶକମାନେ ସ୍ୱେଚ୍ଛାକ୍ରମେ କିଛି କିଛି ପଇସା ଦେଇ ଯାଉଥାନ୍ତି ।

ଏହାପରି ଭାବରେ ସର୍ତ୍ତପ୍ରାୟ ଏଗାରଟା ଯାଏ ମୁଁ ସେଇ ପ୍ରମୋଦ ଭବନରେ ରହି ନାନାପ୍ରକାର ଆମୋଦପ୍ରମୋଦ ଦେଖି ବହୁ ଆନନ୍ଦ ତଥା ଅଭିଜ୍ଞତା ଲାଭ କରିଥିଲି । ଦେଖିଲି ଯେ ଶହ

ଶହ ଆମେରିକାବାସୀ ଏହି ପ୍ରମୋଦ ଭବନକୁ ଆସୁଥାନ୍ତି ଓ ଘଣ୍ଟାଏ ଦୁଇଘଣ୍ଟା ରହି ଆମୋଦ ପ୍ରମୋଦ କରି ଚାଲି ଯାଉଥାନ୍ତି । ତା ଭିତରେ ଚାହା, କଫି ଆଇସ୍କ୍ରିମ୍ ଓ ଅନ୍ୟାନ୍ୟ ପାନି ସୁଅଦ କରିବାର ବ୍ୟବସ୍ଥା ମଧ୍ୟ ଥାଏ । ବାହାର ଅସି ଭାବଲି ଆମେରିକା ହେଉଛି ଗୋଟାଏ ଅଜବ ଦେଶ, ଅଦ୍ଭୁତ ସେ ଦେଶର ଲୋକଙ୍କର ଖିଆଲ ଓ ଆମୋଦ ପ୍ରମୋଦ ସ୍ପୃହା । ସନ୍ଧ୍ୟା ୭ଟା ଠାରୁ ରାତି ବାରଟା ଗୋଟାଏ ଯାଏ ଏହିପରି ହେ ଶହ ଆମୋଦ ପ୍ରମୋଦ ଗୃହ ଆମୋଦପ୍ରୟାସୀ ନରନାରୀ-ମାନଙ୍କ ଦ୍ୱାରା ଭରପୁର ହୋଇ ରହୁଥାଏ ।

ମୋର ନ୍ୟୁୟର୍କ ଛାଡ଼ିବାର ସମୟ ନିକଟ ହୋଇ ଆସୁଥାଏ । ଫେରନ୍ତି ବାଟରେ ଲଣ୍ଡନରୁ ଡେନମାର୍କ ଯିବାପାଇଁ ଅନୁମତି ମାଗି ପଠାଇଥିଲି ଆମ ସରକାରଙ୍କଠାକୁ । ବହୁଦିନ ଅପେକ୍ଷା କରି କୌଣସି ଜବାବ ନ ପାଇ ପ୍ରାୟ ନିରାଶ ହୋଇ ପଡ଼ିଥିଲି । ହଠାତ୍ ମୋର ବନ୍ଧୁବର ଶ୍ରୀଯୁକ୍ତ ପରମାନନ୍ଦ ଆଗ୍ରହୀ ମହାଶୟଙ୍କଠାରୁ ପତ୍ର ପାଇଲି ଯେ ସରକାର ମୋର ନିବେଦନ ମଞ୍ଜୁର କରିଛନ୍ତି । ତା ପଛେ ପଛେ ସରକାରଙ୍କଠାରୁ ଏକ ତାର ସମ୍ବାଦ ମଧ୍ୟ ପାଇଲି; ସୁତରାଂ ମନଟା ଉଦ୍‌ବୁଦ୍ଧ ହୋଇ ଉଠିଲା ପୁଣି ଗୋଟିଏ ନୂଆ ଦେଶ ଦେଖିବାପାଇଁ ।

ପୂର୍ବ ବ୍ୟବସ୍ଥା ଅନୁସାରେ ନ୍ୟୁୟର୍କ ଛାଡ଼ିବାର କଥା ଡିସେମ୍ବର ମାସ ୨୧ ତାରିଖରେ । ଦିନ ୨ଟା ବେଳେ ସହର ଉଡ଼ାଜାହାଜ ଷ୍ଟେସନରେ ପହଞ୍ଚିଲି । ଇଉନାଇଟେଡ୍ ନେଶନ୍ସ ଅଫିସର ଜଣେ ଇଂରେଜ କର୍ମଚାରୀ ମୋତେ ତାଙ୍କ କାର୍‌ରେ ନେଇ ଯାଇଥିଲେ । B.O.A.C. ଉଡ଼ାଜାହାଜ କମ୍ପାନୀର ବିଶାଳ ଉଡ଼ାଜାହାଜ 'ମନାର୍କ' ସନ୍ଧ୍ୟା ୫ଟାରେ ଛାଡ଼ିବାର କଥା ।

କିନ୍ତୁ ସେଦିନ ତାହା ଛାଡ଼ିବା ପାଇଁ ବହୁତ ବିଳମ୍ବ ହୋଇଥିଲା । ଉଡ଼ାଜାହାଜ ଷ୍ଟେସନ କର୍ମଚାରୀ ମୋତେ କହିଲେ ଯେ ତାଙ୍କ ଉଡ଼ାଜାହାଜର କେତେକ ଯନ୍ତ୍ରପାତି ପରୀକ୍ଷା କରିବା ପାଇଁ ପ୍ରାୟ ସାତ ଘଣ୍ଟା ସମୟ ଲାଗିଯିବ । ସେଥିପାଇଁ ରାତି ନଅଟାରେ ଉଡ଼ାଜାହାଜ ଷ୍ଟେସନକୁ ଯିବାକୁ ହେବ । ସନ୍ଧ୍ୟା ଭୋଜନ ପାଇଁ ସେ ମୋତେ ଚାରି ଡଲାର ଖଣ୍ଡିଏ ସେଣ୍ଟ୍ ଦେଇ ଦେଲେ ଓ ରାତି ନଅଟା ବେଳେ ଆସିବାକୁ କହିଲେ । ପ୍ରତ୍ୟେକ ଉଡ଼ାଜାହାଜରେ ଆରୋହୀମାନଙ୍କୁ ଖାଇବାକୁ ଦେବାର ବ୍ୟବସ୍ଥା ଥାଏ । ସେଥିପାଇଁ ଉଡ଼ାଜାହାଜ ଛାଡ଼ିବାରେ ବିଳମ୍ବ ହେବାରୁ ଖାଇବା ଖର୍ଚ୍ଚଟା ତାଙ୍କ ପକ୍ଷରୁ ମିଳିଗଲା ।

ସେ ଦିନ ନ୍ୟୁୟର୍କର ପାଗଟା ବଡ଼ ଖରାପ ଥାଏ । ଝିପି ଝିପି ବର୍ଷା ହେଉଥାଏ । ତଥାପି 'ଭାବିଲି, ବହୁତ ସମୟ ତ ଅଛି । ଉପରୁ ତ ଟଙ୍କା ମିଳିଲାଣି ଖାଇବା ଲାଗି । ଯାଉଛି ସେଇ ଭାରତୀୟ ଭୋଜନାଳୟକୁ ଯିବ ବେଶ୍ ମଜାରେ ଖିଆଟା ହେବ । ଗଲି, ଅବଶ୍ୟ ସେଥିପାଇଁ ପ୍ରାୟ ମାଇଲିଏ ଖଣ୍ଡେ ଚାଲିବାକୁ ପଡ଼ିଲା । କିନ୍ତୁ ଭୋଜନଟା ବେଶ୍ ତୃପ୍ତିର ସହିତ ହୋଇଗଲା । ଫେରିଲା ବେଳେ "ରକ୍‌ଫେଲର୍ ଇନ୍‌ଷ୍ଟିଟ୍ୟୁଟ" ନାମକ ଏକ ସୁବିଶାଳ ସୌଧ ଦେଖିଗଲି । ତାର ସାମନାରେ ସୁନ୍ଦର ଆଲୋକ ମାଳା ଭୂଷିତ ଏକ "ଖ୍ରୀଷ୍ଟମାସଗଛ" ରଖା ଯାଇଥିଲା । ପ୍ରାୟ ଘଣ୍ଟାଏ ଖଣ୍ଡେ ବୁଲି ଦେଖିଲି । ତାପରେ ଉଡ଼ାଜାହାଜ ଷ୍ଟେସନରେ ଯାଇ ପହଞ୍ଚିଲି ।

ରାତି ପ୍ରାୟ ଦଶଟାରେ ନ୍ୟୁୟର୍କ ସହରକୁ ବିଦାୟ ଦେଇ ଉଡ଼ାଜାହାଜ କମ୍ପାନୀର ବସ୍‌ରେ "ଲଗାରଡ଼ିଆ" ନାମକ ଉଡ଼ାଜାହାଜଘାଟିକୁ ଗଲି । ଉଡ଼ାଜାହାଜ ଘାଟି ବାସ୍ତବିକ

ଆଧୁନିକ ସଭ୍ୟତାର ଏକ ପୀଠସ୍ଥଳୀ କହିଲେ ଚଳେ । ବହୁ ଦେଶରୁ ବହୁ ଯାତ୍ରୀ ବହୁ ସ୍ଥାନକୁ ଯିବା ଆସିବା ଲାଗି ସେଠାରେ ସମବେତ ହୋଇଥାନ୍ତି । ଉଡ଼ାଜାହାଜ ଘାଟିରେ ପ୍ରାୟ ଘଣ୍ଟାଏ ଖଣ୍ଡେ ଅପେକ୍ଷା କରିବାକୁ ହେଲା । ତା ପରେ ଆମକୁ ବସିବା ସ୍ଥାନର ଟିକଟ ମିଳିଲା । ଦେଖିଲି ଯେ ଉଡ଼ାଜାହାଜର ପାଖ ଝରକା ନିକଟ ମଧ୍ୟ ଖମା ଭାଗରେ ପଡ଼ୁଛି, ମନଟା ଖୁସି ହୋଇଗଲା ।

ଠିକ୍ ରାତି ବାରଟା ବେଳେ ଉଡ଼ାଜାହାଜ ଛାଡ଼ିଲା । ଝରକା ବାଟେ ଚାହିଁ ଦେଖୁଥିଲି, ନ୍ୟୁୟର୍କ ସହରର ଅସଂଖ୍ୟ ଆଲୋକ ମାଳା ଉପରୁ ବେଶ୍ ସୁନ୍ଦର ଦିଶୁଥାଏ । ଯେପରି କି ଅସଂଖ୍ୟ ନକ୍ଷତ୍ର ଖଚିତ ଆକାଶ ଆମ ପାଦତଳେ ରହିଗଲା, ଉପରକୁ ଉଠିଗଲା ବ୍ୟୋମଯାନ । ଜାହାଜ ଚାଳକ ଡାକଦେଲେ କୋଡ଼ିଏ ହଜାର ଫୁଟ ଉଚ୍ଚରେ ଆମ ବିମାନ ଯିବ ଓ ଅନ୍ୟ କୌଣସି ସ୍ଥାନରେ ନ ଓହ୍ଲାଇ ସିଧା ସଳଖ ଯାଇ ଲଣ୍ଡନରେ ଓହ୍ଲାଇବ । ଏହାହିଁ ହେଉଛି ନ୍ୟୁୟର୍କ-ଲଣ୍ଡନ ମଧ୍ୟରେ ଦୈନିକ ଉଡ଼ାଜାହାଜ ଚଳାଚଳର ବ୍ୟବସ୍ଥା । ଉଡ଼ାଜାହାଜର ସିଟ୍ ପ୍ରସାରି ଦେଇ ଶୋଇ ପଡ଼ିଲି । ତହିଁ ପରଦିନ ସକାଳେ ନିଦ ଭାଙ୍ଗିଲା । ଉଠି ନିତ୍ୟକର୍ମ ସାରିଦେଲି । ଝରକାବାଟେ ଚାହିଁ ଦେଖିଲି— ସୂର୍ଯ୍ୟଙ୍କର ସୁନେଲି କିରଣ ଆମ ତଳେ ଥିବା ମେଘରାଶି ଉପରେ ପଡ଼ି ଏକ ସୁନ୍ଦର ଉପଭୋଗ୍ୟ ଦୃଶ୍ୟର ସୃଷ୍ଟି କରିଥାଏ । ତାପରେ ମେଘ ବିମୁକ୍ତ ଆକାଶରେ ଉଡ଼ାଜାହାଜ ଚାଲୁଥିବା ବେଳେ ତଳେ ଅସଂଖ୍ୟ ନଦୀ, ପର୍ବତ, ବଣ ଜଙ୍ଗଲ, ହ୍ରଦ ସାଗର ପ୍ରଭୃତି ନକ୍ସା କଲା ଭଳି ଉପରୁ ଦିଶୁଥାଏ । ସମୁଦ୍ର ଉପରେ ଗତି କଲାବେଳେ ସୁନୀଳ ସମୁଦ୍ରର ଜଳରାଶି ଯେପରି ଆକାଶ ସଙ୍ଗରେ ମିଶିଗଲା ପରି ଦିଶୁଥାଏ । ବ୍ୟୋମଯାନଚାରିଣୀ ତରୁଣୀ

ଘରଗୁରିକା ଖାଦ୍ୟଦ୍ରବ୍ୟ ସେଇ ବିମାନ ଉପରେ ପରଷି ଦେଇ ଯାଉଥାଏ । ଇଂଲଣ୍ଡ ନିକଟ ହୋଇ ଆସିଲା । ଆମକୁ ଘଡ଼ିର ଘଣ୍ଟା ପ୍ରାୟ ଛଅଘଣ୍ଟା ଆଗେଇ ଦେବାକୁ ପଡ଼ିଲା । ତାପରେ ପ୍ରାୟ ସନ୍ଧ୍ୟା ସମୟରେ ଉଡ଼ାଜାହାଜ ଅବତରଣ କଲା ଲଣ୍ଡନ ଉଡ଼ାଜାହାଜ ଘାଟିରେ ।

---

## [ଷୋହଳ]

### ଲଣ୍ଡନ ସହର

ଡିସେମ୍ବର ମାସ ତା ୨୨ ରିଖ ଠିକ୍ ସନ୍ଧ୍ୟାବେଳେ ଲଣ୍ଡନ ଉଡ଼ାଜାହାଜ ଘାଟିରେ ଆମର ବିମାନ ଓହ୍ଲାଇଲା । ସେତେବେଳକୁ ପ୍ରାୟ ୪ଟା ବାଜିଥାଏ; କିନ୍ତୁ ପାଗ ଏପରି ମେଘୁଆ ଓ କୁହୁଡ଼ିଆ ହୋଇଥିଲା ଯେ ସେଥିରେ ସଞ୍ଜ ହେଲା ପରି ଜଣା ଯାଉଥିଲା । ବିମାନଘାଟିରୁ ଲଣ୍ଡନ ସହରକୁ ଆସିବାପାଇଁ ବିମାନ କମ୍ପାନୀ ପକ୍ଷରୁ ବସ୍‌ର ବନ୍ଦୋବସ୍ତ ଥାଏ । ସେଇ ବସ୍‌ରେ ବସି ଲଣ୍ଡନ ସହରସ୍ଥ ଉଡ଼ାଜାହାଜ ଷ୍ଟେସନକୁ ଆସିଲି । ସେଠାରୁ ଗୋଟିଏ ଟାକ୍‌ସି ଧରି ଭାରତୀୟ ଛାତ୍ରାବାସ ଅଭିମୁଖରେ ପ୍ରସ୍ଥାନ କଲି ।

ଲଣ୍ଡନ ସହରର ରସେଲ ସ୍କୋୟାର ନାମକ ସ୍ଥାନର ଅଳ୍ପ ଦୂରରେ ୮୯ ନମ୍ବର ଗିଲ୍‌ଫୋର୍ଡ ଷ୍ଟ୍ରିଟ୍‌ରେ ଏହି ଭାରତୀୟ ଛାତ୍ରାବାସ ଅବସ୍ଥିତ । ସେଥିରେ ମୋର ବନ୍ଧୁ ଡାକ୍ତର ଗୋକୁଳାନନ୍ଦ ଦାଶ ଥିଲେ । ତାଙ୍କୁ ଆଗରୁ ଚିଠି ଲେଖିଥିଲି ମୋ ପାଇଁ ଗୋଟିଏ ରହିବା ସ୍ଥାନ ସ୍ଥିର କରିବାପାଇଁ । ଲଣ୍ଡନ ବାଟେ ଗଲାବେଳେ ମଧ୍ୟ ତାଙ୍କ ସହିତ ଦେଖାକରି ଯାଇଥିଲି

ଏହି ଭାରତୀୟ ଛାତ୍ରାବାସରେ ତାଙ୍କର କୋଠରୀ ଭିତରେ; ସୁତରାଂ ସ୍ଥାନଟି ଜଣା ହୋଇଥିଲା ଆଗରୁ ।

ଭାରତୀୟ ଛାତ୍ରାବାସରେ ପହଞ୍ଚି ଦେଖେଁ ତ ସେଠାରେ ଭାରତୀୟ ଛାତ୍ରଛାତ୍ରୀମାନଙ୍କର ଏକ ମେଳା ବସିଛି କହିଲେ ଚଳେ । ଆମେରିକା ଫେରନ୍ତା କେତେ ଯାତ୍ରୀ ମଧ୍ୟ ମୋହରି ପରି ଅସ୍ଥାୟୀ ପ୍ରାର୍ଥୀ ହୋଇ ସେଠାରେ ପହଞ୍ଚୁଥାନ୍ତି । ନୂଆ ହୋଇ ଲଣ୍ଡନ ଆସିଥିବା କେତେ ଛାତ୍ରଛାତ୍ରୀ ମଧ୍ୟ ସେଠାରେ ଗଣ୍ଡିଏ ପନ୍ଧରି ଉପସ୍ଥିତ ହେଉଥାନ୍ତି । ମୁଁ ମଧ୍ୟ ସେହିପରି ସେଠାରେ ପହଞ୍ଚି ଜିନଷ ପତ୍ର ଉତାରି ଦେଲି । ଅଫିସ ଘରକୁ ପଶିଯାଇ ଦେଖିଲି ଯେ ଜଣେ ଭାରତୀୟ ଲେଖା ପଢ଼ା କରୁଛନ୍ତି । ବୁଝିଲି ଯେ ତାଙ୍କ ନାମ ହେଉଛି ମିଷ୍ଟର ରାୟ ଓ ସେ ହେଉଛନ୍ତି ଭାରତୀୟ ଛାତ୍ରାବାସର ପରିଚାଳକ । ମୁଁ ତାଙ୍କୁ ଡାକ୍ତର ଦାଶଙ୍କ କଥା ପଚାରିଲି । ମୁଁ ଆମେରିକାରୁ ଫେରିଥିବା ଶୁଣି ସେ କହିଲେ— ଆପଣ ତ ଖାଇ ନ ଥିବେ । ଆଗ ଆପଣ ଯାନ୍ତୁ ଆମ ଖାଇବା ଘରକୁ । ସେଠାରେ ମୋର ସ୍ତ୍ରୀ ଟିକଟ ଦେଉଛନ୍ତି । ଆପଣ ଚାରି ଶିଲିଂ ଦେଇ ଟିକଟଟିଏ କିଣି ଖାଇ ନିଅନ୍ତୁ । ଡାକ୍ତର ଦାଶ ବଳେ ଆସିବେ ଯେ ।

ବାସ୍ତବିକ ସେତେବେଳକୁ ମୋତେ ଖୁବ୍ ଭୋକ ଲାଗୁଥାଏ । ତାଙ୍କ କଥା ଅନୁସାରେ ମୁଁ ତଳ କୋଠରୀରେ ଥିବା ଖାଇବା ଘରକୁ ଗଲି । ଦେଖିଲି ଅନେକ ଛାତ୍ରଛାତ୍ରୀ ଖାଇ ବସିଛନ୍ତି । ଟିକଟ ଯେ ଦେଉଛନ୍ତି ସେ ହେଉଛନ୍ତି ଜଣେ ଶ୍ୱେତାଙ୍ଗୀ ମହିଳା । ଭାବିଲି ମିଷ୍ଟର ରାୟ ଯେ କହିଲେ ତାଙ୍କ ସ୍ତ୍ରୀ ଯେ ଟିକଟ ଦେଉଛନ୍ତି ସେ କଥାଟା କ'ଣ ମିଛ ? କିନ୍ତୁ ପରେ ଜାଣିଲି ଯେ ମିଷ୍ଟର ରାୟ ଜଣେ ଶ୍ୱେତାଙ୍ଗୀ 'ଆଇରିସ୍ ମହିଳା ବିବାହ

କରିଛନ୍ତି । ଉକ୍ତ ମହିଳାଙ୍କର ପୋଷାକ ପତ୍ରରୁ ମଧ୍ୟ ତାହା ଜଣା ପଡ଼ୁଥିଲା; କାରଣ ସେ ଶାଢ଼ୀ ପିନ୍ଧିଥିଲେ । ଯାହାହେଉ, ତାଙ୍କଠାରୁ ଟିକଟ ନେଇ ଖାଇ ବସିଲି ।

ଇଂରାଜ ପରିଚାରିକା ପରଷି ଦେଇଗଲା ଭାତ, ଡାଲି, ତରକାରୀ, ମାଂସର ଝୋଳ ଇତ୍ୟାଦି । ପୂରାପୂରି ଭାରତୀୟ ଖାଦ୍ୟ । ଭାରତୀୟ ଛାତ୍ରାବାସରେ ଭାରତୀୟ ଖାଦ୍ୟ ପାଇଁ ଛାତ୍ରାବାସରେ ରହୁଥିବା ବ୍ୟକ୍ତିମାନଙ୍କ ଛଡ଼ା ବାହାରେ ଥିବା ଅନେକ ଭାରତୀୟ ନରନାରୀ ମଧ୍ୟ ସନ୍ଧ୍ୟା ସମୟରେ ସେଠାରେ ଆସି ସମବେତ ହେଉଥିଲେ; ସୁତରାଂ ବେଶ୍ ଆରାମରେ ଭୋଜନ କରିବାରେ ଲାଗିଲି । ଏତିକିବେଳେ ଡାକ୍ତର ଦାଶ ମଧ୍ୟ ଆସି ସେଠାରେ ଉପସ୍ଥିତ ହେଲେ ଓ ମୋତେ ଦେଖି ଅବାକ୍ ହୋଇଗଲେ । କହିଲେ ଆପଣ କେତେବେଳେ ଆସି ଖାଇବା ଘରେ ହାଜର ହେଲେଣି ?

ତାପରେ ସେ ମଧ୍ୟ ଖାଇ ବସିଲେ । ଖାଇ ସାରିଲା ପରେ ସେ ଓ ତାଙ୍କ ସଙ୍ଗେ ଥିବା ଜଣେ ଭାରତୀୟ ଡାକ୍ତର କେଶରୀ ମୋର ଜିନଷ ପତ୍ର ଧରି ପାଖରେ ଥିବା ହାମିଲଟନ ହୋଟେଲ ନାମକ ଏକ ହୋଟେଲକୁ ମୋତେ ନେଇଗଲେ । ଡାକ୍ତର ଦାଶ ଉକ୍ତ ହୋଟେଲରେ ମୋ ପାଇଁ ସ୍ଥାନ ସ୍ଥିର କରିଥିଲେ ଆଗରୁ । ଉକ୍ତ ହୋଟେଲର ମାଲିକଆଣୀ ହେଉଛନ୍ତି ମିସେସ ଜେଗ୍ରି ନାମକ ଏକ ବୃଦ୍ଧା ମହିଳା । ଡାକ୍ତର ଦାଶଙ୍କ ସହିତ ତାଙ୍କର ବେଶ ସୌହାର୍ଦ୍ଦ୍ୟ ଥିଲା; କାରଣ ଡାକ୍ତର ଦାଶ ଆଗରୁ ତାଙ୍କର ହୋଟେଲରେ ରହୁଥିଲେ । ସୁତରାଂ ସେତେବେଳେ ସ୍ଥାନର ଅଭାବ ଥିଲେ ସୁଦ୍ଧା ଡାକ୍ତର ଦାଶଙ୍କର ଅନୁରୋଧ ଏଡ଼ାଇ ନ ପାରି ସେ ମୋ ପାଇଁ ଗୋଟିଏ ସ୍ଥାନ ରିଜର୍ଭ କରି ରଖିଥିଲେ ।

ସେଥିପାଇଁ ମୁଁ ସେ ହୋଟେଲରେ ଯେତେ ଦିନ ଥିଲି ସେତେ
ଦିନ ସେଠାରେ "ଡାକ୍ତର ଦାଶଙ୍କର ବନ୍ଧୁ" ବୋଲି ପରିଚି
ହେଉଥିଲି ।

ଉକ୍ତ ହୋଟେଲର ପ୍ରକୋଷ୍ଠ ମଧ୍ୟକୁ ଯାଇ ଦେଖିଲି ଯେ
ଆମେରିକାର ହୋଟେଲ ତୁଳନାରେ ତାହା ବହୁତ ନିକୃଷ୍ଟତର ।
ଆମେରିକାର ସବୁ ଘରଗୁଡିକ ପ୍ରାୟ ଇଲେକ୍‌ଟ୍ରିକ୍ ହିଟର୍ ଦ୍ୱାର
ଗରମ ରଖା ଯାଇଥାଏ । କିନ୍ତୁ ଲଣ୍ଡନରେ ସେ ବନ୍ଦୋବସ୍ତ ନାହିଁ
ସୁତରାଂ ଲଣ୍ଡନର ଘର ଭିତର ମଧ୍ୟ ବାହାର ପରି ଯଥେଷ୍ଟ ଥଣ୍ଡା
ବୋଧ ହେଉଥାଏ । ଅବଶ୍ୟ ଘର ଭିତରେ ଗ୍ୟାସ୍ ଦ୍ୱାର
ନିଆଁ କରିବାର ଓ ଘରକୁ ଗରମ କରିବାର ସୁବିଧା ଥାଏ ଓ
ସେଥିପାଇଁ ଦୁଇ ପେନି ମୁଦ୍ରାଟିଏ ଗଳାଇ ଦେଇ ଦିଆସିଲି କାଠି
ଲଗାଇ ଦେଲେ ନିଆଁ ଜଳିଉଠେ । କିନ୍ତୁ ରାତିରେ ଗ୍ୟାସ୍
ନିଆଁ ଜଳାଇ ଶୋଇବା ସ୍ୱାସ୍ଥ୍ୟ ପକ୍ଷରୁ ନିରାପଦ ନୁହେଁ ।
ସେଥିପାଇଁ ମୁଁ ଶୋଇଲା ବେଳେ ନିଆଁ ନିଭାଇ ଦେଉଥିଲି ।

ଆମେରିକାର ହୋଟେଲମାନଙ୍କରେ ଘୋଡ଼ି ହେବା ପାଇଁ
ରଗ୍ ବା କମ୍ବଳ ଦେଉଥିଲେ; କିନ୍ତୁ ଲଣ୍ଡନରେ ରେଜେଇ
ରଖାଯାଇଥିବାର ଦେଖିଲି । ଆମେରିକା ତୁଳନାରେ ପାଇଖାନ
ଓ ଗାଧୁଆ ଘର ମଧ୍ୟ ନିକୃଷ୍ଟତର । ଆମେରିକାର ଧନ ଗୌରବ
ତୁଳନାରେ ଲଣ୍ଡନର ଦୈନ୍ୟ ବେଶ୍ ସୁସ୍ପଷ୍ଟ ହୋଇ ଉଠୁଥିଲ
ପ୍ରତ୍ୟେକ କ୍ଷେତ୍ରରେ । ଲଣ୍ଡନର ଅବସ୍ଥା ଗୋଟିଏ ଖାନ୍‌ଦାନ୍
ଧନୀ ପରିବାର ଗରିବ ହୋଇ ଯାଇଥିଲେ ଯେପରି ହୋଇଥାଏ
ସେହିପରି ଜଣାଯାଉଥିଲା । ଘରଗୁଡ଼ିକ କଳା କଳା ଦିଶୁଥାଏ ।
ଘର ଭିତର ମଧ୍ୟ ମଇଳା ଦିଶୁଥାଏ । କବାଟ ଝରକାରେ

ଯେପରି କେତେ ଦିନୁ ରଙ୍ଗ ତୁଳି ବାଜି ନ ଥାଏ । କେତେ ସ୍ଥଳରେ କବାଟ ଝରକାର କାଚ ମଧ୍ୟ ଭାଙ୍ଗି ଯାଇଥାଏ ।

ତଥାପି ଲଣ୍ଡନ ବାସୀମାନଙ୍କ ମନରେ ସେ ଦୈନ୍ୟର ଗୃପ ଆଦୌ ପଡ଼ୁ ନ ଥିଲା ବୋଲି ମନେ ହେଉଥାଏ । ସମଗ୍ର ଜାତିଟା ଯେପରି ଏକ ମହା ପରୀକ୍ଷାର ସମ୍ମୁଖରେ ଦଣ୍ଡାୟମାନ ହେଲା ପରି ଜଣା ପାଉଥାଏ ।

କିଛିକ୍ଷଣ କଥାବାର୍ତ୍ତା ହେଲା ପରେ ଡାକ୍ତର ଦାଶ ବିଦାୟ ନେଇଗଲେ । ତାଙ୍କର ବନ୍ଧୁ ଡାକ୍ତର କେଶରୀ ହାମିଲ୍‌ଟନ ହୋଟେଲରେ ରହୁଥିଲେ । ସେ ମଧ୍ୟ ତାଙ୍କ ଘରକୁ ଶୋଇବାକୁ ଗଲେ । ମୁଁ ମଧ୍ୟ ବେଳେଇ ଘୋଡ଼ି ହୋଇ ଶୋଇ ପଡ଼ିଲି । କିନ୍ତୁ ତଥାପି ଶୀତରେ ଦେହ କମ୍ପି ଉଠୁଥାଏ । ମନେ ମନେ ଆମେରିକାର ରହିବା ଘର ଭିତରର ଉଷ୍ଣ ବାୟୁମଣ୍ଡଳ କଥା ଭାବି ଶୋଇ ପଡ଼ିଲି ।

ତହିଁ ପରଦିନ ସକାଳେ ଉଠି ଡାକ୍ତର କେଶରୀଙ୍କ ସହିତ ଗଲି ଇଉନାଇଟେଡ଼ ନେଶନ ଅଫିସକୁ । ଉକ୍ତ ଅଫିସ ନିକଟରେ ରସେଲ ସ୍କୋୟାର ଉପରେ ଏକ ପ୍ରକାଣ୍ଡ କୋଠାରେ ଅବସ୍ଥିତ । ଆମେରିକା ଛାଡ଼ିଲା ବେଳେ ବିଶ୍ୱଜାତି ସଂଘର ଜଣେ ଇଂରାଜ କର୍ମଚାରୀ ମୋ ହାତରେ ଲଣ୍ଡନସ୍ଥ ତାଙ୍କର ପିଲାମାନଙ୍କ ନିକଟକୁ କେତେକ ବଡ଼ ଦିନ ଉପହାର ପଠାଇଥିଲେ । ତାହା ଲଣ୍ଡନ ବିଶ୍ୱଜାତି ସଂଘ ଅଫିସର ଡାଇରେକ୍ଟରଙ୍କୁ ଦେଇ ଦେଲି । ସେ ସ୍ୱତଃ ପ୍ରବୃତ୍ତ ହୋଇ ମୋର ଲଣ୍ଡନରୁ ଡେନମାର୍କ ଯିବା ସମ୍ବନ୍ଧେ ବନ୍ଦୋବସ୍ତ କରିଦେବା ପାଇଁ ତାଙ୍କ ଅଫିସର ଜଣେ କର୍ମଚାରୀଙ୍କୁ କହିଲେ । ଉକ୍ତ କର୍ମଚାରୀ ମୋର ଟିକଟ୍ ନେଇ B, O. A. C. କମ୍ପାନୀ ଅଫିସକୁ ଟେଲିଫୋନ କରି ମୋର ଟିକଟ

ବଦଳେଇ ଦେବା ପାଇଁ ଅନୁରୋଧ କଲେ । ତାଙ୍କ ଅନୁରୋଧ ଫଳରେ ଅକ୍ଲେଣ୍ଡର ମୋର ଟିକଟ ବଦଳାଇ ଦେଲେ । ସେଥି-ପାଇଁ ଅବଶ୍ୟ ଅଧିକା ଏଗାର ପାଉଣ୍ଡ ମୋତେ ଦେବାକୁ ପଡ଼ିଥିଲା ।

ସେଠାରୁ ଆସି ଡେନମାର୍କ ଡେଲିଗେସନ ଅଫିସକୁ ଯାଇ ଡେନମାର୍କ ପାଇଁ ଏକ ଭିସା ବା ଅନୁମତି ପତ୍ର ନେଇ ନେଲି । ଏହି ଭିସା ନେବା ପାଇଁ କୌଣସି ଅସୁବିଧା ହୋଇ ନ ଥିଲା । ପ୍ରାୟ ପନ୍ଦର ମିନିଟ ମଧ୍ୟରେ 'ଭିସା' ଟା ମୋତେ ମିଳି ଯାଇଥିଲା ।

ତାପରେ ଆମ୍ଭେମାନେ ଗଲୁଁ "ଇଣ୍ଡିଆ ହାଉସ୍" ବା ଭାରତୀୟ ଦୂତାବାସକୁ । ଇଣ୍ଡିଆହାଉସ ହେଉଛି ଲଣ୍ଡନର 'ଅଲ୍‌ଡ୍‌ଉଇଚ୍' ନାମକ ସ୍ଥାନରେ ଅବସ୍ଥିତ ଏକ ପ୍ରକାଣ୍ଡ କୋଠା । ଅଫିସ ବାହାରେ ଭୁବନେଶ୍ୱର ମନ୍ଦିର ପ୍ରଭୃତି ଭାରତର କେତେ ବିଶିଷ୍ଟ ଦର୍ଶନୀୟ ସ୍ଥାନର ଫଟୋ ରଖାଯାଇଛି । ଭିତରେ ମହାତ୍ମା ଗାନ୍ଧି ଓ କବି ରବୀନ୍ଦ୍ରନାଥ ଠାକୁରଙ୍କର ପ୍ରତିକୃତି ରହିଛି ।

'ଇଣ୍ଡିଆହାଉସ୍' ହେଉଛି ଲଣ୍ଡନସ୍ଥ ଭାରତୀୟମାନଙ୍କର ମିଳନ ସ୍ଥାନ । ବହୁ ଛାତ୍ରଛାତ୍ରୀ ଉକ୍ତ ଅଫିସରେ ପ୍ରତ୍ୟହ ଜମା ହୋଇଥାନ୍ତି । ସେମାନଙ୍କ ବସିବା ପାଇଁ ଗୋଟିଏ ସୁସଜ୍ଜିତ କୋଠରି ଅଛି ଓ ସେଥିରେ ଇଂରାଜୀ ଓ ହିନ୍ଦି ପତ୍ର ପତ୍ରିକା ମଧ୍ୟ କେତେକ ରଖାଯାଇଛି ।

ଇଣ୍ଡିଆ ହାଉସ୍‌ର ସପ୍ତମ ତଳରେ ଏକ ଭୋଜନାଳୟ । ଭାରତୀୟ ଖାଦ୍ୟପେୟର ବ୍ୟବସ୍ଥା ଅଛି ସେଠାରେ । ଅବଶ୍ୟ ଇଂରାଜ ମହିଳା ପରିଚାରିକାମାନଙ୍କ ଦ୍ୱାରା ପରଷା ହୋଇଥାଏ । 'ଅଟୋମେଟା' ଧରଣରେ ଚଳାଯାଏ । ଅର୍ଥାତ ଭୋଜନେଚ୍ଛୁ ଖରିଦଦାର ଖଣ୍ଡିଏ ଟ୍ରେ (କାଠି ଥାଳିଆ) ଓ ଖଣ୍ଡେ କଣ୍ଟା ଚାମୁଚ ଧରି ଗଲେ ଭାତ, ଡାଲି, ତରକାରି, ମସଲାଦିଆ ମାଛ ତରକାରି,

ମାଂସ ତରକାରି ଇତ୍ୟାଦ ଯାହା ଗ୍ରହବ ତାହା କଣି ନେବ । ତାପରେ ଗୋଟିଏ ଟେବୁଲ ଉପରେ ସେଗୁଡ଼ିକ ରଖି ଖାଇ ବସିବ । ସେଠାରେ ଯେଉଁ ଖାଦ୍ୟ ଯୋଗାଇ ଦଆଯାଏ ସାଧାରଣ ଭୋଜନାଳୟ ଅପେକ୍ଷା ତାହା ଅପେକ୍ଷାକୃତ ଶସ୍ତା ଥାଏ । ସେଥି ପାଇଁ ଭାରତୀୟ ଦୂତାବାସର କର୍ମଚାରୀଙ୍କ ଛଡ଼ା ଅନ୍ୟାନ୍ୟ ଅନେକେ ମଧ୍ୟ ଉକ୍ତ ଭୋଜନାଳୟରେ ଭୋଜନେଚ୍ଛାରେ ସମବେତ ହୋଇଥାନ୍ତି ।

ଡେନମାର୍କ ଯିବା ପାଇଁ ଆମ ସରକାର ମୋତେ ଏକାହଜାର ଟଙ୍କା ମଞ୍ଜୁର କରିଥାନ୍ତି । ଉକ୍ତ ଟଙ୍କା ପାଇବା ଉଦ୍ଦେଶ୍ୟରେ ମୁଁ 'ଇଣ୍ଡିଆହାଉସ'କୁ ଯାଇଥିଲି । ପ୍ରଥମେ ବୁଝିଦେଲି ଯେ ଦୂତାବାସର ସାଧାରଣ ବିଭାଗ (General Departmnent)ର ସେକ୍ରେଟାରୀଙ୍କ ଠାରୁ ତାହା ମିଳିବ । ସେଥିପାଇଁ ଷଷ୍ଠତଳରେ ଥିବା ଉକ୍ତ ବିଭାଗକୁ ଗଲି । ସେଥିର ସେକ୍ରେଟାରୀ ହେଉଛନ୍ତି ଜଣେ ବଙ୍ଗୀୟ ଭଦ୍ରଲୋକ ମିଷ୍ଟର ଏସ୍. ଏନ୍. ଦତ୍ତ । ତାଙ୍କ ସଙ୍ଗେ ଦେଖା ହେଲା । ବଡ଼ ମେଳାପି ଲୋକ । ମୁହୂର୍ତ୍ତିକର ପରିଚୟରେ ବେଶ ବନ୍ଧୁତା ଜମି ଉଠିଲା । ସେ ମହାଶୟ ତାଙ୍କର ସହକର୍ମୀ ମିଷ୍ଟର ମାନସ୍‌ଫିଲ୍ଡ଼ ନାମକ ଏକ କର୍ମଚାରୀଙ୍କୁ ଡକାଇ ମୋ ବିଷୟ ବୁଝିବାକୁ କହିଲେ । ତାପରେ କହିଲେ ତାଙ୍କର ଏକାଉଣ୍ଟାସ୍ ଅଫିସରୁ ମୋତେ ଉକ୍ତ ଟଙ୍କା ଦେବାକୁ ହେବ । ଉକ୍ତ ଅଫିସ ଅନ୍ୟ ଗୋଟିଏ ଷ୍ଟ୍ରିଟ୍‌ରେ ଅବସ୍ଥିତ । ପରେ ମୁଁ ସେଠାକୁ ଯାଇ ମୋର ପ୍ରାପ୍ତବ୍ୟ ଅର୍ଥ ଅଳ୍ପକ୍ଷଣରେ ପାଇ ପାରିଥିଲି ।

ସେ ଦିନ ଅପରବେଳା ମୁଁ ଗଲି (International Co-operative Aliance) ବା ବିଶ୍ୱ ସମବାୟ ସଂଘ ଅଫିସକୁ । ସେଠାରେ ଜଣେ କର୍ମଚାରୀଙ୍କ ସଙ୍ଗେ ଦେଖାହେଲା । ମୁଁ ତାଙ୍କୁ

କହିଲି ଯେ ମୁଁ ଲଣ୍ଡନସ୍ଥ କେତେକ ସମବାୟ ଅନୁଷ୍ଠାନ ଦେଖିବାକୁ ଚାହେଁ ଓ ଲଣ୍ଡନରୁ ଉକ୍ତ ଉଦ୍ଦେଶ୍ୟରେ ଡେନମାର୍କ ଯିବାକୁ ଚାହେଁ । ଉକ୍ତ କର୍ମଚାରୀ ଫୋନ୍ ଦ୍ୱାରା ଲଣ୍ଡନସ୍ଥ "କୋ-ଅପରେଟିଭ୍ ହୋଲ୍‌ସେଲ ସୋସାଇଟି"ର ଶିକ୍ଷା ବିଭାଗ କର୍ମଚାରୀଙ୍କୁ ମୋର ଉଦ୍ଦେଶ୍ୟ ଜଣାଇ ଦେଇ ମୋତେ ସାହାଯ୍ୟ କରିବାପାଇଁ କହିଦେଲେ । ତାପରେ ଡେନ୍‌ମାର୍କର ସମବାୟ କମିଟିର ସେକ୍ରେଟାରୀଙ୍କ ଠାକୁ ମଧ୍ୟ ଖଣ୍ଡିଏ ପତ୍ର ଲେଖି ଜଣାଇ ଦେଲେ ।

ତହିଁ ପରଦିନ ହେଉଛି ବଡ଼ଦିନର ଆଗଦିନ, ଡିସେମ୍ବର ତା ୨୪ ରିଖ । ସକାଳେ ଉଠି ନିତ୍ୟକର୍ମ ସାରି ନେଲି । ଯେଉଁ ହୋଟେଲରେ ରହିଥିଲି ସେଠାରେ ପ୍ରାତଃଭୋଜନ ଦେବାର ବ୍ୟବସ୍ଥା ଥିଲା । ଲଣ୍ଡନରେ ପ୍ରାୟ ଅଧିକାଂଶ ହୋଟେଲରେ (**Bed and breakfast**) ଅର୍ଥାତ୍ ରାତିରେ ଶୋଇବା ପାଇଁ ବିଛଣା ଓ ସକାଳେ ଖାଇବା ପାଇଁ ପ୍ରାତଃଭୋଜନର ବ୍ୟବସ୍ଥା ଥାଏ ଓ ସେହିପରି ଭାବରେ ହୋଟେଲ ରେଟ୍ ଠିକ୍ କରାଯାଇ ଥାଏ । ସୁତରାଂ ପ୍ରାତଃ ଭୋଜନଟା ସାରି ଦେଲେ ଯେ ଯୁଆଡେ ଚାଲିଯାଇ ପାରେ ପୁଣି ରାତିରେ ଆସି ଶୋଇ ପାରେ । ଦିନର ଅବଶିଷ୍ଟ ଭୋଜନ ଯନ୍ତ କୁତ୍ରାପି ଚାଲିଯାଇପାରେ । ଆମ ହୋଟେଲର ପରିଚାରିକା ସକାଳେ ସବୁ ଘର ଦରଜାରେ ହାତ ମାରି ଡାକ ଯାଇଥାଏ ଯେ ଜଳଖିଆ ପ୍ରସ୍ତୁତ ହେଲାଣି । ସୁତରାଂ ଠିକ୍ ଆଠ ଘଣ୍ଟାରୁ ନଅ ଘଣ୍ଟା ମଧ୍ୟରେ ସକାଳ ଜଳଖିଆଟା ହୋଇଯାଏ

ମୁଁ ମଧ୍ୟ ଜଳଖିଆ ଖାଇନେଇ ବୁଲି ବାହାରିଲି । ଲଣ୍ଡନର ପ୍ରଧାନ ବଜାର 'ପିକାଡ଼େଲି'କୁ ଯାଇ ସେଠାରେ ଥିବା **B.O.A.C** ଅଫିସରୁ ମୋର ଡେନ୍‌ମାର୍କ ଯିବା ଟିକେଟ ସଂଗ୍ରହ କରି

ନେଲି । ତାପରେ ଗଲି ପୁଣି ଇଣ୍ଡିଆ ହାଉସ୍‌କୁ । ସେଠାରେ ଅବଶିଷ୍ଟ ଥିବା କାମତକ ସାରିଦେଲି । ଉପରବେଳା ପାଗଟା ବେଶ୍ ଭଲ ହୋଇଥିଲା । ସୂର୍ଯ୍ୟ ଦେବତା ଟିକଏ ଅନୁଗ୍ରହ କରି ଆଖି ମେଲି ଚାହିଁଥିଲେ । ସୁନେଲି କିରଣରେ ଚାରିଦିଗ ହସି ଉଠୁଥିଲା । ମୁଁ ଆସିଲାଠାରୁ ଲଣ୍ଡନର ପାଗଟା ବରାବର ମେଘୁଆ ଥିଲା । ଅଜି ଏ ଖରାପାଗ ଦେଖି ମନଟା ଖୁସି ହୋଇଗଲା । ମୋର କେମେରାଟି ଧରି ଫଟୋ ଉଠାଇବା ପାଇଁ ବାହାରି ପଡ଼ିଲି । ପ୍ରଥମେ ରସେଲସ୍କୋୟାର ପାର୍କକୁ ଯାଇ କେତୋଟି ଫଟୋ ଉଠାଇ ନେଲି । ସେଠାରେ କେତେଗୁଡ଼ିଏ ପିଲା ମନ ଆନନ୍ଦରେ ଖେଳୁଥିଲେ । ତାପରେ ଟିଉବ୍ ଟ୍ରେନ୍ ଧରି ମୋର ଆତ୍ମୀୟ ଡାକ୍ତର କମଳ କୁମାରୀ ଖାଡ଼ଙ୍ଗାଙ୍କୁ ଦେଖିବାକୁ ଗଲି । ଟିଉବ୍ ଟ୍ରେନରୁ ବାହାରି କେତେଦୂର ଚାଲିଯିବାକୁ ହୁଏ । ମୁଁ ଚାଲି ଚାଲି ଯାଉଛି । ହଠାତ୍ ଦେଖିଲି ଆକାଶରେ ଖଣ୍ଡେ ମେଘ ଘୋଟି ଆସିଲା । ତାପରେ ଚାହୁଁ ଚାହୁଁ ତଡ଼ ତଡ଼ କରି ବର୍ଷା ଛେଚି ଦେଇଗଲା । ରାସ୍ତା ଉପରେ କ'ଣ କରିବ ? ଧାଇଁ ଧାଇଁ ଯାଇ ଗୋଟିଏ ଘରର ବାରଣ୍ଡାରେ ଆଶ୍ରୟ ନେଲି । ତଥାପି ମୋର ଉପର କୋଟର କେତେକାଂଶ ଭିଜିଗଲା । ବାସ୍ତବିକ ଲଣ୍ଡନର ପାଗଟା ଏତେ ଦଗାଦିଆ ଯେ ତାକୁ କୌଣସିମତେ ବିଶ୍ୱାସ କରାଯାଇ ନ ପାରେ । ଅଧ ଘଣ୍ଟାକ ମଧ୍ୟରେ ମେଘ ଛାଡ଼ିଗଲା । ମୁଁ ପୁଣି ଯାଇ ଡାକ୍ତର କମଳ କୁମାରୀ ଖାଡ଼ଙ୍ଗାଙ୍କ ସହିତ ଦେଖାକରି ଆସିଲି ।

ତହିଁ ପରଦିନ ସକାଳ । ଆଜି ବଡ଼ଦିନ ଡିସେମ୍ବର ୨୫ ତାରିଖ । ଲଣ୍ଡନର ଘରେ ଘରେ ଉତ୍ସବ । ବନ୍ଧୁ ବାନ୍ଧବଙ୍କ ସହିତ ମିଳାମିଶା ଓ ପାନଭୋଜନର ବ୍ୟବସ୍ଥା ସଭିଙ୍କ ଘରେ । ସକାଳେ

ପାଗଟା ଭଲ ଥିଲା । ମୁଁ ମୋର କେମେରାଟି ଧରି ବାହାରି ପଡ଼ିଲି । ବାଟରେ ଟିଉବ୍ ରେଲରେ ଜଣେ ଭାରତୀୟ ଯୁବକଙ୍କ ସହିତ ଭେଟ ହେଲା । ଯୁକ୍ତପ୍ରଦେଶର ଲୋକ—ନାମ ଶ୍ୟାମ ମୋହନ କଲ୍ । ନୂଆ ହୋଇ ଲଣ୍ଡନ ଆସିଥାନ୍ତି, ଭାରତବର୍ଷରେ ସିନା 'ଗୋଟିଏ ପ୍ରଦେଶର ଲୋକ ସହିତ ଅନ୍ୟ ଗୋଟିଏ ପ୍ରଦେଶର ଲୋକଙ୍କ ମଧ୍ୟରେ ପାର୍ଥକ୍ୟ ପରିଲକ୍ଷିତ ହୋଇଥାଏ କିନ୍ତୁ ସୁଦୂର ଲଣ୍ଡନ ସହରରେ ପ୍ରତ୍ୟେକ ଭାରତବାସୀ ଯେପରି ଆପଣାର ଲୋକ । ତାଙ୍କ ସଙ୍ଗେ ବେଶ୍ ବନ୍ଧୁତା ଜମି ଉଠିଲା ସାଙ୍ଗ ହୋଇ ବୁଲିଗଲୁଁ 'ହାଇଡ୍‌ପାର୍କ' ନାମକ ଲଣ୍ଡନର ଏକ ପ୍ରସିଦ୍ଧ ପାର୍କକୁ । କି ପ୍ରକାଣ୍ଡ ପାର୍କଟିଏ । ଲଣ୍ଡନ ସହରର ମଝିରେ ଏତେ ବିସ୍ତୀର୍ଣ୍ଣ ଖୋଲା ପାର୍କ ବାସ୍ତବିକ ବିସ୍ମୟକର ବସ୍ତୁ । ପାର୍କର ଗୋଟିଏ ପ୍ରାନ୍ତରେ ଗୋଟିଏ କୃତ୍ରିମ ହ୍ରଦ । ସେଥିରେ କେତେ ପ୍ରକାର ପକ୍ଷୀ ପହଁରୁଥାନ୍ତି । ଅବଶ୍ୟ ଅଧିକାଂଶ ବତକ ଜାତୀୟ ବା ହଂସ ଜାତୀୟ । ବହୁ ଲୋକେ ଉକ୍ତ ପକ୍ଷୀମାନଙ୍କୁ ଖାଇବାକୁ ଦେବା ଲାଗି ଚଣା ଇତ୍ୟାଦି କିଣି ନେଇ ବୁଣି ଦେଉଥାନ୍ତି । ଛୋଟ ଛୋଟ ବାଳକାମାନେ କୌତୂହଳ କରିବା ପାଇଁ ମଝିରେ ଠିଆ ହୋଇ ଚଣା ବୁଣି ଦିଅନ୍ତି ବା ନିଜ କାନ୍ଧ ଉପରେ କି ମୁଣ୍ଡ ଉପରେ ରଖି ଦିଅନ୍ତି । ଅସଂଖ୍ୟ ପକ୍ଷୀ ଚଣା ଖାଇବା ଆଶାରେ ତାଙ୍କର ଚାରି ପାଖରେ ଘେରିଯାନ୍ତି । କିଏ କିଏ ବା ତାଙ୍କର କାନ୍ଧରେ ମୁଣ୍ଡରେ ବସି ଯାଉଥାନ୍ତି । ବାସ୍ତବିକ ଏହା ଏକ ଦେଖିବାର ବସ୍ତୁ । ମୋର ସେତେବେଳେ ମନେ ପଡ଼ିଲା ଆମର ପୁରୀ ସହରରେ ଥିବା ଇନ୍ଦ୍ରଦ୍ୟୁମ୍ନ ପୁଷ୍କରଣୀରେ କଇଁଛମାନଙ୍କୁ ଖାଇବାକୁ ଦେବାର ଦୃଶ୍ୟ । ମନୁଷ୍ୟ ପ୍ରକୃତି ସବୁ ସ୍ଥାନରେ ସବୁ କାଳରେ ସମାନ ।

ଢକ୍ ପାର୍କର ଗୋଟିଏ ସ୍ଥାନରେ ପାଣିର କୃତ୍ରିମ ଉତ୍ସମାନ ଗଢ଼ା ଯାଇଛି । ସେଥିରୁ ପାଣିର ଉତ୍ସ ଉପରକୁ ଉଠୁଥାଏ । ସୂର୍ଯ୍ୟଙ୍କର ସୁନେଲି କିରଣ ପଡ଼ି ଶତ ଇନ୍ଦ୍ରଧନୁର ଛବି ଅଙ୍କି ହୋଇ ଯାଉଥାଏ । ସେଠାରୁ ଫେରୁ ଫେରୁ ପ୍ରାୟ ଦିନ ଦୁଇଟା । ଆଜି ଅଧିକାଂଶ ସ୍ଥାନରେ ଭୋଜନାଳୟ ସବୁ ବନ୍ଦଥାଏ ବଡ଼ଦିନ ଯୋଗୁଁ । ଭାବିଲି ଆଜି ଦିନଟା ଉପବାସ କରିବାକୁ ପଡ଼ିବ । କିନ୍ତୁ ଦୈବାତ୍ ଦେଖିଲି ଯେ ଗୋଟିଏ ଭୋଜନାଳୟ ଖୋଲା ଥିଲା । ସେଠାରେ ଯାଇ ଖାଇନେଲି । ତା ପରେ ବସାକୁ ଫେରିଲି । ଡାକ୍ତର ଦାଶ ଆସି କହିଲେ ବୁଲିଯିବା ଚାଲନ୍ତୁ । ଆମେ ସାଙ୍ଗ ହୋଇ ଗଲୁଁ "ଟ୍ରାଫଲ୍‌ଗାର୍ ସ୍କୋୟାର" ନାମକ ସ୍ଥାନକୁ । ତାହା ଲଣ୍ଡନର ଏକ ଦର୍ଶନୀୟ ସ୍ଥାନ । ସେଠାରେ ଇଂରାଜ ବୀର ନେଲସନ୍‌ଙ୍କର ପ୍ରତିମୂର୍ତ୍ତି ରଖାଯାଇଛି । କେତେ-ଗୁଡ଼ିଏ କୃତ୍ରିମ ଉତ୍ସ ମଧ୍ୟ ଗଢ଼ାଯାଇଛି । ବହୁ ଇଂରାଜ ନରନାରୀ ସେଠାରେ ସମବେତ ହୋଇଥାନ୍ତି ।

ଆଜି ସନ୍ଧ୍ୟାରେ ଆମ ହୋଟେଲ ମାଲିକାଣୀ ମିସେସ୍ ଜେକସ୍ ଆମକୁ ଚାହା ଖାଇବା ପାଇଁ ନିମନ୍ତ୍ରଣ କରିଥାନ୍ତି । ଆମେ ସନ୍ଧ୍ୟା-ବେଳେ ତାଙ୍କ ଘରକୁ ଗଲୁଁ । ଦେଖିଲୁଁ ଯେ ବୁଢ଼ୀ ତାଙ୍କର ପୁଅ, ବୋହୂ, ନାତି ନାତୁଣୀମାନଙ୍କୁ ଧରି ମଉଜ ମଜଲିସ୍‌ରେ ଲିପ୍ତ ଅଛନ୍ତି । ବୁଢ଼ା ତାଙ୍କର ପେଟେ ପିଇ ଦେଇ ଶୋଇ ଯାଇଥାନ୍ତି ଗୋଟିଏ ସୋଫା ଉପରେ । ଚାହା ଜଳଖିଆ ଦେଲେ । ପେଟେ ପେଟେ ଖାଇଦେଲୁଁ । ତା ପରେ ପରସ୍ପରର ସ୍ୱାସ୍ଥ୍ୟ କାମନା କରି ସୁରା-ପାନ କରିଦେଲେ; କିନ୍ତୁ ମୋ ଭଳି ନୀରସ ବ୍ୟକ୍ତି ସେଇ ଜନ୍ମାଧମୀ ସୁରା ସ୍ପର୍ଶ କରି ନ ପାରି 'ମିନରାଲ୍ ୱାଟର୍' ବା ସୋଡ଼ାଜଳ ଦ୍ୱାରା ସେମାନଙ୍କର ସ୍ୱାସ୍ଥ୍ୟର କାମନା କଲି ।

ପୁଣି ସେଦିନ ରାତିରେ ଲଣ୍ଡନ ସହରରେ ଅତି ବହୁଳ ଭାବରେ ମଦ୍ୟପାନର ବ୍ୟବସ୍ଥା ହୋଇଥାଏ । ସନ୍ଧ୍ୟାରେ ଦେଖିଲି ଦଳ ଦଳ ବ୍ୟକ୍ତି ଉନ୍ମାଦନା ସୁରାର ସ୍ପର୍ଶରେ ଉତ୍ଫୁଲ୍ଲ ହୋଇ ମହା ମଉଜରେ ଗୀତ ଗାଇ ଗାଇ ରାସ୍ତାରେ ଚାଲୁଥାନ୍ତି । ସାରା ରାତିଟା ଯାକ ଏପରି ଗୀତ ରାସ୍ତାରୁ ଶୁଣା ଯାଉଥାଏ । ବାସ୍ତବିକ ସେ ରାତିଟା ଯେପରି ସେମାନଙ୍କ ପକ୍ଷରେ ଏକ ମହାଆନନ୍ଦର ରାତି ।

ତହିଁ ପରଦିନ ସକାଳ । ପାଗଟା ଭାରି ମେଘୁଆ କୁହୁଡ଼ିଆ ମଧ୍ୟ । କାଲି ସନ୍ଧ୍ୟାରେ ଆକାଶ ନିର୍ମଳ ଥିଲା । ରୂପେଲି ଚନ୍ଦ୍ରର କିରଣରେ ଲଣ୍ଡନ ସହର ହସି ଉଠୁଥିଲା । କିନ୍ତୁ ଆଜି ସକାଳେ ଖାଲି ଝିପିଝିପି ବର୍ଷା ଓ କୁହୁଡ଼ି । ଏହାହିଁ ଲଣ୍ଡନର ପାଗ ।

ତଥାପି ସକାଳେ ବୁଲିଗଲି । ଦିନ ବାରଟାରେ ବସାକୁ ଫେରି ଦେଖିଲି ଯେ ମୋ ଘର ଟେବୁଲ ଉପରେ ଡାକ୍ତର ଦାଶ୍ ଗୋଟିଏ ଟେଲିଗ୍ରାମ୍ ଥୋଇ ଯାଇଛନ୍ତି । ଟେଲିଗ୍ରାମ୍‌ଟା ଦେଖି ଛାତିଟା ଥରି ଉଠିଲା । କଥା କଣ ? ଦେଖିଲି କଟକରୁ ଆସିଛି । ପୁଅ ଶ୍ରୀକାନ୍ତ ଟେଲିଗ୍ରାମ୍ କରିଛି ଡାକ୍ତର ଦାଶଙ୍କ ପାଖକୁ ମୁଁ ଲଣ୍ଡନରେ ପହୁଞ୍ଚିଲି କି ନାହିଁ ଜାଣିବା ପାଇଁ । ଦୁଃଖ ହେଲା ଯେ ମୁଁ ଲଣ୍ଡନରେ ପହୁଞ୍ଚି ମୋ ପିଲାମାନଙ୍କୁ ତାର ଦ୍ୱାରା ଜଣାଇ ଦେଇ ନ ଥିଲି । ପରେ ଶୁଣିଲି ଯେ ଲଣ୍ଡନ ଅଞ୍ଚଳରେ ଝଡ଼ ତୋଫାନ ହୋଇଥିବାର ଖବର ସମ୍ବାଦପତ୍ରରୁ ପଢ଼ି ମୋ ପିଲାମାନେ ତାର କରିଥିଲେ । ବାସ୍ତବିକ ଶୀତଦିନେ ଝଡ଼ ବୃଷ୍ଟି କୁହୁଡ଼ି ଯେପରି ଲଣ୍ଡନ ଓ ଇଂଲଣ୍ଡ ଅଞ୍ଚଳରେ ଏକ ଧରାବନ୍ଧା ରୋଗ । ତାର ପାଇ ପ୍ରତି ଉତ୍ତରରେ ତାର କରିଦେଲି ତତ୍‌କ୍ଷଣାତ୍ । ଡାକ୍ତର ଦାଶ ମଧ୍ୟ ମୋ ସଙ୍ଗେ ପୋଷ୍ଟ ଅଫିସକୁ ଯାଇଥିଲେ ।

ତା ପରେ ଆମ୍ଭେମାନେ ଯାଇ ଗୋଟିଏ ଭାରତୀୟ ଭୋଜନାଳୟରେ ମଧ୍ୟାହ୍ନ ଭୋଜନ ସାରିଲେଁ ।

ଭୋଜନ ପରେ ଆମ୍ଭେମାନେ ଗଲୁଁ ଗୋଟିଏ ଥିଏଟର ଦେଖିବା ପାଇଁ । ସେଠାରେ ଗୋଟିଏ ବାଇବେଲ୍ ଗପର ଅଭିନୟ ହେଉଥିଲା । ବାସ୍ତବିକ ଦୃଶ୍ୟାବଳୀର ସାଜସଜ୍ଜା ଭାରି ଚମତ୍କାର ଥିଲା । ଏହାହିଁ ହେଉଛି ମୋର ପ୍ରଥମ ଥର ପାଇଁ ଇଂରାଜୀ ଅଭିନୟ ଦେଖିବା । ଅଭିନୟ ପରେ, ଆମ୍ଭେମାନେ ଫେରି ଭାରତୀୟ ଛାତ୍ରାବାସରେ ଗୋଟିଏ ଭୋଜି ସଭାରେ ଯୋଗ ଦେଲୁଁ । ବଡ଼ଦିନ ଉପଲକ୍ଷେ ଏହି ଭୋଜି ସଭାର ଆୟୋଜନ କରାଯାଇଥିଲା । ବହୁ ଭାରତୀୟ ନରନାରୀ ସେଠାରେ ସମବେତ ହୋଇଥିଲେ । ବହୁ ଲୋକଙ୍କ ସହିତ ଆଳାପ ପରିଚୟ ହେଲା । ବାସ୍ତବିକ ଏହି ଭୋଜି ସଭାଟି ବଡ଼ ଉପଭୋଗ୍ୟ ହୋଇଥିଲା ।

ତହିଁ ପରଦିନ ସକାଳେ ଉଠି ଦେଖେଁ ତ ଲଣ୍ଡନ ସହରରେ ଗୋଟାଏ କଳା କୁହୁଡ଼ିର ପରଦା ଯେପରି ଢାଙ୍କି ଯାଇଛି । ମୁହିଁକୁ ମୁହଁ ଦିଶୁ ନାହିଁ । ଶୁଣିଲି ଶୀତ ଦିନେ ଅଧିକାଂଶ ସମୟରେ ଏହିପରି କୁହୁଡ଼ି ହୁଏ । କିନ୍ତୁ ଦିନ ତଳେ ଏପରି ଏକ ବହଳ କୁହୁଡ଼ି ହୋଇଥିଲା ଯେ ସେଥିରେ ମୋଟେ କିଛି ଦେଖାଯାଉ ନ ଥିଲା । ଫଳରେ ରାସ୍ତାରେ ବହୁତ ଆକସ୍ମିକ ବିପଦ ମଧ୍ୟ ଘଟିଗଲା । ଅନେକ ଉଡ଼ାଜାହାଜ ଓହ୍ଲାଇ ନ ପାରି ଫେରି ଯାଇଥିଲେ । ଉଡ଼ାଜାହାଜ ଚଳାଚଳ ମଧ୍ୟ ଦିନେ ଦି’ଦିନ ପାଇଁ ବନ୍ଦ ହୋଇ ଯାଇଥିଲା । ମୁଁ କିନ୍ତୁ ବୁଲି ବାହାରିଲି । ଲଣ୍ଡନ ସହରରେ ଟିଉବ୍‌ରେଲରେ ଯାଇ ଥରେ ବୁଲିଦେଇ ଆସିଲି ।

ତହିଁ ପରଦିନ ଥିଲା ରବିବାର । ଡାକ୍ତର ଦାଶଙ୍କ ସହିତ ଗଲି ଡାକ୍ତର ସାଧନା ବୋଷଙ୍କ ଘରକୁ । ଡାକ୍ତର ସାଧନାଙ୍କର ଘର

ଓଡ଼ିଶାରେ । ସେ ଓ ତାଙ୍କ ସ୍ୱାମୀ ଡାକ୍ତର ଘୋଷ ଲଣ୍ଡନରେ ପାଠ ପଢୁଛନ୍ତି । ଆମକୁ ଦେଖି ସେ ଦୁହେଁ ଭାରି ଖୁସି ହେଲେ । ଗୃହା ଜଳଖିଆ ଖାଇବାକୁ ଦେଲେ । ସକାଳ ଓଳାଟା ଯାକ ନାନା ଗପ ସପରେ କଟିଗଲା । ବାସ୍ତବିକ ସୁଦୂର ଦେଶରେ ଆପଣା ଦେଶର ଲୋକଙ୍କୁ ଭେଟିଲେ ମନରେ ଭାରି ଆନନ୍ଦ ହୋଇଥାଏ ।

ତହିଁ ପର ଦିନ ଗଲି ଲଣ୍ଡନ ହୋଲ୍‌ସେଲ୍ କୋ-ଅପରେଟିଭ୍ ସୋସାଇଟି ଦେଖି । ଆଗରୁ ବନ୍ଦୋବସ୍ତ ହୋଇଥିଲା । ମୁଁ ଗୋଟିଏ ଟାକ୍‌ସି ଧରି ଚାଲିଗଲି । ଦେଖିଲି ପ୍ରକାଣ୍ଡ ଅଫିସ । ଉକ୍ତ ସୋସାଇଟିର ଶିକ୍ଷା ବିଭାଗକୁ ଗଲି । ସେଠାରେ ମିସେସ ମାକିନ୍‌ଟସ୍ ନାମକ ଏକ ମହିଳାଙ୍କ ସହିତ ସାକ୍ଷାତ୍ ହେଲା । ସେ ଅତି ଆଦରର ସହିତ ମୋତେ ପାଛୋଟି ନେଲେ । ସେ ଉକ୍ତ ବିଭାଗରେ କାର୍ଯ୍ୟ କରନ୍ତି । ଉଚ୍ଚ ଶିକ୍ଷିତା । ସମବାୟ କଲେଜରୁ ଟ୍ରେନିଂ ପାଇଛନ୍ତି । ଉକ୍ତ ବିଭାଗର ସର୍ବୋଚ୍ଚ ଅଧ୍ୟକ୍ଷ ସେଦିନ ଅନୁପସ୍ଥିତ ଥିଲେ । ସେଥିପାଇଁ ସହକାରୀ ଅଧ୍ୟକ୍ଷ ମିଷ୍ଟର ମୋସ୍‌ଙ୍କ ଉପରେ ମୋତେ ବୁଲାଇ ଦେଖାଇବାର ଭାର ପଡ଼ିଲା । ମିଷ୍ଟର ମୋସ୍ ଅତି ସୁନ୍ଦର ପ୍ରକୃତିର ଲୋକ । ସେ ପ୍ରଥମେ ନେଇ ମୋତେ ହୋଲ୍‌ସେଲ୍ ସୋସାଇଟିର ଘର ଗୁଡ଼ିକ ଦେଖାଇଲେ । ଗୋଟିଏ ସ୍ଥାନରେ ପୃଥିବୀର ବିଭିନ୍ନ ପ୍ରାନ୍ତରୁ ଆନୀତ ଗୃହା ଓ କଫିର ମିଶ୍ରଣ କରାଯାଇ ବିକ୍ରି ଉପଯୋଗୀ ପାକେଟ୍‌ରେ ବନ୍ଧା ଯାଉଥିଲା । ସବୁ କାମ ହେଉଥିଲା ଯନ୍ତ୍ର ସାହାଯ୍ୟରେ । ମିଷ୍ଟର ମୋସ୍ ମୋତେ ମଧ୍ୟାହ୍ନ ଭୋଜନରେ ଆପ୍ୟାୟିତ କରିଥିଲେ ।

ଡିସେମ୍ବର ତା ୭୦ ରିଖ ଦିନ ସକାଳ ଠିକ୍ ନଅଟା ବେଳେ ମିଷ୍ଟର ମୋସ୍ ଗୋଟିଏ କାର୍ ଧରି ଆସି ମୋତେ ମୋ

ହୋଟେଲରୁ ନେଇଗଲେ ଲଣ୍ଡନ ସମବାୟ ସମିତି ଓ ଅନ୍ୟାନ୍ୟ କେତେଗୁଡ଼ିଏ ସମବାୟ ସମିତି ବୁଲାଇ ଦେଖାଇବା ପାଇଁ ।

ଲଣ୍ଡନ କୋ-ଅପରେଟିଭ୍ ସୋସାଇଟି ଦେଖି ମୋର ଆଖି ସ୍ଥିର ହୋଇଗଲା । କି ପ୍ରକାଣ୍ଡ ସମିତିଟାଏ ସେ । ଶୁଣିଲି ତାଙ୍କର ସଭ୍ୟ ସଂଖ୍ୟା ଦଶଲକ୍ଷରୁ ଅଧିକ । ପ୍ରାୟ ପାଞ୍ଚ ଶହ ସ୍ଥାନରେ ତାଙ୍କର କିଣାବିକା କାରବାର ଚାଲେ । ସମିତିର ନିଜସ୍ୱ ଭାବରେ କେତେ କାରଖାନା ଓ ଫାର୍ମ ମଧ୍ୟ ଚାଲିଛି । ତାଙ୍କର ସେକ୍ରେଟାରିଏଟ୍‌ର ଗୋଟିଏ ବିଭାଗକୁ ଯାଇ ଦେଖିଲି ଯେ ପ୍ରାୟ ଚାରିଶହ ମହିଳା ହିସାବ ରଖିବାପାଇଁ ନିଯୁକ୍ତ ଅଛନ୍ତି । ହିସାବ କିତାବ, ମିଶାଣ ଫେଡ଼ାଣ ସବୁ ଯନ୍ତ୍ର ସାହାଯ୍ୟରେ ହୁଏ । ସେମାନଙ୍କ ପରିଚାଳିତ ଗୋଟିଏ ଯୋଡ଼ିଏ ଷ୍ଟୋରକୁ ଯାଇ ଦେଖିଲି ମଧ୍ୟ । ଗୋଟିଏ ଷ୍ଟୋରରେ ବିକାଳି ବାଲା କେହି ନାହିଁ । କେବଳ ଦୋକାନର ଦ୍ୱାର ମୁହଁରେ ଜଣେ ବସିଛି । କ୍ରେତା ଦୋକାନ ମଧ୍ୟରେ ବୁଲି ଯାହା କିଣିବାର ସଂଗ୍ରହ କରିନେବ । ତା ପର ଦୁଆର ମୁହଁକୁ ଆସିଲେ ସେଠାରେ ବସିଥିବା ବ୍ୟକ୍ତିଠାରେ ହିସାବ ଦେଇ ପଇସା ଦେଇ ଚାଲିଯିବ । ଏହା ଫଳରେ ଦୋକାନ ଚଳାଇବା ଖର୍ଚ୍ଚ ବହୁତ କମ୍ ପଡ଼େ । ଉକ୍ତ ସମିତି ପକ୍ଷରୁ ମୋତେ ମଧ୍ୟାହ୍ନ ଭୋଜନରେ ଆପ୍ୟାୟିତ କରିଥିଲେ । ଏହି ଲଣ୍ଡନ କୋ-ଅପରେଟିଭ୍ ଷ୍ଟୋରଟି ପୃଥିବୀର ସବୁଠାରୁ ବଡ଼ ସମବାୟ ଭଣ୍ଡାର ବୋଲି କଥିତ ହୁଏ । ସମିତି କିଣା ବିକାରୁ ଯେଉଁ ଲାଭ ପାଏ ତାହା ସଭ୍ୟମାନଙ୍କ ମଧ୍ୟରେ କ୍ରୟ ଅନୁପାତରେ ବାଣ୍ଟି ଦିଆଯାଏ । ସେ ଦେଶର ସମବାୟ ସମିତିଗୁଡ଼ିକୁ ଦେଖିଲେ ବାସ୍ତବିକ୍ ଆମର ମୁଣ୍ଡ ନଇଁ ପଡ଼େ । ଉପରବେଳା ଯାଇ ଲଣ୍ଡନ ସମବାୟ ଜୀବନବୀମା ସମିତି ମଧ୍ୟ ପରିଦର୍ଶନ କରିଥିଲି ।


ଲଣ୍ଡନରେ ଥିବା ସମୟରେ ଲଣ୍ଡନ ମିଉଜିୟମ୍ ମଧ୍ୟ ଦେଖି ଯାଇଥିଲି । ବାସ୍ତବିକ୍ ଏପରି ପ୍ରକାଣ୍ଡ ମିଉଜିୟମ୍ ମୁଁ କେବେ ଦେଖି ନ ଥିଲି । ଦୁଇ ଦିନ ଦୁଇଥର ଯାଇ ସୁଦ୍ଧା ମୁଁ ମିଉଜିୟମ୍‌ଟି ପୂରାପୂରି ଦେଖିପାରି ନ ଥିଲି ।

ଯେଉଁ ଦିନ ଲଣ୍ଡନ ଛାଡ଼ିବି ତା ପୂର୍ବ ଦିନ ଯାଇ 'ହୋରେସ୍ ପ୍ଲାଙ୍କେଂଟ୍ ଅର୍ଗାନାଇଜେସନ୍' ନାମକ ଏକ ସାଂସ୍କୃତିକ ସମବାୟ ଅନୁଷ୍ଠାନ ପରିଦର୍ଶନ କରିଥିଲି । ତାର ସେକ୍ରେଟାରୀ ମିସ୍ ଦିଗବୀ ଜଣେ ଅତି ପ୍ରତିଭାସମ୍ପନ୍ନା ମହିଳା । ତାଙ୍କ ସହିତ ବେଶ୍ ଆଳାପ ହେଲା । ସେ ସମବାୟ ସମ୍ବନ୍ଧେ ବହୁ ପୁସ୍ତକ ପ୍ରଣୟନ କରିଛନ୍ତି ।


ତାପରେ ଲଣ୍ଡନ ଛାଡ଼ିଲି ଜାନୁୟାରୀ ଦୁଇ ତାରିଖ ଦିନ । ସ୍କାଣ୍ଡିନେଭିଅନ୍ ଏୟାର୍ ସିଷ୍ଟେମ୍‌ର ପ୍ଲେନରେ ଡେନମାର୍କର କୋପେନ୍‌ହେଗେନ୍ ଯିବା ପାଇଁ ଆଗରୁ ବନ୍ଦୋବସ୍ତ କରିଥିଲି । ଡାକ୍ତର ଦାଶ ଓ ଡାକ୍ତର କେଶରୀ ଆସି 'ସାଉଥକେନ୍‌ସିଂଟନ ଏୟାର୍ ଷ୍ଟେସନରେ ମୋତେ ବିଦାୟ ଦେଇଗଲେ ।

ଦିନ ପ୍ରାୟ ୧ଟା ବେଳେ ଲଣ୍ଡନରୁ ପ୍ଲେନ୍ ଛାଡ଼ିଲା । ସୌଭାଗ୍ୟବଶତଃ ସେଦିନ ପାଗଟା ଥିଲା ଅତି ଚମତ୍କାର । ଟିକିଏ ଟିକିଏ ଖରା ବି ପଡ଼ୁଥାଏ । ସୁତରାଂ ଲଣ୍ଡନରୁ ବିଦାୟ ନେବା ବେଳଟି ବେଶ୍ ଭଲ ଲାଗୁଥିଲା ।

ଜୀବନରେ ବହୁଦିନରୁ ଗୋଟାଏ ଆକାଂକ୍ଷା ଥିଲା ଲଣ୍ଡନ ଥରେ ଦେଖିବି । ପିଲାଦିନେ ଲଣ୍ଡନକୁ କଳ୍ପନା ସ୍ୱପ୍ନରେ ଦେଖି କେତେ ଖୁସି ହେଉଥିଲି । ଏତେ ଦିନେ ମୋର ସେ ବାସନା ପରିତୃପ୍ତ ହୋଇଥିବାରୁ ଆନନ୍ଦର ସହିତ ଲଣ୍ଡନରୁ ବିଦାୟ ନେଲି ।



ଡେନ୍‌ମାର୍କର ରାଜଧାନୀ କୋପେନ୍‌ହେଗେନ୍ ସହରର ଦୃଶ୍ୟ ।
(ପୃ ୧୭୯)



କାନାଡ଼ାର ସିଡ଼ନୀ ସହରରେ ଭେଟିଥିବା ଏକ
ଦଶ ବର୍ଷର ସ୍କୁଲ ଛାତ୍ର । (ପୃ ୧୯୧)

## [ ସତର ]

# ସମବାୟର ଦେଶ ଡେନମାର୍କ

ଲଣ୍ଡନରୁ ବିଦାୟ ନେବା ବେଳଟି ବେଶ୍ ମନୋରମ ହୋଇଥିଲା; କିନ୍ତୁ ଡେନମାର୍କର କୋପେନହେଗେନ ଏୟାର୍-ପୋର୍ଟରେ ଓହ୍ଲାଇବା ବେଳେ ଦେଖିଲି ସବୁଟା ଠିକ୍ ଓଲଟା। ସେତେବେଳକୁ ପ୍ରାୟ ସନ୍ଧ୍ୟା ହୋଇ ଯାଇଥାଏ। ଗୁଡ଼ିଏ ବରଫ ପଡୁଥାଏ। ଭାରି ଥଣ୍ଡା।

ମୁଁ ଆଗରୁ ଚିଠି ଲେଖିଥିଲି ଆମର ଓଡ଼ିଶା ଦେଶର ଜଣେ ଲୋକ ଶ୍ରୀମାନ୍ ଚିତ୍ତରଞ୍ଜନ ଦାସଙ୍କ ନିକଟକୁ। ସେ କୋପେନ୍‌ହେଗେନ୍‌ରେ ଥାନ୍ତି। ତାଙ୍କ ଘର କଟକ ଜିଲ୍ଲାର ବାଗଲପୁର ଗ୍ରାମରେ। ଶାନ୍ତିନିକେତନରେ ସେ ପଢୁଥିବା ବେଳେ ଡେନ୍‌ମାର୍କ ପ୍ରତି ଆକୃଷ୍ଟ ହୋଇ ସେ ଗତ ଦୁଇବର୍ଷ ହେଲା ଡେନମାର୍କରେ ରହୁଛନ୍ତି। ସୁତରାଂ ମୋର ଭରସା ଥିଲା ଯେ ଏୟାର୍‌ପୋର୍ଟରେ ପହଞ୍ଚିଲା କ୍ଷଣି ତାଙ୍କୁ ଭେଟି ପାରିବି। କିନ୍ତୁ ଏୟାର୍‌ପୋର୍ଟରେ ପହଞ୍ଚି ଦେଖେଁ ଯେ ଶ୍ରୀ ଦାଶ ନାହାନ୍ତି। ସମ୍ବାଦ ସରବରାହ କରୁଥିବା ବାଳିକା ମୋତେ ଜଣାଇ ଦେଲା ଯେ ମୋ ପାଇଁ ସମ୍ବାଦ ଅଛି। ଚିଠିଟି ଫିଟାଇ ଦେଖିଲି ଲେଖା ଅଛି—ଶ୍ରୀ ଚିତ୍ତ-ରଞ୍ଜନ ଦାସ ଜର୍ମାନୀ ଚାଲି ଯାଇଛନ୍ତି, ପାଞ୍ଚ ତାରିଖ ଦିନ ଫେରିବେ। ହଠାତ୍ ଖଣ୍ଡକ ପାଇଁ ଟିକିଏ ଅଡୁଆ ବୋଧ କଲି। ପରକ୍ଷଣରେ ଭାବିଲି—କୁଛ୍ ପରବାଏ ନାହିଁ। ତାପରେ ଉଡ଼ାଜାହାଜ ଲାଇନର ବସ୍‌ରେ ବସି ଆସିଲି ଟାଉନ ଏୟାର୍

ଷ୍ଟେସନକୁ । ସେଠାରୁ ଗୋଟିଏ ଟାକ୍ସି କରି ଟାକ୍ସି ବାଲାକୁ କହିଲି—ଗୋଟିଏ ହୋଟେଲକୁ ନେଇ ଚାଲ ।

ଟାକ୍ସିବାଲା ମୋତେ ନେଇ ଗୋଟିଏ ବଡ଼ ହୋଟେଲରେ ପହଞ୍ଚାଇ ଦେଲା । ନାମ ହେଉଛି "ହୋଟେଲ୍ ଡାଙ୍ଗଲ୍‌ଟାରଅ" ଦେଖିଲି ପ୍ରକାଣ୍ଡ ହୋଟେଲ୍ । ବହୁତ କର୍ମଚାରୀ । ଦାମ୍ ମଧ୍ୟ ଯଥେଷ୍ଟ ଚଢ଼ା । ତଥାପି ରାତିରେ ଅନ୍ୟ କେଉଁଠିକି ଯିବା ଗୋଟିଏ ଅଜଣା ଅଶୁଣା ସ୍ଥାନରେ ଯୁକ୍ତିସଂଗତ ନୁହେ ଭାବି ଅଗତ୍ୟା ସେଇଠାରେ ରହିଗଲି ।

ତହିଁ ପରଦିନ ସକାଳେ ଉଠି ଦେଖେଁ ଅବିରଳ ବରଫ ପଡୁଛି । ସେଇଥିରେ ବାହାରି ପଡ଼ିଲି । ପ୍ରଥମେ ଯାଇ ପୋଷ୍ଟ ଅଫିସରେ ପିଲାମାନଙ୍କଠାକୁ ଖଣ୍ଡିଏ ପତ୍ର ଲେଖିଦେଲି । ସକାଳେ ହୋଟେଲ ଜରିଆରେ ଟେଲିଗ୍ରାମଟିଏ କରି ଦେଇଥିଲି ମଧ୍ୟ । ପୋଷ୍ଟ ଅଫିସରୁ ଫେରି, ଗଲି ଭାରତୀୟ କନ୍‌ସୁଲେଟ୍ ଜେନେରାଲ୍ ଅଫିସକୁ । ସେଠାକୁ ଗଲା ଜଣରୁ ଉକ୍ତ ଅଫିସର ଏସିଷ୍ଟେଣ୍ଟ ମିଷ୍ଟର ଟମ୍‌ସେନ୍ ମୋତେ ଖୁବ୍ ଆଦର କରି ବସାଇଲେ । ସେ କହିଲେ ଯେ ମୋର ଆସିବା ବିଷୟରେ ସେ ଲଣ୍ଡନରୁ ଭାରତୀୟ ହାଇକମିଶନର ଅଫିସରୁ ମଧ୍ୟ ପତ୍ର ପାଇଥିଲେ । ସେ ମୋଠାରୁ ସବୁ ଶୁଣିସାରି ଫୋନ୍ ଦ୍ୱାରା ଡେନମାର୍କ ଗ୍ରାମ୍ୟ ସମବାୟ ସମିତି ସମୂହର ମୁଖପାତ୍ର *କୋ-ଅପରେଟିଭ୍ କମିଟି'କୁ ଜଣାଇ ଦେଲେ ।

ତାପରେ ମୁଁ ଗୋଟାଏ ଟାକ୍ସି କରି କୋ-ଅପରେଟିଭ୍ କମିଟି ଅଫିସକୁ ଗଲି । ସେଠାରେ ଉକ୍ତ କମିଟିର ସେକ୍ରେଟାରୀ ମିଷ୍ଟର ପିଟରସେନ୍‌ଙ୍କ ସଙ୍ଗରେ ଦେଖାହେଲା । ସମବାୟ ସମ୍ବନ୍ଧେ ଗବେଷଣା କରିବା ପାଇଁ ଟର୍କୀରୁ ମଧ୍ୟ ଜଣେ ଭଦ୍ରଲୋକ

ଆସି ଥିଲେ । ମିଷ୍ଟର ପିଟରସେନ୍ ଆମ ଦୁହିଁଙ୍କୁ ସଙ୍ଗରେ ନେଇ ଗୋଟିଏ ଭୋଜନାଳୟକୁ ଯାଇ ମଧ୍ୟାହ୍ନ ଭୋଜନ ଦେଇଥିଲେ ।

ସେଦିନ ଥିଲା ଶନିବାର । ମୁଁ ହୋଟେଲକୁ ଫେରିଆସି ଅପେକ୍ଷା କରୁଛି, ହଠାତ୍ ଟେଲିଫୋନ୍ ବାଜି ଉଠିଲା ମୋର ରହିବା ଘର ଭିତରେ । ଶୁଣିଲି ଯେ ମିଷ୍ଟର ନିଲସେନ୍ ନାମକ ଏକ ବ୍ୟକ୍ତି ମୋତେ ଫୋନ୍ କରୁଛନ୍ତି । ସେ କହିଲେ ଇଣ୍ଡିଆ ଅଫିସର ମିଷ୍ଟର ଟମ୍‌ସେନ୍ ତାଙ୍କୁ ମୋ ବିଷୟ ଫୋନ୍‌ରେ କହିଥିଲେ, ସେଥିପାଇଁ ସେ ମୋ ସଙ୍ଗେ କଥାବାର୍ତ୍ତା କରିବାକୁ ଚାହାନ୍ତି । ସେ ମଧ୍ୟ ମୋତେ ରାତିରେ ତାଙ୍କ ଘରେ ଭୋଜନ କରିବାକୁ ଅନୁରୋଧ କଲେ । ସେ କହିଲେ ଯେ ପାଞ୍ଚଟା ବେଳେ ସେ ହୋଟେଲକୁ ଆସି ମୋତେ ତାଙ୍କ କାର୍‌ରେ ତାଙ୍କ ଘରକୁ ନେଇଯିବେ । ମୁଁ ହଁ ଭରିଲି ।

ଠିକ୍ ପାଞ୍ଚଟା ବେଳେ ମିଷ୍ଟର ନିଲସେନ୍ ଆସି ମୋର କୋଠରିରେ ହାଜର । ଦେଖିଲି ଜଣେ ସଦା ହାସ୍ୟ ତତ୍ପର ମେଳାପୀ ଭଦ୍ରବ୍ୟକ୍ତି । ଚେହେରାରୁ ଜଣାପଡ଼ୁଥିଲା ଯେପରି ସେ ଜଣେ ଉଦାରଚେତା ଭଦ୍ରବ୍ୟକ୍ତି । ତାଙ୍କ ସହିତ ତାଙ୍କ ଘରକୁ ଗଲି । ବାଟରେ ଯାଉଁ ଯାଉଁ ସେ ମୋତେ କହିଲେ ଯେ ସେ ଭାରତବର୍ଷ ତଥା ଭାରତୀୟମାନଙ୍କୁ ଭଲ ପାନ୍ତି ଓ ତାଙ୍କ ଘରେ ଭାରତୀୟମାନଙ୍କୁ ଗେଷ୍ଟ୍ (ଅତିଥି) କରି ରଖନ୍ତି । ବର୍ତ୍ତମାନ ସୁଦ୍ଧା ଜଣେ ଭାରତୀୟ ତାଙ୍କ ଘରେ ଗେଷ୍ଟ ହୋଇ ଅଛନ୍ତି ତେବେ ସେ ସେଦିନ ଅନୁପସ୍ଥିତ ଥିଲେ । ତାଙ୍କ ଘର ସହରଠାରୁ କିଛି ଦୂରରେ । ତାଙ୍କ ଘରେ ପହଞ୍ଚିବା ପରେ ତାଙ୍କ ସ୍ତ୍ରୀ ଓ ତାଙ୍କର ଗୋଟିଏ ଛୋଟ ଝିଅ ଓ ଗୋଟିଏ ଛୋଟ ପୁଅ ଆସି ମୋ ସହିତ କରମର୍ଦ୍ଦନ କଲେ । ମିଷ୍ଟର ନିଲସେନ୍ ମୋତେ ସେମାନଙ୍କ

ସହିତ ପରିଚିତ କରାଇଦେଲେ । ମିସେସ୍ ନିଲ୍‌ସେନ୍ ମଧ୍ୟ ଇଂରାଜୀ ବୁଝନ୍ତି, ସୁତରାଂ କଥାବାର୍ତ୍ତା ହେବାରେ କୌଣସି ଅସୁବିଧା ନ ଥିଲା । ତାଙ୍କ ଜ୍ୟେଷ୍ଠ ପୁଅ ଝିଅମାନେ ଅବଶ୍ୟ ଇଂରାଜୀ ବୁଝନ୍ତି ନାହିଁ । ତଥାପି ତାଙ୍କର ଦଶ ବର୍ଷର ଝିଅ 'ଯ୍ୟାନ' ପାଖକୁ ମାଡ଼ି ମୋ କଥା ବୁଝିବାକୁ ଚେଷ୍ଟା କରୁଥିଲା । ସେ ଖଣ୍ଡିଏ ଖାତା ରଖିଥିଲା । ସେଥିରେ ବିଭିନ୍ନ ଦେଶର କେତେଗୁଡ଼ିଏ ଛବି ମରାଯାଇଥିଲା । ଭାରତର ବିଭିନ୍ନ ପ୍ରଦେଶମାନଙ୍କର କେତେକ ବିଶିଷ୍ଟ ଦୃଶ୍ୟ ମଧ୍ୟ ସେଥିରେ ଥିଲା । ସେ ମୋତେ କହିଲା ତମ ଦେଶର ଛବି ଯେଉଁଠି ଅଛି ସେଇଠି ଦସ୍ତଖତ କରିଦିଅ । ଦେଖିଲି ଯେ ଆମ ଦେଶର ଶ୍ରୀ ଚିତ୍ତରଞ୍ଜନ ଦାସ ମଧ୍ୟ ସେଥିରେ ଦସ୍ତଖତ କରିଛନ୍ତି । ମୁଁ ମଧ୍ୟ ଦସ୍ତଖତ କରିଦେଲି ।

ମିଷ୍ଟର ନିଲସେନ୍ ଯେତେବେଳେ ଶୁଣିଲେ ଯେ ମୁଁ ଓଡ଼ିଶା ପ୍ରଦେଶରୁ ଯାଇଛି ସେ ଖୁସି ହୋଇ କହିଲେ—ତାହାହେଲେ ଭାରତ ମଧ୍ୟରେ ଆପଣଙ୍କ ଦେଶଟି ଖୁବ୍ ପ୍ରଗତିଶୀଳ କାରଣ କେବଳ ଓଡ଼ିଶାରେ ହିଁ ମାଙ୍କଡ଼ ମରାଇବା ପାଇଁ ଲୋକେ ଅନୁମତି ଦେଇଛନ୍ତି । ଶୁଣିଲି ଯେ ଡେନ୍‌ମାର୍କରେ 'ହୋଲି କାଓ' ଓ 'ହୋଲି ମଙ୍କି' ଅର୍ଥାତ୍ ପବିତ୍ର ଗୋରୁ ଓ ପବିତ୍ର ମାଙ୍କଡ଼ ନାମରେ ବହୁ ଗଳ୍ପ ପ୍ରଚଳିତ ଅଛି । ଅନେକେ ମନେ କରନ୍ତି ଯେ ଭାରତୀୟ-ମାନେ ଗୋରୁ ଓ ମାଙ୍କଡ଼କୁ ପୂଜା କରନ୍ତି ଓ କେତେକ ଧର୍ମପ୍ରାଣ ଭାରତୀୟ ନିଜର ବାଡ଼ି ବଗିଚାକୁ ପବିତ୍ର ମାଙ୍କଡ଼ମାନଙ୍କର ଉପକାରାର୍ଥେ ଛାଡ଼ିଦେଇ ଆପେ ଯାଇ ବଣରେ ରହନ୍ତି । ଏମିତି କେତେ ପ୍ରକାର ଅଜଗୁବି ଗପ ଭାରତ ସମ୍ବନ୍ଧେ ସେ ଦେଶରେ ପ୍ରଚଳିତ । ଏପରି ଅବସ୍ଥାରେ ଭାରତର ଗୋଟିଏ ଦେଶ—ଓଡ଼ିଶା ମାଙ୍କଡ଼ ମାରିବା ପାଇଁ ଅନୁମତି ଦେଇଥିବା ଓ ଲୋକେ ମାଙ୍କଡ଼

ମାର୍‌ବାରେ ସାହାଯ୍ୟ କରୁଥିବା ବିଷୟ ଶୁଣି ସେମାନେ ପ୍ରଥମେ ଆଚମ୍ବିତ ହୋଇ ଯାଇଥିଲେ ଓ ସେଥିପାଇଁ ଭାରତ ମଧ୍ୟରେ ଓଡ଼ିଶାକୁ ଏକ ପ୍ରଗତିଶୀଳ ଦେଶ ବୋଲି ଅନୁମାନ କରି ନେଇଥିଲେ ।

ସେ ଭାରତ ସମ୍ବନ୍ଧରେ କେତେକ ବହି ପଢ଼ିଛନ୍ତି । ଭାରତ ସରକାରଙ୍କ ଦ୍ୱାରା ପ୍ରକାଶିତ ଏକ ଛବି ପୁସ୍ତକରୁ ସେ ଭୁବନେଶ୍ୱର ମନ୍ଦିରର କାରୁକାର୍ଯ୍ୟ ସମ୍ବଳିତ ଏକ ଛବି ଦେଖାଇଲେ । ସେ ଛବିଟିର ନାମ ହେଉଛି—ଲଭ୍‌ଲେଟର୍‌ ବା ପ୍ରେମ ଚିଠାଉ । ତାହା ବୋଧହୁଏ ରାଜରାଣୀ ମନ୍ଦିରର ଏକ ଭାସ୍କର୍ଯ୍ୟ ଶିଳ୍ପର ଛବି । ମୁଁ ସେଇ ଦେଶର ଲୋକ ଶୁଣି ସେମାନେ ଅତ୍ୟୁରି ଖୁସି ହୋଇ କହିଲେ—ତାହା ହେଲେ ଓଡ଼ିଶା ଭାରତ ମଧ୍ୟରେ ବହୁ ଦିନରୁ କଳା ଓ ସଂସ୍କୃତି ଦିଗରେ ଆଗେଇ ଚାଲିଛି ।

ମିସେସ୍‌ ନିଲ୍‌ସେନ୍‌ ଖାଇବା ବନ୍ଦୋବସ୍ତ କରି ଡାକିଲେ । ଟେବୁଲ ଉପରେ ବସିବା ପରେ ମିଷ୍ଟର ନିଲ୍‌ସେନ୍‌ କହିଲେ ଯେ ବାଳୁଙ୍ଗା କଲିଜାର ତରକାରୀ କରିଛନ୍ତି । ହଠାତ୍ ମୋ ପାଟିରୁ ସଂସ୍କାର ବଶତଃ ବାହାରି ପଡ଼ିଲା ଯେ ମୁଁ ସେ ମାଂସ ଖାଏ ନାହିଁ । ମିସେସ୍‌ ନିଲ୍‌ସେନ୍‌ ତାପରେ ମାଛ ବିହନ ଭଜା ମୋତେ ଖାଇବାକୁ ଦେଲେ । ଅବଶ୍ୟ ପରେ ଭାବିଲି ଯେ ସେତେବେଳେ ସେମାନଙ୍କୁ ସେ ଅଡୁଆରେ ପକାଇବାଟା ଭଲ ହେଲା ନାହିଁ କିନ୍ତୁ ତଥାପି ସଂସ୍କାରଗତ ଦୁର୍ବଳତା ଏଡ଼ାଇ ପାରିବା ମୋ ପକ୍ଷେ ସମ୍ଭବପର ହୋଇ ନ ଥିଲା । ମିଷ୍ଟର ନିଲ୍‌-ସେନ୍‌ଙ୍କ ସଙ୍ଗରେ ରାତି ପ୍ରାୟ ଦଶଟା ଯାଏ କଥାବାର୍ତ୍ତା ହେଲା । ଭାରତ ସମ୍ବନ୍ଧେ ଜାଣିବାପାଇଁ ତାଙ୍କର ବହୁତ ଆଗ୍ରହ ଥିବାର

ଦେଖିଲି । ରାତି ଅଧିକ ହୋଇ ଯିବାରୁ ସେ ମୋତେ ତାଙ୍କ କାର୍‌ରେ ଆଣି ମୋ ହୋଟେଲରେ ଛାଡ଼ି ଦେଇଗଲେ ।

ତହିଁ ପରଦିନ ସକାଳେ ଉଠି ବାହାରକୁ ଚାହିଁ ଦେଖେଁ ଯେ ଆକାଶ ନିର୍ମଳ ହୋଇ ଯାଇଛି । ସୂର୍ଯ୍ୟ ଦେବ ଉଙ୍କି ମାରୁ ଚାହୁଁଛନ୍ତି । ସେଥିପାଇଁ ବାହାରକୁ ବାହାରିବା ପାଇଁ ପ୍ରବଳ ଇଚ୍ଛା ହେଲା । କେମେରାଟି ହାତରେ ଧରି ହୋଟେଲ ବାହାରକୁ ବାହାରି ଆସିଲି । କିନ୍ତୁ କି ଶୀତ ! କାନ ଦାଇଟା ଯେପରି କାଲ୍ ହେଇଗଲା । ଗାଲମୁହଁ ଥଣ୍ଡାରେ କାକର ଗଲା । ଅବଶ୍ୟ ଦୁଇ ଚାରିଟା ଫଟୋ ଉଠାଇଲି କିନ୍ତୁ ବାହାରେ ରହିବାକୁ ଇଚ୍ଛା ହେଲା ନାହିଁ । ପୁଣି ପଳେଇ ଗଲି ହୋଟେଲ ଭିତରକୁ । ବାହାରେ ଏତେ ଥଣ୍ଡା ପଡ଼ୁଥିଲେ ମଧ୍ୟ ହୋଟେଲ ଭିତରେ କିନ୍ତୁ ବେଶ୍ ଗରମ ଥାଏ ।

ମୁଁ ଯେଉଁ ହୋଟେଲରେ ରହୁଥିଲି ତାହା ଖୁବ୍ ବଡ଼ ହୋଟେଲ ଆଉ ସେଠାରେ ବହୁତ ବଡ଼ ବଡ଼ ଲୋକ ରହନ୍ତି । ଖର୍ଚ୍ଚ ବହୁତ ବେଶୀ । ସେଥିପାଇଁ ଇଣ୍ଡିଆକନସୁଲେଟ୍ ଅଫିସର ମିଷ୍ଟର ଟମ୍‌ସନ୍ ମୋପାଇଁ ହୋଟେଲ୍ ଶେଭିଲ୍ ନାମକ ଅନ୍ୟ ଏକ ହୋଟେଲ ଠିକ୍ କରି ଦେଇଥିଲେ । ସେ ହୋଟେଲକୁ ଯାଇ ବୁଝିନେଲି ଯେ ପରଦିନ ଠାରୁ ମୁଁ ସେଠାକୁ ଯାଇପାରେ । ତଥାପି ମନମଧ୍ୟରେ ଦ୍ୱିଧା ହୋଇଥାଏ । ଗୋଟାଏ ଜାଗାରେ ତ ଅଛି ପୁଣି ତାକୁ ବଦଳାଇବ କିଏ ? କିନ୍ତୁ ସେଦିନ ସନ୍ଧ୍ୟା-ବେଳେ ଗୋଟିଏ ଘଟଣା ଘଟିଲା ଯାହା ଫଳରେ ମୁଁ ଦୃଢ଼ଭାବରେ ସ୍ଥିର କରିନେଲି ଯେ ମୁଁ ପରଦିନ ନିଶ୍ଚୟ ହୋଟେଲ ବଦଳା-ଇବ । ଘଟଣାଟି ହେଉଛି ଯେ ମୁଁ ସନ୍ଧ୍ୟାବେଳେ ହୋଟେଲର ଭୋଜନାଳୟକୁ ଖାଇବାକୁ ଗଲି । ଖାଇବା ବିଲ ହେଲା ୭୬

କ୍ରୋନର ( ଡେନମାର୍କ ମୁଦ୍ରା) । ସେଥି ଉପରେ ୧୨ କ୍ରୋନର ସର୍ଭିସ ଚାର୍ଜ ଯୋଡ଼ିଦେଲେ । ଏମିତି ମୋଟ ହେଲା ୮୨ କ୍ରୋନର । ମୁଁ ଖଣ୍ଡିଏ ଦଶକ୍ରୋନର ନୋଟ ଦେଲି ପରଖୁଥିବା ଲୋକକୁ । ଭାବିଥିଲି ସେ ନୋଟ୍‌ଟି ଭଙ୍ଗାଇ ଅବଶିଷ୍ଟ ଅର୍ଥ ଫେରାଇ ଦେବ । କିନ୍ତୁ ଫଳତଃ ସେ କିଛି ଫେରାଇ ନ ଦେଇ ମୁଣ୍ଡଟିକୁ ନମସ୍କାରଟିଏ ପକାଇ ଚାଲିଗଲା । ଦେଖିଲି ଯେ ଏ ହୋଟେଲଟା କେବଳ ବଡ଼ ବଡ଼ ଧନୀ ବ୍ୟକ୍ତିମାନଙ୍କ ପାଇଁ ନିର୍ଦ୍ଦିଷ୍ଟ । ସେଥିପାଇଁ ହୋଟେଲରେ ରହୁଥିବା ଲୋକେ ଅର୍ଥ ପ୍ରତି ଆଦୌ ଖାତିର କରନ୍ତି ନାହିଁ । କିନ୍ତୁ ଆମ ଭଳିଆ ସୀମାବଦ୍ଧ ଅର୍ଥବିଶିଷ୍ଟ ଲୋକମାନଙ୍କ ପକ୍ଷରେ ଏପରି ହୋଟେଲରେ ରହିବା ଯୁକ୍ତିଯୁକ୍ତ ନୁହେଁ ଭାବି ମୁଁ ତହିଁ ପରଦିନ ସକାଳେ ସେ ହୋଟେଲ ଛାଡ଼ି 'ହୋଟେଲ୍‌ସିସିଲ୍' ନାମକ ଅନ୍ୟ ଗୋଟିଏ ହୋଟେଲକୁ ଗଲି । ସେଠାରେ ରହିବାର ସୁବିଧା ପ୍ରାୟ ସମାନ କିନ୍ତୁ ଖର୍ଚ୍ଚ ପ୍ରାୟ ଅଧା । ତା ଛଡ଼ା ହୋଟେଲ ଚାର୍ଜ ସହିତ ସକାଳ ଜଳଖିଆଟା ମଧ୍ୟ ସେମାନେ ଯୋଗାଇ ଦିଅନ୍ତି । ପରେ ବୁଝିଲି ଯେ ମିଶନ ହୋଟେଲରେ ଚାର୍ଜ ଅଳ୍ପ କମ୍ । ସୁତରାଂ ବିଭିନ୍ନ ଶ୍ରେଣୀର ଲୋକମାନଙ୍କ ପାଇଁ ବିଭିନ୍ନ ପ୍ରକାର ହୋଟେଲରେ ବ୍ୟବସ୍ଥା ଅଛି । ଯେ ଯେତେ ଖର୍ଚ୍ଚ କରିପାରିବ ସେ ସେହିଭଳି ହୋଟେଲରେ ରହିପାରେ ।

ତାପରେ ଦୁଇ ତିନି ଦିନ ବୁଲି କୋପେନ୍‌ହେଗେନ୍‌ରେ ଥିବା ସମବାୟ ଅନୁଷ୍ଠାନମାନ ପରିଦର୍ଶନ କଲି । ତୁର୍କୀରୁ ଆସିଥିବା ଜଣେ ଭଦ୍ରବ୍ୟକ୍ତି ଓ ଜାମେଇକାରୁ ଆସିଥିବା ଜଣେ ସମବାୟ ବିଭାଗର ଡେପୁଟି ରେଜିଷ୍ଟ୍ରାର ମଧ୍ୟ ମୋ ସହିତ ଏହି ପରିଦର୍ଶନରେ ଯୋଗ ଦେଲେ । କୋପେନହେଗେନ୍‌ର ସମବାୟ କମିଟିର ଅନୁକୂଲ୍ୟରେ ଆମ୍ଭେମାନେ ଦିନେ ମଫସଲ ଅଞ୍ଚଳ

ବୁଲି ଯାଇଥିଲୁଁ । ସମବାୟ କମିଟି ହେଉଛି ସାଧାରଣତଃ ମଫସଲ ସମବାୟ ସମିତିମାନଙ୍କର ମୁଖପାତ୍ର କହିଲେ ଚଳେ । ସହରର ସମବାୟ ସମିତି ମଧ୍ୟ କେତେକ ସେଥିରେ ସଭ୍ୟ ଅଛନ୍ତି । ଉକ୍ତ ଅନୁଷ୍ଠାନ ପକ୍ଷରୁ ଜଣେ କର୍ମଚାରୀ ଅମ୍ଭମାନଙ୍କୁ ଏକ ଟାକ୍ସିରେ ନେଇ ମଫସଲ ସମିତି ବୁଲାଇ ଦେଖିବାକୁ ଗଲେ । ପ୍ରଥମେ ଅମ୍ଭେମାନେ କିଛି ଦୂର ଯାଇ ଗୋଟିଏ ସମବାୟ ଡାଏରୀ ବା ଦୁଗ୍ଧ ସମିତି ପରିଦର୍ଶନ କଲୁଁ । ପ୍ରାୟ ପାଞ୍ଚ ମାଇଲ ଅନ୍ତରରେ ଥିବା ଲୋକେ, ଯେଉଁମାନଙ୍କର ଦୁଧିଆଳୀ ଗାଈ ଅଛି, ଏ ସମିତିରେ ସଭ୍ୟ ହୋଇଛନ୍ତି । ସେମାନେ ପ୍ରତ୍ୟହ ସେମାନଙ୍କର ଦୁଧକୁ ସମିତି ଅଫିସକୁ ପଠାଇ ଦିଅନ୍ତି । ସମିତିରେ ନାନା ପ୍ରକାର କଳ ବସିଛି । ସେଥିରେ ଦୁଧ ସବୁରୁ ଛେନା, ମହନ ଇତ୍ୟାଦି ପ୍ରସ୍ତୁତ କରାଯାଏ । ତାପରେ ଅମ୍ଭେମାନେ ଫ୍ରେଡ଼େରିକ୍ସ-ବର୍ଗ ନାମକ ଏକ ସ୍ଥାନକୁ ଗଲୁ । ତାହା ଗୋଟିଏ କ୍ଷୁଦ୍ର ସହର କହିଲେ ଚଳେ । ସେଠାରେ ଏକ ପୁରୁଣା ଦୁର୍ଗ ଅଛି । ପ୍ରାୟ ତିନି ଶହ ବର୍ଷ ପୂର୍ବେ ତାହା ନିର୍ମିତ ହୋଇଥିଲା କିନ୍ତୁ ଏ ପର୍ଯ୍ୟନ୍ତ ତାହା ବେଶ୍ ଅକ୍ଷୁଣ୍ଣ ଅଛି । ବର୍ତ୍ତମାନ ଏକ ମ୍ୟୁଜିୟମ୍ ବା ଯାଦୁଘର ସ୍ଥାପିତ ହୋଇଛି ।

ଅମ୍ଭେମାନେ ଗୋଟିଏ କୃଷୀ ବା ଫାର୍ମର ଘରକୁ ମଧ୍ୟ ଯାଇଥିଲୁ । ଉକ୍ତ କୃଷୀ କେବଳ କୃଷି ନ କରି ଗୋରୁ ଗାଈ ଓ ଘୁଷୁରି ମଧ୍ୟ ରଖନ୍ତି ।

ତା ପରେ ହିଲେରଡ଼ ନାମକ ସ୍ଥାନରେ ଏକ ହୋଟେଲରେ ସମବାୟ କମିଟି ପକ୍ଷରୁ ଯାଇଥିବା ମିଷ୍ଟର ତୋମର ଅମ୍ଭମାନଙ୍କୁ ଏକ ମଧ୍ୟାହ୍ନ ଭୋଜନରେ ଆପ୍ୟାୟିତ କରିଥିଲେ । ଉକ୍ତ ଭୋଜନରେ ଏତେ ପ୍ରକାର ଜିନିଷ ଦିଆଯାଇଥିଲା ଯେ ତାହା

ଖାଇ ପାରିବା ଆମ୍ଭମାନଙ୍କ ପକ୍ଷରେ ଅସମ୍ଭବ ହୋଇ ପଡ଼ିଥିଲା । ବାସ୍ତବିକ ଡେନ୍‌ମାର୍କର ରନ୍ଧନରେ ଏକ ବିଶେଷତ୍ୱ ଅଛି । ଇଂଲଣ୍ଡରେ ଯେପରି ସାଧାସିଧା ସିଝା ରନ୍ଧଣା, ଡେନ୍‌ମାର୍କରେ ସେପରି ନୁହେଁ । ଡେନ୍‌ମାର୍କରେ ନାନା ପ୍ରକାର ସୁସ୍ୱାଦୁ ଖାଦ୍ୟ ପ୍ରସ୍ତୁତ ହୁଏ । ମୋର ଯେତେଦୂର ମନେ ହୁଏ ସେଦିନ ପ୍ରାୟ କୋଡ଼ିଏ କି ପଚିଶ ପ୍ରକାର ରନ୍ଧା ଦ୍ରବ୍ୟ ଆମ୍ଭମାନଙ୍କ ସମ୍ମୁଖରେ ପରଷା ହୋଇଥିଲା । ଏହାହିଁ ଡେନ୍‌ମାର୍କର ସ୍ୱଚ୍ଛଳତାର ଏକ ପ୍ରକୃଷ୍ଟ ନିଦର୍ଶନ ।

ଖିଆପିଆ ସାରି ଆମ୍ଭେମାନେ ଗୋଟିଏ ଫୋକ୍‌ହାଇସ୍କୁଲ ବା ଲୋକ ଶିକ୍ଷାଳୟ ଦେଖି ଯାଇଥିଲୁଁ । ଏହି ଲୋକଶିକ୍ଷାଳୟ ହିଁ ଡେନ୍‌ମାର୍କର ଏକ ଅଭିନବ ବିଶେଷତ୍ୱ କହିଲେ ଚଳେ । ଏହି ଲୋକଶିକ୍ଷାଳୟ ଫଳରେ ଡେନ୍‌ମାର୍କ ଆଜି ସମବାୟର ଦେଶ ନାମରେ ପରିଚିତ ଓ ସେଠାରେ ଏତେ ବହୁଳ ଭାବରେ ସମବାୟ ନୀତିର ପ୍ରଚଳନ ଦେଖାଯାଏ ।

ପ୍ରାୟ ଏକ ଶହ ବର୍ଷ ହେଲା ଡେନ୍‌ମାର୍କରେ ବିନା ବେତନରେ ଚଉଦ ବର୍ଷ ବୟସ ପର୍ଯ୍ୟନ୍ତ ସବୁ ପୁଅ ଝିଅମାନଙ୍କୁ ଶିକ୍ଷା ଦେବାର ବ୍ୟବସ୍ଥା ଅଛି । ଫଳରେ ଉକ୍ତ ଦେଶରେ ମୂର୍ଖ ବୋଲି କେହି ନାହାନ୍ତି । କିନ୍ତୁ ସେତିକିରେ ମଧ୍ୟ ସେ ଦେଶର ଚିନ୍ତାଶୀଳ ବ୍ୟକ୍ତିମାନେ ତୃପ୍ତ ହୋଇ ନ ଥିଲେ । ସେମାନେ ଦେଖିଲେ ଯେ କେବଳ ସ୍କୁଲ କଲେଜର ଶିକ୍ଷା ମନୁଷ୍ୟକୁ ପ୍ରକୃତ ମନୁଷ୍ୟ ଗଢ଼ିବାରେ ସମର୍ଥ ନୁହେଁ । କାରଣ ସ୍କୁଲ ଅବସ୍ଥାରେ ତରଳମତି ବାଳକ ବାଳିକାମାନଙ୍କୁ ସାମାଜିକ ଜୀବନ ଯାପନର ଦାୟିତ୍ୱ ହୃଦୟଙ୍ଗମ କରାଇ ହେବ ନାହିଁ । ସେଥିପାଇଁ ସେମାନେ ଫୋକ୍ ହାଇସ୍କୁଲ ବା ଲୋକଶିକ୍ଷାଳୟ ସ୍ଥାପନ କରିବାର

ପରିକଳ୍ପନା କଲେ । ଗ୍ରୁଣ୍ଡ୍‌ଭି ନାମକ ଏକ ଧର୍ମଯାଜକ ପ୍ରଥମେ ଏହି ପରିକଳ୍ପନାକୁ ପ୍ରଚାର କଲେ । ତାପରେ ଖ୍ରୀଷ୍ଟିୟାନ୍ କୋଲଡ୍ ନାମକ ଏକ ବ୍ୟକ୍ତି ତାହାକୁ କାର୍ଯ୍ୟରେ ପରିଣତ କରିବା ପାଇଁ ଅଣ୍ଟାଭିଡ଼ି ବାହାରି ପଡ଼ିଲେ । ଫଳରେ ଅନେକ ଫୋକ୍ ହାଇସ୍କୁଲ ସ୍ଥାପିତ ହେବାକୁ ଲାଗିଲା । କ୍ରମେ ସରକାରଙ୍କର ସୁଦୃଷ୍ଟି ମଧ୍ୟ ସେଥିପ୍ରତି ଆକୃଷ୍ଟ ହେଲା ଓ ସରକାର ଖର୍ଚ୍ଚରୁ ଅଧାଅଧି ଦାନ ସ୍ୱରୂପ ଦେବାକୁ ଲାଗିଲେ । ଏହି ଲୋକ-ଶିକ୍ଷାଳୟରେ ଅଠର ବର୍ଷରୁ ଊର୍ଦ୍ଧ୍ୱ ପୁରୁଷ ଓ ସ୍ତ୍ରୀମାନଙ୍କୁ ସାମାଜିକ ବିଷୟରେ ଶିକ୍ଷା ଦେବାର ବ୍ୟବସ୍ଥା ଥାଏ । ସାଧାରଣତଃ ଶୀତ ଦିନେ ପାଞ୍ଚମାସ ପାଇଁ ଓ ଗ୍ରୀଷ୍ମଦିନେ ତିନିମାସ ପାଇଁ ଶିକ୍ଷା ଦିଆଯାଏ । ସାଧାରଣତଃ ପାଞ୍ଚ ମାସିଆ ଶିକ୍ଷା ପୁରୁଷମାନଙ୍କ ପାଇଁ ଓ ତିନି ମାସିଆ ଶିକ୍ଷା ସ୍ତ୍ରୀଲୋକମାନଙ୍କ ପାଇଁ ଅଭିପ୍ରେତ, କିନ୍ତୁ ବର୍ତ୍ତମାନ କେତେକ ସ୍ଥାନରେ ପୁରୁଷ ଓ ସ୍ତ୍ରୀମାନଙ୍କୁ ମିଳିତ ଭାବରେ ମଧ୍ୟ ଶିକ୍ଷା ଦିଆଯାଏ । ଏହି ଲୋକଶିକ୍ଷାଳୟମାନଙ୍କରେ ଶିକ୍ଷକ ଓ ଛାତ୍ର ସମସ୍ତେ ମିଳି ଗୋଟିଏ ସ୍ଥାନରେ ରହନ୍ତି । ଶିକ୍ଷାର କୌଣସି କଡ଼ାକଡ଼ି ନିୟମ ନାହିଁ । କିମ୍ବା କୌଣସି ପରୀକ୍ଷା ଗୃହୀତ ହୁଏ ନାହିଁ । ସାଧାରଣତଃ ସାଧାରଣ ଜ୍ଞାନ ସମ୍ବଳିତ ଶିକ୍ଷାହିଁ ଦିଆ ଯାଇଥାଏ, ଯଥା—ସ୍ୱଦେଶର ଇତିହାସ ଭୂଗୋଳ ଅର୍ଥନୀତି ଓ ତା ସହିତ ପୃଥିବୀର ଅନ୍ୟାନ୍ୟ ଦେଶମାନଙ୍କର ସମ୍ପର୍କ ଓ ତୁଳନାତ୍ମକ ବିବରଣୀ । ସାଧାରଣ ବିଜ୍ଞାନ, ଦର୍ଶନ, ସାହିତ୍ୟ ଇତ୍ୟାଦି ସମ୍ବନ୍ଧୀୟ ଜ୍ଞାନ ବା ସମବାୟ ନୀତିର ଉପକାରିତା ଇତ୍ୟାଦି ଇତ୍ୟାଦି ବିଷୟରେ ସାଧାରଣ ଶିକ୍ଷା ଦିଆଯାଏ । ଦିନରେ ମାତ୍ର ଘଣ୍ଟାଏ କି ଦି ଘଣ୍ଟା ସାଧାରଣ କ୍ଲାସ୍ ହୁଏ ଓ ଶିକ୍ଷକ ବକ୍ତୃତା ଦିଅନ୍ତି । ଅବଶିଷ୍ଟ

ସମୟ୍ରତକ ବିଭିନ୍ନ ବିଷୟରେ ଅନୁସନ୍ଧିତ୍ସୁ ଦଳ ଦଳ ଛାତ୍ରମାନେ ଆପଣା ଆପଣା ମଧ୍ୟରେ ତର୍କ ଓ ଆଲୋଚନାରେ ଯୋଗ ଦିଅନ୍ତି । ଯେଉଁଠି ବୁଝି ନ ପାରନ୍ତି ବା ଦୁଇଦଳ ମଧ୍ୟରେ ଏକମତ ନ ହୋଇ ପାରନ୍ତି ସେତେବେଳେ ଶିକ୍ଷକମାନଙ୍କର ସାହାଯ୍ୟ ନିଅନ୍ତି । ତା ଛଡ଼ା ସୁଶୃଙ୍ଖଳିତ ଜୀବନ ଯାପନ ପ୍ରଣାଳୀ, ପ୍ରାତ୍ୟହିକ ବ୍ୟାୟାମ, ସ୍ୱାସ୍ଥ୍ୟରକ୍ଷା, ସୁଷମ ଖାଦ୍ୟ ଓ ସୁ ଅଭ୍ୟାସ ଇତ୍ୟାଦି ବିଷୟରେ ଶିକ୍ଷା ଦିଆଯାଏ । ଫଳରେ ଲୋକ ଶିକ୍ଷାଳୟରୁ ଉତ୍ତୀର୍ଣ୍ଣ ହେଲା ପରେ ତରୁଣ ତରୁଣୀମାନେ ଜୀବନ ମାର୍ଗରେ ଗତି କରିବା ପାଇଁ ଯଥେଷ୍ଟ ସାଧାରଣ ଜ୍ଞାନ ଅର୍ଜନ କରି ପାରିଥାନ୍ତି । ଏହି ଲୋକଶିକ୍ଷାଳୟ ହିଁ ଡେନମାର୍କର ସାଂସ୍କୃତିକ ଅର୍ଥନୈତିକ ତଥା ସାମାଜିକ ଜୀବନକୁ ନିୟନ୍ତ୍ରଣ କରିଥାଏ ବହୁ ପରିମାଣରେ ।

ଡେନମାର୍କରେ ଅବସ୍ଥାନ କରୁଥିବା ସମୟରେ ମୁଁ ସେ ଦେଶର ଅର୍ଥନୈତିକ ପ୍ରଣାଳୀ ସମ୍ବନ୍ଧରେ ଶିକ୍ଷା କରିବା ପାଇଁ ବିଶେଷ ଧ୍ୟାନ ଦେଇଥିଲି ଓ ସମବାୟ ଅନୁଷ୍ଠାନମାନ ପରିଦର୍ଶନ କରିବା ସଙ୍ଗେ ସଙ୍ଗେ ଅନ୍ୟାନ୍ୟ ଅର୍ଥନୈତିକ ଅନୁଷ୍ଠାନମାନ ମଧ୍ୟ ପରିଦର୍ଶନ କରିବାକୁ ଚେଷ୍ଟା କରିଥିଲି ।

ମୋଟାମୋଟି କହିବାକୁ ଗଲେ ଡେନମାର୍କର କୃଷୀମାନଙ୍କୁ ତିନି ଭାଗରେ ବିଭକ୍ତ କରାଯାଇପାରେ । ଯଥା—ଛୋଟ କୃଷୀ ଅର୍ଥାତ୍ ଯାହାର ୫ ଏକରରୁ ୨୫ ଏକର ପର୍ଯ୍ୟନ୍ତ ଜମି ଅଛି, ମଧ୍ୟବିତ୍ତ କୃଷୀ ଅର୍ଥାତ୍ ଯାହାର ୨୫ ଏକରରୁ ୧୦୦ ଏକର ପର୍ଯ୍ୟନ୍ତ ଜମି ଅଛି ଓ ବଡ଼ କୃଷୀ ଯାହାର ୧୦୦ ଏକରରୁ ବେଶି ଜମି ଅଛି । ସାଧାରଣତଃ ବଡ଼ କୃଷୀର ସଂଖ୍ୟା କମ୍ । ମଧ୍ୟବିତ୍ତ କୃଷୀର ସଂଖ୍ୟା ସବୁଠାରୁ ବେଶି ଓ ତା ତଳକୁ ଛୋଟ କୃଷୀ

ପ୍ରତ୍ୟେକ ଶ୍ରେଣୀର ଚାଷୀମାନଙ୍କ ପାଇଁ ଗୋଟିଏ ଗୋଟିଏ ଅନୁଷ୍ଠାନ ଅଛି । ସେହି ଅନୁଷ୍ଠାନଗୁଡ଼ିକ ସ୍ଥାନୀୟ ଅନୁଷ୍ଠାନରୁ ଆରମ୍ଭ କରି ଜାତୀୟ ଅନୁଷ୍ଠାନ ପର୍ଯ୍ୟନ୍ତ ଗଢ଼ି ଉଠିଛି । ପ୍ରାୟ ସମବାୟ ନୀତିରେ ସେଗୁଡ଼ିକ ଚଳେ ଯଦିଓ ସମବାୟ ସମିତି ଭାବରେ ତାହା ଗଢ଼ାଯାଇ ନ ଥାଏ । ପ୍ରତ୍ୟେକ ଶ୍ରେଣୀର ଚାଷୀ ନିର୍ଦ୍ଧାରିତ ସଭ୍ୟ ଚାନ୍ଦା ଦେଇ ତା ନିଜ ଶ୍ରେଣୀର ଚାଷୀ ଅନୁଷ୍ଠାନର ଅନ୍ତର୍ଭୁକ୍ତ ହୋଇଥାଏ । ପ୍ରତ୍ୟେକ ସ୍ଥାନୀୟ ବା ଆଞ୍ଚଳିକ ଚାଷୀ ସଂଗଠନ ପାଇଁ ଜଣେ ଜଣେ କୃଷି ବିଶେଷଜ୍ଞ, ପଶୁ ବିଶେଷଜ୍ଞ ବା ଚାଷ ହିସାବ କିତାବ ବିଶାରଦ ବ୍ୟକ୍ତି ନିଯୁକ୍ତ ଥାନ୍ତି ଅନୁଷ୍ଠାନ ପକ୍ଷରୁ । ସେମାନେ ସ୍ଥାନୀୟ ବା ଆଞ୍ଚଳିକ ଚାଷୀ ଅନୁଷ୍ଠାନର ସଭ୍ୟମାନଙ୍କୁ ଉନ୍ନତ ଧରଣ ଚାଷ କରିବା ପାଇଁ, ପଶୁପାଳନ ପାଇଁ ବା ଫାର୍ମ ଚଳାଇବା ପାଇଁ ଆବଶ୍ୟକୀୟ ଉପଦେଶ ଦେଇଥାନ୍ତି ଓ କୃଷି ବା ଫାର୍ମ ସମ୍ବନ୍ଧୀୟ ଯାବତୀୟ ଜାଣିବା ବିଷୟ ଜଣେଇଥାନ୍ତି । ସ୍ଥାନୀୟ ବା ଆଞ୍ଚଳିକ କୃଷି ସଙ୍ଗଠନ ଜରିଆରେ ଜାତୀୟ କୃଷି ସଙ୍ଗଠନ ଚାଷୀ ବା ଫାର୍ମାରମାନଙ୍କର ଅଭାବ ଅଭିଯୋଗ ବା ଅସୁବିଧା ବିଷୟ ଅବଗତ ହୋଇ ତାହାର ପ୍ରତିକାର ବ୍ୟବସ୍ଥା କରନ୍ତି ଓ ଆବଶ୍ୟକ ହେଲେ ସରକାର ସହିତ କଥାବାର୍ତ୍ତା କରି, ବା କାଉନ୍‌ସିଲରେ ପକାଇ ତାର ଉପଯୁକ୍ତ ବ୍ୟବସ୍ଥା କରନ୍ତି । ଏହି ଜାତୀୟ ଚାଷୀ ଅନୁଷ୍ଠାନ ପକ୍ଷରୁ କୃଷକମାନଙ୍କ ମଧ୍ୟରେ ଶିକ୍ଷା ବିସ୍ତାର ଉଦ୍ଦେଶ୍ୟରେ ବହୁ ପତ୍ର ପତ୍ରିକା ମଧ୍ୟ ପ୍ରଚଳିତ କରାଯାଇଥାଏ । ମୋଟ ଉପରେ କହିବାକୁ ଗଲେ ସେ ଦେଶରେ କୃଷି ବା ଫାର୍ମିଂର ଉନ୍ନତି କେବଳ ସରକାରଙ୍କ ପ୍ରଚେଷ୍ଟା ଉପରେ ନିର୍ଭର ନ କରି କୃଷକ ବା ଫାର୍ମାରମାନଙ୍କର

ସମ୍ମିଳିତ ଉଦ୍ୟମରେ ଗଢ଼ା ଯାଇଥିବା, ସ୍ଥାନୀୟ, ଆଞ୍ଚଳିକ ଓ ଜାତୀୟ ସଙ୍ଗଠନ ଉପରେ ଅଧିକାଂଶ ଭାବରେ ନିର୍ଭର କରିଥାଏ । ଏହିପରି ଅନୁଷ୍ଠାନ ଛୋଟ ଚାଷୀମାନଙ୍କ ପାଇଁ ଓ ମଧ୍ୟବିତ୍ତ ଚାଷୀମାନଙ୍କ ପାଇଁ ପୃଥକ୍ ପୃଥକ୍ ଭାବରେ ଗଢ଼ାଯାଇଥାଏ କାରଣ ଉକ୍ତ ଦୁଇ ଶ୍ରେଣୀର ଚାଷୀ ବା ଫାର୍ମାରମାନଙ୍କର ସ୍ୱାର୍ଥ ପରସ୍ପରଠାରୁ ବିଭିନ୍ନ ଥାଏ । ଫଳତଃ ବେସରକାରୀ ଭାବରେ ସେମାନଙ୍କ ଦେଶରେ ବହୁ ଅନୁଷ୍ଠାନ କାର୍ଯ୍ୟକାରୀ ହୋଇଥାଏ ।

ସମବାୟ କ୍ଷେତ୍ରରେ ମଧ୍ୟ ସେହିପରି ଭାବରେ ସେ ଦେଶର ସମବାୟ ଅନୁଷ୍ଠାନମାନ ଲୋକମାନଙ୍କର ସ୍ୱେଚ୍ଛାକୃତ ସହଯୋଗ ଫଳରେ ତଳୁ ଉପରକୁ ଗଢ଼ି ଉଠିଥାଏ । ଯଥା—ସ୍ଥାନୀୟ ସମବାୟ ସମିତି, ଆଞ୍ଚଳିକ ସମବାୟ ସମିତି ଓ ଜାତୀୟ ସମବାୟ ସମିତି । ବିଭିନ୍ନ ଶ୍ରେଣୀର ଲୋକମାନଙ୍କର ଆବଶ୍ୟକତା ମେଣ୍ଟାଇବା ପାଇଁ ବିଭିନ୍ନ ପ୍ରକାର ସମବାୟ ସମିତିମାନ ଗଢ଼ାଯାଇଥାଏ । ଚାଷୀମାନଙ୍କ ପାଇଁ ଆବଶ୍ୟକ ହେଉଥିବା ସାର ପାଇଁ ଏକ ସାର ଯୋଗାଣ ସମିତି ଗଢ଼ାଯାଇଛି । ଏହିପରି ସ୍ଥାନୀୟ ସାର ଯୋଗାଣ ସମିତିମାନଙ୍କର ସଙ୍ଗଠନରେ ଏକ ଆଞ୍ଚଳିକ ସାର ଯୋଗାଣ ସମିତି ଓ ଅଞ୍ଚଳିକ ସମିତିର ସଙ୍ଗଠନରେ ଏକ ଜାତୀୟ ସମିତି ଗଢ଼ା ଯାଇଥାଏ । ଠିକ୍ ସେହି ନୀତିରେ ଖାଉଟି ସମବାୟ ସମିତି ମଧ୍ୟ, ସ୍ଥାନୀୟ, ଆଞ୍ଚଳିକ ଓ ଜାତୀୟ ଭାବରେ ଗଢ଼ି ଉଠିଛି । ଚାଷୀମାନଙ୍କର ଉତ୍ପନ୍ନ ଦ୍ରବ୍ୟ, ଯଥା—ଦୁଗ୍ଧଜାତ ଦ୍ରବ୍ୟ ଅଣ୍ଡା, ମାଂସ ଇତ୍ୟାଦିର ବିକ୍ରୟ ପାଇ ଦୁଗ୍ଧ ସମିତି, ଅଣ୍ଡା ସମିତି, ମାଂସ ସମିତି ଇତ୍ୟାଦି ପୃଥକ୍ ପୃଥକ୍ ଭାବରେ ସ୍ଥାନୀୟ, ଆଞ୍ଚଳିକ ଓ ଜାତୀୟ ଭାବରେ ଗଢ଼ି ଉଠିଛି । ପଶୁ ଖାଦ୍ୟ ଯୋଗାଇବା ପାଇଁ ସେହିପରି ଜାତୀୟ, ଆଞ୍ଚଳିକ ଓ ସ୍ଥାନୀୟ

ପଶୁ ଖାଦ୍ୟ ଯୋଗାଣ ସମିତିମାନ ଗଢା ଯାଇଛି । ଫଳରେ ଦେଖିଲି ଯେ ଗୋଟିଏ ଗୋଟିଏ ଗ୍ରାମରେ ୫।୬ ଗୋଟି ଭିନ୍ନ କିସମର ସମବାୟ ସମିତି ଚାଲୁଛି ଓ ଜଣେ ବ୍ୟକ୍ତି ପ୍ରତ୍ୟେକଟିରେ ମଧ୍ୟ ସଭ୍ୟ ହୋଇପାରେ । ଡେନମାର୍କର ସମବାୟ ସମିତିମାନ ପ୍ରକୃତ ଗଣତାନ୍ତ୍ରିକ ମତରେ ଚାଲେ । ସରକାରଙ୍କ ସହିତ ଉକ୍ତ ସମିତିମାନଙ୍କର କୌଣସି ସମ୍ପର୍କ ନ ଥାଏ । ଏପରିକି କୌଣସି ସମବାୟ ସମିତି ସରକାରଙ୍କ ଦ୍ୱାରା ରେଜେଷ୍ଟ୍ରି କରାଯାଏ ନାହିଁ । ପ୍ରତ୍ୟେକ କିସମର ସମବାୟ ସମିତି ସମୂହର ଜାତୀୟ ସଙ୍ଗଠନ ଉକ୍ତ ପ୍ରକାର ସମିତିର ପରିଚାଳନା, ପରିଦର୍ଶନ ଓ ଅଡ଼ିଟ୍‌ରେ ସାହାଯ୍ୟ କରିଥାଏ । ସଭ୍ୟମାନେ ସାଧାରଣତଃ ଅସୀମ ଦାୟିତ୍ୱ ବରଣ କରି ନେଇଥାନ୍ତି । ଏ ସବୁ ଯେ ଉପଯୁକ୍ତ ଶିକ୍ଷାର ସୁଫଳ ଏଥିରେ କୌଣସି ସନ୍ଦେହ ନାହିଁ ।

କେବଳ ଦୀର୍ଘକାଳୀନ ଋଣ ଓ ଦୀର୍ଘକାଳୀନ ଗୃହ ନିର୍ମାଣ ଋଣ ବିଷୟରେ ସରକାରଙ୍କର ଦାୟିତ୍ୱ ଥିବାର ଦେଖିଲି । ଯଦି କୌଣସି କୃଷକ ବା ଫାର୍ମର ତାର କୃଷିକ୍ଷେତ୍ର ବା ଫାର୍ମର ଉନ୍ନତି ପାଇଁ ଦୀର୍ଘକାଳୀନ ଅର୍ଥାତ୍ ୨୦ । ୨୫ ବର୍ଷ ପାଇଁ ଫାର୍ମ ବନ୍ଧକ ଦେଇ ଋଣ ଗ୍ରହଣ କରେ ତେବେ ତାକୁ ସରକାରୀ ଆଇନ ଅନୁସାରେ ପରିଚାଳିତ ହେବାକୁ ପଡ଼ିଥାଏ । ସେହିପରି ଗୃହ ନିର୍ମାଣ ପାଇଁ ସରକାର ମଧ୍ୟ ଦୀର୍ଘକାଳୀନ ଋଣ ଦେଇଥାନ୍ତି । ସମବାୟ ମତରେ ଗୃହନିର୍ମାଣ ଡେନମାର୍କରେ ଏକ ବିଶେଷତ୍ୱ କହିଲେ ଚଳେ । କାରଣ କେବଳ କୋପେନ୍‌ହେଗେନ୍ ସହରରେ ଦେଖିଲି ଯେ ପ୍ରାୟ ଏକଲକ୍ଷ ଲୋକ ସମବାୟ ଗୃହନିର୍ମାଣ ସମିତି ନିର୍ମିତ ଘରେ ବାସ କରନ୍ତି । ପ୍ରତ୍ୟେକ ସ୍ୱଳ୍ପ ଆୟ ବିଶିଷ୍ଟ ବ୍ୟକ୍ତିଙ୍କୁ ଗୃହ ଯୋଗାଇବା ସରକାରଙ୍କର ଏକ

ମତ ଭାବରେ ଗୃହୀତ । ସେଥିପାଇଁ ସରକାର ପ୍ରତିବର୍ଷ ପଥେଷ୍ଟ ଋଣ ଯୋଗାଇଥାନ୍ତି ଏହି ସମବାୟ ଗୃହ ନିର୍ମାଣ ସମିତିଗୁଡ଼ିକୁ । ଅନେକ ସମୟରେ ସରକାର ଉଚ୍ଚ ଋଣ ସୁଧହାରରେ ଜନ ସାଧାରଣଙ୍କ ଋଣ ଉଠାଇ ଅଳ୍ପ ସୁଧହାରରେ ଗୃହନିର୍ମାଣ ସମବାୟ ସମିତିକୁ ଦୀର୍ଘକାଳୀନ ଋଣ ଯୋଗାଇଥାନ୍ତି । ସରକାରଙ୍କ ହାତରୁ ଯେଉଁ ଚଳନ୍ତି ସୁଧହାରଠାରୁ ଅଧିକ ପଡ଼େ ତାହା ସରକାରଙ୍କ ପକ୍ଷରୁ ଗୃହନିର୍ମାଣ ସମବାୟ ସମିତିକୁ ଦାନ ବା ସାହାଯ୍ୟ ସ୍ୱରୂପ ଦିଆଯାଏ ।

ମୁଁ ଡେନ୍‌ମାର୍କରେ ଥିବା ସମୟରେ ଆମ ଦେଶର କଟକ ଜିଲ୍ଲାର ବାଗଲପୁର ଗ୍ରାମର ଜଣେ ଯୁବକ ଶ୍ରୀମାନ୍ ଶିବରଞ୍ଜନ ଦାସଙ୍କ ସହିତ ଭେଟ ହୋଇଥିଲା ଆମେ କେତେକ ସମୟ ସଙ୍ଗ ହୋଇ ନାନା ବିଷୟରେ କଥାବାର୍ତ୍ତା କରିବାର ସୁଯୋଗ ପାଇଥିଲୁଁ । ଶ୍ରୀମତୀ ମାଳତୀ ଚୌଧୁରୀଙ୍କର ଉଦ୍ୟମରେ ଓ ଶ୍ରୀଯୁକ୍ତ ବିଜୟାନନ୍ଦ ପଟ୍ଟନାୟକଙ୍କର ଅର୍ଥ ସାହାଯ୍ୟରେ ଶ୍ରୀମାନ୍ ଶିବରଞ୍ଜନ ଡେନ୍‌ମାର୍କ ଯାଇ ପ୍ରାୟ ଦୁଇବର୍ଷ ହେଲା ଗଣଶିକ୍ଷା ସମ୍ବନ୍ଧେ ଶିକ୍ଷା ଲାଭ କରୁଛନ୍ତି । ସେ ଇତିମଧ୍ୟରେ ଡେନିସ୍ ଭାଷା, ଜର୍ମାନୀ ଭାଷା ଓ ଫିନିସ୍ ଭାଷା ଶିକ୍ଷା କରି ପାରିଛନ୍ତି ଓ ଉକ୍ତ ଭାଷାମାନଙ୍କରେ ବକ୍ତୃତା ଦିଅନ୍ତି ଓ ରେଡ଼ିଓରେ କହନ୍ତି ମଧ୍ୟ । ଫଳରେ ସେ ସେଠାରେ ବେଶ୍ ଲୋକପ୍ରିୟ ହୋଇ ପାରିଥିବାର ଦେଖିଲି । ଭାରତୀୟ ଚିନ୍ତାଧାରା ଓ ସଂସ୍କୃତିର ବାଣୀ ପ୍ରଚାର କରିବାରେ ଶ୍ରୀମାନ୍ ଦାସ ବେଶ୍ ଭଲ କାର୍ଯ୍ୟ କରୁଛନ୍ତି ବୋଲି ମୋର ମନେହେଲା ।

ମୁଁ ଭାରତରୁ ଯାଇଛି ବୋଲି ସମ୍ବାଦ ପାଇ ମିଷ୍ଟର ୟୁର୍‌ଗେନ୍‌ସେନ୍ ନାମକ ଏକ ଡେନିସ୍ ଭଦ୍ରବ୍ୟକ୍ତି ଦିନେ

ସନ୍ଧ୍ୟାରେ ମୋ ସହିତ ଭେଟିଥିଲେ । ସେ କହିଲେ ଯେ ସେ ଦୁଇବର୍ଷ ପୂର୍ବେ ଶାନ୍ତି ସମ୍ମିଳନୀରେ ଯୋଗ ଦେବା ପାଇଁ ଭାରତ ଆସିଥିଲେ ଓ ଭାରତ ସହିତ ତାଙ୍କର ବେଶ୍ ସମ୍ପର୍କ ଅଛି । ସେ କହିଲେ ଯେ ସେ ଭାରତ ଆସିଥିବା ସମୟରେ କଲିକତାରେ ଏକ ଭାରତ ସ୍କାଣ୍ଡିନେଭିୟାନ୍ ସମ୍ପର୍କ ସମିତି ସ୍ଥାପନ କରି ଯାଇଥିଲେ । ସେଥିରେ ଡାକ୍ତର ସମୀରଣ ବାନାର୍ଜୀ ବୋଲି ଜଣେ ସଭାପତି ଅଛନ୍ତି । ତହିଁ ପରଦିନ ସେ ମୋତେ ତାଙ୍କ ଅଫିସକୁ ନେଇଗଲେ ଓ ସେଠାରେ ପ୍ରାୟ ୩ଟା ଘଣ୍ଟା କାଳ ବସି ଭାରତ ସମ୍ବନ୍ଧେ ବହୁତ କଥାବାର୍ତ୍ତା ହେଲେ । ସେ କହିଲେ ଯେ ସେ ଭାରତର ଆଧ୍ୟାତ୍ମିକତାରେ ଭାରି ମୁଗ୍ଧ ହୋଇଛନ୍ତି ଓ ସେ ଭଗବତ ଗୀତାକୁ ଡେନିସ୍ ଭାଷାରେ ଅନୁବାଦ କରୁଛନ୍ତି । ସେ କହିଲେ ଯେ ଆଲ୍‌ଫ୍ରେଡ୍ ସୋରେନ୍‌ସେନ୍ ନାମକ ଏକ ଡେନମାର୍କର ଅଧିବାସୀ ପ୍ରାୟ ଷୋହଳ ବର୍ଷ ହେଲା ଭାରତର ଆଲ୍‌ମୋଡ଼ା ଠାରେ ହିମାଳୟ ପର୍ବତରେ ରହି ଯୋଗ ସାଧନା କରୁଛନ୍ତି । ସେ ଭାରତର ରମଣ ମହର୍ଷିଙ୍କଠାରୁ ଦୀକ୍ଷା ନେଇଥିଲେ ।

ମିଷ୍ଟର ୟୁର୍‌ଗେନ୍ ସେନ୍ ମୋତେ ସଙ୍ଗରେ ନେଇ ତାଙ୍କର ଜଣେ ବନ୍ଧୁ ମିଷ୍ଟର ହେନେରୀ ୟେନ୍‌ସେନ୍‌ଙ୍କ ସହିତ ପରିଚୟ କରାଇ ଦେଇଥିଲେ । ୟେନ୍‌ସେନ୍ ହେଉଛନ୍ତି ଜଣେ ଧନୀ ବ୍ୟକ୍ତି ଓ ଡେନିସ୍ ପାର୍ଲିଆମେଣ୍ଟର ସଭ୍ୟ । ସେ ମଧ୍ୟ ଡେନ୍‌ମାର୍କ ପକ୍ଷରୁ ଜାତିସଙ୍ଘକୁ ପ୍ରତିନିଧି ଭାବରେ ଯାଇଛନ୍ତି । ସେ ପ୍ରାଚ୍ୟ କାରୁକାର୍ଯ୍ୟ ସମ୍ବଳିତ ଦ୍ରବ୍ୟରେ ବ୍ୟବସାୟ କରନ୍ତି । ତାଙ୍କ ଦୋକାନ ଘର ବୁଲାଇ ସେ ଦେଖାଇଲେ । ବହୁ ସ୍ଥାନରୁ ସଂଗୃହୀତ ବହୁତ ଗାଲିଚା ଇତ୍ୟାଦି ସେ ବିକ୍ରୟ କରୁଛନ୍ତି । ଓଡ଼ିଶାର କାରୁକାର୍ଯ୍ୟ ସମ୍ବଳିତ ଜିନିଷ ବିକ୍ରୟ କରିବା ପାଇଁ ବିଶେଷତଃ

ଡେନ୍‌ମାର୍କରେ ପ୍ରଚାର କରିବା ପାଇଁ ସେ ଯଥେଷ୍ଟ ଉତ୍ସାହ ଦେଖାଇଲେ । ମୁଁ ତାଙ୍କୁ କହିଲି ଯେ ଓଡ଼ିଶାରେ ସମ୍ବଲପୁରୀ ପର୍ଦ୍ଦା ଓ ପାରଳା ଖେମୁଣ୍ଡିର ଶିଙ୍ଗ ଶିଳ୍ପ ଡେନମାର୍କରେ ବିଶେଷ ଆଦର ପାଇ ପାରିବ । ସେ ତାହା ନେବାପାଇଁ ବିଶେଷ ଆଗ୍ରହ ପ୍ରକାଶ କରିଥିଲେ । ସେଦିନ ରାତିରେ ସେ ଆମ୍ଭମାନଙ୍କୁ ତାଙ୍କ ଘରେ ରାତ୍ରି ଭୋଜନରେ ଆପ୍ୟାୟିତ କରିଥିଲେ । ମିସେସ୍ ଯେନ୍‌ସେନ୍ ଆମ୍ଭମାନଙ୍କ ପାଖରେ ବସି ସେ ନିଜେ ରାନ୍ଧିଥିବା ଜିନିଷଗୁଡ଼ିକ ଖୁଆଇଥିଲେ ଓ ଭୋଜନ ପରେ ତାଙ୍କ ଘରେ ବୁଲାଇ ଆମକୁ ନାନା ଜିନିଷ ଦେଖାଇଥିଲେ ।

ଡେନମାର୍କରେ ଦେଖିଲି ଲୋକମାନେ ଖୁବ୍ କଳାପ୍ରିୟ । ପ୍ରତ୍ୟେକ ଘରେ ମହମବତୀର ଖୁବ୍ ଆଦର । ଏହି ଇଲେକ୍‌ଟ୍ରିକ୍ ଯୁଗରେ ମଧ୍ୟ ଉଜ୍ଜ୍ୱଳ ଇଲେକ୍‌ଟ୍ରିକ୍ ଆଲୋକ ଜଳୁଥିଲେ ସୁଦ୍ଧା ପ୍ରତ୍ୟେକ ଘରେ କେତେକ ମହମବତୀ ଜଳା ଯାଉଥିବାର ଦେଖିଲି । ଫୁଲର ଆଦର ମଧ୍ୟ ସେହିପରି । ପ୍ରତ୍ୟେକ ଘରେ ପ୍ରାୟ ଫୁଲ ସଜା ହୋଇଥାଏ । ଶୀତଦିନେ ବାହାରେ ଫୁଲ ହୋଇ ପାରେ ନାହିଁ ତଥାପି ଘର ଭିତରେ ଫୁଲ ଉତ୍ପାଦନ କରନ୍ତି ।

ଡେନମାର୍କର ପଟେରି ବା ମୃତ୍ତିଶିଳ୍ପ ବଡ଼ ଉଚ୍ଚ ଧରଣର । ସେଥିରେ ସେମାନେ ନାନା ପ୍ରକାର ଛବି ଅଙ୍କିଥାନ୍ତି । ସେହିପରି ରୁପାର କାମ ମଧ୍ୟ ଭାରି ସୁନ୍ଦର । ଏଥିରୁ ଡେନମାର୍କର ଅଧିବାସୀ-ମାନଙ୍କର ସଂସ୍କୃତିର ଯଥେଷ୍ଟ ପରିଚୟ ମିଳିଥାଏ ।

କୋପେନହେଗେନ୍‌ର ପ୍ରତ୍ୟେକ ଛକରେ ଦେଖିଲି ସୁନ୍ଦର ଶିଳ୍ପ ମୂର୍ତ୍ତି । ଅଧିକାଂଶ ସ୍ଥାନରେ ମୂର୍ତ୍ତିଗୁଡ଼ିକ ନଗ୍ନ ନରନାରୀର ମୂର୍ତ୍ତି । ବ୍ରୋଞ୍ଜରେ ତିଆରି ମୂର୍ତ୍ତି ଅଧିକ । କୋପେନହେଗେନ ବନ୍ଦର ନିକଟରେ ଏକ ନଗ୍ନ ମନୋରମ ଜଳକନ୍ୟାର

ମୂର୍ତ୍ତି ଅଛି । ତାହାହିଁ ଡେନମାର୍କର ଅଧିଷ୍ଠାତ୍ରୀ ଦେବୀ ରୂପେ ପରିଚିତ ।

ପରେ ଶ୍ରୀମାନ୍ ଚିତ୍ତରଞ୍ଜନଙ୍କୁ ସଙ୍ଗରେ ନେଇ ଡେନ୍‌ମାର୍କର ମ୍ୟୁଜିୟମ୍ ବା ଯାଦୁଘର ଦେଖି ଯାଇଥିଲି । ଏକ ପ୍ରକାଣ୍ଡ ଯାଦୁଘର ସେ । ସେଥିର ଗୋଟିଏ ଅଂଶ ମାତ୍ର ବୁଲି ଦେଖିବାକୁ ଘଣ୍ଟାଏ ଲାଗିଥିଲା । ପ୍ରାୟ ଦୁଇ ତିନି ଶହ ବର୍ଷର ଘର ଗୁଡ଼ିକ ଅବିକୃତ ଭାବରେ ସଜାହୋଇ ରଖା ଯାଇଛି । ସେ ଘର ଗୁଡ଼ିକର କାଠ ଦରଜା ଓ ସେଥିରେ ପଡ଼ିଥିବା ପଲଙ୍କ ବିଛଣା ଦେଖିଲେ ଆଜିକାଲିର ଆମ ମଫସଲ ଅଞ୍ଚଳର ଧନୀ ଲୋକମାନଙ୍କର ଘର ଭିତର ପରି ଦେଖାଯାଏ ।

ମୋଟ ଉପରେ ମୋର ଅବସ୍ଥିତି ଡେନମାର୍କରେ ଅଳ୍ପକାଳ ସ୍ଥାୟୀ ହୋଇଥିଲେ ସୁଦ୍ଧା ଡେନମାର୍କ ଅଧିବାସୀମାନଙ୍କର ସହୃଦୟତା ଓ ସୌଜନ୍ୟ ଓ ଦେଶର ଅର୍ଥନୀତି ଓ ଶିକ୍ଷାନୀତିର ଗଣତାନ୍ତ୍ରିକତା ମୋତେ ଯଥେଷ୍ଟ ଆନନ୍ଦ ଦେଇଥିଲା । ଭାରତୀୟ କନ୍‌ସୁଲେଟ୍ ଜେନେରାଲଙ୍କର ପୁଅ ଓ ତାଙ୍କ ସେକ୍ରେଟାରୀ ମିଷ୍ଟର ଟମ୍‌ସେନ୍ ମଧ୍ୟ ଆମ୍ଭମାନଙ୍କୁ ଏକ ଭୋଜିରେ ଆପ୍ୟାୟିତ କରିଥିଲେ । ବାସ୍ତବିକ ଡେନମାର୍କର ଅଧିବାସୀମାନେ ଭାରତ ସହିତ ସାଂସ୍କୃତିକ ତଥା ଅର୍ଥନୈତିକ ସମ୍ପର୍କ ରଖିବାପାଇଁ ଯଥେଷ୍ଟ ବ୍ୟାକୁଳ ଥିଲାପରି ମନେ ହେଲା । ମୋର ମତରେ ଏପ୍ରକାର ସମ୍ପର୍କ ଉଭୟ ଦେଶ ପକ୍ଷରେ ବିଶେଷତଃ ଭାରତ ପକ୍ଷରେ ବିଶେଷ ସ୍ପୃହଣୀୟ । କାରଣ ଡେନମାର୍କର ଅର୍ଥନୀତି ପୁଞ୍ଜିବାଦ କିମ୍ବା ସାମ୍ୟବାଦ ଏଇ ଦୁଇଟି ଚରମ ନୀତି ନ ହୋଇ ଏକ ମଧ୍ୟ ନୀତି ବା ସମବାୟ ନୀତି ଉପରେହିଁ ପ୍ରତିଷ୍ଠିତ । ଆମ ଭାରତ ସାଧାରଣତନ୍ତ୍ରର ଲକ୍ଷ୍ୟ—ସମବାୟ ସାଧାରଣ ତନ୍ତ୍ର ବୋଲି ଘୋଷିତ । ସେଥିରେ ଆମ ଦେଶର

କୃଷୀ, କାରିଗର ଓ ସାଧାରଣ ନାଗରିକ ଯେତେ ଅଧିକ ସଂଖ୍ୟାରେ ଡେନମାର୍କ ଯାଇ ସେ ଦେଶର ଅର୍ଥନୀତି ଓ ସମବାୟ ଅନୁଷ୍ଠାନର ମୂଳନୀତି ସମ୍ବନ୍ଧେ ପ୍ରତ୍ୟକ୍ଷ ଜ୍ଞାନ ଅର୍ଜନ କରି ଆସନ୍ତି ସେତେ ଭଲ ; ତାପରେ ଡେନମାର୍କର ଶିକ୍ଷା ନୀତି ମଧ୍ୟ ଆମର ଅନୁକରଣୀୟ । ବିଶେଷତଃ ଡେନମାର୍କର ଲୋକ ଶିକ୍ଷାଳୟ ବା ଗଣ ଶିକ୍ଷା ଆମ ଦେଶ ପାଇଁ ସର୍ବଦା ବାଞ୍ଛନୀୟ । ସୁତରାଂ ଆମ ଦେଶର ଶିକ୍ଷାବିତ୍, କୃଷିବିତ୍ ଓ ଅର୍ଥନୀତିଜ୍ଞ ଯେତେ ଅଧିକ ପରିମାଣରେ ଡେନମାର୍କ ଯାଆନ୍ତି ଆମ ଦେଶ ପକ୍ଷରେ ସେତେ ଅଧିକ ମଙ୍ଗଳଜନକ ବୋଲି ମୋର ମନେ ହୁଏ । ଡେନମାର୍କ ଆମେରିକା ପରି ବ୍ୟୟସାପେକ୍ଷ ନୁହେଁ କିମ୍ବା ଏତେ ସୁଦୂର ନୁହେଁ । ଆମେରିକାର ଅଧା ଖର୍ଚ୍ଚରେ ଓ ଆମେରିକାଠାରୁ ଅଧା ଦୂରରେ ଡେନମାର୍କ ଯାଇ ହେବ ତାପରେ ଆମେରିକାର ପୁଞ୍ଜିବାଦ ଓ କେନ୍ଦ୍ରିକ ଅର୍ଥନୀତି ଭାରତ ପକ୍ଷରେ ଲୋଭନୀୟ ନୁହେଁ । ଆମେରିକା କୃଷକର ବିପୁଳ ଭୂମି ଭାରତର କୌଣସି କୃଷକ ସ୍ୱପ୍ନରେ ମୁଦ୍ଧା ଆଶା କରି ନ ପାରେ; କିନ୍ତୁ ଡେନମାର୍କର କୃଷକର କାର୍ଯ୍ୟପନ୍ଥା ଭାରତୀୟ କୃଷକର ଅନୁକରଣୀୟ ଓ ସେ ଦେଶର କୃଷୀ ଯେଉଁଭଳି ମିଶ୍ର ଫାର୍ମିଂ ଫଳରେ ଦେଶର ଅର୍ଥନୀତିକୁ ବଦଳାଇ ଦେଇ ପାରିଛନ୍ତି ତାହା ସର୍ବଦା ଓ ସର୍ବଥା ଆମର ଅନୁକରଣୀୟ । ଗୋ-ସମ୍ପଦର ଅଭିବୃଦ୍ଧି ଦିଗରେ ମଧ୍ୟ ଡେନମାର୍କ ଆମମାନଙ୍କର ପଥପ୍ରଦର୍ଶକ ହେବା ଉଚିତ । ସେଥିପାଇଁ ପଶୁବିଭାଗର କର୍ମଚାରୀମାନଙ୍କର ଶିକ୍ଷାକେନ୍ଦ୍ର ଆମେରିକା ନ ହୋଇ ଡେନମାର୍କ ହେବା ସର୍ବଦା ବାଞ୍ଛନୀୟ । ମତ୍ସ୍ୟ ସମ୍ପଦର ଅଭିବୃଦ୍ଧି ଦିଗରେ ମଧ୍ୟ ଡେନମାର୍କ ଯଥେଷ୍ଟ ଆଗେଇ ଯାଇଛି । ମିଷ୍ଟର ଯୁର୍‌ଗେନ୍‌ସେନ କହୁଥିଲେ

ଯେ ବଙ୍ଗ ସରକାରଙ୍କର ଆହ୍ୱାନକ୍ରମେ କେତେକ ଡେନିସ୍ ନୌନିର୍ମାଣକାରୀ କଲିକତା ଯାଇ ସେଠାରେ ମାଛ ମାରିବା ବୋଟ୍ ନିର୍ମାଣ କରୁଛନ୍ତି । ମୁଁ ତାଙ୍କୁ ଚିଲିକା ହ୍ରଦ କଥା କହିଥିଲି ଓ ମ୍ୟାପ୍‌ରେ ଦେଖାଇ ଦେଇଥିଲି ମଧ୍ୟ । ସେ କହିଲେ ଯେ ତାଙ୍କ ଦେଶର ନୌନିର୍ମାଣକାରୀମାନେ ଚିଲିକା କୂଳରେ ଏକ ନୌନିର୍ମାଣ କେନ୍ଦ୍ର ସ୍ଥାପନ ଦିଗରେ ମଧ୍ୟ ସାହାଯ୍ୟ କରି ପାରନ୍ତି । ଡେନମାର୍କର ଛୋଟ ଛୋଟ କୃଷୀମାନେ ଛୋଟ ଛୋଟ ପାଣି ପମ୍ପ ଦ୍ୱାରା ଆପଣା କ୍ଷେତକୁ ପାଣି ମଡ଼ାଇ ଥାନ୍ତି । ଆମ ଦେଶର ଛୋଟ କୃଷୀମାନଙ୍କର ସେ ପ୍ରକାର ଯନ୍ତ୍ରପାତି ମଧ୍ୟ ଦେଖିବା ଓ କାର୍ଯ୍ୟରେ ଲଗାଇବା ଦରକାର ।

ମୋର ଯେତେଦୂର ମନେହୁଏ କୃଷି, ମିଶ୍ର ଫାର୍ମିଂ, ପଶୁ ସମ୍ପଦ, ମତ୍ସ୍ୟ ସମ୍ପଦ, ସମବାୟ, ଲୋକ ଶିକ୍ଷା ଇତ୍ୟାଦି ବିଷୟରେ ଶିକ୍ଷା କରିବା ପାଇଁ ଭାରତ ପକ୍ଷରେ ଡେନମାର୍କହିଁ ଉପଯୁକ୍ତ ସ୍ଥାନ । ସେହିପରି କୁଟୀର ଶିଳ୍ପ ଓ ଛୋଟ ଶିଳ୍ପର ସଂପ୍ରସାରଣ ଦିଗରେ ଜାପାନହିଁ ହେବ ଆମ ଭାରତ ପକ୍ଷରେ ଶିକ୍ଷାକେନ୍ଦ୍ର । ପଶ୍ଚିମରେ ଡେନମାର୍କ ଓ ପୂର୍ବରେ ଜାପାନ ଏହି ଦୁଇ ଦେଶକୁ ଆମ ଦେଶର ଛାତ୍ରମାନେ ଅଧିକ ପରିମାଣରେ ଗଲେ ଆମ ଦେଶ ବେଶୀ ଉପକୃତ ହେବ ବୋଲି ମୋର ମନେ ହୁଏ । କାରଣ ଆମେରିକାର ଅର୍ଥନୀତି ଅପେକ୍ଷା ଏ ଦୁଇ ଦେଶର ଅର୍ଥନୀତି ଆମ ଦେଶର ଅଧିକ ନିକଟତର ଓ ଆମ ଦେଶ ପକ୍ଷରେ ଅଧିକ ସ୍ପୃହଣୀୟ । ସେଥିପାଇଁ ଡେନିସ୍ ଭାଷା ଓ ଜାପାନୀ ଭାଷା ଆମ ବିଶ୍ୱବିଦ୍ୟାଳୟରେ ଏକ ସ୍ୱେଚ୍ଛାନିର୍ବାଚନୀୟ ଭାଷା ଭାବରେ ଶିକ୍ଷା ଦେବାର ବ୍ୟବସ୍ଥା ହେବା ଉଚିତ ।

୧୯୫୩ ଜାନୁୟାରୀ ୨୬ଦ ତାରିଖ ଦିନ ସକାଳେ କୋପେନ୍‌ହେଗେନ୍ ଛାଡ଼ିଲି । ମୋର ବନ୍ଧୁ ଶ୍ରୀମାନ୍ ଶତ୍ରୁରଞ୍ଜନ ଓ ମିଷ୍ଟର ଯୁରଗେନ୍‌ସେନ୍ ମୋତେ ସହର ଉଡ଼ାଜାହାଜ ଷ୍ଟେସନରେ ବିଦାୟ ଦେଇଗଲେ । ସ୍କାଣ୍ଡିନେଭିୟାନ୍ ଏୟାର୍ ଲାଇନ୍ ସିଷ୍ଟେମ୍‌ର ଏକ ବିଶାଳକାୟ ଉଡ଼ାଜାହାଜ ଆମ୍ଭମାନଙ୍କୁ ଗର୍ଭରେ ଧରି ଆକାଶକୁ ଉଠିଲା କଲିକତା ଅଭିମୁଖରେ ।

ସେ ଦିନ ଡେନମାର୍କରେ ପାଗ ଭାରି ଖରାପ ଥିଲା । କୁହୁଡ଼ିରେ ମୁହଁକୁ ମୁହଁ ଦିଶୁ ନ ଥିଲା । କିନ୍ତୁ ଉଡ଼ାଜାହାଜ ପ୍ରାୟ ୧୫ ହଜାର ଫୁଟ ଉପରକୁ ଉଠିଗଲା କ୍ଷଣି ଆମ୍ଭେମାନେ ପୁଣି ସୂର୍ଯ୍ୟଙ୍କର ସୁନେଲି କିରଣ ଉପଭୋଗ କଲୁଁ । ସ୍କାଣ୍ଡିନେଭିଏନ୍ ଏୟାର୍ ଲାଇନ୍ ସିଷ୍ଟେମ୍‌ର ଉଡ଼ାଜାହାଜଗୁଡ଼ିକ ସୁନ୍ଦର, ସୁସଜ୍ଜିତ ଓ କର୍ମଚାରୀମାନଙ୍କର ବ୍ୟବହାର ଓ ସେବା ମଧ୍ୟ ବଡ଼ ସୁନ୍ଦର । ସେଥିପାଇଁ କେତେକ ଆମେରିକା ଯାତ୍ରୀ ମଧ୍ୟ ଏହି ଉଡ଼ାଜାହାଜରେ ଆସିବାକୁ ପସନ୍ଦ କରୁଥିଲେ । ମୁଁ ଯେଉଁ ଉଡ଼ାଜାହାଜରେ ଆସୁଥିଲି ତାର ଛବି ପ୍ରଚ୍ଛଦ ପଟରେ ଦିଆଯାଇଛି ।

ଉଡ଼ାଜାହାଜ ଉପରେ ଜଣେ ଜର୍ମାନ ଇଞ୍ଜିନିୟରଙ୍କ ସହିତ ସାକ୍ଷାତ ଓ ଆଳାପ ହେଲା । ସେ ଦୁଇବର୍ଷ ତଳେ ବିରଜା କାଗଜ କଲର ଯନ୍ତ୍ରପାତି ପରୀକ୍ଷା କରିବା ପାଇଁ ସମ୍ବଲପୁର ଆସିଥିଲେ । ଆଉ ଜଣେ ଇହୁଦୀ ଭଦ୍ରବ୍ୟକ୍ତିଙ୍କ ସହିତ ପରିଚୟ ହେଲା । ସେ କଲିକତା ଆସୁଥିଲେ । ଉଡ଼ାଜାହାଜ ବାଟରେ ଜର୍ମାନୀର ଫ୍ରାଙ୍କ୍‌ଫୋର୍ଟ, ସୁଇଜରଲଣ୍ଡର ଜୁରିଚ, ଇଟାଲୀର ରୋମ୍, ଇସରାଏଲର ଟେଲ୍ ଆଲିଭ୍ ଓ କରାଚୀଠାରେ ଓହ୍ଲାଇ ଘଣ୍ଟାଏ ଘଣ୍ଟାଏ ମାତ୍ର ବିଶ୍ରାମ କରି ପୁଣି ଉଡ଼ୁଥିଲା ।

ଉଡ଼ାଜାହାଜ ପ୍ରାୟ ୨୦ ହଜାର ଫୁଟ ଉଚ୍ଚରେ ଉଡ଼ୁଥାଏ । ମୋର ବସିବା ସ୍ଥାନ ଗୋଟିଏ ଝରକା ପାଖରେ ପଡ଼ୁଥାଏ । ସେଥିପାଇଁ ତଳକୁ ଚାହିଁ ଦେଖିବାର ସୁବିଧା ଥାଏ । ଉଡ଼ାଜାହାଜ ଯେତେବେଳେ ଆଲପସ୍ ପର୍ବତ ମାଳାର ଶରତ୍ତୁଷାରାବୃତ ଶୃଙ୍ଗ-ମାନଙ୍କ ଉପରେ ଗତି କଲା ସେତେବେଳର ଅନୁଭୂତି ବଡ଼ ଆନନ୍ଦ-ଦାୟକ ହୋଇଥିଲା । ସେତେବେଳକୁ ସନ୍ଧ୍ୟା ହୋଇ ଆସୁଥାଏ । ଅସ୍ତଗାମୀ ସୂର୍ଯ୍ୟଙ୍କର ସୁନେଲି କିରଣରେ ଚତୁର୍ଦ୍ଦିଗ ଆଲୋକିତ ହୋଇଥାଏ । ମନେ ହେଉଥାଏ ଯେପରି ଆମେ କେଉଁ ମନୋରମ ସ୍ୱର୍ଗ ରାଜ୍ୟରେ ପୁଷ୍ପକ ବିମାନରେ ଆରୋହଣ କରି ଭ୍ରମଣ କରୁଅଛୁ । ବାସ୍ତବିକ୍ ଯାହା ଏତେ ଦିନ କଳ୍ପନାର ବସ୍ତୁ ଥିଲା ବିଜ୍ଞାନ ତାକୁ ଆଜି ବାସ୍ତବରେ ପରିଣତ କରି ପାରିଛି । ଧନ୍ୟ ମନୁଷ୍ୟର ବୁଦ୍ଧି ।

୧୫ ତାରିଖ ଦିନ ରାତି ନଅଟା ବେଳେ ଉଡ଼ାଜାହାଜ କଲିକତାର ଦମ୍‌ଦମ୍ ବିମାନଘାଟିରେ ଓହ୍ଲାଇଲା । ବିମାନ ଘାଟିରେ କଷ୍ଟମସ୍‌ର ଅର୍ଗଳ ଟପି ବାହାରକୁ ବାହାରି ଦେଖେଁ ତ ମୋର ପୁତ୍ର ଶ୍ରୀମାନ୍ ଶ୍ରୀକାନ୍ତ, ତାର ବନ୍ଧୁ ଶ୍ରୀମାନ୍ ବିଭୂତି, ଶ୍ରୀମାନ୍ 'ସୁଧୀନ୍ଦ୍ର' (କଟକ) ଓ 'ତୁଷାର' (କଟି) ପ୍ରଭୃତି ମୋତେ ଅପେକ୍ଷା କରିଛନ୍ତି । ଏତେ ଦୀର୍ଘ ବିଚ୍ଛେଦ ପରେ ସେମାନଙ୍କୁ ଦେଖି ମନରେ ଭାରି ଆନନ୍ଦ ହେଲା । ତାପରେ ସଙ୍ଗ ହୋଇ କଲିକତା ଆସିଲୁଁ । କଲିକତାରେ ହାରିସନ୍ ରୋଡ୍‌ର ୫୨ ନମ୍ବରସ୍ଥ ରୟାଲ୍ ହୋଟେଲରେ ଆଶ୍ରୟ ନେଲି ରାତିକ ପାଇଁ । ସେତେବେଳେ ଅନୁଭବ କଲି ସେ ଦେଶ ଓ ଏ ଦେଶର ହୋଟେଲ ମଧ୍ୟରେ ପାର୍ଥକ୍ୟ କେତେ । ବିଛଣା ନ ଆଣି ଥିବାରୁ ଖଟ ଉପରେ ପଡ଼ିଥିବା ନଡ଼ିଆ କତା ଗଦିର ଖୁଣ୍ଟି ଗୁଡ଼ିକ

ଦେହରେ ଫୁଟି ଯାଉଥିଲା । ସେତେବେଳେ ମନେ ପଡୁଥିଲା ଆମେରିକା, ଇଂଲଣ୍ଡ ଓ ଡେନମାର୍କର ହୋଟେଲମାନଙ୍କରେ ଉପଭୋଗ କରି ଆସିଥିବା ସୁନ୍ଦର ସ୍ପ୍ରିଂ ଲଗା ଗଦି ଉପରର ସୁକୋମଳ ଶଯ୍ୟା । ଅନେକ ରାତିପାଏ ନିଦ ହେଲା ନାହିଁ, କାରଣ ଅବଶ୍ୟ ବିଛଣା ପାଇଁ ନୁହେଁ ଅସଲ କାରଣ ହେଉଛି ବହୁ ଦିନ ପରେ ମୋର ପିଲାମାନଙ୍କୁ କେତେବେଳେ ଯାଇ ପୁଣି ଦେଖିବି ଓ ମୋର ପରିବାର ସହିତ ମିଳିତ ହେବି ଏଇ ଭାବନାର ତୀବ୍ରତା ।

ତହିଁ ପର ଦିନଟି କଲିକତାରେ କଟାଇ ସନ୍ଧ୍ୟା ପୁରୀ ଏକ୍ସପ୍ରେସ୍‌ରେ କଟକ ଅଭିମୁଖେ ପ୍ରସ୍ଥାନ କଲି । ଠିକ୍ ଭୋର ପାଞ୍ଚଟା ବେଳେ କଟକ ଷ୍ଟେସନରେ ଓହ୍ଲାଇ ଦେଖେଁ ତ ମୋର ପିଲାମାନେ ସମସ୍ତେ ହାଜର ଓ କଟକ ସମବାୟ ବିଭାଗ ତଥା ଅନୁଷ୍ଠାନ-ମାନଙ୍କର କର୍ମଚାରୀମାନେ ସମସ୍ତେ ହାଜର । ବାସ୍ତବିକ୍ ବହୁଦିନ ବିଚ୍ଛେଦ ପରେ ମୋର ଆତ୍ମୀୟ ସ୍ୱଜନ, ବନ୍ଧୁବାନ୍ଧବ ଓ ମୋର ସହକର୍ମୀମାନଙ୍କ ସହିତ ମିଳିତ ହେବାର ଆନନ୍ଦ ମୋତେ ବିହ୍ୱଳ କରିପକାଇଥିଲା ।

ତାପରେ ଯେଉଁଠି ଥିଲି ପୁଣି ସେଇଠିକି ଫେରି ଆସିଲି । ଅବଶ୍ୟ ଏ ଦୀର୍ଘ ପାଞ୍ଚ ମାସ ମଧ୍ୟରେ ବହୁତ ଦେଖିଛି, ବହୁତ ଶିଖିଛି, ବହୁତ ଅନୁଭୂତି ଲାଭ କରିଛି କିନ୍ତୁ ତଥାପି ଆଶା ଅତୃପ୍ତ । ମୋର ମନେ ହେଉଛି କେବଳ ଅନୁଭୂତିଟା ଅନୁଭୂତିରେ ହିଁ ରହିଗଲେ ଫଳ କଣ ? ତାକୁ କାର୍ଯ୍ୟରେ ଖଟାଇ ଦେଶବାସୀଙ୍କର ଯଦି କିଛି ଉପକାର କରିପାରେଁ ତେବେ ସିନା ଯାଇ ମୋର ଅନୁଭୂତି ବା ଅଭିଜ୍ଞତା ସାର୍ଥକ ହେବ କିନ୍ତୁ ସେ ସୁଯୋଗ ସୁବିଧା ମିଳିଲେ ତ ? ତଥାପି ଆଶା ମୋର ଅଛିଟେ । କାରଣ ମୁଁ

ଜୀବନରେ ଚିରଦିନ ଆଶାବାଦକୁହିଁ ବରଣ କରି ଆସିଛି ଓ ଗଭୀର ହତାଶାର ଅନ୍ଧକାର ରାଜିରେ ମଧ୍ୟ ଆଶାର ସୁନେଲି ଆଲୋକ ରେଖା ଦେଖି ଆସିଛି । ଏବେ ବି ସୁଦ୍ଧା ମୋର ଅନ୍ତର ମଧ୍ୟରେ ଅହରହ ପ୍ରତିଧ୍ୱନିତ ହେଉଛି ଭାଗବତର ସେହି ମହାବାଣୀ—

"ମନର ମୂଳେ ଏ ଜଗତ
ମନକୁ କେବା ସମରଥ,
ଏ ମନ ଭାବୁଥାଇ ଯାହା
କାଳେ ପ୍ରାପତ ହୁଏ ତାହା ।

ପ୍ରିଣ୍ଟର ଶ୍ରୀ ଜୟନ୍ତ ପାଠିଆ
ଶ୍ରୀ ରାଧାନାଥ କୋ-ଅପରେଟିଭ୍ ପ୍ରେସ—କଟକ, ୧୯୫୩ ।